ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

ଆହ୍ୱାନ

ଅକ୍ଟୋବର, ୨୦୧୮ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା

ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ବୀମା ନଗର, ଦ୍ୱିତୀୟ ଗଳି, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍‌ସଆପ୍ : ୭୦୦୮୫୬୭୦୮୫ | ଇମେଲ୍ : aahwaan@gmail.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।

ପବିତ୍ର ଦଶହରା ଉତ୍ସବ ଏବଂ କୁମାରପୂର୍ଣ୍ଣମୀ ଉପଲକ୍ଷେ
ଆହ୍ୱାନର ଅଗଣିତ ପାଠକପାଠିକା, ଲେଖକଲେଖିକା,
ଶୁଭାକାଂକ୍ଷୀ ବନ୍ଧୁ ମାନଙ୍କୁ ତଥା ସମସ୍ତ ଓଡ଼ିଶାବାସୀଙ୍କୁ
ଆହ୍ୱାନ ଇ-ପତ୍ରିକା ତରଫରୁ ଅନେକ ଶୁଭେଚ୍ଛା ।

 Magazine Downloaded from www.aahwaan.com

ଲେଖକ ମାନଙ୍କ ପାଇଁ ସୂଚନା

ଯେଉଁ ବନ୍ଧୁମାନେ ଏହି ପତ୍ରିକା ପାଇଁ ଲେଖା ପଠାଉଛନ୍ତି ସେମାନଙ୍କୁ ବିନୀତ ଅନୁରୋଧ, ସେମାନେ ଧୈର୍ଯ୍ୟର ସହ ପତ୍ରିକାର ପ୍ରକାଶନକୁ ଅପେକ୍ଷା କରନ୍ତୁ । ପତ୍ରିକା ପ୍ରକାଶିତ ହେବାପରେ ପରେ ଯେଉଁ ବନ୍ଧୁମାନେ ଇମେଲ୍ ମାଧ୍ୟମରେ ଲେଖା ପଠାଇଥିବେ ସେମାନଙ୍କୁ ତୁରନ୍ତ ଇମେଲ ଦ୍ୱାରା ପତ୍ରିକାର ପ୍ରକାଶନ ସମ୍ବନ୍ଧୀୟ ସୂଚନା ପ୍ରେରଣ କରାଯିବ ।

ଆପଣମାନେ ଜାଣନ୍ତି ଏହି ପତ୍ରିକା କୌଣସି ବ୍ୟବସାୟିକ ବା ଲାଭଜନକ ପତ୍ରିକା ନୁହେଁ, ତେଣୁ ଏହାକୁ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକାଶନ କରିବା, କାର୍ଯ୍ୟବ୍ୟସ୍ତତା ଭିତରେ ସମ୍ଭବ ହେଉନାହିଁ, ତେଣୁ ପ୍ରାୟତଃ ପ୍ରତ୍ୟେକ ମାସରେ କିଛି ଦିନ ବିଳମ୍ବ ହେଉଛି । ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ କ୍ଷମାପ୍ରାର୍ଥୀ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଲେଖାଗୁଡ଼ିକୁ ଟାଇପ୍ କରି ପଠାଉ ନାହାନ୍ତି, ଆଉ ଯଦି ସେମାନଙ୍କୁ ଅଧିକ ବାଧ୍ୟ କରାଯାଏ, ଉଣାଅଧିକେ ଲେଖା ପଠାଉଥିବା ନବେ ପ୍ରତିଶତ ଲେଖକ ଲେଖା ପଠାଇବା ବନ୍ଦ କରିଦେବେ, କାରଣ ସେମାନଙ୍କୁ ଓଡ଼ିଆରେ ଟାଇପ୍ କରି ଆସେନି । ତେଣୁ ଯେମିତି ବି ହେଉ ଏହି ପତ୍ରିକାକୁ ପ୍ରତ୍ୟେକ ମାସରେ ପ୍ରକାଶନ କରିବା ମୋର ଲକ୍ଷ୍ୟ । ତେଣୁ ମୋର ବ୍ୟସ୍ତବହୁଳ ଜୀବନଚର୍ଯ୍ୟାରେ ସୀମିତ ସମୟର ସଦୁପଯୋଗ କରିବା ଉଦ୍ଦେଶ୍ୟରେ ଏହି ପତ୍ରିକାକୁ ପ୍ରକାଶିତ କରୁଛି ଏବଂ କରୁଥିବି ମଧ୍ୟ । ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣଙ୍କ ନିକଟରେ ଋଣୀ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ, ସମ୍ପାଦକ

ସୂଚୀପତ୍ର

ସମ୍ପାଦକୀୟ	ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ	୧୫
କାହାଣୀ ବିଭାଗ -		୨୮
ସୁନେଲି ସିଂହ	ଅଶୋକ ବିଶ୍ୱାଳ	୨୯
ସର୍ବଂସହା	ପୁଷ୍ପିତା ଜେନା	୩୭
ଚରୈବତି ଚରୈବତି	ପ୍ରମୋଦ କୁମାର ପଣ୍ଡା	୪୬
ସମ୍ମାନ	ସସ୍ମିତା ସାହୁ	୫୭
ଆଖି	ସୁବଳ ମହାପାତ୍ର	୬୪
ଭଡ଼ାଘର	ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ	୭୦
ମୋ ଦେଇ	ପରମିତା ମିଶ୍ର	୮୩
ବଦ୍‌ମାସ	ପରମିତା ମିଶ୍ର	୯୦
ଏକଦା	ବିନୟ ମହାପାତ୍ର	୯୪
ସଂପର୍କ	ସୁଧାଂଶୁ ଶେଖର ଦ୍ୱିବେଦୀ	୧୦୩
ଦୀପତଳ ଅନ୍ଧାର	ଅନସୂୟା ପଣ୍ଡା	୧୦୬
ଏମିତି ଲାଗେ	ହିତେଶ ମହାପାତ୍ର	୧୦୯
ଖୋଲାମଞ୍ଚର ସିଧା ଆଲୋଚନା	ନୂତନ କୁମାର ବେହେରା	୧୧୨
ଅତୀତ	ଆଲୋକ କୁମାର ରାଉତ	୧୧୭

କୁ୍ୟ	ଜ୍ୟୋତିରଞ୍ଜନ ସାହୁ	୧୨୪
ବୀରପ୍ରସବିନୀ	ଅର୍ଚ୍ଚନା ପଟ୍ଟନାୟକ	୧୨୯
ତୁମପାଇଁ ଚିଠି	ପ୍ରିୟଙ୍କା ସାହୁ	୧୩୨
ପ୍ରତିକ୍ରିୟା	ସମ୍ବିତ ସତ୍ୟପ୍ରକାଶ ମିଶ୍ର	୧୩୮
ସୁକନ୍ୟା	ସୁଷମା ପରିଜା	୧୪୦
ଆତଙ୍କ	ସୌମ୍ୟା ସୁଚରିତା ସେଣ	୧୪୭
ଲେଲି, ଏକ ଅମୂଲ୍ୟ ରତ୍ନ	ସୀତାରାମ ଦାଶ	୧୫୨
ଅରଖା-ଭିନ୍ନ ଏକ ମଣିଷ	ନରେନ୍ଦ୍ର ସାହୁ	୧୫୭
ନିରୀହ ଝିଅଟିଏ	ସୀତାରାମ ଦାଶ	୧୬୧
କବିତା ବିଭାଗ		୧୭୦
ମା ଆସୁଛନ୍ତି	ଧିରେନ୍ ବାଗ୍	୧୭୧
ନବରାତ୍ରୀ	ସନ୍ତୋଷ ପଟ୍ଟନାୟକ	୧୭୩
ମହିଷା ମର୍ଦ୍ଦିନୀ	ଦୀପକ ଷଡ଼ଙ୍ଗୀ	୧୭୫
ଆସ ତୁମେ ମା	ମନୋରଞ୍ଜନ ମୁଦୁଲି	୧୭୭
ଜଗତଜନନୀ	ସନମଦେବୀ	୧୭୮
ହେ ମା' ଦୁର୍ଗା	ସ୍ୱାଗତିକା ତୁଳ	୧୭୯
ମା ଦୁର୍ଗାଙ୍କ ନବରୂପ	କଲ୍ୟାଣୀ ନନ୍ଦ	୧୮୧
ଦଶହରା	ବରୁଣ କୁମାର ଦାସ	୧୮୪
ନବଦୁର୍ଗା	ମନୋରଞ୍ଜନ ମୁଦୁଲି	୧୮୫

 Magazine Downloaded from www.aahwaan.com

ଦଶଭୂଜା ରକ୍ଷାକର	ତୁଷାରକାନ୍ତ ପ୍ରସାଦ	୧୮୬
ଆଜିର ପାର୍ବଣ	ସସ୍ମିତା ମହାନ୍ତି	୧୮୮
ପାର୍ବଣ	ପ୍ରଶାନ୍ତ କୁମାର ପଧାନ	୧୯୦
ବିସର୍ଜିତ ମୂର୍ତ୍ତିର ବେଦନା	ନିରୁପମା ନାୟକ	୧୯୨
ଅନାଥର ନାଥ	ଅଂଶୁମାନ ସ୍ୱାଇଁ	୧୯୪
କାଳିଆ ନାମ	ବେବିସ୍ମିତା କର	୧୯୫
ଭରସା ନାହିଁ ମୋ ତୋ'ଠାରେ	ସୁସ୍ମିତା ମହାପାତ୍ର	୧୯୬
ପୂଣ୍ୟାତ୍ମା ବାଜପେୟୀ	ଶ୍ରୀ ପଞ୍ଚାନନ ଖଟୁଆ	୧୯୮
ଅଟଳ ବିହାରୀ	ଅନାମ ଚରଣ ସାହୁ	୨୦୪
ବିଶ୍ୱ ବରେଣ୍ୟ	ଶୈବାଳିନୀ ସାହୁ	୨୦୭
ଗୋପବନ୍ଧୁ ଓଡ଼ିଶାକୁ ଆସି ଦେଖିଯାଅ	ଆଦିତ୍ୟ ନାରାୟଣ ସାହୁ	୨୦୯
ହେ ମହାତ୍ମା	ସାଗର ପ୍ରଧାନ	୨୧୦
ବାପୁ	ପ୍ରକାଶ ଚନ୍ଦ୍ର ପଣ୍ଡା	୨୧୨
ଗାନ୍ଧୀ ତୁମେ ଜନ୍ମିଥିଲ ଏହିଦିନ	ଶ୍ରୀ ରମା କାନ୍ତ ମିଶ୍ର	୨୧୪
ଜାତିର ପିତା	ସୌମ୍ୟରଞ୍ଜନ ସ୍ୱାଇଁ	୨୧୮
ଜୟ ମା ବରାଳୀ	ଭାଗିରଥୀ ଯାନୀ	୨୨୦
କାଶତଣ୍ଡୀର ହସ	ସିପ୍ରା ନାମତା	୨୨୨
ଏଇତ ପ୍ରଭୁ ଜୀବନ	ରାମ ପ୍ରସାଦ ସିଂହ	୨୨୪
ମୋ କବିତା, ବନ୍ୟା, ହସ ଓ କାନ୍ଦ	ସଂଘମିତ୍ରା କାନୁନଗୋ	୨୨୬

ତୁମକୁ କହିବି ବୋଲି	ଅରୁଣ କୁମାର ପାତ୍ର	୨୨୮
ଆଜି ମୋ ଭାରତ	ନରେଶ କୁମାର ବେହେରା	୨୩୦
ଦୁଇଟି କବିତା	ଆଶୁତୋଷ ମେହେର	୨୩୩
କବି ଦିବସ ଅବସରରେ	ଡଃ ଦ୍ୱାରିକାନାଥ ମହାରଣା	୨୩୫
ରେଜିନା	ନବୀନ ସାହୁ	୨୩୭
ସ୍ୱପ୍ନ	ପ୍ରଫୁଲ୍ଲ ନାହାକ	୨୩୯
ଗୋଲାପ ମୁଁ ତୁମକୁ ବହୁତ ଭଲପାଏ	ଚିତ୍ତରଞ୍ଜନ ସାହୁ	୨୪୧
ନାରୀ	ନିର୍ମଳ କୁମାର ଦଳାଇ	୨୪୪
ଶରତ ଆସିଲେ	ସସ୍ମିତା ବେହେରା	୨୪୬
କିଂ କର୍ତ୍ତବ୍ୟ	କୃଷ୍ଣା ମିଶ୍ର	୨୪୭
ସପନ	ପ୍ରିୟଙ୍କା ସାହୁ	୨୪୯
ମା	ବେବିସ୍ମିତା କର	୨୫୧
ମହାନଦୀ	ସୌମ୍ୟରଞ୍ଜନ ଲେଙ୍କା	୨୫୩
ଶିଳାପଦ୍ମର ବିଳାପ	ହିମାଂଶୁଭୂଷଣ ଜେନା	୨୫୪
ମୁଁ ଯଦି କେବେ ତୁମକୁ ପଚାରେ	ଆଦ୍ୟା ଆନନ୍ଦିତା ଦାଶ	୨୫୬
ହଁ ମୁଁ ସ୍ୱାର୍ଥପର	ଜୟନ୍ତ କୁମାର ସାହୁ	୨୫୮
ବନ୍ୟା	ପବିତ୍ର ଦାସ	୨୫୯
ଧୈର୍ଯ୍ୟ	ଚତୁର୍ଭୁଜ ଆଚାର୍ଯ୍ୟ	୨୬୦
ପ୍ରିୟା	କାହ୍ନୁଚରଣ ସାହୁ	୨୬୧

ସେ ନିରିମାଖୀ କଢ଼ିଟିଏ	କାଜଲ ସ୍ୱାଇଁ	୨୬୨
ଜୀବନଯନ୍ତ୍ରଣା	ହୃଦୟାନନ୍ଦ ପଧାନ	୨୬୪
ଚାଲ ଆମେ ପୁଣିଥରେ ଚାଲିବା	ସେ ଦି କୋଷ ବାଟ ଡା ନୀଳମାଧବ କର	୨୬୬
ମୋ ଅଲିଅଳି ଛୁଆ	ସାଗର ନାୟକ	୨୬୯
ଅନୂଢ଼ା ଆଶଙ୍କା	ଅନୁସୂୟା ଜେନା	୨୭୧
ସଂଧ୍ୟା	ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ	୨୭୩
ଆଧୁନିକ କବିତା ଓ ନାରୀ	ଡମ୍ବରୁଧର ପଟ୍ଟନାୟକ	୨୭୫
ମୁଁ	ଡଃ ଦୀପାଞ୍ଜଳି ସାହୁ	୨୭୬
କ୍ଲାନ୍ତ ଅପରାହ୍ନ	ନୂତନ କୁମାର ବେହେରା	୨୭୮
ଏତିକି ବିନତୀ ମୋର	ଅରୁଣ କୁମାର ମହାନ୍ତି	୨୮୧
ସ୍ୱୟଂସିଦ୍ଧା	ଶ୍ରୀ ବିଦ୍ୟାଧର ସେଠୀ	୨୮୩
ତୁ ଯେ ସେଇ	ଗଙ୍ଗାସୁନନ୍ଦିନୀ ରୁପମା ଗୁରୁ	୨୮୫
ହୃଦୟପୂଜା	ରାମ ପ୍ରସାଦ ସିଂହ	୨୮୭
ଏନ୍.ଏଚ୍.୧୮	ସୌମ୍ୟରଞ୍ଜନ ପାଲ୍	୨୮୮
ଅତୀତର ପ୍ରେମ	ତୁଷାରକାନ୍ତ ଓଝା	୨୯୦
ତୁମ ସ୍ମୃତିରେ	ରବୀନ୍ଦ୍ରନାଥ ମହାରଣା	୨୯୧
ତୁମବିନା ସାଥୀ ତୁମବିନା	ଚେତନ ପାତ୍ର	୨୯୨
ସେଇ ପୁରୁଣା ଦିନ	ଲକ୍ଷ୍ମୀପ୍ରିୟା ପାତ୍ର	୨୯୩
ଆମରି ନାଆରେ ଆମେ ନାଉରୀ	ଶ୍ରୀପଞ୍ଚାନନ ଖଟୁଆ	୨୯୪

 Magazine Downloaded from www.aahwaan.com

କାହିଁକେତେ ଦିନୁ ଅପେକ୍ଷା କରିଛି	ଧୀରେନ୍ଦ୍ର ମଲ୍ଲିକ	୨୯୬
ତୁ ଗଲାପରେ	ମଞ୍ଜୁଲତା ସିଂ	୨୯୭
ଖାସ୍ ତୁମ ପାଇଁ	ସତ୍ୟବ୍ରତ ପ୍ରଧାନ	୨୯୯
ସ୍ମୃତି	ଶଙ୍ଖସିନ୍ଧୁ ପୁରୋହିତ	୩୦୦
ମନର ମଣିଷ	ସୀତାରାମ	୩୦୨
ରୂପବତୀ ଶରତ	ରାହାସ କୁମାର ବେହେର	୩୦୩
ହେ ବର୍ଷା	ଶିବାନନ୍ଦ ବନଛୋର	୩୦୮
ଆଗକୁ ଯିବାର ଅଛି	ସୁଦିପ୍ତା ନାୟକ	୩୦୯
କେତେ ମୁଁ ଯାଇଛି ବଢ଼ି	ଶିଶିର କୁମାର ପଣ୍ଡା	୩୧୦
ତୁମେ ଆସ...	ସବ୍ୟସାଚୀ ବିଷୋୟୀ	୩୧୧
ମୁଁ ଯଦି କହିବି ତତେ ବହାହେବି	ମିଥୁନ୍ ସାହୁ	୩୧୩
ସୁଜଳା ସୁଫଳା ଓଡିଶା ମାଟି	ଜୟଶ୍ରୀ ମହାରଣା	୩୧୪
ଅନ୍ୱେଷଣ	ପୁଷ୍ପିତା ଜେନା	୩୧୫
କନ୍ୟାରତ୍ନ	ଅଭୀପ୍ସା ଜେନା	୩୧୯
ମୁଁ ନାହିଁବୋଲି	ବିଜୟଲକ୍ଷ୍ମୀ ନାୟକ(ଜୁବି)	୩୨୦
ଦ୍ୱନ୍ଦ	ଜୀବନ ଜ୍ୟୋତି ସାହୁ	୩୨୨
ମୋ ଜୀବନ ଦିଗଦ୍ରଷ୍ଟା	ଦେବବ୍ରତ ଜେନା	୩୨୩
ନିଆରା	ପ୍ରକାଶ କୁମାର ଚାନ୍ଦ	୩୨୪
ଏଇ ମୋ ପ୍ରିୟ ଜନମଭୂଇଁ	ଡମ୍ବରୁଧର ବାଗ	୩୨୬

ମରିଚୀକା	ପ୍ରତାପ ଚନ୍ଦ୍ର ମିଶ୍ର	୩୨୮
ରାଧା	ଶ୍ରୀଧର ପଟ୍ଟନାୟକ	୩୩୦
ମୋ ଅନୁଭୂତିରୁ ପଦେ	ସରିତା ଚୌଧୁରୀ	୩୩୨
ରାତି ଓ ସାଥୀ	ନରେନ୍ଦ୍ର ସାହୁ	୩୩୩
ବର୍ଷା	ଅଜୟ କୁମାର ବେହେରା	୩୩୪
ନାଁ ନଥିବା କବିତା - ୨	ରାଜେଶ ପୁଝାରୀ	୩୩୫
ନାଁ ନଥିବା କବିତା - ୩	ରାଜେଶ ପୁଝାରୀ	୩୩୭
ତୁମେ କିଏ ?	କ୍ଷମାନିଧି ସାହୁ	୩୩୯
ଉତୁରିଲେ ଚୁଲିକୁ	ଅଜୟ କୁମାର ମହାନ୍ତି	୩୪୧
ତୁମ ଆଖି ମଦିରା	ସୁଦର୍ଶନ ସାହୁ	୩୪୪
ସକାଳ	ସଂପାୟନ ଜେନା	୩୪୫
ମା	ପର୍ଶୁରାମ ସାହୁ	୩୪୮
ସର୍କାର	ପ୍ରବୀଣ କୁମାର କବି	୩୪୯
ମା	ଜ୍ୟୋତ୍ସ୍ନା ପୃଷ୍ଟି	୩୫୧
ନାରୀକୁ ସମ୍ମାନ ଦେବା	ସଂପାୟନ ଜେନା	୩୫୩
ଭାରତୀୟଙ୍କ କୁକୁର ପ୍ରେମ	ରାଜେନ୍ଦ୍ର ନାରାୟଣ ସେନାପତି	୩୫୫
ଅଭିମାନ	ଶ୍ରୀନୀଳକଣ୍ଠ ମହାନ୍ତି	୩୫୬
ସ୍ନେହରେ କୋଳେଇ ନିଅ	ଚିତ୍ତରଞ୍ଜନ ବରାଳ	୩୫୭
ଦୁଃଖ ସୁଖ	ଅମ୍ବିକା ସ୍ୱାଇଁ	୩୫୯

ଆପଣାଛାଏଁ	ପ୍ରେମଶିଳା ରାଉତ	୩୬୦
ନିଜର ଲୋକ ହିଁ ଶତ୍ରୁତା କରନ୍ତି	କୁମାର ଲୋକେଶ୍	୩୬୨
ମୁଁ ଯେ ମାଟି କଳସୀ	ରୋଜା ପଣ୍ଡା	୩୬୩
କହିବା ସହଜ ବୋଲି	ସ୍ମିତା ତ୍ରିପାଠୀ	୩୬୫
ପରିଚୟ	ଦୀପକ କୁମାର ଦାଶ	୩୭୦
ଶରତ ଗୋ	ରିତା ମଲ୍ଲିକ	୩୭୧
ଦରପୋଡ଼ା କାଠ	ଜ୍ୟୋତି ରଞ୍ଜନ ମହାରଣା	୩୭୩
ମଧୁଛନ୍ଦା	ଗୌରାଂଗ ଚରଣ ବେଉରା	୩୭୭
କଲମ	ଅଜୟ କୁମାର ବେହେରା	୩୭୯
ତିତଲିର ମୃତ୍ୟୁପରେ	ଡଃ ଆଲୋକ କୁମାର ରାୟ	୩୮୨
ଜୀବନର ବ୍ରତ	ରତିରଂଜନ ମହାରଣା	୩୮୪
ସରକାରଙ୍କ ମଦଚିନ୍ତା	ବୀରେନ୍ଦ୍ର କୁମାର ପ୍ରଧାନ	୩୮୫
ସମର୍ପଣ	ସଚ୍ଚିଦାନନ୍ଦ ବାରିକ	୩୮୬
ହୃଦୟର ଶୂନ୍ୟସ୍ଥାନ	ସୁଶାନ୍ତ କୁମାର ଧଳ	୩୮୯
ସାଙ୍ଗମେଳ	ସୁଶାନ୍ତ କୁମାର ଦାସ	୩୯୧
ଭିନ୍ନ ଏକ ବୃକ୍ଷ	ସାଗର ପ୍ରଧାନ	୩୯୩
ଷଣ୍ଢ କଥା	ରାଜେନ୍ଦ୍ର ଗିରି	୩୯୫
କିଛି ଲୁହ ଛାତିତଳେ	ସୌମ୍ୟରଞ୍ଜନ ସ୍ୱାଇଁ	୩୯୮
କଲମ	ଡଃ ଜ୍ଞାନେଶ୍ୱର ମିଶ୍ର	୩୯୯

କାହିଁ	ରାମ କଲତା	୪୦୧
ହେ ତମେ	ପୂର୍ଣ୍ଣଚନ୍ଦ୍ର ରଣା	୪୦୨
ଆମ ଗାଁ	ପ୍ରଭାତିମଞ୍ଜିରୀ ବେହେରା	୪୦୫
ନିଶା	ଚିନ୍ମୟ କୁମାର ବେବର୍ତ୍ତା	୪୦୭
ହେ ଗୋପାଳ	ପ୍ରତିମା ଓଝା	୪୦୮
ମା'ଙ୍କ ହାତର ରନ୍ଧନ	ଶ୍ରୀରାଜଶେଖର ସି 'ଚିମା'	୪୧୦
ଜଣାଣ	ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ	୪୧୨
ମୋବାଇଲ୍ ମାନିଆ	ହରେରାମ ପଣ୍ଡା	୪୧୩
ଗାଈ	ସନାତନ ମହାକୁଡ଼	୪୧୫
ସମ୍ବଲପୁରୀ ବିଭାଗ		୪୧୭
ପ୍ରିପାରେସନ	ଆର୍ତ୍ତତ୍ରାଣ ଖୁଡ଼ିଆ	୪୧୮
ପ୍ରିୟା	ଜ୍ୟୋତିରାଦିତ୍ୟ ପୁଷ୍ଟାରୀ	୪୨୦
ଜନମ୍ ମାଏଁଟ୍	ଶିବାନନ୍ଦ ବନଛୋର	୪୨୧
ମହାନଏଦ୍	ପ୍ରସନ୍ନ ପ୍ରୟାସ ଭୁଏ	୪୨୨
ସମିହାର୍ ଗତି	କବି ପ୍ରସାଦ	୪୨୫
ପ୍ରବନ୍ଧ ବିଭାଗ		୪୨୭
ଦଶହରା	ସନ୍ତୋଷ ପଟ୍ଟନାୟକ	୪୨୮
ତାରାପୀଠ : ଏକ ଅନନ୍ୟ ଅନୁଭୂତି	ପ୍ରତିଭାପ୍ରିୟଦର୍ଶିନୀ	୪୪୨
ନୈବେଦ୍ୟରୁ ନିର୍ମାଲ୍ୟ	ପ୍ରମୋଦ କୁମାର ପଣ୍ଡା	୪୫୦

କଳିଙ୍ଗକନ୍ୟା : ପାଇକଆଖଡ଼ା	ସୁନୀତା କୁମାରୀ ବେହେରା	୪୬୨
ଆଜିର ଭୁବନେଶ୍ୱର	ଶ୍ରୀ ବୈକୁଣ୍ଠନାଥ ଖଟୁଆ	୪୭୬
ଶିକ୍ଷା ସଂସ୍କାର ପ୍ରସ୍ତାବ	ଶ୍ରୀ ଶିଶିର କୁମାର ଚୌଧୁରୀ	୫୦୬
ରଜ : ରଜୋଗୁଣର ନିୟନ୍ତ୍ରକ ଓ ଅନ୍ତଃ ଅଭିପ୍ରେରକ	ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ	୫୨୧
ମନ ମନ୍ଦିରରେ ଆନନ୍ଦ ଆରତୀ	ଶ୍ରୀ ଅଖଣ୍ଡ	୫୨୬
ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ	ଶ୍ରୀ ରମା କାନ୍ତ ମିଶ୍ର	୫୨୮
ନାରୀ	ମିତା ବ୍ରହ୍ମା	୫୩୫
ତୁ ହି ତୁ	ଅନିଲ୍ ବୋଇତି	୫୩୭
ବିଶେଷ ସୂଚନା		୫୩୯

ଆଗାମୀ ସଂସ୍କରଣ ନିମନ୍ତେ ଆପଣଙ୍କ ଲେଖା ନଭେମ୍ବର ୩ ତାରିଖ ସୁଦ୍ଧା ପହଞ୍ଚିବା ଦରକାର ।

 Magazine Downloaded from www.aahwaan.com

ସମ୍ପାଦକଙ୍କ କଲମରୁ...

ନମସ୍କାର

ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା

ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ, ନମୋ ନମଃ ।

ମା ଦଶଭୂଜାଙ୍କ ଆବାହନ କରି ସମଗ୍ର ଧରଣୀ ଆଜି ଆନନ୍ଦିତ ଓ ଉତ୍‌ଫୁଲ୍ଲିତ । ଏହିପରି ଏକ ପାର୍ବଣ ଅବସରରେ ସାହିତ୍ୟର ମହାର୍ଘ ଉପହାର ଆପଣମାନଙ୍କୁ ଦେଉଥିବା ବେଳେ ମୁଁ ମାଆ ଦଶଭୂଜାଙ୍କ ଠାରୁ ସମସ୍ତଙ୍କ ପାଇଁ ଦୀର୍ଘ ଓ ନିରୋଗ ଜୀବନର କାମନା କରୁଛି । ମା ଭଗବତୀ ସମସ୍ତଙ୍କୁ ସୁଖ, ସମୃଦ୍ଧି ଓ ଶାନ୍ତି ଦିଅନ୍ତୁ ।

ଚଳିତ ବର୍ଷର ବିଶେଷ ପୂଜା ସଂସ୍କରଣ ଆପଣଙ୍କୁ ଉପହାର ଦେବା ପୂର୍ବରୁ ଆସନ୍ତୁ ଦେଖିବା ବିଗତ ଏକ ମାସରେ ଦେଶରେ ଘଟିଥିବା କିଛି ବିଶେଷ ଘଟଣାର ସମ୍ୟକ ବିବରଣୀ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ରୁଷ ସହ ପ୍ରତିରକ୍ଷା ପାଇଁ ଚୁକ୍ତି

ବିଗତ ମାସରେ ହୋଇଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଖବର ମଧ୍ୟରେ ରହିଥିଲା ରୁଷର ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କ ଦୁଇଦିନିଆ ଭାରତ ଗସ୍ତ । ଭାରତ ସରକାରଙ୍କୁ ବିଭିନ୍ନ କାରଣରୁ ଭର୍ତ୍ସନା କରୁଥିବା ବିରୋଧିମାନଙ୍କୁ ନିରବ କରିବାପାଇଁ ଏହି ଗସ୍ତର ଆବଶ୍ୟକତା ଅଧିକ

ଥିଲା ବୋଲି ମନେ ହେଉଥିଲା । ସେ ଯା ହେଉ, ଭାରତରେ ପେଟ୍ରୋଲିୟମ୍ ଦ୍ରବ୍ୟର ଦରଦାମ ଅହେତୁକ ଭାବରେ ବୃଦ୍ଧି ହେଉଥିବା ବେଳେ ଏହାକୁ ନେଇ ବନ୍ଦ ରାଜନୀତି ହେଉଥିବା ସମୟରେ ପୁତିନଙ୍କ ଗସ୍ତ ସେହି ଖବରରୁ ଧ୍ୟାନ ହଟେଇ ଦେଇଥିଲା ।

ଆମେରିକା ଏବଂ ଋଷିଆ ପରସ୍ପରର ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀ, ସେଇଥିପାଇଁ ଋଷ ସହ ବନ୍ଧୁତାପୂର୍ଣ୍ଣ ସମ୍ପର୍କକୁ ଆମେରିକା ସହଜରେ ଗ୍ରହଣ କରିପାରେ ନାହିଁ । ସେଇଥିପାଇଁ ଟ୍ରମ୍ପ୍ ପ୍ରଶାସନ ତରଫରୁ ସୂଚେଇ ଦିଆଯାଇଥିଲା ଯେ ଯଦି କୌଣସି ଦେଶ ରୁଷ ସହ କୌଣସି ପ୍ରକାରର ପ୍ରତିରକ୍ଷା ସଉଦା କରେ ତା ହେଲେ ସେହି ଦେଶ ବିରୁଦ୍ଧରେ କଡ଼ା ପ୍ରତିବନ୍ଧ କରାଯିବ । ତଥାପି ଏହି ପରି ଧମକକୁ ଅଣଦେଖା କରି ଭାରତ ସରକାର ରୁଷଠାରୁ ଏସ୍-୪୪୦ ମିସାଇଲ୍ ସିଷ୍ଟମ୍ ଖରିଦ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହା କୌଣସି ଦୁଃସାହାସ ଠାରୁ କମ ନୁହେଁ ।

ଏହାପରେ ଅବଶ୍ୟ ବିଳମ୍ବରେ ଟ୍ରମ୍ପ ପ୍ରଶାସନ ତରଫରୁ ମନ୍ତବ୍ୟ ଦିଆଯାଇଛି ଯେ ଭାରତ ରୁଷ ସହ କରିଥିବା ପ୍ରତିରକ୍ଷା ସୌଦା, ଆମେରିକୀୟ ବ୍ୟବସ୍ଥା ପ୍ରତି କୁଠାରଘାତ ହୋଇଛି ତେଣୁ ନିଶ୍ଚୟ ଭାବରେ ଭବିଷ୍ୟତରେ ଏହାର ପ୍ରଭାବ ଭାରତ ଉପରେ ପଡ଼ିବ । କିନ୍ତୁ କେଉଁ ପ୍ରକାରର ପ୍ରତିବନ୍ଧ ସ୍ଥାପନ କରାଯିବ ସେ ବିଷୟରେ କୌଣସି ସୂଚନା ମିଳିନାହିଁ ।

ପାକିସ୍ତାନ ଦେବାଳିଆ ସ୍ଥିତିରେ

ପାକିସ୍ତାନର ନବନିର୍ବାଚିତ ସଂସଦ ଏବଂ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସରକାର ଦେଶରେ ସ୍ଥାୟିତ୍ୱ ଆଣିବାପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରୁଛନ୍ତି । ଶୁଣାଯାଉଛି ଯେ ପାକିସ୍ତାନର ବୈଦେଶିକ ଅର୍ଥ ସଂଗ୍ରହ ବହୁତ ମାତ୍ରାରେ କମ ହୋଇଯାଏ ଦେଶ ଦେବାଳିଆ ହେବାଭଳି ସ୍ଥିତିକୁ ଆସିଯାଇଛି । ସେଇଥିପାଇଁ ରାଜଧାନୀ ଲାହୋର୍ ଠାରେ ଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କୋଠାବାଡ଼ିକୁ ନିଲାମ କରିବା ଭଳି ଅବସ୍ଥା ଆସିଯାଇଛି । ଏହିଭଳି ଅବସ୍ଥାରେ ପାକିସ୍ତାନ ନିଗର ଅଭ୍ୟନ୍ତରୀଣ ସୁରକ୍ଷା କଥା ଚିନ୍ତା କରିବା ଛାଡ଼ିଦେଇ ଭାରତ ସହ ଶୀତଳ ଯୁଦ୍ଧରେ ମାତିବା ଅତ୍ୟନ୍ତ ଦୁଃଖଦ ଏବଂ ଆଶ୍ଚର୍ଯ୍ୟଜନକ ।

ଆତଙ୍କବାଦୀଙ୍କୁ ସୁରକ୍ଷା ଯୋଗାଇ ଏବଂ ନିଜ ମାଟିରେ ସେମାନଙ୍କୁ ସ୍ଥାନ ଦେଇ ପାକିସ୍ତାନ ବିଶ୍ୱରେ ନିନ୍ଦିତ ହୋଇ ଆସୁଥିବା ବେଳେ ଏବେ ନିଜର ଅବସ୍ଥାପାଇଁ ବିଶ୍ୱବ୍ୟାଙ୍କ ଏବଂ ଅନ୍ତରାଷ୍ଟ୍ରୀୟ ବ୍ୟାଙ୍କଠାରୁ କୌଣସି ଋଣ ପାଇବା ଆଶା ମଧ୍ୟ ମଳିନ ହେବାର ଦେଖାଯାଉଛି ।

ବଲିଉଡ଼ରେ ମିଟୁ ଭାଇରସର ଆତଙ୍କ

ସାଂପ୍ରତିକ ସମୟରେ ସବୁଠାରୁ ଅଧିକ ଚର୍ଚ୍ଚିତ ହେଉଥିବା ଖବର ହେଉଛି #ମିଟୁ । କିଛି ବର୍ଷତଳେ ହଲିଉଡ଼ରେ ଜନୈକ ବରିଷ୍ଠ ନିର୍ଦ୍ଦେଶକ ନିଜ ପାଖରେ କାମ କରୁଥିବା କଳାକାରଙ୍କୁ ଶାରୀରିକ ନିର୍ଯ୍ୟାତନା ଦେଉଥିବା ଖବର ପ୍ରଚାର ହୋଇଥିଲା, ଏବଂ ତାଙ୍କ ବିରୋଧରେ ଜଣକ ପରେ ଜଣେ ନିଜର ମୁହଁ ଖୋଲି ବିଷୋଦଗାର

କରିଥିଲେ ଏବଂ ସେମାନେ ସବୁକୁ ସୋସିଆଲ୍ ମିଡ଼ିଆରେ ପ୍ରକାଶିତ କରିବା ସହ ମୁଁ ମଧ୍ୟ ପୀଡ଼ିତା ବା ମି ଟୁ ବୋଲି ଲେଖିଥିଲେ । ଏହି ପ୍ରଥା ବର୍ତ୍ତମାନ ଭାରତର ସର୍ବବୃହତ ସିନେମା ଶିଳ୍ପ ବଲିଉଡ଼ରେ ଉପସ୍ଥିତ ହୋଇଛି ଏବଂ ଦିନକୁ ଦିନ ଭୟଙ୍କର ରୂପ ନେବାକୁ ଲାଗିଛି ।

କିଛି ଦିନତଳେ ଜନୈକା ଅଭିନେତ୍ରୀ ତନୁଶ୍ରୀ ଦତ୍ତ ହଠାତ୍ ସୋସିଆଲ୍ ମିଡ଼ିଆରେ ଉଲ୍ଲେଖ କରିଲେ ଯେ ସେ ଦଶବର୍ଷ ତଳେ ଏକ ସିନେମାର ସୁଟିଂ ସମୟରେ ବରିଷ୍ଠ ଅଭିନେତା ନାନା ପାଟେକରଙ୍କ ଦ୍ୱାରା ଶାରୀରିକ ନିର୍ଯ୍ୟାତନା ପାଇଥିଲେ । ଏହା ଅନେକଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ନାନା ପାଟେକର ଭଳି ଜଣେ ବୟୋଜ୍ୟେଷ୍ଠ ଅଭିନେତା ଯେ ଏହିଭଳି କିଛି କରିଥିଲେ ତାହା ବିଶ୍ୱାସ ହେଉନଥିଲେ ସୁଦ୍ଧା ତନୁଶ୍ରୀ ବିଭିନ୍ନ ଗଣମାଧ୍ୟମରେ ଏହାର ପ୍ରଚାର କରି ଚାଲିଥିଲେ । ନାନା ପାଟେକର ଏହା ବିରୁଦ୍ଧରେ କହିଥିଲେ ଯେ ଏ ସବୁ ମିଥ୍ୟା । ବିଭିନ୍ନ ଗଣମାଧ୍ୟମରେ ସେହି ସମୟର ଭିଡ଼ିଓ ପ୍ରସାରିତ ହୋଇଥିଲା ଯେଉଁଠି ସେହିଭଳି କିଛି ଘଟିଥିବା କଥା ଦେଖିବାକୁ ମିଳିନଥିଲା । କିନ୍ତୁ ଏହି ପ୍ରକରଣ ଚାଲିଥିବା ସମୟରେ ଜନୈକା ବରିଷ୍ଠା ଚଳଚ୍ଚିତ୍ର ନିର୍ମାତ୍ରୀ ବିନିତା ନନ୍ଦା ଅଭିନେତା ଆଲୋକନାଥଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣିଲେ । ଉଲ୍ଲେଖନୀୟ ଯେ ଆଲୋକନାଥଙ୍କୁ ଜଣେ ବରିଷ୍ଠ ତଥା ସଂସ୍କାରୀ ଅଭିନେତା ଭାବରେ ସମସ୍ତେ ଜାଣନ୍ତି । ଏହା ଅନେକଙ୍କ ପାଇଁ ବହୁତ ଆଶ୍ଚର୍ଯ୍ୟ ଜନକ କଥା ଥିଲା ।

ଆଲୋକନାଥଙ୍କ ପରେ ପରେ ନିର୍ମାତା ନିର୍ଦ୍ଦେଶକ ସାଜିଦ ଖାନଙ୍କ ବିରୋଧରେ ଏବଂ ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗମାନ ଆସିବାରେ ଲାଗିଛି । ଏହା ସାଧାରଣତଃ ସୋସିଆଲ୍ ମିଡ଼ିଆରେ ମିଠୁ ଭାବରେ ପ୍ରକାଶ ହେଉଛି । ଏହା ଏତେ ଭୟଙ୍କର ଭାବରେ ବିସ୍ତାର ହେବାରେ ଲାଗିଛି ଯେ କୌଣସି ଅଭିନେତା ହଠାତ୍ ଏହାର ଶୀକାର ହେବେ ତାହା ସମ୍ଭବ । ତେଣୁ ଏହା ସମସ୍ତଙ୍କ ଭିତରେ କୋକୁଆ ଭୟ ସୃଷ୍ଟି କରିଛି ।

ବିଜେପିରେ ମନ୍ତ୍ରୀ ଥିବା ଏମ୍ ଜେ ଆକବରଙ୍କ ବିରୋଧରେ ମଧ୍ୟ ଅନୁରୂପ ଅଭିଯୋଗ ଆସିଛି । ଅନ୍ୟୁନ ଚଉଦଜଣ ସାମ୍ବାଦିକା ଆକବରଙ୍କ ବିରୋଧରେ ଶାରୀରିକ ନିର୍ଯ୍ୟାତନାର ଅଭିଯୋଗ ଆଣିଛନ୍ତି । ଏହାକୁ ନେଇ ବିରୋଧଦଳ ବିଜେପି ଉପରେ ଆକ୍ଷେପ କରୁଥିବା ଏବଂ ଆକବରଙ୍କ ଇସ୍ତଫା ଦାବି କରୁଥିବା ସମୟରେ ବିଜେପି କିନ୍ତୁ ଆକବରଙ୍କ ସପକ୍ଷରେ ଠିଆ ହୋଇଛି । ବିଜେପି ମୁଖପାତ୍ର କହିଛନ୍ତି ଯେ ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଦଳକୁ ନିନ୍ଦିତ କରିବାର ଏକ ପ୍ରକାର ଅପଚେଷ୍ଟା କରାଯାଉଛି । ଆକବର ମଧ୍ୟ ଅଭିଯୋଗ ଆଣିଥିବା ସାମ୍ବାଦିକାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବେ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ ଯେ ଏହି ସବୁ ଅଭିଯୋଗ ଅନ୍ୟୁନ ଦଶବର୍ଷରୁ ପଚିଶିବର୍ଷ ତଳର ଘଟଣାରେ ଯାହାର କୌଣସି ସାକ୍ଷ୍ୟ ପାଇବା

ଅସମ୍ଭବ । ଏବଂ ସମସ୍ତ ଅଭିଯୋଗ କେବଳ ସୋସିଆଲ୍ ମିଡ଼ିଆରେ ହିଁ କରାଯାଉଛି । ଏହା କୌଣସି କୋର୍ଟ୍ ବା ଅଦାଲତରେ କରାଯାଉ ନାହିଁ, ତେଣୁ ଏହି ସବୁ ଅଭିଯୋଗର ବୈଧତା ଉପରେ ପ୍ରଶ୍ନ ଉଠୁଛି । ଯଦି ପ୍ରକୃତରେ ଏମିତି କିଛି ହୋଇଥିଲା ତା ହେଲେ ତାହା ବିରୋଧରେ ତୁରନ୍ତ ଅଭିଯୋଗ କାହିଁକି କରାଗଲା ନାହିଁ । ଅନେକ ବର୍ଷ ପରେ ଏହା ବିରୋଧରେ ସୋସିଆଲ୍ ମିଡ଼ିଆରେ ଅଭିଯୋଗ କରିବା ଦ୍ୱାରା କଣ ନ୍ୟାୟ ମିଳିପାରିବ କି ? ହୋଇଥିବା ଘଟଣା ପ୍ରକୃତରେ ସତ୍ୟ ନା ମିଥ୍ୟା ତାହା ଆମେ କେମିତି ଜାଣିବୁ ? ଏହା ଦ୍ୱାରା କିଛି ନ ହୋଇଥିଲେ ସୁଦ୍ଧା ଯେ କୌଣସି ବ୍ୟକ୍ତି ଅନ୍ୟଜଣଙ୍କୁ ନିନ୍ଦିତ କରିବା ଅଭିପ୍ରାୟରେ ମିଥ୍ୟା ଅଭିଯୋଗ ମଧ୍ୟ ଆଣିପାରିବେ । ତେଣୁ ଏହିଭଳି ଏକ ବ୍ୟବସ୍ଥା ଆଦୌ ଗ୍ରହଣୀୟ ନୁହେଁ ।

ଜନୈକା ବରିଷ୍ଠା ସାମ୍ବାଦିକାଙ୍କ ମତରେ ଯେଉଁମାନେ ଏବେ ମିଠୁ ଅଭିଯାନ ଚଳାଇଛନ୍ତି ସେମାନେ ଚାହିଁଥିଲେ ଯେତେବେଳେ ସେମାନଙ୍କ ପ୍ରତି ଅତ୍ୟାଚାର ହୋଇଥିଲା ସେତେବେଳେ ଅଭିଯୋଗ କରି ପାରିଥାନ୍ତେ । କିନ୍ତୁ ସେମାନେ ସେତେବେଳେ ନିଜର କ୍ୟାରିୟର ଏବଂ ପେଷାକୁ ବଞ୍ଚାଇବାକୁ ନେଇ ବୁଝାମଣା କରିଥିଲେ, ଏବେ କିନ୍ତୁ ହଠାତ୍ ଯେତେବେଳେ ସେମାନେ ମୌକା ପାଇଲେ ପୁରୁଣା ଘଟଣାକୁ ନେଇ ତୁମ୍ବିତୋଫାନ୍ କରିବାକୁ ଆରମ୍ଭ କରିଦେଲେ । ଦରକାର ଥିବା ବେଳେ ସେମାନେ ନିଜର ଫାଇଦାକୁ ଆଖି ଆଗରେ ରଖି ସବୁପ୍ରକାର ସାଲିସ

କରିଥିଲେ । ହୋଇପାରେ ଏମିତି ବି ହୋଇଥିବ । କିନ୍ତୁ ସେ ଯା ହେଉ, ଅନେକ ବର୍ଷ ତଳର ଘଟଣାକୁ ନେଇ ଏବେ ଅଭିଯୋଗ କରିବା ଏକ ଷଡ଼ଯନ୍ତ୍ର ବୋଲି ରାଜନୈତିକ ବୁଦ୍ଧିଜୀବି ମତ ଦେଉଛନ୍ତି ।

ଯେଉଁ ସବୁ ଅଭିନେତା ବା ବ୍ୟକ୍ତିତ୍ୱଙ୍କ ବିରୋଧରେ ଅଭିଯୋଗ ମାନ ଆସିଛି ସେମାନେ ସବୁ ପ୍ରସିଦ୍ଧି ପାଇଛନ୍ତି ଏବଂ ବର୍ତ୍ତମାନ ସୁଖି ଦାମ୍ପତ୍ୟ ଜୀବନ ବିତାଉଥିବା ବେଳେ ସେମାନଙ୍କ ବ୍ୟକ୍ତିଗତ ଏବଂ ପାରିବାରିକ ସ୍ଥାୟିତ୍ୱକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହା କରାଯାଉଥିବା କୁହାଯାଉଛି । ସରକାରରେ ଥିବା ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣି ସରକାରଙ୍କୁ ଦୁର୍ବଳ କରିବାକୁ ଚେଷ୍ଟା କରାଯାଉଛି ।

ରାଫେଲ୍ ପାଇଁ ସୁପ୍ରିମ୍ କୋର୍ଟଙ୍କ ନା, କଂଗ୍ରେସକୁ ଝଟକା

ରାଫେଲ୍ ବିମାନ କିଣାରେ ଦୁର୍ନୀତି ହୋଇଛି ବୋଲି କଂଗ୍ରେସ ପ୍ରଥମ ଦିନରୁ ଅଭିଯୋଗ ଆଣୁଛି । କୁହାଯାଉଛି ଯେ ଏହି ବିମାନକୁ ଅଧିକ ଦାମ ଦେଇ ସରକାର କିଣୁଛନ୍ତି ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜକୁ ଏଥିରେ ସାମିଲ କରି ଅହେତୁକ ଅନୁକମ୍ପା ଦେଖାଯାଉଛି । ଏହାକୁ ନେଇ କଂଗ୍ରେସ ବାରମ୍ବାର ସରକାରଙ୍କ ଉପରେ ଆକ୍ରମଣ କରିଛି । ରାଫେଲ୍ କେତେ ଦାମରେ କିଣା ଯାଉଛି ସେହି ଦର ସମସ୍ତଙ୍କୁ ଜଣାଇବାକୁ ଦାବୀ କରାଯାଉଛି । ଏହାକୁ ନେଇ ବିଜେପି ତରଫରୁ ସ୍ପଷ୍ଟୀକରଣ ଦିଆଯାଇଥିଲା ଯେ ଦେଶର ସୁରକ୍ଷା ପାଇଁ କରାଯାଇଥିବା ସଉଦାକୁ ସାର୍ବଜନୀନ କରାଯାଇ ପାରିବ ନାହିଁ । ଯଦି ବିରୋଧିମାନଙ୍କର ଏହାକୁ

ନେଇ କୌଣସି ଅଭିଯୋଗ କରିବାର ଅଛି ସେମାନେ ନ୍ୟାୟାଳୟର ଦ୍ୱାରସ୍ଥ ହୋଇପାରିବେ । ଏହି କ୍ରମରେ କଂଗ୍ରେସ ତରଫରୁ ଅଦାଲତରେ କରାଯାଇଥିବା ନ୍ୟାୟଯାଚିକାକୁ ନ୍ୟାୟପାଳିକା ଖାରଜ କରିବା ସହ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ବିଷୟକୁ ସାର୍ବଜନୀନ କରାଯାଇ ପାରିବ ନାହିଁ ବୋଲି ମତ ଦେଇଥିଲେ । ଏହାପରେ କଂଗ୍ରେସକୁ ଏକ ଜୋରଦାର ଝଟକା ଲାଗିଛି ।

ଶୁଣାଯାଉଛି ଯେ ରାଫେଲ୍ ବିମାନ ସଉଦାରେ ମଧ୍ୟସ୍ଥତା କରିବାପାଇଁ ଏକ ସଂସ୍ଥା ଆଗ୍ରହୀ ଥିଲା କିନ୍ତୁ ତାଙ୍କୁ ଏହି ସୁଯୋଗ ନ ମିଳିବା ହେତୁ ସେମାନେ ବିରୋଧିଙ୍କ ଦ୍ୱାରା ସରକାରଙ୍କ ବିରୋଧରେ ଭ୍ରଷ୍ଟାଚାର ଅଭିଯୋଗ ଆଣିଛନ୍ତି । ସଂପୃକ୍ତ ସଂସ୍ଥା କଂଗ୍ରେସର ସଭାପତି ରାହୁଲ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ୍ ଭଦ୍ରାଙ୍କ ସହ ସଂପୃକ୍ତ ବୋଲି ବିଜେପି ଅଭିଯୋଗ କରୁଛି ।

ଗୁଜୁରାତରେ ଅଣଗୁଜୁରାତୀଙ୍କ ଉପରେ ଆକ୍ରମଣ ଷଡ଼ଯନ୍ତ୍ର

ବିଗତ ସପ୍ତାହରେ ହଠାତ୍ ଗୁଜୁରାତରେ ଅଶାନ୍ତର ବାତାବରଣ ସୃଷ୍ଟି ହୋଇଥିଲା । ସେଠାକାର ସ୍ଥାନୀୟ ନେତୃବର୍ଗଙ୍କ ନେତୃତ୍ୱରେ ଅଣଗୁଜୁରାତି ଲୋକଙ୍କୁ ଗୁଜୁରାତ ଛାଡ଼ି ପଳାଇବାଲାଗି ଧମକ ମିଳିବାପରେ ରାତାରାତି ହଜାର ହଜାର ଲୋକ ବିଭିନ୍ନ ମାଧ୍ୟମରେ ଗୁଜୁରାତ୍ ଛାଡ଼ିବାକୁ ବାଧ୍ୟ ହୋଇଥିଲେ ।

ସୂଚନାଯୋଗ୍ୟ ଯେ ଗୁଜୁରାତର ଜନୈକା କନ୍ୟାପ୍ରତି ବଳାତ୍କାର ଓ

ହତ୍ୟା କରାଯାଇଥିବା ଅଭିଯୋଗ ଆଣି କୁହାଯାଉଥିଲା ଯେ ଏହା ଅଣଗୁଜୁରାତି ବ୍ୟକ୍ତିଙ୍କର କାମ, ଏବଂ ଏହାପରେ ପରେ ଗୁଜୁରାତରେ ଅଣଗୁଜୁରାତିଙ୍କୁ ଧମକ ମିଳିବା ଆରମ୍ଭ ହୋଇଗଲା । ମିଳିଥିବା ଅନେକ ଭିଡ଼ିଓରେ ସ୍ଥାନୀୟ ନେତାମାନେ ଅଣଗୁଜୁରାତିଙ୍କୁ ଧମକ ଦେଉଥିବା ଦେଖାଯାଇଥିଲା । ଏହା ଫଳରେ ସେଠାରେ ଅଶାନ୍ତି ସୃଷ୍ଟି ହୋଇଥିଲା ।

ଏହାକୁ ନେଇ କେନ୍ଦ୍ର ସରକାରଙ୍କୁ ବିରୋଧିଦଳମାନେ ଘେରାଓ କରିବା ପୂର୍ବରୁ ଏହି କାଣ୍ଡରେ ଜଡ଼ିତ ଅଗଣିତ ବ୍ୟକ୍ତିଙ୍କୁ ଗିରଫ କରି ଏହା ବିରୋଧିଦଳର କାର୍ଯ୍ୟ ବୋଲି ପ୍ରମାଣିତ କରିଦେଇଥିଲେ । ସ୍ଥାନୀୟ ନେତା ଅଲ୍ପେଶ ଠାକୁରଙ୍କୁ ଏଥିପାଇଁ ଦାୟୀ କରାଯାଇଥିଲା ଯେ କଂଗ୍ରେସର ସହଯୋଗୀ ଥିଲେ । ଘଟଣା ପ୍ରଘଟ ହେବାପରେ ଏହାକୁ ଚପାଇ ଦିଆଯାଇଥିଲା ସତ କିନ୍ତୁ କିଛି ସମୟ ପାଇଁ ଗୁଜୁରାତରେ ଅଣଗୁଜୁରାତି ପ୍ରସଙ୍ଗ ସମସ୍ତଙ୍କୁ ବ୍ୟଥିତ କରିଥିଲା ।

ତିତଲି ବାତ୍ୟା ପରେ ବନ୍ୟାରେ ଓଡ଼ିଶା ବିବ୍ରତ

ଗତ ସପ୍ତାହରେ ଓଡ଼ିଶା ଉପକୂଳରେ ବାତ୍ୟା ତିତଲିର ପ୍ରଭାବରେ ଅନେକ ଅସୁବିଧା ହୋଇଥିଲା । ସୂଚନାଯୋଗ୍ୟ ଯେ ପ୍ରତିବର୍ଷ ଅକ୍ଟୋବର ମାସରେ ଓଡ଼ିଶାକୁ ବାତ୍ୟାର ଅସୁବିଧା ଅବଶ୍ୟ ହେଉଛି । ଏବଂ ଆଶ୍ଚର୍ଯ୍ୟର ବିଷୟ ବିଗତ କିଛି ବର୍ଷ ଅକ୍ଟୋବର ମାସ ଏଗାର ତାରିଖରେ ହିଁ ଏହି ବାତ୍ୟା ହେଉଛି ।

ଚଳିତ ବର୍ଷ ତିତଲି ନାମକ ବାତ୍ୟା ଓଡ଼ିଶାରେ ତାଣ୍ଡବ ଭିଆଇବ

ବୋଲି ଘୋଷଣା ହେବାପରେ ଜନସାଧାରଣ ଭୟରେ ଥିଲେ । ବାତ୍ୟା ହେବା ଦିନ ପର୍ଯ୍ୟନ୍ତ ଏହାର ଭୟାବହତାକୁ ନେଇ ଅନେକ ଅନୁମାନ ମିଳିଥିଲା ସେଥିପାଇଁ ରାଜ୍ୟର ପାଞ୍ଚଟି ଜିଲ୍ଲାର ଅନ୍ୟୂନ ତିନିଲକ୍ଷ ଲୋକଙ୍କୁ ସ୍ଥାନାନ୍ତରିତ କରାଯାଇଥିଲା । ସରକାରଙ୍କ ତ୍ୱରିତ ପଦକ୍ଷେପ ଫଳରେ ବାତ୍ୟାର ବିଭୀଷିକାକୁ ଅନେକ ମାତ୍ରାରେ ଏଡ଼ାଇ ଦିଆଯାଇ ପାରିବ ବୋଲି କୁହାଯାଉଥିଲା । ସେ ଯା ହେତୁ ଅକ୍ଟୋବର ଏଗାର ତାରିଖ ପ୍ରାତଃ କାଳରେ ବାତ୍ୟା ତିତଲି ଓଡ଼ିଶା ଉପକୂଳରେ ପହଞ୍ଚିବାପରେ ନିଜର ଗତିପଥ ବଦଳାଇ ଦକ୍ଷିଣରେ ଆନ୍ଧ୍ରପ୍ରଦେଶ ଆଡ଼କୁ ଅଗ୍ରସର ହୋଇଥିଲା । ଏହାର ପ୍ରଭାବରେ ଉତ୍ତର ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ।

କିନ୍ତୁ ବାତ୍ୟା ପ୍ରଭାବରେ ଓଡ଼ିଶାର ଋଷିକୂଲ୍ୟା, ବଂଶଧରା ଏବଂ ବଡ଼ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଗଞ୍ଜାମ ଜିଲ୍ଲାର ଅଧିକାଂଶ ଅଞ୍ଚଳ ଏହି ବନ୍ୟାର ପ୍ରଭାବରେ ଜଳାର୍ଣ୍ଣବ ହୋଇଥିଲା । ଆସ୍କା ସହର ଦୀର୍ଘ ଅଠେଇଶି ବର୍ଷପରେ ପୁଣିଥରେ ବନ୍ୟାର ସମ୍ମୁଖୀନ ହୋଇଥିଲା । ସେହିପରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଏବଂ ଏହାର ସଂଲଗ୍ନ ଅଞ୍ଚଳ ବର୍ତ୍ତମାନ ସୁଦ୍ଧା ବନ୍ୟାରେ ରହିଛି ।

ବାତ୍ୟା ଯିବାପରେ ପରେ ସରକାର କୌଣସି ଲୋକ ମୃତାହତ ନ ହୋଇଥିବା କଥା କହି ଗଣମାଧ୍ୟମରେ ନିଜପାଇଁ ବାହାବାଃ ନେଉଥିବା ବେଳେ ପରେ ପରେ ଗଜପତି ଜିଲ୍ଲାରେ ଅନ୍ୟୂନ ଷୋହଳ ଜଣ ମରିଥିବା

ଖବର ମିଳିଥିଲା । ସେ ଯା ହେଉ ପ୍ରତିବର୍ଷ ଦଶହରା ସମୟରେ ଓଡ଼ିଶାକୁ ଏହି ବାତ୍ୟା ବିପଦ ଲାଗି ରହୁଥିବା ବାସ୍ତବିକ ଚିନ୍ତାର ବିଷୟ ।

ଝାରସୁଗୁଡ଼ାରେ ନୂଆ ବିମାନବନ୍ଦର

ଓଡ଼ିଶାର ଦ୍ୱିତୀୟ ବୃହତ ବିମାନବନ୍ଦର ଭାବରେ ଝାରସୁଗୁଡ଼ା ବିମାନବନ୍ଦର ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି । ଯଦିଓ ଏହିଠାରୁ କୌଣସି ଆନ୍ତର୍ଜାତୀୟ ବିମାନ୍ ସେବା ଆରମ୍ଭ କରାଯାଇନାହିଁ, ତଥାପି ପଶ୍ଚିମ ଓଡ଼ିଶାର ଉନ୍ନତଶୀଳ ଲୌହ ଓ ଅନ୍ୟାନ୍ୟ ଧାତବ ବ୍ୟବସାୟିକ ସଂସ୍ଥା ପାଇଁ ଏହି ବିମାନ ବନ୍ଦର ଯୋଗାଯୋଗର ଏକ ଉନ୍ନତ ମାଧ୍ୟମ ହୋଇପାରିବ ଏଥିରେ ଦ୍ୱିମତ ନାହିଁ । ଓଡ଼ିଶାର ଅନେକ ସ୍ଥାନରେ ନୂତନ ବିମାନ ବନ୍ଦର ସୃଷ୍ଟି କରାଯିବ ବୋଲି ସରକାର ଆଗରୁ ଘୋଷଣା କରିଥିଲେ ଏବଂ ସେହି ଅନୁସାରେ ପ୍ରଥମେ ଝାରସୁଗୁଡ଼ାରେ ବିମାନବନ୍ଦର ନିର୍ମାଣ କରି ନିଜ କଥା ରଖିଛନ୍ତି ।

ପୁରୀରେ ଅଶାନ୍ତି ଓ ହିଂସାକାଣ୍ଡ

ବିଗତ ଦିନରେ ଶ୍ରୀଜଗନ୍ନାଥ ପୁରୀରେ ହଠାତ୍ ବନ୍ଦ ଡାକରା ଏବଂ ହିଂସାକାଣ୍ଡ ସମଗ୍ର ଓଡ଼ିଶାକୁ ବିବ୍ରତ କରିଥିଲା । ସୂଚନାଯୋଗ୍ୟ ଯେ ଶ୍ରୀମନ୍ଦିରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ନିଆଯିବ ବୋଲି କୁହାଯାଉଥିଲା ସେହି କ୍ରମରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ଧାଡ଼ି ବ୍ୟବସ୍ଥା ଆରମ୍ଭ କରାଗଲା । ଯାହାକୁ ସ୍ଥାନୀୟ ଲୋକ ଏବଂ ଅନେକ ସଂଗଠନ ବିରୋଧ କରିଥିଲେ । ଜଗନ୍ନାଥ ଓଡ଼ିଆ ମାନଙ୍କ ଭାବାବେଗ ସହ ସଂଶ୍ଳିଷ୍ଟ

ଏବଂ ତାଙ୍କୁ ନେଇ କୌଣସି ପ୍ରକାର ସାଲିସ କରାଯିବ ନାହିଁ ବୋଲି ଅନେକ ମତ ଦେଇଥିଲେ । ଧାଡ଼ି ବ୍ୟବସ୍ଥା ଦ୍ୱାରା ଦର୍ଶନ ସୁଚାରୁରୂପେ ହୋଇପାରିବ ଏବଂ ଦର୍ଶନ ପାଇଁ ଆସିଥିବା ଭକ୍ତମାନଙ୍କୁ ଅସୁବିଧା ହେବ ନାହିଁ ବୋଲି ଶ୍ରୀମନ୍ଦିର ତରଫରୁ କୁହାଯାଉଥିଲା । ପ୍ରତିବର୍ଷ ଶ୍ରୀମନ୍ଦିରରେ ଦଳାଚକଟାରେ ଅଗଣିତ ଯାତ୍ରୀ ମୃତ୍ୟୁବରଣ କରୁଥିବା ହେତୁ ଏହି ବ୍ୟବସ୍ଥାଦ୍ୱାରା ତାହା ବନ୍ଦ କରି ହେବ ବୋଲି କୁହାଯାଇଥିଲା । କିନ୍ତୁ ଅନେକ ସଂଗଠନ ଯୁକ୍ତି ବାଢ଼ିଥିଲେ ଯେ ଜଗନ୍ନାଥଙ୍କୁ ଧାଡ଼ିବାନ୍ଧି ଯାଇ ଦେଖା କରିବା ଦ୍ୱାରା ଭକ୍ତିଭାବରେ ବାଧା ସୃଷ୍ଟି ହେବ ତେଣୁ ଏହାକୁ ବନ୍ଦ କରାଯାଉ । ଏହାକୁ ନେଇ ଅସନ୍ତୋଷ ସୃଷ୍ଟି ହେବାପରେ ଅନେକ ସଂଗଠନ ଏହା ବିରୋଧରେ ପୁରୀ ବନ୍ଦର ଆୟୋଜନ କରିଥିଲେ ।

ପୁରୀ ବନ୍ଦ ସମୟରେ ଆନ୍ଦୋଳନକାରୀ ଏବଂ ପୋଲିସ ମଧ୍ୟରେ ହୋଇଥିବା ଗଣ୍ଡଗୋଳରେ ହିଂସାକାଣ୍ଡ ହୋଇଥିଲା ଏବଂ ଏଥିପାଇଁ ଅନେକ ପୋଲିସକୁ ଦାୟୀ କରିଥିବା ବେଳେ ଅନେକ ପ୍ରଶାସନର ବିଫଳତାକୁ ଦାୟୀ କରିଥିଲେ ।

ପ୍ରଥମତଃ ବନ୍ଦ ପାଇଁ ଆହ୍ୱାନ ଦେଇଥିବା ସଂଗଠନମାନେ ଏହି ହିଂସାକାଣ୍ଡରେ ସେମାନଙ୍କ ହାତ ନଥିବା ଦର୍ଶାଇ ମନ୍ତବ୍ୟ ଦେଇଥିବା ବେଳେ ପୋଲିସ ଏବଂ ପ୍ରଶାସନ ମଧ୍ୟ ଅନୁରୂପ ମନ୍ତବ୍ୟମାନ ଦେଇ ମାମଲାକୁ ଅଧିକ ସନ୍ଦେହାସ୍ପଦ କରି ଦେଇଥିଲେ । ବନ୍ଦ ପଛରେ ଅନେକ ସେବାୟତଙ୍କ ହାତ ଥିବା କଥା ମଧ୍ୟ ଉଠିଲା ଏବଂ ସେମାନଙ୍କ

ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ନେଇ ଅଶାନ୍ତି ସୃଷ୍ଟି ହୋଇଛି ।

ସମଗ୍ର ହିନ୍ଦୁ ସମାଜର ଏକ ପ୍ରମୁଖ ଧାର୍ମିକ ସ୍ଥଳୀ ପୁରୀ ଶ୍ରୀକ୍ଷେତ୍ରରେ ଅଶାନ୍ତି ବାସ୍ତବିକ ଚିନ୍ତାର ବିଷୟ ।

ଅକ୍ଟୋବର ୨୦୧୮, ଶାରଦୀୟ ସଂସ୍କରଣ ଆପଣମାନଙ୍କୁ ଭେଟି ଦେଉଥିବା ବେଳେ ମୁଁ ଅତ୍ୟନ୍ତ ଆନନ୍ଦିତ ଏବଂ ଆଶାୟୀ ଯେ ଆପଣ ପୂର୍ବବର୍ଷ ମାନଙ୍କ ପରି ଚଳିତ ବର୍ଷର ଏହି ବିଶେଷ ସଂସ୍କରଣକୁ ଆଦରର ସହ ଗ୍ରହଣ କରିବେ ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

କାହାଣୀ ବିଭାଗ

 Magazine Downloaded from www.aahwaan.com

ସୁନେଲୀ ସିଂହ

ସୁନେଲୀ ସିଂହ-ଅକ୍ଟୋବର-୧୮

ବିଲୁଆ ସହ ମୁହାଁମୁହିଁ

ଦିନ ଆସି ମଝି ମଝିଆ ହେଲାଣି । ଗତ ରାତିରେ ସେମାନଙ୍କ ଦଳର ସିଂହୀମାନେ ଗୋଟିଏ ବଡ଼ ମଇଁଷିକୁ ଶିକାର କରିଥିଲେ । ପେଟଭରି ଖାଇସାରି ଶୋଇଯାଇଥାନ୍ତି । ଧରେ ଧିରେ ଦିନ ହୋଇଯାଇଥାଏ । ମଢରେ ପ୍ରାୟ କିଛି ମାଂସ ଲାଗି ନଥିଲା । ଏମିତିଆ ଏକ ମଢ ପଡ଼ିଥିବାର ଦେଖି କାଉମାନେ ଆସିଗଲେ । ଜଙ୍ଗଲରେ କାଉ ଏମିତ ମଢ଼ ଇତ୍ୟାଦି ଖୋଜି ଖାଏ । ସେମାନଙ୍କ ଯୋଗୁଁ ଜଙ୍ଗଲ ସଫା ରହେ । କାଉମାନେ ଏପଟ ସେପଟ ଉଡୁଥାନ୍ତି ଆଉ ଡାଳରେ ବସି କା'କା କରୁଥାନ୍ତି ।

ଅଶୋକ ବିଶ୍ୱାଳ

ସିଂହମାନେ ମଢ଼କୁ ପ୍ରାୟ ଲାଗି ଶୋଇଥିଲେ । ଛୁଆମାନେ କିନ୍ତୁ ଉଠି ଯାଇଥିଲେ । ସେମାନଙ୍କୁ କାଉମାନଙ୍କ କା କା ରାବ କର୍କଶ ଲାଗୁଥିଲା । ଏ ପକ୍ଷୀମାନେ ସକାଳୁ ସକାଳୁ କୁଆଡ଼େ ଆସିଗଲେ ? ଛୁଆମାନଙ୍କୁ ସବୁ ଜିନିଷ ନୂଆ ଲାଗେ । ସବୁ ଦ୍ରବ୍ୟ ଉପରେ ଅଧିକାର ଜାହିର କରିବାକୁ ଭଲ ଲାଗେ । ସେମାନେ ନିଜର ଅଧିକାରରେ ଥିବା ମଢ଼ ପାଖକୁ କାହାକୁ ଆସିବାକୁ ଦେବାକୁ ଚାହାନ୍ତି ନାହିଁ । ଛୁଆମାନେ ମଢ଼ ପାଖରେ ବୁଲିବାକୁ

ଲାଗିଲେ । ସେମାନଙ୍କୁ ମୋଟେ ଭୋକ ଲାଗୁ ନଥିଲା । କିନ୍ତୁ ବଳିଥିବା ମାଂସକୁ କାହାକୁ ଦେବାକୁ ଚାହୁଁ ନଥିଲେ ।

କାଉମାନେ ଗଛ ଡାଳରେ ବସି କା କା କରୁଥିଲେ । ବେଳେ ବେଳେ ମଡ଼ ପାଖକୁ ଉଡ଼ି ଆସୁଥିଲେ । ଗୋଟିଏ ଦୁଇଟା ଥଂଟ ମାରିଛନ୍ତି କି ନାହିଁ ଗୋଟିଏ ଛୁଆ କାଉ ଆଡ଼କୁ ଦୌଡ଼ିଗଲା । କାଉମାନେ ଉଡ଼ିଗଲେ । କିନ୍ତୁ ଆଉ ଏକ ଡାଳରୁ କିଛି କାଉ ଉଡ଼ିଆସିଲେ । ସେପଟକୁ ଦ୍ୱିତୀୟ ଛୁଆଟି ଦୌଡ଼ିଗଲା ସେମାନେ ପୁଣି ଉଡ଼ିଗଲେ । ପାଖରେ ଥିବା ଗଛ ଉପରେ ବସିଗଲେ । ଏମିତି ଦୌଡ଼ିବା ଆଉ କାଉମାନଙ୍କ ଉଡ଼ିବା ଖେଳ ଚାଲିଲା । ଛୁଆଟି ଗଛ ଉପରେ ଚଢ଼ିବାକୁ ଚେଷ୍ଟା କରୁଥିଲା । ସେ ଟିକିଏ ଚଢ଼ିଲା, ତାର ଗୋଡ଼ ଖସିଗଲା ଆଉତଳେ ଦୁମ କରି ତଳେ ଖସି ପଡ଼ିଲା । ଯେତେବେଳେ ସିଂହଛୁଆମାନେ ପାଖକୁ ଆସୁଥାନ୍ତି କାଉମାନେ ଉଡ଼ିଯାଉଥାନ୍ତି ଟିକିଏ ଦୂରକୁ ଚାଲିଗଲେ କାଉମାନେ ପୁଣି ମଡ଼ ପାଖକୁ ଉଡ଼ି ଆସନ୍ତି । ଦଳରେ ସେମାନଙ୍କ ଭଳି ଅନେକ ଛୁଆ ଥିଲେ । ସେମାନେ କିନ୍ତୁ ଅନ୍ୟ ଭାଇଭଉଣୀମାନଙ୍କ ଠାରୁ ଟିକିଏ ବଡ଼ ଥିଲେ ।

ଟିକିଏ ଦୂରରେ ଗୋଟିଏ ବିଲୁଆ ଅପେକ୍ଷା କରିଥାଏ । ବିଲୁଆ ଗୁଡ଼ିକ ମଧ୍ୟ ମଡ଼ ସଂନ୍ଧାନରେ ସବୁବେଳେ ତତ୍ପର ଥାଆନ୍ତି । ଏମାନେ ବଡ଼ ଶିକାର କରି ପାରିବେ ନାହିଁ । ସିଂହ କି କଲରାପତରିଆ ବାଘ ଖାଇଥିବା ମଡ଼ରୁ କିଛି ମାଂସ ଖାଇଲେ ଏମାନଙ୍କ ଭୋକ ମରିଯିବ । ବଡ଼ ଶିକାରୀ ଖାଇଲା ପରେ ଏମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ମାଉଁସ ବଂଚିଥାଏ । ତେଣୁ ଏହି ବିଲୁଆମାନେ ସିଂହ ଦଳକୁ ଖୋଜି ବୁଲୁଥାନ୍ତି ଆଉ ଅନେକ ସମୟରେ ସେମାନଙ୍କ ପଛରେ ଚାଲନ୍ତି । ଏହି ଜଙ୍ଗଲି ବିଲୁଆ ଗୁଡ଼ିକ ସାମାଜିକ ପ୍ରାଣୀ । ଆକାରରେ ସେମାନେ କଲରାପତରିଆ ବାଘଠାରୁ ଅନେକ ଛୋଟ । ହୁଏତ ଦେଶୀ କୁକୁରଠୁ

ସାମାନ୍ୟ ଛୋଟ ବା କୁକୁର ଭଳି ହୋଇପାରନ୍ତି । ଏମାନଙ୍କ ବେକ ଗୁଡ଼ିକ ମୋଟା , ମୁହଁଟା ଗୋଜିଆ । କାନ ଗୁଡ଼ିକ ବେକ ପାଖରେ ମୋଟା ହୋଇଯାଇଛି । କଳା ଥୋବଣି ମଝିରେ ଛୋଟ ଛୋଟ ଶ୍ୱାନଦାନ୍ତ ରହିଥାଏ ।

ବିଲୁଆ ଏପଟ ସେପଟ ହେଉଥାଏ । ଏ ସିଂହ ଛୁଆମାନେ ଯେତେବେଳେ ଦୂରକୁ ଚାଲିଯିବେ ସେ ବଂଚିଥିବା ମାଂସରୁ ଟିକିଏ ଭାଗ ପାଇବ । ଛୁଆମାନେ କିନ୍ତୁ କାହାକୁ ମଡ଼ ପାଖରେ ପୁରାଇ ଦେବାକୁ ଚାହାନ୍ତି ନାହିଁ । ଗୋଟିଏ ସିଂହ ଛୁଆ ବିଲୁଆକୁ ଦେଖିଦେଲା । ନିଜ ଭିତରେ ଖେଳୁଆଡ଼ ପ୍ରବୃତି ଆଉ ଶିକାରୀପଣ ଜାଗି ଉଠିଲା । ସେ ନିଜର କାନ୍ଧକୁ ଟିକିଏ ଉଠାଇ ଦେଲା, ଗୋଡ଼କୁ ଟିକିଏ ଲମ୍ବା କରି ଦେଲା ଆଉ ବିଲୁଆକୁ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଗଲା । ସେ ବିଲୁଆ ଆଡ଼କୁ ଜୋରରେ ଆଗେଇ ଗଲା । ଏଣେ ବିଲୁଆଟି ସେମିତି ଏପଟ ସେପଟ ହୋଉଥାଏ ଆଉ ଦେଖେଇ ହେଉଥାଏ ଯେମିତିକି ସେ ସିଂହ ଛୁଆଟିକୁ ଆକ୍ରମଣ କରିବ । ପ୍ରକୃତରେ ସେ ଛୁଆମାନଙ୍କୁ ଡରାଇ ଦେବାକୁ ଚାହୁଁଥାଏ । ବିଲୁଆର ଆକାର ଏହି ସିଂହ ଛୁଆମାନଙ୍କର ଆକାରଠାରୁ ଅନେକ ବଡ଼ । ଛୋଟ ଛୁଆଟିକୁ ସହଜରେ ବିଲୁଆ ମାରିଦେଇ ପାରେ । ଛୁଆଟି କିନ୍ତୁ ନ ବୁଝି ବିଲୁଆ ଆଡ଼କୁ ଆଗେଇ ଗଲା । ବିଲୁଆ ଏମିତି ବ୍ୟବହାର କଲା ଯେମିତି ସେ ସିଂହ ଛୁଆକୁ ଏକଦମ ଦେଖିନି । କିନ୍ତୁ ବିପଦ ଥାଏ । ମା' ବୁଝିପାରିଲା, ଉଠି ଧିରେ ଧିରେ ଛୁଆମାନଙ୍କ ପାଖକୁ ଚାଲିଗଲା । ବିଲୁଆଟି ସେଠୁ ଦୌଡ଼ି ପଳାଇଲା । ଛୁଆମାନେ ମା'ପାଖକୁ ଫେରିଆସିଲେ, ଆଉ ମା' କୋଳରେ ଶୋଇଗଲେ ।

ଏହି ବିଲୁଆଟି ଟିକିଏ ଦୂରକୁ ଚାଲିଗଲା । ସିଂହମାନେ ସାମାନ୍ୟ ବିଲୁଆ ପାଇଁ ଏତେ ଦୂର ଯିବେ ନାହିଁ । ବର୍ତମାନ ମଡ଼ ପାଖକୁ ଯିବା ବୃଥା । ସିଂହୀ ଛୁଆମାନଙ୍କ ରକ୍ଷାପାଇଁ ତାକୁ

ଆକ୍ରମଣ କରିପାରେ । ବିଲୁଆଟି ଏପଟ ସେପଟ ହୋଇ ବୁଲିବାକୁ ଲାଗିଲା । ଏହି ବିଲୁଆ ମାନେ ସବୁବେଳେ ସାମାଜିକ ହୋଇ ରହିବାକୁ ଚେଷ୍ଟା କରନ୍ତି । ଯଦି ଗୋଟିଏ ବିଲୁଆ ଆଉ ଗୋଟାଏ ଅଜଣା ବିଲୁଆ ପାଖକୁ ଯାଏ ସେତେବେଳେ ତାର ବ୍ୟବହାର ସଂଜତ ରହେ, ସିଂହମାନଙ୍କ ଭଳି ଆକ୍ରମଣମୁଖା ହୋଇ ରହେ ନାହିଁ । ସେ ପାଖରେ ଆଉ ଏକ ବିଲୁଆ ଥିଲା । ସେହି ଯାଗାରୁ ସିଂହଦଳ ଦେଖା ଯାଉ ନଥିଲା । ପ୍ରଥମ ବିଲୁଆ ନୂଆ ବିଲୁଆ ପାଖକୁ ଚାଲିଗଲା । ତା ମୁହଁ ଟିକେ ଖୋଲିଯାଇଥିଲା । ଦାନ୍ତ ଟିକେ ଦେଖା ଯାଉଥିଲା । ତାର କାନଟି ବେକ ଆଡ଼କୁ ହୋଇଯାଇଥିଲା । ଅନ୍ୟ ବିଲୁଆଟି ତାକୁ ଦେଖିଲା । କିଛି ଅଙ୍ଗ ଭଙ୍ଗୀ ଦେଖାଇଲା ନାହିଁ । ବିଲୁଆଟି ତା ସାଙ୍ଗକୁ କିଛି କହୁଥିଲା । ଏ ବିଲୁଆ ତାର ନାକକୁ ଅନ୍ୟ ବିଲୁଆ ନାକରେ ଘଷିବା ପାଇଁ ଚେଷ୍ଟା କରୁଥିଲା । ଅନ୍ୟବିଲୁଆଟି ପଛ ଗୋଡ଼ରେ ଭରା ଦେଇ ପିଠିରେ ବସିଥିଲା । ତାର ଲମ୍ବା ଲାଙ୍ଗୁଡ଼ ମାଟି ଉପରେ ପଡ଼ିଥିଲା । ସେଠି ତଳେ ପଥୁରିଆ ମାଟିରେ ମଝିରେ ମଝିରେ ଘାସ ବାହାରି ଆସିଛି । ତଳେ ଛୋଟ ଛୋଟ କଳା ପଥର ପଡ଼ିଥିଲା । ସେମାନେ ବହୁତ ସମୟ ପାଖା ପାଖି ରହିଲେ । ତାପରେ ଟିକିଏ ଦୌଡ଼ି ଭିତରକୁ ଚାଲିଗଲେ ।

ଏହି ବିଲୁଆମାନେ କିଛି ବୋବୋଉ ନଥିଲେ । ସଂନ୍ଧ୍ୟା ବା ରାତିର ପ୍ରଥମ ପ୍ରହରରେ ବିଲୁଆମାନେ ବୋବାଉ ଥାଆନ୍ତି । କିନ୍ତୁ ଦିନରେ ଏମିତି କିଛି ଘଟେନା । ବିଲୁଆ ଦୁଇଟି ଏପର୍ଯ୍ୟନ୍ତ ଭୋକିଲା ଅଛନ୍ତି । ଏ ସିଂହ ଦଳ ଦୂରକୁ ଗଲେ ସେମାନେ କିଛି ଖାଇବାକୁ ପାଇବେ । ଛୁଆ ଗୁଡା କିନ୍ତୁ ମୋଟେ ଛାଡୁ ନାହାନ୍ତି । ବିଲୁଆମାନେ ସକାଳେ ବା ସଂନ୍ଧ୍ୟାରେ ଚଳ ଚଂଚଳ ହୋଇ ଯାଆନ୍ତି । ସେମାନେ ଏବେ ଏମିତି କିଛି ସମୟ ବୁଲିବେ । ବିଲୁଆ ମାନେ ସାଧାରଣତଃ ଯୋଡି ହୋଇ ରୁହନ୍ତି ଆଉ ନିଜର ଅଂଚଳ ମଳ ବା ମୂତ୍ର ଦ୍ୱାରା

 Magazine Downloaded from www.aahwaan.com

ଅଙ୍କିତ କରନ୍ତି ।

ଏପଟେ ଦଳରେ ଏହି ସିଂହଛୁଆମାନେ ମା ପାଖରେ ଏକଦମ ଘଷି ହୋଇ ଶୋଇ ନଥିଲେ । ସେମାନେ ଏକୁଟିଆବୁଲିବାକୁ ଚାହୁଁଥିଲେ । ମନରେ ଏମିତି ସାହାସ ଥିଲା । ଦୁହେଁ ମା ପଣତରୁ ଟିକିଏ ଦୂରରେ ଥିଲେ, କିନ୍ତୁ ବହୁତ ଦୂରରେ ନୁହେଁ । ଛୁଆମାନେ ମଢ ପାଖକୁ କାହାକୁ ଆସିବାକୁ ଦେଉ ନଥିଲେ । ଗଛରେ କାଉମାନେ ସେମିତି କା କା ହେଉଥରଲେ । ମଝିରେ ମଝିରେ ଉଡିଆସି ମଢରେ ଥଂଟ ମାରୁଥିଲେ । ଛୁଆମାନେ ସେମିତି ସେମାନଙ୍କୁ ଭଗାଉଥିଲେ ।

ବିଲୁଆ ଆଉ କାଉ ମାନେ ସେମିତି ମଢରୁ କିଛି ମାଂସ ପାଇଁ ଛକି ରହିଲେ । ବିଲୁଆଦୁହେଁ ବେଳେ ବେଳେ ଆସି ପୁଣି ଛପି ଯାଉଥାନ୍ତି । ମା ସିଂହୀ ଏକଦମ ସଜାଗ ରହିଥାଏ । ବିଲୁଆ ମାନେ ପାଖକୁ ନ ଆସନ୍ତୁ । ବିଲୁଆ ଦୁହେଁ ଟିକିଏ ଦୂରରେ ରହି ସାମାନ୍ୟ ଭୁକିଲେ । ମା ସିଂହୀ ଅଳ୍ପ ଦୌଡି ବିଲୁଆମାନଙ୍କ ଆଡକୁ ମାଡଗଲା । ବିଲୁଆ ମାନେ ଦୌଡି ପଳେଇଲେ ଆଉ କିଛି ଦୂରରେ ରହି ମଢକୁ ଅନାଇ ରହିଲେ ।

ବିଲୁଆ ଦୁହିଁକୁ ବହୁତ ଭୋକ ଲାଗୁଥିଲା । ମଢ ପାଖରେ ରହି ଖାଇବା ମୋଟେ ସମ୍ଭବ ହେଉନାହିଁ । ସିଂହମାନେ ମୋଟ ବାଟ ଛାଡୁ ନାହାନ୍ତି । ପେଟର ଭୋକରେ ସେମାନେ ଦୂରକୁ ଯାଇ ପାରୁ ନଥିଲେ । ବିଲୁଆ ମାନେ ଏପଟ ସେପଟ ହୋଇ ଦୌଡୁଥିଲେ । ସେମାନେ ମୋଟେ ସିଧା ଦୌଡନ୍ତି ନାହିଁ, ଖୁବ ଜଲଦି ଦିଗ ବଦଳାଇ ଦିଅନ୍ତି । ସିଂହ ଅବଶ୍ୟ ସେମାନଙ୍କୁ କେଇ ଖୋଜରେ ମାଡି ବସିବ । କିନ୍ତୁ ସେମିତିଆ କିଛି ଉଦ୍ଦେଶ୍ୟ ସିଂହ ଦଳର ନଥିଲା । ଏ ବିଲୁଆ ମାନଙ୍କୁ ଦେଖିଲେ ଲାଗିବ ଯେମିତି ସେମାନେ ଏମିତି ମୂଲ୍ୟହୀନ ଦଉଡୁଛନ୍ତି । ବିଲୁଆମାନେ ଗୋଟିଏ ଦୁଇଟି ହାଡ ଏପଟ ସେପଟ ହୋଇ

ପଡିଥିବାର ଦେଖିଲେ । ସେହି ହାଡ ଚୋରାଇବା ସେମାନଙ୍କର ଉଦ୍ଦେଶ୍ୟ । ଟିକିଏ ଆଖି ଆଢୁଆଳ ହେଲେ ସେମାନେ ହାଡ ଚୋରାଇ ନେବେ । ଗୋଟିଏ ବିଲୁଆ ଖୁବ ସନ୍ତର୍ପଣରେ ପାଖେଇ ଆସିଲା । ସିଂହ ଛୁଆମାନେ ସେ ବିଲୁଆକୁ ମଧ୍ୟ ଧ୍ୟାନ ଦେଲେନାହିଁ । ଏମିତି ଏ ବିଲୁଆଟା କେତେ ବେଳୁ ଦଉଡୁଛି । ବିଲୁଆର କାନ ଯୋଡାକ ପଛୁଆ ହୋଇ ଯାଇଥିଲା । କାନ୍ଧ ତଳୁଆ ହୋଇ ଯାଇଥିଲା ଆଉ ଗୋଡ ଗୁଡାକ କଣୁଆ ହୋଇଯାଇଥିଲା । ତାକୁ ସିଂହ ଦଳର ପାଖକୁ ଯାଇ ହାଡ ଚୋରାଇବାକୁ ପଡିବ । ଯଦି ସିଂହମାନେ ଆକ୍ରମଣ କରନ୍ତି ତେବେ ପଳାଇବା ପାଇଁ ସେ ସଂମ୍ପୂର୍ଣ ପ୍ରସ୍ତୁତ ହୋଇ ରହିବା ଦରକାର ।

ଏମିତି ଏଣେତେଣେ ଦୌଡିବା ଅଭିନୟ କରି ବିଲୁଆଟି ହାଡର ଏକଦମ ପାଖେଇ ଆସିଲା । ତାପରେ ଏକ ଝଟକାରେ ମୁହଁରେ ହାଡଟିକୁ ଧରି ଯେତେ ଜୋରରେ ହୋଇପାରେ ଦୌଡି ପଳାଇଲା । ଛୁଆ ସିଂହ ଦୁହେଁ ବିଲୁଆକୁ ଦୌଡି ପଳାଇବାର ଦେଖିଲେ । ସେମାନେ ଟିକିଏ ଉଠି ପୁଣି ରହିଗଲେ । ଏ ଛାର ବିଲୁଆ ପଛରେ ଦୌଡି ଲାଭ କଣ ?ସେମାନଙ୍କ ମା ମଧ୍ୟ କିଛି କଲାନି । ସେମାନେ ଆଖି ବନ୍ଦ କରି ଦେଉଥିଲେ । କିନ୍ତୁ ସେମାନଙ୍କର କାନ, ଶରୀର ଏକଦମ ସଜାଗ ଥିଲା । କିଛି ଘଟିଲେ ସେମାନେ ଆକ୍ରମଣ କରିବେ ।

ଏଣେ ପ୍ରଥମ ବିଲୁଆର ଖାଇବା ହୋଇଗଲା । ସେ ହାଡକୁ ନେଇ ଦୂରକୁ ଚାଲିଗଲା । ଆର ବିଲୁଆଟି ତା ସଙ୍ଗେ ସାଙ୍ଗେ ଦୌଡୁଥିଲା । ସେମାନେ ଏ ହାଡକୁ ଦୂରକୁ ନେଇ ଖାଇବେ । ଏଣେ କାଉ ଦଳ ଖୁବ ବ୍ୟସ୍ତ ହେଉଥାନ୍ତି । ସେମାନେ ଆଉ ସ୍ଥିର ହୋଇଡାଳରେ ବସି ପାରିଲେ ନାହିଁ । ବାରମ୍ବାର ମଢ ପାଖକୁ ମାଡି ଆସୁଥାନ୍ତି । ସିଂହ ଛୁଆ ଦୁହେଁ ମଢ ପାଖରେ ଆଡ୍ଡା ଜମାଇଲେ । କିନ୍ତୁ କାଉଦଳ ନିଜର ପ୍ରଚେଷ୍ଟାରେ କ୍ଷାନ୍ତ ହେଲେନାହିଁ । କିଛି ଖାଲି ଯାଗା ଦେଖି ମଢ ପାଖକୁ ଆସି ଯାଉଥିଲେ ଆଉ ସେଇଠି କା କା

 Magazine Downloaded from www.aahwaan.com

କରୁଥିଲେ । ଏମିତି କରି କରି ସେମାନେ ସିଂହ ମାନଙ୍କୁ ବିରକ୍ତ କରିଦେଲେ । ମଡରେ ସେତେ କିଛି ବେଶୀ ମାଂସ ନଥିଲା । ସିଂହ ଛୁଆ ଦୁହେଁ ହଟିଗଲେ ଆଉ କାଉ ଦଳ ମାଂସ ଛିଣ୍ଡେଇ ଖାଇବାକୁ ଲାଗିଲେ ।

ଏ ସିଂହମାନେ ଜନ୍ମରୁ ବଡ ପର୍ଯ୍ୟନ୍ତ ଅନେକ ସ୍ତର ଦେଇ ଗତି କରନ୍ତି । ପ୍ରତି ଥରର ଜୀବନ ଅଲଗା ପ୍ରକାରର । ସେମାନଙ୍କ ଜୀବନକୁ ଚାରି ଭାଗରେ ବିଭକ୍ତ କରାଯାଇପାରେ । ଛୋଟ ଛୁଆର ଜୀବନ । ଦୁଇ ମାସ କାଳ ମା' ସହିତ କେଉଁଠି ଲୁଚି ରହିବ । ସେହି ସମୟରେ ଆଖିର ଡୋଳାର ରଙ୍ଗ ପରିବର୍ତ୍ତନ ଘଟେ । ତିନିମାସ ଭିତରେ ଧୂସରିଆ ଆଖି ଅମ୍ବରର ରଙ୍ଗ ନେଇଯାଇ ପାରେ । ବଡ ହେଲା ପରେ ସିଂହ, ସିଂହୀ ଭିତରେ ପ୍ରଭେଦ ଜଣାପଡେ । ସିଂହର ମୁଣ୍ଡ ସାଧାରଣତଃ ସିଂହୀର ମୁଣ୍ଡଠାରୁ ବଡ । ଆଉ ବେକ ପାଖରେ କେଶର ଉଠିବା ଆରମ୍ଭ କରେ ।

ପ୍ରଥମ ତିନିମାସ ପର୍ଯ୍ୟନ୍ତ ଛୁଆ ମା'ର ସ୍ତନ୍ୟପାନ କରେ । ତିନିମାସ ପରେ ସେ ମାଂସ ଖାଇବାକୁ ଆରମ୍ଭ କରେ । ବର୍ଷେ ପର୍ଯ୍ୟନ୍ତ ଛୁଆଟି ପ୍ରାୟ ବଡ ହୋଇଯାଏ । ପନ୍ଦର ମାସ ଆଡକୁ ସେମାନଙ୍କ ଆକାର ଗୋଟାଏ ଗୋଟାଏ ଚିତାବାଘ ଆକାରର ହୋଇ ଯାଏ । ଏହି ସମୟରେ ସେମାନଙ୍କର ନୂଆ ଦାନ୍ତ ଉଠେ ।ବାରରୁ ପନ୍ଦର ମାସ ଭିତରେ ଶିଶୁ ଦାନ୍ତ ଭାଙ୍ଗି ସ୍ଥାୟୀ ଦାନ୍ତ ଉଠେ । ସିଂହର ଅଣ୍ଡିରା ଛୁଆମାନେ ସିଂହୀଠାରୁ ଜଲ୍‌ଦି ବଢ଼ନ୍ତି । ଦୁଇ ବର୍ଷ ପରେ ସେମାନେ ଖୁବ୍ ଜଲ୍‌ଦି ବଢନ୍ତି । ତାଙ୍କର ଛାତି ବଡ ହୋଇଯାଏ । ଆଉ ମୁଣ୍ଡ ବଡ ହୋଇଯାଏ, କେଶର ମୁଣ୍ଡର ଉପରେ, ଛାତିରେ ଆଉ ବେକ ଚାରିପଟେ ଉଠିବାକୁ ଆରମ୍ଭ କରେ । ଦୁଇରୁ ଚାରିବର୍ଷ ମଧ୍ୟରେ ସେମାନେ ତରୁଣ ଅବସ୍ଥାରେ ଥାନ୍ତି । ଏ ସମୟରେ ଶରୀରର ସବୁଠାରୁ ମୁଖ୍ୟ ପରିବର୍ତ୍ତନ ମାନ ଘଟେ । ତିନିବର୍ଷ ଆଡକୁ ମାଇଛୁଆ ପ୍ରାୟ ପୂର୍ଣ୍ଣ

ବୟସ୍କା ସିଂହୀରେ ପରିଣତ ହୋଇଯାଏ । ସେହି ସମୟରେ ସେମାନଙ୍କର ଅନେକ ପରିବର୍ତ୍ତନ ଘଟିଥାଏ । ଶିକାର କରିବା ସମୟରେ ସେମାନେ ଯୋଗଦାନ କରିଥାନ୍ତି ଚାରି ବର୍ଷ ଆଡକୁ ପୁଅ ଛୁଆଟି ପୂର୍ଣ୍ଣ ସିଂହରେ ପରିଣତ ହୋଇଯାଏ ଆଉ ମଲା ପର୍ଯ୍ୟନ୍ତ ସେ ସେମିତି ରହିଥାଏ । ସେମାନଙ୍କର ବଢିବାର ସମୟ ଯଦିଓ ଛଅ ବର୍ଷ ପର୍ଯ୍ୟନ୍ତ ଚାଲେ ତଥାପି ଚାରି ବର୍ଷ ବେଳକୁ ସେମାନେ ପ୍ରାୟ ପୂର୍ଣ୍ଣ ସିଂହର ପରିଣତ ହୋଇଯାନ୍ତି । ଛଅ ବର୍ଷ ପରେ ଆଉ ଶରୀରର ବୃଦ୍ଧି ଘଟି ନଥାଏ । ସେମାନେ ଧିରେ ଧିରେ ଓଜନିଆ ଓ ଚଉଡିଆ ହୋଇଯାନ୍ତି । ଦେହର ଲୋମ ଧୀରେ ଧୀରେ ହଳଦୀ ଧୂସରିଆ ହୋଇଯାଏ ଆଉ ଛୋଟ ସିଂହ ଏକ ପୂର୍ଣ୍ଣ ସିଂହରେ ପରିଣତ ହୋଇଯାଏ । ବେଳେବେଳେ ବାଳ ସାମାନ୍ୟ କଳା ହୋଇ ଯାଇଥାଏ ।

 Magazine Downloaded from www.aahwaan.com

ସର୍ବଂସହା

ସବୁଦିନ ପରି ସେ ଦିନ ମଧ୍ୟ ସାନ୍ଧ୍ୟଭ୍ରମଣ ସମୟରେ ସାକ୍ଷାତ୍ ହୋଇଥିଲା ମିସେସ୍ ଚାନ୍ଦଙ୍କ ସହିତ । ଏକ ହାତରେ ତାଙ୍କର ଥିଲା ଦୁଇଟି ଚିଠି ଓ ଅନ୍ୟହାତରେ ଜାବୁଡ଼ି ଧରିଥିଲେ ନିଜର ସାନପୁଅ ଅରିନ୍ଦମକୁ । କାରଣ ପିଲାଟି ଦିନରୁ ଅରିନ୍ଦମ୍ ମାନସିକ ବିକଳାଙ୍ଗ ଥିଲା । ଖୁବ୍ ମୋଟାସୋଟା ଫିନ୍ ଫିନ୍ ଗୋରା, ଡଉଲଡ଼ାଉଲ୍ ଚେହେରା ସହ ବଡ଼ ମୁଣ୍ଡରେ କୁଞ୍ଚୁକୁଞ୍ଚିଆ କଳା ମିଚିମିଚି କେଶରେ ଭରା । 'ହେଲୋ ଅରିନ୍ଦମ୍ !' ସମ୍ବୋଧନରେ ହାତ ଦେଖାଇବା ମାତ୍ରେ ମୋ ହାତଟିରେ ହାତ ମିଳାଇ ଟାଣି ଧରିଥିଲା ସେ । ସେ ସମୟରେ ମିସେସ୍ ଚାନ୍ଦ୍ ମୋ ସହିତ ସାନ୍ଧ୍ୟଭ୍ରମଣରେ ଯୋଗ ଦେଇଥିଲେ ।

ପୁଷ୍ପିତା ଜେନା

ତାଙ୍କର ଚାକିରୀ ସମ୍ବନ୍ଧୀୟ ବାର୍ତ୍ତାଳାପର ଆଲୋଚନାକ୍ରମେ ସେ କହିଥିଲେ ଯେ ମୁଁ ସେ ବ୍ୟାଙ୍କ ଚାକିରୀକୁ ପ୍ରାୟ ଆଉ ଛଅମାସ ହେବ ଯାଉନି । କାରଣ ମୋ ଚାକିରୀଟିକୁ ନେଇ ଏବେ କୋର୍ଟରେ କେସ୍ ଚାଲିଛି । ବ୍ୟାଙ୍କର ଦୁଇଟି କର୍ମଚାରୀ ନିଜର ଚାକିରୀ ବଞ୍ଚାଇବା ନିମିତ୍ତ ଏ ସବୁ କରିଛନ୍ତି । ମାତ୍ର ମୁଁ ତ କୋର୍ଟରେ କେସ୍ ଲଢ଼ିବାକୁ ଯାଇପାରିବିନି, ତେଣୁ ମୋ ସ୍ୱାମୀ ଏଥିରେ ଏକମତ ନ ହେବାରୁ ମୁଁ ପୁନଶ୍ଚ ଏବେ ସେହି ମାନସିକ ବିକଳାଙ୍ଗ ପିଲାମାନଙ୍କୁ ସ୍ପେଶାଲ୍ ଟ୍ରେନ୍ଡ

ଶିକ୍ଷୟିତ୍ରୀ ହିସାବରେ ସ୍କୁଲରେ ପଢ଼ାଉଛି । ଏତଦ୍‌ବ୍ୟତୀତ ଘରେ ମଧ୍ୟ ସପ୍ତାହରେ ତିନିଦିନ ଘଣ୍ଟାଏ ଲେଖାଏଁ ସେହି ପିଲାମାନଙ୍କୁ ଟ୍ୟୁସନ୍ କରୁଛି । ତାଙ୍କର ମନର ଅବସ୍ଥା ଓ ମୁଖମଣ୍ଡଳକୁ ଲକ୍ଷ୍ୟକରି ମୋ ମନ ମଧ୍ୟରେ ଯେ କି ପ୍ରକାର କଷ୍ଟ ଜାଗ୍ରତ ହୋଇଥିଲା ଭାଷାରେ ବର୍ଣ୍ଣନା କରିବା କଷ୍ଟକର ବ୍ୟାପାର ଥିଲା । ଅରିନ୍ଦମ୍ ବାରମ୍ବାର ମୋ ହାତଟିକୁ ଟାଣି ଧରୁଥିଲା । ତା'ର ହାତଟିକୁ ଧରି ଚାଲିବାକୁ ଇଚ୍ଛା ଥିଲେ ମଧ୍ୟ ଭୟ ଲାଗୁଥିଲା ଧକ୍କା ଦେବାଭୟରେ । ତା'ପରେ ସଂଧ୍ୟା ଆଳତି କରିବା ଉଦ୍ଦେଶ୍ୟରେ ମୁଁ ମୋ ଫ୍ଲାଟକୁ ଫେରି ଆସିଥିଲି । ମା ପୁଅ ଦୁହିଁଙ୍କୁ ଏକାକୀ ଛାଡ଼ିଦେଇ । ସେମାନେ ଠିକ୍ ମୋ ଉପରର ଫ୍ଲାଟଟିରେ ରହିଥାଆନ୍ତି ।

ତା'ପରେ ପ୍ରତିଦିନ ଭଳି ସଂଧ୍ୟା ଆଳତି, ପ୍ରାର୍ଥନା ଓ ଧ୍ୟାନପରେ ମୁଁ ରୋଷେଇ କାର୍ଯ୍ୟରେ ଯୋଗଦାନ କରି ରାତ୍ରୀର ଖାଦ୍ୟ ପ୍ରସ୍ତୁତି କରିବା ସମୟରେ ଭାବି ଚାଲିଥିଲି ମିସେସ୍ ଚାନ୍ଦଙ୍କ ଜୀବନଧାରା ବିଷୟରେ... ।

ଧରିତ୍ରୀ ପରି ସର୍ବଂସହା ନାରୀଟିଏ ଭଗବାନ ସୃଷ୍ଟି କରିଛନ୍ତି ଓ ତାଙ୍କଠାରେ ଭରି ଦେଇଛନ୍ତି ଅସୀମ ଧୈର୍ଯ୍ୟଶକ୍ତି ଠିକ୍ ମେରୁ ପର୍ବତ ପରି । ତାଙ୍କ ସାଙ୍ଗରେ ଯେବେ ବି ମୋର ଦେଖାହୁଏ ତାଙ୍କ ଜୀବନର ସେ ଦୁଃଖଭରା କାହାଣୀ ଶୁଣି ଖୁବ୍ ଆହତ ହୁଏ ମୁଁ । ଅରିନ୍ଦମ୍ ଆମର ଉପର ଫ୍ଲାଟରେ ରହୁଥିବାରୁ ବହୁତ ଗଣ୍ଡଗୋଳ କରେ । ସବୁବେଳେ ଘରେ ଡେଉଁଥାଏ, କେତେବେଳେ ଘରେ ଏ ମୁଣ୍ଡରୁ ସେ ମୁଣ୍ଡ ଦୌଡ଼େ ଓ ଚିତ୍କାର କରି ପାଟିକରି ଘରର ଜିନିଷ ଓ କବାଟ ଇତ୍ୟାଦିକୁ ଢୋ ଢୋ କରି ପିଟେ । ଅଧିକାଂଶ ସମୟରେ ଉଁ... ଉଁ... କରି ଗୀତଗାଇବା ପରି କାନ୍ଦେ । ସେ ବାକ୍ ଶକ୍ତିହୀନ । ମାତ୍ର ସବୁକଥା ବୁଝିପାରେ ଓ କମ୍ପ୍ୟୁଟରରେ ତା'ର ମନକଥା ଓ ସ୍କୁଲରେ ପଢ଼ାଯାଇଥିବା ସବୁକିଛି ଟାଇପ୍ କରି ଲେଖି

ଜଣାଇ ଦିଏ । ଖୁବ୍ ସୁନ୍ଦର ସୁନ୍ଦର ଗଳ୍ପ ସବୁ ବର୍ଣ୍ଣନା କରି ଲେଖେ । ବୟସ ପ୍ରାୟ ତେର କିମ୍ବା ଚଉଦ ବର୍ଷ । ଏତେ ଗଣ୍ଡଗୋଳ କରିଥିଲେ ମଧ୍ୟ ତା'ର ଏ ଅବସ୍ଥା ଦେଖି ସମବେଦନା ଜ୍ଞାପନ କରିବା ବ୍ୟତୀତ ବିରକ୍ତିଭାବ ଆସେନାହିଁ ।

ଯାହାର ପୁତ୍ରର ଅବସ୍ଥା ଏପରି ଓ ତା ସାଙ୍ଗକୁ ବୋଝ ଉପରେ ଲଳିତା ବିଡ଼ା ପରି ସ୍ୱାମୀଙ୍କର ଦୁଇଟିଯାକ ବୃକକ୍ ଖରାପ ହୋଇଯିବାରୁ ପ୍ରତିମାସରେ ଡାଇଲିସିସ୍ କରିବାକୁ ପଡ଼େ । ଖୁବ୍ ଜୀର୍ଣ୍ଣଶୀର୍ଣ୍ଣ ଶରୀର ମିଷ୍ଟର୍ ଚାନ୍ଦଙ୍କର । ମାତ୍ର ମିସେସ୍ ଚାନ୍ଦଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବା ନିମିତ୍ତ ଯେପରି ଶିଳ୍ପୀଟିଏ ବା କବିଟିଏ ଦରକାର । ଶାନ୍ତଶିଷ୍ଟ ମୁଖମଣ୍ଡଳଟିରେ ପ୍ରତିଟି ଭାଗ ମାନେ ନାକ, ଆଖି, ଓଷ୍ଠଧାର, ଭ୍ରୂଲତା... ଇତ୍ୟାଦି ଯେପରି ଏକ ଚିତ୍ରକାର ବା ଶିଳ୍ପୀର ତୂଳିକାରେ ଗଢ଼ାଯାଇଛି । ତା ସାଥିରେ ଠିକ୍ ଡାହାଣ ଗାଲର ଗୋଟିଏ ପାର୍ଶ୍ୱରେ ନଜର ନ ଲଗିବା ପରି ଯେପରି କଜ୍ୱଳ ଟିପାଟିଏ ଭଗବାନ ଜନ୍ମ ସମୟରେ ଲଗାଇ ମର୍ତ୍ତ୍ୟକୁ ପଠାଇଛନ୍ତି । ମଝି ସୁନ୍ତାଣି ସାଙ୍ଗରେ ମଧ୍ୟମଧରଣର ଲାଲ ବିନ୍ଦିଟିଏ ଲଗାଇ ଯେପରି ଦୁର୍ଗାପ୍ରତିମା ପରି ମନେ ହୁଅନ୍ତି । ମଧ୍ୟମ ଉଚ୍ଚତା, ମଧ୍ୟମ ସ୍ୱାସ୍ଥ୍ୟ ସହିତ ଗୌରବର୍ଣ୍ଣ । ଆପାଦମସ୍ତକ ଯେପରି ନିଖୁଣ ଭାବରେ ବର୍ଣ୍ଣନାଯୋଗ୍ୟ । ତା' ସାଙ୍ଗରେ ଗଜଗାମିନୀ ଚାଲି ସାଙ୍ଗକୁ ମଧୁର ଭାଷିଣୀ । କିଏ ବା ଜାଣିଥିଲା ଏପରି ସର୍ବଗୁଣ ସଂପର୍ନ୍ନା ନାରୀଟି ଭାଗ୍ୟରେ ଭଗବାନ ଯେପରି ସମୁଦ୍ରର ଗୋଟିଏ ଲହଡ଼ି ସମାପ୍ତି ପୂର୍ବରୁ ଆଉ ଏକ ଲହଡ଼ିର ବୀଜ ସ୍ଥାପନ ହୋଇଯାଇଥାଏ, ଠିକ୍ ସେହିପରି ଗୋଟିଏ ଦୁଃଖ ମନରୁ ନ ଲିଭୁଣୁ ଆଉ ଗୋଟିଏ ଲହଡ଼ି ପରି ବୀଜଟିଏ ରୋପଣ କରିବାରେ ଲାଗି ପଡୁଥିଲେ ।

ଗଣିତ ଶାସ୍ତ୍ରରେ ଏମ୍.ଏ. ପଞ୍ଚମବର୍ଷରେ ତାଙ୍କର ବିବାହ କାର୍ଯ୍ୟ ସମାପନ ହୋଇଯାଇଥିଲା ମିଷ୍ଟର ଚାନ୍ଦଙ୍କ ସହ, ସେ ସେତେବେଳେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ

ଇଂଜିନିୟର ଥିଲେ । ସବୁ ନାରୀଙ୍କ ପରି ସେ ମଧ୍ୟ ନିଜ ମନରେ ଅନେକ ଆଶା ଓ ଆଗାମୀ ଦିନର ସ୍ୱପ୍ନ ଭରି ସଂସାରେ କ୍ଷେତ୍ରରେ ପାଦ ଆଗକୁ ବଢ଼ାଇଥିଲେ । କିଛିଦିନ ଦାମ୍ପତ୍ୟ ଜୀବନ ଖୁବ୍ ଆନନ୍ଦରେ, ହସ ଉଲ୍ଲାସରେ ବିତିଯାଇଥିଲା । ସେ ସମୟରେ ମିସେସ୍ ଚାନ୍ଦ୍ ଷ୍ଟେଟ୍ ବ୍ୟାଙ୍କରେ ଏକ କିରାନୀ ଚାକିରୀ ପାଇଥିଲେ । ତେଣୁ ସେ ଶେଷ ବର୍ଷର ସ୍ନାତକୋତ୍ତର ପରୀକ୍ଷା ଦେବାକୁ ଇଚ୍ଛା କରିନଥିଲେ । ପତିପତ୍ନୀ ଦୁହେଁ ଦିଲ୍ଲୀ ମହାନଗରୀରେ ଭଲ ଚାକିରୀ ଜୀବନ ଅତିବାହିତ କରିବା ସହିତ ଅନେକ ଅନେକ ଛୋଟ ବଡ଼ ସ୍ୱପ୍ନର ଜାଲ ବୁଣିବାରେ ଲାଗି ପଡ଼ିଥିଲେ ।

ସବୁ ନାରୀଙ୍କର ଏକ ସ୍ୱପ୍ନଥାଏ ମାତୃତ୍ୱ ଲାଭ କରିବା । ତେଣୁ ସେ ମଧ୍ୟ କିଛିଦିନ ଅନ୍ତସତ୍ତ୍ୱା ରହିବା ପରେ ମାତୃତ୍ୱ ଲାଭକଲେ । ଯେଉଁ ଶିଶୁଟିର ଆଗମନରେ ତାଙ୍କର ସଂସାରରେ ହସ ଉଲ୍ଲାସ ଭରିଯିବ, ତା'ର କ୍ରନ୍ଦନରେ ସାରା ଗୃହଟି କମ୍ପିତ ହେବ, ତାର ହସରେ ତାଙ୍କର ହସଖୁସିର ସଂସାର ବିଜୁଳୀ ପରି ଚମକି ଉଠିବ, ଓ ତା'ର ମା... ମା... ଡାକରେ ସେ ଧନ୍ୟ ମନେ କରିବାର ଆଶା ମନରେ ପୋଷଣ କରିଥିଲେ, ସେ ସବୁ ପାଣିର ବୁଦ୍ ବୁଦ୍ ପରି ଫାଟି ଯାଇଥିଲା । କିଏ ବା ଜାଣିଥିଲା ତାଙ୍କ ଔରସରୁ ଜାତ ପୁତ୍ର ସନ୍ତାନଟି ମାନସିକ ଓ ଶାରୀରିକ ଭାବରେ ବିକଳାଙ୍ଗ ହେବ ବୋଲି ? ଏ ସମ୍ବାଦଟି ଡାକ୍ତରମାନଙ୍କଠାରୁ ଶୁଣି ଦୁଃଖରେ ଭାଙ୍ଗିପଡ଼ିଲେ ସେ ଦୁଇଜଣ । ଅନେକ ଡାକ୍ତରୀ ପରାମର୍ଶ କ୍ରମେ ଯିଏ ଯେଉଁ ପ୍ରକାର ଚିକିତ୍ସା କରିବାକୁ କହିଲେ ସେ କେଉଁଥିରେ ବି ଅବହେଳା କରିନଥିଲେ । ପାଣିପରି ଅଜସ୍ର ପଇସା ବୁହାଇ ଦେଇଥିଲେ, ମନରେ କ୍ଷୀଣ ଆଶା ସଞ୍ଚାର କରି ନିଶ୍ଚୟ ତାଙ୍କର ପୁତ୍ର ସନ୍ତାନଟି ଠିକ୍ ଭାବରେ ଜୀବନ ନିର୍ବାହ କରି ପାରିବ ବୋଲି ।

ମନରେ ଯାହାକୁ ସବୁ ନେଇ ଆଶାର ସୌଧ ସେ ଗଢ଼ିଥିଲେ ଗୋଟିଏ ହେଲେ ବି ତାଙ୍କ

ପକ୍ଷରେ ସାକାର ହେଲାନି । ଶେଷରେ ବର୍ଷେ ନୁହେଁ ଦୁଇବର୍ଷ ନୁହେଁ ବାରବର୍ଷକାଳ ଶଯ୍ୟାଶାୟୀ ହୋଇ ପଡ଼ି ରହିଲା । ଇତିମଧ୍ୟରେ ବାଧ୍ୟତାମୂଳକ ବ୍ୟାଙ୍କ ଚାକିରୀଟିରୁ ଅବସର ନେବା ନିମିତ୍ତ ଦରଖାସ୍ତ ଦେଇଥିଲେ ସେ । ବଡ଼ପୁତ୍ରର ଏ ଅବସ୍ଥା ଦେଖି ବଂଶରକ୍ଷା ଓ ଜୀବନର ସାହାରା ନିମିତ୍ତ ପତିପତ୍ନୀ ଏକତ୍ର ସ୍ଥିର କଲେ ଦ୍ୱିତୀୟ ସନ୍ତାନଟିଏ ପାଇବା ଆଶାରେ । ଶେଷରେ ଠିକ୍ ସମୟରେ ତାଙ୍କର କ୍ରୋଡ଼ପୂର୍ଣ୍ଣ କରି ଆଉ ଏକ ସନ୍ତାନ ତାଙ୍କର ଗର୍ଭରୁ ଜାତ ହୋଇଥିଲା । ସୁନ୍ଦର ପୁତ୍ରଟିକୁ ଦେଖି ଆନନ୍ଦରେ ବିଭୋର ହୋଇ ଉଠିଥିଲେ ପତିପତ୍ନୀ ଦୁହେଁ ଏବଂ ନାମ ରଖିଥିଲେ ଅରିନ୍ଦମ । ଭଗବାନଙ୍କ ନିକଟରେ ଢାଳିଦେଇଥିଲେ ବିନମ୍ର ପ୍ରଣତି ସାଙ୍ଗରେ ଅବାରିତ ଅଶ୍ରୁଧାର ଓ ଭାବିଥିଲେ ଏଥର ଭଗବାନ ତାଙ୍କର ଡାକ ଶୁଣିଲେ ବୋଲି । ସାନପୁଅଟି ଚଲାବୁଲା ଇତ୍ୟାଦି ଟିକିଏ ବିଳମ୍ବର କଲା । ମାତ୍ର ସେ ମାନସିକ ବିକଳାଙ୍ଗ ଓ ବାକଶକ୍ତି ଶୂନ୍ୟ ବୋଲି ଯେତେବେଳେ ଜାଣିଥିଲେ ଶୂନ୍ୟରୁ ଖସିପଡ଼ିଲା ପରି ଅନୁଭବ କରିବା ସଙ୍ଗେ ସଙ୍ଗେ ସମସ୍ତ ଆଶାର ସ୍ୱପ୍ନ ଭାଙ୍ଗି ଚୁରମାର ହୋଇ ଯାଇଥିଲା । ବଡ଼ପୁଅଟିର ବିଚ୍ଛଣାରେ ଝାଡ଼ା, ପରିଶ୍ରା, ଗାଧୁଆ, ଖୋଇବା... ଇତ୍ୟାଦି ଛୋଟ ଶିଶୁପରି ବାରବର୍ଷ କାଳ କରି କରି ଶେଷରେ ବଡ଼ପୁଅ ଅଂଶୁମାନ ଶେଷ ନିଶ୍ୱାସ ତ୍ୟାଗ କରି ଏ ସଂସାରରୁ ବିଦାୟ ନେଲା । ପିତାମାତା କିଛିଦିନ ଶୋକରେ ଭାଙ୍ଗି ପଡ଼ିଥିଲେ ମଧ୍ୟ ନିଜକୁ ସମ୍ଭାଳିନେଇ ଅରିନ୍ଦମ ପଛରେ ଜୀବନର ତରୀଟିକୁ ସଂସାର କ୍ଷେତ୍ରରେ ବାହିଚାଲିଲେ ।

କିଛିଦିନ ଅତିବାହିତ ହେବାପରେ ସ୍ୱାମୀ ବୃକକ୍ ଜନିତ ରୋଗରେ ପୀଡ଼ିତ ହେଲେ । ସବୁ ପ୍ରକାର ପରୀକ୍ଷାରୁ ଜଣାପଡ଼ିଥିଲା ଯେ ଦୁଇଟିଯାକ କିଡ଼ନୀ ଖରାପ ହୋଇଯାଇଛି । ତାପରେ ବର୍ଷକରେ ଥରେ, ପ୍ରତ୍ୟେକ ଛଅ ମାସରେ, ତା ପରେ ପରେ ପ୍ରତି ତିନିମାସରେ ଓ

ଶେଷରେ ପ୍ରତି ମାସରେ ଡାଏଲିସିସ୍ କରିବାକୁ ପଡ଼ିଲା । ଏଥି ସହିତ ଶରୀର ମଧ୍ୟ କ୍ଷୀଣ ହେବାକୁ ଲାଗିଲା । ପାଣିସୁଅ ପରି ପଇସା ମଧ୍ୟ ପ୍ରଚୁର ଭାବରେ ଖର୍ଚ୍ଚ କରିବାକୁ ପଡୁଥିଲା ।

ଇତିମଧ୍ୟରେ ମିସେସ୍ ଚାନ୍ଦ ମାନସିକ ବିକଳାଙ୍ଗ ପିଲାମାନଙ୍କ ନିମିତ୍ତ ସ୍ପେଶାଲ୍ ବିଏଡ୍. ଟ୍ରେନିଂରେ ଦାଖଲ ନେଇ ଅନେକ କଷ୍ଟ ସହି ରାତି ରାତି ଉଜାଗର ରହି ପାଠପଢ଼ା ସେହ୍ନ୍ଷ କରିବା ପରେ ତାଙ୍କ ପୁଅ ଅରିନ୍ଦମକୁ ସାଥିରେ ଧରି ମାନସିକ ବିକଳାଙ୍ଗଙ୍କ ପାଇଁ ନିର୍ମିତ ସ୍କୁଲରେ ଯୋଗଦେଲେ । ମଣିଷକୁ ଭଗବାନ କେଉଁଠୁ ନେଇ ତାଙ୍କର ଇଚ୍ଛାନୁସାରେ ଠିଆ କରାନ୍ତି ସେହିଁ ଏକମାତ୍ର ଜାଣନ୍ତି । ଶେଷରେ ଏହି ଚାକିରୀଟିକୁ ମଧ୍ୟ ସେ ଭଗବାନଙ୍କର ତାଙ୍କ ନିମିତ୍ତ ଆଶୀର୍ବାଦ ବୋଲି ମନେକରି ଅନେକ ଧନ୍ୟବାଦ ଜ୍ଞାପନ କରୁଥିଲେ ।

ବହୁଦେଶୀୟ କମ୍ପାନୀରେ ସବୁବେଳେ ଛୁଟିରେ ରହିବା ଓ ଠିକଠାକ୍ କାମ କରି ନ ପାରିବାରୁ ତାଙ୍କୁ ବାଧ୍ୟତାମୂଳକ ଭାବରେ ଅବସର ଗ୍ରହଣ କରିବାକୁ ପଡ଼ିଲା । ଶେଷରେ ସ୍ୱାମୀ, ଘରେ ରହି ଘରୋଇ ଭାବରେ କିଛି ଛୋଟ ଛୋଟ କାମ କରି କିଛି ପଇସା ରୋଜଗାର କରୁଥିଲେ । ଏତଦ୍‌ବ୍ୟତୀତ ମିସେସ୍ ଚାନ୍ଦ ମଧ୍ୟ ଟ୍ୟୁସନ୍ କରି କିଛି ପଇସା ରୋଜଗାର କରୁଥିଲେ । ମାତ୍ର ଅରିନ୍ଦମ ଭୟରେ ତାଙ୍କ ଘରେ ପଢ଼ିବାପାଇଁ ଯିବାକୁ ପିଲାମାନେ ଭୟ କରୁଥିଲେ । ମିସେସ୍ ଚାନ୍ଦ ନିଜର ପାରୁ ପର୍ଯ୍ୟନ୍ତ ନିଜର ସଂସାର ତରୀଟିକୁ ସମୁଦ୍ରରୂପୀ ସଂସାର ବକ୍ଷରେ ସୁଚାରୁରୂପେ ବାହି ନେବାକୁ ଆପ୍ରାଣ ଚେଷ୍ଟା କରି ଚାଲିଥିଲେ ।

ଏମିତି ହଠାତ୍ ଦିନେ ସଂଧ୍ୟା ସମୟରେ କାନ୍ଧରେ ଭେନିଟି ବ୍ୟାଗଟିଏ ପକାଇ ସୁନ୍ଦର

ଶାଢ଼ୀଟିଏ ପିନ୍ଧି ଲାଲ ରଙ୍ଗର ସାଲ୍‌ଟିଏ ଘୋଡ଼ାଇ ହୋଇ ଥଣ୍ଡାରେ ଆସୁଥିବାର ଦେଖି ମୁଁ ପ୍ରଶ୍ନ କରିଥିଲି କେଉଁଠୁ ଆସୁଛନ୍ତି ବୋଲି ? ସେଦିନ ସେ ଖୁବ୍ ଖୁସି ଜଣା ପଡୁଥିଲେ ଓ ତାଙ୍କ ମୁହଁରେ ଯେ ଖୁସି ଝଲସି ଉଠୁଥିବାର ଦେଖି ମୁଁ ଆହୁରି ଆଗ୍ରହୀ ହୋଇ ଉଠିଥିଲି ତାଙ୍କ ବିଷୟରେ ଭଲମନ୍ଦ ଟିକିଏ ଶୁଣିବା ପାଇଁ । ସେ ଆନନ୍ଦାଶ୍ରୁ ଭରା ନୟନଯୁଗଳରେ ଉତ୍ତର ଦେଇଥିଲେ ଯେ, ମୁଁ ସେହି ବ୍ୟାଙ୍କରେ ପୁନଶ୍ଚ ଯୋଗଦାନ କରିଛି । ମୁଁ ସଙ୍ଗେ ସଙ୍ଗେ ଭଗବାନଙ୍କୁ ଅନେକ ଅନେକ ଧନ୍ୟବାଦ ଜ୍ଞାପନ କରୁଥିଲି ମନ ମଧ୍ୟରେ । ତା'ପରେ ସେ ବର୍ଣ୍ଣନା କରିଥିଲେ ଯେ ସେ ଗତ ପାଞ୍ଚବର୍ଷ ପୂର୍ବରୁ ତାଙ୍କର ସମସ୍ୟଗୁଡ଼ିକ ଜଣାଇ ଦେଇଥିବା ଅବସର ଗ୍ରହଣ ନିମିତ୍ତ ଦରଖାସ୍ତଟିକୁ ସେ ବ୍ୟାଙ୍କର ଉଚ୍ଚପଦସ୍ଥ ଅଧିକାରୀ ଗ୍ରହଣ କରିନଥିଲେ । ସେ ମୋର ଏ ଦରଖାସ୍ତଟିକୁ ଫାଇଲରେ ସେମିତି ଦବାଇ ରଖିଦେଇଥିଲେ । ମିସେସ୍ ଚାନ୍ଦ ମଧ୍ୟ ତାଙ୍କ ଅଫିସରଙ୍କୁ ଖୁବ୍ ପ୍ରଶଂସା କରିବା ସଙ୍ଗରେ କୃତଜ୍ଞତା ଜ୍ଞାପନ କରିବାରେ ଲାଗି ପଡ଼ିଥିଲେ । ପାଞ୍ଚବର୍ଷକାଳ ତାଙ୍କ ଶ୍ୱଶୁରଙ୍କ ସହିତ ନିଜର ପ୍ରୋଭିଡ଼େଣ୍ଟ୍ ଫଣ୍ଡ୍ ପଇସା ପାଇବା ନିମିତ୍ତ ଦୌଡ଼ି ଦୌଡ଼ି ହତାଶ୍ ହୋଇପଡ଼ିଥିଲେ । ଅନେକ ଲଢ଼େଇ ଓ ଝଗଡ଼ା କରି ଶୂନ୍ୟ ହସ୍ତରେ ନାସ୍ତିବାଚକ ଶବ୍ଦ ଧରି ଫେରି ଆସୁଥିଲେ ସେ । ଯେତେବେଳେ ସବୁ ରାସ୍ତା ବନ୍ଦ ହୋଇଯାଏ କେଉଁଠି ନା କେଉଁଠି ଏକ ଗଳି ରାସ୍ତାଟିଏ ଖୋଲିଯାଏ, ଅଥବା ଯେତେବେଳେ ସବୁ କବାଟ ବନ୍ଦ ହୋଇଯାଏ, ଏକ ଛୋଟ ଝରକା ଖୋଲିଯାଏ - ଠିକ୍ ସେମିତି ଘଟିଥିଲା ତାଙ୍କ ଜୀବନରେ । ହଠାତ୍ ଗତବର୍ଷ ଡିସେମ୍ବର ମାସରେ ପୁନଶ୍ଚ ପୂର୍ବପରି ସେହି ବ୍ୟାଙ୍କକୁ ଧାଇଁଯାଇଥିଲେ ସେ ଅନେକ ଆଶା ନେଇ ଏଥର ନିଶ୍ଚୟ ତାଙ୍କର ପଇସା ମିଳିଯିବା ଆଶାରେ । ମାତ୍ର ବ୍ୟାଙ୍କରେ ସେ ଯାହା ଶୁଣିଲେ ସେ ଚକିତ ହୋଇ ରହିଗଲେ । ସେ ଉଚ୍ଚପଦସ୍ଥ ଅଧିକାରୀ ତାଙ୍କର ଏ ମର୍ମଭେଦି ଦୁଃଖ, ଯନ୍ତ୍ରଣା ସବୁ ଅନୁଭବ କରି ତାଙ୍କର

ଦରଖାସ୍ତଟିକୁ ସେ ସମୟରେ ଗ୍ରହଣ କରିନଥିବାରୁ ତାଙ୍କର ଚାକିରୀଟି ଏବେ ମଧ୍ୟ ସୁରକ୍ଷିତ ଅଛି ଓ ଜାନୁଆରୀ୧୯ ତାରିଖରୁ ତାଙ୍କ କାର୍ଯ୍ୟରେ ପୁନର୍ବାର ଯୋଗଦାନ କରିବାକୁ ଜଣାଇ ଦେଇଥିଲେ । ଏତେଦିନ ଦୁଃଖରେ ବୁଡ଼ିରହି ଖୁସିରେ ନାଚି ଉଠିବାକୁ ମନ ହେଉଥିଲା ତାଙ୍କର । ତାଙ୍କର ଏ ଖୁସି ଯେମିତି ପାଣିପରି ବନ୍ଧଭାଙ୍ଗି ଉଛୁଳି ପଡ଼ିବାପରି ପ୍ରତୀୟମାନ ହେଉଥିଲା ।

ତାପରେ ତାଙ୍କର ସ୍ୱାମୀ ଓ ଅରିନ୍ଦମଙ୍କ ସମ୍ବନ୍ଧରେ ମଧ୍ୟ ଭଲମନ୍ଦ ଜଣାଇବାକୁ ନିଜେ ନିଜେ ନ ପଚାରିବା ପୂର୍ବରୁ ଅନର୍ଗଳ କହି ଚାଲିଥିଲେ ଯେପରି ।

ମଝି ନଈରେ ପାଣିରେ ବୁଡ଼ି ଯାଉଥିବା ସମୟରେ ଯେପରି କୁଟା ଖଣ୍ଡିକର ସାହାରାରେ ବଞ୍ଚିଗଲାପରି ମନେ ହୁଏ, ସେହିପରି ଏ ଏଲୋପ୍ୟାଥିକ୍ ଚିକିତ୍ସା ଓ ଡାକ୍ତରମାନଙ୍କ ଆଶା ପରିତ୍ୟାଗ କରି ଧାଇଁ ଯାଇଥିଲେ ନିଜର ଜନ୍ମମାଟିକୁ ଜଡ଼ିବୁଟି, ହୋମିଓପ୍ୟାଥିକ୍ ସବୁ ପ୍ରକାର ଔଷଧର ମିଶ୍ରଣରେ ଚିକିତ୍ସା କରାଇବା ନିମିତ୍ତ ନିଜର ସ୍ୱାମୀ ଓ ପୁତ୍ରଙ୍କୁ । ମନ ମଧ୍ୟରେ ଅନେକ ଅନେକ ଆଶାର ମାଳାଗୁଡ଼ି କହି ଚାଲିଥିଲେ ଦୁଇଜଣଙ୍କର ଶରୀରର ଉନ୍ନତି ଘଟୁଛି ଏ ଚିକିତ୍ସା କରିବାପରେ । ତଥାପି ମଧ୍ୟ ସେ ବ୍ୟସ୍ତଥିଲେ ଅରିନ୍ଦମର ଓଜନ ବଢ଼ି ଚାଲିଥିବାରୁ । କାହିଁ ବା ତାଙ୍କ ଜୀବନରେ ଶାନ୍ତି ବା ମୁକ୍ତି ?

ସମୟ ସମୟରେ ମୁଁ ମିସେସ୍ ଚାନ୍ଦଙ୍କ ବିଷୟରେ ଭାବିଲେ ଥଳକୁଳ ପାଏନି । କି ପ୍ରକାରର ଆଶା ନେଇ ଜୀବନ ସଂଗ୍ରାମରେ ଲଢୁଛନ୍ତି ସେ । ସ୍ୱାମୀଙ୍କର ଏଭଳି ପରିସ୍ଥିତିରେ ରାତିରେ ଶାନ୍ତିରେ ନିଦ୍ରାଟିକେ ବି ମିଳିବା କଷ୍ଟକର । ଅରିନ୍ଦମର ଭବିଷ୍ୟତ ଚିନ୍ତାକଲେ ଅନ୍ଧକାର ବ୍ୟତୀତ ଆଲୋକର ଉପସ୍ଥିତି ଅସମ୍ଭବ । ତଥାପି ନିତ୍ୟ ନିମିତ୍ତ ନିୟମାନୁଯାୟୀ କରି ଚାଲିଛନ୍ତି ନିଜର କର୍ତ୍ତବ୍ୟ । ତଥାପି ସମସ୍ତଙ୍କ ସାଙ୍ଗରେ ମିଶୁଛନ୍ତି, ସମସ୍ତଙ୍କର ଭଲମନ୍ଦ

ବିଷୟ ପଚାରି ବୁଝୁଛନ୍ତି, ହସୁଛନ୍ତି ଓ ଆଗକୁ ଆଗକୁ ଅଗ୍ରସର ହେଉଛନ୍ତି ନିଜର ସଂସାରର ତରୀଟିରେ ନାବିକା ସଜାଇ ନିଜକୁ । ସମୟ ସମୟରେ ତାଙ୍କ ମନ ମଧ୍ୟରେ କଣ ପ୍ରଶ୍ନବାଚୀ ହୋଇ ଉଠୁନଥିବ, କେଉଁ ଜନ୍ମର ଅଭିଶାପର ଫଳସ୍ୱରୂପ ସେ ଏ ଜନ୍ମରେ ଏପରି କଷ୍ଟ ଓ ଯନ୍ତ୍ରଣା ଭୋଗ କରି ଚାଲିଛନ୍ତି ! ମାତ୍ର ତାଙ୍କ ମୁଖମଣ୍ଡଳରେ କେତେବେଳେ ଅଧୈର୍ଯ୍ୟ ହୋଇଉଠିବା, କାନ୍ଦିଉଠିବାର ସଙ୍କେତଟିଏ ପାଇବା କଷ୍ଟକର । କଷ୍ଟ ସହ୍ୟ କରି କରି ଯେପରି ସର୍ବଂସହା ଧରିତ୍ରୀ ପାଲଟି ଯାଇଛନ୍ତି ସେ ।

ଅନେକ ସମୟରେ ତାଙ୍କୁ ଦେଖି ମନେ ମନେ ପ୍ରଶ୍ନବାଚୀ ଉଠେ - ଏତେ ଧୈର୍ଯ୍ୟ ଭଗବାନ୍ କିପରି ତାଙ୍କ ହୃଦୟରେ ଭରି ଦେଇଛନ୍ତି । କେଉଁ ନାରୀ ବା କାହାର ଦୁଃଖଦାୟକ କାହାଣୀ ବର୍ଣ୍ଣନାରେ ମୁଁ ତାଙ୍କର ଉଦାହରଣଟି ଦେଇଥାଏ । ଏତେ କଷ୍ଟ ସହ୍ୟକରି କରି ପଥର ପାଲଟି ଯାଇଥିବା ତାଙ୍କପରି ନାରୀଙ୍କ ଠାରୁ ଅନେକ କିଛି ଶିଖିବାକୁ ମିଳିଥାଏ । ଶେଷରେ ମୁଁ ମାତୃଚରଣରେ ଢାଳିଦିଏ ବିନମ୍ର ପ୍ରଣତି ତାଙ୍କର ସଂସାରକୁ ଶାରୀରିକ ଓ ମାନସିକ ଦୃଷ୍ଟିକୋଣରୁ ସୁସ୍ଥ ରଖିବା ନିମିତ୍ତ...

ଏମିତି ଭାବନା ରାଜ୍ୟରେ ବୁଲୁବୁଲୁ ରାତି ନଅଟା ବାଜି ଯାଇଥିଲା । ମିସେସ୍ ଚାନ୍ଦଙ୍କ ଫ୍ଲାଟରୁ ଅରିନ୍ଦମର ଡିଆଁ ସାଙ୍ଗରେ ଉଁ... ଉଁ... ଶବ୍ଦ ଶୁଣାଯାଉଥିଲା । ମୁଁ ମୋର ପରିବାର ସହିତ ରାତ୍ରିଭୋଜନ ନିମିତ୍ତ ଅଗ୍ରସର ହେଉଥିଲି...

୪୨୧, ସାଉଥ୍ ଦିଲ୍ଲୀ ଆପାର୍ଟମେଣ୍ଟସ

ପ୍ଲଟ୍ ନଂ - ୮, ସେକ୍ଟର - ୪

ଦ୍ୱାରକା, ନୂଆଦିଲ୍ଲୀ - ୧୧୦୦୭୮

 Magazine Downloaded from www.aahwaan.com

ଚରୈବତି ଚରୈବତି

ଏକ

ଭାରତ ଚୀନ ସୀମାରେ ତାର ପୋଷ୍ଟିଂ ଥିଲା । ସିକିମର କୁରୁପରୁ ଦେଢ଼ଘଣ୍ଟାର ରାସ୍ତା ମିଲିଟାରୀ ଟ୍ରକରେ ଗଲା ପରେ ପ୍ରାୟ ତିନି ଘଣ୍ଟା ଖଚ୍ଚର - ଘୋଡ଼ା ଉପରେ ବସି ପାହାଡ଼ିଆ ସୀମାଞ୍ଚଳରେ ସେ ଆସି ପହଞ୍ଚିଲା ବେଳେ ବର୍ଷାମାସ ସରି ଆର୍ଦ୍ରତା ପରିପୃଷ୍ଟ ହେମନ୍ତ ସମୟରେ ମୁଣ୍ଡ ଉପରେ ସୂର୍ଯ୍ୟ ଆସି ପହଞ୍ଚିବା ବେଳେ ମଧ୍ୟ ଶିରି ଶିରି କାକର ପବନରେ ତା ଦେହ ଥରି ଯାଉଥିଲା ।

ବର୍ଷେକାଳର ଶିବିରରେ ପ୍ରଶିକ୍ଷଣ ପରେ ମାସେ ହେଲା ସେ ଆସି ଏଇଠି ଯୋଗ ଦେଇଥିଲା । ସପ୍ତାହ ଯାଏଁ ଜଣେ ପୂର୍ବରୁ ସେଠାରେ କାମ କରୁଥିବା ପ୍ରଶିକ୍ଷକଙ୍କ ସହ ରହିଥିଲା । କେମିତି ଜଣେ ସିପାହୀ ଏହି ପୋଷ୍ଟରେ ଏକୁଟିଆ ୨୪ ଘଣ୍ଟିଆ କାମ କରି ପାରିବ ତାର ରୀତିମତ ପ୍ରଶିକ୍ଷଣର ସେ ପ୍ରକୃତ ଶିକ୍ଷକ ଥିଲେ । ପଥର ଗଦା ଓ ବାଲି ବସ୍ତାର ପଛପଟେ କେମିତି ଅହରହ ଷ୍ଟେନ୍‌ଗନ୍ ଧରି ଏକଲୟରେ ଶତ୍ରୁର ସୀମା ଦିଗେ ଆଖି ପକେଇ ରହିହେବ, ସେ ଶିଖେଇଥିଲେ ।

ପ୍ରମୋଦ କୁମାର ପଣ୍ଡା

ସୀମାରେଖାର ଏପାଖେ ଥିବା ଭୂମି ତା'ର ମା; ସେ ରକ୍ଷକ ତା ମାତୃଭୂମିର; ତା'ରି ସୁରକ୍ଷାର ଦ୍ୱାୟିତ୍ୱ ତାର ଦୁଇ ଲୌହ ବଳବତ୍ ଭୁଜା ଓ ଜଙ୍ଘଶକ୍ତି ଉପରେ ନ୍ୟସ୍ତ; ଏହା ଭାବିଲା ମାତ୍ରେ ତା ମନରେ ଶତ ସିଂହର

ବଳ ଆପେ ଆପେ ଆସି ଯାଉଥିଲା; ଭାତରେ ସିଝା ଆଳୁର ସ୍ୱାଦ ଅନେକ ଗୁଣରେ ବଢ଼ି ଯାଉଥିଲା । ଭାତ, ସିଝା ଆଳୁ ଓ କିଛି ଶୁଷ୍କଫଳର ସମାହାରରେ ସେ ସୁରକ୍ଷାର ଦାୟିତ୍ୱରେ ଥିବା ଉଚ୍ଚତମ ଭାବଶ୍ରେଣୀରେ ନିମ୍ନ ପଦବୀର ଜଣେ ସୈନିକ ଥିଲା ।

ପଥର ବାଡ଼ ସେପାଖ କୋଡ଼ିଏ ଫୁଟ ଅନ୍ତରରେ ଅଦୃଶ୍ୟ ସୀମାରେଖା ଥିଲା । ସେ ଦେଖିବାରେ ଅନେକ ଥର ସେହି ରେଖାଟିରେ ବରଫ ଜମି ଦୁଇଟି ଯାକ ସୀମାକୁ ଏକାକାର କରି ଦେଉଥିଲା । ବରଫ ତଳେ ଘୋଡ଼େଇ ହୋଇ ରହିଥିବା ସେହି ସ୍ଥାନ ଉପରେ ଚିଲର ତୀକ୍ଷ୍ଣଦୃଷ୍ଟିରେ ପଥର ଉହାଡ଼ରେ ହିଁ ବସି ସୀମାର ସୁରକ୍ଷାକୁ ଜଗି ବସିବା ସହ ତା'ର ବ୍ୟକ୍ତିଗତ କାମ ସାରିବାକୁ ନିର୍ଦ୍ଦେଶ ଥିଲା । ପଥର ଆଡୁଆଳର ଟିକେ ନାଁକୁ ଜାଗାରେ ତାର ଗ୍ୟାସ୍ ଚୁହ୍ଲା ଥିଲା । ତାକୁ ସୂର୍ଯ୍ୟ ବୁଡ଼ିବା ପରେ ଘନ ଅନ୍ଧାର ଆଗତ ପୂର୍ବରୁ ହିଁ ତାର ଶୌଚ, ରନ୍ଧା ଖିଆ ସରିଯାଉଥିଲା । ପ୍ରତି ଏକ କିଲୋମିଟରରେ ଏମିତି ଜଣିକିଆ ଆଉଟପୋଷ୍ଟ ରହିଥିଲା ।

ସେଦିନ, ଠିକ ସନ୍ଧ୍ୟା ଆସିବା ଆଗରୁ ଷ୍ଟେନଗନ୍ ଉପରୁ ହାତ ଆଣି ସେବେ ସେବେ ସେ ଷ୍ଟୋଭ ଲଗାଇବା ଆରମ୍ଭ କରିଥିଲା, ହଠାତ ତା ସାମନାରେ ଜଣକୁ ଗନ୍ ସହ ଠିଆ ହୋଇଥିବାର ଦେଖି ବିଶ୍ୱାସ କରି ପାରିଲା ନାହିଁ । ପ୍ରଥମେ ତ ଭାବିଲା, କିଛି ଥଟ୍ଟା ମଜା ଚାଲିଛି । କିନ୍ତୁ ତାକୁ ଚାରିପଟୁ ଆସି ଘେରି ଯାଇଥିବା ଶତ୍ରୁସୈନିକ ମାନଙ୍କୁ ଦେଖି ସେ ଜାଣି ପାରିଥିଲା, ସେ ବନ୍ଦୀ ହେଇ ଯାଇଛି । ସୂର୍ଯ୍ୟ ବୁଡ଼ିବା ପ୍ରକ୍ରିୟା ଆରମ୍ଭ ହେବାଠୁଁ ସୂର୍ଯ୍ୟ ଉଦୟ ଯାଏଁ ଯୁଦ୍ଧ ତଥା ଅସ୍ତ୍ର ବିରତିର ଚୁକ୍ତିକୁ ଲଙ୍ଘନ କରି ଜଣେ ନୁହେଁ, ଏକାଥରକେ ବାର ଜଣ ଆସି ତାକୁ ଅତର୍କିତ ଭାବେ ଘେରି ଯାଇଥିଲେ ।

ତାକୁ ଛଳ କରି ସେମାନେ ତା ଜାଗାକୁ ନିଜ ଅକ୍ତିଆରକୁ ନେଇ ଯାଇଥିଲେ । ତାକୁ ତା ରେଡ଼ିଓ ପାଖକୁ ଯିବାକୁ ବି ସମୟ ଦିଆ ଯାଇ ନଥିଲା । ତାର ଗନ୍ ସୁରକ୍ଷାସ୍ଥଳୀ ତାଙ୍କ

 Magazine Downloaded from www.aahwaan.com

କବଜାକୁ ଚାଲି ଯାଇଥିଲା ।

ଅସହାୟ ପରିବେଶ ଓ ପରିସ୍ଥିତିର ଭୟାବହ ଅବସ୍ଥାରେ ହଠାତ ତାକୁ ତା ମା' ଓ ଭଉଣୀମାନଙ୍କ ବିଷୟ ମନରେ ଆସିଲା । ମା'ର ଚିକିତ୍ସା, ଭଉଣୀମାନଙ୍କ ପାଠର ଅଦେଖା ଅଭାବ ଭୟରେ ଅଦ୍ଭୁତ ବୀରତ୍ୱର ନିର୍ଭୀକତା ତା ଲୋମକୂପ ଗୁଡ଼ିକୁ ସକ୍ରିୟ କରିଦେଲା । ମା ଓ ଭୂମି ଭିତରେ ଥିବା ସମାନତାର ବିଚାରଜନିତ ପ୍ରତିକ୍ରିୟା ବୃକକ୍ ଉପର ଗ୍ରନ୍ଥିର ରସ ସାମୁହିକ ସମ୍ବେଦନାର ଉତ୍ସ ରୂପେ ସ୍ରାବ ହେବାରେ ଲାଗିଲା । ତା ହୃଦୟ କଠିନ ହୋଇ ଆସିଲା ।

ଅତି ଜୋରରେ ସେ ପାଟି କରି ଉଠିଥିଲା – ଭାରତମାତା କୀ ଜୟ !

ଜୋରରେ ପାଟି କଲା ବେଳେ ଦେହସାରାର ସମସ୍ତ ରକ୍ତ ଶବ୍ଦ ଶକ୍ତିରୂପେ ତା କଣ୍ଠ ଶିରାଗ୍ରନ୍ଥିରେ ଆସି ଏକତ୍ରିତ ହୋଇଥିଲେ । କ୍ଷୀଣ ନୀଳାଭ ଆଲୋକର ଫୁଆରାରେ ସେ ଅନୁଭବ କରୁଥିଲା ଅହରହ ଅଦୃଶ୍ୟ ଘଣ୍ଟାନାଦ, ଶଙ୍ଖଧ୍ୱନି, କାକଲିଶବ୍ଦର ସମ୍ମୋହନ !

ଗୋଟିଏ କ୍ଷଣ ପାଇଁ ସେ ଅନୁଭବ କରିଥିଲା, ସେ ଏକୁଟିଆ ନ ଥିଲା । ମୁକ୍ତ ଅସ୍ତିତ୍ୱର ହରାଇବା ପାଇଁ ପ୍ରସ୍ତୁତ ନଥିବା ମାଟି, ପବନ, ଗଗନ ସବୁ ତା ସାଙ୍ଗରେ ଥିଲେ ଏବଂ ତା ଚାରିପାଖେ ଥିବା ଶତ୍ରୁ ସୈନିକମାନେ କ୍ଷଣଭର ପାଇଁ ନିଥର ନିଶବ୍ଦ ପାଲଟି ଯାଇଥିଲେ ।

ବନ୍ଦେ ମାତରମ୍‌ର କୁହାଟ ଧ୍ୱନି ନାଦରେ ଗୋଟିଏ ଡିଆଁରେ ସେ ସେମାନଙ୍କ ପାଖରୁ ତଳକୁ ତଳକୁ ଖସି ଆସିଗଲା । ତା ପଛରେ ଅଗଣିତ ଗୁଳିଚାଳନାର ଶବ୍ଦ ସେ ଶୁଣି ପାରୁଥିଲା । ତଥାପି ସେ ଭୟ କରି ନଥିଲା । ଦେହର ସମସ୍ତ ବଳ ଖଟେଇ ତଳକୁ ତଳକୁ ଦୌଡ଼ି ଚାଲିଥିଲା । ସେ ସେମାନଙ୍କ ହାତରେ ବନ୍ଦୀହେବାକୁ ଭୟ କରୁ ନ ଥିଲା । କିନ୍ତୁ ସୀମାନ୍ତର ଏହି ରେଖା ଯଦି ସେମାନେ ପାର କରିଦେବେ ତାର ସମାନ୍ତରାଳ ଟିକିଏ ତଳେ ଆଉ ଏକ ପୋଷ୍ଟରେ ସେମାନେ ସହଜରେ ପହଞ୍ଚି ଯାଇ ପାରି ଯାଇପାରନ୍ତି ।

 Magazine Downloaded from www.aahwaan.com

ଦୌଡୁ ଦୌଡୁ ହଠତ ସେ ଅନୁଭବ କଲା ପଛରୁ ଗୁଳି ଶବ୍ଦ ଆଉ ଶୁଭୁନି । ଠିଆ ହୋଇଗଲା ସେ । ଅଝାଡ଼ ଜଙ୍ଗଲ । ଦିନର ଆଲୋକ ତ ଦୂରେ, ଆକାଶ ସୁଦ୍ଧା ଦୃଷ୍ଟିଗୋଚର ହେଉନାହିଁ । ନିଜ ଆଖ ପାଖକୁ ଦେଖି ପଛପାଖେ ଉପର ପର୍ଯ୍ୟନ୍ତର ଛାଇ ଛାଇ ଆଲୁଅରେ ଦେଖିଲା ସେ ଭୁଲ ଦିଗରେ ଆସି ଯାଇଛି । ରାସ୍ତା ଖୋଜି ଖୋଜି ଗଲେ ଏ ରାସ୍ତାରେ ତ ତାକୁ ଅନେକ ଦୂର ଯିବାକୁ ହେବ । କଣ କରିବ ସେ ? ଏମିତି ତ ରାତି ଘନେଇ ଆସୁଛି । ସକାଳ ପହର ପୂର୍ବରୁ ଯେ କୌଣସି ମତେ ସ୍ଥାନୀୟ ହେଡ଼ କ୍ୱାର୍ଟରରେ ଖବର ପହଞ୍ଚିବାକୁ ହେବ । ତା ହେଲେ ଯାଇ ଅନ୍ୟମାନେ ଆସି ପାରିବେ । ସେ ଅନୁଭବ କଲା ତାର ବାମ ପାଖ ହାତରୁ ଅସହ୍ୟ ବେଦନା ଅନୁଭୂତ ହେଉଛି । ହାତ ଅଣ୍ଡାଳି ଦେଖିଲା ହାତରେ ପାଣି ପାଣି ଅନୁଭବ ହେଉଛି । ନାକ ପାଖକୁ ନେଇ ଶୁଙ୍ଘିଲା । ରକ୍ତ ତା ପଛ ପାଖ କାନ୍ଧରୁ ବାହାରୁ ଥିଲା । ଗୁଳି ବୋଧହୁଏ ବାଜି ଯାଇଛି । ମନରେ ଗୁଳି ଶବ୍ଦ ଆସୁ ଆସୁ ତାର ଯନ୍ତ୍ରଣା ବଢ଼ି ଯାଇଥିଲା । ତାର ପ୍ରଶିକ୍ଷକ ତାକୁ ଶିଖେଇଥିଲେ, ବିପଦ ସମୟରେ ମନ ଉପରେ ନିୟନ୍ତ୍ରଣ ରଖିବ, ମନ ଦୃଢ଼ କରିବ ।

ସେ ମନ ଦୃଢ଼ କରିବାକୁ ଚେଷ୍ଟା କଲା । ତା ଦେହ ଅବଶ ହେବାକୁ ଲାଗିଲା । ତା'ର ମା' ଭଉଣୀମାନେ ମନେ ପଡ଼ିଲେ । ସେମାନଙ୍କର ମଧ୍ୟ ଭରଣପୋଷଣର ଦାୟିତ୍ୱ ଯେ ତା'ରି ଉପରେ ଅଛି । ଯେମିତି ଏହି ଚେକ୍‌ପୋଷ୍ଟର ଦାୟିତ୍ୱରେ ସେ ଥିଲା । ନା, ସେ ମନକୁ ବାନ୍ଧିବା ପାଇଁ ଚେଷ୍ଟା କଲା । ମାତୃଭୂମିର ଯଶ ରଖିବ । ତା'ର ଦାୟିତ୍ୱର ନିଖୁଣତାକୁ କ୍ଷୁର୍ଣ୍ଣ କରିବ ନାହିଁ ।

ଦୁଇ

ସପ୍ତମର ନୀତିଶିକ୍ଷାରେ ପଢ଼ିଥିବା ମାଆ ଆଉ ଭୂମାତା ସହନ କରୁଥିବା ଅକଥନୀୟ ଭାର ଗୁରୁତ୍ୱ ସେ ସେଦିନ ବୁଝି ପାରିଥିଲା, ଯେଉଁଦିନ ସେ ଉତ୍‌ଫୁଲ୍ଲିତ ଖୁସି ମନରେ ଘର

ଭିତରେ ପାଟି କରିକରି ପଶିଥିଲା – ମା, ଦେଖିଲ । ମୋ ରିଜଲ୍ଟ ବାହାରିଲା । ମୁଁ ପ୍ରଥମ କୋଡ଼ିଏ ଜଣଙ୍କ ଭିତରେ ରହିଛି ।

କିନ୍ତୁ ମା'ଙ୍କ ଆଖିରେ ଉଲ୍ଲାସ ସେ ଦେଖି ପାରୁ ନଥିଲା । ଜଳୁଥିବା ଚୁଲ୍ଲୀ ଉପରୁ ଆଖି ଉଠେଇ ମା' ପୁଅକୁ ଚାହିଁ ନିରୁତ୍ସାହିତ କଣ୍ଠରେ ପ୍ରଶ୍ନ କରିଥିଲେ, "କୋଡିଏ ଜଣ ଭିତରେ ରହିଲେ ଆମକୁ କ'ଣ ଅଧିକା ଟଙ୍କା ମିଳିବ ?"

- ହଁ ମା, ମୋତେ ସ୍କଲାର୍‌ସିପ ମିଳିବ । ଭଲ କଲେଜରେ ଆଗକୁ ପଢ଼ିବା ପାଇଁ ସୁଯୋଗ ମିଳିବ ।

- ଆଉ ଆମକୁ ?

ତା ବୋଧଗମ୍ୟର ଅବୋଧ୍ୟତମ ଜ୍ଞାନ ପରିଧିରେ ମା'ଙ୍କ ପ୍ରଶ୍ନର ଗଭୀରତାକୁ ମାପି ପାରି ନଥିଲା ବିଭୁକେଶ । ବରଂ ହସିବାକୁ ଚେଷ୍ଟା କରିଥିଲା – ତମେ ବୁଝୁନ । ସରକାର ଏବେ ମୋତେ ଦେବେ । ମୁଁ ପାଠ ପଢ଼ି ବଡ଼ ଚାକିରୀ କରିବି । ସେତେବେଳେ ମୁଁ ଆଣି ତମକୁ ଦେବି ।

- ଆଚ୍ଛା ! ଦୀର୍ଘଶ୍ୱାସ ଛାଡ଼ିଲେ କମଳା – ମୁଁ ବଞ୍ଚିଥିଲେ ତ' !

ଉତଫୁଲ୍ଲିତ ଆଶାନ୍ୱିତ ହୃଦୟେ ପାଠ ପଢିବାକୁ ଅଣ୍ଟା ଭିଡ଼ି ବସିଥିବା ଏହି କୋମଳମତି କିଶୋର ପୁଅଟିର ସ୍ୱପ୍ନିଳ ଭାବୋତ୍ତରର ପଛରେ ଲୁଚି ରହିଥିବା କମଳାଙ୍କ ଦୀର୍ଘଶ୍ୱାସରେ ଅନେକ ଯନ୍ତ୍ରଣା ଲୁଚି ରହିଥିଲା ।

ସ୍ୱାମୀଙ୍କ ମୃତ୍ୟୁପରେ ଆସନ୍ତା ବଂଶଜଙ୍କ ପାଇଁ ଆହାର ମୁଠାଏ ଯୋଗାଡ଼ କରିବା ପାଇଁ ଦାଣ୍ଡକୁ ବାହାରି ରୋଜଗାରର ପନ୍ଥା ଖୋଜି ବୁଲିଥିବା ସ୍ତ୍ରୀ ଲୋକଟିର ପିଲାବେଳୁ ପାଠ ପଢ଼ିବାର ଅଦମ୍ୟ ଇଚ୍ଛା ଥିଲା; କିନ୍ତୁ ତାଙ୍କ ବାପାପାଠ ନ ପଢ଼େଇ ତା'ଙ୍କ ବାହାଘର ଜଣେ ପରିବା ବିକାଳୀ, କମ୍‌ପାଠୁଆ ଲୋକ ସହ କରିଦେଇଥିଲେ । ଅପ୍ରାପ୍ତ ବୟସରେ ବାହାଘର

 Magazine Downloaded from www.aahwaan.com

ପରେ ତିନୋଟି ଝିଅରେ ଗୋଟିଏ ପୁଅ ଜନ୍ମ ହୋଇଥିଲା । ବିଭୁକେଶ ଉପରେ ଜଣେ, ତା' ତଳେ ଦି' ଝିଅ ଥିଲେ । ବଡ଼ ଝିଅ ଜନ୍ମ ହେଲା ବେଳେ ଅନେକ ସ୍ୱପ୍ନ ଦେଖିଥିଲେ ସେ ! ତାଙ୍କର ଅପୂରଣୀୟ ଅଭିଳାଷକୁ ପୂର୍ଣ୍ଣ କରିବା ପାଇଁ ତାଙ୍କ ଝିଅକୁ ଖୁବ ପଢ଼େଇବେ । ଆଉ ତା ସମ୍ମତିରେ ହିଁ ତା ବାହାଘର କରେଇବେ । କିନ୍ତୁ କିଛିହୋଇ ପାରି ନ ଥିଲା । ପରିସ୍ଥିତି ସହ ତାଳ ଦେବାକୁ ଯାଇ ସ୍ୱାମୀଙ୍କ ହଁ ରେ ହଁ ମିଳେଇଥିଲେ । ଆଗ ପଛ କିଛି ନ ବିଚାରି ଅଠର ବର୍ଷ ପୁରୁଣୁ ନ ପୁରୁଣୁ ତାର ମଧ୍ୟ ବାହାଘର ହୋଇ ଯାଇଥିଲା । କେବଳ ନାମକୁ ମାତ୍ର ବଡ଼ ଝିଅର ବାହାଘର ହୋଇଥିଲା । ଅପାରଗ ଜୋଇଁ ଥିଲା ଘୋଡ଼ା ମଦୁଆ ।

ବଡ଼ ଝିଅର ବାହାଘର ସରୁସରୁ ସ୍ୱାମୀ ଖୁବ କମ ବୟସରେ ମୃତ୍ୟୁ ବରଣ କରିଥିଲେ । ନାହିଁ ନାହିଁର ସଂସାରର ସବୁଯାକ ଦାୟିତ୍ୱ ତାଙ୍କ ମୁଣ୍ଡରେ ଆସି ପଡ଼ିଥିଲା । ତା'ର ଓ ସାନ ଦି ଭଉଣୀ ଜଣଙ୍କ ସ୍କୁଲ ସରି ନ ଥିଲା । ପିଲାଙ୍କୁ ପାଠ ପଢ଼େଇବାର ଅଭିଳାଷକୁ ଚରିତାର୍ଥ କରିବାର ମୋହ ସେ ଛାଡ଼ି ପାରି ନ ଥିଲେ । ବଡ଼ ଝିଅ ଓ ଅପାରଗ ଜୋଇଁର ବି ଦାୟିତ୍ୱ ଥିଲା ତାଙ୍କ ଉପରେ । ବୈଧବ୍ୟଜନିତ ସାମାଜିକ ଏବଂ ଅଧା ରାସ୍ତାରୁ ସ୍ୱାମୀ ଛାଡ଼ି ଯାଇଥିବା ପାରିବାରିକ ଯନ୍ତ୍ରଣାରେ ଜର୍ଜରିତ କମଳା ଘରୁ ଗୋଡ଼ କାଢ଼ି କେତେଜଣଙ୍କ ଘରେ ରୋଷେଇ କରି ଓ ବାସନ ମାଜି ପରିବାରର ଗୁଜୁରାଣ ମେଣ୍ଟାଇବା ନିମନ୍ତେ ବାଧ୍ୟ ହୋଇଥିଲେ ।

ସ୍ୱାମୀଙ୍କ ମୃତ୍ୟୁର ଚାରି ବର୍ଷ ଭିତରେ ହିଁ ତାଙ୍କ ଦେହ ଝଡ଼ି ଯାଇଥିଲା । ଦେହରେ ରୋଗ ଆସି ଘର କରି ସାରିଥିଲା । ଭିତରେ ଭିତରେ ରହି କାଶ ଯକ୍ଷ୍ମାର ରୂପ ନେଇ ସାରିଥିଲା । ଘରେ କେହି ଜାଣି ନଥିଲେ । କିନ୍ତୁ ତାଙ୍କ ମନରେ ଡର ଆସି ଯାଇଥିଲା । ତାଙ୍କ ଅନ୍ତେ ପିଲାଙ୍କ କ'ଣ ହେବ ? ତଦ୍‌ଜନିତ କ୍ଲେଶର ଆବରଣ ମଧ୍ୟରେ ବିଭୁକେଶର ସଫଳତା ବି ତାଙ୍କୁ ଉଲ୍ଲାସ ଦେଇ ପାରୁନଥିଲା ।

 Magazine Downloaded from www.aahwaan.com

ତାଙ୍କ ରୋଗ ବିଷୟ ବି ବିଭୁକେଶ ତା ପରେ ପରେ ଜାଣିବାକୁ ପାଇଥିଲା, ଯେତେବେଳେ +୩ାରେ ନାଁ ଲେଖାଇବା ପାଇଁ ଟଙ୍କା ଜମା କରିବା ପାଇଁ ଆସି ଘରେ ଶୋଇଥିବା କମଳାଙ୍କୁ; ସାନ ଭଉଣୀମାନେ ସ୍କୁଲ ନ ଯାଇ ଘରେ ରହି ଘର କାମ କରୁଥିଲେ; ବଡ ନାନୀ ତା ଘରୁ ଆସି ରୋଷେଇ କରୁଥିବା ଦେଖିଥିଲା । ବ୍ୟସ୍ତ ହୋଇ ଯାଇଥିଲା ସେ – ଆରେ, କ'ଣ ହେଲା ମା'ଙ୍କର ?

- କାଶି କାଶି ଧଇଁସଇଁ ହୋଇ ଶୋଇ ଯାଇଛନ୍ତି ଭାଇ ।

- ଠିକ ଅଛି, ତମେ ଦି ଜଣ ସ୍କୁଲ କୁ ଯାଅ । ମୁଁ ମା' କଥା ବୁଝୁଛି ।

ସାନ ଭଉଣୀ ମାନଙ୍କୁ ଜୋର ଜବରଦସ୍ତ ସ୍କୁଲ ପଠେଇ ଦେଇଥିଲା ।

ମା' ଉଠିଲା ପରେ ତାଙ୍କୁ ଧରି ଡାକ୍ତରଖାନା ଯାଇଥିଲା । ଡାକ୍ତର ପରୀକ୍ଷା କରି କହିଲେ - ତାଙ୍କୁ ଯକ୍ଷ୍ମା ହେଇଛି ।

ପରାମର୍ଶ ଦେଲେ - କେବଳ ଔଷଧ ନୁହଁ, ତା ସହ ଭଲ ଖାଇବା ଓ ବିଶ୍ରାମ ନେବା ମଧ୍ୟ ଦରକାର । ତା ହେଲେ ଯାଇ ଏହାର ନିରାକରଣ ହୋଇ ପାରିବ ।

ସହସା ବିଭୁକେଶ ହୃଦୟଙ୍ଗମ କଲା, ତା ବୟସ ବଢ଼ି ଯାଇଛି । ବାପା ଛାଡ଼ି ଯାଇଥିବା ସଂସାରର ଏବେ ସେ ମୁରବୀ । ତାକୁ ଏ ସଂସାରର ସମସ୍ତ ଦାୟିତ୍ୱ ନେବାକୁ ହେବ । ମାଆର ରୋଗିଣା ଦେହ, ବଡ଼ ଭଉଣୀର ଦାୟିତ୍ୱ ସହ ସାନ ଭଉଣୀମାନଙ୍କ ଭବିଷ୍ୟତ ସଜାଡ଼ିବାକୁ ହେବ । ତା ରିଜଲ୍ଟ ପ୍ରକାଶ ହେବା ଦିନ ମା ନେଇଥିବା ଦୀର୍ଘଶ୍ୱାସର ପ୍ରକୃତ ଅର୍ଥ ସେ ସେଦିନ ବୁଝି ପାରିଥିଲା । ମାଆଙ୍କର ବିଶ୍ରାମ ଅର୍ଥ ତାକୁ ଟଙ୍କା ରୋଜଗାର କରିବାକୁ ହେବ । ମା ଓ ଭଉଣୀମାନଙ୍କ ଗୁଜୁରାଣ ମେଣ୍ଟାଇବାର ଅଭିଭାବକୀୟ ପ୍ରୟାସର ଅଭିଳାଷତା ପିତୃବିହୀନ - ମନ ଭିତରେ ଉଙ୍କି ମାରିଥିଲା ।

ମାଆକୁ ନେଇ ଘରକୁ ଫେରିଲା ବେଳେ ଅସହାୟ ଓ ଦୁର୍ବଳ ମନ ତା'ର କଲେଜ ଯାଇ

ଆଗକୁ ପଢ଼ିବାର ଇଚ୍ଛାକୁ ବିସର୍ଜନ କରି ଦେଇଥିଲା । ବଡ଼ ଭଉଣୀ ସହ ଆଲୋଚନା କରିବା ପାଇଁ ସେ ସାହାସ କରି ପାରି ନଥିଲା । ତା ବଡ଼ ଭଉଣୀର ପାଠ ପଢ଼ା ବନ୍ଦ ଓ ତା ସହ ଅସମୟରେ ତା'ର ବାହାଘର ବିଷୟରେ ସେ ମଧ୍ୟ ଅବଗତ ଥିଲା । ତା ପାଇଁ ଏକମାତ୍ର ବିକଳ୍ପ ପଛା ଥିଲା ଅର୍ଥ ଉପାର୍ଜନ ।

ଦିନେ କାହାଠୁ ଶୁଣିଥିଲା, ସୈନିକ ଚାକିରୀରେ ଲୋକ ଭର୍ତ୍ତି ହେଉଛନ୍ତି । ଯେତିକି ପାଠ ପଢ଼ିଥିଲା ସେଥିରେ ଦଉଡ଼ି ବାନ୍ଧିଲା । ମା'ଙ୍କ ସୁସ୍ଥତା ପରେ ଦୃଢ଼ ମନରେ ସେ ପଦାତିକ ବାହିନୀର ଚାକିରୀରେ ଯୋଗ ଦେଇଦେବା ପ୍ରକ୍ରିୟା ଆରମ୍ଭ କଲା । କଷ୍ଟପ୍ରଦ ଚାକିରୀ ପରୀକ୍ଷା ତା ପାଇଁ କିଛି କଷ୍ଟ ନ ଥିଲା ।

ଚାକିରୀ ଆଳରେ ମା'ଙ୍କ ଭରଣପୋଷଣ ପାଇଁ ମା'ଙ୍କର ହିଁ ସେବା କରିବାକୁ ଯାଉଥିଲା ସେ । ତା ସହ ଆଳାପ କଲାବେଳେ ମିଲିଟାରୀ ଅଫିସର ଜଣକ ତାକୁ ଏହିଭଳି ଭାବେ ବୁଝେଇଥିଲେ ।

ସେ କିନ୍ତୁ ମା'ଙ୍କୁ ସେହିଭଳି ବୁଝେଇ ପାରି ନ ଥିଲା । ଶୁଣିଲା ପରେ ମା କାନ୍ଦିଲେ, ଦୁଃଖ କଲେ । ସେ କେବଳ କହି ପାରିଲା, "ମୁଁ ଟଙ୍କା ରୋଜଗାର କରିବାକୁ ଯାଉଛି ମା । ମୋତେ ଦରମା ମିଳିବ । ସାନ ଦି ଜଣଯାକ ପଢ଼ିବେ । ତମକୁ କାମ କରିବାକୁ ହେବନି । ତମ ଦେହ ଠିକ୍ ରହିବ ।"

ତାହା ହିଁ ତା ସମ୍ମୁଖର ବାସ୍ତବତା ଥିଲା ।

ତିନି

ପାଖରେ କେଉଁଠି ଗଧିଆର କକର୍ଶ କଣ୍ଠରେ ଚିତ୍କାର ଶୁଣି ତାର ଧ୍ୟାନ ଭାଙ୍ଗିଲା । ପ୍ରକୃତିସ୍ଥ ହୋଇ ଉଠିଲା ସେ । ପଡ଼ି ଯାଉଥିବା ଚକ୍ଷୁ ପତାକୁ ଖୋଲି ରଖିବାକୁ ଚେଷ୍ଟା କଲା । ଦୂର ଆକାଶରେ କୁଆଁତାରା ସ୍ପଷ୍ଟରୂପେ ଦେଖା ଯାଉଥିଲେ । ସମୟର ଧାରଣା ଆସୁ ନ

 Magazine Downloaded from www.aahwaan.com

ଥିଲା । ବସିଥିବା ସ୍ଥାନରୁ ଉଠିବାକୁ ଚେଷ୍ଟା କଲା ସେ । ଅସହ୍ୟ ଯନ୍ତ୍ରଣା ସହ ଅକଥନୀୟ ଥଣ୍ଡାରେ ସେ ଶୋଇ କେମିତି ପାରିଲା ? ବୋଧହୁଏ ସେ ଚେତାଶୂନ୍ୟ ହୋଇ ଯାଇଥିଲା । ଯନ୍ତ୍ରଣାରୁ ତିଳେ ବି ମୁକ୍ତି ମିଳୁ ନଥିଲା । ତଥାପି ତାକୁ ତା'ର କାମଶେଷ କରିବାକୁ ହେବ ।

ହେ ପ୍ରଭୁ ! ଚାକିରୀ ଆରମ୍ଭ ଜୀବନରେ ତାର ବୃତ୍ତିରେ କିଛି ଦାଗ ନ ଲାଗୁ । ହୃଦୟରୁ ବାହାରୁଥିବା ଉଚ୍ଛ୍ୱାସ ପ୍ରତିଧ୍ୱନିତ ହୋଇ ସେହି ଧ୍ୱନି ପ୍ରଚଣ୍ଡ ଶବ୍ଦଧ୍ୱନିରେ ପରିବର୍ତ୍ତିତ ହୋଇ ନିଃଶବ୍ଦରେ ତା ପାଖକୁ ଫେରି ଆସିଲା । କୁଆଁତାରା ଡୁବିବା ପୂର୍ବରୁ ତା ଆଗର ପୋଷ୍ଟକୁ ଯାଇ ଆଗକୁ ଖବରକୁ ଆଗେଇ ନେଇ ପାହାନ୍ତା ଆଗରୁ ଘାଟିକୁ ପୁନର୍ଦଖଲରେ ନେବାକୁ ହେବ ।

ତା ନାକରେ କିଛି ବାସ୍ନା ଅନୁଭୂତ ହେଲା । ଜଣା ପଡୁଥିଲା ପାଖରେ ତୁଳସୀ ଗଛ ଅଛି । ଦୁର୍ଗା ଅଷ୍ଟମୀ ଦିନ ମହାଗୌରୀଙ୍କୁ ମା ପୂଜା କରିବା ସେ ଦେଖିଥିଲା । ମା କହୁଥିଲେ ମହାଗୌରୀଙ୍କ ଔଷଧୀୟ ନାଁ ତୁଳସୀ, ରକ୍ତଶୋଧକ । ପାଖରେ ଥିବା ଗୁଳ୍ମଗୁଡ଼ିକୁ ଅଣ୍ଡାଳି ପତ୍ର ଛିଣ୍ଡେଇ ଆଣି ଶୁଙ୍ଘିଲା । ଦୁଇ ତିନିଥର ପରେ ତାକୁ ତା ନାକରେ ତୁଳସୀର ପ୍ରତ୍ୟକ୍ଷ ସୁଗନ୍ଧ ଆସି ବାଜିଲା । ସେ ଗଛରୁ ପତ୍ର ପୁଳାଏ ଛିଣ୍ଡେଇ ଆଣି ପାପୁଲିରେ ମଚ୍ଛିଲା । ସେ ରସକୁ ନେଇ ବାହୁ ପଛପାଖେ ଅନୁଭବ କରୁଥିବା ଯନ୍ତ୍ରଣା ଜାଗାରେ ଲଗେଇଲା । ପତ୍ରକୁ ପାଟିରେ ପକେଇ ଉଠି ଠିଆ ହେଲା । ନିଜ ରୂପକୁ ଦେଖିବା ପାଇଁ ଅପର୍ଯ୍ୟାପ୍ତ ଆଲୋକରେ ସେ ଦିଗ ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଥିଲା । ଟ୍ରେନିଂରେ ଶିଖିଥିବା ମସ୍ତିଷ୍କର ବୁଦ୍ଧି କୋଷରେ ଥିବା ସ୍ୱ-ଦିଗବାରେଣୀ ଯନ୍ତ୍ରରେ ମନକୁ ନେଇ ନିବେଶ କଲା । ତଥାପି ସଫଳ ହେଲାନି । ହତାଶ ହେବା ପୂର୍ବରୁ ପୁଣି ଥରେ ଆଖି ବୁଜି ଜାଣିବାକୁ ଚେଷ୍ଟା କଲା ।

ତା ମସ୍ତିଷ୍କ ଭିତର ଗଭୀର ଶୂନ୍ୟତା ଭିତରୁ ସହସା ତାର ହୃଦ୍‌ବୋଧ ହେଲା, ସେ କିଛି ଶୁଣି ପାରୁଛି । କଣ ସେ ଶବ୍ଦ ? ମସ୍ତିଷ୍କ ଉପରେ ବଳ ଦେଲା । ଧୀରେ ଧୀରେ ଏକ

ସମବେତ କଣ୍ଠର ଗୁଞ୍ଜରଣ ତା କର୍ଣ୍ଣମୂଳରେ ଆସି ବାଜିଲା । କ୍ରମେ କ୍ରମେ ସେ ଶବ୍ଦ ଏକ ସାମୂହିକ ଉଦ୍‌ଘୋଷରେ ପରିବର୍ତ୍ତିତ ହେଲା । ସ୍ପଷ୍ଟରୁପେ ସମବେତ କଣ୍ଠର ହୃଦବୁଦ୍ଧ ଗାନ ତା କାନରେ ଆସି ପଡ଼ିଲା ।

ବନ୍ଦେ ମାତରମ୍, ବନ୍ଦେ ମାତରମ୍,

ବନ୍ଦେ ମାତରମ୍, ... ଆ... ଆ... ଆ... ଆ... ଆ...

ହଠାତ୍‌ଆଖି ଖୋଲି କାନ ଡେରିଲା । ଯେଉଁ ପାଖରୁ ସମବେତ କଣ୍ଠର ଗୀତଶୁଣା ଯାଉଥିଲା, ସେ ଦିଗକୁ ସେ ଧ୍ୟାନ ଦେଲା । ଅନ୍ଧକାରର ଗାଢ଼ତା ଭିତରେ ଗୀତ ସହ ଘୋଡ଼ା ଟାପୁର ଅବିରତ ଅସଂଲଗ୍ନ ଶବ୍ଦ ସେ ଶୁଣି ପାରୁଥିଲା । ଜୟ ଭବାନୀ, ବନ୍ଦେ ମାତରମର କୁହାଟ ଚିତ୍କାରିତ ରଣହୁଙ୍କାରର ଶବ୍ଦନାଦେ ମାତୃଭୂମି ରକ୍ଷଣାର୍ଥେ ଅସଂଖ୍ୟ ବୀରତା ମାନସ ପଟଳ ଆଡ଼କୁ ମାଡ଼ି ଆସୁଥିବାର ସେ ଅନୁଭବ କରୁଥିଲା । ଯନ୍ତ୍ରଣା ଜର୍ଜରିତ ଶରୀରରେ ଶତସିଂହର ବଳ ଅଙ୍କୁରିତ ଦ୍ୱାରା ଅନ୍ତର୍ହିତ ଯନ୍ତ୍ରଣା ଅନ୍ତେ ଶକ୍ତିସ୍ଫୁର୍ତ୍ତି ବୋଧରେ ତୀବ୍ର ଗତିରେ ପାଦ ବଢ଼ାଇଲା ।

ଅନୁସରଣ କରି ଯାଉଥିବା ଧ୍ୱନିର ତୀବ୍ରତା କମୁ ନ ଥିଲା କି ବଢୁ ନଥିଲା । ମନ ଭିତରେ ଦିଗକୁ ତଉଲି ତଉଲି ତା ଗତି ବଢ଼ାଇଲା । ନିର୍ଦ୍ଦିଷ୍ଟ ଦିଗ ଜ୍ଞାନବର୍ଦ୍ଧକ ନ ହେଲେ ମଧ୍ୟ ସେ ସ୍ଥିର ନିଶ୍ଚିତ ଥିଲା ଯେ ସେ ଠିକ ଦିଗରେ ଯାଉଛି । କିଛି ଦୂରର ଯାତ୍ରା ପରେ ତାକୁ ଜୁଳୁଜୁଳିଆ ପୋକର ଆଲୁଅ ସଦୃଶ୍ୟ କିଛି ଦେଖାଗଲା । ତୀବ୍ର ଗତିରେ ସେଦିଗକୁ ଦୌଡ଼ିଲା । ତାହା ନିଶ୍ଚୟ ଗୋଟିଏ ଭାରତୀୟ ପୋଷ୍ଟ, ସେ ନିଶ୍ଚିତ ଥିଲା । ଅନ୍ଧକାର ଭିତରେ ତ୍ରିରଙ୍ଗା ପତାକାକୁ ଫର ଫର ହୋଇ ଉଡୁଥିବାର ଦୃଶ୍ୟ ସେ ଅନୁଭବ କରୁଥିଲା ।

ସେଠାରେ ନିଯୁକ୍ତ ଥିବା ସୈନିକଟି ତା'ର ପାଦ ଶବ୍ଦ ଶୁଣି ପାଟି କରୁଥିଲା – ହାଲ୍‌ଟ ! ହୁ ଇସ୍ ଦେର୍ ?

 Magazine Downloaded from www.aahwaan.com

ସେ ଠିଆ ହୋଇ ପାରିଲାନି । ହାତ ଉଠେଇ ତଳେ ଧଡ଼ାମ୍ କିନା ପଡ଼ିଗଲା । ତା ମସ୍ତିଷ୍କ ଭିତରେ କିନ୍ତୁ ପ୍ରାର୍ଥନାର ଗୁଞ୍ଜରଣ ଅତି ତୀବ୍ର ଗତିରେ ହେବାକୁ ଲାଗିଲା । ସେ ବୁଝିଲା, ଏହି ପ୍ରାର୍ଥନା ତା ନିଜ ଅନ୍ତର ଭିତରୁ ଈଶ୍ୱରଙ୍କ ଧ୍ୱନି, ମା'ର ଆହ୍ୱାନ ଥିଲା । କେବେ କେଉଁ ସଂସ୍କାରିତ ଶିକ୍ଷାର ପ୍ରଭାବରେ ଠିକଣା ସମୟରେ ମସ୍ତିଷ୍କର ସ୍ମୃତିପଟଳରେ ସେହି ପ୍ରତିଧ୍ୱନିର ଗୁଞ୍ଜରଣ ତାକୁ ଶୁଣାଗଲା ।

ଚରୈବତି ଚରୈବତିର ମହା ଜାଗରଣ ମନ୍ତ୍ରରେ ଦୀକ୍ଷିତ ତାର ଏ ଜୀବନ ମା ପାଇଁ, ମାଟି ପାଇଁ, ଈଶ୍ୱରୀୟ କାର୍ଯ୍ୟ ସକାଶେ ଥିଲା ।

ସେହି ସର୍ବନିୟନ୍ତ୍ରାଙ୍କ ଉଦ୍ଦ୍ୟେଶରେ ସେ ହାତ ଯୋଡ଼ିବାକୁ ଚେଷ୍ଟା କଲା । ପାରିଲାନି । ସେ ଚେତନାଶୂନ୍ୟ ହୋଇଗଲା । ତା ପାଖରେ ରେଡ଼ିଓଶବ୍ଦ ଆସୁଥିଲା – ହାଲୋ, ହାଲୋ ।

ପଶ୍ଚିମାକାଶେ କୁଆଁତାରା ଡୁବି ନ ଥିଲା ।

(ସମ୍ପୂର୍ଣ୍ଣ କଳ୍ପନାପ୍ରସୂତ)

ଶ୍ରୀ ତୋଟା ସାହି,

ବିଜିପୁର, ବ୍ରହ୍ମପୁର୍ - ୭୬୦୦୦୫

 Magazine Downloaded from www.aahwaan.com

ସମ୍ମାନ

ନନ୍ଦିତା ଦେବୀ ଗାଧୋଇସାରି ଚଉରାମୂଳେ ପାଣି ଢାଳିବା ସମୟରେ ପୁଅ ସନ୍ତୋଷର ଚିତ୍କାର ଶୁଣିଲେ, "ଆରେ, ଏ କ'ଣ...? ପୁଣି ତାଳିର ଶବ୍ଦ... ନାଇଁ... ନାଇଁ... ମୋ ପାଖକୁ ଆସନାହିଁ... ଆ... ଆ... ଆ... ।" ନନ୍ଦିତା ଦେବୀ ସନ୍ତୋଷ ପାଖକୁ ଦୌଡ଼ିଯାଇ କହିଲେ, "ସନ୍ତୋଷ... ଏ ସନ୍ତୋଷ... କଣ ହେଲା ତୋର? କିଛି ଖରାପ ସ୍ୱପ୍ନ ଦେଖିଲୁ କିରେ ଧନ?" ଆଦର ତଥା ଶଙ୍କାପୂର୍ଣ୍ଣ ଭାବେ ନନ୍ଦିତା ଦେବୀ ନିଜର ଏକମାତ୍ର ପୁଅ ସନ୍ତୋଷର ମୁଣ୍ଡ ଆଉଁସିଦେଇ ତାକୁ ନିଦରୁ ଉଠାଇବାକୁ ଚେଷ୍ଟା କରୁଥିଲେ । ନିଦରୁ ଉଠି ମା'କୁ ଦେଖି ଟିକେ ଆଶ୍ୱସ୍ତ ହୋଇ ତାଙ୍କ କୋଳକୁ ଥରି ଥରି ଆଉଜି ହୋଇ ଶୋଇପଡ଼ି କହିଲା, "ମା ଏ କ'ଣ?... ମୁଁ କ'ଣ ପାଇଁ ସବୁବେଳେ ଏଭଳି ସ୍ୱପ୍ନ ଦେଖୁଛି? ଠିକ୍ ଏହାଭଳି ସ୍ୱପ୍ନ ବାରମ୍ବାର ଦେଖୁଛି? ଏ କାହାର ଅଟ୍ଟହାସ୍ୟ? କାହାର ଏ ତାଳି ଶବ୍ଦ? କିଏ ଏମାନେ ମାଁ? ମୁଁ କିଛି ବୁଝିପାରୁନାହିଁ?..."

ସସ୍ମିତା ସାହୁ

ପୁଅର ପ୍ରଶ୍ନ ଶୁଣି ନନ୍ଦିତା ଦେବୀ କ'ଣ ଯେ କହିବେ, କିଛି ବୁଝିପାରୁ ନଥିଲେ । ସେ ମଧ୍ୟ ସନ୍ତୋଷର ଏ ପ୍ରକାର ରହସ୍ୟଜନିତ ସ୍ୱପ୍ନ ବିଷୟରେ ସ୍ୱୟଂ ସ୍ତମ୍ଭୀଭୂତ ଥିଲେ । "ଆରେ ନା ରେ... କିଛି ନାହିଁ.... ଏ ଗୁଡ଼ାକ ଖାଲି ସ୍ୱପ୍ନ, ଆଉ ସ୍ୱପ୍ନ କଣ ଆମ ନିୟନ୍ତ୍ରଣରେ ଅଛି? ଏ ବିଷୟରେ ତୁ

ବେଶୀ ଭାବେନି... । ହଉ ଉଠ୍, ସକାଳ ହେଲାଣି । ଯା ନିତ୍ୟକର୍ମ ସାରି କ୍ଲାସ୍ ପାଇଁ ରେଡ଼ି ହେବୁ, ନହେଲେ ତୋ ବାପା ଦେଖିଲେ ରାଗିବେ ।" କହିଦେଇ ନନ୍ଦିତା ଦେବୀ ଚାଲିଗଲେ ।

ନନ୍ଦିତା ଦେବୀ ବାଡ଼ିପଟ କୂଅ ପାଖକୁ ଚାଲିଗଲେ । କୂଅ ଧାରରେ ଲଥକରି ବସି ପଡ଼ିଲେ । ନନ୍ଦିତା ଦେବୀ ଓ ତାଙ୍କ ସ୍ୱାମୀ ଅରବିନ୍ଦ ବାବୁଙ୍କର ଏକମାତ୍ର ପୁଅ ସନ୍ତୋଷ । ଜନ୍ମିତ ପୁତ୍ର ନ ହେଲେ ମଧ୍ୟ ନନ୍ଦିତା ଦେବୀ ତାକୁ ନିଜ ପୁଅଭଳି ସ୍ନେହ କରୁଥିଲେ । ସନ୍ତୋଷ ଜଣେ ମେଧାବୀ ଛାତ୍ର, ଅରବିନ୍ଦ ବାବୁଙ୍କ କଥା ନ ମାନି ଇଞ୍ଜିନିୟରିଂ ବଦଳରେ କଳା ବିଭାଗରେ ଯୋଗ ଦେଇ ସ୍ନାତକ ଉତ୍ତୀର୍ଣ୍ଣ କରିଛି । ଅରବିନ୍ଦ ବାବୁ ପ୍ରଥମ ହିଁ ସନ୍ତୋଷକୁ ନନ୍ଦିତା ଦେବୀଙ୍କ ଭଳି ସ୍ନେହ ଦେଇ ପାରୁନଥିବା ବେଳେ ସନ୍ତୋଷର ମନମୁଖୀ କାର୍ଯ୍ୟ ପାଇଁ ତାଙ୍କ ମନରେ ତା'ପ୍ରତି ରାହ୍ନ ବଢ଼ି ଯାଇଥିଲା ।

କୂଅ ଧାରରେ ବସି ଅତୀତର ସ୍ମୃତିକୁ ସାଉଁଟିବାକୁ ଲାଗିଲେ ନନ୍ଦିତା ଦେବୀ । ଆଜକୁ ଠିକ୍ କୋଡ଼ିଏ ବର୍ଷ ତଳେ ସେ ଏ ଶିଳ୍ପ ସହର ଯାଜପୁରକୁ ନିଜ ସ୍ୱାମୀ ଅରବିନ୍ଦଙ୍କ ସହ ଆସିଥିଲେ । ସ୍ୱାମୀ ଅରବିନ୍ଦଙ୍କ ପ୍ରକୃତଘର କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଠାରେ, ମାତ୍ର ଶିକ୍ଷକତା ଚାକିରୀରେ ବଦଳି ଯୋଗୁଁ ସେ ଯାଜପୁର ଆସିଥା'ନ୍ତି । ସେ ଜଣେ ରୋକଠୋକ୍ ଓ କଠୋର ସ୍ୱଭାବର ମଣିଷ । ବିବାହର ପାଞ୍ଚବର୍ଷ ବିତିଗଲା ପରେ ବି ସେମାନେ ପିତାମାତା ହେବାର ସୌଭାଗ୍ୟ ଅର୍ଜନ କରି ପାରିଲେ ନାହିଁ ।

ସେଦିନ ଥିଲା ଶନିବାର । ଅରବିନ୍ଦ ବାବୁ ଦିନ ୧୧ଟା ସମୟରେ ସ୍କୁଲରୁ ଫେରିବା ସମୟରେ ଦେଖିଥିଲେ ଯେ ତାଙ୍କ ଘରି ଜଣେ ଡେଙ୍ଗା ଓ ଗୌରବର୍ଣ୍ଣର ଲୋକ ବାହାରି ଆସୁଥିଲେ ଏବଂ ଅରବିନ୍ଦ ବାବୁଙ୍କୁ ଦେଖିବା କ୍ଷଣି କାର୍ ଭିତରକୁ ପଶିଯାଇ ସେଠାରୁ ଚାଲି ଯାଇଥିଲେ । ଅରବିନ୍ଦ ବାବା ଭିତରକୁ ଯାଇ ନନ୍ଦିତାକୁ ଏ ବିଷୟରେ ପଚାରିବାରୁ ସେ

ଏହାକୁ ଏଡ଼େଇ ଦେଇଥିଲେ । ଅରବିନ୍ଦ ବାବୁ ଥିଲେ ଜିଦଖୋର ସ୍ୱଭାବର ମଣିଷ, ସେ ବାରମ୍ବାର ସେଇ ଏକା କଥା ତାଙ୍କୁ ପଚାରିବାରୁ ନନ୍ଦିତା ଦେବୀ ଶେଷରେ ଉତ୍ତର ଦେଇଥିଲେ, "ଏ ପରା ମହାନ୍ତି ବାବୁ, କଣ୍ଟ୍ରାକ୍ତର ମ, ଯୋଉ ହରିଚନ୍ଦନପୁରରେ ଥିବା ସମୟରେ ଏ ଆମକୁ ବହୁତ ସାହାଯ୍ୟ କରିଥିଲେ । ଯାଜପୁର ଆସିଥିଲେ ତ, ମୋତେ ଫୋନ କରି ମୋ ଠିକଣାରେ ଆସି ଟିକେ ଦେଖା କରିଦେଇ ଗଲେ ।"

ଅରବିନ୍ଦ ବାବୁ ସବୁ କଥା ସିନା ସ୍ତ୍ରୀଙ୍କ ଠାରୁ ଶୁଣିନେଲେ, ତଥାପି ତାଙ୍କ ମନରେ ସନ୍ଦେହ ଥିଲା । ଏହିପରି କିଛି ଦିନ ବିତିଯିବାପରେ ପୁଣିଥରେ ସ୍କୁଲରୁ ଫେରିବା ସମୟରେ ସେ ଭଦ୍ରବ୍ୟକ୍ତିଙ୍କୁ ଘରୁ ବାହାରିବାର ଦେଖିଲେ । ଘର ବାହାର କିଛି ଦୂର ନଳକୂଅ ପାଖରେ କିଛି ମହିଳା କଥା ହେଉଥିଲେ, "ନ ଦେଖିଲା ଲୋକ ଦେଖ... ନା କଇଁଛ କାଢ଼ିଛି ବେକ... ମୁରବୀ ବୋଲି କେହିଥିଲେ କ'ଣ ଦିନ ଦିପହରରେ ରାସଲୀଳା ଚାଲିଥା'ନ୍ତା ? ଛି... ଛି..."

ଅରବିନ୍ଦ ବାବୁ ଏ ପରିହାସ ଭରା କଥା ଶୁଣି ସମ୍ପୂର୍ଣ୍ଣରୂପେ ରାଗିଯାଇ ଘରକୁ ଗଲେ । ଘରେ ପହଞ୍ଚି ଦେଖିଲେ ଯେ ୬/୭ ବର୍ଷର ପିଲାଟିଏ ବାରଣ୍ଡାରେ ବସିଥିଲା ଓ ନନ୍ଦିତା ଦେବୀ ତା ପାଖରେ ବସି ତା ମୁଣ୍ଡ ଆଉଁସି ଦେଉଥିଲେ । ଅରବିନ୍ଦ ବାବୁ ଗର୍ଜନ କରି କହିଲେ, "ଏଠି କଣ ଚାଲିଛି ? ମୁଁ ଘରେ ନଥିଲା ସମୟରେ ସେ ଲୋକ କଣ ପାଇଁ ଏଠାକୁ ଆସିଥିଲା ? ନନ୍ଦିତା ଦେବୀ ସ୍ୱାମୀଙ୍କର ଏ ପ୍ରକାର ରୂପ ଦେଖି ଭୟଭୀତ ହୋଇ ଯାଇଥିଲେ । ସ୍ୱାମୀଙ୍କୁ ବୁଝାଇବାକୁ ଯାଇ କହିଲେ, "ଦେଖ ମହାନ୍ତିବାବୁ ଏ ପିଲାଟିକୁ ଏଇଠି ଛାଡି ଦେଇ ଯାଇଛନ୍ତି । ଆମର କୌଣସି ସନ୍ତାନ ନାହାନ୍ତି, ମୁଁ କଣ କହୁଥିଲି କି, ଆମେ ଯଦି ଯାକୁ ପୁଅ କରି ରଖିବା..." ନନ୍ଦିତା ଦେବୀଙ୍କ କଥାକୁ ଅଧାରୁ କାଟିଦେଇ କହିଲେ, "କଣ କହିଲ... ନାଇଁ ନାଇଁ କଣ କହିଲ... ପିଲା ନାହିଁ ବୋଲି କଣ ଅନାଥକୁ ପୋଷିବି ? ନା ଜାତି ନା ଠିକଣା...

 Magazine Downloaded from www.aahwaan.com

ହୋଇପାରିବ ନାହିଁ ।”

ନନ୍ଦିତା ଦେବୀ ଆଖି ଛଳ ଛଳ ହୋଇଗଲା । କହିଲେ, “ତ କଣ ହେଲା ସେଇଠୁ, ସେ କଣ ମଣିଷ ନୁହେଁ ? ଆରେ ଆମ କୋଳ ତ ପୂର୍ଣ୍ଣ ହୋଇଯିବ ଆଉ ଏ ଅନାଥକୁ ପିତାମାତାଙ୍କ ପରିଚୟ ମିଳିଯିବ ।” ଅରବିନ୍ଦ ବାବୁ ପତ୍ନୀଙ୍କ ଠାରୁ ଏଭଳି କଥା ଶୁଣି ଆହୁରି ରାଗିଯାଇ କହିଲେ, “ତମ ମନରେ ଯା ପାଇଁ ଏତେ ଦରଦ କାହିଁକି ? ଓଃ... ଏଥର ଠିକ୍ ବୁଝିଲି । ସେ ମହାନ୍ତିବାବୁ ଏଠାକୁ କଣପାଇଁ ଆସୁଥିଲେ । ତୁମର ତାଙ୍କ ସହ ଚୋରା ସମ୍ପର୍କର ଏ ହେଉଛି ଏକମାତ୍ର ସନ୍ତୁକ, ଆଉ ସେ ତୁମକୁ ଏହି ସନ୍ତାନକୁ ସମର୍ପିବାକୁ ଏଠାକୁ ଆସିଥିଲେ ନାଇଁ.... ।”

“ନା ନା... ତୁମେ ଏ କି ପାପ କଥା କହୁଛ ? ବିବାହ ପୂର୍ବରୁ ବା ପରେ ମୋର କାହା ସହ ବି କୌଣସି ସମ୍ପର୍କ ନଥିଲା । ଦୟାକରି ଏପରି କଥା କହି ଆମ ସମ୍ପର୍କକୁ ଆଉ ଖରାପ କର ନାହିଁ ।” ଏହିପରି ଭାବେ ଅନେକ ସମୟ ଯାଏଁ ଦୁହିଁଙ୍କ ମଧ୍ୟରେ ମତାନ୍ତର ଚାଲିଲା । ଏହା ଭିତରେ କୁନିପିଲାଟି ଡରିଯାଇ ନନ୍ଦିତାଙ୍କ ଗୋଡ଼କୁ ଧରି ପକାଇ ଜୋରରେ କାନ୍ଦିଥିଲା । ଅରବିନ୍ଦ ବାଉ ଘର ଭିତରକୁ ଚାଲି ଯାଇଥିଲେ । ନନ୍ଦିତା ପିଲାଟିକୁ ଧରି ରୋଷେଇ ଘରକୁ ଚାଲିଯାଇଥିଲେ । ସମୟ କ୍ରମେ ଅରବିନ୍ଦ ବାଉ ପିଲାଟିର ଉପସ୍ଥିତିରେ କୌଣସି ପ୍ରତିବାଦ କରିନଥିଲେ ହେଁ ତାକୁ ସ୍ନେହ କରୁନଥିଲେ ବା ଭଲ ପାଇନଥିଲେ ।

ଏମିତି ଭାବୁ ଭାବୁ ସନ୍ତୋଷର ଡାକ ଶୁଣି ନନ୍ଦିତା ଦେବୀ ନିଜ ଭାବନାରୁ ଫେରି ଆସିଥିଲେ । ଅରବିନ୍ଦ ବାବୁ ଓ ସନ୍ତୋଷକୁ ଖାଇବାକୁ ବାଢ଼ିଦେଇ ତାଙ୍କୁ ଡାକିଲେ । ଖାଉଥିବା ସମୟରେ ଅରବିନ୍ଦ ବାବୁ କହିଲେ, “ମୋ କଥା ମାନିଥିଲେ ଆଜି କୋଉଠି ନା କୋଉଠି ଚାକିରୀଟିଏ ପାଇ ସାରିଥା'ନ୍ତ । କିନ୍ତୁ... ଛାଡ଼... । ଖାଲି ବସି ବସି ଅନ୍ନଧ୍ୱଂସ

କରୁଥିବୁ କେତେଦିନ ଯାଏଁ ? ନିଜେ କେବେ ରୋଜଗାର କରିବୁ ? ମୋର ଚାକିରୀ ମାତ୍ର ଆଉ ଦୁଇବର୍ଷ ରହିଲା ।”

ସନ୍ତୋଷ ଖାଉ ଖାଉ କହିଲା, “ବାପା, ମୁଁ ଦିନରାତି ଏକ କରି ପ୍ରସ୍ତୁତ ହୋଇଛି ବାପା । କିଛି ଦିନପରେ ସବୁ ଠିକ୍ ହୋଇଯିବ ।” ସନ୍ତୋଷର କଥା ଶୁଣି ଅରବିନ୍ଦ ବାବୁ ଖାଇବା ଛାଡ଼ିଦେଇ ତାଳି ମାରୁ ମାରୁ କହିଲେ, “ବାଃ ରେ ପୁଅ ବାଃ... କି ପ୍ରସ୍ତୁତ ହେଉଛୁ ? ତିନି ବର୍ଷ ହେଇଗଲାଣି... ଗ୍ରାଜୁଏସନ୍ ସରିଗଲାଣି, ହେଲେ ଏ ଯାଏଁ କୋଉ କୂଳରେ ଲାଗି ପାରିଲୁ ନାହିଁ ।” ଏତକ କହିଦେଇ ସେ ହାତ ମୁହଁ ଧୋଇ ସ୍କୁଲ୍ ଯିବାକୁ ବାହାରିବା ବେଳେ କହିଦେଇ ଗଲେ, “ଆଉ ଏ ଯୋଉ ମାଇଚିଆଙ୍କ ଭଳି ସଜବାଜ ହେଉଛୁ, ଛାଡ୍ ସେ ସବୁ । ତୋ ପାଇଁ ମୁଁ ମୁଣ୍ଡ ଟେକି ବାଟ ବି ଚାଲି ପାରୁନି ।”

ସନ୍ତୋଷ ଆଖିରେ ଆଖିଏ ଲୁହ । କହିଲା, “ମା, ମୁଁ କଣ କରିବି ? ମୋତେ ସଜବାଜ ହେବାକୁ ଭଲ ଲାଗେ, ଏଥିରେ ମୋର କଣ ଭୁଲ ?” ନନ୍ଦିତା ଦେବୀ ତାକୁ ବହୁତ ବୁଝାସୁଝା କରି କ୍ଲାସକୁ ପଠାଇ ଦେଲେ ।

ସେ ଗଲାପରେ ନନ୍ଦିତା ଦେବୀ ନିରୋଳାରେ ବସି ନିଜର ଭାଗ୍ୟକୁ ନିନ୍ଦୁଥିଲେ । କଣ ବା ସେ କରିପାରିବେ ! ପୁଅର ଏ ଗୁଣ କଥା ଜାଣିକରି ମଧ୍ୟ କିଛି କରି ପାରୁନଥାନ୍ତି । କିନ୍ତୁ ଲୋକଙ୍କ ସାମ୍ନାକୁ ଯେପରି କଥା ନ ଆସିବ, ସେ ପ୍ରତି ଧ୍ୟାନ ଦିଅନ୍ତି ତଥା ସନ୍ତୋଷକୁ କଟକଣାରେ ରଖିଥାଆନ୍ତି । ୨୬ ବର୍ଷର ପୁଅର ଭବିଷ୍ୟତ କଥା ଚିନ୍ତା କରି କରି ସେ ହତାଶ୍ ହୋଇ ପଡ଼ନ୍ତି ।

ଏମିତି ଦିନ ବିତି ଚାଲିଥାଏ । କୋଚିଂ କ୍ଲାସରେ ସନ୍ତୋଷକୁ ତା'ର ସାଙ୍ଗମାନେ ବହୁତ ଚିଡ଼ାନ୍ତି । କିଏ ତା ଗାଲରେ ତ କିଏ ତା ଚୁଟିରେ ହାତମାରି ଦେଇଥାନ୍ତି । ଆଉ କେହି କେହି

 Magazine Downloaded from www.aahwaan.com

ତା ହାତ ଟାଣି ଦେଉଥାନ୍ତି । ଆଉ ଯେବେ ସନ୍ତୋଷ ଚିଡ଼ି ଯାଉଥିଲା, ସେତେବେଳେ ତା'ର ଦୁଷ୍ଟ ସାଙ୍ଗମାନେ ତା ସାମ୍ନାରେ ତାଳିମାରି ନାଚନ୍ତି । ଏ କଥା ସନ୍ତୋଷକୁ ବହୁତ ବାଧେ ମାତ୍ର ସେ ଚୁପଚାପ୍ ସବୁ ସହିଯାଏ ।

ଏହିପରି କିଛି ଦିନ ବିତିଗଲା । ଏକ ଶୀତୁଆ ସକାଳରେ ଅରବିନ୍ଦ ବାବୁ ଅଗଣାରେ ବସି ପେପର ପଢୁଥାନ୍ତି । ଡାକବାଲା ଆସି ତାଙ୍କ ହାତକୁ ଲଫାଫାଟିଏ ବଢ଼େଇଦେଇ ଚାଲିଗଲା । ସେ ଯେତେବେଳେ ଲଫାଫା ଖୋଲି ଦେଖିଲେ, ସମ୍ପୂର୍ଣ୍ଣ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ସନ୍ତୋଷ ଆଇ.ଏ.ଏସରେ ଟପ୍ପର୍ ହୋଇଛି । ନନ୍ଦିତା ଦେବୀଙ୍କୁ ଏହି ବିଷୟରେ କହିଲାରୁ ସେ ତ ଖୁସିରେ ନାଚି ଉଠିଲେ । ଅରବିନ୍ଦ ବାବୁଙ୍କ ମନରେ ସନ୍ତୋଷ ପ୍ରତିଥିବା ଘୃଣାଭାବ ଯେମିତି ମିଳେଇ ଯାଇଥିଲା ।

ଏହି ସମୟରେ ନନ୍ଦିତା ଦେବୀ ଅରବିନ୍ଦ ବାବୁଙ୍କୁ ସନ୍ତୋଷର ପ୍ରକୃତ ପରିଚୟ ଦେଇଥିଲେ ଯେ ସେ କୌଣସି ଜାରଜ ସନ୍ତାନ ନୁହେଁ, ବରଂ ସ୍ୱୟଂ ଅରବିନ୍ଦ ବାବୁଙ୍କ ଅଂଶ । ହରିଚନ୍ଦନପୁର ଠାରେ ଥିବା ସମୟରେ ମନୋରମା ନାମକ ଝିଅ ସହ ଥିବା ପ୍ରେମ ସମ୍ପର୍କର ସନ୍ତୋଷ ଥିଲା ଏକମାତ୍ର ସନ୍ତୁକ ଓ ମହାନ୍ତିବାବୁ ଥିଲେ ଏକମାତ୍ର ମୁକସାକ୍ଷୀ । ନିଜ ସ୍ୱାମୀଙ୍କର ସମ୍ମାନରେ ଆଞ୍ଚ୍ର ଆସିବା ଭୟରେ ନନ୍ଦିତା ଦେବୀ ଏ କଥାକୁ ପ୍ରଘଟ କରିନଥିଲେ, ମାତ୍ର ନିଜ ସ୍ୱାମୀଙ୍କ ଠାରୁ ହିଁ ଭର୍ତ୍ସନା ଶୁଣିବାକୁ ପଡିଥିଲା ତାଙ୍କୁ ।

"ବାସସ୍ ନନ୍ଦିତା, ମୋତେ ଆଉ ଲଜ୍ଜିତ କରନାହିଁ । ମୋତେ କ୍ଷମା କରିଦିଅ । ମୋ ପାପ ପାଇଁ ତୁମେ କେତେ ବଡ଼ ପ୍ରାୟଶ୍ଚିତ କରିଦେଲ ? କ୍ଷମା କରିଦିଅ ମୋତେ..." ଏତକ କହିଦେଇ ଅରବିନ୍ଦ ବାବୁ ଭୋ ଭୋ ହୋଇ କାନ୍ଦିବାରେ ଲାଗିଲେ । ମନର ସବୁ ଅବଶୋଷ ସେଦିନେ ମିଳେଇ ଯାଇଥିଲା । ସନ୍ତୋଷକୁ ଆଲିଙ୍ଗନ କରି ଅରବିନ୍ଦ ବାବୁ ତାକୁ ମଧ୍ୟ କ୍ଷମା

ମାଗିଥିଲେ । ବାପାଙ୍କର ଏ ପରିବର୍ତ୍ତିତ ରୂପ ଓ ଭଲପାଇବାକୁକ୍ ଦେଖି ସନ୍ତୋଷ ଖୁସିରେ ଆତ୍ମହରା ହୋଇଗଲା । ପରିବାର ମଧ୍ୟରେ ଥିବା ସବୁ ମାନ ଅଭିମାନର ଅନ୍ତ ହୋଇ ସାରିଥିଲା ।

ତିନିଦିନ ପରେ ସନ୍ତୋଷକୁ ସାରା ଅଞ୍ଚଳବାସୀ ତଥା ଦେଶବାସୀ ଟିଭିର ଏକ ସାକ୍ଷାତକାର କାର୍ଯ୍ୟକ୍ରମରେ ଦେଖିଲେ । ସେ ତା' ଜୀବନର କାହାଣୀ ଲୋକଙ୍କ ତାତ୍ପର୍ଯ୍ୟକୁ ସର୍ବସମ୍ମୁଖରେ ଉପସ୍ଥାପନା କରିଥିଲା । ତା'ର କଥା ଶୁଣି କାର୍ଯ୍ୟକ୍ରମର ଉପସ୍ଥାପକ ତଥା ଅନ୍ୟ କର୍ମଚାରୀଙ୍କ ସହ ତାଙ୍କ କାର୍ଯ୍ୟକ୍ରମକୁ ଦେଖୁଥିବା ସମସ୍ତ ଦର୍ଶକ ସନ୍ତୋଷକୁ ସାବାସୀ ଦେଇ ଖୁବ୍ ତାଳି ମାରୁଥିଲେ, ମାତ୍ର ଏ ତାଳି ଭର୍ତ୍ସନାର ନଥିଲା... ଏ ତାଳି ଥିଲା ପ୍ରଶଂସାର ତାଳି, ପ୍ରୋତ୍ସାହନର ତାଳି, ସହାନୁଭୁତିର ତାଳି... ସର୍ବୋପରି ସମ୍ମାନର ତାଳି ।

ମାର୍ଫତ : ଶ୍ରୀ ନଟବର ସାହୁ

ଚାନ୍ଦମା, ଯାଜପୁର ରୋଡ଼, ଯାଜପୁର, ୭୫୫୦୧୯

 Magazine Downloaded from www.aahwaan.com

ଆଖି

ଭିତରକୁ ଯାଅ, ଝିଅର ପଟି ଖୋଲା ସରିଲାଣି, ଏବେ ସେ ସବୁ କିଛି ଦେଖି ପାରିବ.....

ନର୍ସର ଏତକ କଥା କାନରେ ବାଜିବା କ୍ଷଣି ପରେଶ ଗୋଟେ ଡିଆଁରେ ହାଜର ହୋଇଗଲା ଡାକ୍ତରଖାନା ଖଟ ଉପରେ ବସିଥିବା ତା ଝିଅ ପାଖରେ । ଝିଅ ଜନ୍ମରୁ ଅନ୍ଧ । ବାର ବର୍ଷ ପରେ ଆଜି କେହି ଜଣେ ସହୃଦୟ ବ୍ୟକ୍ତିଙ୍କ ଦୟାରୁ ତାଙ୍କ ଆଖି ଦୁଇଟି ଝିଅକୁ ମିଳିଛି, ନଚେତ ବିଚାରି ଜୀବନ ଯାକ ଏମିତି ଅନ୍ଧୁଣି ଜୀବନ ବିତେଇଥାନ୍ତା । ନେତ୍ରଦାନ କରିଥିବା ସେ ଭଗବାନଙ୍କ ଉଦ୍ଦେଶ୍ୟରେ ଉପରକୁ ଦୁଇହାତ ଟେକି ପ୍ରଣାମ ଜଣେଇଲା ସେ । ଡାକ୍ତର ବାବୁ ଝିଅକୁ କହୁଥାନ୍ତି ଆସ୍ତେ ଆସ୍ତେ ଆଖି ଖୋଲ, ଏପଟେ ନର୍ସକୁ ସୂଚନା ଦେଉଥାନ୍ତି ଘର ଭିତରର ଲାଇଟ ସବୁକୁ ଧିମା କରିବା ପାଇଁ, ବନ୍ଦ ଥିବା ଆଖି ହଠାତ ଏତେ ଉଜ୍ୱଳ ଆଲୋକ ସହ୍ୟ କରି ନପାରେ । ନର୍ସ ଭଉଣୀ ଜଣଙ୍କ ବି ଆସ୍ତେ ଆସ୍ତେ ଗୋଟେ ଗୋଟେ ଲାଇଟ ଜଳେଇବା ପାଇଁ ସ୍ୱୀଚ ବୋର୍ଡ ପାଖରେ ହିଁ ଠିଆ ହୋଇଥାନ୍ତି । ଝିଅ ଏବେ ଆସ୍ତେ ଆସ୍ତେ ଆଖି ଖୋଲିଲା, ସବୁ ଆଡକୁ ଦେଖି ପାରି ଆବା କାବା ହୋଇ ସବୁ ଆଡକୁ ଚାହିଁଲା । ମା'କୁ ଆଖି ବନ୍ଦ କରି ପ୍ରଥମେ ଅନୁଭବ କଲା ପରେ ତା' ପରେ ଆଖି ଖୋଲି ଆଉ ଥରେ

ସୁବଳ ମହାପାତ୍ର

ଚାହିଁଲା । ମୁହଁରେ ହସ ଖେଳିଗଲା ତା'ର । ଆସ୍ତେ ଆସ୍ତେ ସବୁଆଡକୁ ମୁହଁ ବୁଲେଇ ଥର ଥର କରି ଦେଖିଲା ସେ । ପରେଶ ସବୁ ଦେଖୁଥାଏ । ଝିଅ ଦେଖି ପାରୁଛି ଦେଖି, ଠାକୁରଙ୍କ ଉଦ୍ଦେଶ୍ୟରେ ଓ ସେ ଅମର ଆତ୍ମା ଯିଏ ଚକ୍ଷୁଦାନ କରିଥିଲେ ତାଙ୍କ ଉଦ୍ଦେଶ୍ୟରେ ଆଉ ଥରେ ହାତ ଯୋଡ଼ିଲା । ଝିଅ ପାଖକୁ ଆସି ଝିଅ ଆଖିକୁ ଚାହିଁ ଚମକି ପଡିଲା ସେ.... ଆଖି ଦୁଇଟିକୁ ଦେଖି ତାକୁ ଏମିତି ଲାଗିଲା... ଏଇଟା ତ ସେଇ ଆଖି ଯାହାକୁ ସେ କଲେଜରେ ପଢ଼ିବା ବେଳେ ପ୍ରଶଂସା କରିବାକୁ ଭୁଲୁ ନଥିଲା....

****

– ହେଃ, ତମେ ନା ଭାରି...

– ମୁଁ କଣ କଲି କି ? ଏ କମଳ ନୟନ ଦୁଇଟି ର ପ୍ରେମ ରେ ପଡିଛି ଯାହା । ଆଉ ତ କିଛି ମାଗିନି, କେବଳ ଏ ଆଖି ଦୁଇଟି ରେ ମୋ ପାଇଁ ପ୍ରେମ ମେଞ୍ଚେ ତ ମାଗିଛି । ଏତିକି ବି ଦେଇ ପାରିବନି ?

– ନା, ନା, ଏ ସବୁ କିଛି ତ ତୁମର ହେଲେ...

– ହେଲେ ପୁଣି କଣ ?

– ଘରେ ମାନିଲେ ସିନା । ଘରେ ତ ଆମ ପ୍ରେମ ର ଘୋର ବିରୋଧ କରୁଛନ୍ତି ।

– ଆରେ, ମୁଁ କେତେବେଳେ କହିଲି ଯେ ତୁମେ ଘର ବିରୁଦ୍ଧ ରେ ଯାଇ ମୋତେ ବାହା ହୁଅ ବୋଲି । ମୁଁ ତ ଏ ଆଖି ଦୁଇଟି ଦେଖି ତୁମକୁ ଭଲ ପାଇ ବସିଲି । ଭଲ ପାଉଛି ବୋଲି ତ ଖାଲି କହିଛି ।

– ଆଚ୍ଛା ? ଆଉ କଣ କଣ ସବୁ ଦେଖି ସମସ୍ତେ ଭଲ ପାଆନ୍ତି ଟିକେ କହିବ କି ?

– ଆଉ ? ଆଉ କିଛି ଦେଖିବାର ସୌଭାଗ୍ୟ ମୋର କାହିଁ ? ତୁମେ ତ ଆସିବ ବୁର୍ଖା

ପିନ୍ଧି । ଯେଉଁଠି ଆଖି ଦୁଇଟି ବି ଜାଲି ଭିତରେ ଦେଖିବାକୁ ପଡେ । ଜାଣିଛ, କଲେଜ ର ପ୍ରଥମ ଦିନ ତୁମେ ଯେତେବେଳେ ମୋତେ ପେନ ମାଗିଥିଲ, ମୁଁ ସେତେବେଳେ ଏଇ ଆଖି ଦୁଇଟି ହିଁ ଦେଖିବାର ବୃଥା ଚେଷ୍ଟା କରୁଥିଲି । ମନେ ଅଛି ନା ?

– ହଁ ଯେ....

– ତୁମର ସେ ଟଣା ଟଣା ଆଖି ଦୁଇଟି କୁ ଦେଖିଦେଲେ ମୋ ଦିନ ଯାକର ପରିଶ୍ରମ ଲାଘବ ହୋଇ ଯାଏ, ଯେଉଁ ଦିନ ନଦେଖେ ସେଦିନ କାହିଁକି କେଜାଣି ଜମା ଭଲ ଲାଗେନି ।

– ଥାଉ, କଲେଜ ସରିଲା ପରେ କିଏ, କାହାକୁ, କେତେ ଦେଖିବ ଜଣା ପଡିବ ନି....ଦେଖାଯାଉ...

****

କଲେଜ ସରି ଯାଇଥିଲା । ପରେଶ ପାଖରୁ ରଜିଆ ଆସ୍ତେ ଆସ୍ତେ ଦୁରେଇ ଯାଇଥିଲା । ଦୂରତା ବଢିଲେ ପ୍ରେମ ବି ବୋଧେ କମ ହୋଇଯାଏ । କିଛି ଦିନ ଫୋନ, ତା ପରେ ସବୁ ବନ୍ଦ । ପରେଶ ଲାଗିଥିଲା ଚାକିରୀ ଖଣ୍ଡେ ପାଇଁ ଆଉ ରଜିଆ ? ନା.... ପରେଶ ପାଖରେ କିଛି ଖବର ନଥିଲା ତା'ର । ମଝିରେ ମଝିରେ ମନେ ପଡେ ସେ ଆଖି ଦୁଇଟି....ଯାହାକୁ ଭଲ ପାଏ, ତା'ର ବର୍ଣ୍ଣନା କରିବା ବୋଧେ ଅସମ୍ଭବ.... ଚାକିରୀ ପାଇ ଦୂର ସହରକୁ ଚାଲି ଯାଇଥିଲା ପରେଶ । ଆଉ ରଜିଆ ରହିଯାଇଥିଲା ସେହି ସହର ରେ କିନ୍ତୁ କାହା ପାଖରେ ବି ତା'ର କିଛି ଖବର ନଥିଲା ।

ଚାକିରୀ ପାଇ, ବାହାହୋଇ, ଝିଅ ହେଲା ପରେ ଡାକ୍ତର ଯେତେବେଳେ କହିଲେ, ଝିଅର ଆଖି ଖରାପ, ସେ ଦୁନିଆଁକୁ ଦେଖି ପାରିବ ନାହିଁ, ସେତେବେଳେ ଭୟଙ୍କର ଭାବରେ ଆଘାତ ପାଇଥିଲା ପରେଶ । ଦିନେ ଏହି ପରି ଆଖି ଦୁଇଟିର ତ ସେ ପ୍ରେମିକ ଥିଲା ।

ଶେଷରେ ଭଗବାନ ତା ଝିଅ ଠୁ ଆଖି ଛଡେଇ ନେଲେ ? ? ହେ ଭଗବାନ.... ଡାକ୍ତରଙ୍କ ପରାମର୍ଶ ରେ ସେ ଡୋନେଟ କରାଯାଉଥିବା ଆଖି ପାଇଁ ଆପ୍ଲାଇ ବି କରିଥିଲା । ହେଲେ ତା ନମ୍ବର ଆସିବା ପୂର୍ବରୁ ଡାକରା ଆସି ଯାଇଥିଲା ଝିଅ ପାଇଁ ।

****

ଝିଅ ଆଉ ସ୍ତ୍ରୀକୁ ଡାକ୍ତର ଖାନାରୁ ଆଣି ଘରେ ଛାଡ଼ି ସେ ଦୃଢସ୍ତ ବାହାରି ଗଲା ରଜିଆ ଘରକୁ, ପହଞ୍ଚି ଅମ୍ମୀଜାନଙ୍କୁ ପଚାରି ବୁଝିଲା ସବୁ ଘଟଣା । ଅମ୍ମୀଜାନ କହି ଚାଲିଥିଲେ...ହଁ। ବେଟା, ରୋଜ଼ୀ ତୁମକୁ ବହୁତ ଭଲ ପାଉଥିଲା । କଲେଜ ବେଳୁ ଆମେ ଜାଣିଥିଲୁ ଏ କଥା । କଲେଜ ପଢିବା ବେଳେ ହିଁ ତା'ର ଦେହ ଟିକେ ଖରାପ ହେଲା । ଡାକ୍ତର କହିଲେ ଅଜବ ବେମାରୀ, ଭଲ ହେବ ନାହିଁ । ଆଉ ଦଶ ବାର ବର୍ଷ ମାତ୍ର, ବେସି ହେଲେ ପନ୍ଦର ବର୍ଷ ଯାଏଁ ବଞ୍ଚିପାରେ । ତାକୁ ନିଜ ଇଚ୍ଛା ରେ ଛାଡ଼, ସେ ଯାହା କରୁଛି କରୁ, କିଛି କୁହନି । ସେଦିନୁ ତାକୁ ଆମେ କିଛି କହୁ ନଥିଲୁ ।ସେଥିପାଇଁ ଆମେ ତାକୁ ତା ଇଚ୍ଛା ରେ ଛାଡିଥିଲୁ । ସେ ଯାହା ଚାହୁଁଥିଲା କରୁଥିଲା । ତାକୁ ବି ଜଣା ଥିଲା ଯେ, ସେ ମରି ମରି ବଞ୍ଚିଛି ।

ତୁମେ ଯେଉଁଦିନ ତାକୁ ଭଲପାଅ ବୋଲି କହିଲ, ସେଦିନ ସେ ଆସି ମୋତେ ସବୁ କଥା କହି ବହୁତ କାନ୍ଦିଲା । ତୁମକୁ ରୋକ ଠୋକ ମନା କରିଦେଲା ବୋଲି ମୋତେ କହିଲା । ତା ପରେ ଜାଣିଲି ତୁମେ ଦୁଇଜଣ ସାଙ୍ଗ ହେଲ । ତୁମେ ତା'ର ବହୁତ ପ୍ରଶଂସା କର ବୋଲି କୁହେ ମୋତେ । ସେ ତୁମକୁ ଭଲ ପାଇଲେ ବି ଧର୍ମ ଅଲଗା ର ଦ୍ୱାହି ଦେଇ, ଆମେ ମନା କରୁଛୁ ବୋଲି କୁହେ । ହେଲେ ପ୍ରକୃତ କାରଣ ଥିଲା ତା ବେମାରୀ, ଯାହା ତାକୁ କିଛି ବର୍ଷ ମାତ୍ର ବଞ୍ଚିବାକୁ ଦେଲା ।

ଆହୁରି ଜାଣିଛ ? ତୁମ ବାହାଘର ରେ ସେ ଯାଇଥିଲା । ବର କାର ର ବହୁତ

ପଛରେ , ତୁମେ ନ ଦେଖିଲା ଭଳି ମନଖୋଲା ନାଚିଥିଲା ସେଦିନ । ଆମେ ତା ପାଖରେ ଥିଲେ ବି ତାକୁ କେହି ବାରଣ କରି ନଥିଲୁ । ତୁମ ଝିଅ ହେବାର କିଛି ଦିନ ପରେ ସେ ଜାଣିଲା ଯେ ଝିଅ ର ଆଖି ଖରାପ, ସେଦିନ ହିଁ ଯାଇ ନେତ୍ରଦାନ କରିବ ବୋଲି କହି ଆସିଥିଲା, ଆଉ ତା ଆଖି ଦୁଇଟି ତୁମ ଝିଅ କୁ ଦିଆ ଯିବ ବୋଲି କହିଥିଲା ।

ଗତକାଲି ସେ ଆମକୁ ଛାଡି ଚାଲିଗଲା । କହି ଗଲା, "ଅମ୍ମୀ, ତୁ ଜମା ବ୍ୟସ୍ତ ହ ନି...ମୁଁ ଅଛି ଏଇଠି, ଏଇ ସହର ରେ । ସବୁବେଳେ ଦେଖି ପାରିବି ସମସ୍ତଙ୍କୁ । ତୁମ ସୁଖ, ଦୁଃଖ ରେ ଭାଗିଦାର ହେବି । ଖାଲି ପରେଶ କୁ ଏତିକି କହିବୁ ମୋତେ ଭୁଲ ବୁଝିବେନି" ।

****

ପରେଶର ଆଉ କିଛି ପଚାରିବାର ନଥିଲା, ନା ଆଉ କିଛି ବାକି ଥିଲା କହିବାକୁ । ଆଖିରୁ ଲୁହ ପୋଛିସେ ବାହାରି ଯାଉଥିଲା ଡାକ୍ତରଖାନା ଆଡେ, ନିଜ ଆଖି ଦୁଇଟିକୁ ଡୋନେଟ କରିବା ଲାଗି....

କେଉଁଠି ଗୋଟେ ଜାଗାରେ ପଢ଼ିଥିବାର ତା'ର ମନେ ପଡୁଥିଲା...

ନିଜର ଦେହାନ୍ତ ପରେ ବି

- ଯଦି ଆପଣ ବଞ୍ଚିବାକୁ ଚାହୁଁଛନ୍ତି,

- ନିଜ ଲୋକଙ୍କୁ ସବୁବେଳେ ଦେଖିବାକୁ ଚାହୁଁଛନ୍ତି,

- ଏ ସୁନ୍ଦର ଦୁନିଆଁ କୁ ଜୀବନ କାଳ ଭିତରେ ଭଲରେ ଦେଖି ପାରି ନାହାନ୍ତି, କିମ୍ବା ଆଉ କିଛିଦିନ ଦେଖିବାକୁ ଚାହୁଁଛନ୍ତି,

- ଯେଉଁ ଜାଗାକୁ ଆପଣ ଯାଇ ପାରିନାହାନ୍ତି କିମ୍ବା ଦେଖି ପାରି ନାହାନ୍ତି, ସେପରି ଜାଗା ସବୁ ଦେଖିବାକୁ ଚାହୁଁଛନ୍ତି

ତେବେ ନେତ୍ରଦାନ କରନ୍ତୁ, ଅନ୍ୟ କାହା ଦ୍ୱାରା ଏହା ସବୁ ସମ୍ଭବ ।

ଆଉ ଜଣଙ୍କୁ, ଏ ସୁନ୍ଦର ଦୁନିଆଁ କୁ ଉପଭୋଗ କରିବାକୁ ଦିଅନ୍ତୁ, ଏ ସୁନ୍ଦର ପ୍ରକୃତି କୁ ଦେଖିବାକୁ ଦିଅନ୍ତୁ ।

ପଢନ୍ତୁ, ମଜା ନିଅନ୍ତୁ ଓ ମତାମତ ଦିଅନ୍ତୁ.... ଜୟ୍ ଜଗନ୍ନାଥ । ଧନ୍ୟବାଦ...

ସୁବଳ ମହାପାତ୍ର

ଖଲାରୀ, ଅନୁଗୁଳ, ଓଡିଶା

ଫୋନ-(୦)୯୩୭୬୦୧୨୫୦୦

ଇମେଲ - subal.mohapatra@gmail.com

ଭଡ଼ା ଘର

[ଏକ]

ଅଧାରାତି ହେଇଥାଏ, କାହିଁକି କେଜାଣି ପ୍ରବଳ ଶୋଷ ଲାଗିଲା, ଶୋଷରେ ପାଟି ଶୁଖି ଯାଉଥାଏ । ପାଖରେ ଥିବା ପାଣି ବୋତଲକୁ ନେଇ ଶେଷ ବୁନ୍ଦା ଯାଏଁ ଢକ ଢକ କରି ପିଇଗଲି, ଯେମିତି କେଉଁ କାଳୁ ପାଣି ପିଇ ନ ଥିଲି । ପାଣି ପିଇବା ଦ୍ୱାରା ନିଦ ଭାଙ୍ଗିଗଲା । ବାଥରୁମ ଆଡ଼କୁ ଗଲି ଭେଣ୍ଟିଲେସନ ଦେଇ ରାତିର ଅନ୍ଧକାର ମାପି ହେଉଥାଏ । ଝିଇଁ ଝିଇଁ ଶବ୍ଦରେ ନିଶା ଗରଜୁ ଥାଏ । ବାଥରୁମ ଆଡୁ କିଛି ଶବ୍ଦ ହେଉଥିଲା, କାନେଇଲେ ବି ଜାଣି ପାରୁ ନ ଥିଲି କଣ ସେ ଶବ୍ଦ ବାସ୍ କେମିତି ଗୋଟେ ଭୟ ଲାଗୁଥିଲା ।

ଶୋଇବା ରୁମ ଆଡ଼କୁ ଆସିଲା ବେଳକୁ ଲାଗିଲା, କେହି ଜଣେ ମୋ ପଛରେ ଆସୁଛି ଯେମିତି ତା ହାତ ମୋ ବେକ ଆଡକୁ ଲମ୍ବୁଛି, ମୁହୂର୍ତ୍ତକ ମଧ୍ୟରେ ଅଣନିଶ୍ୱାସୀ ଲାଗିଲା, ଛାତିର ସ୍ପନ୍ଦନ ବଢ଼ି ଯାଉଥାଏ । ଯେମିତି ଦୌଡ଼ ରେସରେ ଭାଗ ନେଇ ଫେରୁଛି । ଗୋଟେ ନିଶ୍ୱାସରେ ରୁମ ଭିତରକୁ ପଶିଗଲି । ରୁମର ଦୁଆର ଡାହାଣ ପଟକୁ ସ୍ୱିଚ ବୋର୍ଡ, ସିଧା ଟିପି ହେଇଗଲା ଦି, ତିନୋଟି ସ୍ୱିଚ ରୁମଟି ଅଲୋକମୟ ହୋଇ ଉଠିଲା, ଚାହିଁଲି ପଛକୁ.. ନା ତ କେହି ନୁହେଁ ....

ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ

ଓଃ ଅଟକି ଯାଇଥିବା ନିଶ୍ୱାସ ଚାଲିଲା । ଦୀର୍ଘ ନିଶ୍ୱାସଟିଏ ସଁ ସଁ

ଶବ୍ଦ କରୁଥିଲା, ଛାତି ତଳ ଉପର ହେଉଥିଲା । ବେଡ଼ରୁମର ବାମ ପଟକୁ ଡ୍ରେସିଂ ଟେବୁଲ ଥୁଆ ହେଇଛି, ଏଇ ରାତି ଅଧରେ କାହିଁକି କେଜାଣି ଦର୍ପଣ ଦେଖିବାକୁ ଇଚ୍ଛା ହେଲା, ମୁହଁ ଦେଖୁଥିଲି ନିରେଖି ନିରେଖି ମାନେ ନିଜକୁ ଅନ୍ୱେଷଣ କରୁଥିଲି । ହଟାତ କେହି ଜଣେ ଦିଶିଲା, ଏତେ ସ୍ପଷ୍ଟ ନ ଦିଶିଲେ ବି କିଛି ଦେଖିଲି ନିଶ୍ଚୟ । ଆଶ୍ଚର୍ଯ୍ୟ ମୋ ଛଡା ଆଉ କିଏ ଅଛି ଏଠି ? ଚାରି ଆଡକୁ ଅନେଇଲି ପୁଣି ଦର୍ପଣ ଦେଖେ ତ ଏକ ଭୟଙ୍କର ଛବି ଦର୍ପଣରେ ଦେଖାଗଲା । ତା ଦାନ୍ତ, ଆଖି ମୁହଁ ଓ କି କଦର୍ଯ୍ୟ ଦେଖିଚି କି ନା ଚିତ୍କାର କଲି ଆଉ ଟଳି ପଡିଲି ଭୂଇଁ ଉପରେ ।

ଝିଅ.. ଝିଅ.. କବାଟ କାଡ଼ ମା..

ଠକ ଠକ.. ଝିଅ.. ଏ ଝିଅ, ପୁଣି ଠକ ଠକ ଏଥର ଜୋର ଶବ୍ଦରେ ନିଦ ଭାଙ୍ଗିଲା । ଆସୁଛି କହି କବାଟ ପାଖକୁ ଯାଉ ଯାଉ ଘଣ୍ଟା ଉପରେ ନଜର ପଡିଲା ସମୟ ସେତେବେଳେ ସାଢ଼େ ଆଠ, ହେ ଭଗବାନ ଏତେ ଡେରି ହେଲାଣି ମନକୁ ମନ କହିଲି ।

କବାଟ ଖୋଲୁ ଖୋଲୁ ମାଉସୀ କହିଲେ କି ମା ଏତେ ସମୟ ଶୋଇଲ ଯେ ଦେହ ଭଲ ନାହିଁ କି ? ନିଅ କ୍ଷୀର ନିଅ କେତେବେଳୁ କ୍ଷୀର ଆଣିଲାଣି ମୁଁ ରଖି ଦେଇଥିଲି ।

ହଉ, ଟିକେ ମୁଣ୍ଡ ବଥାଉଛି ତ ଶୋଇ ପଡିଥିଲି କହି, ନିତ୍ୟକର୍ମ ସାରିବାକୁ ଲାଗିଲି । କାଳେ ଅଫିସ ଲେଟ ହେଇଯିବ, ସେଥିପାଇଁ ଆଉ ରୋଷେଇ କରିନି । ତେବେ ରାତିର ସ୍ୱପ୍ନ ମନେ ପଡି ଯାଉଥାଏ, ଏମିତି ଭୟଙ୍କର ସ୍ୱପ୍ନ ବାପ୍ ରେ ଏକଦମ୍ ସତ ସତିକା ଲାଗୁଥିଲା ।

[ଦୁଇ]

ଅଫିସରୁ ଫେରୁ ଫେରୁ ଦେଖିଲି ଲୀନାର କେତେ ଗୁଡିଏ ମିସ କଲ ।

ଆଜି ସେ ମୋତେ କଞ୍ଚା ଖାଇଯିବ । ତେବେ ଫୋନ ଯେ ଛାଡି ଦେଇଥିଲି ଜାଣିଥିବ ନିଶ୍ଚିତ । ତା'ଠୁ ଢେର ଗାଳି ଖାଇବାର ସୁଯୋଗ ବି ଏଡେଇ ପାରିନି ନାଇଟ ଡ୍ରେସଟେ ପିନ୍ଧୁ

 Magazine Downloaded from www.aahwaan.com

ପିନ୍ଧୁ ଲୀନାକୁ କଲ୍ କଲି .. ହ୍ୟାଲୋ

:କୋଉଠି ଫୋନ ଫିଙ୍ଗି ଦେଇଥିଲୁ ନା କଣ ? ଫୋନ ରିସିଭ କରିବା ମାତ୍ରେ କହିଲା ।

: ହା ହା ଫୋନ ଫିଙ୍ଗିବି କାହିଁକି ଯେ ,ନେଇ ନଥିଲି ଭୁଲି ଗଲି ପରା ।

:ଆଚ୍ଛା ଘର ଖୋଜିଲୁ କି ନା .. ? ? କେମିତି ସେ ଘରେ ଅଛୁ କେଜାଣି ତୋ'ଠୁ ସବୁ ଶୁଣିଲାଠୁ ମୋତେ ଡର ଲାଗିଲାଣି ।

: ଖୋଜିଛି, ତେବେ ସେ ମାଲିକ ମାସେ ପରେ ଦେବ, ଘରର କିଛି ରିପାଇର ଅଛି କହୁଥିଲା, ତୁ ତ ଜାଣୁ ମୁଁ କେତେ ଏକା ଏଠି, ଘର ଖୋଜିବି ବା କେମିତି ।

:ତୋତେ ଆଉ ଘର ନ ମିଳି ମିଳିଲା ସେଇ ଭୁତ କୋଠି ନା ? କେତେ ଦିନୁ କହୁଛି ଘର ଚେଞ୍ଜ କର ,ତୁ ଶୁଣୁଛୁ କି ?ସେ ଭୁତ କି ପିଶାଚ ଖାଇଲା ଯାଏଁ ସେ ଘରେ ହିଁ ଥା ।ମୁଁ ଜାଣିଥିଲି ସେ ରାଗିଲେ କଣ ନାଇ କଣ କହେ ତେଣୁ ମୁଁ ଟିକେ ଚୁପ ରହିଲି ।

ଜାଣେ ମୋ ଚୁପି ତାକୁ ଭଲ ଲାଗିବନି, ମୋ ଚୁପିକୁ କାଟିବା ପାଇଁ କହିଲା, ମିନି ଛୁଟି ନେଇ ଚାଲି ଆ, ମୋ ସୁନାଟା ପରା, ମା'ର ପକ୍ଷପାତ ରୋଗ ମୋତେ ଏକ ପ୍ରକାର ବାନ୍ଧି ଦେଇଛି । ନଚେତ ମୁଁ କଣ ଏଠି ଥା'ନ୍ତି, ଶୁଣିଲା ଦିନୁ ମୁଁ ତୋ ପାଖକୁ ଚାଲି ଆସନ୍ତିନି ?

: ତୁ ମାଉସୀର ଠିକ ଭାବେ ଦେଖାଶୁଣା କରେ । ମୁଁ ବଡ଼ବାବୁଙ୍କୁ କହିଛି ଛୁଟି ପାଇଁ, ଛୁଟି ଦେଲେ ଆସିବି ହେଲା..

ଫୋନ ରଖିବା ପୂର୍ବରୁ ଲୀନାର ଗୋଟିଏ ଅନୁରୋଧ ଥିଲା, ଯେକୌଣସି ମୋତେ ଛୁଟି ନେଇ, ତା ପାଖକୁ ଯିବି । ସେ ସବୁ ବେଳେ ସେମିତି ଟିକେ କଣ ହେଲେ ଧୈର୍ଯ୍ୟ ଦେବ ସିନା ଡରେଇଦେବ ଅଧିକ । ଯେତିକି ଡରେଇବ ନିଜେ ତା'ଠୁ କାହିଁ ଅଧିକ ଡରିଥିବ ।

ତେବେ ମୋତେ ଭଲ ଲାଗେ । ମୁଁ ଅନୁଭବ କରେ ତା ବନ୍ଧୁତ୍ୱ ଭିତରେ ଭରି ରହିଥିବା ଆତ୍ମୀୟତା । ପ୍ରକୃତରେ କୋଟିଏ ଲୋକ ଭିତରେ ଗୋଟିଏ କେବଳ ଗୋଟିଏ ବି ଭଲ ସାଙ୍ଗ

ମିଳିଯାଏ ନା, ତେବେ ସେ ନିଶ୍ଚିତ ଭାଗ୍ୟବାନ, ଦୁଃଖ ଶୋକ ବି ପାଖତଡ ଆସିବାକୁ ଡରିବ । ତେବେ ସେମିତି ସାଙ୍ଗ ମିଳିବା ସହଜ କେଉଁଠି ଯେ ?

[ତିନି]

ଅଫିସରୁ ଫେରୁ ଫେରୁ ସନ୍ଧ୍ୟା ୬ଅଟା ବାଜି ଯାଇଥିଲା । ଗୋଡ଼ ହାତ ଧୋଇ ଧିରେ ରୋଷେଇ ଘରେ ପଶିଲି, ଖୁବ ଏକୁଟିଆ ଏକୁଟିଆ ଲାଗୁଥିଲା, ଏ ଘରେ ପଶିଲେ କେମିତି କେଜାଣି ଖାଁ ଖାଁ ଲାଗେ । ଏ ଘର ରାହିବାକୁ କାହିଁକି ରାଜି ହେଲି ଜାଣିପାରୁ ନଥିଲି, ଗୋଟେ ବିଚିତ୍ର ରହସ୍ୟମୟ ଘର ପରି ଲାଗୁଥାଏ । ବେଳେବେଳେ ଲାଗେ ମୋ ବ୍ୟତିରେକ ଆଉ କେହି ଏଠି ଅଛି । ତେଣୁ ମନ କିଛି ଭଲ ଲାଗୁ ନଥାଏ । ତଥାପି ନିଜକୁ ବୁଝାଇ ରହିବାକୁ ପଡୁଥିଲା, ଆଜିକାଲି କି ଗାଁ କି ସହର ସହଜରେ ଭଡା ଘର ମିଳେନି, ଭଲ ଘରଟିଏ ମିଳିବା କାଠିକର ପାଠ, ତା'ଛଡ଼ା ଘର ଖୋଜିବା ଲୋକ ବି ତ ଥିବାର ଅଛି । ଆଉ ଘର ସବୁ ଏତେ ଚଢ଼ାଦର ଯେ, ଭଡ଼ା ଘର ନେଇ ଚଳିବା ମୁସ୍କିଲ । ଯେମିତି ହେଉ ହଟାତ କମ ଦରରେ ଘର ମିଳିଲା ସେ ବଡ଼ କଥା ଭାବି ଖୁସିରେ ରହିଗଲି । ତେବେ ଏତେ ଭୟ କେବେ ଅନୁଭବ କରି ନ ଥିଲି, ଯାହା ଏ ଘରେ ଅନୁଭବ କରୁଥିଲି ।

ମୋର ପିଲାଦିନୁ ଚା ଟିକେ ଅଭ୍ୟାସ ହେଇଯାଇଥିଲା, ବାପା ଚା ପିଉଥିଲେ ତ ଟିକେ ଖୁସିରେ ଦେଇ ଦିଅନ୍ତି ସେମିତିରେ ଅଭ୍ୟାସ ହେଇଯାଇଛି । ତ ଏକୁଟିଆ ହେଲେ ବି ଚା ଟିକେ କରି ପିଏ । ଚା କରୁ କରୁ ଲାଗିଲା ଗ୍ୟାସ ଲିକ ହେଉଛି.. ଝରକା ଖୋଲିବାକୁ ଲାଗିଛି ମୋ ଉପରେ କିଛି ପଡିଲା, ଚିଲେଇଲି ଖୁବ.. ପଛକୁ ଯାଇ ଦେଖେ ତ, ଝିଟିପିଟି ଭୟରେ ଚିଲେଇଲି ଖାଲି । ମୋ ପାଟି ଶୁଣି ମାଉସୀ (ଘର ମାଲିକାଣି)ପାଖକୁ ଆସି ଯାଇଥିଲେ ।

କଣ ହେଲା ଝିଅ ?

: ଏ ଝିଟିପିଟି ଡେଇଁ ପଡିଲା ତ ଡର ଲାଗିଲା ।

: ଓଃ ତମେ ବେଶୀ ଡ଼ରୁଛ ମା,ଏତେ ଡ଼ରିବାର ନାହିଁ ।

: ହୁଁ କହି ମୁଣ୍ଡ ଲାଡିଲି ।

ମାଉସୀ ଯାଉ ଯାଉ କହିଲେ ପବନ ଟିକେ ଆସୁ ସବୁବେଳେ ଝରକା, କବାଟ ବନ୍ଦ କରି ଦେଉଛ । ମଝିରେ ମଝିରେ ଖୋଲ ମାତ୍ର ଶୋଇଲାବେଳେ ମନେ ପକାଇ ବନ୍ଦ କରିଦେବ ।

:ହୁଁ କହି କବାଟ ଝରକା ଖୋଲିଲି । ଚା ପିଇ ପିଇ ବାହାର ବାରଣ୍ଡାରେ ବୁଲି ବୁଲି ଆକାଶକୁ ଅନେଇ ବସିଲି । ମିଞ୍ଜି ମିଞ୍ଜି ତାରାକୁ ନେଇ ଆକାଶଟା ଖୁବ ଆକର୍ଷଣୀୟ ଲାଗୁଥିଲା । ତାରାଙ୍କୁ ଦେଖିଲେ ମୋ ମାଆ, ବାପା କାହିଁକି କେଜାଣି ମନେ ପଡ଼ନ୍ତି । ଆଜି ବାପା ମା ନାହାନ୍ତି, କାର ଏକ୍ସିଡେଣ୍ଟରେ ଚାଲିଗଲେ ଯେ ଗଲେ ସେଇ ଦୂର ଆକାଶକୁ ଯେଉଁଠି ଗଲେ ଆଉ ଫେରନ୍ତିନି କେହି । ଏ ଖୋଲା ଆକାଶ ଓ ସେଥିରେ ତାରା ସବୁ ଦେଖିଲେ ମନ କହେ ଏତେ ତାରା ଭିତରେ ମୋ ବାପା, ମାଆ ତାରା କୋଉଟା ? ମା କଥା ମନେ ପଡିଲେ ଉଦାସ ହେଇ ଯାଏ ମନ । ମୁଁ ଉଦାସ ହେଲେ ଆକାଶରୁ ତାରା ଛିଣ୍ଡି କେତେ ଦୂର ଖସି ଆସେ, ଶୁଣିଛି ଏ ସମୟରେ ମନସ୍କାମନା କଲେ ପୂର୍ଣ ହୁଏ, ତେବେ ମୁଁ କିଛି ମାଗି ପାରେନା, ଯିଏ ନ ମାଗୁଣୁ ନ କହୁଣୁ ବୁଝିଯାଉଥିଲା ମନ ଗହନର ଅତଳ କଥା ସେ ତ ଯାଇଛି ଆକାଶର ତାରା ହୋଇ, ମୋ ଆଖିରେ ଲୁହ ଦେଇ, ଆଉ କାହାକୁ କଣ ମାଗିବି ??

[ଚାରି]

ବାପା, ମା'ଙ୍କ ମୃତ୍ୟୁ ପରେ ମୋ ଦାଦା, ଖୁଡି ଖାଲି ସମ୍ପତ୍ତି ପଛରେ ପଡିଲେ, ଘର ଯାବତୀୟ କାମ ମୋତେ ଦିଅନ୍ତି, ଖୁଡିଙ୍କୁ ଖୁସି କରିବା ପାଇଁ ମୁଁ ସବୁ କାମ କରିଦିଏ ତେବେ ଖୁଡ଼ି ମୁଁ କରିବା କାମ କଥା କେବେ କୁହନ୍ତିନି, ମୋର କୌଣସି କାମରେ ଖୁସି ହୁଅନ୍ତିନି,

 Magazine Downloaded from www.aahwaan.com

ଲୋକ ଆଗରେ ଟିକେ ଆଦର କରିଦିଅନ୍ତି, ବେଶୀ ରାଗ ଯେବଠୁ ଜାଣିଲେ ବାପା ମା' ଦି ବର୍ଷ ତଳେ ସବୁ ସମ୍ପତ୍ତି ମୋ ନାମରେ କରିଦେଇଛନ୍ତି ଆଉ ଖୁଡି ମୋତେ ମାଗି ପାରୁ ନଥିଲେ ।ବୋଧ ହୁଏ ମାଗିଥାନ୍ତେ ଯଦି ମୋ ସହ ଖରାପ ବ୍ୟବହାର କରି ନଥାନ୍ତେ, ଏବେ ମୋର ଚାକିରୀ ବି ହେଇଗଲା, ମୋତେ ଚାକରାଣୀ କରି ରଖିବାର ସ୍ୱପ୍ନ ବି ମଉଳି ଗଲା, ଛଡେଇ ଦେଇଥିବା କାମବାଲି ବିଭା ହେଇ ଚାଲିଗଲାଣି ଶାଶୂଘର । ଆଉ ଆଜିକାଲି ଲୋକ ସବୁ ପଇସା ପଛରେ ଧାଇଁଲେଣି, ଏମିତି କାହା ଘରେ କାମ କରିବାକୁ ମଙ୍ଗୁନାହାନ୍ତି । ତଥାପି ଦିନେ ଖୁଡି କହିଲେ ଏକୁଟିଆ ଲୋକ କୋଉଠି ରହିବ କେମିତି କରିବ, ତମର କଣ ଅଭାବ ଅଛି ଯେ କାହିଁ ଜୟପୁର କାହିଁ ଗୁଣୁପୁର ଭଲା ଏତେଦୂର ଯାଇ କି ଚାକିରୀ ? ମୁଁ କିନ୍ତୁ ସିଧାସିଧା କହିଥିଲି ଚାକିରୀ ତ କରିବି, ମୋ ବାପାମାଆଙ୍କ ଇଚ୍ଛା ଥିଲା, ତାଙ୍କ ଆଶୀର୍ବାଦରୁ ହିଁ ମିଳିଛି, ଶହଶହ ପିଲା ଭିତରେ ସିଲେକ୍ଟ ହେବା ସହଜ ନୁହଁ । ତେଣୁ ନିର୍ଦ୍ଧାରିତ ତାରିଖରେ ମୁଁ ଚାକିରୀରେ ଜଏନ କରିବି ।

ବେଳେବେଳେ ମୋତେ ମାଆ ବେଶୀ ବେଶୀ ମନେ ପଡେ, ମାଆ ଥିଲା ବେଳେ କେତେ ଗେଲବସରରେ ମୁଁ ଥିଲି । ମୋର ଏବେବି ମନେ ଅଛି ମାଆ ମୋତେ ସିଝା ଆଳୁର ଚୋପା ବି କାଢ଼ିବାକୁ ଦେଇନି, ଯେମିତି ମୁଁ ତା ରାଇଜର ରାଜକୁମାରୀ, ରାଜଦୁଲାରୀ, ସତରେ ମାଆ ପରି କିଏ ହେଇ ପାରିନି କି ହେଇ ପାରିବେନି । ଏସବୁ ମନେ ପଡିଲେ ଆଖିରୁ ଲୁହ ଝରେ ମନ ଓଦା ଓଦା ହୁଏ । ଖୁବ ଏକଲା ଲାଗେ । ମାଆ କଥା ଭାବୁ ଭାବୁ କେତେବେଳେ ରାତି ନଅ ବାଜିଗଲା ଜାଣି ହେଲାନି । ବାରଣ୍ଡାରୁ ଉଠି ରୋଷେଇ ରୁମ ଆଡ଼କୁ ଗଲି । ଭୋକ ନ ଥିଲା ତଥାପି କିଛି ଖାଇବାକୁ ହେବ, ମାଆ କହିଥିଲେ ଖାଲି ପେଟରେ ଶୋଇଲେ ଦୁସ୍ୱପ୍ନ ସବୁ ଆସିବ । ତେଣୁ ଇଚ୍ଛା ନ ଥିଲେ ବି କିଛି ଖାଇକି ହିଁ ଶୁଏ ଆଉ ବେଳେବେଳେ ଠକ ହେଇଯାଏ, କିଛି ନଖାଇ ବି ଶୋଇପଡେ ।

 Magazine Downloaded from www.aahwaan.com

ତେଣୁ ରୋଷେଇ କରିବି ଭାବି ରୋଷେଇ ଘରେ ପରିବା ଡାଲାକୁ ଦେଖିଲି ଯେ କେତେ ପରିବା ମୂଷା ଖାଇ ଯାଇଛି, ଆଉ କିଛି ଗଜା ହେଲାଣି ଆଉ କିଛି ପଚି ଯାଇଛି, ଆଜିକାଲି ପରିବା ସବୁ ଜଲଦି ଖରାପ ହେଉଛି, ସବୁ ତ ସାର ଦିଆ ଆଜି ଆଣିଲେ କାଲି ପଚି ଯାଉଛି । ଆଉ ଏ ତ ସାତ, ଆଠ ଦିନ ତଳର ପରିବା । ଆଉ ରୋଷେଇ କଲିନି, ଜାଣେ ଏ ସୁଖା ପରିବାକୁ ତେଲ, ଲୁଣ, ମସଲା ଦେଇ ସୁଆଦିଆ କରିହେବନି । ଅଗତ୍ୟା ହୋର୍ଲିକ୍ସ ପିଇ ଶୋଇବାକୁ ଗଲି । ଶୋଇବା ରୁମ ଆଡ଼କୁ ଯାଉଛି ଲାଗିଲା-କେହି ଜଣେ ମୋ ପଛରେ ଅଛି ଅଳ୍ପକେ ଘଷି ହେଇଯିବ ଯେମିତି, ଚମକି ପଡିଲି, ଡ଼ରିଲି ବି, ବୁଲି ପଡି ଦେଖେ ତ କେହି ନାହିଁ, ଠିକ ସେତିକିବେଳେ କରେଣ୍ଟ ପଳେଇଲା ମୋ ଡରକୁ ଦ୍ୱିଗୁଣିତ କରି ଦେଇ । ମୁଁ ଅନ୍ଧାରକୁ ବେଶି ବେଶି ଡରେ । ଏଥର ମୁଁ ଏକା ନିଶ୍ୱାସରେ ଶୋଇବା ରୁମକୁ ଗଲି, ନୀତି ଦିନିଆ କରେଣ୍ଟ କଟ ଦ୍ୱାରା ମୁଁ ଜାଣି ପାରିଥିଲି ରୋଷେଇ ରୁମର କେତେ ଦୂରରେ ଅନ୍ୟ ରୁମ ସବୁ ଅଛି ବା ଅନ୍ୟ ରୁମ ସବୁ କେତେ କେତେ ଦୂରରେ ଅଛି ।

[ପାଞ୍ଚ]

ଶୋଇବାକୁ ଯାଉଛି ମନେ ପଡ଼ିଲା କବାଟ ଝରକା ବନ୍ଦ କରିଛି ତ ? ଠିକ ଏତିକି ବେଳେ ରୋଷେଇ ଘରୁ ଖୁବ ବେଶୀ ଶବ୍ଦ ହେଲା । ଡନ ଢାନ, ଠନ ଠାନ ଶବ୍ଦ ତେବେ ଅନ୍ଧାରରେ ଖଟରୁ ଉଠି ଯିବାକୁ ଡର ଲାଗିଲା ଚୁପ ହେଇ ଭାବୁଛି କିଏ ହେଇଥିବ, କିଏ ଅଛିକି ସେ ରୁମରେ, କିଏ ଥିଲା ପରି ତ ଲାଗୁଥିଲା । ଅନ୍ଧାରରେ ଟେବୁଲ ଉପରୁ ଅଣ୍ଡାଳି ଅଣ୍ଡାଳି କେଣ୍ଡଲ ମାଚିସ ପାଇଲି । କେଣ୍ଡଲ ଜାଳି ଡରି ଡରି ଯାଇ ଦେଖେ ତ କେହି ନାହଁ କିନ୍ତୁ ଝରକା ଖୋଲା ଅଛି ଝରକା ସେ ପାଖେ କଳା ମିଟ ମିଟ ଅନ୍ଧାର, ଲାଗୁଛି ଏ ମୁଣ୍ଡରୁ ସେ ମୁଣ୍ଡ ଯାଏଁ ବ୍ରହ୍ମରାକ୍ଷସଟେ କାୟା ବିସ୍ତାର କରିଛି, ଆଉ ପାରିଲିନି ସେ ଅନ୍ଧାରକୁ ଅନେଇ, ଯଥାଶୀଘ୍ର ଢକ କରି ବନ୍ଦ କଲି ଝରକା । ଲମ୍ବ ଲମ୍ବ ପାହୁଣ୍ଡ ପକେଇ ଚାଲିଲି ... ଚାଲିଲି ନା

ଏକ ପ୍ରକାର ଦୌଡ଼ିଲି ଶୋଇବା ଘରକୁ ।

ଏକା ରହିବା ସତରେ କେତେ ଯନ୍ତ୍ରଣା ଦାୟକ ଏହା ରାତି ହେଲେ, ଅନ୍ଧାର ମାଡ଼ି ବସିଲେ ଜଣା ପଡେ.. ପିଲାରୁ ଶୁଣିଥିବା, ଦେଖିଥିବା, ଡରିଥିବା ଭୟାନକ କଥା ଓ ଘଟଣା ଗୋଟି ଗୋଟି ମନେ ପଡେ, ଆଉ ଏମିତିରେ ଏ ଘରେ ଯେମିତି ହେଉଛି ରୋଟି କରି ଦି'ଟା ଖାଇ ଦି'ଟା ରଖିଥିବି ହେଲେ ସେ ଗାୟବ ହେଇ ଯାଇଥିବ । ଘର ମାଲିକକୁ କହିଲେ କହିବ ମୂଷା ନେଇଥିବ । ବେଳେବେଳେ କେମିତି ଗନ୍ଧ ହେବ, କହିଲେ କହିବ ମୂଷା ମରିଥିବା । ତେବେ, ମୂଷା କ'ଣ ଗରମ ଚା ବି ପିଏ ?

ସେଦିନ ସନ୍ଧ୍ୟାରେ ଚା ପିଇବି କହି କପରେ ରଖିଥିଲି ଘରଭଡା ମାଗିଥି ମଉସା (ଘର ମାଲିକ) ବୋଲି ଦେଇ କି ଆସୁ ଆସୁ ଚା ଗାୟବ । କାହାକୁ କହିବି, କହିଲେ କହିବ ଏମିତି ଡରନା କି ଡରାଅନା ହେଲା । ତମେ ଗଲେ ଆଉ କିଏ ଆମ ଘରେ ରହିବେନି । କି ବିଚିତ୍ର ଲୋକ ମୁଁ କାହିଁ ଡ଼ରେଇବି ଖୋଦ ମୁଁ ଡରୁଛି.. ଏମିତି ସବୁଦିନ ହେଲେ ତ ଗଲା ପୁଟୁ ଫୁଟୁ ହେଉଥିବ ପ୍ରାଣ, କିଏ ସେ ଜଗିଛି ନେଇଯିବ ସତେ ଏ ଜୀବନ । ଏମିତି କେତେ କଣ ଏପଟ ସେପଟ କଥା ମନକୁ ଆସୁଥିଲା ।

[ଛଅ]

ତଥାପି କଷ୍ଟେ ମଷ୍ଟେ ଶୋଇବାକୁ ଚେଷ୍ଟା କରୁଥିଲି ହଟାତ ଏମିତି ଗୋଟିଏ ଦୁର୍ଗନ୍ଧ ମାଡ଼ି ଆସିଲା ଯେ, ଲାଗିଲା ମୁଁ ଘରେ ନୁହେଁ କେଉଁ ଅବର୍ଜଆ ନାଳିଆ ପାଖେ ଅଛି, ମନେ ମନେ ଭାବିଲି ପଚା ପରିବା ଗନ୍ଧ ? ନା ନା ଏତେ ବି ତ ପଚିନି... ହେଲେ ଏ କିମିତିଆ ଗନ୍ଧ.. ଓଃ ଅଣନିଶ୍ୱାସୀ ଲାଗୁଥିଲା ବହୁ କଷ୍ଟରେ ରାତିଟା କଟିଲା, ଟିକିଏ ଶବ୍ଦରେ ଛାତି ଥରୁଥିଲା । ଆଖିରେ ନିଦ ତ ନ ଥିଲା, ଥିଲା ଅପେକ୍ଷା ନୂଆ ସକାଳର ।

ସକାଳୁ ଉଠୁ ଉଠୁ ମୁହଁ ଧୋଇଲି, ବାହାରକୁ ବାହାରି ଦେଖିଲି ମାଉସୀ ଫୁଲ

ତୋଳୁଛନ୍ତି । ଗତକାଲି ରାତିର ସବୁ କଥା କହିଲି ।

:ମାଉସୀ ସବୁ ଶୁଣିଲେ ଓଃ କିମିତି ଏମିତି ହେଲା ମା, ମୋତେ ତମଠୁ ଶୁଣିକି ଆଶ୍ଚର୍ଯ୍ୟ ଲାଗୁଛି । ଏମିତି ଡରିବା ପରି କିଛି ଘଟଣା ଘରେ ଆଗରୁ କେବେ ହେଇନି, ମାଉସୀ ଆଉ କିଛି କହିବା ଆଗରୁ ମଉସା କହିଲେ ତମେ ବେଶି ଡ଼ରୁଛ ମାଆ, ସସପେନ୍ସ ସିନେମା ବେଶି ଦେଖୁଥିବ, ନ ହେଲେ ଗପ ପଢୁଥିବ ହା ହା ହା... କିଏ ନାହିଁ ସେ ଘରେ ମା ତୁଚ୍ଛାଟାରେ ତମେ ଡ଼ରୁଛ ।

:ତମେ ତୁନି ପଡ଼.. ତାଙ୍କେ ଟେନ୍ସନ ଥିଲାବେଳେ ତମେ ଏମିତି କହିବ କି ? ତମେ ରୁମକୁ ଯାଇ ଥାଅ ମାଆ, ମୁଁ ଆସୁଛି ଦେଖିବା କଣ ହେଇଛି ।

ମଉସା ମାଉସୀ କଣ ବୋଲା ବୋଲି ହେଉଥିଲେ ମୁଁ ଫେରିଲି ରୁମକୁ, ମୋ କଥାକୁ ବିଶ୍ୱାସ କରୁ ନ ଥିଲେ ସେ ରାଗ ଓ ବିରକ୍ତିରେ ।

ଅଫିସରେ ବସି କାମ କରୁଥିଲି, କିନ୍ତୁ ମଝିରେ ମଝିରେ ମଉସାଙ୍କ କଥା ମୁଣ୍ଡ ଖାଉଥିଲା, କହୁଥିଲା କଣ ନା ମୁଁ ବେଶି ସସପେନ୍ସ ଫିଲ୍ମ ଦେଖୁଥିବି, ନଚେତ ଗପବହି ବେଶି ପଢୁଥିବି । ରାସକେଲ ଇଚ୍ଛା ହେଉଥିଲା ଶଃ..ର ଦାନ୍ତ ଭାଙ୍ଗି ଦେବାକୁ, ନିଉଜ ଟିକେ ଦେଖିବାକୁ ସମୟ ନାହିଁ, ଆଉ ଯଦିବା ସମୟ ଥିବ କରେଣ୍ଟ ନ ଥିବ କହୁଛି କଣ ନା ମୁଁ ବେଶି ଗପବହି ପଢୁଥିବି.... ଶଃ.. ଇଚ୍ଛା ହେଉ ଥିଲା ଏଇ କ୍ଷଣି ଘର ଛାଡ଼ି ଦେବାକୁ, ତେବେ କିଂକର୍ତ୍ତବ୍ୟବିମୁଢ଼, ନିଜକୁ ନିଜେ କହିଲି କଣ୍ଟ୍ରୋଲ କଣ୍ଟ୍ରୋଲ ।

[ସାତ]

ଅଫିସରୁ ଯେ ଯା ଘରକୁ ଫେରିବାର ସମୟ ଆସିଗଲା । ସମସ୍ତେ ନିଜ ନିଜ ଚେୟାରରୁ ଉଠିଲେ । ଇଚ୍ଛା ହେଉ ନଥିଲେ ବି ମୋତେ ଫେରିବାକୁ ପଡିବ ସେଇ ଭୁତ କୋଠିକୁ । ପୁଅ ପିଲା ହେଇଥିଲେ କଥା ଅଲଗା, ଖୋଲା ଆକାଶ ତଳେ ହେଉ, ହେଉ ଅବା

କେଉଁ ଗଛତଳ ସେ ରାଜା ପରି ରୁହନ୍ତେ । କିନ୍ତୁ ଝିଅପିଲାଙ୍କ କଥା ଅଲଗା, ଘଣ୍ଟାର ଟିକ୍ ଟିକ୍, ଘଣ୍ଟା କଣ୍ଟା ସହ ଯୋଡି ହେଇ ରହିଥାଏ ଝିଅଙ୍କ ଚରିତ୍ର । ଟିକିଏ ଏପଟେ ସେପଟେ ହେଲେ ଘରର ଦ୍ୱାର ତ ଖୋଲେ ହେଲେ ହୃଦୟ ଦ୍ୱାରରେ କଳଙ୍କି ଲାଗିଯାଏ । ଖାସ କରି କର୍ମଜୀବି ମହିଳା, ଆଜି ବି ଏମିତି କିଛି ଘର ଅଛି, କେଉଁ ପରିସ୍ଥିତିରେ ସେ ଡେରିରେ ଆସିଲା ବୁଝନ୍ତିନି, ତା କାମକୁ ହାଲ୍କା କରିବା ବଦଳେ, ଅତ୍ୟାଚାର କରନ୍ତି, ବାଡ଼ାନ୍ତି, ପିଟନ୍ତି ପୁଣି ତା ରୋଜଗାରରେ ଘର ଚଳାନ୍ତି ।

ସେଥିପାଇଁ ଭାବେ ଯୁଗ ଯେତେ ବଦଳି ଗଲେ ବି ମଣିଷର ମାନସିକତା ବଦଳୁଛି ନା ମାନବିକତା ବଢୁଛି, ଯେଉଁଠି କି ସେଇଠି । ଆଜି ବି ଝିଅ ପିଲା ସୁରକ୍ଷିତ ନୁହଁନ୍ତି । ତେଣୁ ଘରମୁହାଁ ହେଲି ।

ଘରକୁ ଫେରି ଗେଟ ଖୋଲୁ ଖୋଲୁ ଦେଖେ ତ, କେତେ ଲୋକ, କିଏ ପରିବା ଗଣ୍ଡେ ଧରି କାଟି ବସିଛି ତ, କିଏ ବେଳୁନ ସବୁ ପୁଙ୍କି ଫୁଙ୍କି ଘର ବାରଣ୍ଡାରେ ସଜାଉଛି, ଉଚ୍ଚା ଶବ୍ଦରେ ଆଧୁନିକ ଗୀତ ବାଜୁଛି ଛୋଟ ଝିଅ କିଛି ନାଚୁଛନ୍ତି ଯେ ଘର ଅଗଣା ଦୋହଲି ପଡୁଛି । ମନେପଡ଼ିଲା ମାଉସୀ କହିଛନ୍ତି, ଆସନ୍ତା କାଲି ସାନ ଝିଅର ଭୋଜି, ଝିଅ ଯେ ବର୍ତ୍ତମାନ ହେଇଛି ।

କିଛି ଜଣ ମାଉସୀଙ୍କୁ ଏ ଭୋଜି ଭାତ କରିବାକୁ ମନା କରିଥିଲେ, କହୁଥିଲେ କି ଲାଜ ଏଇଟାକୁ ପୁଣି ଢ଼ିଣ୍ଡରା ପିଟି କହିବ ନା କଣ ? ଏ ସବୁ ଆଜିକାଲି କିଏ ମାନୁଛି.. ଫାଲତୁ... ଧିରେ ଛୁଆଟାକୁ ଗାଧେଇ ଦେଇ ଲୁଚେଇ ଦିଅନ୍ତୁ ।

ମାଉସୀ ବୁଝେଇ ଦେଇଥିଲେ, ଯା ପରମ୍ପରା ତ ତାକୁ ମାନିବାକୁ ପଡିବ । ସଭ୍ୟତା, ସଂସ୍କୃତି ପରମ୍ପରାକୁ ମାନିଲେ କି ଲାଜ ମା ? ଦାରି କି ଚୋରି କଲେ ଲାଜ । କଣ କରିବା ଆଜିକାଲି ଯେଉଁ ଜିନିଷକୁ ଲାଜ କରିବା କଥା ତାକୁ କେହି ଲାଜ କରୁ ନାହାନ୍ତି ଅଥଚ...

[ଆଠ]

ତା ପର ଦିନ ସମସ୍ତେ ଆସି ଭୋଜି ଖାଇ ଚାଲିଗଲେ, ମାଉସୀ ଘରେ ଭିଡ଼ ହେଲା । ମାଉସୀ ଆସି କହିଲେ ଝିଅ ତମେ ତ ଏକା ଅଛ ଖରାପ ଭାବିବନି ଯଦି ମୋ ବଡ଼ ଝିଅ ତା ନଣନ୍ଦ ଆଜି ତମ ଘରେ ଶୁଅନ୍ତେ । ମୁଁ ଖୁସିରେ କହିଲି ଆସନ୍ତୁ ମାଉସୀ ଖରାପ କାହିଁକି ଭାବିବି ଯେ ।

ସେଦିନ ରାତ୍ରୀ ଭୋଜନ ବି ମାଉସୀ ଘରେ ହିଁ କଲି । ଖାଇଲା ପରେ ବାହାରେ ବସି ଟିକେ ଖୁସି ଗପସପ କଲୁ । ପୁଣି ସକାଳେ ଯେ ଯା'ର ରୁଟିନବନ୍ଧା କାର୍ଯ୍ୟକ୍ରମ କରିବାକୁ ପଡିବ, ସେଥିପାଇଁ ଶୋଇବାକୁ ଗଲୁ ।

ନିଦ ଆସିଛି କି ନା ପୁଣି ସେଇ ଠନ ଠାନ ଶବ୍ଦ ଆରମ୍ଭ ହେଇଗଲା, ଏଥର ମୁଁ ଭାବିଲି ଯା ହେଉ, ମାଉସୀଙ୍କ ଝିଅ ଅନ୍ତତଃ ଘର ବିଷୟରେ ଜାଣି ପାରିବ ।

ଆଶ୍ୱିନ ରାତିର ମଝି ମଝିଆ ପ୍ରହର, ଶୀତଳ ସ୍ପର୍ଶଟା ଟିକେ ଘନେଇ ଆସିଲା । ନିଦ୍ରା ଦେବୀର ସ୍ନେହ ସ୍ପର୍ଶରେ ନିଦ ବି ହେଇଯାଇଥିଲା । ତେବେ, ହଟାତ ଚୋର ଚୋର ରଡ଼ିରେ ଭାଙ୍ଗିଗଲା ନିଦ ଛାନିଆ ହେଇ ଉଠି ବସିଲି । ଭୟରେ ଛାତି ଧଡ଼ ଧଡ଼ କଲା, କାହିଁକି ନା ମୋ ରୁମ ପାଖରୁ ହିଁ ପାଟି ଶୁଭୁଛି । ମାଉସୀର ଝିଅ ଓ ତା ନଣନ୍ଦ ପାଟି କରୁଛନ୍ତି, କିଛି ବୁଝିବାକୁ ଆଉ ବେଳ ନାହିଁ, ଧାଇଁଲି ସେପଟକୁ । ଝିଅ ଦି ଜଣ ଯାକ ହାଟାକାଟା ଧରି ଦେଉଛନ୍ତି ଲାତ ଗୋଇଁଠା, ମୁଁ ବି କଣ କମ ? ଦେଲି ଚାପୁଡ଼ା ବିଧା..

ଚୋରକୁ ବନ୍ଧା ଗଲା ସେଇ ରାତିରେ ମାଉସ ମାଉସୀ ତାଙ୍କ ଘର କୁଣିଆ ଆଉ ମୁଁ କେହି ଶୋଇନୁ । ଖବର ପାଇ ପୋଲିସ ଆସିଲେ । ବହୁତ ମାଡ଼ ଖାଇଲା ଚୋର ବିଚରା, ଆଉ ଯାହା ଯାହା ଚୋରି କରିଥିଲା ସବୁଦେଲା । ଏଇମିତିରେ ରାତି ଶେଷ ପ୍ରହରକୁ ଛୁଇଁ ସାରିଥିଲା ।

ପୋଲିସ ଜେରା କରିବା ଦ୍ୱାରା, ଆଉ ଚୋର ନିଜ ମୁହଁରେ ସ୍ୱୀକାର କରିବାରୁ ଜାଣିଲୁ ଯେ, ଏ ଚୋର ଏଠାକାର ଲୋକ ନୁହଁ । ଆଉ ଏଇ ଦି'ତିନି ମାସ ହେଲା ଏଇ ଏରିଆକୁ ଲୁଚିବାକୁ ଆସିଛି । ଦିନ ତମାମ ପାଖ ଜଙ୍ଗଲ କି ବୁଦାରେ ଛୁପି ରହେ, ବେଳ ହୁଣ୍ଡି ଗାଁ ଭିତରେ ପଶେ, ଆଉ ତା'ର ଘରେ ଯାହା ଖାଇବା ଦ୍ରବ୍ୟ ପାଏ ଚୋରି ଛୁପି ଖାଇଯାଏ । ପୋଲିସ ବାବୁଙ୍କ ଦ୍ୱାରା ଜାଣିଲି ଯେ, ଏଇ କିଛିଦିନ ସେ, ମୋ ଘରେ ବି ଉପଦ୍ରବ ମଚେଇଛି । ସେ ହିଁ ରୁଟି ଖାଇଛି, ସେ ହିଁ ମୋ ଚା ପିଇ ଦେଇଛି ।

ଆଉ ବେଳ ଅବେଳରେ ମୋ ଆଖିରେ ଧୂଳି ଦେଇ ଲୁଚି ଯାଇଛି ।

ହଁ ଯେ ଦିନେ ଦିନେ କେମିତି ଗନ୍ଧ ହୁଏ ଯେ ସେ କଣ ? ମୋ ପ୍ରଶ୍ନର ଉତ୍ତରରେ କହିଲେ ଏ ଚୋର ସବୁ କଣ ଭଲ ରାସ୍ତା ଦେଇ ଆସନ୍ତି ? କେଉଁ ନାଳ, ନର୍ଦ୍ଦମା, ଗୁଅ, ମୁତ ଚକୁଟି ଆସି ପଶିବେ, ଗନ୍ଧ ତ ହେବ ନା ?

[ନଅ]

ମନେ ମନେ ଭାବିଲି, ଓଃ ଏତେ କଥା ନା, ମୁଁ ଖାଲି ଖାଲିଟାରେ ଡରୁଥିଲି ତେବେ । ଖୁସି ଲାଗିଲା ନିଜର ସଂଶୟ ସବୁ ଧୀରେ ଧୀରେ ଦୂର ହେଉଥିଲା, ସବୁ ଘଟଣା ମନେ ପକେଇ ହସିଲି । ମଉସା ମାଉସୀ କହିଲେ କଣ ହେଲା ମା ..

କିଛି ନାହିଁ ତେବେ ମନେ ମନେ କହିଲି, ସରି ମାଉସୀ ତମ ମାନଙ୍କୁ ଭୁଲ ବୁଝୁଥିଲି । ତେବେ ଆଜି କାମ ସାରି ଗାଁକୁ ଟିକେ ଯିବି କହି ଚାଲି ଆସିଲି ରୁମକୁ, ଏଥର ମାଉସୀ, ମଉସାଙ୍କ ପାଇଁ ମନରେ ଆଉ ବିରକ୍ତ ନଥିଲା । ସେମାନଙ୍କ ପାଇଁ ମନରେ ବହୁତ ଶ୍ରଦ୍ଧା ସମ୍ମାନ ଭରି ଯାଉଥିଲା । ଆଉ ଭଡାଘର ଖୋଜିବା ନିଶା ମନରୁ ଉତୁରିଗଲା । ମନେ ମନେ ଠିକ କଲି, ଯେତେଦିନ ଏ ଗାଁରେ ରହିବି ମଉସା ଘରେ ହିଁ ରହିବି ।

ଲୀନା ଘରକୁ ଗଲି ମାଉସୀଙ୍କୁ ଭେଟିଲି । ରାତିଯାକ ଲୀନା ଆଉ ମୁଁ ଗପୁଚୁ କେହି

ଶୋଇନୁ । ଲୀନା ମୋ'ଠୁ ସବୁ ଶୁଣି ବିଶ୍ୱାସ କରି ପାରୁ ନଥାଏ । ବାର ବାର ଜାଗ୍ରତ ରହିବାକୁ ଅନୁରୋଧ କରୁଥାଏ । ଗୋଟେ ଦିନ ଲୀନା ପାଖେ ଆଉ ଗୋଟେ ଦିନ ଖୁଡି ପାଖେ ରହି ଫେରିଲି ନିଜ କାର୍ଯ୍ୟସ୍ଥଳୀକୁ ।

କେତେ ମାସ ହେଇ ଗଲା, ଏ ଘରେ ଅଛି, ଅଫିସ ଯାଏ କାମ ସାରି ଘରକୁ ଫେରିଲେ ଏକା ହିଁ ରହେ ତେବେ ଆଉ କୌଣସି ପ୍ରକାର ଅପ୍ରୀତିକର ଘଟଣା ଘଟି ନ ଥିଲା । ଜାଣିଲି ମୋ ମନରେ କୋଉଠି ଡର ଘର କରିଥିଲା, ଟିକିଏ ଏପଟ ସେପଟ ହେଲେ ଲାଗୁଥିଲା ଯେ ଭୁତ, ପ୍ରେତ କିଛି ଅଛି । ଆଉ ଏହା ମୋର ନକାରାତ୍ମକ ଚିନ୍ତା ଥିଲା, ଯାହା ସେଦିନ ସେ ଚୋର ଯୋଗୁଁ ଛୁ ହେଇ ଯାଇଛି । ପ୍ରକୃତରେ ଆମେ ସବୁବେଳେ ସକାରାତ୍ମକ ଚିନ୍ତା କରିବା କଥା, ସକାରାତ୍ମକ ଚିନ୍ତା ମଣିଷକୁ ସାହସ ଦିଏ, ଧୈର୍ଯ୍ୟ ଦିଏ, ଯାହା ଆମକୁ ଆଗକୁ ବଢିବାରେ ସାହାଯ୍ୟ କରେ ।

ବିଷ୍ଣୁପ୍ରିୟା କରସୁଧା ପଟ୍ଟନାୟକ
ଶିକ୍ଷୟିତ୍ରୀ, ଡ଼ାବୁଗାଁ ବ୍ଲକ
ଗ୍ରା/ପୋ ନବରଙ୍ଗପୁର
ଜିଲ୍ଲା -ନବରଙ୍ଗପୁର
ଓଡିଶା

 Magazine Downloaded from www.aahwaan.com

ମୋ ଦେଇ

ଦେଇ ଆଉ ମୁଁ ମାତ୍ରେ ବର୍ଷେ ବଡ ସାନ । ଦେଇ ପିଲାବେଳୁ ପୋଲିଓ ରେ ପିଡିତ । କିନ୍ତୁ ବହୁତ ସୁନ୍ଦର ହୃଦୟ ମୋ ଦେଇର । ମୋ ପାଇଁ ମୋ ଦେଇ ମୋର ସବୁଠୁ ଭଲ ସାଂଗ କିନ୍ତୁ ମୋ ଦେଇ ପାଇଁ ତ ମୁଁ ତା ଦୁନିଆ ଥିଲି ।

ବଡ ବିଡମ୍ବନାର କଥା ଯେ ଏ କଥା ର ହୃଦୟଙ୍ଗମ ମତେ ହେଲା କିନ୍ତୁ ବହୁତ ବିଲମ୍ବରେ । ଏ ଭୁଲ ପାଇଁ ମୁଁ ସାରା ଜୀବନ ନିଜକୁ କ୍ଷମା କରି ପାରିବିନି ।

ଦେଇ ବାହାରକୁ ଯାଏନି । ଲଡବଡେଇ ଚାଲେ ବୋଲି ପିଲାଏ ତାକୁ ଚିଢେଇ ଦିଅନ୍ତି । ଘର ଆଗକୁ ବାରଣ୍ଡା, ତା ଆଗକୁ କିଛି ହାତ ଜାଗା ଥିଲା, ସେ ପାଖରେ ଆମ ବୃନ୍ଦାବତୀ ମାଁଙ୍କର ଘର । ଉପରେ ଗମଲାରେ ତୁଳସୀ ଆଉ ତା ତଳେ ଆମେ ଦୁଇ ଭଉଣୀ ଙ୍କ ଛୋଟିଆ ସାଂସାରିକ ଘର ଖଣ୍ଡେ । ନିଇତି ସ୍କୁଲ ରୁ ଫେରିବା ମାତ୍ରେ ଆମେ ଦୁହେଁ ଆମର ସେହି ଘରେ ଖେଳି ବାରେ ମାତି ଯାଉ ।ଲୀନା ଆମ ସହ ଖେଳିବାକୁ କେତେ ଥର ପଚାରିଛି ବୋଧେ ଦେଇ କୁ ଭଲ ଲାଗିବନି ଆଉ କେହି ଖେଳିଲେ ବୋଲି ମୁଁ ତାକୁ ମନା କରିଦିଏ ।

ପାରମିତାମିଶ୍ର

ଠାକୁର ଗୋଟେ ହାତରେ ନେଲେ ଗୋଟେ ହାତରେ ଫେରେଇ ଦିଅନ୍ତି, ଦେଇ ର ଗୋଡ ଟା ଅକର୍ମଣ୍ୟ କିନ୍ତୁ ହାତ ଟା ଚମତ୍କାର ।

ମାର୍ଗଶିର ଗୁରୁବାରରେ ଘରଟା ସାରା ଦେଇ ହାତର ଚିତ୍ର ମୋର ଏବେବି ମନେ ପଡିଯାଉଛି । ନିର୍ଜୀବ ରେ ବି ଜୀବନ ଦେଇ ଦେଇ ପାରେ ।ଖାଲି କାଗଜ ରେ ଗାର ଟିଏ ଟାଣି ଦେଲେ ବି ସୁନ୍ଦର ଚିତ୍ର ଟେ ଆଙ୍କି ହେଇଯାଏ । ନଇ କୂଳରେ ବସିଥିବା ଏଇ ଯୋଉ ଦୁଇ ଝିଅ ଙ୍କ ଚିତ୍ର ଟି ଡ୍ରଇଁ ରୁମ୍ ରେ ଲାଗିଛି ମୋ ଦେଇ ଆଙ୍କି ଥିଲା ।

ସେଦିନ ମୁଁ ଦେଇ କୁ ମୁଁ ଜିଦ କରି ନେଇ ଜାଇଥିଲି ପାଖ ନଇ କୂଳ କୁ, କଞ୍ଚା ମାଟି ରେ ଗୋଡ ଖସିଗଲା ତାର, କିଛି ପିଲା ତାକୁ ଚିଡ଼େଇ ବାରୁ ମୋର ଭାରି ଝଗଡ଼ା ହୋଇଥିଲା,ବହୁତ୍ ସମୟ ମତେ ବୁଝାଉଥିଲା, ଦେଇ ମତେ ବୁଝାଇ କହିଥିଲା,ମୁଁ ତା ସହ ଅଛି ମାନେ ତାକୁ କାହା କଥା କିଛି ଖରାପ ଲାଗେନି । ଆମେ ସେଠି କିଛି ସମୟ ବସିଯାଇ ଥିଲୁ, ସେଦିନ ରାତିରେ ଦେଇ ସେ ଚିତ୍ର ଟି ଆଙ୍କି ଥିଲା, ମତେ ବହୁତ୍ ଭଲ ଲାଗେ ସେ ଚିତ୍ର ଟି ମୋ ଦେଇ ର ପ୍ରଥମ ଚିତ୍ର ସେ ।

ସବୁଦିନ ସକାଳୁ ଉଠି, ସାଙ୍ଗ ହୋଇ ସ୍କୁଲ ଯାଉ ଓ ପୁଣି ରାତି ଶୋଇଲା ଯାଏ ଆମେ ଦୁହେଁ ସାଥୀ ହୋଇ ରହୁ ।ଦିନ ଆରମ୍ଭ ରୁ ଶେଷ୍ ଯାଏ ଆମେ ଦୁହେଁ ସାଥୀ ହୋଇ ଥାଉ ।କିନ୍ତୁ ଅଷ୍ଟମ ଶ୍ରେଣୀ ପରେ ଦେଇ ଆଉ ଏକ ସ୍କୁଲ କୁ ଗଲା । ବାପା ତାକୁ ଅଣା ନିଆ କରନ୍ତି ।ଭାରି ଉଦାସ ମନରେ ଆମେ ସ୍କୁଲ ଯାଉ । ପଢ଼ା ପଢି ଚାଲିଲା, କିନ୍ତୁ ସ୍କୁଲ ରେ ଏକା ଏକା ଭାରି ବୋର ଲାଗେ ତା ବିନା ।

ତାପରେ ଲୀନା ଆସିଲା, ତାପରେ ରାକେଶ, କୁନାଲ୍ ଆଉ ମଲ୍ହାର ବି ଆଉ ମାନସି ବି ଆସିଲେ ଆମ ଘରକୁ । ମୁଁ ସ୍କୁଲ ରୁ ଜଲଦି ଆସେ । ଦେଇ କିନ୍ତୁ ତା ସ୍କୁଲ ପରେ ଟିଉସନ କରେ ଆଉ ଘରକୁ ଆସିଲା ପରେ ପଢାରେ ଲାଗିଯାଏ ।ଆଗ ଆମେ ସବୁ ମିଶି ପାଠ ପଢୁ ଥିଲୁ ଏବେ କିନ୍ତୁ ମୋ ସାଙ୍ଗ ମାନେ ମୋ ସହ ପଢୁଥିଲେ ।

ପଢାରେ ଟିକେ ଦୁର୍ବଳ ଥିଲା ଦେଇ ତେଣୁ ବହୁତ୍ ପରିଶ୍ରମ କରେ ସେ ।ତାପରେ ଧୀରେ ଧୀରେ ସେ ନଥିଲା ବେଳେ ମୁଁ ମୋ ସାଙ୍ଗ ମାନଙ୍କ ସହ ଚଁଉରା ତଳ ଘରେ ଖେଳୁ ।ସେଦିନ ଦେଇ ଆଖିରେ ପଡିଗଲା କିନ୍ତୁ ସେ କିଛି କହିଲାନି । ମୁଁ ଭାବିଲି ତାର କିଛି ଅସୁବିଧା ନାହିଁ ।

ସମୟ ସହ ଧିରେ ଧିରେ ସବୁ ବଦଳି ବାକୁ ଲାଗିଲା । ମୁଁ ଦେଇ କୁ ସମୟ ଦେଇ ପାରୁ ନଥିଲି କିନ୍ତୁ ଯେତେବେଳ ମିଶୁ ଆମେ ବହୁତ୍ କଥା ହେଉ ମୋର ମାଟ୍ରିକ ବହୁତ୍ ଭଲ ହୋଇଥିଲା । ମୋର ବହୁତ ସାଂଗ ଡିପ୍ଲୋମା ପାଇଁ ବାହାରକୁ ଗଲେ ।ବାପା ମତେ ବି ହଷ୍ଟେଲ ରେ ଛାଡିଦେଲେ । ଡିପ୍ଲୋମା ସରିଲା, ଡିଗ୍ରୀ ବି । ମୁଁ ଘରକୁ ମଝିରେ ମଝିରେ ଯାଏ । ଦେଇ ଆଉ ମୁଁ ବହୁତ୍ ଗପୁ, ଦେଇ ଏବେବି ସେମତି ହିଁ ଥିଲା ।ସେ ଆଉ ତାର ରଙ୍ଗର ଦୁନିଆ । ସେ ସ୍ଥାନୀୟ କଲେଜରୁ ସ୍ନାତକ ସରିଲା ଆଉ ପଢିବାକୁ ଚାହିଁଲାନି । ଘର ସାରା ତା ହାତର ଯାଦୁ ବିଛୁରି ରଖିଥିଲା ।ଦୁନିଆ ଯାଇ ଚାନ୍ଦ ରେ ପହଂଚି ଗଲାଣି କିନ୍ତୁ ଦେଇ ମୋର ଅତି ନିରିହ ଟି ଏ ହୋଇ ରହି ଯାଇଥିଲା ।

ବି ଟେକ ପରେ ମତେ ବାଙ୍ଗାଲୋର ରେ ଚାକିରି ମିଳିଲା, ମୁଁ ସେଠି କୁ ଚାଲିଗଲି । ସେ ଥର ଛୁଟିରେ ଆସିଥିଲି ତ ଘର ର ମାହୋଲ ଟିକେ ଅଲଗା ଥିଲା । ମାଆ ଟିକେ ଦୁଃଖୀ ଥିଲେ ମତେ କହିଲେ ଦେଇ କୁ କେହି ଦେଖି ଆସିଥିଲେ କିନ୍ତୁ ମନା କରିଦେଲେ । ଆଗରୁ ଏମିତି ହୋଇଛି, କିଛି ଦିନରେ ସବୁ ଠିକ୍ ହୋଇଯିବ ବୋଲି ମୁଁ ବି ମାନି ନେଲି ।ବେଶୀ ବଡ କଥା ନୁହଁ ଓ ତାଠୁ ଅଧିକ ମୁଁ ମୋ ଦୁନିଆ ରେ ବ୍ୟସ୍ତ ଥିଲି ।

ଦେଇ ଶ୍ରୀ କୃଷ୍ଣ ଭଗବାନ କୁ ବହୁତ୍ ଭଲ ପାଏ । ତା ର ସବୁ ଚିତ୍ର ରେ କୃଷ୍ଣ ଙ୍କ ଟିକେ ଝଲକ ଛାଡେ । ଏବେ ଯୋଉ କୃଷ୍ଣ ଛବି ଟି ସେ ବନେଇଥିଲା ମନ ମୋହି

ନେଉଥିଲା । ମୁଁ ସବୁ ଚିତ୍ର ଗୁଡିକ ର ଫଟୋ ଉଠେଇ ନେଇଥାଏ ମୋ ଫୋନ ରେ ସାଙ୍ଗ ମାନଙ୍କ ଆଗରେ ଟିକେ ଦେଖେଇ ହେବା ପାଇଁ ।

କିଛି ଦିନ ପରେ ବାପା ରିଟାର୍ଡ ହେଲେ । କହୁଥିଲେ ନାନି କୁ କୋଉ ଭଲ ଡକ୍ଟର କୁ ଦେଖେଇବେ । ଆଜି କାଲି ବିଜ୍ଞାନ ବହୁତ୍ ପ୍ରଗତି କଲାଣି । ତେଣୁ ଗାଁ ର ଘର ବାଡ଼ି ସବୁ ବିକି ବାଙ୍ଗାଲୋର ରେ ଫ୍ଲାଟ୍ ଖଣ୍ଡେ କିଣିଲୁ ।

ମୋ ପରିବାର ବାଙ୍ଗାଲୋର ଆସିଲା ପରେ ମୋ ସାଙ୍ଗ ମାନେ ଏଥର ମୋ ଘରକୁ ଯିବା ଆସିବା କରୁ ଥିଲେ ।

ସେମାନେ ମୋ ପାଖରୁ ଦେଇ ର ଚିତ୍ର ସବୁ ଦେଖିଥିଲେ । ସେଠି ସେମାନେ ସମସ୍ତେ ମୋ ଦେଇ ର ବହୁତ୍ ବଡ ପ୍ରଶଂସକ ବନି ଯାଇଥିଲେ ।ମୁଁ ଭାବିଲି ଯାହା ହେଉ ଏଥର ଦେଇ ଘରୁ ବାହାରି ଆଜାଦରେ ଜୀବନ ଜିଇଁବ ।

ରୋହିଣି ଆଉ ମୟୂରୀ ସବୁଦିନ ମୋ ଘରକୁ ଆସନ୍ତି ଆଉ ଏଥର ମୋ ଠୁ ବେଶି ଦେଇ ସହ ବିତାନ୍ତି । ରୋହିଣି ଦେଇ କୁ ଫୋନରେ ଫୋଟୋ ସବୁ ଛାଡିବା ଶିଖେଇ ଦେଇଛି । ଏବେ ଫେସବୁକ ପେଜରେ ଦେଇର ଚିତ୍ର ସବୁ ବେଶ୍ ପ୍ରସିଦ୍ଧ । ମୋର ସବୁ ସାଙ୍ଗ ସାଥି ଏବେ ଦେଇର ପ୍ରଶଂସକ । କୋଉଠି ଦେଇ ମୋର ଘର କୋଣେ ବସି ରଙ୍ଗ ସହ ଘାଣ୍ଟି ହେଉଥିଲା ଆଜି ମୋ ଠୁ ଅଧିକ ତାର ସାଂଗ ସାଥି ଓ ପ୍ରଶଂସକ । ବହୁତ ଫୋନ ଆସେ, କେତେ ତ ତାର ଚିତ୍ର ସବୁ କିଣି ବାକୁ କୁହନ୍ତି । କେତେ ଅର୍ଡ଼ର ଦିଅନ୍ତି ବନେଇବା ପାଇଁ । ମୟୂରୀ ତା ର ଚିହ୍ନା ଲଗେଇ ଏବେ କାଳେ ଦେଇ ର ସବୁ ଚିତ୍ର ପ୍ରଦର୍ଶନୀ କରାଇବା ପ୍ରସ୍ତାବ ଦେଇଛି । ସେଦିନ ମୟୂରୀ କହୁଥିବାର ମୁଁ ଶୁଣିଲି,' ଦେଇ ସହର ରେ ଏ ଚିତ୍ର ସବୁ ଲୋକେ ଲକ୍ଷ ଲକ୍ଷ ରେ କିଣନ୍ତି, ତୁମେ ବିନା ଶିକ୍ଷା ଗ୍ରହଣ କରି ଏତେ ସୁନ୍ଦର୍ ଚିତ୍ର କରି ପାର

ବିଶ୍ୱାସ କର ତୁମ ବହୁତ୍ ନାଁ କରିବ, ମୁଁ ତୁମକୁ ସାହାଯ୍ୟ କରିବି । 'ମୁଁ ସେହି ପଟେ ଚାଲିଗଲି ଦେଇ ପଛ ରୁ ଡାକୁ ଥିଲା ମୁଁ ତାକୁ ଅଣଦେଖା କରି ଚାଲିଗଲି, ରାଗ, ରୁଷା, ଅଭିମାନ, ଗ୍ଲାନି ଏହାକୁ କି ନାମ ଦେବି ଜାଣିନି କିନ୍ତୁ ଏଥର ମୁଁ ଆଉ ଦେଇ ସହ କଥା ବି ହେଉ ନଥିଲି । କେତେ ଡାକୁ ଥିଲା ମତେ ସେ, ହେଲେ ମୁଁ ସବୁବେଳେ କିଛି ନା କିଛି ବାହାନା କରି ତାକୁ ଟାଳି ଦିଏ ।

ମୋର ପଦୋନ୍ନତି ହୋଇଥିଲା ।ମୁଁ ସେଦିନ ଅଫିସ ରେ ଖୁସି ରେ ପାର୍ଟୀ ଦେଇଥିଲି କିନ୍ତୁ ସେଦିନ ଦେଇ ର ପ୍ରଥମ ଚିତ୍ର ପ୍ରଦର୍ଶନୀ ଥିଲା, ମୁଁ ମୋର ସବୁ ସାଙ୍ଗ ମାନଙ୍କୁ ଡାକିଥିଲି କିନ୍ତୁ ଅଧା ରୁ ଅଧିକ ତ ଦେଇ ର ପ୍ରଦର୍ଶନୀ ଦେଖିବାକୁ ଯାଇଥିଲେ, ବାପା ବୋଉ ବି ସେଠି ହିଁ ଥିଲେ । ଖାଇବା ଟେବୁଲ ରେ ବୋଉ ଦେଇ ର କଥା ଖାଲି କହୁଥିଲା, ମତେ ଦେଖି ଦେଇ ବି ଆରମ୍ଭ ହୋଇଗଲା, ଏୟା ହେଲା ସେୟା ହେଲା, ହେଲେ ମୀନୁ ତୁ କାହିଁକି ଆସିଲୁନି । ମୁଁ ସତରେ ତତେ ବହୁତ୍ ଖୋଜୁଥିଲି । ବାରମ୍ବାର ସେଇ କଥା ଶୁଣି ଶୁଣି ମୁଁ ଚିଢି ଯାଇଥିଲି । ସେଦିନ ତାକୁ କଣ କଣ ନ ଶୁଣେଇଛି । ରାଗରେ କହିଦେଲି ତାକୁ ବାଙ୍ଗାଲୋର ଆଣିବା ଟା ମୋର ସବୁଠୁ ବଡ ଭୁଲ । ସେ ଏଠି ନଥିଲା ମୁଁ ବହୁତ ଖୁସି ରେ ଥିଲି । ପରଦିନ ଅନ୍ୟ ମାନେ ଉଠିବା ଆଗରୁ ମୁଁ ଅଫିସ୍ ଚାଲିଗଲି । ଏବେ ବି ମୋ ମନ ଖୁସି ନଥିଲା କିନ୍ତୁ ମୁଁ ଜାଣି ପାରୁନଥିଲି କାରଣ କଣ ? ଘରୁ ବହୁତ୍ ଫୋନ ଆସୁଥିଲା ମୁଁ କଥା ହେବାକୁ ଚାହୁଁ ନଥିଲି, ତାପରେ ରୋହିଣି ଦୌଡି ଆସି କହିଲା ମିନୁ ଦେଇ କୁ ମେଡିକାଲ୍ ନିଆ ଯାଇଛି ତତେ ଡାକୁଛନ୍ତି । ଜଲଦି ଯା । ମୁଁ ମନରେ ଭାବିଲି ହଁ କଣ ଟେ ହେବ ଗୋଡ ଟା ଦେଖେଇ ବାକୁ ଜାଇଥିବେ ଆଉ କଣ ? ଆଉ ଏବେ ତ ଦେଇ ବହୁ ଚର୍ଚ୍ଚିତ ଲୋକ ମୋର ବା ତାକୁ କି ଆବଶ୍ୟକତା । ତାତ୍ସଲ୍ୟ ରେ ମୁଁ କହିଲି ତୁ ଜିବୁନି କି ? ରୋହିଣି କହିଲା ମୁଁ ଏବେ ସାଂଗେ

ସାଂଗ କାମ ସାରି ଯାଉଛି । କହି ଚାଲିଗଲା । ମୁଁ ଆଉ ସେ ଆଡକୁ ଧ୍ୟାନ ନଦେଇ ମୋ କାମ କଲି । କାମ ସରିଲା ପରେ ମୁଁ ସିଧା ଘରକୁ ଗଲି ।

ଏବେବି ମନ ବଡ ଅସମଞ୍ଜସ ରେ ଥିଲା କଣ ଚାଲିଥିଲା ମୁଁ ବୁଝି ପାରୁନଥିଲି । ଆଉ ଏମିତି ହିଁ ମୋର ପାଦ ଆପଣା ଛାଏଁ ଦେଇର ରୁମ୍ ଆଡକୁ ଚାଲିଗଲା । ଏତେ ସମୟ ଧରି ଗୋଟିଏ ଘରେ ଥାଇ ବି ମୁଁ କେବେ ଦେଇ ର ରୁମ୍ କୁ ଆସି ନଥିଲି ।

ଦେଇ ର ରୁମ୍ ରେ ଦୁଆର ମୁହଁରୁ ଆଉ ପୁରା ରୁମ୍ ରେ ଆମ ଦୁହିଁଙ୍କର ପିଲା ଦିନରୁ ଆଜି ଯାକର ସବୁ ସ୍ମୃତି ରେ ସଜାଇ ହୋଇ ରହିଛି । ଚାରିପଟେ ଆମ ଦୁହିଁଙ୍କର ବହୁତ୍ ସାରା ଫୋଟ ଲାଗିଛି । ଥରେ ଦେଇ ର ଗୋଟେ ଚିତ୍ର ମୋ ହାତରେ ଖରାପ ହୋଇଯାଇଥିଲା ସେଇଟା ବି ଅଛି । ତାକୁ ହାତରେ ନେଲା ବେଳେ ମୋ ଆଖିରୁ ଝରି ଯାଉଥିଲା ମୋର ସମ୍ପୂର୍ଣ୍ଣ ପିଲାଦିନ । ହଠାତ୍ ନଜର ପଡିଲା ତକିଆ ତଳ ର ଏକ ଡାଏରି ଉପରେ । କିନ୍ତୁ ଦେଇ କେବେ ଡାଏରି ଲେଖିବା ଆରମ୍ଭ କଲା ? ଆହୁରି ରାଗ ଲାଗିଲା ମୋ ବିଷୟରେ ସବୁ କଥା ଦେଇ ଜାଣେ ଅଥଚ ଦେଇ ର ଏମିତି କେତେ କଥା ଅଛି ଜାହା ମୁଁ ଜାଣିନି ।

ମନ କହିଲା ତୁ କେବେ ଜାଣିବାକୁ ଚାହିଁଚୁ ? ସତେତ

ମୁଁ ସବୁବେଳେ ମୋ କଥା ତାକୁ କହେ କେବେ ତା କଥା ଶୁଣେନି ।

ପୃଷ୍ଠା ପରେ ପୃଷ୍ଠା ଉଲଟାଇବା ଆରମ୍ଭ କଲି ତ ବୁଝିଲି ଯେ,

ମୁଁ କେବେ ଜାଣି ହିଁ ପାରିଲିନି ଯେ ମୋ ଜୀବନରେ ଏତେ ଲୋକ ଆସିଲେ କିନ୍ତୁ ତା ଜୀବନ ରେ କେବଳ ମୁଁ ହିଁ ଆସିଥିଲି । ଆଉ କାହାକୁ ସେ ଆଣି ବାକୁ ଦେଇନି ।ମୋ ଦେଇ କେତେ ଏକା ଥିଲା ତା ଜୀବନ ରେ ।ଯେଉଁ ପୃଷ୍ଠା ଟି ଗତ ରାତିରେ ଲେଖିଥିଲା ସେଥିରେ

ଲେଖା ଥିଲା, 'ଡାଏରୀ ମୁଁ ଜାଣିନି ମୁଁ ଆଉ କେତେ ଦିନ ବଞ୍ଚିବି, ମୋ ହୃଦୟର ଛିଦ୍ର ଟି ବୋଧେ ଆହୁରି ଗଭୀର ହୋଇଗଲାଣି । ମୋ ମିନୁ ଜାଣିଲେ କେତେ ମନ ଦୁଃଖ କରିବ ତାକୁ ଆଜି ଯାଏଁ ଏ କଥା ଲୁଚାଇ ରଖିଛି କିନ୍ତୁ ଏ ଦେହ ଆଇ ସାଥ ଦେଉନି ମୁଁ କଣ କରିବି ଡାଏରୀ,...'

ମୋ ପାଦ ତଳୁ ମାଟି ଖସି ଗଲା ସତେକି !, ଏତେ ବଡ଼ କଥା ମୁଁ ଜାଣିନି, ଆଖିରୁ ଝରିଗଲା ସବୁ ରାଗ, ଅଭିମାନ, ଇର୍ଷା ।ଇତଃସ୍ତତଃ ରେ ଡାଏରୀ ର ଶେଷ ପୃଷ୍ଠା ଟି ବାହାରି ଆସିଲା । ଶେଷ ଫର୍ଦ୍ଦ ଟିରେ ଦେଇ ଆଙ୍କି ଥିଲା ଏକ୍ ସୁନ୍ଦର କ୍ଷତାକ୍ତ ହୃଦୟ, ଆଉ ତା ଭିତରେ ମୋର ମୁହଁ । କୋହ ସମ୍ଭାଳି ହେଲାନି ମୋର ସେ ଚିତ୍ର ଦେଖି, କେତେ କଷ୍ଟ ରେ ଅଛି ମୋ ଦେଇ ।

ଆପଣ ମାନେ ଭାବୁଥିବେ ମୁଁ ସତରେ କେତେ ସ୍ୱାର୍ଥ ପର । ହଁ ମୁଁ ବି ନିଜପାଇଁ ଆଜି ସେୟା ହିଁ ଭାବୁଛି । ସାରା ଜୀବନ୍ ମୋ ନାନି କେବଳ ଦେଇ ଚାଲିଛି ।ପିଲା ବେଳେ ଆମେ ଶପଥ ନେଇଥିଲୁ

ଚିନୁ ମିନୁ ଦୁଇ ଭଉଣୀ

ଦୁଇ ଦେହ ଗୋଟେ ପ୍ରାଣ

କଥା ଦେଲି ମତେ ଲୋଡା ନାହିଁ ସାଂଗ ତୋ ବିନା ଏ ଜୀବନ

ତୋ ବିନା ଏ ଜୀବନ ।

କିନ୍ତୁ ଆଜି ଯାଏଁ କେବଳ ସେ ହିଁ ପାଳି ଆସିଛି ବନ୍ଧୁତ୍ୱ କୁ ଭଗବାନ ମତେ ଆଜି ମୋ ବନ୍ଧୁତ୍ୱ ପାଳି ବାର ସୁଯୋଗ ଟିଏ ଦେଇଛନ୍ତି ଜାଣିଛି ସମୟ ଓ ପରିସ୍ଥିତି ବିପରିତ ଅଛି, କିନ୍ତୁ ମୋ ଦେଇର କ୍ଷତାକ୍ତ ହୃଦୟ ଚିତ୍ର ଟିକୁ ମୁଁ ସଜାଡି ଦେବି ନିଶ୍ଚୟ

 Magazine Downloaded from www.aahwaan.com

ବଦମାସ୍

ନୂଆ ନୂଆ ସ୍କୁଲ ଜଇନ କରିଥିଲି । ରାଣୀ ଗାଁ କନଭେଣ୍ଟ ସ୍କୁଲ ର ସପ୍ତମ ଶ୍ରେଣୀର ସେକ୍ସନ୍ 'ଇ' ପିଲାମାନଙ୍କୁ ପଢାଇବାର ଥିଲା । ନୁଆଁ ନୁଆଁ ତ ମନରେ ବହୁତ୍ ଡର ଥିଲା କେମିତି ହେବ କଣ, ପିଲାମାନେ ମତେ ପସନ୍ଦ କରିବେ ତ ମୁଁ ଭଲ ରେ ପଢାଇ ତ ପାରିବି ଏମିତି ସବୁ ପ୍ରଶ୍ନ ।

ଗୁପ୍ତା ସାର ସାୟୁରି ଅନ୍ଦାଜରେ କହିଲେ, ଏତେ ସହଜ ନୂହେଁ ମାଡାମ୍ ୟେ ଆଗ କା ଦରିଆ ହୈ, ଔର ଆପକୋ ଡୁବ୍ କେ ଜାନା ହୈ । ସେକ୍ସନ୍ ଇ'ର ପିଲାକୁ ପଢ଼ାଇବା କାଠିକର ପାଠ । ଏଡ଼େ ବଦମାସ୍ ଗୁଡ଼ା ସେସବୁ ଆଉ ସେ ରାଜା ତା'ଠୁ ଦୁରେଇ ରହିବେ ମାଡ଼ାମ ହଉ ବେଷ୍ଟ ଅଫ ଲକ୍ ।

ପରମିତା ମିଶ୍ର

ମୁଁ ଆହୁରି ଡରିଗଲି । ଫିଲ୍ଡରେ ଦେଖିଥିଲି ପିଲାମାନଙ୍କ ଦୁଷ୍ଟାମି । ତେଣୁ ମୁଁ ସତର୍କ ରହିଲି । ପ୍ରଥମ ଦିନ କେବଳ ମୁଁ ମୋ ବିଷୟରେ କହିଲି, କିନ୍ତୁ ସେମାନେ କେହି ମତେ ଠିକ୍ ରେ ଧ୍ୟାନ ଦେଲେନି । ନା ମୋ କଥା ଶୁଣୁଥିଲେ । ମତେ ବହୁତ୍ ଖରାପ ଲାଗୁଥିଲା, ଗୁପ୍ତା ସାର୍ ଙ୍କ କଥା ମନରେ ଘର କରି ଯାଇଥିଲା, ଯେ ଏ ପିଲାଗୁଡାକ ସତରେ ଭାରି ଖରାପ । ମୁଁ ନିଷ୍ପତ୍ତି ନେଲି ଯେ ମୁଁ ମୋର ପାଠ ସାରିବି ବାସ୍ । ତାପର

ଠୁ ମୁଁ କ୍ଲାସ କୁ ଗଲି ଆଉ ଚେୟାର ରେ ନ ବସି ଜେତେ ଶିଘ୍ର ହେବ ପାଠ ସାରି ସେଠୁ ବାହାରି ଆସେ ।

ମତେ ଏସବୁ ଭଲ ଲାଗୁ ନଥିଲା ଏମିତି କଣ ପଢାଯାଏ ! ଦୁଇ ଦିନ ପରେ ମୁଁ ପୁଣି ମୋ ନିଜ ଶୈଳୀ କୁ ଆସିବାକୁ ଚେଷ୍ଟା କଲି । ଟିକେ ବୁଝିବାକୁ ଚେଷ୍ଟା କଲି କଣ ଅସୁବିଧା ଥିଲା ପିଲାଙ୍କର ।ଏଯାଏଁ ତ ସେମାନେ ମୋ ସହ ସେମିତି କିଛି ଅଭଦ୍ରାମି କରି ନାହାଁନ୍ତି । ତେଣୁ ମୁଁ ବି ନିଷ୍ପତ୍ତି ନେଲି ଯେ ମୁଁ ଏଥର ନିଜ କର୍ତ୍ତବ୍ୟ କୁ ଠିକ୍ ରେ ପାଳିବି । ସେଦିନ କ୍ଲାସରେ ମୁଁ ସେମାନଙ୍କୁ ଭଲ ପିଲା ବିଷୟରେ କିଛି କହୁଥିଲି ଜଣେ ପିଲା ଠିଆ ହୋଇ କହିଲା ମାଡାମ ଆମେ ସବୁ ଖରାପ ପିଲା ଆପଣ ଯେତେ କଲେ ଆମେ ଭଲ ହେବୁନି ଆଉ ଜୋରରେ ଚିତ୍କାର ଆରମ୍ଭ କରିଦେଲେ । ମତେ ଅବାକ୍ ଲାଗିଲା ଶୁଣି କି, ସେମାନେ ଗ୍ରହଣ କରିନେଇଛନ୍ତି ସେମାନେ ଖରାପ, ବେକାର ଆଉ କୋଉ କାର୍ଯ୍ୟ ର ନୁହନ୍ତି ।

ସେଦିନ ରାତି ସାରା ନିଦ ହେଲାନି, ସାଇକୋଲଜିର ସବୁ ବହି କୁ ଲେଉଟାଇବା ଆରମ୍ଭ କଲି । କୋଉଠି କିଛି ଲେଖାଥିବ ! କଣ କରିବି ମୁଁ କିଛି ଚିନ୍ତା କରିପାରୁ ନଥିଲି ଏମାନଙ୍କ ପାଇଁ କି, ସେଦିନ କିଛି ଏମିତି ହେଲା ଯାହା ମୋ ମନ କୁ ଦୋହଲାଇ ଦେଲା ।ସେହି ଭାରି ମନରେ ମୁଁ ସେଦିନ ସ୍କୁଲ ରେ ପହଞ୍ଚି ହିଁ ଥିଲି କି କେହି ବି ପିଲା ଆସି ନଥିଲେ । ମୁଁ ଅପେକ୍ଷା କରିଥିଲି । ବହୁତ ସମୟ ପରେ ମୁଁ ଜିବାକୁ ଉଦ୍ୟତ ହେଉଥିଲି ସେମାନେ ଆସିଲେ କିନ୍ତୁ ମୁଁ କାବା ହୋଇଗଲି ସେମାନଙ୍କ ଏ ଅବତାର ଦେଖି । କ୍ଲାସ ରେ 15 ଜଣ ପିଲା କାଲି ଯାଏଁ ତ ସମସ୍ତେ ଠିକ୍ ଥିଲେ କିନ୍ତୁ ଆଜି କାହା ମୁଣ୍ଡରେ ବି ଚୁଟି ନଥିଲା । ମୁଁ ଛାନିଆଁ ହୋଇ ଚେୟାର ଉପରେ ବସିଗଲି । ଏମାନେ ସତରେ ମତେ ହଇରାଣ କରିବା ପାଇଁ ଏମିତି କରିଛନ୍ତି ବୋଲି ମୁଁ ବିଶ୍ୱାସ କରିପାରୁ ନଥିଲି । କିନ୍ତୁ ସ୍କୁଲ ର ନିୟମ

ଉଲଙ୍ଘନ କରିଥିବାରୁ ପ୍ରିନ୍ସିପାଲ ମାଡାମ୍ ସେମାନଙ୍କୁ ଶାସ୍ତି ଦେବାକୁ କହିଲେ । ଆଉ ସମସ୍ତଙ୍କୁ ବାହାରେ ଠିଆ କରାଇବାକୁ କୁହାଗଲା କିନ୍ତୁ ମୁଁ ଲକ୍ଷ୍ୟ କଲି କାହା ମୁହଁ ରେ ଟିକେ ବି ଗ୍ଲାନି ବୋଧ ନାହିଁ ବରଂ ହାତରେ ହାତ ବାଡେଇ ସେମାନେ ମଜା କରୁଥିଲେ । ପିଅନ ମଉସା ମୋ ପାଖକୁ ଆସି କହିଲେ ମାଡାମ୍ ବୁଝିବାକୁ ଚେଷ୍ଟା କରନ୍ତୁ ଉପରକୁ ଜାହା ଦେଖା ଯାଉଛି କଥା ଟା ଠିକ୍ ସେଇଆ ନୁହେଁ ।

କିଛି ନିଷ୍ପତ୍ତି ନେଇ ପାରୁ ନଥିଲି ମାଡାମ ମତେ କହିଲେ ମୁଁ ଚାହିଁଲେ କାଲିଠୁ ଅନ୍ୟ କ୍ଲାସ ନେଇ ପାରିବି । ଘର କୁ ଫେରିଲି ।ବହୁତ ଗ୍ଲାନି ହେଉଥିଲା ମୋ ପିଲା ଗୁଡା ଦଣ୍ଡ ପାଇଲେ । ତେଣୁ ମୁଁ ସଂନ୍ଧ୍ୟା ରେ ବୁଲିବାକୁ ଜାଇଥିଲି । ଗାର୍ଡେନରେ ରିତା ମାଡାମ ଥିଲେ । ତାଙ୍କ ସହ ଗପୁ ଗପୁ ମୋର ନଜର ପଡିଲା ସେଠି ଖେଳୁଥିବା ଝିଅ ଟି ଆଉ ତା ମୁଣ୍ଡ ଉପରେ । ମୁଣ୍ଡ ରେ ମାତ୍ର ଗଣି ଗଣି ଦୁଇ ଚାରି ଟା ଚୁଟି । ରିତା ମାଡାମ୍ ପରିଚୟ କରାଇ ଦେଲେ ତାଙ୍କ ଝିଅ ସେ ରୁଚି, ଆଉ କହିଲେ ତାକୁ କ୍ୟାନସର ଆଉ ଚୁଟି ଗୁଡା ଝଡି ଗଲା ପରେ ସ୍କୁଲରେ ପିଲା ମାନେ ଚିଡାଇ ଦିଅନ୍ତି ତେଣୁ ସ୍କୁଲ କମ୍ ଜାଏ । ତେଣୁ ମୁଁ ତାକୁ ଦେଖିନି ।ରୁଚି କଥା ଶୁଣି ମୋ ମନ ଏକଦମ୍ ଭାରି ହୋଇ ଗଲା ।

ଏତେ ଛୋଟିଆ ଝିଅଟା ଆଉ ଏତେ ବଡ ଦୁଃଖ ।କିନ୍ତୁ ତା ସହ କଥା ହେଲା ପରେ ମୋ ଆଖି ଉଜ୍ଜ୍ୱଳ ହୋଇ ଉଠିଲା, ସେ ଛୋଟ ଝିଅ ଟି ମତେ ଜୀବନ ର ବହୁତ୍ ବଡ ଶିକ୍ଷା ଦେଇ ଗଲା: ମୁଁ ଜାଣି ଗଲି ମୋ କ୍ଲାସ ର ପିଲାମାନେ କାହିଁକି ନିଜର ଚୁଟି ସବୁ କାଟିଥିଲେ ମୁଁ ରାତି ସାରା ଚିନ୍ତା କଲି ଆଉ ମୁଁ ରାସ୍ତା ପାଇଲି ଯେ ମୋ ପିଲା ମାନଙ୍କ ମନରେ ଜାଗା କରିବା ମତେ କଣ କରିବାକୁ ପଡିବ ।ସତ କହୁଛି ଜମା ସାହସ ହେଉ ନଥିଲା କିନ୍ତୁ ମୁଁ ବି ମୋର ସବୁ ତକ ଚୁଟି କାଟିଦେଲି । ପରଦିନ କ୍ଲାସରେ ମୁଁ ଟିକେ ଡେରି ରେ ପହଞ୍ଚିଲି ସ୍କୁଲ

ରେ ସମସ୍ତେ ଚିଡିଆଖାନା ର ଜନ୍ତୁ ପରି ମତେ ଦେଖୁଥିଲେ କିନ୍ତୁ ମତେ ଦେଖି ମୋ କ୍ଲାସର ପିଲାମାନେ ବହୁତ ଖୁସି ହୋଇଗଲେ ସେହିଦିନ । ପିଲା ହେଲେ କଣ ହେଲା ସେମାନେ ମୋ ମନ କଥା ବୁଝି ପାରିଥିଲେ ଆଉ ମୋ ଚାରି ପଟେ ବେଢି ହୋଇ ଠିଆ ହୋଇ ଗଲେ । ସେଦିନ ରୁଚି ବି ସ୍କୁଲ ଆସିଥିଲା ମତେ ଧିରେ କି କହିଲା ମାମ ମୁଁ ଏଥର ନିତି ସ୍କୁଲ ଆସିବି । ରିତା ମାଡାମ୍ କାନ୍ଦ କାନ୍ଦ ହୋଇ କହିଲେ ବଢିଆ ହେୟାରକଟ୍ ମୁଁ ବି ତୁମ ପରି ଚୁଟି କଟାଇବି । ଧନ୍ୟବାଦ୍ ।

ଅସଲରେ ମୋ କ୍ଲାସର ରାଜା ଆଉ ରିଚା ପରସ୍ପର ର ବହୁତ୍ ଭଲ ବନ୍ଧୁ । ରିଚା ଚୁଟି ପାଇଁ ସ୍କୁଲ ଆସେ ନି ଜାଣି ରାଜା ବି ତାର ସବୁ ଚୁଟି କାଟି ଦେଇଥିଲା । ଆଉ ତାକୁ ଉତ୍ସାହିତ କରିବାକୁ ଯାଇ ତଥାକଥିତ ମୋ କ୍ଲାସର ସବୁ ଖରାପ ପିଲା ମାନେ ମଧ୍ୟ ନିଜର ସବୁ ଚୁଟି କାଟି ପକେଇଲେ । ଆଉ ଏତେ ବଡ କାମ କଲା ପରେ ବି ସେମାନେ କାହାକୁ ଜଣାଇ ବି ନଥିଲେ । ସେଦିନ ସନ୍ଧ୍ୟାରେ ରିଚା ମତେ କହିଥିଲା ତା ସାଙ୍ଗ ରାଜା କେମିତି ତା ପାଇଁ ତାର ସବୁ ପାଠ ଘରେ ଆସି ତାକୁ ପଢାଏ ଆଉ ଏଇ ଚୁଟି କଥା । କେତେ ବଡ ସତେ ସେମାନଙ୍କ ହୃଦୟ ଆଉ ସେଥିରେ ଏବେ ମତେ ବି ଜାଗା ଟିଏ ଦେଇଦେଲେ । ପ୍ରିନ୍ସିପାଲ ମାଡାମ ଅସଲ କଥା ଜାଣିଲା ପରେ ମୋ ପିଲାମାନଙ୍କ ଉପରେ ବହୁତ ଖୁସି ହେଲେ ।ଆଉ ସେମାନଙ୍କୁ ସ୍କୁଲ ତରଫରୁ ସମ୍ମାନିତ କରାଗଲା ।

ମୁଁ ଜାଣିନି ମୁଁ କେତେ ଦୂର ଠିକ୍ କରିଛି, କିନ୍ତୁ ମୋର ତଥାକଥିତ ସ୍କୁଲର ସବୁଠୁ ଖରାପ ପିଲା ମାନେ ଆଜି ସମସ୍ତଙ୍କ ପାଇଁ ଉଦାହରଣ ତଥା ପ୍ରେରଣାର ଉତ୍ସ ବନି ଜଣାଇଥିଲେ ।

 Magazine Downloaded from www.aahwaan.com

ଏକଦା

(୧୯୬୪-୬୫ ମସିହା ସମୟର ପୃଷ୍ଠଭୂମି ଉପରେ କାହାଣୀଟି ରଚିତ)

ଶୀତୁଆ ସକାଳ, ଚାରିଆଡେ କୁହୁଡି ଢାଙ୍କିହୋଇ ରହିଥାଏ । କୂଅ ପାଖର ସେଇ ପିଜୁଳି ଗଛଟାବି ଭଲଭାବେ ଦିଶେନି ସକାଳୁ ସକାଳୁ । ଗଛତଳେ କିନ୍ତୁ ଖଣ୍ଡିଆ ପିଜୁଳି କେତୋଟି ପେଟ ଦେଖେଇ ପଡିଥଆନ୍ତି, ଯେମିତି କହୁଥାନ୍ତି, ଆରେ ଦେଖରେ, ରାତିରେ ବାଦୁଡି ଆସି କେମିତି ଆମ ପେଟ ଫଟେଇ ଖାଇ ଦେଇଛନ୍ତି । ଏଇଟା ଆମର ବାରମାସୀ ପିଜୁଳିଗଛ, ବର୍ଷର ସବୁ ସମୟରେ ନୂଆ ନୂଆ ଫୁଲ ଫୁଟୁଥାଏ, କସି ପିଜୁଳି ବି ଥାଏ, ପାଚିଲା ପିଜୁଳିବି ଝୁଲୁଥାଏ । ଖୁବ୍ ମିଠା ଆଉ ମାଉଁସିଆ, ମଞ୍ଜି ବି ନରମ ନରମ, ଭିତରଟା ଲାଲ ଟହଟହ । କିନ୍ତୁ ବଡ ବିଚିତ୍ର କଥା ଦି'ପହର ସାରା ଆମେ ଏଇ ଗଛରେ ଚଢି ପାଚିଲା ପଜୁଳି ଖୋଜୁ, କିନ୍ତୁ ଗୋଟିଏ ବି ମିଳେନା, ହେଲେ ସବୁଦିନ ସକାଳେ ଗଣ୍ଡା ଗଣ୍ଡା ଖଣ୍ଡିଆ ପିଜୁଳି ଗଛମୂଳରେ ପଡିଥାଏ । ଏଇ ଗଛଟା ବୋଧେ ବାଦୁଡିଙ୍କ ସାଙ୍ଗ, ଦିନରେ ଆମଠୁ ପିଜୁଳି ଲୁଚେଇ ରଖେ, ଆଉ ରାତିହେଲେ ବାଦୁଡିଙ୍କୁ ଦେଇଦିଏ । ବଡଭାଇ ବଡପାଟିରେ କହେ, ହେଃ ସେ ଖଣ୍ଡିଆ ପିଜୁଳି ଆଡେ ଚାହିଁ କଣ ଭାବୁଛୁ । ଜଲ୍‌ଦି ଦାନ୍ତ ଘସ, ଡେରି ହୋଇଯିବ ସ୍କୁଲକୁ । ଦାନ୍ତକାଠିଟାକୁ ଜୋରରେ ପାଟିରେ ଭିଡିଭାଡି ଘସୁଥାଏ, ଭାଇ



ବିନୟ ମହାପାତ୍ର

କହନ୍ତି ନେ ଏଇ ଅଙ୍ଗାର ଗୁଣ୍ଡ, ଏଥିରେ ଥରେ ଘସିଦେ, ଦାନ୍ତ ଏକଦମ ଧଳାଧଳା ଦିଶିବ । ସେତେ ବେଳେ ଦାନ୍ତଘସା ପେଷ୍ଟ କି ବ୍ରସ କିଛି ବି ନଥିଲା । ଜଙ୍ଗଲରୁ ଶାଳ କି କରଞ୍ଜ ଦାନ୍ତକାଠୀ ଆଣି ଆଦିବାସୀ ମାନେ ବିକନ୍ତି, ବିଡା ପାଞ୍ଚ ପଇସା । ବଡଲୋକ ମାନେ କିଏ କିଏ ଗୁଡାଖୁରେ ବି ଦାନ୍ତ ଘସନ୍ତି କିନ୍ତୁ ତେବେବି ତାଙ୍କର ଦାନ୍ତକାଠି ଦରକାର ହୁଏ, ଦାନ୍ତ ଘସିବାକୁ ନୁହେଁ, ଜିଭ ଛେଲିବାକୁ । ଦାନ୍ତକାଠିକୁ ଦାନ୍ତରେ କାମୁଡି ମଝିରୁ ଦିଫାଡ କରି ଦିଆଯାଏ ଆଉ ସେଥିରେ ଜିଭ ଛେଲାହୁଏ । ଭାଇର ଦାନ୍ତଘସା ଜିଭଛେଲା ସବୁ ସରିଲାଣି ସେ ଠିଆ ହୋଇ ମୋତେ ଦେଖୁଥାଏ କାଳେ ମୁଁ ଆଉ ଅଧିକ ଡେରି କରିଦେବି ବୋଲି , କହିଲା, ଆରେ ସରିଲା ଦାନ୍ତଘସା, ଏବେ ଶିଘ୍ର ଜିଭ ଛେଲିପକା, ମାଆ ଏଇନେ ଖାଇବାକୁ ଡାକୁଥିବ । ମୁଁ ଦାନ୍ତକାଠିକୁ ଦାନ୍ତରେ ଫାଡି ଦି'ଚିରା କରିବା ବେଳକୁ ମାଆ ଡାକ ପକାଏ, ଆରେ ସରିଲା ତମର, ସଅଳ କାମସାରି ଆସ, ଖାଇବ । ସିଆଡେ ସ୍କୁଲ ଘଣ୍ଟି ବାଜିଯିବ ଯେ ।

ଶୀତ ଦିନ ସକାଳ, ତଥାପି ସ୍କୁଲ ତ ଯିବାକୁ ହେବ । ସାଢେ ସାତଟାରୁ ସ୍କୁଲ ଆରମ୍ଭ । ସକାଳୁ ଉଠି ଦାନ୍ତ ଘସି, ସ୍କୁଲ ଡ୍ରେସ ପିନ୍ଧି, ସେତେବେଳେ ତ ସ୍କୁଲ ୟୁନିଫର୍ମ ନଥିଲା, କିନ୍ତୁ ଘର ପିନ୍ଧା ଆଉ ସ୍କୁଲ ପିନ୍ଧା ଡ୍ରେସ ଅଲଗା ଅଲଗା ଥିଲା । ହାପ ପ୍ୟାଣ୍ଟ, ହାପ ସାର୍ଟ । ଶିତ, ବର୍ଷା, ଖରା ସବୁଦିନ ସେଇ ଏକା ହାପ୍ ପ୍ୟାଣ୍ଟ, ହାପ୍ ସାର୍ଟ । ସ୍ୱେଟର କାଁ ଭାଁ କାହା କାହା ପାଖରେ କେମିତି ଥାଏ । କଲେଜ ପଢିଲେ ଯାଇ ଫୁଲପେଣ୍ଟ ମିଳୁଥିଲା । ଡ୍ରେସ ପିନ୍ଧିବାକୁ ଗଲାବେଳକୁ ବାପା କେଉଁଠି ଥିବେ କେଜାଣି, ଆସି ପଚାରିବେ କିଏ କିଏ ଝାଡା ଯାଇନ ? ସେତେବେଳେ ବାଡିରେ ଆମର ଗୋଟିଏ ବରପାଲି ପାଇଖାନା ଥିଲା । (ଆଜି କାଲି ପରି ସେତେବେଳେ ପାଇଖାନା ସମସ୍ତଙ୍କ ଘରେ ନଥିଲା) । ଆମେ ସାତ ଭାଇ ଭଉଣୀ, ସକାଳ

ଛଅଟାରେ ଉଠି ସାଢେ ଛଅଟା ଭିତରେ ସମସ୍ତେ ଯେ ପାଇଖାନାର ଦର୍ଶନ କରିଥିବେ, କହିବା ମୁସ୍କିଲ । କିନ୍ତୁ ବାପାଙ୍କ ଆଗରେ ସମସ୍ତେ ଗୋଟିଏ ସ୍ୱରରେ ହଁ କହି ଦିଅନ୍ତି । କିଏ ସତ କହୁଛି କିଏ ମିଛ, ପରଖିବାକୁ ବାପାଙ୍କ ପାଖରେ ସମୟ ନଥାଏ । କିନ୍ତୁ ଏଇଟା ରେଗୁଲାର ଫରମାଲିଟି, ବାପା ନିଶ୍ଚୟ ପଚାରୁଥିଲେ, ଏବଂ ଆମେ ସମସ୍ତେ ଏକ ସ୍ୱରରେ ହଁ କହି ଦେଉଥିଲୁ ।

ଦାନ୍ତ ଘସିବା ପରେ ମୁହଁ ଧୋଇ ସାରି ପାଣିହାତ ନେଇ ମୁଣ୍ଡବାଳକୁ ଟିକେ ଓଦା କରିଦେଉ । ଘରେ ମାଆ ତେଲ ଶିଶି ନେଇ ଅପେକ୍ଷା କରିଥାଏ, ମେଞ୍ଚାଏ ତେଲ ମୋ ମୁଣ୍ଡରେ ବୋଳି ପକାଏ । ବଡ ଭାଇ ନିଜେ ନିଜେ ତା ମୁଣ୍ଡରେ ତେଲ ଲଗାଏ ଆଉ ସିନ୍ଥୁଣି କାଢି ବଡ ଷ୍ଟାଇଲରେ ତା ମୁଣ୍ଡ କୁଣ୍ଡାଏ, ସେମିତି ଆମର ଜଣେ ପିଉସା ବାଳ ଷ୍ଟାଇଲ କରନ୍ତି । ମାଆ ମୋ ମୁଣ୍ଡ କୁଣ୍ଡାଇଦିଏ । ପାଲାଦିନେ ମୋ ମୁଣ୍ଡର ବାଳ ସହଜରେ କୁଣ୍ଡେଇ ହୁଏନା । ଯେତେ ପାଣି ଲଗାଅ କି ତେଲବୋଳ, କୁଣ୍ଡେଇ ଦେଲା ପରେ ସବୁ ବାଳ ସିଧା ଠିଆ ଠିଆ ହୋଇ ରହନ୍ତି । ସେଇଥି ପାଇଁ ମୋ ବଡଭାଇ ମୋତେ ସବୁବେଳେ ଟିଙ୍ଗାବାଳିଆ କହି ଚିଡାଏ । ମାଆ ବି ବେଳେ ବେଳେ ବ୍ୟସ୍ତ ହୋଇଯାଏ, କହେ କଣ କରିବି ତୋ ବାଳକୁ ? ଯେତେ କୁଣ୍ଡେଇଲେ ବି ଠିଆ ଠିଆ ହୋଇ ରହୁଛି । ବଡଭାଇ ମୋତେ ଚିଡେଇବାକୁ କହେ, ମାଆ ତା ବାଳକୁ ଇସ୍ତ୍ରୀ କରିଦେ । ମୁଁ ରାଗିଯାଏ ବଡଭାଇକୁ ମାରିବାକୁ ବାହାରିଲା ବେଳେ ମାଆ ମୋତେ ଧରି ପକାଏ ଆଉ କହେ, ହେଇ, ଡେରି ହେଉଚି, ଚାଲ ଜଲ୍‌ଦି ଜଲ୍‌ଦି ଖାଇନିଅ, ଡେରି ହେଉଛି । ସ୍କୁଲରୁ ଫେରିଲେ ପଛେ ଝଗଡା କରିନେବ ।

ତା ପରେ ଖାଇବା ପର୍ବ । ଏତେ ସକାଳୁ ବା କିଏ କଣ ରୋଷେଇ କରି ପାରିବ ?

ତେଣୁ ଖରା ହେଉ କି ବର୍ଷା କି ଶୀତ, ସକାଳେ ପଖାଳ । ଦି ପହରେ ଗରମ ଭାତ, ଡାଲି, ତରକାରୀ, ଭଜା ଆଉ କେତେ କଣ । ସେତେବେଳେ ଖାଲି ସହରରେ ଲୋକେ ରାତିରେ ରୁଟି ଖାଉଥିଲେ, ନହେଲେ ଗାଆଁରେ ତ ରାତିର ଡିନରରେ ସଜ ପଖାଳ, ସକାଳ ବ୍ରେକଫାଷ୍ଟରେ ବାସି ପଖାଳ ! ରାତିର ବଳକା ଆଳୁ ଛୁଇଁ ଭଜା କିମ୍ବା ଆଳୁ କି ବାଡି ବାଇଗଣ ପୋଡା । ମାଆ ବାଢିଦିଏ ତିନି ଚାରି କଂସାରେ ବାସି ପଖାଳ । ମାଟି ହାଣ୍ଡିର ସେ ଥଣ୍ଡା ଥଣ୍ଡା ପଖାଳ । ରୋଷେଇ ତ ରସ ଡେକ୍‌ଚିରେ ହୁଏ କିନ୍ତୁ ପଖଳା ଯାଏ ମାଟି ହାଣ୍ଡିରେ, ସେଥିରେ ଗିନାଏ ଜୁଆଣ ମିଶାଯାଏ (ଜୁଆଣ କହିଲେ ଆଗ ଦିନର ପୁରୁଣା ଖଟା ତୋରାଣୀ ଯେମିତି ଦହି ବସେଇବା ପାଇଁ ଖୀରରେ ଦହି ମିଶାଯାଏ) । ସେ ପଖାଳର ମହକ ଆଜିବି ଭୂଲି ହୁଏନା । ଅମୃତର ମହକ ବୋଧହୁଏ ଏମିତି ଥାଏ !

ଗୋଟେ କଂସାରେ ଦି' ଦି'ଜଣ । ମୁଁ ଆଉ ମୋ ବଡ ଭାଇ ଗୋଟିଏ କଂସାରେ । ଆଜି ବି ମନେ ପଡିଲେ ବଡ ହସ ଲାଗେ । ବଡ ଭାଇ ଟିକେ ବେଶି ସୁତୁରା, ବସୁ ବସୁ କହିବେ, ଯାଆ ଭଲ କରି ହାତ ଧୋଇ ଆସ । ତାପରେ, ଆଳୁ ବାଇଗଣ ସିଏ ଚକଟିବେ । ମୋତେ କୁଆଡେ ଭଲ ପାଗ କରି ଆସେନା । ଚକଟିବା ଭିତରେ ମୋତେ ଦୁଇତିନି ଥର ନ ଉଠେଇଲେ ତାଙ୍କର ଚକଟା ପାଗଟା ହୋଇ ପାରେନା । ଥରେ କହିବେ ଯାଆ ବାଡିରୁ ଧନିଆ ଗଛ ଦିଟା ଓପାଡି ନେଇଆ, ବସୁ ବସୁ ପୁଣି କହିବେ, ଭଲ କି ଧୋଇକି ଆଣିନୁ, ଦେଖୁନୁ ଧନିଆ ଚେରରେ କେମିତି ମାଟି ଲାଗିଛି, ଇତ୍ୟାଦି ଇତ୍ୟାଦି । କିନ୍ତୁ ଶେଷ ରେଜଲ୍ଟ ଟା ବହୁତ ମଜାଦାର ହୁଏ । ଚକଟା ପାଗଟା ଖୁବ୍ ଟେଷ୍ଟି ହୋଇଥାଏ । ମୁଁ ତରବରରେ ଖାଇବା ବେଳେ କଂସା ଭିତରେ ମୋ ହାତକୁ ଜାବୁଡି ଧରିବେ । କହିବେ ଏତେ ଜଲ୍‌ଦି ଜଲ୍‌ଦି କାହିଁକି ଖାଉଚୁ ? ଗାଡି ପଳେଇବକି ? ଭାତ ଗିଳି ପକଉଚୁ, ପେଟରେ କଣ ଦାନ୍ତ

ଅଛି ଚୋବାଇବା ପାଇଁ ? ଧୀରେ ଧିରେ ଖାଆ । ସକାଳ ପଖାଳ ସାଙ୍ଗରେ କେବେ ଲୁଣି ସୁଖୁଆ ଶୋରିଷ ମସଲା ଦେଇ ଭଜା ହୋଇଥାଏ । କେବେ ରସୁଣ ଅଦା କଞ୍ଚାଲଙ୍କା ସହିତ ବଡିଚୁରା, କେବେ କୋଶଳା ସାଗ ଭଜା, କେବେ ଆଳୁ ମୁଳା ଭଜା କେବେ ଆଳୁ ଫୁଲକୋବି ଭଜା । ସାଙ୍ଗ ହୋଇ ଖାଇ ବସିଲେ ଜଣା ପଡେନି କେତେ ପଖାଳ ଆମେ ଖାଇ ଯାଉ ସକାଳୁ ସକାଳୁ ।

ହାପ୍ ଇୟରଲି ପରୀକ୍ଷା ଏଇ ଶୀତ ଦିନରେ ହୁଏ । ଯେତେଦିନ ପରୀକ୍ଷା ଥାଏ, ସେତେଦିନ ମାଆ ରାତିକରୁ ଉଠି ଆମ ପାଇଁ ଗରମ ଭାତ, ମୁଗ ଡାଲିର ଡାଲମା ଆଉ ଆଳୁ ଭରତା ରାନ୍ଧିଦିଏ । ମୁଗ ଡାଲିରେ ସବୁ ପରିବା ପଡିଥାଏ, ବିଶେଷ କରି ମୂଳା ପଡିଥାଏ ସେଥିରେ । ଆଃ, ଆଜିବି ମନେପଡେ ସେ ଡାଲମାର ମହକ ଆଉ ତାର ସୁଆଦ । ବାମ୍ଫ ଉଠୁଥିବା ଗରମ ଗରମ ଭାତରେ ଘର ତିଆରି ଗୁଆଘିଅ ଆଉ ମୂଳାବାସନାବାଲା ସେ ଡାଲମା, ଆଜି ମନେ ପଡିଲେ ପାଟିରୁ ଲାଳ ବୋହି ଆସେ ଆଉ ଆଖିରୁ ଲୁହ ଝରିଆସେ । ମନେ ପଡିଯାଏ ମାଆର ସେଇ କମନୀୟ, ମମତାମୟୀ ରୂପ । ତାର ସେ ପ୍ରେମମୟୀ ହୃଦୟରେ କେତେ ଯତ୍ନରେ ନିଜ ସନ୍ତାନ ମାନଙ୍କ ପାଇଁ ଅମୃତ ପରଶି ଦିଏ ତା ହାତରନ୍ଧା ବ୍ୟଞ୍ଜନରେ । ସେଥିରେ ଯେତିକି ତେଲ ମସଲା ନଥାଏ ତା ଠାରୁ ଅନେକ ବେଶି ତାର ମମତା ମିଶିଥାଏ । ଆଜିବି ମନେପଡେ ସେଇ ପିଲାଦିନ । ସବୁ ଦୁଷ୍ଟାମୀ, ଅଳି ଅଝଟ, ଯିଦ୍ ରାଗ ରୁଷା ସବୁକିଛି କେତେ ସହଜତାର ସହିତ ସେ ସହି ଯାଉଥିଲା । ସେ ଆଜି ଆଉ ନାହିଁ, ହେଲେ ଏଇ ହୃଦୟ ଭିତରେ ଆଜିବି ସେମିତି ରହିଛି । ସେ ସ୍ଥାନ ଆଉ କେହି ନେଇ ପାରିବନି । ମାଆ ଆଖି ସାମ୍ନାରେ ଥିଲେ ବୋଧେ ଏସବୁ ସେତେ ଭଲରେ ଅନୁଭବ କରି ହୁଏନା କିନ୍ତୁ ତାରି ଅନୁପସ୍ଥିତିରେ ତାର ଅଭାବ ସବୁଠାରୁ ଅଧିକ ଅନୁଭୂତ ହୁଏ ।

ଖାଇ ସାରିବା ପରେ ସ୍କୁଲ ଯିବା ପର୍ବ । ସ୍କୁଲ ବସ୍ତାନୀକୁ କାନ୍ଧର ଓହଲେଇ ଚାଲ ସ୍କୁଲ । ସେତେବେଳେ ତ ସ୍କୁଲ ବ୍ୟାଗ, ଟିଫିନ୍ ବକ୍ସ କି ୱାଟର ବଟଲ କିଛି ନଥିଲା । ବସ୍ତାନୀ କହିଲେ କନାର ବ୍ୟାଗଟିଏ । ତା ଭିତରେ ବସିବା ପାଇଁ ଗୋଟିଏ ଆସନ, ଖଣ୍ଡେ ମାଟି ସିଲଟ, କାହା କାହା ପାଖରେ ଟିଣ ସ୍ଲେଟ ବି ଥାଏ, ସେଇଥିରେ ଅକ୍ଷର ଆଉ ସଂଖ୍ୟା ପ୍ରାକ୍ଟିସ କରାଯାଏ । ମିଶାଣ, ଫେଡାଣ ଆଦି ଅଙ୍କ କଷା ହୁଏ । ଦି ଚାରିଖଣ୍ଡ ବନଖଡି, ଚକ୍ ଖଡି ମୋଟା ଆଉ ଛୋଟ, ବନଖଡି ସରୁ ଆଉ ଲମ୍ବା । ଖଣ୍ଡେ ଛବିଳ ମଧୂବର୍ଣ୍ଣବୋଧ ବହି, ଆଉ ଖଣ୍ଡେ ଅଙ୍କ ବହି । ଲୋୟର ପ୍ରାଇମେରୀ ସ୍କୁଲ କହିଲେ ପ୍ରଥମରୁ ତୃତୀୟ ଶ୍ରେଣୀଯାଏ । ଯାହା ପାଠପଢା ହୁଏ ସେସବୁ କେବଳ ସ୍କୁଲରେ ହୁଏ । ନା କିଛି ଖାତା ନା ପେନ କି ପେନସିଲ ନା ହୋମୱାର୍କ । କେବଳ ଓଡିଆ ପାଠ । ଅ, ଆ, ଇ, ଈ, ଏକ, ଦୁଇ, ତିନ, ଚାରି, ପାଞ୍ଚ । ପଣିକିଆ, ଦିଦୁଣେ ଚାର, ଦୁଇତିରିକି ଛଅ, ଦୁଇ ଚଉକ ଆଠ, ଦୁଇ ପଞ୍ଚା ଦଶ ଏମିତି ପଚିଶକ ପର୍ଯ୍ୟନ୍ତ ପଣିକିଆ । ବଡ ବଡ ପାଟିରେ ଆବୃତ୍ତି କରାଯାଏ । ପଣିକିଆ ବୋଲା ହେଲାବେଳେ ସ୍କୁଲ ଯେମିତି ପଡୁଚି କି ଉଠୁଚି । ଚତୁର୍ଥ ଶ୍ରେଣୀ ହେଲେ ଯାଇ ମାଇନର ସ୍କୁଲ ହୁଏ । ସେତେବେଳେ ଯାଇ କାଠି କଲମ ଆଉ ସ୍ୟାହି ଦୁଆତ ମିଳେ ଲେଖିବାକୁ । ଫାଉଣ୍ଟନ ପେନ କେହି ଦିଅନ୍ତିନି ପିଲାଙ୍କୁ, ବଲପେନ ତ ସ୍କୁଲ କାମରେ ଆଲାଉ ହୁଏନା । ଚତୁର୍ଥ ଶ୍ରେଣୀରେ ଇଂଗ୍ରାଜୀ ଶିଖାଯାଏ । ଏ, ବି, ସି, ଡି, ଇ, ଏଫ, ଜି, ୱାନ, ଟୁ, ଥ୍ରୀ, ଫୋର, ପାଇଭ ଆଦି ପଢାହୁଏ । ବା ବା ବ୍ଲାକ ସିପ୍ ହାଭ ୟୁ ଏନି ଉଲ୍ ରାଇମ୍ସ ଶିଖାଯାଏ ।

ଆମେ ସମୟ ଆଗରୁ ସ୍କୁଲରେ ପହଞ୍ଚି ଯାଉ । ହେଡମାଷ୍ଟ୍ରେ ଆସିଲେ କ୍ଲାସରୁମର ତାଲା ଖୋଲାଯାଏ । ଆମସ୍କୁଲର ହେଡମାଷ୍ଟ୍ରେ, ଗାଆଁ ପୋଷ୍ଟ ମାଷ୍ଟର ବି ଥିଲେ । ସ୍କୁଲଟି

ଆମର ଚାରି ବଖରାର ଉଚ୍ଚା ଚାଳ ଛପର ଘରଟିଏ ଥିଲା । ତିନି ବଖରା ତିନି କ୍ଲାସ ପାଇଁ ଆଉ ଗୋଟିଏ ବଖରାରେ ହେଡ ମାଷ୍ଟ୍ରଙ୍କ ଅଫିସ୍, ଷ୍ଟୋର ଆଉ ଆଲମାରୀ ପାର୍ଟିସନ ଆରପଟେ ଟିଚରସ କମନରୁମ । ଷ୍ଟାଫ କହିଲେ ହେଡମାଷ୍ଟ୍ରଙ୍କୁ ମିଶାଇ ଚାରିଜଣ ଶିକ୍ଷକ । ସ୍କୁଲରେ ତ ଘଣ୍ଟିଟିଏ ବି ଟଙ୍ଗା ହୋଇଥାଏ । ସେଇଟା ଦିନରେ ଦିଥର ବାଜେ । ଥରେ ସକାଳ ପ୍ରାର୍ଥନା ପାଇଁ ଆଉଥରେ ଦିନ ବାରଟା ବେଳେ ସ୍କୁଲ ଛୁଟି ହେବା ପାଇଁ । ସେତେବେଳେ ସମସ୍ତଙ୍କ ପାଖରେ ଘଡି ନଥିଲା କି ଆଜିକାଲି ପରି ମୋବାଇଲ ବି ନଥିଲା ସମୟ ଦେଖିବାକୁ । ହେଡମାଷ୍ଟ୍ରଙ୍କ ଅଫିସରେ ଗୋଟିଏ ପେଣ୍ଡୁଲମ ଘଡିଥାଏ । ସେଇଟାକୁ ଦେଖି ହେଡମାଷ୍ଟ୍ରେ ଯେତେବେଳେ କହିବେ, ସେତେବେଳେ କେହି ଜଣେ ଶିକ୍ଷକ ଘଣ୍ଟି ବଜେଇ ଦିଅନ୍ତି । କେହି ନିକଟରେ ନଥିଲେ କେବେ କେବେ ନିଜେ ହେଡମାଷ୍ଟ୍ରେ ବି ଘଣ୍ଟି ବଜେଇ ଦିଅନ୍ତି ।

ସ୍କୁଲଟି ଝାଟି ମାଟିର ଘର, କାନ୍ଥ ମାଟିର, ଚଟାଣ ବି ମାଟିର, ଉପରେ ଚାଳଛପର । କ୍ଲାସ ଘର ଶନିବାରକୁ ଶନିବାର ଗୋବରରେ ଲିପାପୋଛା ହୁଏ । ବର୍ଷାଦିନେ କେବେ କେବେ କ୍ଲାସ ରୁମରେ ଛତୁ ଫୁଟିଯାଏ । କ୍ଲାସରେ ଫର୍ଣ୍ଣିଚର କହିଲେ, କେବଳ ସାରଙ୍କ ପାଇଁ ଗୋଟିଏ ଟେବୁଲ ଆଉ ଗୋଟିଏ ଚଉକି ଆଉ କାନ୍ଥରେ ଟଙ୍ଗା ହୋଇଥାଏ କଳାପଟାଟିଏ । ପିଲାମାନେ ପାଳିକରି କ୍ଲାସରୁମରେ ଝାଡୁ ଲଗାନ୍ତି । କ୍ଲାସ ଝାଡୁଲଗା ସରିଲାପରେ ଆମେ ସବୁ ବସ୍ତାନୀ ନେଇ ଧାଡି ଧାଡି ହେଇ ବସିବା ପାଇଁ ରଖୁ । ବସ୍ତାନୀରୁ ଆସନ କାଢି ବିଛେଇ ଦେଉ । ପୁଅ, ଝିଅ ସମସ୍ତଙ୍କ ପାଇଁ ଗୋଟିଏ ସ୍କୁଲ । କୋଡିଏ ତିରିଶ ପୁଅ ଆଉ ଦୁଇ ତିନିଜଣ ଝିଅ ଥାଆନ୍ତି ଆମ କ୍ଲାସରେ । ଝିଅମାନଙ୍କ ପାଇଁ ଆଗ ଧାଡି ଛାଡିଦିଆଯାଏ । କ୍ଲାସର ପ୍ରଥମରୁ ଯିଏ ଥରେ ଯେଉଁ ସ୍ଥାନରେ ବସିଗଲା, ସେ ଜାଗାଟି ତା

 Magazine Downloaded from www.aahwaan.com

ପାଇଁ ପକ୍କା ହୋଇଯାଏ । କିନ୍ତୁ ବେଳେବେଳେ ପିଲାମାନେ ସାଙ୍ଗ ବଦଳେଇ ଦିଅନ୍ତି, ତେଣୁ ଜାଗା ବି, ସେ ସମୟରେ ପିଲାଙ୍କ ଭିତରେ ଝଗଡା ହୁଏ । ସେତେବେଳେ ଶିକ୍ଷକଙ୍କର ମଧ୍ୟସ୍ଥତାର ଆବଶ୍ୟକତା ହୁଏ । ଏଇ ସମୟରେ ପ୍ରାର୍ଥନା ପାଇଁ ଘଣ୍ଟି ବାଜେ । ସବୁପିଲା ନିଜ ନିଜ କ୍ଲାସରୁ ବାହାରି ସ୍କୁଲ ବାରଣ୍ଡାରେ ଧାଡି ହୋଇ ଠିଆ ହୋଇ ଯାଆନ୍ତି । ଦୁଇଜଣ ଝିଅ ପ୍ରାର୍ଥନା ବୋଲନ୍ତି । 'ଆହେ ଦୟାମୟ ବିଶ୍ୱବିହାରୀ' ବାକି ସବୁ ପାଳି ଧରନ୍ତି ।

ପ୍ରାର୍ଥନା ପରେ କ୍ଲାସ ଆରମ୍ଭ ହୁଏ । ମାଷ୍ଟ୍ରଙ୍କ ଟେବୁଲ ଉପରେ କଞ୍ଚା କନିଅର ବେତଟିଏ ଥୁଆ ହୋଇଥାଏ । ଏଇଟା କ୍ଲାସ ମନିଟରର ଡିୟୁଟି । ସବୁଦିନ ନୂଆ ବେତ । ସେ ସମୟରେ ପାଠପଢା ବଡ କଡା ଥିଲା, ମାଷ୍ଟ୍ରେ ବି । ପିଲାଙ୍କୁ ନିଜର ପୁଅଝିଅ ପରି ସ୍ନେହ କରୁଥିଲେ । ବଡ ସ୍ନେହରେ ଧ୍ୟାନ ଦେଇ ସବୁ ବୁଝାଇ ଶିଖଉ ଥିଲେ । କିନ୍ତୁ ବେତର ଡର ବି ଥିଲା ପିଲାଙ୍କ ମନରେ । ଏଇ ଡରକୁ ତାଜା କରିବା ପାଇଁ ମଝିରେ ମଝିରେ ତାର ବ୍ୟବହାର ବି କରୁଥିଲେ । କିଏ କିଏ ତ ବେତ ବାଜିବା ଆଗରୁ ଠିଆ ଠିଆ ପରିଶ୍ରା କରିଦେଉଥିଲେ ପେଣ୍ଟରେ । ସେ ପୁଅ ହେଉ କି ଝିଅ ହେଉ କିଛି ଫରକ ନଥିଲା ମାଷ୍ଟ୍ରଙ୍କ ପାଖରେ । ବେତ ମାଡ କଥା ଘରେ ମାଆ ବାପାଙ୍କ ପାଖରେ ଅଭିଯୋଗ କଲେ ବି କିଛି ଫରକ ପଡୁନଥିଲା । ମାଆ ବାପା ଓଲଟି କହୁଥିଲେ, ତୁ ପାଠ ପଢିବୁନି, ତାହେଲେ ମାଷ୍ଟ୍ରେ ତୋତେ ବେତରେ ମାରିବେନି ତ ଆଉ କଣ ଗେଲ କରିବେ ? ତେଣୁ ସ୍କୁଲ କଥା ସ୍କୁଲରେ ହିଁ ରହେ । ଆଉ ତା ପରଦିନ ସବୁପିଲା ପାଠ ଘୋଷିକି ଆସି ଯାଆନ୍ତି । ଯେଉଁଦିନ ପାଠ ଘୋଷା ହୋଇନଥାଏ, କେତେ ଦିଅଙ୍କୁ ଡାକୁ, ହେ ପ୍ରଭୂ ଆଜି ମାଷ୍ଟ୍ରେ ସ୍କୁଲ ନଆସନ୍ତେ ହେଲେ । କିନ୍ତୁ ପ୍ରଭୂ କେବେ ବି ଶୁଣନ୍ତିନି ! ଖରା ହେଉ କି ବର୍ଷା ହେଉ, କି ଝଡି ତୋଫାନ କେବେ କୌଣସି ଶିକ୍ଷକ ଛୁଟି କରିବା ମୁଁ କେବେବି ଦେଖିନି । ସେଇ ମାଟି

ଝାଟିର ସ୍କୁଲରେ ମାଷ୍ଟର ମାନଙ୍କର ସ୍ନେହ ଆଦର ଆଉ କଡା ଅନୁଶାସନ ଦେଶ ଜାତିକୁ କେତେ କେତେ ମହାନ ଡାକ୍ତର ଇଞ୍ଜିନିୟର ଓକିଲ ଜଜ୍ ଦାନ କରିଛନ୍ତି ।

ଆଜିର ସବୁ ସୁବିଧା ଭିତରେ ଛାତ୍ରମାନଙ୍କ ଭିତରେ ସେ ଅନୁଶାସନ କାଇଁ । ଶିକ୍ଷକମାନଙ୍କ ପ୍ରତି ଛାତ୍ରଙ୍କର ସେ ଭକ୍ତି, ସେ ସମ୍ମାନ କାଇଁ । ଶିକ୍ଷା ତ ଆଜି ବ୍ୟବସାୟୁ ପାଲଟି ଯାଇଛି । ଆଜି କେହି ଜ୍ଞାନ ଅର୍ଜନ ପାଇଁ ନୁହେଁ ବରଂ ଭଲ ଚାକିରୀଟିଏ କି ଅଧିକ ରୋଜଗାର ପାଇଁ ପାଠ ପଢୁଛନ୍ତି । ଶିକ୍ଷକ ବି ସେମିତି, ବିଦ୍ୟା ଦାନର ମନୋବୃତ୍ତି ନାହିଁ, ଖାଲି ବିଦ୍ୟା ବିକ୍ରୟୁ ପାଇଁ ଅଛନ୍ତି । ଯେଉଁଠି କିଣାବିକାର ସମ୍ବନ୍ଧ ଥାଏ ସେଠି ସମ୍ବେଦନା, ସମ୍ମାନ ବା ପ୍ରେମର ଭାବ କେଉଁଠାରୁ ଆସିବ ?

 Magazine Downloaded from www.aahwaan.com

ସଂପର୍କ

ଏକ

ଏମିତି ଏକ ଅସମୟରେ ଡଃ ହରିଶ ମିଶ୍ର ସୁରଭିକୁ ନିଜ ନର୍ସିଂ ହୋମ୍‌ରେ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ବିଗତ ଦିନରେ ତା ବାପାଙ୍କର ଆକସ୍ମିକ ମୃତ୍ୟୁ ସଭିଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା । କିନ୍ତୁ ସୁରଭି ଧୈର୍ଯ୍ୟହରା ନ ହୋଇ ସହନଶୀଳତାରେ ସବୁ କାର୍ଯ୍ୟକୁ ଠିକ୍ ରୂପେ ତୁଲେଇ ନେଇଥିଲା । ତାହା କେବଳ ହରିଶ ମିଶ୍ର ନୁହେଁ ତାର ଚିହ୍ନା ପରିଚୟ - ବନ୍ଧୁବାନ୍ଧବ ସଭିଏଁ ଜାଣନ୍ତି ।

ହଠାତ୍ ତାକୁ ଏକ ଅହେତୁକ ପରିସ୍ଥିତିରେ ଦେଖି ଡା ହରିଶ ମିଶ୍ର ଯେତିକି ବିସ୍ମୟ ହେଉଥିଲେ, ସୁରଭିର ଟେଲେଣ୍ଟକୁ ସେତେ ପରିମାଣରେ ସାବାସି ଦେଉଥିଲେ ।

ସୁଧାଂଶୁ ଶେଖର ଦ୍ୱିବେଦୀ

ଯେବେ ସେ ତାକୁ ଶେଷଥର ପାଇଁ ଦେଖା କରିଥିଲେ, ସେତେବେଳେ ସେ ତା ନୂଆ ବାପା ସହିତ ଫରେନ୍ ଯିବାପାଇଁ ପ୍ରସ୍ତୁତ ହେଉଥିଲା, ହେଲେ ଆଜି ସେ ନର୍ସିଂ ହୋମକୁ ଆସିଛି କେଉଁ ଉଦ୍ଦେଶ୍ୟରେ ?

ମନେ ମନେ ଭାବନାରେ ମଗ୍ନ ଥାଇବି ଜଣେ ନର୍ସ ସହିତ ସୁରଭିର କଥୋପକଥନ ସେ ବେଶ୍ ଶୁଣିପାରୁଥିଲେ ।

 Magazine Downloaded from www.aahwaan.com

ନର୍ସ ତାକୁ ପଚାରୁଥାଏ, "ତୁମର ଏବେ କେତେ ମାସ ଚାଲିଛି ?"

ସୁରଭି ଦୋଦୋପାଞ୍ଚି ହୋଇ ଜବାବ ଦେଲା, "ଆ... ଆଙ୍କା.. ଚାରିମାସ ।"

ପୁଣିଥରେ ନର୍ସ ପ୍ରଶ୍ନକଲା, "ଏ ପିଲାର ବାପା କିଏ ?"

ସୁରଭି ଏପ୍ରକାର ପ୍ରଶ୍ନରେ ଆକ୍ରାମାକ୍ରା ହୋଇ ଥର ଥର କଣ୍ଠରେ କହିଲା, ମୋ... ମୋ ବାପା ।

ସୁରଭିର ଏଭଳି ଉତ୍ତରରେ ଡା ହରିଶ୍ ମିଶ୍ର ସେଇଠି ନିର୍ବାକ୍ ନିଷ୍ପନ୍ଦ ହୋଇ ଛିଡ଼ା ହୋଇଥିଲେ କେବଳ ସ୍ଥାଣୁ ସଦୃଶ ।

ଦୁଇ

ବାପା ତାଙ୍କ ଛୋଟ ପୁଅକୁ କୋଳରେ ଧରି ପିଣ୍ଡାରେ ବସିଥାନ୍ତି । ହଠାତ୍ ଗୋଟେ କୁଆଟେ ଉଡ଼ିଆସି ଘରର ଚାଳରେ ବସି କା କା ରାବିଲା । କୋଳରେ ବସିଥିବା ପୁଅ ବାପାକୁ ପଚାରିଲା । "ବାପା ଇଏ କିଏ ?"

ବାପା ପୁଅକୁ ବୁଝେଇ କହିଲେ, "ଏଇଟା ପରା କୁଆ ।"

ପୁଣିଥରେ ପୁଅ ପଚାରିଲା, "ବାପା ଇଏ କିଏ ?"

ଏଥର ମଧ୍ୟ ବାପା ପୁଅର ମୁଣ୍ଡକୁ ଶ୍ରଦ୍ଧାରେ ଆଉଁସିଦେଇ କହିଲେ, "ସେ ଗୋଟେ ପକ୍ଷୀ, ତା ନାଁ ହେଉଛି କୁଆ ।"

ପୁଅ ବାରମ୍ବାର ପଚାରି ଚାଲିଥାଏ "ଏଇଟା କିଏ ? ସେ କଣ କରେ ? ସେ କଣ ଖାଏ ? କୋଉଠି ରହେ ? ଇତ୍ୟାଦି ଇତ୍ୟାଦି..."

ବାପା ମଧ୍ୟ ଆଦରରେ ପୁଅର ସବୁ ପ୍ରଶ୍ନର ସଠିକ ଉତ୍ତର ଦେଇ ବୁଝାଉଥାନ୍ତି ।

କ୍ରମଶଃ ପୁଅ ବଡ଼ ହୋଇଗଲା, ବାପା ବୁଢ଼ା ହୋଇଗଲେ । ଦିନେ ବାପା ଦାଣ୍ଡଘରେ ବସିଥାନ୍ତି, ପୁଅ ପାଖକୁ ତା'ର ଜଣେ ସାଙ୍ଗ ଆସିଥାଏ । ବାପା ତାକୁ ଦେଖି ପଚାରିଲେ, "ଇଏ କିଏ କିରେ ପୁଅ ? ତା ନାଁ କଣ ?"

ପୁଅ ତା ସାଙ୍ଗର ନାଁ ଜଣେଇଲା । ବାପାଙ୍କ ପାଖେ ତାକୁ ପରିଚିତ କରେଇଲା । ପୁଣି କିଛି ସମୟପରେ ଆଉଜଣେ ସାଙ୍ଗ ପୁଅ ପାଖକୁ ଆସିଲା, ବାପା ତାଉ ଦେଖି ପୂର୍ବ ପ୍ରଶ୍ନକୁ ଆଉଥରେ ପଚାରିଲେ । ଏଥର ପୁଅ ରାଗ ଗରଗର ହୋଇ କହିଲା, "ତୁମେ ଚୁପ୍‌ଚାପ୍ ବସୁନ ? କିଛି ତ କରୁନ କି ଧରୁନ, କିଏ ଆସିଲା ? କିଏ ଗଲା ? ଏତେ କଥାରେ ମୁଣ୍ଡ ପୁରାଉଛ କାହିଁକି ?"

ପୁଅଠାରୁ ଏମିତି ନକାରାତ୍ମକ କଥା ଶୁଣି ବାପା ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ, "ବାପରେ... ! ମୁଁ ଥରେ କି ଦିଥର ପଚାରିଦେଲି ବୋଲି ତୁ ରାଗି ଯାଉଛୁ । ଅଥଚ ତୁ ଶହେଥର ପଚାରୁଥିଲୁ ଏଇଟା କଣ ? ଇଏ କିଏ ? ଇଏ କଣ କରେ ? କୋଉଠି ରହେ ? କୋଉଠି ଶୁଏ ? କଣ ଖାଏ ? ତୋର ସବୁ ପ୍ରଶ୍ନ ଶୁଣି ମୁଁ କେବେ ବି ରାଗ କରିନି । ବରଂ କୋଳରେ ବସେଇ ଶ୍ରଦ୍ଧାର ସହ ତୋ ପ୍ରଶ୍ନର ଉତ୍ତର ଦେଇଛି ।

ଏଇ ହେଉଛି ବାପ ପୁଅର ପାର୍ଥକ୍ୟ, ବାପ ଯେ ପର୍ଯ୍ୟନ୍ତ ବୁଢ଼ା ହୋଇନଥାଏ । ପୁଅର ସବୁ ଅଳି ଅର୍ଦ୍ଦଳିକୁ ହଜମ କରିନିଏ । ହେଲେ ବୟସ ଖସିବାପରେ... ।

ଯୋଗଫର୍ ଲାଇଫ୍, ବିସି-୭୪, ସେକ୍ଟର-୧
ସଲ୍‌ଟଲେକ୍, କୋଲକାତା - ୬୪
ଭ୍ରାମ୍ୟଭାଷ : ୯୬୮୧୩୭୩୫୧୨

ଦୀପତଳ ଅନ୍ଧାର

ଶିକ୍ଷକ ସଂଘର ଏକ ଜରୂରୀ ମିଟିଂପାଇଁ ମୁଁ ଭୁବନେଶ୍ୱର ଆସିଥିଲି । ମିଟିଂ ସରିଲା ବେଳକୁ ପ୍ରାୟ ସଂଧ୍ୟା । ଏତେଦିନ ପରେ ଭୁବନେଶ୍ୱର ଆସିଛି ତ ସାଙ୍ଗମାନଙ୍କ ସଙ୍ଗେ କଥାବାର୍ତ୍ତା ସାରୁ ସାରୁ ଆହୁରି ଡେରି ହୋଇଗଲା । ମାର୍କେଟ୍ ବିଲ୍ଡିଂରୁ କିଛିଟା ଜିନିଷ ମଧ୍ୟ କିଣିବାର ଥିଲା, ସବୁ କାମ ସରିଲା ବେଳକୁ ରାତି ସାଢ଼େ ଆଠଟା । ଶୀତ ଦିନ ରାତି, ଆଉ ରାତି ବସଧରି ଜୟପୁର ଫେରିବାକୁ ମନ କଲାନି । ଏଇ ପାଖରେ ମୋ ସ୍କୁଲ ବେଳର ସାଙ୍ଗ ସୁପ୍ରଭା ରହୁଛି, ତାଙ୍କ ବାପା ଜୟପୁର ବ୍ଲକରେ ବିଡ଼ିଓ ଥିଲାବେଳେ, ସେଇ ସମୟରେ ସୁପ୍ରଭା ବ୍ଲକରେ ରହୁଥିଲେ, ମୁଁ ପାଖ ଗାଁରେ ରହୁଥିଲି ହେଲେ ଆମେ ଦୁହେଁ ଏକା ସ୍କୁଲରେ ପଢୁଥିଲୁ, ଆଉ ଭଲ ସାଙ୍ଗ ମଧ୍ୟ ଥିଲୁ । ସୁପ୍ରଭାର ପୁଅଟିଏ ହେବାପରେ ବହୁତ ଥର କହିଛି ତା ଘରକୁ ଆସିବାକୁ, ଏମିତିକି ଏକୋଇଶିଆ, ବର୍ଷପୂରାଣିକୁ ମଧ୍ୟ ଆସି ପାରିନଥିଲି । ସେଇ ଯାଇ ତା ବାହାଘର ବେଳେ ଯାହା ଦେଖା ହୋଇଥିଲା ।

ଅନସୂୟା ପଣ୍ଡା

ଅଟୋଟିଏ ଧରି ସୁପ୍ରଭା ଘରେ ପହଞ୍ଚିଲା ବେଳକୁ ରାତି ପ୍ରାୟ ନଅଟା ହୋଇ ଯାଇଥିଲା । ଏତେଦିନ ପରେ ଦୁଇ ସାଙ୍ଗଙ୍କ ମିଳନର ପର୍ବ ଜାରି ରଖିବା ବେଳେ ତା ଦେଢ଼ ବର୍ଷର ପୁଅ ମଧ୍ୟ ଉଠିଗଲା । ସୁପ୍ରଭା

ବ୍ୟସ୍ତ ହୋଇ କହିଲା, "ଇଏ ଆମର କେତେବେଳେ ଆସିବେ କେଜେଣି, ଏ ପର୍ଯ୍ୟନ୍ତ ରୋଷେଇ ହୋଇନି, ମୁଁ ତ ରୋଷେଇ ଘରେ ପଶିବିନି । ଆସନ୍ତା କାଲି ମୁଣ୍ଡ ଧୋଇ ଗାଧୋଇଲେ ଯାଇ ରୋଷେଇ କରିବି ।"

କହିଲି, "କଣ, ଆଜି ଦୁଇଦିନ ହେଲା ?" ସୁପ୍ରଭା ମୁଣ୍ଡ ହଲାଇ ହଁ ବୋଲି କହିଲା । କି ଅଜବ ନିୟମ ସବୁ । ଯେତେ ରାତି ହେଉ, ଶୀତ ହେଉ କି ବର୍ଷା ହେଉ ମୁଣ୍ଡ ଧୋଇ ଗାଧୋଇବାକୁ ହେବ, ରୋଷେଇ ଘରେ କିଛି ଛୁଇଁବନି, ଅଲଗା ତଳେ ଶୋଇବ, ଅଲଗା ଲୁଗାପଟା ବ୍ୟବହାର କରିବ, ତାକୁ ସବୁ ପୁଣି ଭଲଭାବରେ ଧୋଇବ । ମୁଁ ପଚାରିଲି, "ତୁ ଏ ସବୁ ଏବେ ବି ମାନୁଛୁ ?"

"ହଁ, ମୋ ଶାଶୁଘରେ ଏ ଏକ କଡ଼ା ନିୟମ, ନିୟମ ଭାଙ୍ଗିବି କେମିତି ?" ଟିକେ ବିରକ୍ତ ହୋଇ ସୁପ୍ରଭା କହିଲା ।

ଟିକେ ନିରବ ରହି କହିଲି, "ଆରେ ତୋ ଶାଶୁ ପରା ଜଣେ ବିଖ୍ୟାତ ସ୍ତ୍ରୀରୋଗ ବିଶେଷଜ୍ଞା, ପୁଣି ସମାଜ ସେବିକା, ତାଙ୍କୁ କଣ ଜଣାନାହିଁ, ମାସିକ ଋତୁଚକ୍ରର ବୈଜ୍ଞାନିକ କାରଣ ?"

ଆଉ ରବିଭାଇ ପରା ଗତ ସପ୍ତାହରେ ଖବର କାଗଜରେ "ପ୍ୟାଡ୍‌ମ୍ୟାନ" ଭଳି ହିନ୍ଦୀ ସିନେମାର ଉଚ୍ଚକୋଟିର ବିଶେଷ ତର୍ଜମା କରି ଖୁବ୍ ପ୍ରଶଂସିତ ହୋଇଥିଲେ । ହେଲେ ଘରେ ଏତେ ନିୟମ ଲାଗୁ ରହିଛି, ଯାହାକୁ ବିଜ୍ଞାନ ସମ୍ମତ ନୁହେଁ ? ଆଉ ତୁ.. ଏତେ ପାଠଶାଠ ପଢ଼ି ଏ ସବୁ ମାନୁଛୁ ? କଣ ଛୁଇଁଦେଲେ ଲକ୍ଷ୍ମୀ ପଳେଇବେ ? ଦେଖୁନୁ ମୁଁ କୋରାପୁଟର ଜୟପୁରରେ ଜନ୍ମ, ସେଇଠି ପଢ଼ିଲି, ପାଠପଢ଼ି ଚାକିରୀ କଲି, ବାହାହୋଇ ପରିବାର ଗଢ଼ିଲି, ହେଲେ ସେ ସବୁ ଅନ୍ଧବିଶ୍ୱାସସ୍ ଆମ ପରିବାରରେ ବା ମୋ ଶାଶୁଘରେ ନାହିଁ । ଆମେ

ଶିକ୍ଷିତ ହେବାପରେ, ନିଜକୁ କଣପାଇଁ କଷ୍ଟ ଦେବା ? ତୁ ଜାଣୁ ? ସେ ସମୟରେ ମୁଣ୍ଡ ଧୋଇବା ସ୍ୱାସ୍ଥ୍ୟପାଇଁ କେତେ ହାନିକାରକ ? ମୋ କଥା ସଂପୂର୍ଣ୍ଣ ଭାବରେ ସେ ଶୁଣିଲା କି ନ ଶୁଣିଲା ଜାଣେନି, ପିଲାକୁ କ୍ଷୀର ଦେଇସାରି ରବିଭାଇକୁ ଫୋନ କରିବାକୁ ଉଠିଗଲା ।

ରବିଭାଇ ପ୍ରାୟ ରାତି ଦଶଟାରେ ଆସି ପହଞ୍ଚିବାପରେ ରୋଷେଇ କଲେ । ରାତିରେ ସୁପ୍ରଭା ଏତେ ଶୀତରେ ବି ତଳେ ଶୋଇବାକୁ ମଶିଣା ପାରୁଥିବାର ଦେଖି ମୁଁ ଭାବିଲି ଶାଶୁ ଏତେ ବଡ଼ ଡାକ୍ତର, ସମାଜସେବୀ, ରବିଭାଇ ମାନେ ସୁପ୍ରଭାର ସ୍ୱାମୀ ଜଣେ ବରିଷ୍ଠ ସାମ୍ବାଦିକ, ସୁପ୍ରଭା ଜଣେ କ୍ରାଇମବ୍ରାଞ୍ଚ ଇନ୍‌ସ୍ପେକ୍ଟର । ଶାଶୁମଧ୍ୟ ପାଖରେ ରହୁନାହାନ୍ତି, ମାତ୍ର ଘରେ ଚାଲିଥିବା ନିୟମଟି ବଳବତ୍ତର ରହିଛି । ଏତେ ସବୁ ଅନ୍ଧବିଶ୍ୱାସ, ମାନସିକ ଶାରୀରିକ ଯନ୍ତ୍ରଣା ଏମାନଙ୍କ ଘରେ ଏବେ ବି ଚାଲିଛି ?

ବୋଧହୁଏ ଭାଷଣ, ନିୟମ, ବିଶ୍ୱାସ ଓ ଅନ୍ଧବିଶ୍ୱାସର ପରଖ ସବୁ ମଞ୍ଚ ଉପରେ ବସି ବା ଖବର କାଗଜରେ ଲେଖି ଆମେ ଅନ୍ୟକୁ ବଦଳାଇବାକୁ ଚାହୁଁ । ମାତ୍ର ନିଜଘରେ ସେ ସବୁ କଡ଼ାକଡ଼ି ଭାବରେ ପାଳନ ହୁଏ । ନିୟମକାନୁନ କାଗଜ କଲମରେ ସିନା ବଦଳିଯାଏ, ମାତ୍ର ମଣିଷର ଚିନ୍ତାଧାରା ବଦଳେନି, ଯାହା ହେଲେ ବି ଦୀପ ତଳ ଅନ୍ଧାର ।

 Magazine Downloaded from www.aahwaan.com

ଏମିତି ଲାଗେ

ଜୀବନ ସବୁବେଳେ ଏଇଠି ଆଉ ଏବେ

ଏହିତ କାଲି ରାତିର କଥା । ଭାବୁ ଭାବୁ ଟିକେ ପଛକୁ ପଳେଇ ଗଲି । ବିଶ୍ୱାସ ହେଲାନି ଯେ ମୋତେ ଏତେ ବୟସ ହୋଇଗଲାଣି । ସମୟର ଗତି ଏତେ ପ୍ରଖର ଜଣା ହିଁ ପଡ଼ିଲାନି । କେତେବେଳେ ବୟସର ଅନେକ ସ୍ତର ପାର୍ ହୋଇଗଲା, ଆଖି ପିଛୁଳାକେ । ସତର ଚାଦରକୁ କାଢ଼ି ମରୀଚିକାର ନରମ ଆଢୁଆଳରେ ଚାଲିଗଲି ଅତୀତକୁ । ଏଇତ କିଛିଦିନ ପୂର୍ବରୁ ମୁଁ ଖେଳୁଥିଲି ମୋ ପିଲାଦିନର ସାଙ୍ଗମାନଙ୍କ ସହ । ସ୍କୁଲକୁ ଯିବାର ତତ୍ପରତା, ସ୍କୁଲ୍ ଛୁଟି ସହ ବହିବସ୍ତାନି ଫିଙ୍ଗିଦେଇ ଖେଳିବା ପାଇଁ ଆଗ୍ରହ କାହିଁ କୁଆଡ଼େ ଗଲା କେଜାଣି ? ଥରକୁ ଥର ମନେପଡ଼େ ଯେମିତି କାଲିର କଥା, ମୁଁ କଲେଜରୁ ଫେରି ଯାଉଛି ହାଇସ୍କୁଲ୍ ପଡ଼ିଆ ଛକକୁ ଖଟି କରିବାପାଇଁ । ସେ ଖଟିରେ ଏତେ ଗପ ଥାଏ କି ଘରକୁ ଆସିବାକୁ ମନ ହିଁ କରେନି । ଏବେ ତ ଛାଡ଼, ନ କହିଲେ ଭଲ । ଏବେ ମୁଁ ମୋ ନିଜକୁ ଦେଖିଲେ ଚିହ୍ନିପାରେନି, ଲାଗେ ଯେମିତି ମୁଁ ମୋ ଭିତରେ ହିଁ ନାହିଁ । ପୁଣି ଭାବୁ ଭାବୁ ମନେପଡ଼େ ଇଞ୍ଜିନିୟରିଂ ବର୍ଷ ଗୁଡ଼ିକର କଥା । ଲାଗେ, ଏଇତ କିଛିଟା ମାସ ପୂର୍ବରୁ କଳା ପ୍ୟାଣ୍ଟ୍ ଆଉ ଧଳା ସାର୍ଟ୍ ପିନ୍ଧି କଲେଜକୁ ଯାଉଥିଲି । ପରୀକ୍ଷାରେ ବସିବା ପାଇଁ ନିଜର

ହିତେଶ ମହାପାତ୍ର

ଉପସ୍ଥିତି ଗଣୁଥିଲି । ଆଉ କାହିଁ କେତେ... ! କେଜାଣି କେବେ ଏତେ ବୟସ ହୋଇଗଲା ଜାଣି ହିଁ ପାରିଲିନି । ସାଧାରଣତଃ ପରିବାରର ସବୁଠୁ ବଡ଼ ଦୁର୍ଗୁଣ ହେଲା, ସେମାନଙ୍କର ଶିକ୍ଷା ଯେ... ଆଗକୁ ବଞ୍ଚିବୁ । ଏବେ ବେଶୀ ମାର୍କ୍ ଆଣ । ଯେବେ ଭଲ କଲେଜରେ ଭର୍ତ୍ତି ହେଇଯିବୁ ସେତେବେଳେ ତୁ ତୋ ଇଚ୍ଛାରେ ବଞ୍ଚିବୁ, ତା ପରେ ଟିକେ ଭଲରେ ପଢ଼ାପଢ଼ି କରି ଚାକିରୀ ଖଣ୍ଡେ ପାଇଯା... ତା ପରେ ଚାକିରୀ ପାଇସାରିଲା ପରେ ବାହାଘର... ତା ପରେ ପିଲା... ତା'ପରେ ଆଉ କଣ ନିଜକୁ ଦେଖିଲେ ଜଣା ପଡ଼ିଯିବ । କେବେ କିଏ ଶିଖାନ୍ତିନି ବଞ୍ଚିବୁ, ମୁଁ ପଚାରେ ଆଗେ ମାନେ କେବେ ? କେଉଁ ଆଗେ ? କେବେ ସେ ଆଗେ ଆସିବ ? ଆଗ ଫାଗ କିଛି ନଥାଏ, ଥାଏ କେବଳ ଏବେ ଆଉ ଏଇଠି ।

+==+

ଆଗକୁ ବଞ୍ଚିବି

ହିତେଶ୍ ମହାପାତ୍ର

ଆଗକୁ ବଞ୍ଚିବି ବୋଲି ଭାବି ଭାବି

ବଞ୍ଚିନି ହେଲେ ଗୋଟିଏ ଦିନ

ଭବିଷ୍ୟତର ଚିନ୍ତା କରୁ କରୁ

ହଜିଗଲାଣି ବର୍ତ୍ତମାନ [୧]

ସମୟ ରହେନି କେବେ ହେଲେ

କିଏ ବା ହେଉନା କାହିଁ

ଆଗ ଫାଗ କିଛି ନଥାଏ

ଯାହା ଅଛି ଏବେ ହିଁ ତହିଁ [୨]

 Magazine Downloaded from www.aahwaan.com

ଜୀବନର ଶେଷ ମୁହୂର୍ତ୍ତରେ

ଯେବେ ମୃତ୍ୟୁ ଠିଆ ହେଇଥିବ

ଦାଣ୍ଡ ଦୁଆରେ

ଶେଷ ବାକ୍ୟ ମୁହଁରୁ ବାହାରିବ

ଆହା...

କାଳେ ଏମିତି ବଞ୍ଚିଥାନ୍ତି ଥରେ [୩]

ଅତ୍ୟଧିକ ଭବିଷ୍ୟତକୁ ଝୁରି ହେଲେ, ଭବିଷ୍ୟତର ବୟସ ବର୍ତ୍ତମାନରେ ପରିଲକ୍ଷିତ ହୁଏ ।

ଖୋଲା ମଞ୍ଚର ସିଧା ଆଲୋଚନା

ରାବଣ ପୋଡ଼ି ପ୍ରସଙ୍ଗରେ...

କାଳେ ସମୟ ଉଚ୍ଛୁର ହେଇଯିବ, ତରବରିଆ ହୋଇ ରସିଆ ଭାଇ ଟିଭି ଖୋଲି, ରିମୋଟଟାକୁ ମୁଠେଇ ଧରିଲା । ନୁଆ କରି ଟିଭି କିଣିଛି, ଦେଖିବାକୁ ମନ ଉଚ୍ଛନ୍ନ ହେବ ହିଁ ହେବ । ତା ଛଡ଼ା ଆଜିକାଲି କାହାର ଅବା ମନ ଉପରେ କଣ୍ଟ୍ରୋଲ୍ ଅଛି ଯେ ତାର ରହିବ । ରିମୋଟ୍ ମାରି ମାରି ତା ପସନ୍ଦର ଚ୍ୟାନେଲ୍ 'ହଡ଼ବଡ଼' ଲଗାଇଲା । ଏ କଣ ? ନାଚ, ଗୀତ, ସିନେମା କିଛି ନାହିଁ, ହିନ୍ଦୀ କି ଅଲଗା କିଛି ତାର ପସନ୍ଦ ନାହିଁ । ତେଣୁ ବାଧ୍ୟରେ ପରଦାକୁ ଆଖିଦେଲା ।

ଜଣେ ସୁଟବୁଟ୍ ପିନ୍ଧା ହିରୋମିତି ବାବୁ, ପଛେ ପଛେ ଝିକ୍ ମିକ୍ ଚିପା ଜାମାପିନ୍ଧା ସୁନ୍ଦୁରୀଆ ଝିଅଟେ, ଆସି କହୁଥାନ୍ତି ଏମିତି...

ନୂତନ କୁମାର ବେହେରା

ହ୍ୟାଲୋ, ହାୟ୍, ଆମର ଦର୍ଶକବନ୍ଧୁ, ଆପଣ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଆଉ ନମସ୍କାର । ହୀରୋବାବୁ କହୁଥାଏ, ମୁଁ ଆପଣଙ୍କର ଅତି ଚିହ୍ନା ଜଣାଶୁଣା ପ୍ରିୟ ପି.କେ., ଆପଣଙ୍କୁ ମୋର ଢେର୍ ସାରା ଭଲ ପାଇବା...

ସୁନ୍ଦୁରୀଆ ଝିଅ କହି ଉଠିଲା, ମୁଁ ଆପଣଙ୍କର ଅତି ଆପଣାର ଚୁଲ୍ ବୁଲି ଅପା ଟି.କେ. ଆପଣମାନଙ୍କୁ ମୋର ମିଠା ମିଠା ହସ ସୁବାସ, ଆଉ

 Magazine Downloaded from www.aahwaan.com

ସ୍ନେହଭରା ସନ୍ଦେଶ...

ବାଃ ବାଃ କହି କୁରୁଳି ଉଠିଲା ରସିଆ ଭାଇ, ତାଳିମାରି ଦମେ ନାଚିପକାଇଲା । ସେଇଠି ଟିମା ବୋଉକୁ ରଡ଼ି ଛାଡ଼ି ଡାକିଲା, ଆଲୋ ଚେମେଣି ଦେଖିବୁ ଆ...

ବଲ୍ ବଲ୍ ଚାହିଁ ଦେଖୁଥାନ୍ତି...

ଦର୍ଶକବନ୍ଧୁଗଣ, ସମୟ ହୋଇଯାଇଛି, ବର୍ତ୍ତମାନ ଆମେ ସ୍ୱାଗତ କରିବା ଆମ ଗହଣରେ ଅଛନ୍ତି ଆମର ସୁଖଦୁଃଖର ସାଥି ଅନେକ ଅଙ୍ଗେ ନିଭା କଥାର ଅନୁଭବି ମହାନ ବ୍ୟକ୍ତିମାନେ ଯେଉଁମାନେ ଆଜିର ଖୋଲାମଞ୍ଚର ସିଧା ଆଲୋଚନାରେ ଅଂଶଗ୍ରହଣ କରୁଛନ୍ତି, ତାଙ୍କୁ କରତାଳୀ ମାରି କଣ୍ଠଫାଳି ସ୍ୱାଗତ କରିବା ।

ଆଜିର ପ୍ରସଙ୍ଗ, 'ରାବଣ ପୋଡ଼ି' ଖୋଲା ମଞ୍ଚର ସିଧା ଆଲୋଚନାକୁ ।

ଆପଣମାନଙ୍କୁ ଠାରୁ କିଛି ସ୍ୱାଧୀନ ମତାମତ ଆଶା କରିବା ପୂର୍ବରୁ ଆପଣ ମାନଙ୍କୁ ଜଣାଇ ଦେବାକୁ ଉଚିତ ମନେ କରୁଛି, ଆପଣମାନେ କେହି କାହାର ପକ୍ଷପାତିତା ନ କରି ମୋ ପ୍ରଶ୍ନର ଉତ୍ତର ପ୍ରତି ଧ୍ୟାନ ଦେବେ ।

ପ୍ରଶ୍ନ - ତ୍ରେତୟା ଯୁଗରେ ଶ୍ରୀ ରାମଚନ୍ଦ୍ର, ମର୍ଯ୍ୟାଦା ପୁରୁଷ ଭଗବାନ ମହାପ୍ରଭୁ ରାବଣଙ୍କୁ ନିଧନ କଲେ, ତେବେ ଆଜି କାହିଁକି ରାବଣ ପୋଡ଼ିର ଏ ପ୍ରହସନ ?

ଜଣେ ଗେରୁଆ ପୋଷାକ ପିନ୍ଧା ବାବା ଉଠିପଡ଼ି କହିଲେ, ଦେଖନ୍ତୁ ଆମ ଅତୀତ ଆମ ପରମ୍ପରା ନଦୀର ସ୍ରୋତ ପରି ଗତିଶୀଳ, ଉତ୍ତରଦାୟୁକ ଭାବରେ ଆମେ ଆମର ଅତୀତକୁ ଅଣଦେଖା କରି ପାରିବା ନାହିଁ ।

ପ୍ରଶ୍ନ - ଆପଣଙ୍କ ମତରେ ଯାହା ହେଉଛି ଠିକ୍ ହେଉଛି ? ତେବେ ଆମେ ଧର୍ମ ନାମରେ କେଉଁଠି ନା କେଉଁଠି ଭୁଲ କରୁନାହୁଁ ତ ? ଜଣେ ଯୁବକ ଉଠି କହିଲେ, ଆଜ୍ଞା ଏ ପରମ୍ପରା

ନୁହେଁ, ଏ ଧର୍ମମରା, ଯେଉଁଠି ରାବଣ ପୋଡ଼ି ହେଉଛି, ସେଠି ପ୍ରବଳ ଭିଡ଼, ପ୍ରଶାସନର ନିୟନ୍ତ୍ରଣ ରହୁନାହିଁ, ନାନା ଅସାମାଜିକ ଘଟଣା ଘଟୁଛି, ନାରୀ ନିର୍ଯ୍ୟାତନା, ନିଶା କାରବାର, ଜୂଆ ଖେଳ, ପକେଟ୍ ମାର ଆଦି ଅନେକ କିଛି । ପୁଣି ଘର ପୋଡ଼ି, ମନ ପୋଡ଼ି, ବଣ ପୋଡ଼ି, ବଧୁପୋଡ଼ି ଏମିତି କେତେ ପୋଡ଼ି । ସେ ସବୁକୁ କାହାର ନିଘା ନାହିଁ । ଏ ସବୁ ବନ୍ଦ ହେବା ଦରକାର ।

ପ୍ରଶ୍ନ - ଆପଣଙ୍କ ମତରେ ରାବଣ ପୋଡ଼ି ବନ୍ଦ ହୋଇଗଲେ, ସବୁ ସମସ୍ୟାର ସମାଧାନ ହୋଇଯିବ, ଆଉ ଆମ ସମାଜରେ ଅସାମାଜିକ କିଛି କାମ ହେବନାହିଁ ?

ସେ କଥା କହିଲି କେତେବେଳେ ?ମୋର କହିବା ଉଦ୍ଦେଶ୍ୟ ରାବଣ ପୋଡ଼ି ନାଁରେ ଆମେ ଯାହା କରୁଛୁ ତାହା କେତେକ ଅସାମାଜିକ ବ୍ୟକ୍ତିଙ୍କୁ ପ୍ରଶ୍ରୟ ଦେବା ସଙ୍ଗେ ସଙ୍ଗେ ପରିବେଷ ପ୍ରଦୁଷଣ କରୁଛୁ । ଏ ପୋଡ଼ି ସାଥିରେ ଡିଜେ ବାଜାର ଛାତିଫଟା ହାଡ଼ଭଙ୍ଗା ଶବ୍ଦର ଆଉ ଯେଉଁ ବାଣ ହବେଳୀର କରାମତି, ଦେଖି ଦେଖି ଆମେ ଯାଉଛୁ ତାତି, ହେଲେ ନିଶାରେ ମାତି, ହୋଇ ଚାଲିଛି ଆମର ଅବନତି । ଏହାର କିଛି ସମାଧାନ ପନ୍ଥା ବାହାର କରିବା ଆବଶ୍ୟକ ।

ଠିକ୍ ଅଛି ଏବେ ବସିପାରନ୍ତି ।

ପ୍ରଶ୍ନ - ପୂଜା ପର୍ବପର୍ବାଣୀ ସହିତ ରାବଣ ପୋଡ଼ିର କିଛି ସାମଞ୍ଜସ୍ୟ ଅଛି କି, ଯଦି ହଁ ତେବେ ସମାଜର କି କଲ୍ୟାଣ ସାଧିତ ହେଉଛି । ଯଦି ନା ତେବେ ଏହାକୁ ଆମେ ସମର୍ଥନ କରୁଛୁ କାହିଁକି ?

ଜଣେ ଖଦଡ଼ଧାରୀ ବୋଧେ ବିରୋଧ ଦଳିଆ କହି ଉଠିଲେ, ଶାସକ ଦଳ ଏଥିପାଇଁ ପ୍ରଥମତଃ ଦାୟୀ, କାହିଁକି ନା, ଶାସନ ବ୍ୟବସ୍ଥା ହୁଗୁଳି ଗଲାଣି । ସରକାର ଚାହାନ୍ତି, ଯେତେ

ଭିଡ଼ ହେଲେ ସେତେ ଫାଇଦା । ପ୍ରଚାର ହେବ, ପ୍ରସାର ହେବ । ଦୋକାନ ବଜାର ବସିବ, ଲୋକ କିଣାବିକା କରିବେ, ଦୁଇ ପଇସା କମେଇବେ । ମେଳାରୁ ବି ସରକାର ଦୁଇ ପଇସା ଟିକସ ପାଇବେ । ବଡ଼ ବଡ଼ କର୍ମଚାରୀ ପରମିସନ ଦେଇ ପକେଟ୍ ଭରିବେ । ଜାଲ ମେଲିଲେ ସିନା ମାଛ ପଡ଼ିବ । ଖାଲି ହାତରେ କିଏ ପାଟିରେ ଭରିବ ?

ଆଉ ଜଣେ ନେତା ବୋଧେ ଶାସକ ଦଳିଆ ଚଟାପଟ ଉଠିପଡ଼ି ପାଟି କରି କହିଲେ, ଏ ସବୁ ବିରୋଧୀ ଦଳର ଚାଲ । ସେମାନେ ଜାଣିଶୁଣି ଲୋକ ଲଗାଇ ରାବଣ ପୋଡ଼ି ଭଳି ପବିତ୍ର ମେଳାରେ ଅସାମାଜିକ କାମ କରାଉଛନ୍ତି । ସରକାରଙ୍କୁ ବଦନାମ କରିବାପାଇଁ ନିଶା ଖୁଆଇ ହଙ୍ଗାମା କରାଉଛନ୍ତି । ସମସ୍ତେ ଏକା ସାଙ୍ଗରେ କଣ ନାହିଁ କଣ ପାଟି କରି ଉଠିଲେ । କାହାର କଥା କେହି ଶୁଣିବାର ନାହିଁ । ହୋହଲ୍ଲାରେ ମଞ୍ଚ କମ୍ପିଲା । ନୀରବତା ରକ୍ଷା କରନ୍ତୁ, ନୀରବତା ରକ୍ଷା କରନ୍ତୁ... ସାର, ଏବେ ଆପଣ ବସି ପାରନ୍ତି ।

ଦେଖନ୍ତୁ ଆମର ଆଲୋଚନାର ବିଷୟ ଏହା ନୁହେଁ । ପରସ୍ପର ପ୍ରତି ଏମିତି କାଦୁଅ ଫିଙ୍ଗାଫିଙ୍ଗି ହେଲେ ସମସ୍ୟାର ସମାଧାନ ହେବ ନାହିଁ । ସବୁ କଥାକୁ ରାଜନୀତି ଆଡ଼କୁ ଟାଣନ୍ତୁ ନାହିଁ ।

ଶେଷ ପ୍ରଶ୍ନ - ପ୍ରତିଟି ସାମାଜିକ ପରମ୍ପରା ହେଉ କି ଯାନିଯାତ ହେଉ ଆମ ହିତ ପାଇଁ, ତା'ର ସାମାଜିକ ମୂଲ୍ୟବୋଧ ଅଛି, ତାକୁ ଆଳ କରି ନିଜର ଫାଇଦା ଉଠାଇବା କେତେ ଦୂର ଯୁକ୍ତିଯୁକ୍ତ ?

ଜଣେ ଅଭିଜ୍ଞ ବୟସ୍କ ଲୋକ ବୋଧେ କେହି ଅବସରପ୍ରାପ୍ତ ଅଧ୍ୟାପକ କହି ଉଠିଲେ, ଦେଖନ୍ତୁ ଏ ସବୁ ତର୍କ ବିତର୍କରେ କଳହ ବ୍ୟତୀତ ଅନ୍ୟକିଛି ସମାଧାନ ନାହିଁ, ଇତିହାସ କହେ ସମାଜ ପରିବର୍ତ୍ତନଶୀଳ । ଆଜିର ପରମ୍ପରା ହୁଏତ କାଲିକୁ ବଦଳି ଯାଇପାରେ ।

ଜନସାଧାରଣଙ୍କ ଆଚରଣ ବିଚାରଧାରା ଯେଉଁ ମୁହୂର୍ତ୍ତରେ ବଦଳିଯିବ ଏ ସବୁ ପରମ୍ପରା ବି ବଦଳିଯିବ । ଆମପାଇଁ ପରମ୍ପରା, ପରମ୍ପରା ପାଇଁ ଆମେ ନୁହଁ । ରାବଣରୂପୀ ରାକ୍ଷସ ଅର୍ଥାତ ମନ୍ଦ ଗୁଣ ସବୁ ପୋଡ଼ିଦେଲେ ବା ଜାଳିଦେଲେ ଆମକୁ ଆମ ପରିଚୟ ମିଳିଯିବ । ରାବଣପୋଡ଼ି ଏକ ପ୍ରତୀକମାତ୍ର । ଆସନ୍ତୁ ଆମ ଭିତରେ ଥିବା ରାବଣକୁ ମାରିଦେବା, ପୋଡ଼ିଦେବା, ତେବେ ଯାଇ ରାବଣ ପୋଡ଼ିର ଯଥାର୍ଥତା ପ୍ରତିପାଦନ ହେବ ।

ଠିକ୍ ଅଛି, ଧନ୍ୟବାଦ ଆପଣଙ୍କୁ ।

ସମୟ ଆମକୁ ନିର୍ଦ୍ଦେଶ ଦେଉଛି, ଆଜିପାଇଁ ଆଲୋଚନା ଏଇଠି ରଖିବା । ଏ ଖୋଲା ମଞ୍ଚର ସିଧା ଆଲୋଚନା ପାଇଁ ଅଶେଷ ଅଶେଷ ଧନ୍ୟବାଦ ଦେଇ ବିଦାୟ ନେଉଛୁ, ନମସ୍କାର ।

ରସିଆ ଭାଇ ଚେମିଣିକୁ ଶୁଣେଇ ଶୁଣେଇ କହି ଉଠିଲା, ଶୁଣିଲୁ ତ ଦେଖୁ ଜାଣିଲୁ ତ ? ସମୁଦ୍ର ମଛି କେମିତି ରାବଣ ପୋଡ଼ିର ମଞ୍ଜିକଥା ବାହାର କଲେ ? ଚେମିଣି ମୁହଁ ମୋଡ଼ି କହିଲା, ମଲା ମଲା, ରାବଣ ପୋଡ଼ି ମୋତେ ଦେଖେଇ ନ ନେଇ ଏଠି ଯେତେ କହିଲେ କିଏ ଶୁଣିବ...

କୋହି, ଗଡ଼ିଆ, ମୟୁରଭଞ୍ଜ, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୫୫୭୮୬୧

 Magazine Downloaded from www.aahwaan.com

ଅତୀତ

{ଅତୀତର ଶୀତ ସଂଧ୍ୟାରେ, ବର୍ତ୍ତମାନର ଅଭୁଲା ସ୍ମୃତି । }

ଡିସେମ୍ବର୍ ମାସର ଶେଷ ସପ୍ତାହ, ବଡ଼ଦିନକୁ ବାକିଥାଏ ଆଉ ତିନି ଘଣ୍ଟା ମାତ୍ର । ଅସହ୍ୟ ଶୀତ ସେହି ବର୍ଷ ରାଉରକେଲାରେ, ଇଂଜିନିୟରିଂ ଶେଷ ବର୍ଷ ୫ମ ସେମିଷ୍ଟର ଚାଲିଥାଏ । କଟକର ତୋଟାସହି ଗାଁ ର ଗୋଟିଏ ଗରିବ ପରିବାରରୁ ଯାଇ ରାଉରକେଲାରେ ଇଂଜିନିୟରିଂ ପଢିବାରେ ଯେଉଁ ବାଧାବିଘ୍ନ ଥାଏ, ତାହା ବିଷୟରେ ସବୁକିଛି କହିବା ଅସମ୍ଭବ ତଥାପି ମୋର ପୂଜ୍ୟ ପିତା କେଉଁଥିରେ ଅବହେଳା କରିନଥିଲେ ମତେ । ସବୁ ଇଚ୍ଛାକୁ ପୂର୍ଣ୍ଣ ନକରି ପାରିବା ସତ୍ତ୍ୱେ ମଧ୍ୟ ଯଥେଷ୍ଟ କର୍ତ୍ତବ୍ୟ କରିଥିଲେ ତାଙ୍କ ପୁତ୍ରକୁ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ଦେବାପାଇଁ । ଇତି ମଧ୍ୟରେ କଲେଜରେ ପାଠପଢିବାର ଦୁଇ ବର୍ଷ ବିତିଯାଇଥିଲା । କଲେଜର ଶେଷ ବର୍ଷରେ ପଦାର୍ପଣ କରିବା ସଙ୍ଗେ ସଙ୍ଗେ ଏହା ଅନୁଭବ ମଧ୍ୟ ହୋଇଥିଲା ଯେ ଘରୁ ଆସୁଥିବା ହାତଖର୍ଚ୍ଚରେ ଚଳିବା,ସେମିନାର୍ ଓ ପ୍ରୋଜେକ୍ଟ ତାସହିତ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବା ସମ୍ଭବ ନୁହେଁ । ସେଥିପାଇଁ ପାର୍ଟଟାଇମ୍ ଜବ୍ ମଧ୍ୟ କରିବାକୁ ପଢିଥିଲା । ଏହା ପରେ ଏତେଟା ଆର୍ଥିକ ସମସ୍ୟା ଅନୁଭବ ହୋଇନଥିଲେ ମଧ୍ୟ ଟଙ୍କା ଖର୍ଚ୍ଚ କରିବା ଏବଂ ରୋଜଗାର କରିବାର ଯଥାର୍ଥତା ବା ମୋଟା ମୋଟି କହିବାକୁ ଗଲେ ଟଙ୍କା ର ମୂଲ୍ୟ ବେଶ୍ ଭଲ ଭାବରେ ବୁଝି ହୋଇଥିଲା ।

ଆଲୋକ କୁମାର ରାଉତ

ମାସ କିଛିଟା ବିତିଯାଇଥିଲା ଏହା ଭିତରେ ।

ଏକଦା ସେଦିନ ଶନିବାର ହୋଇଥାଏ । କଲେଜରୁ ଫେରିବା ପରେ ରୁମରେ ତିନି, ଚାରି ଜଣ ସାଙ୍ଗମାନେ ମିଶି ଖାଇସାରି ବିଶ୍ରାମ ନେଉଥାଉ, ତା ସାଙ୍ଗକୁ ଚାଲିଥାଏ ଗୁଲି,ଖଟି,ଗପ୍-ସପ୍ ଓ ମଜା-ମଜଲିସ୍ । ସମୟ କେତେବେଳେ ଅତିକ୍ରାନ୍ତ ହୋଇ ୪ଟା ୩୦ମି ବାଜିଯାଇଥିଲା ଆମେ ଜାଣିପାରିନଥାଉ । ସାଙ୍ଗମାନେ ବାହାରିଲୁ ମାର୍କେଟ୍ ଯିବା ପାଇଁ, ଆଗକୁ ନୂଆ ବର୍ଷ ଆସୁଥାଏ । ସମସ୍ତେ ମନସ୍ତ କଲୁ ଆଜି ମାର୍କେଟିଂ ସାରିଲା ପରେ ରାତ୍ରି ଭୋଜନ ବାହାରେ ସାରି ଘରକୁ ଫେରିବା ବୋଲି । ସମସ୍ତେ ଫ୍ରେଶ୍ ହୋଇ ଡ୍ରେସ୍ ଓ ଜାକେଟ୍ ପିନ୍ଧି ୫ଟା ୩୦ମି ରେ ବାହାରିଲୁ । ପ୍ରଥମେ ବିଶ୍ରା ମାର୍କେଟ୍ ରୁ କିଛି କିଣା କିଣି କରି ଚାଲିଲୁ ଆମ୍ବାଗାନ୍ ମାର୍କେଟ୍ ଅଭିମୁଖେ । ସେତବେଳକୁ ଶୀତ ଓ କାକରର ପ୍ରଭାବ ବଢ଼ିବାରେ ଲାଗିଲାଣି, ମନ୍ଦ ପବନର ତାଳେ ତାଳେ ଦେହ ଥରିବା ସାଙ୍ଗକୁ ଲୋମ ମଧ୍ୟ ଟାଙ୍କୁରି ଉଠୁଥାଏ । ସମୟ ପ୍ରାୟେ ୮ଟା ହେଲାଣି ମାର୍କେଟିଂ ଭି ସରିଲାଣି, ଟିକେ ଟିକେ ଭୋକ ଲାଗୁଥିଲା ସମସ୍ତଙ୍କୁ । ଆମେ ଏକ ଫାଷ୍ଟଫୁଡ଼ ସେଣ୍ଟରକୁ ଗଲୁ । ରାଉରକେଲାର ସମସ୍ତ ସୁସ୍ୱାଦୁ ଫାଷ୍ଟଫୁଡ଼ ମଧ୍ୟରେ ମଞ୍ଚୁରିଅନ୍ ବହୁ ଲୋକ ଚର୍ଚ୍ଚିତ ଆଉ ମୋର ଅତି ପସନ୍ଦ, ସମସ୍ତେ ଅଣ୍ଡା ରୋଲ୍ ଓ ମଞ୍ଚୁରିଅନ୍ ଖାଇଲୁ । ସେଠାରୁ ଫେରିବା ସମୟରେ, ଫେରନ୍ତା ରାସ୍ତାରେ ହଠାତ ଗୋଟିଏ କୁନି ଝିଅଟିଏ ବୟସ ତାର ୬ ରୁ ୭ବର୍ଷ । ସେ ପିନ୍ଧିଥାଏ ମଳିନ ପଡିଯାଇଥିବା ଚିରା ଏବଂ ଫଟା ଫ୍ରକ୍ ଟିଏ, କାଖରେ ତାର ବର୍ଷକର ଉଲଗ୍ନ ଶିଶୁଟିଏ ଓ ସାଙ୍ଗରେ ଆଉ ଦୁଇ ଜଣ ୩ ଏବଂ ୪ବର୍ଷର ଛୁଆ । ଅସହ୍ୟ ଶୀତରେ ଏ ଥିଲା ବଡ଼ ଅଭାବନୀୟ ଦୃଶ୍ୟ, ମନରେ କୋହ ମଧ୍ୟ ଜାତ ହେଉଥାଏ । ସକାଳୁ ଜରି ଗୋଟେଇ ତାକୁ ସନ୍ଧ୍ୟାରେ କବାଡ଼ିଆକୁ ଦେଇ, ତା ବଦଳରେ କିଛି ଟଙ୍କା ଆଣି ଖାଇ ବଞ୍ଚିବା ସେମାନଙ୍କର ପ୍ରତିଦିନର କର୍ମ । ସେଦିନ ବୋଧହୁଏ ତା ପାଖରେ ଯଥେଷ୍ଟ ପଇସା ନଥାଏ

ଖାଇବାକୁ,ପେଟର ଭୋକ ସହି ନପାରି ସେ ଭିକ୍ଷା କରିବାକୁ ଆସି ପହଁଞ୍ଚିଥିଲା ଆମ ପାଖରେ । ସାଙ୍ଗମାନେ ତାଙ୍କ ପକେଟରୁ ୱାଲେଟ୍ ବାହାର କରି ଖୁଚୁରା ପଇସା ଖୋଜିବାକୁ ଲାଗିଲେ, କିଛି ସମୟ ପରେ ୨ଜଣ ସାଙ୍ଗ ପ୍ରାୟ ୫, ୭ଟଙ୍କା ଦେଲେ । ତା ପାଖରେ ଆଗରୁ କିଛି ପଇସା ଥିଲା ହେଲେ ସେତିକି ଯଥେଷ୍ଟ ନ ଥିଲା ପେଟର ଭୋକକୁ ଶାନ୍ତ କରିବାପାଇଁ । ସେ ପୁଣି ହାତ ବଢ଼ାଇ ଆଉ କିଛି ପଇସା ଦିଅ ବାବୁ ବୋଲି କହିଲା । ହେଲେ ଆଉ କେହି ଦେବାକୁ ରାଜି ନ ଥିଲେ କାରଣ କାହା ପାଖରେ ଆଉ ଖୁଚୁରା ପଇସା ନଥାଏ, ଥିଲା କେବଳ ୧୦ଟଙ୍କିଆ ନୋଟ୍ । ହେଲେ ସେତବେଳ ଯାଏ ମୁଁ ମୋ ୱାଲେଟ୍ କାଢ଼ି ନଥାଏ କାରଣ ମୋ ପାଖରେ ୧୦୦ଟଙ୍କିଆ ନୋଟ୍ ଏବଂ ୨ଟି ୫୦ପଇସି ଥାଏ । ମୋ ମନରେ ସଙ୍କୋଚ ଓ ଲଜ୍ଜା ଆସୁଥାଏ କଣ ଏଇ ୫୦ପଇସି ତାକୁ ଦେବି ଯେଉଁଟି ତାର କିଛି କାମରେ ନଆସିବ । ହେଲେ ତାର କରୁଣ ମିନତୀ ଦେଖି ତାକୁ ପଚାରିଲି, ୫୦ପଇସି ନବୁ କଣ ତୁ ? ସେ ଅତି ବେସ୍ତ ବିବ୍ରତ ହୋଇ କହିଲା ଯାହା ଅଛି ବାବୁ ଦେଇଦିଅ । ମୁଁ ଆଉ ଡେରି ନକରି ତତ୍କ୍ଷଣାତ୍ କଏନ୍ ୨ଟି କାଢ଼ି ତା ହାତକୁ ବଢ଼ାଇ ଦେଲି । କିନ୍ତୁ କଏନ୍ ଟି ହାତକୁ ଟିକେ ଅଡୁଆ ଅଡୁଆ ଲାଗୁଥିଲା । ଦୁଇ ପାଦ ଆଗକୁ ଚାଲିଗଲା ପରେ, ଠିକ୍ ସେହି ସମୟରେ ସେ ଝିଅଟି କ୍ଷୀଣ ହାସ୍ୟ କଣ୍ଠ ସହିତ ଉଲ୍ଲସିତ ହୋଇ ଆସି ମୋ ହାତକୁ ଧରିପକାଇ କହିଲା ବାବୁ ତୁମେ ବହୁତ ଭଲ । ମୁଁ ଟିକେ ଆଶ୍ଚର୍ଯ୍ୟ ହେଲି, ଭାବିଲି କଣ ଭଲ ! କିଛି କ୍ଷଣ ପର୍ଯ୍ୟନ୍ତ ମୋ ମନରେ ଅସୁଥାଏ ଆଉ କିଛି ଖୁଚୁରା ପଇସା ତାକୁ ଦେଇଥିଲେ ଭଲ ହୋଇଥାନ୍ତା । ତତ୍କ୍ଷଣାତ୍ ସେପଟୁ ସେ କହିଲା ନାଇଁ ବାବୁ ଆଜି ପର୍ଯ୍ୟନ୍ତ ମତେ ଏତେ ପଇସା କେହି ଦେଇନାହାନ୍ତି, ମୁଁ ପ୍ରଥମେ ଭାବିଲି ସେ ମତେ ତାତ୍ସଲ୍ୟ କରି କହୁନିତ ? କିନ୍ତୁ ବାସ୍ତବିକତା ଥିଲା ଆଉ କିଛି, ମୁଁ ତାର ଖୁସି ଦେଖି ଆଚମ୍ବିତ ହୋଇଗଲି । ସେ କହିଲା ବାବୁ ତୁମେ ମତେ ୧୦ଟଙ୍କା ଦେଇଛ, ଯେଉଁଟାକୁ ମୁଁ ୫୦ପଇସା ବୋଲି ଭାବୁଥିଲି ସେଟା ବାସ୍ତବରେ ନୂଆ

ଝଟଙ୍କିଆ ଥିଲା । ଅଟୋକୁ ଅପେକ୍ଷା କରିଥିବା ସମୟରେ, ସେମାନେ ପାଉଁରୁଟି କିଣି ଖାଉଥିବାର ଦୃଶ୍ୟ ଚକ୍ଷୁରେ କେନ୍ଦ୍ରୀଭୂତ ହୋଇଥିଲା । ରୁମ୍ କୁ ଫେରିଲା ପରେ ରାତିରେ ମୋତେ ଭଲରେ ନିଦ ହେଲାନି, ବାରମ୍ବାର ସେଇ ଦୃଶ୍ୟ ଚକ୍ଷୁ ଓ ମନକୁ ବିଶ୍ରାମ ଦେବାରୁ ବଞ୍ଚିତ କରୁଥାଏ । ମନ ଭିତରକୁ ଏମିତି କିଛି ଭାବନା ଆସୁଥାଏ ଯେ, ସତରେ କଣ ଯେଉଁଠି କିଛି ଲୋକ ନିର୍ଭୀକତାର ସହ ଟଙ୍କା ଅପବ୍ୟୟ କରୁଛନ୍ତି ସେଠି ଆଉ କିଛି ଲୋକ ପେଟର ଭୋକ ଉପଶମ ଲାଗି ମାତ୍ର ଟଙ୍କା କେଇଟା ପାଉନାହାନ୍ତି । ଏପରିକି ଅନେକ ପ୍ରକାରର ଆଲୋଡ଼ନ ସୃଷ୍ଟି ହେଉଥାଏ ମନରେ । କିଛିଦିନ ବିତିଗଲା ପରେ ସ୍ମୃତି ସବୁ ଧୀରେ ଧୀରେ ମାନସ ପଟରୁ ଲିଭିବାକୁ ଲାଗିଲା ।

ଜୀବନର ଚଲାପଥେ ଚାଲୁ ଚାଲୁ, ଚାରି ମାସ ବିତିଯାଇଥାଏ । ତା ପରେ ହଠାତ୍ ସେ ଦିନଟି ମୋ ପାଇଁ ପାଲଟି ଯାଇଥିଲା ଖୁସିର ଦିନରେ, ମୋ ହାତରେ ଆସି ପହଁଚିଥିଲା ଜବ୍ ଅଫର ଲେର୍ଟର ସେ ପୁଣି ଏସିଆର ସବୁଠାରୁ ବଡ଼ ଷ୍ଟିଲ୍ ପ୍ଲାଣ୍ଟ JSW Steel Ltd. ରୁ । ଜୁନ୍ ମାସରେ ଯୋଗ ଦେବା ପାଇଁ ତାରଖ ମଧ୍ୟ ଧାର୍ଯ୍ୟ ହୋଇଯାଇଥିଲା, ଶେଷ(୬ଷ୍ଠ) ସେମିଷ୍ଟର୍ ପରୀକ୍ଷା ଦେବାକୁ ମାତ୍ର ୧୨ଦିନ ଥାଏ । ସେ ଯାହାବି ହେଉ ପଢ଼ା ନସରିବା ପୂର୍ବରୁ କର୍ମନିଯୁକ୍ତି ପାଇ ବହୁ ଆନନ୍ଦିତ ଥିଲି ମୁଁ । ପରୀକ୍ଷା ଶେଷ ହେବାର ମାତ୍ର ୧୦ଦିନ ବିରତି ପରେ କର୍ମକ୍ଷେତ୍ରକୁ ଯିବାକୁ ପଡ଼ିଥିଲା, ଯାତ୍ରାଟି ଥିଲା କଟକ ସହରରୁ ସୁଦୂର ଆଉ ଏକ ସହର ବେଲାରୀକୁ । ନୂଆ ଯାଗା,ନୂଆ ଲୋକ ଓ ନୂଆ ଭାଷା ସତ୍ତ୍ୱେ କିଛି ଅସୁବିଧା ନଥିଲା କାରଣ ସେଠାରେ ଆଗରୁ କିଛି ଅତି ପରିଚିତ ସାଙ୍ଗ ଏବଂ ସିନିୟର ଭାଇ ମାନେ ରହୁଥିଲେ । ପ୍ରାୟ ସାଢ଼େ ୬ବର୍ଷ ଅତିବାହିତ ହେଲା ପରେ ଜୀବନରେ ଅନେକ ପରିବର୍ତ୍ତନ ହୋଇସାରିଥିଲେ ମଧ୍ୟ ଜନ୍ମଭୂମି ପ୍ରତି ମନରେ ଥିବା ଅଗଭୀର ସ୍ନେହ ଓ ଅନାବିଳ ଆଦର ଅନ୍ୟତ୍ର ରହିବାରେ ବାଧା ସୃଷ୍ଟି କରୁଥିଲା । ଶେଷରେ ନିଷ୍ପତ୍ତି ନେଲି ଯେ ଆଉ ସେଠି ନରହି

 Magazine Downloaded from www.aahwaan.com

ଫେରିଆସିବି ଜନ୍ମମାଟିକୁ । ୨୦୧୭ମସିହା ଡିସେମ୍ବର୍ ମାସରେ ଦୀର୍ଘ ୭ବର୍ଷ ପରେ ଫେରିଆସିଥିଲି କଟକକୁ । ଆସିବାର କିଛିଦିନ ଭିତରେ ଟିଉସନ୍ ସାରଙ୍କ ସହ ସାକ୍ଷାତ ହେଲା । ମୁଁ ତାଙ୍କୁ ମୋର ପ୍ରଣାମ ଜଣାଇଲି, ସେ ମଧ୍ୟ ମତେ ଦେଖି ଖୁସି ହୋଇଗଲେ । ମୋର ବୃତ୍ତିଗତ ଜୀବନ ବିଷୟରେ ପଚାରିଲେ, ମୁଁ ସବୁ କିଛି କହିଲି । କିଛି କଥା ହେଲା ପରେ ସେ ମୋତେ କହିଲେ ଏ ବର୍ଷ ଆମେ କଲିକତା ଯାଇ ବଣଭୋଜି କରିବାର ଯୋଜନା କରିଛୁ । ମୋର ବି ଇଚ୍ଛା ଥାଏ ଯିବାପାଇଁ, ସେଥିପାଇଁ ମୁଁ ମଧ୍ୟ ଯିବି ବୋଲି କହିବାରୁ ସାର୍ ହଁ କହିଲେ । ଡିସେମ୍ବର୍ ମାସ ତାଂ୩୦ରିଖ ରାତି ଘ୧୧:୩୦ମି ରେ ଆମେ ସମସ୍ତେ ମାନେ (ସାର୍ ଓ ତାଙ୍କ ପରିବାର ବର୍ଗ, ଅନ୍ୟ ଛାତ୍ର ଛାତ୍ରୀ ଏବଂ ସେମାନଙ୍କ ମଧ୍ୟରୁ କିଛି ଜଣଙ୍କର ଗାର୍ଡିଏନ୍ ତା ସହିତ ମୋର ଭାଇ,ପୁତୁରା ଓ ଝିଆରୀ ଆଉ କିଛି ମୋ କ୍ଲାସ୍ ମେଟ୍) ବାହାରିଲୁ କଲିକତା । ସେଠାରେ ସକାଳ ଘ୦୭:୩୦ମି ରେ ପହଁଞ୍ଚି ନିତ୍ୟକର୍ମ ସାରି ଘ୦୯:୩୦ମି ବେଳକୁ ସେଠାକାର ଅତି ପ୍ରସିଦ୍ଧ ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର, ଭେଲୁର୍ ମଠ ପରେ ସନ୍ଧ୍ୟାକୁ ଭିକ୍ଟୋରିଆ ମେମୋରିଆଲ୍ ତା ସହିତ ଆଉ ଏକ ମନ୍ଦିର ମା କାଳୀଙ୍କର ବୁଲିଲୁ । ସେତବେଳକୁ ସମୟ ପ୍ରାୟେ ଘ୦୬:୪୫ମି ହେବଣି, କିଛି ଲୋକ ତାଙ୍କର ଆବଶ୍ୟକତା ଅନୁଶାରେ କିଛି କିଛି କିଣା କିଣି କରୁଥାନ୍ତି । ଆଉ କିଛି ଘଣ୍ଟା ଅତିକ୍ରମ ହେଲେ ଏକ ନୂତନ ବର୍ଷର ପ୍ରାରମ୍ଭ ହେବ, ରାତ୍ରି ନିକଟତର ହେଉଥାଏ ସମସ୍ତେ ଭାବିବାକୁ ଲାଗିଲେ ରାତ୍ରଭୋଜନ କେଉଁଠି କରିବା । କିଛି କହିଲେ ଆଗକୁ ବାଟରେ ବଡ଼ ଢାବା ଦେଖି କରିବା, ଆଉ କିଛି କହିଲେ ସେଇଠି ଭୋଜନ କରିସାରି ବାହାରିବା । ଏହି ଅନିଶ୍ଚିତତା ଭିତରେ ସମସ୍ତେ ବସ୍ ରେ ବସିପଡ଼ିଲେ, ଗାଡ଼ି ଆଗକୁ ବଢ଼ିବାରେ ଲାଗିଲା । କିଛି ବାଟ ଅତିକ୍ରମ କଲା ପରେ ପିଲାମାନଙ୍କୁ ଭୋକ ଲାଗିଲା ହେଲେ ଅଖ ପାଖରେ ସେମିତି କିଛି ବ୍ୟବସ୍ଥା ନଥିଲା ଖାଇବାକୁ । ନୂଆ ବର୍ଷ ପାଳନ ଉପଲକ୍ଷେ ସହର ମଧ୍ୟକୁ କୌଣସି ଯାନ

ବାହାନ ପ୍ରବେଶକୁ ନିଷେଧ କରାଯାଇଥିଲା । ସହରର ସବୁଆଡେ ସୁସଜ୍ଜିତ ଆଲୋକରେ ପୁରା ରଙ୍ଗୀନ୍ ଦେଖାଯାଉଥିଲା । ଆମ ବସ୍ ଜାତୀୟ ରାଜପଥରେ ଭିଡ଼ ମଧ୍ୟରେ ରହିଯାଇଥିଲା । ସେତବେଳକୁ ରାତି ୧୧ଟା ହେବଣି ସମସ୍ତଙ୍କୁ ଭୋକ ଲାଗିବା ଆରମ୍ଭ ହେଇଗଲାଣି । ସହରଟି ସିନା ରଙ୍ଗୀନ୍ ଥିଲା ହେଲେ ପେଟ ଭିତରର ଭୋକଟା ସମସ୍ତଙ୍କ ଶରୀରକୁ ଯେପରି ରଙ୍ଗହୀନ କରିଦେଉଥିଲା । ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ଭୋକର ମାତ୍ରା ଭି ବଢ଼ିବାକୁ ଲାଗିଲା । ଖାଦ୍ୟ ସାମଗ୍ରୀର ଅନ୍ୱେଷଣରେ ମୁଁ ଏବଂ ସାର୍ କିଛି ବାଟ ଚାଲି ଚାଲି ଆଗକୁ ଗଲୁ, ପ୍ରାୟ ୩କି.ମି ଦୂରତା ଅତିକ୍ରମ କରି ସାରିଲୁଣି ତଥାପି କିଛି ବ୍ୟବସ୍ଥା ହୋଇପାରିନଥିଲା । ଆଉ କିଛି ବାଟ ଗଲାପରେ ଏଆରପୋର୍ଟ ପ୍ରବେଶ ରାସ୍ତାରେ ଏକ ଚେକ୍-ପୋଷ୍ଟ ପଡ଼ିଲା । ସେଠାରୁ ଆଗକୁ ରାସ୍ତା ପୁରା ନିଛାଟିଆ ଲାଗୁଥିଲା, ସେପଟେ ମନ ଭିତରେ ଆସୁଥିଲା ବସ୍ ରେ ଥିବା ଅନ୍ୟମାନଙ୍କ କଥା ସତରେ ଭାରି ଅସହ୍ୟ ଥିଲା ସେ ରାତିର ଶୀତ ଓ ପେଟର ଭୋକ । ସମୟ ଘ୦୧:୧୫ମି ହୋଇଥାଏ ସେତବେଳକୁ, ୮କି.ମି ଅନତି ଦୂରକୁ ଯିବା ଆସିବା ପରେ ଶେଷରେ ନିରାଶ ହେବା ଛଡ଼ା ଆଉ କିଛି ଉପାୟ ନଥିଲା । ଏଆରପୋର୍ଟ ଙ୍କେ ର ଶୁନଶାନ୍ ନିର୍ଜନ ରାସ୍ତାରେ ଫେରିବା ସମୟରେ ହଠାତ୍ ମୋର ନଜର ପଡ଼ିଲା ଓଭରବ୍ରିଜ୍ ତଳେ ଥିବା ଏକ ଖୋଲା ସ୍ଥାନରେ । ସେଠାରେ କିଛି ବ୍ୟକ୍ତିମାନେ ମଦ୍ୟପାନ କରୁଥିଲେ, ସେହି ସମୟରେ ଚିରା ଫଟା ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଏକ ଛୋଟ ବାଳକ ବୟସ ତାକୁ ୭ କିମ୍ବା ୮ବର୍ଷ ହେବ କାନ୍ଧରେ ତାର ଏକ ବଡ଼ ବସ୍ତା ଥିଲା । ଆଖ ପାଖରେ ପଡିଥିବା ବ୍ୟବହୃତ କାଚ ମଦ ବୋତଲ ଗୋଟେଇ ସେ ବସ୍ତାରେ ରଖୁଥିଲା । ଯେଉଁଠାରେ ଆମେ ନିଛାଟିଆ ରାସ୍ତାରେ ମଦ୍ୟପଙ୍କୁ ଦେଖି ଡରିଯାଇଥିଲୁ, କିନ୍ତୁ ସେଠି ଏକ ଛୋଟ ଛୁଆଟି ନିର୍ଭୟରେ ଯାଇ ସାହାସର ସହିତ ଖାଦ୍ୟ ପାଇଁ ଭିକ୍ଷା ମାଗୁଛି । ହେଲେ ପ୍ରତିଉତ୍ତରରେ ମିଳିଛି କଣ ? ଖାଲି ଅସଭ୍ୟ ଭାଷା ଆଉ କିଛି ନୁହେଁ । ଏହି ଦୃଶ୍ୟ

ଦେଖି ମୋର ଅତୀତର ସେଇ ଶୀତ ସନ୍ଧ୍ୟାରେ ଯେଉଁ ସ୍ମୃତିଟି ରାଉରକେଲାରେ ଥିଲା ତାହା ବର୍ତ୍ତମାନ କିଛି କ୍ଷଣ ପାଇଁ ଉଜ୍ଜୀବିତ ହୋଇଥିଲା କଲିକତା ସହରରେ, ତା ସଙ୍ଗେ ସଙ୍ଗେ ପରିଣତ ହୋଇଥିଲା ଏକ ଅଭୁଲା ସ୍ମୃତିରେ ।

ସତରେ ସେ ଓଡ଼ିଶା ହେଉ କି କଲିକତା ବା ଭାରତର ଅନ୍ୟ କୌଣସି ରାଜ୍ୟ ସବୁଠାରେ ଆଜି ଏମିତି କିଛି ଶିଶୁମାନେ ଅବହେଳିତ, ରୋଗ ବ୍ୟାଧିଗ୍ରସ୍ତ ଓ ଶିକ୍ଷାରୁ ବଞ୍ଚିତ । ନଚେତ୍ ୭ବର୍ଷ ବ୍ୟବଧାନରେ ଦେଖିଥିବା ୨ଟି ଦୃଶ୍ୟରେ ଚିତ୍ର ଆଉ ଚରିତ୍ର କେବେ ଏକାଭଳି ହୋଇନଥାନ୍ତା, ଯଦି କିଛି ଅଲଗା ଥିଲା ତ ସ୍ଥାନ,କାଳ ଓ ପାତ୍ର । ଗୋଟିଏ ପଟରେ କୋଳାହଳ ରତ ଗହଳି ପୂର୍ଣ୍ଣ ସ୍ଥାନରେ ସନ୍ଧ୍ୟା ପ୍ରହରର ଶେଷରେ ତ ଅନ୍ୟ ପଟରେ ନିର୍ଜନ ସ୍ଥାନରେ ନିଶାନ୍ତ ପ୍ରହରର ଆଦ୍ୟରେ । କେଉଁଠି ମିଳିଥିଲା କିଛି ଖାଇବାକୁ ତ ଆଉ କେଉଁଠି ଅଶ୍ରାବ୍ୟ ଅସଭ୍ୟ କଟୁ ଭାଷା । ବସ୍ତୁବତାରେ ସେ ଦୃଶ୍ୟ “ଅତୀତର ସ୍ମୃତିକୁ ଟାଣି ଆଣିଥିଲା ବର୍ତ୍ତମାନର ଶୀତ ନିଶାନ୍ତକୁ” ।

କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ଅନେକ ପ୍ରକାରର ସାମାଜିକ ସୁରକ୍ଷା ଯୋଜନା,ଶିଶୁଶ୍ରମିକ ନିବାରଣ ନିୟମ ସତ୍ତ୍ୱେ କିଛି ଶିଶୁମାନେ ଅନାଥ ଅସହାୟ ଅବସ୍ଥାରେ ଅଛନ୍ତି । କାରଣ କଣ ହେଇପାରେ? ଆମ ଦେଶର ନାଗରିକ ମାନେ ସଚେତନ ଅଛନ୍ତି ଏଥି ପ୍ରତି!

ଧାତୁ ଏବଂ ମିଶ୍ରଧାତୁ ଯନ୍ତ୍ରୀ

ଟାଟା ଷ୍ଟିଲ୍ ଲିମିଟେଡ୍, ଉପର ତେଲେଙ୍ଗା ବଜ଼ାର

ପୁରିଘାଟ, କଟକ-୭୫୩୦୦୯

ଇ-ମେଲ୍ -: alokkumar.rout119@gmail.com

ଦୂରଭାଷ -: ୯୪୪୯୦୨୨୭୯୮

 Magazine Downloaded from www.aahwaan.com

କ୍ଷୁ

ଜ୍ୟୋତିରଞ୍ଜନ ସାହୁ

ଆଜି ଅନେକ ଦିନପରେ କିଛି ଲେଖିବାକୁ ସମୟ ପାଇଛି । ଲେଖାଟା ନିହାତି ଭଲ ନହେଲେବି କିଛି ଖରାପ ମଧ୍ୟ ଲାଗିବନାହିଁ ବୋଲି ମୋର ଆଶା । ଏ କଥାଟି ରାଜୁବାବୁଙ୍କର । ଯାହା ତାଙ୍କ ସହ ଘଟିଯାଇଛି ଏହି କିଛିଦିନ ତଳେ । ସେଦିନ ରାଜୁ ବାବୁ ତାଙ୍କ ମା'ଙ୍କୁ ନେଇ *** ହସ୍ପିଟାଲ ଯାଇଥିଲେ । ମା ତାଙ୍କର ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ନିଜ କାମ ନିଜେ କରିବାକୁ ସମର୍ଥ । କାହାରି ଉପରେ ନିର୍ଭର କରିବା ଭଳି ଅବସ୍ଥା ଏପର୍ଯ୍ୟନ୍ତ ତାଙ୍କର ଆସି ନାହିଁ । ହେଲେ ମଧ୍ୟ ଏହି କିଛିଦିନ ତଳେ ହଠାତ୍ କାହିଁକି କେଜାଣି ତାଙ୍କର ଶରୀର ଅସୁସ୍ଥ ହୋଇଉଠିଲା । ଘର ପାଖ ଡାକ୍ତର ଅସମର୍ଥ ହୋଇପଡିବାରୁ ବ୍ୟସ୍ତ ହୋଇ ରାଜୁ ବାବୁ ମା'ଙ୍କୁ ନେଇ ଛୁଟିଗଲେ ରାଜଧାନୀ । ରାଜଧାନୀ ! ! ! ବଡ଼ ସହର ବଡ଼ ଲୋକ ବଡ଼ ଡାକ୍ତରଖାନା; ଆଉ ଏହି ସବୁ ବଡ଼ ବଡ଼ ଭିତରେ କେଉଁଠି ହଜିଯାଉଛି ଛୋଟ ଛୋଟ ହୃଦୟ ସବୁ; ବଞ୍ଚିବାର ଛୋଟ ଛୋଟ ଆଶା ସବୁ । କିଛି ବୁଝି ହେଉନଥିବ ବୋଧହୁଏ । ହେଉ ! ଏବେ ଯିବା କାହାଣୀ ଉପରକୁ । ସେଦିନ ରାଜୁ ବାବୁ ମା'ଙ୍କୁ ନେଇ ପହଞ୍ଚିଲେ *** ହସ୍ପିଟାଲରେ । ଚାରିଆଡ଼େ ଜନ ଗହଳି । ସମସ୍ତଙ୍କ ଭିତରେ ବଞ୍ଚିବାର ଦୁର୍ବାର ଲାଳସା । ସେମାନଙ୍କୁ

ଦେଖିଲେ ଲାଗୁଥାଏ କି ସତେ ଯେମିତି ଆଈମା କାହାଣୀର ସେହି ମାଙ୍କଡ଼ଟା ଏଇଠି କେଉଁଠି ନିକିତି ଧରି ବସିଛି ଆଉ ଅନେକ ମିଠାମିଠା କଥାଛଳରେ ବିଲେଇ ମାନଙ୍କର ପିଠାରୁ ପୁଲାପୁଲା ଖାଇଚାଲିଛି । ସେଦିନ ରାଜୁ ବାବୁ ଦେଖି ପାରୁଥାଆନ୍ତି ଲୋକ ମାନଙ୍କର ଅସହାୟତାକୁ । ଆଉ ସେହି ଅସହାୟତାକୁ ଦେଖୁଦେଖୁ ପ୍ରଶ୍ନଚିହ୍ନ ଗୁଡ଼ା ସ୍ୱତଃ ଆଙ୍କି ହୋଇଯାଉଥାଏ ପିଲାଦିନେ ମା'ଙ୍କ ପାଖରୁ ପାଇଥିବା ସନାତନ ଧର୍ମର ନୀତିଶିକ୍ଷା ଗୁଡ଼ିକ ଉପରେ । ତର୍ଜମା କରୁଥାଆନ୍ତି ଆଜିର ସମୟକୁ ! ଏହା ଭିତରେ କେତେବେଳେ ଯେ ସେବାଟା ବ୍ୟବସାୟର ମାନ୍ୟତା ପାଇଗଲା ସେହି କଥାଟା ଚିନ୍ତା କରୁ କରୁ ହଠାତ୍ ରାଜୁବାବୁଙ୍କର ନଜର ପଡ଼ିଗଲା ଦୁଇଟି ଚେୟାର ସେ ପାଖରେ ବସିଥିବା ୫୦ / ୫୫ବର୍ଷର ଜଣେ ବ୍ୟକ୍ତିଙ୍କ ଉପରେ । କେମିତି କେଜାଣି ରାଜୁବାବୁ ସତେଯେପରି ଦେଖିପାରିଲେ ସେ ଲୋକଟିର ଅଦେଖା ଲୁହ ଗୁଡ଼ା । ଚିନ୍ତାରେ ଜଡ଼ ସଡ଼ ତାଙ୍କ ମନଟା ଭିତରେ ଲୁଚି ରହିଥିବା ହୃଦୟର ଅପଢ଼ା ଦୁଃଖ ସବୁକୁ ପଢ଼ିବା ପାଇଁ କିଛିଟା ନିକଟକୁ ଚାଲିଗଲେ ରାଜୁବାବୁ ସେହି ଅଜଣା ଲୋକଟିର । ମନର ବେଦନା ଆଗରେ ଭାଙ୍ଗିଗଲା ନିରବତା; ଲୁଚିଗଲା ପର ଆପଣାର ସେହି ମିଥ୍ୟା ସଂଙ୍କାଟା । କିଛିଟା ସମୟ ଦୁହିଁଙ୍କୁ ବାନ୍ଧି ପକାଇଲା ଗୋଟେ ଅବୁଝା ସମ୍ପର୍କରେ । କଥା ହେଉହେଉ ଲୋକ ଜଣକ ବଖାଣି ବସିଲେ ନିଜ ହୃଦୟର ବ୍ୟଥା ରାଜୁବାବୁଙ୍କ ସମ୍ମୁଖରେ । ନିଜର ପରିଚୟଟା ରାଜୁବାବୁଙ୍କର ପରିଚୟର ପାଖାପାଖି । ମାନେ ହେଲା ଲୋକ ଜଣକ ଜଣେ ନିମ୍ନ ମଧ୍ୟବିତ୍ତ ପରିବାରର ସ୍ୱଳ୍ପ ଆୟକାରୀ । ପ୍ରକୃତରେ ଏହି ପରିଚୟଧାରୀ ସମାଜିକ ଶ୍ରେଣୀଟା ସତେ ଯେପରି ଦୁନିଆଁ ଦାଣ୍ଡରେ ଅନାଥ । ଏମାନେ ଏ ସମାଜର ଏଭଳି ଏକ ଶ୍ରେଣୀ ଯାହାଙ୍କ ପାଖରେ ନା ଥାଏ ବିପିଏଲ୍ କାର୍ଡ ନା ଏପିଏଲ୍‌ର ଦମ୍ଭ; ନା ଅର୍ଥର କୁବେର ଏମାନେ ନା ମନ୍ଦିର ପିଣ୍ଡାର ଭିକ୍ଷୁକ ଏମାନେ;

 Magazine Downloaded from www.aahwaan.com

ନା ହୃଦୟରେ ସାହସ ଅଛି ନା ଭୀରୁତାର ପରିପ୍ରକାଶକ ଏମାନେ । ଏମାନେ ତ କେବଳ ସ୍ୱପ୍ନ ଦେଖି ଜାଣନ୍ତି; ଜୀବନ ସହ ନିରବଚ୍ଛିନ୍ନ ଭାବେ ସଂଘର୍ଷ କରିଜାଣନ୍ତି; ହସିବା ଆଗରୁ କାନ୍ଦିବାର ଯନ୍ତ୍ରଣାକୁ ଅନୁଭବ କରନ୍ତି । ଏହିପରି ଏକ ସାମାଜିକ ଶ୍ରେଣୀରୁ ଆସିଥିବା ସେହି ବ୍ୟକ୍ତି ଜଣକ ରାଜୁବାବୁଙ୍କୁ କହିଲେ, “ବୁଝିଲେ ଆଜ୍ଞା ! ମା’ ମୋର *** ରୋଗରେ ପୀଡ଼ିତା । ଡାକ୍ତର କହୁଛନ୍ତି ଖୁବ୍ ଶୀଘ୍ର ଅପରେସନ ଦରକାର । ସାତ ଆଠ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । କେଉଁଠୁ ଆଣିବି ଏତେ ଟଙ୍କା ! ଚାରିଆଡ଼ ଖାଲି ଅନ୍ଧାର ଦିଶୁଛି । ମା’ଟା ମୋର ଭଲହେବ ବୋଲି ଦୌଡ଼ି ଆସିଥିଲି ଯେ; ହେଲେ ମୋର ଆର୍ଥିକ ଅବସ୍ଥାଟା ମୋତେ ଉପହାସ କରିଦେଲା । ଭଲ ଡାକ୍ତର ପାଖରେ ଦେଖାଇ ମା’ଙ୍କୁ ଭଲ କରିଦେବି ବୋଲି ଭାବିଥିଲି । ହେଲେ ଏ ଛୋଟ ହୃଦୟଧାରୀ ଡାକ୍ତରଖାନା ମାଲିକ ଗୁଡ଼ାକ ମୋ ମା’ର କି ଚିକିତ୍ସା କରିବେ ! ଶାଗୁଣାମାନେ ବି ମଡ଼ା ଛାଡ଼ିଦେବେ କିନ୍ତୁ ଏମାନେ ତ ମଡ଼ା ଦେହରୁ ବି ରକ୍ତ ଶୋଷିନେବେ । ଆଜ୍ଞା ! ମୁଁ ବହୁତ ଅସହାୟ ହୋଇପଡ଼ିଛି । କଣ କରିବି ? ଆମ ଘର ପାଖରେ କିଣିଥିବା ଦଶ ଡେସିମିଲ ଜାଗାଟା ବିକିଦେବି ବୋଲି ଭାବୁଥିଲି । ହେଲେ ମୋ ପତ୍ନୀ କହିଲେ, “ସେତିକି ତ ଆମର ସମ୍ବଳ । ଆଗକୁ ଝିଅ ବାହାଘର ପୁଣି ପୁଅଟା ବେକାର । ମା’ ତ ପାଚିଲା ପତର କିନ୍ତୁ ଆମ ପୁଅ ଝିଅଙ୍କର ତ ଭବିଷ୍ୟତ ଅଛି ।” ତା କଥାରେ ମଧ୍ୟ ଯଥାର୍ଥତା ଅଛି । କଣ କରିବି ? କେମିତି ଭଲ କରିବି ମା'ଙ୍କୁ ?” ସେହି ଲୋକଟିର କଥାରେ ବାରି ହୋଇପଡୁଥିଲା ଅସହାୟତା । ତାଙ୍କ କଥା ଶୁଣି ରାଜୁ ବାବୁ କହିଲେ, “ଦେଖ ! ଅନ୍ୟ କିଛି ଉପାୟ ଯଦି ମିଳିପାରେ ।” ହଠାତ୍ ଛୋଟ ପିଲାଙ୍କ ପରି କାନ୍ଦିବାକୁ ଲାଗିଲେ ବ୍ୟକ୍ତି ଜଣକ । ଆଉ କାନ୍ଦିକାନ୍ଦି କହୁଥାନ୍ତି, “କେମିତି ଏତେ ସ୍ୱାର୍ଥପର ମୁଁ ହୋଇଯିବି ? ମୋର ରୋଜଗାର ନଥିଲା ବେଳେ ଏଇ ମା’ ଦିନେ ମୋ ପିଠିରେ ଥାପୁଡାଇ କହିଥିଲା ଆରେ ବା !

ଜମାରୁ ବ୍ୟସ୍ତ ହୁଅନା । ମୁଁ ପରା ବଞ୍ଚିଛି । ତୁ ନିଜ ଗୋଡ଼ରେ ନିଜେ ଛିଡ଼ା ନହୋଇ ପାରିଲେ ତୋର ଏ ମା'ଟା ତୋ ବୋଝ ମୁଣ୍ଡାଇବାର ବଳ ରଖିଛିରେ ! କିଛି ନହେଲେ ମୁଁ ବଞ୍ଚିଥିବା ଯାଏ ତୋତେ ପୋଷିବି । ଆଉ ମୁଁ ... ।" ଏତିକି କହୁକହୁ ସେ ବ୍ୟକ୍ତି ଜଣକ ଚେୟାରରୁ ଉଠି ଡାକ୍ତରଖାନାର ଏକ ୱାର୍ଡ଼ ଭିତରକୁ ଚାଲିଗଲେ । ତାଙ୍କ କାନ୍ଦଟା ରାଜୁବାବୁଙ୍କ ମନକୁ ଆନ୍ଦୋଳିତ କରିଦେଲା । ଆଉ ସ୍ଥିର ହୋଇ ବସିପାରିଲେନି ସିଏ । ଚାଲିଗଲେ ନିଜ ୱାର୍ଡକୁ ।

ଏ ଘଟଣାର ଦୁଇଦିନ ପରେ ହଠାତ୍ କାଉଣ୍ଟର ପାଖରେ ଦେଖାହେଲେ ସେହି ବ୍ୟକ୍ତି ଜଣକ । ସାଂଗରେ ଥିଲେ ତାଙ୍କର ପତ୍ନୀ ଆଉ ମା । ହେଲେ ଖୁବ୍ ଅଦ୍ଭୁତ ଥିଲା ତାଙ୍କର ବ୍ୟବହାର । ରାଜୁବାବୁଙ୍କୁ ନଦେଖିଲା ନଚିହ୍ନିଲା ପରି ଆଗକୁ ମାଡ଼ି ଯାଉଥିଲେ ସିଏ । ଠିକ୍ ଜଣେ ଅପରାଧୀ ପରି । ତାଙ୍କର ଏତାଦୃଶ ବ୍ୟବହାର ଦେଖି ରାଜୁବାବୁ ତାଙ୍କୁ ଡାକିବାଟା ଆଉ ଉଚିତ୍ ମନେକଲେ ନାହିଁ । ହେଲେ ରାଜୁବାବୁ ସେ ବ୍ୟକ୍ତି ଜଣକ ତାଙ୍କ ମା'ଙ୍କୁ କହୁଥିବାର ଶୁଣିଲେ, "ଆରେ ! ତୋର କିଛି ହୋଇନି । ତୁ ଘରକୁ ଗଲେ ଶୀଘ୍ର ଭଲ ହୋଇଯିବୁ ।" ତାଙ୍କ କଥା ଶୁଣି ମା ତାଙ୍କର କହୁଥାଆନ୍ତି, "ହଁ ହଁ ବା ! ତୁ ମୋତେ ଶୀଘ୍ର ଘରକୁ ନେଇଗଲୁ ! ମୁଁ ସେଇଠି ଭଲ ହୋଇଯିବି । ଏଇଠି ରହିଲେ ମୁଁ ଆହୁରି ଶୀଘ୍ର ମରିଯିବି ।" ସେହି ସମୟରେ ସେହି ବ୍ୟକ୍ତିଙ୍କ ମୋବାଇଲକୁ କେହିଜଣେ ଫୋନ୍ କଲେ । ଉତ୍ତରରେ ବ୍ୟକ୍ତି ଜଣକ କହିଲେ, "ନା ନା ! ମା'ର ସେମିତି କିଛି ହୋଇନି । ସେ ମେଡିସିନ୍ ଖାଇ ରେଷ୍ଟ ନେଲେ ଶୀଘ୍ର ଭଲ ହୋଇଯିବ ।" ସେମିତି କଥା ହେଉହେଉ ବ୍ୟକ୍ତି ଜଣକ ହସ୍ପିଟାଲ ଛାଡ଼ିଦେଲେ । ତାଙ୍କର ଯିବା ବାଟକୁ ନିର୍ବାକ ହୋଇ ଚାହିଁ ଥାଆନ୍ତି ରାଜୁବାବୁ । ହଠାତ୍ ପାଖରେ ଛିଡ଼ା ହୋଇଥିବା ରାଜୁବାବୁଙ୍କର ଛଅ ବର୍ଷର ସାନ ଝିଅ ପାଟିକରି

ପଚାରିଲା, "ବାପା ! ସେଇଠି କଣ ଲେଖା ହୋଇଛି ?" ରାଜୁବାବୁ ହସିଦେଇ କହିଲେ, "ଷ୍ଟାଣ୍ଡ ଇନ୍ କ୍ୟୁ ।" ଝିଅ ପଚାରିଲା, "କ୍ୟୁ ମାନେ ?" ରାଜୁବାବୁ କହିଲେ, "କ୍ୟୁ ମାନେ ଧାଡ଼ି ମାନେ ଲାଇନ୍ ।" ଝିଅ ଏ ଉତ୍ତରରେ ସନ୍ତୁଷ୍ଟ ନହୋଇ କହିଲା, "କ୍ୟୁ ଫର୍ କ୍ୱେଶ୍ଚେନ୍ ମାନେ ପ୍ରଶ୍ନ । ବାପା ! ହେଇ ଦେଖ ! ଦେଖୁନ କ୍ୟୁ ।" ଏହାପରେ ରାଜୁ ବାବୁ ଝିଅ ବଢ଼ାଇଥିବା ଆଙ୍ଗୁଳି ଦିଗକୁ ଦୃଷ୍ଟି ବୁଲାଇଲେ । ଦେଖିଲେ କ୍ୟୁରେ ଛିଡ଼ା ହୋଇଛନ୍ତି ଜଣେ ବୃଦ୍ଧ । ଆଖିରେ ଯନ୍ତ୍ରଣାର ଚିହ୍ନ । ଆଉ ତାଙ୍କ ଶରୀର ! ! ! ଶରୀରଟା ଗୋଟିଏ କ୍ୟୁ ମାନେ ପ୍ରଶ୍ନ ଚିହ୍ନପରି । କିଛି ସମୟ ସେ ବୃଦ୍ଧଙ୍କୁ ଦେଖିଲାପରେ ଝିଅକୁ ଧରି ଜ୍ଞାର୍ଡ ଭିତରକୁ ଚାଲିଗଲେ ରାଜୁ ବାବୁ ଆଉ ମନେମନେ ଭାବୁଥାନ୍ତି, "କେମିତି ସମ୍ପର୍କଟା ଏତେ ସ୍ୱାର୍ଥପର ହୋଇଯାଇ ପାରେ ! ! କେମିତି ସମ୍ପର୍କଟା ପକେଟ୍ ଆଉ ପରିସ୍ଥିତିର ଦାସ ହୋଇ ଯାଇପାରେ ! ! ତେବେ ସତରେ କଣ ଆମ ଭଳି ଲୋକଙ୍କ ପାଇଁ ବାର୍ଦ୍ଧକ୍ୟଟା ବିରାଟ ଏକ କ୍ୟୁ ମାନେ ପ୍ରଶ୍ନ ଚିହ୍ନ ?"

ଇମେଲ୍ : jrs.2013@rediffmailgmail.com

 Magazine Downloaded from www.aahwaan.com

ବୀରପ୍ରସବିନୀ

ଦାଣ୍ଡରେ ଶୁଭୁଥିଲା ଭାରତ ମାତା କି ଜୟ୍ । ବୀର ସନ୍ତାନ ଅମର ରହେ । ଆଗକୁ ଆଉ କିଛି ଶୁଣିପାରିନଥିଲା ଶୃତି । ଶରୀର ଯେମିତି ଶିଥିଳ ହୋଇଯାଇଥିଲା । ଚେତା କେତେବେଳେ ଆସିଲା କେତେବେଳେ ସୁମନ୍ତ ତା'ଠାରୁ ଶେଷ ବିଦାୟ୍ ନେଲେ ଜାଣିପାରିଲାନି ସେ । ଶାଶୁଙ୍କ କୋଳରେ ମୁଣ୍ଡରଖି ସେ ଖାଲି ସୁମନ୍ତଙ୍କୁ ଝୁରିହେଉଥିଲା । ଆଜି ଅଗଷ୍ଟ ପନ୍ଦର । ଦେଶ ସ୍ୱାଧୀନ ହେବାର ୭୨ବର୍ଷ ପୁର୍ତ୍ତି ଅବସରରେ ଦାଣ୍ଡରେ ଚହଳ ଲାଗିଲାଣି । ସବୁଥର ପରି ଦେଶମାତୃକାର ଚରଣ ବନ୍ଦନ ପାଇଁ ତତ୍ପର ଚଳଚଞ୍ଚଳ ଦେଶବାସୀ । ସେଇ ଚିର ପରିଚିତ ଧ୍ୱନିସହ ଶିହରି ଉଠିଲା ଶୃତି । ଝରୁଥିଲା ଆଖିରୁ ଲହୁ । ଶ୍ରାବଣ ମାସର ଆକାଶର ଲୁହ ସେ ଲହୁ ସହ ମିଶି ଅବିରାମଭାବେ ବହିଚାଲିଥିଲା । ମନର ସମସ୍ତ କୋହକୁ ଢୋକିନେଇ ଖୁବ୍ ଏକ ପ୍ରୟାସ କଲା ସେ ସୁମନ୍ତଙ୍କୁ ମନେପକାଇ । ଏଇ ତ କାଲିପରି ଲାଗୁଛି ସୁମନ୍ତଙ୍କୁ ବିବାହ କରିବାର ।

ଅର୍ଚ୍ଚନା ପଟ୍ଟନାୟକ

ଅଲିଅଳି ଝିଅ ଶୃତିର ବିବାହ ଲେଫ୍ଟନାଣ୍ଟ ସୁମନ୍ତଙ୍କ ସହ ଠିକ୍ କରିଥିଲେ ବାପା । ଆର୍ମି ପୋଷାକରେ ଲମ୍ବା ଚୌଡା ସୁଗଠିତ ବ୍ୟକ୍ତିଟିକୁ ଯେବେ ପ୍ରଥମେ ଭେଟିଲେ ଶୃତି ମନ୍ତ୍ରମୁଗ୍ଧ ହୋଇଯାଇଥିଲେ । ନିଜକୁ ଭାଗ୍ୟବତୀ ମଣିଛନ୍ତି ଏଇ ଘରର ବୋହୁ ହୋଇ । ଶ୍ୱଶୁର ଭାନୁପ୍ରତାପ ବି ଥିଲେ ଆର୍ମି ଅଫିସର ।ମୋଟାମୋଟି ଘରଟି ଥିଲା ଦେଶଭକ୍ତି, ନୀତି ନିଷ୍ଠା

ସଂଯମତାରେ ଭରପୁର । ଏକମାତ୍ର ପୁତ୍ର ସୁମନ୍ତ୍ରଓମାସ ତଳେ କାଶ୍ମୀରକୁ ବଦଳି ହୋଇଯାଇଥିଲେ । ଏଥର ଘରକୁ ଫେରିଲେ ଶୃତିକୁ ନେବାର ପ୍ରତିଶୃତି ଦେଇଥିଲେ ସୁମନ୍ତ ।ନବ ବିବାହିତା ସ୍ତ୍ରୀ ଆଉ ମାଆକୁ ଚାକିରୀ ସ୍ଥାନକୁ ନେବାପାଇଁ army quarterଟିକୁସଜାଡି ନେଇଥିଲେ ସେ । ଅସମୟରେ ଯୁଦ୍ଧର ବିଗୁଲ୍ ବାଜିଉଠିଥିଲା । ବୀର ଦର୍ପରେ ସୁମନ୍ତ ଆଉ ୨୫ଜଣ ସହକର୍ମୀଙ୍କ ସହ ମାଡିଚାଲିଲେ ଆଗକୁ । ଶାଶୁଙ୍କ ଠାରୁ ଶୁଣିଛି ଶୃତି ସୁମନ୍ତ ଛୋଟବେଳେ ଖୁବ୍ ଭଲ ପଢୁଥିଲେ । ନିଷ୍ଠାପର ଭାବରେ ନିଜର ସମସ୍ତ ଦାୟିତ୍ୱ ତୁଲାଇ ପାରୁଥିଲେ । ଯେ କୌଣସି କାର୍ଯ୍ୟରେ leadership ନେଇ କୃତକାର୍ଯ୍ୟ ହୋଇପାରୁଥିଲେ । ସବୁବେଳେ ଶ୍ରେଣୀରେ ପ୍ରଥମ selection ରେ ଯୋଗ୍ୟ ବିବେଚିତ ହୋଇଥିଲେ । NCCପୋଷାକରେ ଫୋଟଟିଏ ଏବେ ମଧ୍ୟ drawing roomରେ ଶୋଭା ବଢାଉଛି । ଫୋଟଟିକୁ ଚାହିଁ ପୁଣିଥରେ ଲୁହ ପୋଛିଲା ଶୃତି ।

ଶାଶୁ ପାଖକୁ ଆସି କ୍ଷୀର ଗ୍ଲାସ ଟେ ବଢେଇ ଦେଉ ଦେଉ ପୁଣିଥରେ ଅସ୍ପଷ୍ଟ ଭାବେ କାନ୍ଦିଉଠିଲା ଶୃତି । ତା ହାତକୁ ମୁଠାଇ ଧରି ଶାଶୁ କହିଲେ `କ୍ଷୀର ଟିକେ ପିଇଦେ ମା' । ଗର୍ଭସ୍ଥ ସନ୍ତାନ ପୁଣି ବୀର ହେବା ଦରକାର, ଠିକ୍ ତା'ର ବାପା ଜେଜେବାପା ପରି । ଆ ତତେ କିଛି ଦେଖାଇବି' କହି କ୍ଷୀର ତକ ପିଏଇ ଦେଇ ହାତଧରି ଟାଣିନେଲେ ନିଜ କୋଠରୀକୁ । ଶୃତି ଆଗରେ ଏକ ଖୋଲା ବାକ୍ସ । ଏମିତି କ'ଣ ଥାଇପାରେ ଏ ଭିତରେ । ଯେ ଏଇ ଅସମୟରେ ତାକୁ ଦେଖାଇବାକୁ ଆଣିଛନ୍ତି ବୁଝିପାରିଲାନି ଶୃତି । ଭିତରେ କେତେ ସିଲ୍ଡ, ଚିଠି, certificate ଶଶୁରଙ୍କକିଛି ପୋଷାକ । ବାହାଘର ପରେ ଏସବୁ ଦେଖାଇବାର କେବେ ଆବଶ୍ୟକ ମଣିନଥିଲେ ସୁମିତ୍ରା, ତା ଶାଶୁ । ଛୋଟିଆ ଜୋତାହଳେ କାଢି ସୁମିତ୍ରା ଦେଖାଇଥିଲେ । ଆଉ ତା'ସହ ଏକ ଚିଠି । ଲୁହରେ ଭିଜି ଭିଜି ଅକ୍ଷର ସବୁ ନଷ୍ଟ ହୋଇଯାଇଥିବା ଚିଠିଟିକୁ ତା ହାତକୁ ବଢେଇ ଦେଇ ସୁମିତ୍ରା କହିଲେ ପଢ ମା । ସେଥିରେ

ଲେଖାଥିଲା କେମିତି ସନ୍ତାନ ଜନ୍ମ ହେବାର ଖୁସିରେ ଆତ୍ମହରା ଶଶୁର ଶତୃ ନିପାତ କରିବା ପାଇଁ ସୀମାରେ ଲଢେଇରେ ବ୍ୟସ୍ତ ଥିଲେ । ଯୁଦ୍ଧ ପରେ ଫେରିଥାନ୍ତେ କିନ୍ତୁ ଫେରିଥିଲା ତାଙ୍କର ବ୍ୟବହାର୍ଯ୍ୟ ସାମଗ୍ରୀସବୁ ଆଉ ଏଇ ଜୋତା ହଳକ ପୁଅ ପାଇଁ । ଚିଠିରେ ବି ଲେଖାଥିଲା `ମୁଁ ଫେରିବି କି ନା ଜାଣେନା ସୁମି, କିନ୍ତୁ ଆମ ପୁଅକୁ ତୁମେ ଭାରତମାତାର ଯୋଗ୍ୟ ସନ୍ତାନକରି ଗଢି ତୋଳିବ । ଯେତେଦିନ ଯାଏଁ ଏଇ ମାଟିରୁ ଶତୃନିପାତ ହୋଇନାହାନ୍ତି ସେ ତା'ର ଜ୍ଞାନ ହେବାଠାରୁ ଦେଶମାତୃକାର ସେବାକରୁ । ସେତିକିରେ ମୁଁ ପିଣ୍ଡ ପାଇଯିବି । ମୋ ପିଣ୍ଡଦାନ ପାଇଁ ତୁମେ କେବେ ବ୍ୟସ୍ତ ହେବନାହିଁ । ବୀରରମଣୀ ତୁମେ । ତୁମ ଲୁହକୁ ବଜ୍ରଠାରୁ ଟାଣକରି ଧରାଇଦେବ ପୁଅର ହାତରେ ।ଭାରତମାତାର ଜୟ ହେଉ ।ଆମ ସନ୍ତାନ ସର୍ବଦା ସିଦ୍ଧି ଲାଭକରୁ ।ସତେ ଅବା ବିନ୍ଦୁବିନ୍ଦୁ ଅଶୃ ମୁକ୍ତାରୂପେ ଝରିପଡିଲା ଶୃତିର ଗର୍ଭରେ ବୀର ପତିଙ୍କର ପ୍ରତିଟି ରକ୍ତ ବିନ୍ଦୁ ତା ' ଲୁହ ସହ ମିଶି ଯେଉଁ ସନ୍ତାନ ଆସିବ ସେ ନିଶ୍ଚୟ ଦେଶମାତୃକାର ସେବାରେ ବିଲୀନ ହେବ ଠିକ୍ ତା'ର ବାପା ଜେଜେବାପା ପରି ଭାବିନେଲା ଶୃତି । ଆଗକୁ ତାକୁ ବହୁତ କିଛି କରିବାକୁ ଅଛି । ବୃଦ୍ଧା ଶାଶୁଙ୍କ ଯତ୍ନ ଆଗାମୀ ସନ୍ତାନର ସୁପ୍ରସବ ପରେ ଉଚିତ ଲାଳନ ପାଳନ ଏ ସବୁ ତ କେବଳ ଶୃତିର କର୍ତ୍ତବ୍ୟ । ଅନ୍ତତଃ ତା' ଶହୀଦ ସ୍ୱାମୀଙ୍କର ପଥାନୁସରଣ କରିସମସ୍ତ ତୀର୍ଥର ପୂଣ୍ୟଫଳ ନେଇ ସେ ସନ୍ତାନକୁ ସବୁଦିଗରୁ ଯୋଗ୍ୟ କରିନେବ । ଦେଶପାଇଁ ବଳିଦାନ ଦେଇଥିବା ତା'ର ପତି ଓ ଶଶୁରଙ୍କ କିର୍ତ୍ତିରାଜିକୁ ସେ ତା ସନ୍ତାନକୁ ଶୁଣାଇବ । ହୁଏତ ସୁମନ୍ତ ନାହାନ୍ତି କିନ୍ତୁ ତାଙ୍କର ଦେଶପ୍ରେମ ତାଙ୍କର ନିଷ୍ଠା ସାହସିକତା ତା'ର ଚିର ପାଥେୟ ହେବ ।ବୀର ସନ୍ତାନର ପ୍ରସବିନୀ ମାତା ରୂପେ ସେ ନିଜକୁ ଧନ୍ୟ ମନେକରିବ ।

 Magazine Downloaded from www.aahwaan.com

ତୁମ ପାଇଁ ଚିଠି

ଧଇଁସଇଁ ହୋଇ ଯାଉଥାଏ ଅବିନାଶ । ଆଉ ଟିକେ ଡ଼େରି ହୋଇଥିଲେ ବସ୍ ଚାଲି ଯଇଥାନ୍ତା । ଯା ହେଉ ସିଟ୍ ଟେ ମିଳିଗଲା ସେ ପୁଣି ଡ଼ୋର୍ ପାଖରେ । ଶାନ୍ତିରେ ବସିଲା ଅବିନାଶ । ଏଇ କର୍ମମୟ ଜୀବନରେ କେତେବେଳେ ଫୁରସତ୍ ମିଳୁଛି ଯେ ଟିକେ ବସିବାପାଇଁ ତେଣୁ ସେ ଭାବିଥିଲା ଆଜି ସେ ଘରକୁ ବସ୍‌ରେ ହିଁ ଯିବ । ଅତିକମରେ ଘରେ ପହଞ୍ଚିବା ଯାଏ ତ ବସି ପାରିବ । ଘରେ କୋଉ କାମର ଅଭାବ କି ପହଞ୍ଚୁ ପହଞ୍ଚୁ ବାପା କାମର ଲମ୍ବା ଲିଷ୍ଟ ଶୁଣେଇ ଦେବେ । ବୋଉର ତ କେତେ ଅଭିଯୋଗ ଥିବ ବାପାଙ୍କ ବିରୁଦ୍ଧରେ ଖାଇବା ବେଳେ ପାଖରେ ବସି କହିବ । ବୋଉର ଏମିତି ଛୋଟ ମୋଟ ସମସ୍ୟାର ସମାଧାନ କରୁ କରୁ ଛୁଟି ସରିଯାଏ ।

ପ୍ରିୟଙ୍କା ସାହୁ

ବାସ୍ ତା'ପରେ ରୁଟିନ୍ ଜୀବନର ଆରମ୍ଭ ସବୁଦିନ ସକାଳ ହେଲେ ନିତ୍ୟକର୍ମ ସାରି ଖାଇକି ଅଫିସ୍ ଯାଅ ଫେରୁ ଫେରୁ ରାତି । କେତେବେଳେ ସମୟ ମିଳୁଛି ଯେ ନିଜ ସହ ଟିକେ କଥା ହେବାକୁ ।

ମନେ ପଡ଼ିଯାଉଛି ଅବିନାଶର ପୁରୁଣା ଦିନ । କଲେଜରେ ପଢ଼ିଲା ବେଳେ ସବୁଦିନ ବସ୍‌ରେ ଯାଉଥିଲା । କଲେଜରେ ପହଞ୍ଚିଲା ବେଳକୁ ଅଳ୍ପ ଗୋରା ମୁହଁଟା ତାର କଇଁଥା ବାଇଗଣ ପରି ଦିଶେ । କେତେ ବିରକ୍ତ

 Magazine Downloaded from www.aahwaan.com

ଲାଗୁଥିଲା ସେଇ ସବୁ ଦିନ ତେଣୁ ଚାକିରୀ ଜୀବନର ଆରମ୍ଭରୁ ଗାଡ଼ିଟିଏ କିଣିଥିଲା ଅବିନାଶ ।

ଆଗ ଷ୍ଟପେଜରେ ବସ୍ ଅଟକିଲା । ଛୋଟ ପିଲାଟି ଖବର କାଗଜ ବିକୁଥିବାର ଦେଖି ଅବିନାଶ ଓଡ଼ିଆ ଖବର କାଗଜ କିଣିଲା । ସେଦିନ ରବିବାର ଥିଲା ରବିବାରର ସ୍ୱତନ୍ତ୍ର ପୃଷ୍ଠା ଆଡ଼େ ଟିକେ ଆଖି ବୁଲେଇ ଆଣିଲା ।କଲେଜରେ ପଢ଼ିଲା ବେଳେ ଅବିନାଶ କବିତା ଲେଖୁଥିଲା ମାତ୍ର ଏବେ ପେପର ପଢ଼ିବା ପାଇଁ ବି ସମୟ ନାହିଁ । ରବିବାରର ପୃଷ୍ଠାରେ ଅନେକ ଗପ ଓ କବିତା ସ୍ଥାନ ପାଇଥିଲା । ଅବିନାଶର ଦୃଷ୍ଟି ଅଟକିଗଲା ତୁମ ପାଇଁ ଚିଠିର ଏକ ସ୍ତମ୍ଭ ନିକଟରେ । ଆଜିକାଲି ମୋବାଇଲ୍‌ର ଦୁନିଆରେ ଏମିତି ଖବର କାଗଜରେ ଚିଠିଟିଏ କିଏ ଲେଖିଛି ମନେ ମନେ ଟିକେ ହସିଲା ମଧ୍ୟ ।

ସେଇ ଚିଠିର ଆରମ୍ଭ ଶବ୍ଦରୁ ହିଁ ଅବିନାଶର ଦେହ ରୋମାଞ୍ଚିତ ହୋଇ ଉଠିଲା କାରଣ ସେଥିରେ ଲେଖାଥିଲା ହୃଦୟର ସାଥୀର ଅଭି ଏଇ ନାଁରେ ତାକୁ ବି କେହି ଜଣେ ସମ୍ବୋଧନ କରୁଥିଲା ତେଣୁ ଅବିନାଶ ଚିଠିଟି ପଢ଼ି ଚାଲିଲା ।

ସମୟର ଘୋଡ଼ା ଦଉଡ଼ରେ ଭାଗ ନେଇ ଦଉଡୁ ଦଉଡୁ ମୁଁ କେତେବେଳେ ହାରିଗଲି ଜାଣିପାରିଲିନି ଆଉ ତମେ ଜିତିଗଲ ବୋଲି ପଛକୁ ଫେରି ଚାହିଁଲନି । ଆଜି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି କେମିତି ନାମହୀନ, ସଂଜ୍ଞାହୀନ, ସମ୍ପର୍କବିହୀନ ସମ୍ପର୍କଟିଏ ମୁଁ ଗଢ଼ିଛି । କେମିତି ଏତେ ପ୍ରେମକୁ ମୁଁ ମୋ ଛାତି ତଳେ ଆଜି ବି ସାଇତି ରଖିଛି । ତମେ ବୋଧେ ଭୁଲିସାରିବଣି ଅଭି ସେ ଦିନର ସେଇ ବର୍ଷା ଭିଜା, ତୁମେ ଜିଦି କରିଥିଲ ମୋ ମୁହଁ ରୁ ଗୋଟିଏ ଇସ୍ପିତ କଥାଟି ଶୁଣିବା ପାଇଁ କିନ୍ତୁ ମୁଁ ତୁମର ସେଇ ଇସ୍ପିତ କଥାଟି କହିନଥିଲି କାରଣ ମୋ ଜାଣିବାରେ ପ୍ରେମକୁ ଜଣେଇବାର ଆବଶ୍ୟକତା ପଡ଼େନି । ପ୍ରେମ ତା'ର

 Magazine Downloaded from www.aahwaan.com

ସୁରଭିରେ ଦୁନିଆକୁ ମହକାଇ ଦେବ । ତେଣୁ ସେଇ ଇସ୍ପିତ କଥାଟି କହିନଥିଲି ତମେ କିନ୍ତୁ ମତେ ଭୁଲ୍ ବୁଝିଲ କହିଲ ମୁଁ ଗୋଟେ ନିର୍ଦ୍ଦୟୀ ଝିଅଟିଏ କେବେ କାହାକୁ ପ୍ରେମ କରିପାରିବିନି କିନ୍ତୁ ତମେ ଜାଣିନଥିଲ ଅଭି ମୁଁ ବି ଭଲ ପାଉଥିଲି । ରାତିର ଅନ୍ଧାରେ ଅବଶ ଆଖି ଯୋଡ଼ିକ ମୁଦି ହୋଇଗଲା ପରେ ତୁମକୁ ହିଁ ସ୍ୱପ୍ନରେ ଖୋଜୁଥିଲି । ରାତି ଯାଇ ସକାଳ ହେଲା ପରେ ସୁନେଲି କିରଣରେ ଭିଜି ଭିଜି ତୁମରି ମେସେଜକୁ ଅପେକ୍ଷା କରୁଥିଲି । ମୋ ମୋବାଇଲ୍ ଯେତେବେଳେ ବି ରିଂଗ ହୁଏ ମୋ ଭାବନାରେ ତୁମେ ହିଁ ଆସିଯାଅ ଅଭି । ଏମିତି ଲାଗେ ଯେମିତି ତୁମର ମେସେଜ ଓ ଫୋନ୍ ଆସିବା ପାଇଁ ମୋ ମୋବାଇଲ୍ ଚୁକ୍ତିବଦ୍ଧ ହୋଇ ସାରିଛି । ତେବେ ଏସବୁ କଣ ମୋ ଭଲ ପାଇବା ନଥିଲା ?

ତମର ଓ ମୋର ଭଲ ପାଇବା ଭିତରେ କେବଲ ଏତିକି ଫରକ ଥିଲା କି ତମେ ତମ ଭଲ ପାଇବାକୁ ଜାହିର କରୁଥିଲ, ପ୍ରମାଣ କରୁଥିଲ ଆଉ ମୁଁ ମୋ ଭଲ ପାଇବା ଭିତରେ ବୁଡ଼ି ରହୁଥିଲି, ପ୍ରକାଶ କରିବାକୁ ଚାହୁଁ ନଥିଲି ।

ତମର ମନ ଅଛି ନା ଅଭି, ମୁଁ କେବେ ପାର୍କ ଯାଏନି ଦେଖା କରିବାକୁ କି ସାଂଗ ହୋଇ ସେଲଫି ନିଏନି ବୋଲି ତମେ କେତେ ଅଭିମାନ କର ଆଜି ମୁଁ ବୁଝୁଚି ତମେ ସତ ଭଲ ପାଇବାର ପ୍ରମାଣ ଦେଉଥିଲ ସତ କିନ୍ତୁ ସେ ଭଲ ପାଇବାରେ ସ୍ୱାର୍ଥ ଥିଲା, ପ୍ରତିଦାନର ଆଶା ଥିଲା ସେଥି ପାଇଁ ଆଜି ମୁଁ ତୁମ ଭାବନାଠାରୁ ଅନେକ ଦୂରରେ । କିନ୍ତୁ ମୋତେ ଦେଖ କେବେ ମୁଁ ନିରୋଳାରେ ତୁମ ସହ କଥା ହୋଇନି କି ହାତରେ ହାତ ଛନ୍ଦି ପାର୍କ କିମ୍ବା ମନ୍ଦିରରେ ବୁଲିନି ତଥାପି କେତେ ଭଲ ପାଇବା ଅଛି ମୋ ହୃଦୟର ନିଭୃତ କୋଠରୀରେ । ଗୋଟିଏ ମୁହୂର୍ତ୍ତ ବି ତୁମକୁ ମୋ ଭାବନାରୁ ଆଜି ବି ଅଲଗା କରିବାକୁ ଚାହୁଁନି ।

ହଁ ଅଭି, କାଲି ପରି ଲାଗୁଛି ସେଦିନ ପରୀକ୍ଷା ପରେ କଲେଜ ଜୀବନର ଶେଷ ଦିନ

 Magazine Downloaded from www.aahwaan.com

ଥାଏ । ତମେ ହଠାତ୍ ଆସି ପଚାରିଲ ନିହାରିକା ମୋତେ ତୁମ ଜୀବନ ସାଥୀ କରିବ ? ମୋର ଅବସ୍ଥା ସାଘାଂତିକ ହୋଇଗଲା ଗୋଟେ ପଟେ ମୋ ହୃଦୟର ଉତ୍ତର ଥିଲା ହଁ ଆର ପଟେ ଓଠ ମତେ ବାଧ୍ୟ କରୁଥିଲା ନା କହିବା ପାଇଁ । ମିଛ ପ୍ରତିଶ୍ରୁତି ଦେଇ ମୁଁ ତୁମକୁ ଠକିବାକୁ ଚାହୁଁନଥିଲି । ପ୍ରେମର ସେଇ ଶବ୍ଦରେ କଳଂକଟିଏ ସାଜିବାକୁ ଚାହୁଁ ନଥିଲି କାରଣ ମୁଁ ଜାଣିଥିଲି ତୁମ ପରିବାର କେବେ ବି ମୋତେ ତୁମ ଜୀବନସାଥୀ ଭାବେ ସୀକୃତି ଦେବନି ତେଣୁ ମୁଁ ସ୍ମିତ ହାସର ସହ ଉତ୍ତର ଦେଇଥିଲି ଜୀବନ ସାଥୀ ହେଇପାରିବି କି ନା ଜାଣିନି କିନ୍ତୁ ତମେ ତ ମୋ ହୃଦୟର ସାଥୀ ହୋଇ ସାରିଛ ଅଭି ।

ମୋ ଉତ୍ତରର ଅର୍ଥ ତମେ କଣ ବୁଝିଲ ତମେ ଜାଣିଥିବ ଅଭି । ରାଗ ତମ୍ ତମ୍ ହୋଇ ଚାଲି ଯାଉଥାଅ ଆଉ ମୁଁ ତୁମକୁ ମନେଇବାକୁ ବାରମ୍ବାର ଚେଷ୍ଟା କରୁଥାଏ କିନ୍ତୁ ଜାଣିନଥିଲି ସତରେ ତୁମକୁ ମନେଇ ପାରିବିନି ବୋଲି । ତମେ ସେ ଦିନ ଏମିତି ରାଗିଲ ଯେ ଆଉ କେବେ ବି ଫୋନ୍ କରିନ । ମୁଁ ମଧ୍ୟ ବଦ୍‌ରାଗୀ ଝିଅଟିଏ ସବୁବେଳେ ତୁମ ଫୋନ୍ ଆଉ ମେସେଜ୍‌ର ଅପେକ୍ଷାରେ ଥାଏ ସତ କିନ୍ତୁ ନିଜ ଜିଦ୍ ପାଇଁ ନିଜ ଆଡୁ କେବେ ଫୋନ୍ କରିନି ।

ଆଜି ଦେଖ ସମୟର ଚକ ଗଡ଼ିଗଲା । ତମେ ଅଛ ମୁଁ ଅଛି କିନ୍ତୁ ଅଭିମାନର ପାଚେରୀଟିଏ ଗଢ଼ି ହୋଇଯାଇଛି । ମୁଁ ବି ଚାହୁଁନି ତୁମେ, ତୁମ ଅଭିମାନ ଭାଂଗି ମୋ ପାଖେ ହାରିଯାଅ । ମୁଁ ମୋ ପରାଜୟକୁ ସ୍ୱୀକାର କରି ଇତିମଧ୍ୟରେ ଅନେକ ଥର ଫୋନ୍ କରିବାକୁ ଚେଷ୍ଟା କରିଛି । ତୁମର ସେଇ ପୁରୁଣା ଠିକଣାରେ ଅନେକ ଥର ଚିଠି ଦେଇଛି । ପ୍ରତିଥର ହାରିଯାଇଛି କାରଣ ତମେ ବୋଧେ ତୁମ ହୃଦୟରୁ ସେଇ ସବୁ ପୁରୁଣା ସ୍ମୃତିକୁ କାଢ଼ି ରାସ୍ତା କଡ଼କୁ ଫିଂଗି ସାରିଛ । ତୁମ ନମ୍ବର ବନ୍ଦ ଥାଏ, ତୁମ ପୁରୁଣା ଠିକଣାରୁ ଚିଠି ଫେରି ଆସେ ।

 Magazine Downloaded from www.aahwaan.com

ତମେ ସବୁବେଳେ କହୁଥିଲ ନା ଅଭି ତମ ସତ ପ୍ରେମ ଏକ ତରଫା ବୋଲି, ସେଇ ପ୍ରେମ ଦୁଇ ତରଫାରୁ ଥିଲା ମାତ୍ର ତମେ କେବେ ବୁଝିବାକୁ ଚଷ୍ଟା କରିନ କେବଳ ପ୍ରମାଣ ସାଉଁଟିବାରେ ବ୍ୟସ୍ତ ଥିଲ । ପ୍ରେମ କଣ ଜ୍ୟାମିତିର କେଉଁ ଉପପାଦ୍ୟ ହୋଇଛି ଯେ ତାକୁ ପ୍ରମାଣିତ କରିବାକୁ ପଡ଼ିବ । ଏଇ ଜୀବନରେ ତୁମ ସହ କେବେ ଭେଟ ହୋଇପାରିବନି ବୋଧେ ତେଣୁ ଆଜି ମୁଁ ଏଇ ମାଧ୍ୟମଟିଏ ବାଛିଚି । ମୋର ଚିଠିଟି ତୁମର ନଜରବନ୍ଦୀ ହେଉ କି ବା ନ ହେଉ ମୋର ଦୁଃଖ ନାହିଁ । ଏଇ ସମାଜରେ ତୁମ ଭଳି ଅନେକ ଲୋକଥିବେ ଯେଉଁମାନେ ନିଜର ଭୁଲ ବୁଝାମଣା ପାଇଁ ଅନ୍ୟକୁ ଦୋଷାରୋପ କରୁଥିବେ ଅନ୍ତତଃ ସେମାନେ ତ ଚିଠିଟି ପଢ଼ିପାରିବେ ।

ଇତି

ବିରହର ନିଆଁରେ ଜଳୁଥିବା

ନିହାରିକା

ଅବିନାଶର ଦେହର ଝାଳ ଆଖିର ଜଳ ଏକାକାର ହୋଇ ଯାଇଥାଏ । କେମିତି ଭୁଲି ପାରିଲି ନିହାରିକାର ସେଇ ନିରିମାଖି ମୁହଁ ଆଉ ଲୁହ ଛଳ ଛଳ ନିରୀହ ଆଖିକୁ । କେମିତି ପୋଛିଦେଇ ପାରିଲି ହୃଦୟର କାନ୍ଥରୁ ନିହାରିକାର ନାଁକୁ । ହଁ ପ୍ରାଇଭେଟ୍ ଚାକିରୀର ବ୍ୟସ୍ତତା ଭିତରେ ସମୟ ପାଇନି ପ୍ରେମ କରିବାକୁ ମାତ୍ର ସେଇ ବ୍ୟସ୍ତତା ଭିତରେ ଖଂଡ଼ି ଉଡ଼ା ଦେଉଥିବା ସପନମାନଙ୍କୁ ତ ଭୁଲି ଯାଇନି, ନିଜ ପରିବାରକୁ ଭୁଲିପାରିନି, ଭୁଲି ପାରିନି ପିଲାଦିନର ସାଂଗମାନଙ୍କୁ, ହେଲେ ଯାହାକୁ ଦିନେ ନିଜ ଠାରୁ ବେଶି ଭଲ ପାଉଥିବାର ପ୍ରମାଣ ଦେଉଥିଲି କେମିତି ତାକୁ ଭୁଲି ପାରିଲି । କିନ୍ତୁ ନିହାରିକା ଯେ କେବେ ବି କହିନି ଭଲପାଏ ବୋଲି । ତା ପ୍ରେମର ପ୍ରମାଣ ଦେବାକୁ ଚାହିଁନି ସେ କିନ୍ତୁ ତାର ପ୍ରତିଟି ନିଶାଶରେ

ଅବିନାଶର ନାଁ ନେଉଛି । ଚିଠି ଖଣ୍ଡେ ଦେବାପାଇଁ କେତେ ମାଧ୍ୟମ ଖୋଜିଛି । ତେବେ କଣ ମୋ ଭଲ ପାଇବା ସତରେ ସ୍ୱାର୍ଥ ରହିତ ଥିଲା ?

ଏମିତି ହଜାରେ ପ୍ରଶ୍ନର ଭିଡ଼ ଭିତରେ ନିଜର ପ୍ରେମକୁ ଖୋଜୁଥାଏ ଅବିନାଶ । ବସ୍ ଆସି ଗାଁ ଷ୍ଟପେଜ୍‌ରେ ପହଁଚି ସାରିଥାଏ । ଅବିନାଶ ଗାଁରେ ପହଁଚି ମଧ୍ୟ ଘରକୁ ଗଲାନି ସେଇ ଷ୍ଟପେଜ୍‌ରେ ଅପେକ୍ଷା କରିଲା ନିହାରିକାର ଗାଁକୁ ଯାଉଥିବା କେଉଁ ଏକ ବସ୍‌କୁ । ମନେ ମନେ ଧନ୍ୟବାଦ ଦେଉଥାଏ ସେଇ ଓଡ଼ିଆ ପେପର୍‌ଟିର ସେଇ ତୁମ ପାଇଁ ଚିଠିର ସ୍ତମ୍ଭଟିକୁ ।

ସାହାନିୟାଜପୁର , କଟକ

ପ୍ରତିକ୍ରିୟା

ଦେବାଶିଷ ବାବୁ ଦଶହରା ଛୁଟିରେ ମା'ଙ୍କୁ ଭେଟିବାକୁ "ଜରାନିବାସ"କୁ ବାହାରିଲେ । ସାନ ଝିଅ ରଶ୍ମିତା ବି ଜେଜେମାଙ୍କୁ ଦେଖିବାକୁ ଜିଦ ଧରିଲା । ତେଣୁ ସେ ବାଧ୍ୟ ହୋଇ ତାକୁ ସାଥିରେ ନେଇଗଲେ । ରଶ୍ମିତା କେନ୍ଦ୍ରୀୟ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢ଼େ । ଭାରି ମେଧାବୀ ପିଲାଟିଏ ।

ଦେବାଶିଷ ବାବୁ ମା'ଙ୍କ ସାଙ୍ଗରେ କଥାବାର୍ତ୍ତାରେ କିଛି ସମୟ ମଜ୍ଜି ରହିଲେ । ରଶ୍ମିତା ମଧ୍ୟ ଜେଜେମାଙ୍କୁ କୁଣ୍ଢେଇ ଧରି କୋଳରେ ବସି ରହିଲା । ଜେଜେମାଙ୍କ ଆଖିର ଲୁହ ରଶ୍ମିତାକୁ ବିବ୍ରତ କରି ପକାଉଥିଲା । ଫେରିବା ବାଟରେ ରଶ୍ମିତା ପାପାଙ୍କୁ ପଚାରିଲା, "ପାପା, ପାପା, ଜେଜେମା ଆମ ଘରେ ରହିଲେ ଅସୁବିଧା କ'ଣ ?" ଦେବାଶିଷ ବାବୁ ଝିଅକୁ ବୁଝେଇଦେଲେ, "ବୁଢ଼ା ବୁଢ଼ୀମାନେ ଜରାନିବାସରେ ରୁହନ୍ତି । ସେଠାରେ ତାଙ୍କ ବୟସର ବହୁ ଲୋକଥା'ନ୍ତି । ସେମାନେ ପୁରାଣ ପାଠ, ଯୋଗ, ଧ୍ୟାନ ସହ ହସଖୁସିରେ ସମୟ ବିତାଇଦିଅନ୍ତି ।" ରଶ୍ମିତା ପାପାଙ୍କୁ କହିଲା, "ପାପା, ଏଠାରେ ତ ଏୟାର କଣ୍ଡିସନର ନାହିଁ । ଏଲ୍ ସି ଡି ଟିଭି ମଧ୍ୟ ନାହିଁ । ଜେଜେମାଙ୍କୁ ବହୁତ ଅସୁବିଧା ହେଉଥିବ । କାର ଚଲେଇବାରେ ବ୍ୟସ୍ତ ଥାଆନ୍ତି ଦେବାଶିଷ ବାବୁ । ରଶ୍ମିତା ତାଙ୍କ ପାଖ

ସମ୍ବିତ ସତ୍ୟପ୍ରକାଶ ମିଶ୍ର

 Magazine Downloaded from www.aahwaan.com

ସିଟରେ ବସିଥାଏ । ରଶ୍ମିତା ପୁଣି ଡାକିଲା ପାପା, ପାପା, ମୁଁ ତୁମକୁ ପ୍ରମିଜ୍ କରୁଛି ମୁଁ ବଡ ହେଲେ ତୁମକୁ ଗୋଟିଏ ହାଇ ଫାଇ ଜରାନିବାସରେ ରଖେଇବାର ବ୍ୟବସ୍ଥା କରିବି, ଯେଉଁଠି ଏଲ୍ ଇ ଡି ଟିଭି, ଏସି, ଜିମ, ସ୍ୱିମିଂ ପୁଲ୍, ଗାର୍ଡେନ ଆଦି ସବୁ ପ୍ରକାରର ସୁବିଧା ଥିବ । “ଆଉ ଶୁଣ ପାପା ତୁମ ପାଇଁ ଗୋଟେ ରୋବଟ ଝିଅଟେ କିଣିଦେବି ଯିଏ ତୁମର ଦେଖାଶୁଣା କରିବ । କାରଣ ମୁଁ ତୁମକୁ ଆଉ ଟାଇମ ଦେଇପାରିବିନି ।”

ଝିଅ ମୁହଁରୁ ଏତିକି ଶୁଣି ଦେବାଶିଷ ବାବୁଙ୍କ ମୁହଁଟା ବିଷର୍ଣ୍ଣ ହୋଇଗଲା । ହଠାତ ସେ କାର ଚଳେଇବା ବନ୍ଦ କରିଦେଲେ । ସେ କେବଳ ଝିଅର ମୁହଁକୁ ଅପଲକ ନୟନରେ ଚାହିଁ ରହିଲେ ।

ଈ ମେଲ୍ ଠିକଣା : sambitsm1987@gmail.com

ଗୁଡିଆନାଳୀ, ଢେଙ୍କାନାଳ, ଓଡ଼ିଶା, ୭୫୯୦୦୧

ସୁକନ୍ୟା

ଟିକିଏ ଛାଇ ନିଦ ଲାଗି ଆସୁଥିଲା ବେଳେ ଟମିର ଉତ୍କଟ ଚିତ୍କାରରେ ନିଦ ଭାଙ୍ଗିଗଲା ବୈଷ୍ଣବୀଙ୍କର । ଭୟାତୁର ହୋଇ ଖଟଟି ଉପରେ ଉଠି ବସିଲେ ସେ । କେହି ବୋଧହୁଏ ଗେଟ୍ ଖୋଲି ହତା ଭିତରେ ପଶିଲା କି କ'ଣ । ପାଦ ଶବ୍ଦଟି ଘରର ଗ୍ରୀଲ୍ ଗେଟ୍ ଯାଏଁ ଆସି ପୁଣି ଫେରିଯିବାର ଅନୁଭବ କଲେ ବୈଷ୍ଣବୀ । ଅନୁମାନ କଲେ ବୋଧେ ଚିଠିପତ୍ର ନେଇ ପୋଷ୍ଟମ୍ୟାନ୍ ଟି ଆସିଥିବ ଗ୍ରୀଲ୍ ରେ ଲାଗିଥିବା ଡାକବାକ୍ସରେ ପକାଇ ଦେଇ ଯାଇଥିବ । ଘରକୁ କେହି ବାହାର ଲୋକ ପଶିବାର ଦେଖିଲେ ଏମିତି କାନଫଟା ଚିତ୍କାର କରେ ଟମି । ପୁଅ ବୋହୂ ଅଫିସ୍ କୁ ଏବଂ ପିଲାମାନେ ସ୍କୁଲ୍ କୁ ବାହାରି ଗଲା ପରେ ଘରେ କେବଳ ବୈଷ୍ଣବୀ ଆଉ ଟମି । ଦିନସାରା ଏମିତି ତୁହାକୁ ତୁହା ଟମିର ଉତ୍କଟ ଚିତ୍କାର ଆଉ ମେଞ୍ଚାଏ ଖାଇ ଗୋଡାଉଥିବା ନୀରବତାକୁ ନେଇ ବୈଷ୍ଣବୀଙ୍କର ଜୀବନ । ଗାଁ ରେ ଥିବା ବେଳେ ଏଇ ଜୀବନଟା ମୋଟେ ବାଧୁ ନଥିଲା ବୈଷ୍ଣବୀଙ୍କୁ । ସାଧାରଣ ମଣିଷଙ୍କ ଭଳି ଜୀବନଧାରଣ କରୁଥିଲେ ସେ । ଜନ୍ମରୁ ଗୋଟିଏ ଆଖି ହରାଇଥିବା ବୈଷ୍ଣବୀଙ୍କର ବିବାହ ହୋଇଥିଲା ମଧୁପୁର ଗାଁର ଗୋଟେ ଜମିଦାର ଘରର ଯୌଥ ପରିବାରରେ । ପତ୍ନୀହରା ହୃଦାନନ୍ଦ ରାୟଙ୍କ ଦ୍ୱିତୀୟା ପତ୍ନୀ ହୋଇ ସେ

ସୁଷମା ପରିଜା

ଆସିଥିଲେ ସ୍ୱାମୀଙ୍କର ଚାରୋଟି ସାନ ସାନ ପିଲାଙ୍କର ଦାୟିତ୍ୱ ନେବା ଲାଗି । ଘରେ ଚାକର ବାକର ମୂଲିଆ ପାଣିଆଙ୍କର ଅଭାବ ନଥିଲା । ଆଖିଟିଏ ନଥିଲେ ମଧ୍ୟ ଚାଷବନ୍ଦୀ ଘରର ସବୁ କାମଦାମ ସୁରୁଖୁରୁରେ ଚଳେଇ ନେଇଥିଲେ ବୈଷ୍ଣବୀ । ସମୟକ୍ରମେ ଗୋଟିଏ ପୁଅ ଏବଂ ତିନୋଟି ଝିଅଙ୍କୁ ଜନ୍ମ ଦେଇଥିଲେ । ହୃଦାନନ୍ଦଙ୍କ ସାନଭାଇ ପ୍ରେମାନନ୍ଦଙ୍କର କେହି ସନ୍ତାନ ସନ୍ତତି ନଥିଲେ । ତେଣୁ ପ୍ରେମାନନ୍ଦଙ୍କ ପତ୍ନୀ ମାଧବୀ ମଧ୍ୟ ସେଇ ପିଲାଙ୍କ ସେବା ଶୁଶ୍ରୁଷା କରିବା ସହିତ ବୈଷ୍ଣବୀଙ୍କୁ ଭଉଣୀଟିଏ ଭଳି ଦେଖୁଥିଲେ । ପିଲାମାନେ ମାଆଠାରୁ ଖୁଡୀକୁ ବେଶୀ ଆଦରି ନେଇଥିଲେ । କେଡେ ଆନନ୍ଦରେ କଟି ଯାଉଥିଲା ସେ ଦିନସବୁ । ସୁଖର ଦିନ ଗୁଡିକ ପାଣି ପରି ବୋହିଯାଏ । ଚାରିଟା ଦିନ ଜରରେ ପଡି ଆଖି ବୁଜିଲେ ହୃଦାନନ୍ଦ । ଡକା ହକା ହେଲା ଭଳି ଛଅଟା ମାସରେ ଚାଲିଗଲେ ପ୍ରେମାନନ୍ଦ । ଏକୁଟିଆ ପଡି ଗଲେ ବୈଷ୍ଣବୀ ଆଉ ମାଧବୀ ।

ପର ଲଗା ଚଢେଇ ପରି କ୍ରମେ କ୍ରମେ ପିଲାମାନେ ବଡ ହେଲେ । ଝିଅମାନେ ବାହାତୋଳା ହୋଇ ଚାଲିଗଲେ ନିଜ ନିଜର ସଂସାର କରିବା ଲାଗି । ପୁଅମାନେ ବି ପାଠଶାଠ ପଢି ଚାକିରୀ ବାକିରୀ କରି ନିଜ ନିଜର ପରିବାର ଧରି ବାହାରି ଗଲେ ଘରୁ । ସାନଭଉଣୀଟି ପରି ଦୁଃଖସୁଖରେ ସାଥୀ ହୋଇଥିବା ସାନ ଯାଆଟି ରୋଗରେ ପଡି ସେପାରିକୁ ଚାଲିଗଲା ପରେ ଘରେ ସଂପୂର୍ଣ୍ଣ ଏକା ହୋଇପଡିଲେ ବୈଷ୍ଣବୀ । ବୟସ ଭାର ଠାରୁ ଚିନ୍ତାର ଭାର ବଳି ପଡୁଥିଲା । ବଡପୁଅ ରମେଶର ଗୋଟିଏ ରୋଜଗାର ନିଅଣ୍ଟିଆ ହେଉଥିଲା ଏତେ ବଡ ପରିବାରଟି ଚଳେଇବା ଲାଗି । ତା'ର ନିଜର ଆଠ ଆଠଟା ପିଲାଙ୍କ ସହିତ ଘରର ସଂପୂର୍ଣ୍ଣ ଖର୍ଚ୍ଚ ତୁଲାଇବାକୁ ଖୁବ୍ କଷ୍ଟ ହେଉଥିଲା ତେଣୁ ମଝିରେ ମଝିରେ ନାରୀ ମହଲରେ ଖିଟ୍ ଖାଟ୍ ଲାଗି ରହୁଥିଲା । ପଛ ମାଆଟି ଦ୍ୱାରା ପ୍ରତିପାଳିତ ହୋଇଥିବା

ବଡପୁଅଟି ପ୍ରାଣପଣେ ଚେଷ୍ଟା କରୁଥାଆନ୍ତି ପଛ ମାଆ ଏବଂ ତାଙ୍କର ପିଲାମାନଙ୍କୁ ଦେଖାଶୁଣା କରିବା ଲାଗି ହେଲେ ପ୍ରତିକୂଳ ପରିସ୍ଥିତିରେ ତାହା ସମ୍ଭବ ହେଉ ନଥାଏ । ଏମିତି ମାନସିକ ଅଶାନ୍ତି ଭିତରେ ଦିନେ ହୃଦ୍ ଘାତର ଶିକାର ହୋଇ ପ୍ରାଣ ହରାଇଲେ ସେ । ନିଜ ଜନ୍ମିତ ପୁଅଠାରୁ ବି ଅଧିକ ସ୍ନେହ କରୁଥିବା ବଡ ପୁଅକୁ ହରାଇ ବୈଷ୍ଣବୀଙ୍କର ଆଖିରୁ ଲୁହ ଶୁଖୁ ନଥିଲା । ତାଙ୍କର ଶେଷ ଆଶାବାଡ଼ିଟି ଭାଙ୍ଗି ଯାଇଥିଲା । ଗୋଟିଏ ଆଖି ତ ଜନ୍ମରୁ ନଥିଲା ଏବେ କାନ୍ଦି କାନ୍ଦି ତାଙ୍କର ଆର ଆଖିଟି ମଧ୍ୟ ଦୃଷ୍ଟିଶକ୍ତି ହରାଇଥିଲା । ସେ ଘର କାମ ଲାଗି ସଂପୂର୍ଣ୍ଣ ଅସମର୍ଥ ହୋଇ ପଡିଥିଲେ । କହିବାକୁ ଗଲେ ଘର ପାଇଁ ଅଲୋଡା ହୋଇ ପଡିଥିଲେ । ଏଇ ପରିସ୍ଥିତିରେ ଏବେ ନିଜର ଅନିଚ୍ଛା ସତ୍ତ୍ୱେ ମଧ୍ୟ ବୈଷ୍ଣବୀଙ୍କୁ ବାଧ୍ୟ ହୋଇ ସାନପୁଅ ସହିତ ରହିବା ଲାଗି ଯିବାକୁ ପଡିଲା ରାଉରକେଲା ।

ସାନ ପୁଅ ବିଭାସ ଥିଲା ଷ୍ଟିଲ୍ ପ୍ଲାଣ୍ଟର ଜଣେ ପଦସ୍ଥ ଅଫିସର । ତା'ର ସ୍ତ୍ରୀ ମଧ୍ୟ ସେଠାରେ ଗୋଟିଏ ଉଚ୍ଚ ପଦାଧିକାରୀ ଥିଲା । ଗୋଟିଏ ଝିଅ ଆଉ ଗୋଟିଏ ପୁଅକୁ ନେଇ ତାଙ୍କର ସଂସାର ଖୁବ୍ ଆରାମରେ ଚାଲିଥିଲା । ବାହାଘରର ପରଠାରୁ ଗାଁରୁ ବିଭାସଙ୍କର ଭଉଣୀ ମାନଙ୍କୁ ଜଣ ଜଣ କରି ଆଣି ପାଖରେ ରଖି ପଢାପଢି କରାଉଥିଲେ । ସେମାନେ ପଢାପଢି କରିବା ସହିତ ତାଙ୍କର ପିଲାମାନଙ୍କର ଦେଖାଶୁଣା କରୁଥିଲେ । ତେଣୁ ପାର୍ଟ ଟାଇମ୍ ମେଡ୍ ରେ କାମ ଚଳିଯାଉଥିଲା ସେମାନଙ୍କର । ଭଉଣୀମାନେ ବାହାତୋଳା ହୋଇ ଚାଲିଗଲା ବେଳକୁ ପିଲାମାନେ ଟିକେ ବଡ ହୋଇ ନିଜ କାମ ନିଜେ କରିବାକୁ ଆରମ୍ଭ କରିଥିଲେ ।

କିନ୍ତୁ ଏବେ ମାଆ ଆସିଲା ପରେ ସବୁ ଅସୁବିଧା । ପାର୍ଟ ଟାଇମ୍ ମେଡ୍ ଟି ଯଥାରୀତି ସକାଳୁ ଥରେ ଏବଂ ସନ୍ଧ୍ୟାରେ ଥରେ ଆସି ବାସନ ମଜା, ଝାଡୁପୋଛା କାମ କରୁଥିଲା ।

 Magazine Downloaded from www.aahwaan.com

ରୋଷେଇଆ ସକାଳୁ ସକାଳୁ ଆସି ଦୁଇ ଓଳି ପାଇଁ ରୋଷେଇ କରି ଦେଇ ଯାଉଥିଲା । ଦିନ ଯାକ ଘରେ କେବଳ ଟମିକୁ ଛାଡି ଆଉ କେହି ରହୁନଥିଲେ । ଗାଆଁ ଘରେ ଏତେ ଗୁଡ଼ାଏ ଲୋକଙ୍କ ଗହଳି ଭିତରେ ଚଳି ଆସିଥିବା ବୈଷ୍ଣବୀ ସହରର ଏଇ ଏକୁଟିଆ ଜୀବନରେ ଅଣନିଃଶ୍ୱାସୀ ହୋଇ ପଡୁଥିଲେ ।

ବିରାଟ ବଙ୍ଗଳା, ଦାମୀ କାର୍ ଆଉ ଅପର୍ଯ୍ୟାପ୍ତ ଐଶ୍ୱର୍ଯ୍ୟର ଅଧୀଶ୍ୱର ପୁଅଟି କିନ୍ତୁ ଥିଲା ମାଆ ପ୍ରତି ସମ୍ପୂର୍ଣ୍ଣ ଉଦାସୀନ । କାରଣ ପିଲାଟି ଦିନରୁ ସେ ତାଙ୍କର ଯୌଥ ପରିବାରରେ ଖୁଡୀ ତା'ର ଲାଳନପାଳନ କରିଥିଲେ । ନିଜର ଚାରି ସନ୍ତାନଙ୍କ ସମେତ ମାଆଟିର ଆହୁରି ଚାରୋଟି ସନ୍ତାନ ଥିଲେ । ସେମାନଙ୍କର ଦେଖାଶୁଣା କରୁ କରୁ ମାଆଟି ଦୁଏତ ପର୍ଯ୍ୟାପ୍ତ ସମୟ ଦେଇ ପାରିନଥିଲା ନିଜର ସନ୍ତାନଟିକୁ । ସେଥିଲାଗି ମାଆ ପାଇଁ ପୁଅର ମନରେ ଦାୟିତ୍ୱବୋଧ ଥିଲା ସିନା ମାତୃତ୍ୱର ଆକର୍ଷଣ ନଥିଲା । ଯୌଥ ପରିବାରରେ କର୍ତ୍ତବ୍ୟର ଦ୍ୱାହିରେ ବାଧ୍ୟ ହୋଇ ପୁଅଟି ମାଆଙ୍କୁ ଗାଁରୁ ଆଣି ନିଜ ପାଖରେ ରଖିଥିଲା ସିନା ତା'ର ପରିବାର ମାଆଟିକୁ ପାଖରେ ରଖି ଉପଯୁକ୍ତ ରକ୍ଷଣାବେକ୍ଷଣ କରିବା ଲାଗି ଚାହୁଁ ନଥିଲେ । ବୈଷ୍ଣବୀ ତାଙ୍କୁ ଗୋଟିଏ ଅନାବଶ୍ୟକୀୟ ବୋଝ ଭଳି ମନେ ହେଉଥିଲେ ।

ଘରେ ଟମି ଥିଲା ସଭିଙ୍କର ପ୍ରିୟପାତ୍ର । ସେ ମଣିଷ ଭଳି ଘରେ ସବୁଆଡେ ଚଳପ୍ରଚଳ କରୁଥିଲା, ତା' ଗାଧୁଆପାଧୁଆ ଲାଗି ସ୍ୱତନ୍ତ୍ର ସାବୁନ, ଶାମ୍ପୋ, ତା'ର ଖାଇବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଥିଲା, ଶୋଇବା ଲାଗି ସ୍ୱତନ୍ତ୍ର ଖଟ ଶେଯ କମ୍ବଳ ଥିଲା । ପୁଅବୋହୂ ଆଉ ପିଲାମାନେ ଘରେ ପଶିବା କ୍ଷଣି ଆଗ ସରାଗରେ ଖୋଜି ପକାଉଥିଲେ ଟମିକୁ । ସେମାନଙ୍କ କୋଳରେ ସେ ସବୁବେଳେ ବସି ରହୁଥିଲା, ଶ୍ରଦ୍ଧାରେ ଚାଟି ପକାଉଥିଲା ସେମାନଙ୍କୁ । ଗାଁରେ ଥିବା ବେଳେ କୁକୁରକୁ ଛୁଇଁଲେ ଆଉଥରେ ଗାଧୁଆପାଧୁଆ ନକଲେ ଘରେ ପଶୁ ନଥିଲେ

 Magazine Downloaded from www.aahwaan.com

ବୈଷ୍ଣବୀ, କିନ୍ତୁ ଏଠାରେ ଟମି ସହିତ ତାଙ୍କୁ ସବୁବେଳେ ରହିବାକୁ ପଡୁଥିଲା । ବଙ୍ଗଳାର ଗୋଟିଏ କଣିକିଆ ଘରେ ରହିବାକୁ ଦିଆଯାଇଥିଲା ତାଙ୍କୁ । ଘର ଭିତରେ ଥିଲା ଆଟାଚ୍ ଲାଟ୍ରିନ୍ ଆଉ ବାଥ୍ ରୁମ୍ । ପ୍ରଥମେ ପ୍ରଥମେ ଆସିଲା ବେଳେ ଟିକେ ଅସୁବିଧା ହେଉଥିଲେ ବି ଧୀରେ ଧୀରେ ସେ ଅଭ୍ୟସ୍ତ ହୋଇ ଯାଇଥିଲା ଅଣ୍ଡାଳି ଅଣ୍ଡାଳି ନିଜର ନିତ୍ୟକର୍ମ କରିବା ଲାଗି ସେଇ ନିର୍ଦ୍ଦିଷ୍ଟ ଇଲାକାଟିରେ । ସକାଳ ଜଳଖିଆ ଦେଲା ବେଳେ ବୋହୂ ଆଉ ଗୋଟିଏ ହଟ୍ କେସ୍ ଭିତରେ ମଧ୍ୟାହ୍ନ ଭୋଜନ ରଖି ଦେଇ ଯାଉଥିଲା । ପାଖରେ ରଖାଯାଇଥିବା ଟେବୁଲ୍ ଉପରେ ଥୁଆ ହୋଇ ରହୁଥିଲା ଥାଳି ଗ୍ଲାସ୍ ଆଉ ପାଣି ବୋତଲ ।

ବାସ୍ ଦିନ ନଅଟା ବେଳେ ସମସ୍ତେ ବାହାରି ଯାଉଥିଲେ କାମରେ ।

ତା'ପରେ ସନ୍ଧ୍ୟାରେ ସମସ୍ତେ ସାଙ୍ଗ ହୋଇ ଫେରିଆସିଲା ପର୍ଯ୍ୟନ୍ତ ସେ ବିରାଟ ବଙ୍ଗଳାରେ ଚାଲେ ଟମିର ରାଜୁତି । ରାଜାଧିରାଜ ଭଳି ବଙ୍ଗଳାର ଭିତରେ ବାହାରେ ଘୁରି ବୁଲୁଥିବା ଟମି ଅଜଣା ଲୋକଟିଏ ଦେଖିଲେ ଭୋଃ ଭୋଃ କରି ଚିତ୍କାର କରି କମ୍ପାଉଥାଏ । ବାହାର ଲୋକଙ୍କୁ ଭୟ ଲାଗେ କି ନାହିଁ କେଜାଣି ବୈଷ୍ଣବୀଙ୍କର ଦେହ ଶୀତେଇ ଯାଏ ଭୟରେ । ସବୁବେଳେ ମନେ ହୁଏ ଏଇ ଟମି ଆସିବ ଆଉ ଝାମ୍ପି ପଡିବ ତାଙ୍କ ଉପରେ । ଟୁକୁରା ଟୁକୁରା କରି ପକେଇବ ତାଙ୍କୁ । ଆନନ୍ଦରେ ସକାଳୁ ବଟର୍ ଦିଆ ବ୍ରେଡ୍ ଚାକୁ ଚାକୁ କରି ଖାଇଲା ଭଳିଆ ଚାଟି ଦେଇଯିବ ତାଙ୍କର ହାଡ ମାଂସର ଟୁକୁରା ତକ ।

ଅନେକ ଥର ସେକଥା ପୁଅକୁ କହିବାକୁ ବାହାରି ଥିଲେ ବି ପିଲାମାନଙ୍କ ଟମି ପ୍ରତି ଥିବା ସ୍ନେହ ଦେଖି ଚୁପ୍ ରହିଥାଆନ୍ତି ସେ । କାଳେ କିଏ ଖରାପ ଭାବିବେ କି ଓଲଟା ଦି' ଚାରି ପଦ ଶୁଣିବାକୁ ପଡିବ ସେଇ ଭୟରେ ।

ଦିନକୁ ଦିନ ଟମିର ଭୟ ଗ୍ରାସ କରି ଚାଲିଥାଏ ତାଙ୍କୁ । ଶରୀର ରୁଗ୍ ଣ ହେବା ସହିତ

ମାନସିକ ଦୁର୍ବଳତାବଢ଼ି ବଢ଼ି ଚାଲିଥାଏ । ଏମିତି ଭାବି ଭାବି ଶେଷରେ ମାନସିକ ବିଷାଦଗ୍ରସ୍ତ ହୋଇ ପାଗଳୀଙ୍କ ଭଳି ଏଣୁ ତେଣୁ ଗପିବାକୁ ଆରମ୍ଭ କରିଥିଲେ ବୈଷ୍ଣବୀ ।

ମାଆଙ୍କୁ ଏମିତି ଗପିବାର ଦେଖି ପ୍ଲାଣ୍ଟ ହସ୍ପିଟାଲରେ ଆଡ୍ ମିସନ୍ କରି ଦେଇଥିଲେ ବିଭାସ । ଚିକିତ୍ସା ଚାଲିଲା କିନ୍ତୁ କିଛି ଲାଭହେଲାନି । ବିଭାସ ଗାଁକୁ ଖବର ଦେଲେ କେହିଜଣେ ଆସି ବୋଉକୁ ନେଇଯାଅ, ଯାହା ପଇସାପତ୍ର ଲାଗିବ ମୁଁ ଦେବି, ସେଇଠି ଗୋଟିଏ ଲୋକ ରଖିଦେବ ତା'ର ସେବା ଶୁଶ୍ରୁଷା କରିବ, ଏଠି ତା'ର ଦେଖାଶୁଣା କରିବାଲାଗି ଆମ ପାଖରେ ସମୟ ନାହିଁ କି ପଇସା ପତ୍ର ଦେଲେ ମଧ୍ୟ କେହି ସେମିତି ଲୋକ ମିଳୁ ନାହାଁନ୍ତି ତା'ର ସେବା ଶୁଶ୍ରୁଷା କରିବା ଲାଗି । ଗାଁରୁ ଖବର ଦେଲା ପୁତୁରା, "ଏଠାରେ ମୋ ବୋଉର ଦେହ ବହୁତ ଖରାପ ଦାଦା, ଆଗଭଳି ଗାଁରେ କାମଧନ୍ଦା କରିବାକୁ ଲୋକ ମିଳୁନାହାଁନ୍ତି, ମାଆର ଦେଖାଶୁଣା କିଏ ସେ କରିବ, ତମେ ବରଂ ପିଇସିମାନଙ୍କ ଭିତରୁ କାହାକୁ କୁହ, ସେ ନେଇ ମାଆଙ୍କୁ ରଖନ୍ତୁ"

ପୁତୁରା ପାଖରୁ ନିରାଶ ହୋଇ ନିଜର ଭଉଣୀମାନଙ୍କୁ ଖବର ପଠାଇଥିଲେ ବିଭାସ । ତିନି ଭଉଣୀଙ୍କ ମଧ୍ୟରୁ ଦୁଇଜଣ ଶାଶୁ ନଣନ୍ଦ ଘରେ ମାଆଙ୍କୁ ନେଇ କୋଉଠି କେମିତି ରଖିବୁ ବୋଲି କହି ଦାୟିତ୍ୱ ଖସାଇ ଦେଲେ ନିଜ ନିଜର ମୁଣ୍ଡରୁ । ଶେଷରେ ମାଆଙ୍କୁ ବଞ୍ଚାଇବାକୁ ଅଣ୍ଟା ଭିଡି ଥିଲା ବଡ ଝିଅ ଗୌତମୀ । ସ୍ୱାମୀଙ୍କୁ ସାଥିରେ ନେଇ ପହଞ୍ଚିଥିଲା ରାଉରକେଲାରେ । ହସ୍ପିଟାଲରେ ଚିକିତ୍ସାଧିନ ଥିବା ମୁମୁର୍ଷୁ ମାଆଙ୍କୁ ସାଙ୍ଗରେ ଆଣିଥିଲା କଟକ । ଝିଅକୁ ଦେଖି ସାହସ ବଢିଥିଲା ବୈଷ୍ଣବୀଙ୍କର । ଅନେକ ଦିନର ଚିକିତ୍ସା ଏବଂ ଗୌତମୀର ସେବା ଶୁଶ୍ରୁଷା ପରେ ସଂପୂର୍ଣ୍ଣ ସୁସ୍ଥ ହୋଇ ନୂଆ ଜୀବନ ପାଇଥିଲେ ବୈଷ୍ଣବୀ । ଯେଉଁ ନର୍କକୁଣ୍ଡରୁ ଥରେ ସେ ବାହାରି ଆସିଥିଲେ ପୁନର୍ବାର ଆଉ ଫେରି ନଥିଲେ ସେଠିକି ।

ଜୀବଦ୍ଦଶା ଥିଲା ଯାଏଁ ରହିଥିଲେ ଝିଅ ଘରେ । ଶେଷ ସମୟରେ କାନେ କାନେ କହିଥିଲେ ଝିଅକୁ, ମଲେ ଗାଁକୁ ପଠାଇଦେବୁ ଲୋ ଝିଅ, ସେଇଠି ତୋ ବାପା ଅଛନ୍ତି, ତୋ ଖୁଡୀ ଅଛି, ମୁଁ ସେଇଠି ରହିବି, ମୋର ଆତ୍ମା ସେଇଠି ଶାନ୍ତି ପାଇବ ।

କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ବୈଷ୍ଣବୀ ପୁଅ ପାଖରେ ଏତେ ଗୁଡ଼ାଏ କଷ୍ଟ ପାଇ ଆସିଥିବା ସତ୍ତ୍ୱେ ମଧ୍ୟ ଦିନେହେଲେ କାହାକୁ ସେ କଥା ସବୁ କହୁନଥିଲେ କି କେବେହେଲେ ଆଖିରୁ ଲୁହ ଟୋପାଏ ଗଡାଉ ନଥିଲେ କାଳେ ତାଙ୍କ ପୁଅର ଅମର୍ଯ୍ୟାଦା ହେବ କି ଅମଙ୍ଗଳ ହେବ ବୋଲି । ଝିଅ ଚାହିଁଲେ ବି ବଡଭାଇର ମୁହଁକୁ ଚାହିଁ କିଛି କହି ପାରୁନଥିଲା ସିନା ମାଆର କଷ୍ଟ ତା'କୁ ସବୁବେଳେ ଶତ ବୃଶ୍ଚିକର ଦଂଶନ ଭଳି ଜ୍ୱାଳା ଦେଉଥିଲା । ବୈଷ୍ଣବୀଙ୍କ ଝିଅ ଗୌତମୀ ମାଆର କଥା ରଖିଥିଲା । ଯେତେ ଦିନ ବଞ୍ଚି ରହିଥିଲେ ସୁଖରେ ରଖିଥିଲା, ଯେବେ ସେ ମୃତ୍ୟୁବରଣ କରିଥିଲେ, ନେଇ ଯାଇଥିଲା ତାଙ୍କ ଗାଁ ମଶାଣିରେ ସଂସ୍କାର କରିବାକୁ । ସୁକନ୍ୟା ହୋଇ ମାଆର ସବୁ ଇଚ୍ଛା ପୂର୍ଣ୍ଣ କରିଥିଲା ଗୌତମୀ ।

ମାର୍ଫ୍ତ : ବିଜୟ କୁମାର ଦାସ, ଶାରଳା ଭବନ, ପୋତାପୋଖରୀ,
ନୟାବଜାର, କଟକ, ୭୫୩୦୦୪, ଓଡ଼ିଶା

ଆତଙ୍କ

ରବୀନ୍ଦ୍ର ବାବୁଙ୍କ ନୂଆ କରି ନିଯୁକ୍ତି ହୋଇଛି ଯାଜପୁର ସହରରେ । ଆଜିର ସମୟରେ ବାପା ମା ଖୋଜିଲେ ମିଳିଯିବେ ପଛେ ହେଲେ ଭଡ଼ା ଘର ନୁହେଁ । ସ୍ତ୍ରୀ କବିତା ସହିତ ତାଙ୍କ ଛୋଟ ଝିଅ ସୁଇଟ ବି ବହୁତ ଖୁସି ଥାନ୍ତି ନୂଆ ଜାଗାକୁ ଆସି । ଅଫିସଠାରୁ ଝିଅର ସ୍କୁଲର ଦୂରତା ଅଧିକ ହୋଇଗଲା । ଝିଅ ଇଂଲିଶ ମିଡ଼ିୟଂମ ସ୍କୁଲରେ ପଢେ, ହେଲେ ଅଫିସ ପାଖରେ ଘର ମିଳିଲେ କଣ ହେବ ସ୍କୁଲ ପାଇଁ ସେ ଅନ୍ୟ ଘର ଦେଖିବାରେ ଲାଗି ପଡିଲେ । ଅନେକ ଖୋଜିଲା ପରେ ଘର ମିଳିଲା । ଘରଟିକୁ ଆସି ପତି, ପତ୍ନୀ ଦେଖିଗଲେ । ଦୁଇଟି ବେଡ଼ରୁମ ସହ ବଡ ଡ୍ରଇଂ ରୁମ, ରୋଷେଇ ଘର ସହ ବାଥରୁମ ବି । ଘରଟି ମନକୁ ପାଇଗଲା, ହେଲେ ନିହାତି ଶୂନଶାନ ଜାଗାଟା । ତିନି... ଚାରି କି.ମି ଗଲେ ଯାଇ ମୁଖ୍ୟ ରାସ୍ତା । ରବୀନ୍ଦ୍ର ବାବୁ ଭାବୁଥିଲେ ହେଉ ସବୁ ସୁବିଧା ଦେଖିଲେତ ହେବନି କିଛି କଥାକୁ ଚଳେଇବାକୁ ପଡିବ ।

ସୌମ୍ୟା ସୁଚରିତା ସେଣ

ସୁଇଟର ନା ଲେଖା ସ୍କୁଲରେ ହେଇଗଲା । ଅଫିସ ଯିବା ରାସ୍ତାରେ ସ୍କୁଲଟା, ବିକ୍ରମ ବାବୁ ଝିଅକୁ ସେଇଠି ଛାଡି ଅଫିସ ଯାଆନ୍ତି । ନୂଆ ଘରକୁ ଆସିବ ପାଞ୍ଚ ଦିନ ହେଲାଣି ।

ଅଫିସର ଲଞ୍ଚ ସମୟରେ ଆଜି ସେଇ ଗୋଟେ କଥା ସହରରେ

ଚୋର, ଡକାୟତଙ୍କ ଆତଙ୍କ । କାଲି ରାତିରେ ଜଣେ ଓକିଲଙ୍କ ଘରେ ପଶି ସବୁ ଲୁଟି ନେଇଛନ୍ତି, ତା'ସହ ସେମାନଙ୍କୁ ଜୀବନରୁ ମାରି ଦେଇଛନ୍ତି । ରବୀନ୍ଦ୍ର ବାବୁଙ୍କ ଛାତିଟା ଧଡ଼ କରି ହୋଇଗଲା । ନିଛାଟିଆ ଜାଗାରେ ଘରଟି, ନୂଆ ଜାଗାରେ ବେଶୀ ଲୋକଙ୍କୁ ଚିହ୍ନି ନାହାନ୍ତି । ସେଇଠି ରହିବା ବିପଦ ଆଉ ଗୋଟେ ଘର ଖୋଜିବାକୁ ପଡିବ । ଭାବନାକୁ ଅନ୍ତ ଘଟାଇ ଦୁଇଟି ହାତ ତାଙ୍କ କାନ୍ଧ ଉପରେ ରହିଲା । "କିଛି ଗୋଟେ ଭାବନାରେ ଅଛନ୍ତି କଣ ହୋଇଛି, ଯଦି କିଛି ସମସ୍ୟା ଥାଏ ଜଣେଇବେ ମୁଁ ଅଛି ।" ଅଫିସର ଆଉ ଜଣେ ଷ୍ଟାଫ ବିଜୟବାବୁ କହିଗଲେ । ରବୀନ୍ଦ୍ରବାବୁ ଠିକ କଲେ ଯେ କବିତାକୁ ଏ ବିଷୟରେ ଜଣେଇବେନି । ଘରେ ପହଂଚି ଦେଖନ୍ତି କବିତା ମୁହଁରେ ବିବ୍ରତର ଛିଟା । ଟିଭିରେ ନିୟୁଜୁ ଚାଲିଛି, ଅତିରଂଜିତ ଭାବରେ ନିୟୁଜୁ ରିପୋଟର ବଖାଣି ଛାଲିଛନ୍ତି ଡକାୟତମାନଙ୍କ କାରନାମା, ଦେଖିଲେ ଭୟର ମାତ୍ରାଟା ଦୁଇଗୁଣିତ ହୋଇଯାଉଛି । ରବୀନ୍ଦ୍ରବାବୁ କାଳ ବିଳମ୍ବ ନକରି ଟିଭିର ଚାନେଲ୍ ବଦଳାଇ ଦେଲେ । କବିତାଙ୍କ ଡରକୁ ସିନା ବଢିବାକୁ ଦେଲେନି ହେଲେ ନିଜର ଡର ଯେ ଦୁଇ ଗୁଣିତ ହେଇସାରିଛି ଏକଥା ଏକ ଗ୍ଲାସ ପାଣିକୁ ଏକାଥରେ ପିଇବା ପରେ ଅନୁଭବ କରୁଥିଲେ ।

ରାତ୍ରିଭୋଜନ ସାରିବା ପରେ ସମସ୍ତେ ଶୋଇବାକୁ ଗଲେ । ରବୀନ୍ଦ୍ରବାବୁ ବାହାର କବାଟରେ ଦୁଇଟି ତାଲା ଏକା ସହ ପକେଇଲେ । କବାଟକୁ ଭଲକି ଟାଣିକି ଦେଖି ଶୋଇବାକୁ ଗଲେ । ଶୀତ ଟିକେ ଟିକେ ପଡ଼ିଲାଣି ପଙ୍ଖା ବି ଏକ କିମ୍ବା ଦୁଇରେ ବୁଲୁଚି । ବିକ୍ରମ ବାବୁଙ୍କୁ ନିଦ ଆସୁନି, ମନରେ ଆଡୁ ସାଡୁ ଭାବନା ଆସୁଛି । ବାହାରେ କୁକୁର ଗୁଡାକ ଜୋରରେ ଭୁକିଲେ, ରବୀନ୍ଦ୍ର ବାବୁଙ୍କ ଛାତିରେ ଛନକା ପଶିଗଲା । ଘଡିରେ ଦୁଇଟା ବାଜିଛି । କବିତା ବୁଲି ଚାହିଁଲେ ରବୀନ୍ଦ୍ରକୁ "କଣ ଶୋଇନା, ମତେ ବି ନିଦ ନାହିଁ, ଦେଖୁନା

 Magazine Downloaded from www.aahwaan.com

ସେ କୁକୁର ଗୁଡାକ ଯିମିତି କାହାକୁ ଦେଖିଲା ପରି ଭୁକୁଛନ୍ତି ।" ରବୀନ୍ଦ୍ର ବାବୁ କିଛି କହିବା ପୂର୍ବରୁ କୁକୁର ଗୁଡାକ ତାଙ୍କ କବାଟ ପାଖରେ ଭୁକିଲା ଭଳି ଲାଗିଲା ।

ହଟାତ କବାଟ ଖଡ଼ ଖଡ଼ ହେବାର ଶବ୍ଦ ହେଲା । ରବୀନ୍ଦ୍ର ବାବୁଙ୍କୁ ଆଉ ଅଚ୍ଛପା ନଥିଲା ଯେ ସେମାନେ ଆସି କବାଟ ପାଖରେ ହୋଇଗଲେଣି । ପତିପତ୍ନୀ ଦୁଇ ଜଣଙ୍କ ଦେହରୁ ଗମଗମ ଝାଳ ବୋହି ଚଳିଲା । କବିତାଙ୍କ କାନ୍ଦ ଦେଖି ରବୀନ୍ଦ୍ର ବାବୁ ଯେ କଣ କହିବେ ମୁଣ୍ଡ କାମ କରୁନଥାଏ । କାଇଁ ପରିବାରକୁ ଆଣି ଆଜି ବିପଦମୁହଁରେ ଛାଡ଼ିଲି ସେପାଇଁ ନଜକୁ କୋଷୁଥାନ୍ତି । କିଛି ସମୟ ପରେ ସେମାନେ ଡ୍ରଇଂ ରୁମରେ ପଶି ନିଜ କାମ ଆରମ୍ଭ କରିଦେଲେ । ରବୀନ୍ଦ୍ର ବାବୁ କବିତାକୁ ନକାନ୍ଦିବା ପାଇଁ ଇଶାରା କଲେ । ଶୋଇବା ଘର କବାଟକୁ ଭଲ କି ବନ୍ଦ କରିଦେଲେ । ଚୌକି, ଟେବୁଲ ଯାହା ଓଜନିଆ ଜିନିଷ ଥିଲା କବାଟକୁ ସବୁ ଲଗେଇଦେଲେ । ଯାହାବି ହେଇଯାଉ ସେ ହାର ମାନିବେନି । ସୁଇଟ ନିଘୋଡ଼ ନିଦରେ ଶୋଇପଡିଛି, ଯାହା ହେଉ ସେ କିଛି ଜାଣି ନପାରୁ, ନହେଲେ ତା କୋମଳ ମନରେ ଆଘାତ ଲାଗିପାରେ । ସେମାନେ ଆଉ ଗୋଟେ ଶୋଇବା ଘରେ ପଶିଲେଣି ଏ କଥା ଆଉ ବୁଝିବା ବାକି ନଥାଏ । ସେମାନେ ସତର୍କର ସହ ନିଜ କାମକୁ କରି ଚାଲିଥାନ୍ତି । ବିକ୍ରମ ବାବୁଙ୍କ ପିତୃ ପ୍ରାଣଟା ଯେ ଅତି ଭୟଙ୍କର ସଙ୍କଟକୁ ସାମ୍ନାକରୁଚି ଏ କଥାଟି ତାଙ୍କ ଚେହେରାରୁ ସ୍ପଷ୍ଟ ବାରିହୋଇ ପଡୁଥିଲା । ବିଜୟବାବୁଙ୍କ କଥା ମନେ ପଡିଗଲା, ସେ କହିଥିଲେ କିଛି ଅସୁବିଧା ହେଲେ କଲ କରିବାକୁ । ବିକ୍ରମ ବାବୁ ଆଉ ଡେରି ନ କରି ଫୋନ କଲେ । ବିଜୟ ବାବୁ ଜାଣି ସାରିଥିଲେ ଏତେ ରାତିରେ କଲ ମାନେ ନିଶ୍ଚୟ ରବୀନ୍ଦ୍ର ବାବୁ ବିପଦରେ । "ଆମ ବହୁତ ବିପଦରେ ସେମାନେ ଆମ ଘରେ ପଶିଛନ୍ତି, କିଛି ଗୋଟେ କରନ୍ତୁ....." ଅତି ଧୀର ଗାଳାରେ ରବୀନ୍ଦ୍ର ବାବୁ କହିଲେ । ବିଜୟ ବାବୁ ପରାମର୍ଶ ଦେଲେ

ଯେ ଯାହାବି ହେଇଯାଉ ସେ କବାଟ ଖୋଲ ନାହିଁ, ଯେତେ ସୁନା ରୂପା ଅଛି ସବୁକୁ ବାନ୍ଧି ଘରର କୋଉ ଅଳିଆ ଜାଗାକୁ ପକେଇ ଦିଅ । ମୁଁ ଶୀଘ୍ର କିଛି କରୁଛି, ବିଜୟ ବାବୁ ଏ କଥାକୁ ଏତେ ଧୀରେ କହୁଥିଲେ ଯେପରି ଟିକେ ଜୋରେ କହିଲେ ଡକାୟତମାନେ ଶୁଣି ନେବେ । ଏମାନେ ସେଇପରି କଲେ ଯେପରି ବିଜୟ ବାବୁ ପରାମର୍ଶ ଦେଇଥିଲେ ।

ସେପଟେ ଗୋଟେ ଘର ପରେ ଅନ୍ୟ ଏକ ଘରକୁ ପ୍ରବେଶ କରି ସେମାନେ ନିଜ କାମରେ ବ୍ୟସ୍ତଥାଆନ୍ତି । ସବୁ ଶୁଣି ମଧ୍ୟ ବିକ୍ରମ ବାବୁ ନିରୁପାୟ । ଜୀବନ ଆଗରେ ଏ ଟଙ୍କାପଇସାର ମୂଲ୍ୟ ଯେ କିଛି ନୁହେଁ, ଏହା ବୁଝିବାକୁ ଆଉ ବାକି ନଥିଲା । କେବଳ ଆକୁଳ ନିବେଦନ ସେ ଭଗବାନଙ୍କୁ କରି ଚାଲିଥାନ୍ତି ତାଙ୍କ ପରିବାରର ଜୀବନ ରକ୍ଷା ପାଇଁ ।

ଯା ଭିତରେ ବିଜୟ ବାବୁଙ୍କ ଫୋନ ଆସିଲା, ବିକ୍ରମ ବାବୁ ଟିକେବି ହେଳା ନକରି ଫୋନଟିକୁ ଉଠେଇ ଦେଲେ, ଆଉ ଶୁଣି ଆଶ୍ୱସ୍ତି ହେଲେ ଯେ ପୋଲିସ ବାହାରେ ଆସି ସାରିଛନ୍ତି । ବନ୍ଧୁକଧାରୀ ପୋଲିସ ଅତି ସତର୍କ ସହିତ ଆଗକୁ ଗତିକଲେ । କବାଟର ତାଲା ଭଙ୍ଗା ହେଇନି ବୋଧେ ଚୋର ଦଳ ପଛପଟେ ପଶିଛନ୍ତି । ପୋଲିସ ମାନେ ବି ଆଜି ନିଷ୍ପତି ନେଇଛନ୍ତି ଆତଙ୍କିତ କରୁଥିବା ଏ ଅସାମାଜିକ ମାନଙ୍କୁ ଧରିକି ହିଁ ରହିବେ । ସେମାନେ ବି ଜାଣି ସାରିଥିଲେ ଏମାନଙ୍କ ଉପସ୍ଥିତିକୁ । ସୁରକ୍ଷିତ ଜାଗା ଖୋଜି ଅନ୍ଧାରରେ ଲୁଚି ରହିଲେ ମୁକାବଲା କରିବାକୁ । ପୋଲିସ ଘର ଭିତରେ ପଶୁପଶୁ ଚାରିଆଡେ ବିଛେଇ ହୋଇ ପଡିଥିବା ଜିନିଷକୁ ଦେଖିବାକୁ ପାଇଲେ । ବିକ୍ରମବାବୁ ଯୋଉ ଘରେ ବନ୍ଦ ଥିଲେ ସେ ଘରୁ ତାଙ୍କ ପରିବାର ସୁରକ୍ଷିତ ସହ ଉଦ୍ଧାର କରାଗଲେ । ବାହାରକୁ ବାହାରିବା ପରେ ବିକ୍ରମ ବାବୁ ବିଶ୍ୱାସ କରି ପାରୁ ନଥାନ୍ତି, ସତରେ କଣ ତାଙ୍କ ପରିବାର ଜୀବିତ ! ଭଗବାନଙ୍କୁ ଅନେକ କୃତଜ୍ଞତା ଜଣାଇଲେ ।

ରୋଷେଇ ଘରଟି ପୁରା ଅନ୍ଧାର, ସେଇ ଅନ୍ଧାର ଭିତରେ ଲୁଚି ବସିଥାନ୍ତି ସେମାନେ । ପୋଲିସ ବି ଜାଣି ସାରିଥିଲା ସେ ଲୁଚିଥିବା ଜାଗାଟି । ତାଙ୍କୁ ଗୋଟେ ମଉକା ଦେବାକୁ ଯାଇ ପୋଲିସ ପାଖରେ ଆତ୍ମସମର୍ପଣ କରିବାକୁ କୁହାଗଲା, ହେଲେ ସେମାନେ ଯେପରି ପ୍ରତିଜ୍ଞାବଦ୍ଧ ମୁଣ୍ଡ ନୁଆଁଇବେ ନାହିଁ । ପୋଲିସ ଆହୁରି ସତର୍କ ଭାବରେ ଆଗକୁ ବଢିଲେ । ରୋଷେଇ ଘର ବାହାରେ ଥିବା ବିଦ୍ୟୁତ ବୋର୍ଡର ସୁଇଚି ଦେବାମାତ୍ରେ ଘରଟା ସାରା ଆଲୁଅ ଖେଳିଗଲା । ଆଉ ଘର ଭିତରେ ଲୁଚିଥିବା ସେ ଦୁଇଜଣ ପୋଲିସ ଉପରକୁ ଲମ୍ଫ ପ୍ରଦାନ କଲେ । କିଛି ବୁଝିବା ଆଗରୁ ଘୁଷୁରୀ ଛୁଆ ଭଳି ଦୁଇଟି ବିଲେଇ ଦ୍ରୁତଗତିରେ ବାହାରି ଦୌଡ଼ି ପଳେଇଗଲେ ସମସ୍ତଙ୍କ ଆଖି ସାମ୍ନାରେ । କିପରି ଚୋରମାନଙ୍କୁ ଚକମା ଦେଇ ଲୁଚିଥିଲେ ସେଇ କଥାକୁ ବଖାଣି ବସୁଥିବା ବିକ୍ରମ ବାବୁଙ୍କ ପାଟିଟି ଆଁ କରି ରହିଗଲା । କିଛି କ୍ଷଣ ପାଇଁ ସମସ୍ତେ ନିରବ ରହିଗଲେ..... । ତା ପରେ ଏକ ସହ ଗୋଟେ ହସର ଧ୍ୱନି ଜାତ ହେଲା । ସମସ୍ତେ ବୁଝି ସାରିଥିଲେ ହୃଷ୍ଟପୃଷ୍ଟ ହୋଇଥିବା ଦୁଇଟି ବିଲେଇ ହେଉଛନ୍ତି ଆଜି ରାତିର ଡକାୟତ । ରାତି ବି ପାହି ଆସୁଥାଏ । ସମସ୍ତେ ବାହୁଡ଼ି ଗଲେ । କବିତାଙ୍କୁ ଚା କରିବାକୁ କହି ଟିଭି ଖୋଲି ବସିଗଲେ ବିକ୍ରମ ବାବୁ । ଆଉ ବ୍ରେକିଙ୍ଗ ନିଉଜ ଆସୁଥାଏ ସହରରେ ଆତଙ୍କ ବଢ଼େଇଥିବା ଡକାୟତଂକୁ ପୋଲିସ ଧରି ସାରିଛି । ମନରେ ଅହେତୁକ ଆନନ୍ଦ ଅନୁଭବ କଲେ, ଭାବିଲେ ସତରେ ଥରେ ଯଦି ମନରେ ଡର ସୃଷ୍ଟି ହୁଏ ତାହେଲେ ଚାରିଆଡେ କେବଳ ଆତଙ୍କ ଖେଳିଯାଏ ।

ହାଇଦ୍ରାବାଦ.

 Magazine Downloaded from www.aahwaan.com

ଲେଲି, ଏକ ଅମୂଲ୍ୟ ରତ୍ନ

ଶ୍ରୀହୀନ ଦିଶୁଛି ଆମ ଗାଁ । କାହାରି ମୁହଁରେ ହସ ନାହିଁ । ଚାରିଆଡେ ନୀରବତା, ଏପରିକି ଗଛ ପତ୍ର ବି ଦୁଃଖରେ ଝାଉଁଳି ପଡିଛି ।ସୁବାସ ରଂଞ୍ଜନ ରାୟ ପରିବାରରେ କେତେ ଦିନ ହେବ ଚୁଲି ଜଳିନି । ବାହାରକୁ ଘର ଲୋକଙ୍କ କାନ୍ଦ ଶୁଭୁଛି । ପରିବାର ଟିର ସମସ୍ତ ସୁଖ, ଶାନ୍ତି ଛଡାଇ ନେଇଛନ୍ତି ପରମ ଦୟାଳୁ ପରମେଶ୍ୱର । ଦୁଃଖର କାରଣ "ଲେଲି, ଏକ ଅମୁଲ୍ୟ ରତ୍ନ" ।

ଲେଲି ସୁବାଷ ଭାଇଙ୍କ ସାନ ଝିଅ ।ବୟସ ଚାରି ବର୍ଷ ହେବ । କୋଡିଏ ଜଣ ସଂଯୁକ୍ତ ପରିବାରରେ ସବୁଠୁ ସାନ । ଘରର ଅତି ଗେଲ୍ହା । ଲେଲିର ଜନ୍ମ ପରିବାରର ଖୁସିକୁ ଦୁଇ ଗୁଣ ବଢ଼ାଇ ଦେଇଥିଲା । ଜନ୍ମରୁ ଲେଲି ଥିଲା ବହୁତ ସୁନ୍ଦର ।ଜନ୍ମର ଦୁଇ ତିନି ମାସ ପରେ ଯାହାକୁ ବି ଦେଖେ ଖୁସିରେ ହସି ଦିଏ ।ଏତେ ଛୋଟ ପିଲାର ଏପରି ବେବହାର ଦେଖି ସମସ୍ତେ କୁହନ୍ତି ଏ ପିଲା ବଡ ହେଲେ ବହୁତ ନାଁ କରିବ ।ତାର ମୃଦୁ ହସ ପୁରା ଗାଁର ମନ କିଣି ନେଇଥିଲା । ଆଜିର ପୁତ୍ର ମୋହ ଦୁନିଆରେ ସୁବାଷ ଭାଇ ବି ଝିଅଟିଏ ପାଇଁ ଅନେକ ଦିଅଁ ଦେବତା ପୂଜା କରିଛନ୍ତି ।ସବୁ ବାପା ମାନଙ୍କ ପରି ସେ ବି ଝିଅକୁ ବେଶି ଭଲପାଆନ୍ତି । ସ୍ୱଳ୍ପ ରୋଜଗାରରେ ବି କେବେ ଝିଅ କୁ ଅବହେଳା କରୁନଥିଲେ । କଣ୍ଢେଇ ଏବଂ ଡ୍ରେସରେ ପୁରା ଘର ଭର୍ତି ହୋଇଥିଲା

ସୀତାରାମ

ସୁବାଷ ଭାଇଙ୍କର । ଜେଜେ ପୁରା ଗାଁ ବୁଲାଉ ଥିଲେ ଲେଲି କୁ କାନ୍ଧରେ ବସାଇ । କିଏ କେତେ ନାଁ ରେ ଡାକୁଥିଲେ ଲେଲି କୁ "ଖୁସି, ଚିକି,କଣ୍ଢେଇ, ,ସାଇନା, ପାକୁ ଓ ରାନୀ," । ସୁବାଷ ଭାଇ କେଉଁଠି ଭଲ ଡ୍ରେସ ଦେଖିଲେ ଧାର କରଜ କରି ବି ନେଇ ଆସୁଥିଲେ ନିଜର ଗେଲ୍ହା ଝିଅ ପାଇଁ । ଝିଅ ପାଇଁ କେବେ ଟଙ୍କା ପଇସାକୁ ଦେଖି ନାହାନ୍ତି ଜୀବନରେ । ଝିଅଟି ତାଙ୍କ ପାଇଁ ଥିଲା ଏକ ଅମୁଲ୍ୟ ରତ୍ନ ।

ଲେଲିର ରୂପ ଯେମିତି, ବୁଦ୍ଧି ବି ଥିଲା ସେମିତି ପ୍ରଖର । ଚାରି ବର୍ଷର ପିଲା ଚାଳିଶି ବର୍ଷ ଲୋକଙ୍କ ପରି କଥା ବାର୍ତ୍ତା କରେ, ସେଥିପାଇଁ ସେ ଥିଲା ଗାଁର ସମସ୍ତଙ୍କ ପ୍ରିୟ । ଲେଲିକୁ ସମସ୍ତେ ନିଜ ଘରକୁ ଡାକୁଥିଲେ ଅତି ଶ୍ରଦ୍ଧାରେ । ଆମ ଗାଁର ହସ କୁଳେଇ ଥିଲା ଲେଲି । ଅପରାହ୍ନ ରେ ଗାଁ ମଝିରେ ଥିବା ଗ୍ରାମ ଦେବତୀ ଜାଗୁଳେଇଙ୍କ ମଣ୍ଡପରେ ଗାଁର ଝିଅ ବୋହୂ ମାନେ ପ୍ରାୟ ବସି ହସ ଖୁସି କରନ୍ତି,କିନ୍ତୁ ଲେଲି ଥାଏ ସମସ୍ତଙ୍କ ଆକର୍ଷଣ ର କେନ୍ଦ୍ରବିନ୍ଦୁ । ଗାଁରେ କେହିବି ନୂଆ ଡ୍ରେସ ପିନ୍ଧିଲେ ଲେଲି ବୋଉ ପାଖରେ କାନ୍ଦି ଗଡି ଯାଉଥିଲା "ମୁଁ ବି ନୂଆ ପିନ୍ଧିବି" କହି । ବୋଉ ବି ଅତି ସରଧାରେ ପିନ୍ଧାଇ ଦେଉଥିଲେ ନୂଆ ଡ୍ରେସ ହଳେ । ଲେଲି ଶଶିକଳା ପରି ବଢୁଥିଲା ଆମ ଗାଁରେ । ମୋ ସାନ ଭଉଣୀ ସୀମା କୁ ସବୁବେଳେ କହୁଥିଲା ଦିଦି ତୁମ ବାହାଘର କେବେ ହେବ,ମୁଁ ବହୁତ ନାଚିବି, ନୂଆ ଡ୍ରେସ ପିନ୍ଧିବି ଆଉ ଆଇସକ୍ରିମ ବହୁତ ଖାଇବି । ନିଜର ମିଠା ମିଠା କଥା ପାଇଁ ସମସ୍ତଙ୍କ ମନ କିଣି ନେଇଥିଲା ଲେଲି ।

ଲେଲି ସହ ମୋର ସମ୍ପର୍କ ଥିଲା ଅତି ନିବିଡ଼ । ପଡୋଶୀ ହିସାବରେ ସେମାନେ ଥିଲେ ଅତି ସୁନ୍ଦର ପରିବାର ଆମ ପାଇଁ । ସୁଖ ଦୁଃଖ ଭଲ ମନ୍ଦ ଉଭୟ ଉଭୟଙ୍କ ପାଖରେ ଠିଆ ହେଉଥିଲୁ ସମୟ ଅସମୟରେ । ମୋର ପ୍ରାୟ ପ୍ରତେକ ସନ୍ଧ୍ୟା ସମୟ କଟୁଥିଲା ଲେଲି ସହିତ ।ମୁଁ ଲେଲିକୁ ଆଦରରେ କାଟୁନ ବୋଲି ଡାକେ । ଲେଲି ମୋ କୋଳରେ ବସି କେତେ

 Magazine Downloaded from www.aahwaan.com

ଜିନିଷ ପାଇଁ ଅଲି କରୁଥିଲା । ଦିନେ ଲେଲି ମୋ କୋଳରେ ବସିଥିବା ଦେଖି ମୋ ବୋଉ ମଜାରେ କହିଲେ "ଲେଲି ମୋ ପୁଅ କୋଳରେ ତୁ କାଇଁ ବସିଛୁ ।" ମୁଁ ଭାବିଲି ଲେଲି ମନ ଦୁଖ କରିବ ଏବଂ ନିରବ ରହିବ । କିନ୍ତୁ ଲେଲି ହସି ହସି କହିଲା "ଆଇ ସେ ତୁମର ପୁଅ ହେଲେ ମୋର ବି ଅଙ୍କଲ" ଏତିକିରେ ସମସ୍ତଙ୍କ ମନ ଖୁସି । ବୋଉ ବି ଖୁସିରେ କହିଲେ "କୋଟିଏ ରେ ଗୋଟିଏ ହୋଇଥା ଲୋ ମା" । ଏ ହେଉଛି ଲେଲିର ବିଶେଷତ୍ୱ । ଏହି ସବୁ ଗୁଣ ପାଇଁ ଲେଲି ସମସ୍ତଙ୍କ ପ୍ରିୟ ହୋଇପାରିଥିଲା ।

ଲେଲି ବେଳେବେଳେ ମୋ ପାଖରେ ଅଳି କରୁଥିଲା ସୁନାରି ଫୁଲ ପାଇଁ । ଆମ ଘର ଆଗରେ ବିରାଟ ସୁନାରି ଗଛ । ସୁନା ରଙ୍ଗରେ ଭାରି ଯାଉଥିଲା ସମ୍ପୁର୍ଣ୍ଣ ଗଛଟି ।ତାର ପେନ୍ଥା ପେନ୍ଥା ଫୁଲ ସୁନାର ଭ୍ରମ ସୁଷ୍ଟି କରୁଥିଲା ପ୍ରକୃତି ପ୍ରେମୀଙ୍କ ମନରେ । ଗୋଧୂଳି ର ଲାଲ କିରଣ ଆଉ ସୁନେଲି ଫୁଲ ଏକ ସାଙ୍ଗରେ ମିଶି ଏକ ଅପୂର୍ବ ସୌନ୍ଦର୍ଯ୍ୟ ସୃଷ୍ଟି କରୁଥିଲା । ଏମିତି ଏକ ଅବର୍ଣ୍ଣନୀୟ ପରିବେଶରେ ଲେଲି ମୋ ପାଖରେ ଅଲି କରୁଥିଲା ସୁନାରି ଫୁଲ ପାଇଁ । ଏ ପରିଣତ ବୟସରେ ଗଛ ଚଢିବା ଯେ ମୋପାଇଁ ଅସମ୍ଭବ ଏ କଥା ମୁଁ ଲେଲିକୁ ବୁଝାଇ ପାରେନି । "ପରେ କେବେ" କହି ଏଡାଇ ଦେଉଥିଲି ପ୍ରତେକ ଥର । ସେ ବି ଏକ ଉପାଧି ଦେଇଥିଲା ମତେ "ଠକ ଅଙ୍କଲ" । ମୋ ଦୁଇ ବର୍ଷର ସାନ ପୁଅ ଅଗ୍ନି ଲେଲିକୁ ନ ଦେଖିଲେ ପାଗଳ ହେଇଯାଉଥିଲା । ଦୁଇଜଣଙ୍କର ଥିଲା କ୍ଷୀର ଓ ନୀର ର ସମ୍ପର୍କ । ଲେଲି କେତେବେଳେ ଘୋଡା ହୋଇ ପୁଅକୁ ପିଠିରେ ବସାଉ ଥିଲା ତ କେତେବେଳେ ତାର ଛୋଟ ସାଇକଲରେ ବୁଲାଇ ଆଣୁଥିଲା ।କେତେବେଳେ ଖାଇବା ଜିନିଷ ଦେଉଥିଲା କେତେବେଳେ ନିଜର ଖେଳନା ।

ସମୟ ସବୁବେଳେ ସମାନ ନଥାଏ ସମସ୍ତଙ୍କ ପାଇଁ । ବେଳେବେଳେ ସୁଖ ନାମକ ଶୁକ ପକ୍ଷୀ ଉଡିଯାଏ ଦୂର ଦିଗବଳୟର ସୀମା ପାର ହୋଇ । ସୁବାଷ ଭାଇଙ୍କ ପରିବାର ସହିତ ବି

 Magazine Downloaded from www.aahwaan.com

ଏମିତି ଦୁର୍ଘଟଣା ଟିଏ ଘଟିଲା । ଅଚାନକ ଲେଲି କୁ ଜ୍ୱର ହେଲା ।ଘର ଲୋକେ ସାମାନ୍ୟ ଜ୍ୱର ଭାବି ଗାଁର ପ୍ରାଥମିକ ଚିକିତ୍ସାଳୟ ରୁ ଔଷଧ ଆଣି ଦେଇଥିଲେ । କିନ୍ତୁ ଧୀରେ ଧୀରେ ଲେଲିର ଦେହ ଅଧିକ ରୁ ଅଧିକ ଖରାପ ହେବାକୁ ଲାଗିଲା ।ସୁବାଷ ଭାଇ କାଳ ବିଳମ୍ବ ନକରି ଲେଲି କୁ କଟକର ବଡ଼ ମେଡିକାଲ କୁ ନେଇଥିଲେ । ସମସ୍ତ ଚିକିତ୍ସା ସତ୍ତ୍ୱେ ଲେଲିର ଆବସ୍ଥା ରେ କୌଣସି ପରିବର୍ତ୍ତନ ଆସିଲାନି ।ପରିବାର ଠୁ ନେଇ ପୁରା ଗାଁ ଲୋକଙ୍କ ରୋଷେଇ ବାସ ବନ୍ଦ ।ସମସ୍ତେ କେତେ ଦିଅଁ ଦେବତା ପୂଜା କରିଛନ୍ତି ।କେତେ ଶୁଭ ମନାସୀ ଛନ୍ତି ଭଗବାନଙ୍କ ପାଖରେ । ଜ୍ୱର ହେବାର ତୃତୀୟ ଦିନ ସକାଳ, ଲେଲି ଟିକେ ଆଖି ଖୋଲିଲା ।ସମସ୍ତଙ୍କୁ ଚାହିଁ କଣ କହିବାକୁ ଚେଷ୍ଟା କରୁଥିଲା କିନ୍ତୁ କହିପାରୁନଥିଲା । ଲେଲିର ବୋଉ ଲେଲି ପାଖରେ ବସି ଦେହକୁ ଆଉଁଷି ଦେଉଥାନ୍ତି । ଆଖିରୁ ଝରୁଥାଏ ଧାର ଧାର ଲୁହ । ଲେଲି ବୋଉର ବେକକୁ ଧରି କାଖ ହେବା ପାଇଁ ଚେଷ୍ଟା କଲା,କିନ୍ତୁ ତାର ଦୁବଳ ହାତରେ ଏତେ ଶକ୍ତି ନ ଥିଲା । ହାତଟି ପୁନଶ୍ଚ ଫେରି ଆସିଲା ପୂର୍ବ ଅବସ୍ଥାକୁ । ବେକକୁ ଟିକେ ବୁଲେଇ ଦେଇ ଆଖି ବୁଜିଲା ଲେଲି । ସେଇ ନିଦ ଥିଲା ଲେଲିର ଶେଷ ନିଦ୍ରା । ଲେଲି ସବୁଦିନ ପାଇଁ ଚାଲିଗଲା ସେଇ ପରମ ଦୟାଳୁ ପରମେଶ୍ୱର ଙ୍କ ନିକଟକୁ । ସମ୍ପୁର୍ଣ୍ଣ ପରିବାର ଟି ପଥର ପାଲଟି ଯାଇଥିଲେ । ଦୁଃଖ ଆଉ ଶୋକରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା । ସେ ସମୟର ଦୃଶ୍ୟ ବର୍ଣ୍ଣନା କରିବା କାହା ପାଖରେ ସମ୍ଭବ ନୁହେଁ ।

ଲେଲିର ପ୍ରାର୍ଥିବ ଶରୀର ଯେତେବେଳେ ଗାଁରେ ପହଁଚିଲା ଅନେକ ଲୋକ ରୁଣ୍ଡ ହୋଇଥିଲେ ସୁବାଷ ଭାଇଙ୍କ ଘରେ । ଏପରିକି ପାଖା ପାଖି ସବୁ ଗାଁର ଲୋକମାନେ ଆସିଥାନ୍ତି । ଚାରିଆଡେ ବିଷାଦର ଛାୟା । ଶୁଣିଥିଲି ରାମ ବନବାସ ସମୟରେ ଗଛଲତା ବି କାନ୍ଦିଥିଲେ, ହେଲେ ତାହା ଆଜି ଅନୁଭବ କଲି । ଘର ଲୋକେ କାନ୍ଦି କାନ୍ଦି ଅଚେତ । ବୁଝାଇବ କିଏ କାହାକୁ ।ବୋଝର ପାହାଡ଼ ସମସ୍ତଙ୍କ ଉପରେ ଲଦି ହୋଇ ପଡିଛି । ଲେଲିକୁ

 Magazine Downloaded from www.aahwaan.com

ଛାଡିବା ପାଇଁ କେହିବି ପ୍ରସ୍ତୁତ ନୁହନ୍ତି । "ମା"ର ବୁକୁ ଫଟା କ୍ରନ୍ଦନ,ମା ର ମମତା କେତେ ଯନ୍ତ୍ରଣା ଦାୟକ ତାହା ଜୀବନରେ ପ୍ରଥମ ଥର ଅନୁଭବ କଲି । ବାସ୍ତବତା କୁ ବି ଗ୍ରହଣ କରିବାକୁ ପଡିବ । ଗାଁର କିଛି ପୁରୁଖା ଲୋକ ଏବଂ କିଛି ବନ୍ଧୁ ବାନ୍ଧବ ଘର ଲୋକଙ୍କ ବିରୋଧ ସତ୍ତ୍ୱେ ଲେଲିର ଶେଷକୃତ୍ୟ ପାଇଁ ଚାଲିଲେ ଜୀବନର ଶେଷ ସାକ୍ଷୀ ଗାଁ ମଶାଣୀକୁ । ଲେଲିର ପାର୍ଥିବ ଶରୀର ସହ ଲେଲିର ଅନେକ ନିତ୍ୟ ବେବହାର ଜିନିଷ ବି ନିଆଗଲା । ମୋର ବି ମନେ ପଡ଼ିଲା ଲେଲିର ପ୍ରତ୍ୟେକ ଦିନର ପୁରୁଣା ଅଳି "ସୁନାରି ଫୁଲ" ।

ଆଖିରେ ମୋର ଧାର ଧାର ଲୁହ । ପବନ ବେଗରେ ଦୌଡ଼ିଲି ସୁନାରି ଫୁଲ ଗଛ ପାଖକୁ । କେମିତି ଗଛରେ ଚଢିଲି, କେମିତି ଏତେ ବଡ ଗଛରୁ ଫୁଲ ତୋଳିଲି କିଛି ବି ଜାଣିନି । ଜାଣିବି ପାରିଲିନି ଏତେ ଶୀଘ୍ର ଏତେ ସବୁ କାମ କିପରି ହୋଇଗଲା । ସୁନାରି ଫୁଲକୁ ଲେଲିର ସୁନା ରଙ୍ଗର ଦେହ ପାଖରେ ରଖିଦେଇ ଶେଷ ଥର ପାଇଁ ମନ ଭରି ଦେଖିଲି ତାର କଅଁଳ ମୁହଁ ଟିକୁ । ସତେ ଯେମିତି ଅଭିମାନ କରି ଶୋଇ ପଡିଛି ମୋ ଲେଲି । ବାସ୍ତବତା ର ପରମ ସତ୍ୟକୁ କେହିବି ଗ୍ରହଣ କରି ପାରୁନଥାନ୍ତି । ଶେଷରେ ଲେଲିର ମର ଶରୀରକୁ ସମାଧି ଦିଆଗଲା ।କିଛି ପୁରୁଣା ଲୋକ ମୃତଦେହ ଉପରେ କିଛି କଣ୍ଟା(କଣ୍ଟା ଜାତୀୟ ଗଛର ଡାଳ) ରଖିଦେଇ ସମ୍ପୂର୍ଣ୍ଣ ପୋତିଦେଲେ । କଣ୍ଟାର ଶେଯ କଣ ଏବେ ଅନୁଭବ କଲି ।

ଏବେ ଆଉ ଗ୍ରାମ ଦେବତୀ ଆଗରେ ଅପରାହ୍ନ ରେ ଭିଡ ଲାଗୁନି । ମନ ଦୁଃଖ ଦେବ ବୋଲି କେହି ଲେଲି କଥା ଆଲୋଚନା କରୁ ନାହାନ୍ତି । ସୁନାରି ଫୁଲର ସୌନ୍ଦର୍ଯ୍ୟ ମତେ ଆଉ ଆକର୍ଷଣ କରୁନାହିଁ । ସୁବାଷ ଭାଇ ଲେଲିର ପ୍ରଥମ ଶ୍ରାଦ୍ଧ ବାର୍ଷିକରେ ଛୋଟ ସମାଧି ମନ୍ଦିରଟିଏ ନିର୍ମାଣ କଲେ । ସେଥିରେ ଲେଖିଥିଲେ ଲେଲି, ମୁଁ ତା ପାଖରେ ଲେଖିଦେଲି "ଏକ ଅମୁଲ୍ୟ ରତ୍ନ" ।

ସାନମୂଳାଇ, କଟକ

 Magazine Downloaded from www.aahwaan.com

ଅରଖା - ଭିନ୍ନ ଏକ ମଣିଷ

ଗାଁ ମୁଣ୍ଡରୁ ପିଲାମାନେ ହୋ ହଲ୍ଲା କରି ନାଚି ନାଚି ଖୁସିରେ ତାଳିମାରି ଆସୁଥାନ୍ତି । ଲାଗୁଥିଲା ଯେମିତି କୌଣସି ନେତା ମନ୍ତ୍ରୀଙ୍କର ପଟୁଆର ବି ହାର ମାନିଯିବ ସେହି ପରିସ୍ଥିତିରେ, ମୁଁ ଭାବିଲି କଣ ହୋଇଛି ଏଇ ପିଲାମାନେ ଏମିତି ହୋହଲ୍ଲା କରି ଖୁବ୍ ଚିତ୍କାର କରୁଛନ୍ତି କାହିଁକି ? ମନର ଉତ୍କଣ୍ଠା ଦୂର କରିବାକୁ ଯାଇ ଦେଖେ ତ କୌଣସି ନେତା ମନ୍ତ୍ରି କି ଯାତ୍ରା ପଟୁଆର ନଥିଲା, ଥିଲା ଜଣେ ସାଧାସିଧା ମଣିଷ ଓ ତା' ଚାରିପାଖରେ ପିଲାଙ୍କର ମେଳଣ । ଆଉ ସେ ସବୁ ଦେଖିଲା ପରେ ମୋ ମନରେ ବି ଭରିଗଲା ଅନେକ ଭାବନା, ସାଧାସିଧା ମଣିଷଟିଏ ପିଲାଙ୍କୁ କିପରି ଖୁସି ଦେଇ ନିଜେ ହସି ହସି ଗାଁ ଦାଣ୍ଡରେ ଆସୁଛି ।

ନରେନ୍ଦ୍ର ସାହୁ

ମୁଁ ଲୋକଟିକୁ ଦେଖୁ ଦେଖୁ ପାଟିରୁ ଆପେ ବାହାରି ଆସିଲା, 'ଓହୋ ଅରଖା ।' ଇଏ ପୁଣି ବହୁଦିନ ପରେ ଆମ ଗାଁକୁ, କାରଣ ଗତଥରର ଘଟଣା ପରେ ଯେ ଅରଖା ଆମ ଗାଁକୁ ଫେରିବ ଏ ଧାରଣା ମୋର ନଥିଲା । ଅରଖା ଆମ ଗାଁକୁ ଆସିବା ଯିବା ଏଇଟା କିଛି ନୁଆ କଥା ନଥିଲା । ଗାଁର ପିଲାଠାରୁ ବୁଢ଼ା ସମସ୍ତେ ଅରଖାକୁ ଜାଣନ୍ତି । ଅରଖାର ପ୍ରକୃତ ନାଁ କିନ୍ତୁ ଅରଖା ନୁହେଁ । ତା' ନାଁ ଥିଲା ବିପ୍ର । ଆଉ ସାଙ୍କା କିଏ ଜାଣନ୍ତି ନାହିଁ । ବୟସ ପାଖାପାଖି ୩୨ ବର୍ଷ । ସେ ଉତ୍ତରାଶି

ସଂପ୍ରଦାୟର ଲୋକ । ଥରେ ସେ ତାର ସାଙ୍ଗ ତଥା ଭାଇକୁ ଖୋଜି ଖୋଜି ଆସି ଆମ ଗାଁ ତଥା ଅଞ୍ଚଳରେ ପହଞ୍ଚିଥିଲା । କାମ କରି ବଞ୍ଚିବାର ଇଚ୍ଛା ଅସ୍ପୃଶ୍ୟତାର ବେଡ଼ି ତା ଗୋଡ଼ରେ ବନ୍ଧା ହୋଇ ରହିଛି । ତା ଛଡ଼ା ତାକୁ ତା'ର ସଂପ୍ରଦାୟର କାମ ବ୍ୟତିରେକ କିଛି ବି ଜଣାନାହିଁ । ଏହାଙ୍କର ସଂପ୍ରଦାୟ ସାଧାରଣତଃ ଆନ୍ଧ୍ରପ୍ରଦେଶରେ ବହୁଳ ମାତ୍ରାରେ ଦେଖିବାକୁ ମିଳୁଥିଲେ ମଧ୍ୟ କିଛି ପରିବାର ଓଡ଼ିଶାରେ ରହି ଓଡ଼ିଆ ଭାଷା ଓ ଚାଲିଚଳନକୁ ଆପଣେଇ ନେଇଛନ୍ତି । ତେଣୁ ଅରଖାର କଥା ମଧ୍ୟ ଏକ ଅଲଗା ପ୍ରକାରର । ଗାଁର କୌଣସି ଧନୀକ ଶ୍ରେଣୀର ବ୍ୟକ୍ତି ବିଶେଷକୁ ଦେଖିବାମାତ୍ରେ ତାଙ୍କ ନାମ ଧରି ଅରଖା କହି ଚାଲିବ - ଓ ପିଣ୍ଟୁ ସରକାର, କୁଆଡ଼େ ଯାଇଥିଲ ନା କଣ ? ଓ ବସନ୍ତ ସାହୁକାର୍, ଖାଇବାକୁ ମୁଠେ ଦେଉନୋ, ଏମିତି କେତେ କଣ ।

ଅରଖା ଆଧୁନିକ ସଭ୍ୟ ସମାଜଠାରୁ ବହୁତ ଦୂରରେ, କାରଣ ଆଧୁନିକ ମଣିଷ ମାଂସ ପଲଉ, ବିରିୟାନୀରେ ମସଗୁଲ୍ ରହୁଥିବା ବେଳେ ଅରଖାକୁ କିନ୍ତୁ ଏ ସବୁ ଆଦୌ ପସନ୍ଦ ନଥାଏ, ତାର ପସନ୍ଦ ବାସି ପଖାଳ, ପିଆଜ, ଲେମ୍ବୁ, ଲଙ୍କା ସାଥିରେ ଚୁଇ ଚାରିଫଡ଼ା ଆମ୍ବୁଲ । ଆଉ ଯଦି କେହି ତାକୁ ଅକସ୍ମାତ୍ ମାଣ୍ଡିଆ ଜାଉ କିମ୍ବା ଶାଗ ଡାଲି ପରଶିଦିଏ, ତାର ଖୁସି କହିଲେ ନ ସରେ । ତାର ପ୍ରିୟ ଖାଦ୍ୟ ସବୁ ମନ ଭରି ଖାଇଦେଲା କ୍ଷଣି ତତ୍କ୍ଷାଣାତ୍ ଅଇଁଠା ବାସନ, ଓ ଖାଇବା ଜାଗାକୁ ଭଲଭାବରେ ଧୋଇ ସଫା କରିଦିଏ ସେ । କାରଣ ତାକୁ ଜଣାଥିଲା ସେ ଅସ୍ପୃଶ୍ୟ ସଂପ୍ରଦାୟର । ଆଧୁନିକ ମଣିଷର ସମାଜରେ ଯେ ଏବେ ବି ଅସ୍ପୃଶ୍ୟତା ଭରି ରହିଛି ସେ ଗନ୍ଧକୁ ସେ ସହଜରେ ବାରି ପାରୁଥିଲା ଏବଂ କେବେ ବି ତାର ବିଲୋପ ପାଇଁ ଜ୍ଞାତରେ ହେଉ କି ଅଜ୍ଞାତରେ ହେଉ ସେ ସବୁର ବିନାଶ ଚେଷ୍ଟା ସେ କରିନାହିଁ । ଅରଖା ଗାଁ ଦାଣ୍ଡରେ ଛୋଟ ପିଲାଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ଖୁସି

 Magazine Downloaded from www.aahwaan.com

ଯୋଗାଇବାରେ ଉସ୍ତାଦ । କାରଣ କୃଷ୍ଣ ବର୍ଣ୍ଣର ଶରୀର ସାଙ୍ଗକୁ ତାକଡ଼ା ବାହୁ ସହ ଢୋଲ ସଦୃଶ ପେଟ ତାର ଚେହେରାକୁ ରୋମାଞ୍ଚିକର କରି ଦେଇଥାଏ, ଆଉ ସେହି ଚେହେରା ଯଦି ଉତ୍ତରାଶି ସଂପ୍ରଦାୟର ପାରମ୍ପରିକ ନାଚ ସହ ଆଧୁନିକ ନାଚ କରେ ତା ହେଲେ ସେହିଦିନ ଅରଖା ହୋଇଥାଏ ସମସ୍ତଙ୍କର ପ୍ରିୟ । ଆଧୁନିକତା ତାକୁ କିମ୍ବା ତାଙ୍କ ସଂପ୍ରଦାୟକୁ ଆଦୌ ସ୍ପର୍ଶ କରିନାହିଁ କହିଲେ ଚଳେ... ନଚେତ୍ ଆଧୁନିକ ମଣିଷ ଘଡ଼ିକୁ ଘଡ଼ି ଭିନ୍ନ ପୋଷାକ ପିନ୍ଧୁଥିବା ବେଳେ ଆରଖାର ବସ୍ତ୍ର କହିଲେ କେବଳ ଲୁଙ୍ଗି ଆଉ ଚାଦର ସହ ବହୁ ପୁରୁଣା ସାର୍ଟଟିଏ, ଶେଯ ପାରି ଶୋଇବା ପାଇଁ ଗୋଟିଏ ଶାଲ୍ । ଖାଇବା ନିମିତ୍ତ ଗୋଟିଏ ବଡ଼ ଷ୍ଟିଲ୍ କଂସା ଓ ଗୋଟିଏ ବଡ଼ ଗିନା ସେଥିରେ ଭରି ଭରି ଦୁଇଥର ଦେଲେ ତାର ପେଟ ପୁରିଥାଏ ବୋଲି ଅରଖାକୁ ଖାଇବାକୁ ଦେଉଥିବା ଲୋକଙ୍କୁ ଆଗତୁରା ଜଣାଇ ଦିଏ । ଯଦି କେହି ତାକୁ ଆଡ଼ମ୍ବରପୂର୍ଣ୍ଣ ଖାଦ୍ୟ ଦିଏ ତ ସେ ସବୁକୁ ସେ ପ୍ରତ୍ୟାଖ୍ୟାନ୍ କରି ଦେଇଥିଲା ଯାହା ଫଳରେ ସେ ସେଠାରେ ଭର୍ତ୍ସିତ ବି ହେଉଥିଲା ।

ନିଦାଘ ଖରା ଅବା ହାଡ଼ଭଙ୍ଗା ଶୀତ କିମ୍ବା ମୁଷଳଧାରାରେ ବର୍ଷା ରାତି ହେଉ, ଅରଖାର ରାତି କଟେ ଗାଁର କୌଣସି ଉଚ୍ଚା ଘରର ବାରଣ୍ଡା କିମ୍ବା ଗାଁ କୋଠଘରର ବାରଣ୍ଡା । ସେଥିରେ ସେ ତାର ମୁଣ୍ଡ ଗୁଞ୍ଜିବାକୁ ବେଶ୍ ଆନନ୍ଦ ପାଏ ବୋଲି କହୁଥାଏ । ଗାଁରେ ବିବାହ ବ୍ରତ ଭୋଜି ହେଲେ ସମସ୍ତେ ଖୋଜନ୍ତି ଅରଖାକୁ କିନ୍ତୁ ଅରଖା ଚାଲିଯାଏ ଅନ୍ୟ ଏକ ଗାଁକୁ, ତାର ସେହି ପାରମ୍ପରିକ ଖାଦ୍ୟର ସନ୍ଧାନରେ, ପୁଣି ସଂଜ ହେଲେ ଫେରିଆସେ ତାର ବସାକୁ । ସଂଧ୍ୟାରେ ଲୋଅଙ୍କୁ ନାଚ ଦେଖାଇ ଖୁସି ସାଉଁଟିବାରେ ବେଶୀ ଆନନ୍ଦ ପାଏ ବୋଲି କାହାକୁ ନ କହିଲେ ବି ତାର ମୁଖମଣ୍ଡଳରୁ ସହଜରେ ଜଣା ପଡୁଥାଏ ।

ଏକଦା ଗାଁରେ ଲଗାତାର ଦଶଦିନ ଧରି ଭୋଜିଭାତ ହେବାରୁ ତାର ପାରମ୍ପରିକ

 Magazine Downloaded from www.aahwaan.com

ଖାଦ୍ୟ ମିଳିବା କଷ୍ଟଦାୟକ ହୋଇଗଲା ଯାହା ବାରଣ୍ଡାକୁ ଗଲା, ସେହି ଜାଉ ପଖାଳ ମାଗିବା କାରଣରୁ ଗାଳିଗୁଲଜ ହିଁ ତାକୁ ମିଳିଲା । ବାଧ୍ୟ ହୋଇ ସେ ଗାଁ ଲୋକଙ୍କ ଉପରେ ଅଭିମାନ କରି ଗାଁ ଛାଡ଼ିଥିଲା । ସେ ଯିବା ପରେ ପରେ ଲୋକେ ଛୋଟ ଶିଶୁଙ୍କୁ ଖୁଆଇବା ସମୟରେ ଏଇ ଦେଖରେ ବାପା ଅରଖା ଆସିବ, ଆଉ ତୋ ପାଇଁ ନାଟ କରିବ ତୁ ଦେଖିବୁ । କହିବା ମାତ୍ରେ ପିଲାମାନେ କଣ ବୁଝୁଥିଲେ କେଜାଣି କାନ୍ଦ ବନ୍ଦକରି ଚୁପ୍ ଚାପ୍ ଖାଇ ନେଉଥିଲା । ଆଧୁନିକ ମଣିଷ ତାର ମନର ଅଭିଳାଷ ପୂରଣ ପାଇଁ ବା ରିଷ୍ଟ ଖଣ୍ଡନର ପନ୍ଥା ସ୍ୱରୂପ ଉତ୍ତରାଗି ସଂପ୍ରଦାୟକୁ ଘରକୁ ଆଣି ଖାଦ୍ୟ ଖିଆଇ ନିଜର ବିଶ୍ୱାସକୁ ଦୃଢୀଭୂତ କରିଲା ବେଳେ ଅରଖାର ଆବଶ୍ୟକତାକୁ ଉପଲବ୍ଧ କରୁଥିଲା ଓ ଖୋଜୁଥିଲା । ଆଜି ବହୁଦିନପରେ ଅରଖା ଆସିଛି କିନ୍ତୁ କିଛି ବି ବଦଳିନି କି ଆଧୁକିନତା ଅରଖା କି ତାର ସଂପ୍ରଦାୟକୁ ବଦଳାଇ ପାରିନି । ତେଣୁ ତ ସମସ୍ତେ କୁହାକୁହି ହୁଅନ୍ତି, ଅରଖା ଏକ ଭିନ୍ନ ମଣିଷ ।

ଡଭାର, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୮୫୯୬୯୫୨୯୫୪

 Magazine Downloaded from www.aahwaan.com

ନିରୀହ ଝିଅଟିଏ

କାଲିଠାରୁ କିଛି ଭଲ ଲାଗୁନି ଲିଜାକୁ । ମନରେ ଅନେକ ପ୍ରଶ୍ନ । ଅନେକ ଅଜଣା ଭୟ । କଣ କରିବ କିଛି ବୁଦ୍ଧି ବାଟ ଦିଶୁନି । କାଲି ତପୁର ଫୋନ ଆସିଥିଲା ବୋଉଙ୍କ ଦେହ ଖରାପ । ଛାତିରେ କଣ ଯନ୍ତ୍ରଣା ହେଉଥିଲା । ସମସ୍ତ ବନ୍ଧୁ ବାନ୍ଧବ ଆସି ଚାଲିଗଲେଣି । ଯାହାବି ହେଉ ଜଲ୍‌ଦି ଘରକୁ ଯାଅ ।

ଲିଜାର ହଁ କହିବା ଛଡା କିଛି ଉପାୟ ନ ଥିଲା । ଲିଜାର ବାହାଘର ହେବା ଛ ମାସ ପୁରାହେଲା । ଛ ମାସ ପରେ ଘରକୁ ଆସିଛି ବୁଲିବାକୁ । ସତେ ଯେମିତି ବନ୍ଦୀଘରୁ ମୁକ୍ତିଲାଭ କରିଛି ନିରୀହ ପକ୍ଷୀଟି । ନିଜ ଭିଟା ମାଟି ଆଜି ସ୍ୱର୍ଗ ପରି ଲାଗୁଛି । ନିଜ ବାରି ଦାଣ୍ଡ ବିଲ ବଣ ସତେ ବିକଳ ହୋଇ ଅପେକ୍ଷା କରିଥିଲେ ତାର ଏଇ ଆଗମନକୁ । କାହାରିକୁ ଟିକେ ମନ ପୁରେଇ ଦେଖିପାରିନି । କଣ କରିବ ଆସିବା ଆଠ ଦିନ ହୋଇନି ପୁଣି ସେଇ ଅଜଣା ଜାଗାକୁ ଯିବାକୁହେବ ଯେଉଁଠି ସମସ୍ତେ ପର କିନ୍ତୁ ସମସ୍ତଙ୍କୁ ଆପଣାର କରିବାକୁ ପଡିବ । ଗୋଟି ଗୋଟି କରି ସବୁକଥା ଆଖିଆଗରେ ନାଚିଯାଉଛି ଲିଜାର ।

ସୀତାରାମ ଦାଶ

ଗରିବ ଘର ଝିଅ ହୋଇଥିବାରୁ କଣ ନ ଶୁଣିଛି । କଥା କଥାକେ ଟାହି ଟାପରା । ଶାଶୁ ବି ଟିକେ ଟିକେ କଥା ସ୍ୱାମୀଙ୍କ କାନରେ

ପକାନ୍ତି । ତପୁ ଇଚ୍ଛା ନଥାଇ ବି ବୋଉର ଖୁସି ପାଇଁ ଦୁଇ ଚାରି ପଦ ଶୁଣାଇ ଦିଅନ୍ତି ।ବିନା କାରଣରେ ଶାଶୁ କିଛି କହିଲେ ଚୁପ ରୁହନ୍ତି ତପୁ ସାହି ଭାଇ ଙ୍କ ଡରରେ ।ଲୋକେ କଣ କହିବେ ବାହା ହଉ ହଉ ମାକୁ ପର ସ୍ତ୍ରୀ ନିଜର ।ତପୁ ବେଳେ ବେଳେ ନିଜର ଅସମର୍ଥ କୁ ଲିଜା କାନରେ କୁହନ୍ତି ନିରୋଳାରେ ।ଏତିକିରେ ସବୁ ଦୁଃଖ ଦୁରେଇଯାଏ ଲିଜାର ।କିନ୍ତୁ ଯେତେବେଳେ ତପୁ ଚାଲିଗଲେ ନିଜ କର୍ମସ୍ଥାନ ସୁଦୂର ଡେରାଡୁନ କୁ ଲିଜାର ଦୁଃଖ ବହୁତ ବଢିଯାଇଥିଲା ।ଏମିତିକି ପାଖାପାଖି କୋଉ ପୁଅ ବାହାହେଲେ ବେସ କିଛି କଥା ଶୁଣାଇ ଦିଅନ୍ତି ଯୌତୁକ ବାବଦକୁ । ଅମକ ଘର ବୋହୁ କଣ ନ ଆଣିଛି ଘର ଦୁଆର ବୋଝେଇ ଜିନିଷରେ ।

ଖରାଦିନ ଦିନେ ନନା(ଶଶୁର)କହିଲେ ମା ଲିଜା ଘିମିରି ପାଉଡର ଟିକେ ଦେଲୁ ।ଲିଜା ପାଉଡର ଦେଉ ଦେଉ ଗର୍ଜି ଉଠିଲେ ଶାଶୁ "ବୁଢାକୁ ପୁରା ଟୋକା କରିଦେବ ଦେଖ ଶଶୁର ସରାଗ" ।ବିଚରା ଶଶୁର ବି ଚୁପ । ସେଦିନ ଉପାସ ଶୋଇଲା ଲିଜା ହେଲେ କାହାରି ମନରେ ଦୟା ଅଛି ନା ଦରଜ ।ଏମିତି ଉପାସ ରହିବାଟା କିଛି ନୂଆ ନୁହେଁ ।ଏସବୁ ଭାବୁ ଭାବୁ ଦିନ ଦଶଟା ହେଲାଣି ।ଲିଜାର ନା ଦାନ୍ତ ଘଷା ନା ଖାଇବା ପୁଣି ଯିବାକୁ ହେବ ସେଇ ନର୍କ ପୁରକୁ ଅବଶ୍ୟ ତପୁ ଥିଲେ କଥା ଅଲଗା ।ଯାହାବି ହେଉ ବାହାରିବାକୁ ପଡିବ ।

ଶାଶୁ ଘର ପଚାଶ କିଲୋମିଟର ପାଖାପାଖି ।ଘରେ ବୋଉ ଆଉ ନନା ଙ୍କ ମନ ଭାରି ଦୁଃଖ ।ଝିଅଟା ଏତେ ଦିନପରେ ଆସିଲା ଟିକେ ମନ ପୁରେଇ ଦେଖିନୁ ଚାଲିଯିବ ।ଏହା ଠାରୁ ଆହୁରି ଦୁଃଖ ଥିଲା ଶାଶୁ ଘରୁ କେହି ଆସିନାହାନ୍ତି ନୂଆ ବୋହୂଟା ମନକୁ ଯିବ । ସମସ୍ତ ଦୁଃଖ ଯନ୍ତ୍ରଣା କୁ ପଛରେ ପକାଇ ଲିଜା ବାହାରିଲା ଶାଶୁ ଘରକୁ । ଛାଡିବାକୁ ସାଙ୍ଗରେ ସାନ ଭାଇ ଆସିଲା ।ଶାଶୁ ଘର ଯେତେ ପାଖେଇ ଆସୁଥାଏ ମନର ଭୟ ବି ବଢି ଚାଲିଥାଏ

 Magazine Downloaded from www.aahwaan.com

ଲିଜାର ।

ଶେଷରେ ସମସ୍ତ ଭାବନାର ଅନ୍ତ ଘଟାଇ ଶାଶୁ ଘରେ ପାଦଦେଲା ଲିଜା ।ହେଲେ ଶାଶୁ ଟିକେ ବି ଖୁସି ଜଣାପଡୁନଥିଲେ । ଲିଜା ମୁଣ୍ଡିଆ ମାରିଲା ବେଳେ ଶାଶୁ ସେଇ ଚିରାଚରିତ ଢଙ୍ଗରେ କହିଲେ କଣ କାରଣ ଅଛି ବୋଲି ତୁ ଆସିଚୁନା ନହେଲେ ସମସ୍ତେ ଆସି ସରିବା ପରେ ତୁ ଆସିଲୁ ମୁଁ ଭଲ ହୋଇ ଗଲାରୁ । ଲିଜା ବହୁତ ଡରୁଥିଲେ ସାନ ଭାଇ କିଛି ନ ଜାଣୁ । ଏଠାର କଥା କିଛିବି କହେ ନାହିଁ ନିଜ ଘରେ ଲିଜା, ନନା ବୋଉ ମନ ଦୁଃଖ କରିବେ ବୋଲି । ହେଲେ ସବୁ ଶେଷ ହୋଇଗଲା ଆଜି । ଲିଜା ର ଭାରି ଇଚ୍ଛା ଥିଲା ସାନ ଭାଇଟା ଆଜି ରହୁ ତା ପାଖରେ ।ସମସ୍ତଙ୍କୁ ଛାଡି ଆସିଛି,ଆଜି ରାତିଟା ପାଈଁ ଭାଇଟା ରହିଯାଉ କିଛି ନହେଲେ ଗପି ଗପି ରାତିଟା କଟିଯିବ କିନ୍ତୁ କେହି କହିଲେନି ରହିବାପାଇଁ ।ଶେଷରେ ଭାଇ ବାହାରିଲା ଫେରିବା ପାଇଁ ।କେବଳ ମନ ବୁଝିବା କୁ ଲିଜା କହିଲା ପପୁ ରହୁନୁ ଆଜି । ପପୁ ବି ଜାଣିପାରିଥିଲା ନାନୀ ଶାଶୁର ମନ କଥା ।ଲିଜା ଶେଷରେ ପପୁ କାନରେ କାନ୍ଦି କାନ୍ଦି କହିଲା "ଘରେ ଏଠା କଥା କିଛି କହିବୁନି,ବୋଉ ଟା ଖାଲି କାନ୍ଧିବ" । ପପୁର ଧର୍ଯ୍ୟ ବୋଧେ ନଥିଲା ଅଧିକ କିଛି ଶୁଣିବାକୁ, ତର ତର ହୋଇ ଗାଡି ଷ୍ଟାଟ କରି ଚାଲିଗଲା ଲିଜାର ସାମ୍ନାରୁ । ସେଇଠି ବସି ପଡ଼ିବାକୁ ଇଚ୍ଛା ଥିଲା ଲିଜାର, ହେଲେ ଶାଶୁ ଘର ପରା ବାଧ୍ୟତାମୂଳକ ଆସିବାକୁ ପଡିଲା ଘର ଭିତରକୁ ।

ସନ୍ଧ୍ୟା ସମୟ । ଶାଶୁ ଦାଣ୍ଡ ବାରଣ୍ଡାରେ ବସି ପାନ ଖାଉଛନ୍ତି, ଆର ସାହି ମାଳ ମାଉସୀ ସେଇବାଟ ଦେଇ ଯାଉଥିଲେ । ଶାଶୁ ତାଙ୍କୁ ଜୋର କରି ବସାଇଲେ, ମାଳ ମାଉସୀ କହିଲେ ମିଠା ସବୁ ଏକା ଖାଇଲୁ ନା କଣ ବା । ଶାଶୁ କହିଲେ ବେଗ ଖଣ୍ଡେ ଧରି ଆସିଥିଲା କୋଉ ଭାର ଥୋର ଯେ ମୁଁ ତତେ ଦେଲିନାଇ କହୁ କହୁ ମୁହଁ ଟା ଛାଟି ଦେଲେ । ଲିଜା କିଛି

ଆଣି ନ ଥିଲା ତା ନୁହେଁ ଦେବାକୁ ଅନିଚ୍ଛା । ସବୁ ଜାଣିଲା ପରି ମାଳ ମାଉସୀ କହିଲେ ଏତେ ବଡ ଘରେ ବୋହୁ ଟା କୁ ଏକା ଏକା ଲାଗୁଥିବ । ତପୁ ତ ଘରେ ନାହିଁ ନୁଆ ମଣିଷ ତାକୁ କିଛି କହୁ ନ ଥିବୁ । କଥାଟା ଜମା ସହିପାରିଲେନି ଶାଶୁ ମା । ଟିକେ ଉଚା ଗଳାରେ କହିଲେ ଆଲୋ ମୁଁ କାଇଁ କଣ କହିବି ବା, ତାଙ୍କ ଘର ସିଏ ସମ୍ଭାଳିବେ, ମୋର ଯାଏ କେତେ ନା ଆସେ କେତେ,କେଇଟା ଦିନ ମୁଁ ବଞ୍ଚିବି । ମାଳ ମାଉସୀ ବୋଧେ କଥାଟା ଭଲ ଲାଗିଲାନି,ମୋର କେତେ କାମ ମୁଁ ଯାଉଛି କହି ଚାଲିଗଲେ । ମାଉସୀ ଙ୍କୁ ନ ଶୁଭିଲା ପରି ଶାଶୁ ମା କହିଲେ ଦେଖୁନ ପର ଘରେ ମାମତକାର, ଏଥିପାଇଁ ବୋହୁ ଠାରୁ ମାଡ଼ ଖାଉଛୁ । ମାଳ ମାଉସୀ ଓ ତା ବୋହୁ ଭିତରେ ଝଗଡା ହେବା ଗାଁରେ କେହି କେବେ ଶୁଣି ନାହାନ୍ତି । ଏହା ପରେ ରାଗ ତମ ତମ ହୋଇ ଶାଶୁ ମା ଘରକୁ ଗଲେ ।

ରାତିରେ କଣ ରାନ୍ଧିବ ପଚାରିବାରୁ ଶାଶୁ ମା କହିଲେ ତମେ ସବୁ ଆସିବ ବୋଲି ତପୁ ଫୋନ କରି କହିଥିଲା ।ମୁଁ ତମ ପାଇଁ ରାନ୍ଧିଥିଲି । ତମେ ତ ଅବେଳାରେ ଆସିଲ, ସବୁ ଅଛି କଣ ରାନ୍ଧିବୁ ।ନାନା ପାଇଁ ଖାଲି ରୁଟି ଚାରି ପଟ କରିଦେ ଆଉ ଦିନ ତରକାରୀ ଦେଇଦବୁ । ଆମେ ଶାଶୁ ବୋହୁ କଣ ଟିକେ ଖାଇଦେବା ।

କାହିଁକି କେଜାଣି ଅଟା ଦଳୁ ଦଳୁ କେଇ ଟୋପା ଲୁହ ବି ଝରିପଡ଼ିଲା ଅଜାଣତରେ ସେଇ ଅଟା ଚକଟାରେ ।ଲିପାର ମନକୁ ପାପ ଛୁଇଁଲା,କେମିତି ଏ ରୁଟି ଦେବ ନାନାଙ୍କୁ ଖାଇବାକୁ, ଉପାୟ ବି ନଥିଲା ।ଅଟା ଫୋପାଡିଲେ ରାମାୟଣ ହୋଇଯିବ । ରୁଟି କରିସାରିବା ପରେ ଲିଜା ଦେଖିଲା ଦିନ ତରକାରୀ ଦୁଇ ଜଣକୁ କମ ପଡିବ । କଣ ବା କରିବ ଘରେ ସବୁ ଥାଇ ବି ତାର ହାତ ବନ୍ଧା ।ମନ କଥା ମନରେ ରଖି ଶାଶୁ ଶଶୁରଙ୍କୁ ଖାଇବାକୁ ଦେଲା ।ଖାଉ ଖାଉ ଶଶୁର କହିଲେ ମା ରୋଷେଇ କିଛି କଲୁ ନି କି ରାତିରେ ।

ଶାଶୁ ଚୁପ ରହିଲେ । ଏମାନେ ଖାଇସାରିବା ପରେ ଲିଜା ବଳକା ଭାତ ନେଇ ଶୋଇବା ଘରକୁ ଗଲା ।

ଲିଜାର ତ ଭୋକ ନଥାଏ ।ଭାତ ଥାଳି ଖଟ ତଳେ ରଖିଦେଇ ଭୋ ଭୋ ହୋଇ କାନ୍ଦି ଉଠିଲା ।ହେଲେ କାନ୍ଦ ଶୁଣିବ କିଏ । ତାରି ଭିତରେ ଲିଜାର ପିଲାଦିନ ମନେ ପଡ଼ିଲା । ତାର ଠିକ ମନେ ଅଛି ପିଲାଦିନେ ଜେଜେ କାନ୍ଧରେ ବସେଇ ସ୍କୁଲ ନେବା କଥା ।ପୁଣି ସ୍କୁଲ ଛୁଟି ହେଲେ କାନ୍ଧରେ ବସେଇ ସ୍କୁଲ ରୁ ଆଣିବା କଥା ।ଗରିବ ଘର ହେଲେବି ଗୋଡ଼ରେ ଟିକେ ମାଟି ଲାଗେନି ।ଘରର ବଡ଼ ଝିଅ ହୋଇଥିବାରୁ ବହୁ ଗେଲ୍‌ହା ରେ ବଢିଥିଲା । ଘରେ କକା ଖୁଡି ଜେଜେ ଜେଜେମା ହୋଇ ସତର ଜଣ ମଣିଷ,ସମସ୍ତଙ୍କ ମୁହଁରେ ଲିଜା ଲିଜା ।ଛୋଟ ବେଳେ ନନା ହାଟରୁ ସବୁଦିନ ବରା ପକଡ଼ି ଆଣିବେ ଲିଜା ପାଇଁ ବୋଉର ଅନିଚ୍ଛା ସତ୍ତ୍ୱେ ।ମାଡ଼ ତ ଦୂରର କଥା କାହା ଟାଣ କଥା ବି ସହିପାରେନି ଲିଜା । ଟିକେ ଟିକେ କଥାରେ ନନା ଘରେ ପ୍ରଲୟ କରିଦିଅନ୍ତି ଲିଜା ପାଇଁ । ଟିକେ ବଡ଼ ହେବାରୁ ନନା ବୋଉ ଲାଗି ଜାଇଥିଲେ ଲିଜା ବାହାଘର ପାଇଁ ଆବଶ୍ୟକ ଜିନିଷ କିଣିବାରେ ।ଭାରି ବିରକ୍ତ ଲାଗେ ଲିଜା କୁ ଏ ସବୁ । ଗାଁ ଯାତ୍ରା ରୁ ସବୁ ବର୍ଷ ଖଣ୍ଡେ ଖଣ୍ଡେ ଜିନିଷ କିଣିବାରେ ଲାଗିଯାଇ ଥିଲେ ଘର ର ସମସ୍ତେ । ନନା ଯୌତୁକ ଟଙ୍କା ଯୋଗାଡ କରିବା ପାଇଁ କେତେ କୁଆଡେ ନ ଯାଇଛନ୍ତି । ଏବେ ବି ଅନେକ ଋଣ ଶୁଝିନି ।ପ୍ରାୟ ଦୁଇ ବର୍ଷ ଲାଗିବ ବୋଧେ । ଏମିତି କେତେ କଣ କଥା ଭାବିଚାଲିଛି ଲିଜା । ଏସବୁ ଭାବୁ ଭାବୁ କେତବେଳେ ଶୋଇପଡିଛି ନିଜେ ବି ଜାଣିନି ।

ହଟାତ କାହା ପାଟିରେ ଲିଜାର ନିଦ ଭାଙ୍ଗିଗଲା । ଦେଖୁ ଦେଖୁ ସାଢ଼େ ଛ ଟା ।ପୁରା ଅଗଣା ଖରାରେ ଚିକ ମିକ କରୁଛି ।ଘର ଦୁଆର ଓଳା ବାକି । କଣ କରିବ ଏତେ ଡେରି

ହେଲାଣି ଘର ଦୁଆର ଓଳାଇବ ନା ଆଗ ଗାଧୋଇବ ଭାବୁ ଭାବୁ ଲୁଗା ପଟା ନେଇ ଗାଧୋଇବ ପାଇଁ ଗଲା । ଶାଶୁ ବୋଧେ ସବୁ ଲକ୍ଷ୍ୟ କରୁଥିଲେ ଗୋପନରେ । ତର ତର ହୋଇ ଗାଧୋଇ ଫେରିଲା ବେଳକୁ ଶାଶୁ କହିଲେ ମୋ ପାଇଁ ଘର ଦୁଆର ପକେଇ ଗାଧୋଇବାକୁ ଚାଲିଗଲା,ରାତିରେ ଛ ଠା ନ ଭଜା କରିଥିଲା ତ ଅଣ୍ଟା ଭାଙ୍ଗି ପଡୁଥିବ । ଟିକେ ତର ତର ହୋଇ ଆସୁ ଆସୁ ପିଣ୍ଡା ରେ ଥିବା ଢାଳରେ ଗୋଡ଼ ବାଜିଗଲା ଲିଜାର । ଢାଳ ଟା ଦୁଆରକୁ ଗଡ଼ିଗଲା । ଶାଶୁ ମା ରାଗରେ କହିଲେ ଢାଳ କୁ କାଇଁ ମାରୁଛୁ, ମତେ ଦି ଗୋଇଠା ମାରୁନୁ ।ଲିଜା ଆଉ କିଛି ଶୁଣିବାର ଧର୍ଯ୍ୟ ନ ଥିଲା । ତା ଶୋଇବା ଘରେ ଯାଇ କବାଟ ଦେଇ ବସିଲା ।

କଣ ଅଛି ମୋ ସମସ୍ୟା ର ସମାଧାନ ।ମୋର କଣ କରିବା ଉଚିତ କଣ ନ କରିବା ଉଚିତ ଚିନ୍ତା କରୁଛି ଲିଜା ଖଟ ଉପରେ ବସି ।କୁଆଡେ ଚାଲିଯିବି ସବୁଦିନ ପାଇଁ କୋଉ ଅଜଣା ରାଇଜକୁ, ପର ମୁହୂର୍ତ୍ତରେ ତାର ମନେ ପଡ଼ିଲା ଖବରକାଗଜ ରେ ଆସୁଥିବା ଏବେର କୁଷ୍ଟିତ ଘଟଣା । ନାରୀ କିପରି ଲାଞ୍ଛିତ ହେଉଛି ଦିନ ଦିପହରରେ,ଫେରି ଆସିଲା ପୁଣି ଦୁଇପାଦ । ମୋପାଇଁ ବୋଧେ ଆତ୍ମହତ୍ୟା ସବୁଠୁ ଭଲ ହେବ,ଅତି ସହଜ ବି । ସବୁଦିନ ମରିବା ଅପେକ୍ଷା ଦିନେ ମରିଯିବା ବହୁତ ଭଲ । ଦିନ ରାତି କଷ୍ଟ କରିବା ଅପେକ୍ଷା କେଇ ମୁହୂର୍ତ୍ତ କଷ୍ଟ କରିନେଲେ କ୍ଷତି କଣ ।ବହୁତ ସହଜ ଥିଲା ଏ ନିଷ୍ପତ୍ତି ନେବାପାଇଁ ଲିଜାର । ଆଲଣା ରୁ ଖଣ୍ଡେ ଲୁଗା ନେଇଆସି ଖଟ ଉପରେ ଛିଡ଼ାହୋଇ ଛାତ ର ପଙ୍ଖାରେ ବାନ୍ଧିବା ପାଇଁ ଚେଷ୍ଟା କଲା ରୁ ପଙ୍ଖା କୁ ବି ହାତ ପାଇଲାନି । ଲିଜା ଟେବୁଲ ଟା କୁ ଟାଣି ଆଣି ଖଟ ଉପରେ ପକାଇ ଲୁଗାକୁ ପଙ୍ଖାରେ ବାନ୍ଧି ଦେଲା ନିଜର ସବୁ ବଳ ଖଟେଇ । ଆର ମୁଣ୍ଡଟିକୁ ଗୋଟେ ଫାଶ କରି ମୁଣ୍ଡରେ ଗଳେଇ ଦେଲା । ଜଣାବି ପଡ଼ିଲାଣି କେତେ

ସହଜରେ ଏସବୁ ହୋଇଗଲା ମୁହୂର୍ତ୍ତକ ମଧ୍ୟରେ । ଏବେ ଜୀବନ ଓ ମରଣ ଭିତରେ ଦୂରତା ମାତ୍ର ଗୋଟିଏ ମୁହୂର୍ତ୍ତ । ତାପରେ ସମ୍ପୂର୍ଣ୍ଣ ମୁକ୍ତି ଅକଥନୀୟ ଅତ୍ୟାଚାର ରୁ । ବୋଉ ମୁଁ ଯାଉଛି କହି ଗୋଡ଼ ଟେବୁଲ ଉପରୁ ଉଠାଇଲା ବେଳକୁ ସତେ ଯେମିତି କେହି ଜଣେ ଡାକୁଛି "ଲିଜା" । ଏ ତ ବୋଉର ଡାକ,ଚମକି ପଡିଲା ଲିଜା ।ଟେବୁଲ ଉପରୁ ଉଠିଯାଉଥିବା ପାଦଟିକୁ ସମ୍ଭାଳି ନେଲା ଲିଜା ।ଟିକେ ପ୍ରକୃତିସ୍ଥ ହୋଇ ଚାରି ଆଡକୁ ଲକ୍ଷ୍ୟ କଲା, ଟିକେ ଚମକି ପଡି ଭାବିଲା ବୋଧେ ବୋଉର ସେ ଡାକ ତା ପିଲାଦିନରୁ ଶୁଣି ଶୁଣି ଅଭ୍ୟାସ ରେ ପଡିଯାଇଛି । ଏ ଗୋଟେ ଭ୍ରମ । ପୁଣି ସେଇ ପୁରୁଣା କଥା ମନେପଡ଼ିଲା "ବୋଉ ଟା ଖାଲି କାନ୍ଦିବ" ନା ଏମିତି ବୋଉକୁ ଠକି ଯାଇ ପାରିବିନି । ନାନାଙ୍କ ଏତେ ଋଣ ର ପ୍ରତିଦାନ କଣ ଖାଲି ଲୁହ । ନିଜ ଅଜାଣତରେ ହାତ ଚାଲିଗଲା ବେକ ପାଖକୁ । ଲୁଗାର ଫାନ୍ଦ ଖୋଲି ତଳକୁ ଆସିଲା ଲିଜା । ଏକ ଅଜଣା ଭୟରେ ସାରା ଦେହ ଥରୁ ଥାଏ ଲିଜାର ।

ଅବଶ ଓ ଦୁର୍ବଳ ଶରୀର ନେଇ ଲିଜା ଠାକୁର ଘରକୁ ଗଲା ।ଠାକୁର ଘରେ ମହାଭାରତ ଓ ଭଗବାନ କୃଷ୍ଣଙ୍କୁ ନେଇ ଅନେକ ଫଟୋ ପୂଜା ହେଉଛି । ଲିଜା ର ସବୁ ଭରସା ତୁଟି ଯାଇଛି ଭଗବାନ ଙ୍କ ଉପରୁ ।କେବେ ମୁକ୍ତି ଦେବ ମତେ ଏ ଯନ୍ତ୍ରଣାରୁ । ମୁଁ ତ ଏକା, ଅର୍ଜୁନଙ୍କ ପାଖେ ସିନା କୃଷ୍ଣ ଥିଲେ ହେଲେ ମୋ ପାଖରେ କିଏ ଅଛି । ପୁଣି ଆଖିରେ ପଡ଼ିଲା କୃଷ୍ଣଚନ୍ଦ୍ର ଙ୍କ ବଂଶୀ ବାଦନ ର ଫୋଟୋ ଯମୁନା କୂଳରେ ।ସତେ ଯେପରି ହସୁଛନ୍ତି ଲିଜା କୁ ଦେଖି । କଣ ହେଲା କେଜାଣି ଲିଜା ଭାବିଲା କୃଷ୍ଣ ସିନା ପିତାମହ ଭୀଷ୍ମ, ମହା ପରାକ୍ରମୀ କର୍ଣ୍ଣ ପାଇଁ ସାହା ହୋଇଥିଲେ ଅର୍ଜୁନଙ୍କୁ । ମୁଁ କଣ ଏ ୬୦ ବର୍ଷ ବୁଢ଼ୀକୁ ରୋକି ପାରିବିନି । ନିଶ୍ଚିନ୍ତ ପାରିବି ।ମୋ ଜୀବନର କୁରୁକ୍ଷେତ୍ର ରେ ମୁଁ ରଥୀ ମୁଁ ହିଁ ସାରଥି । ଯେ ମତେ ଝିଅ ବୋଲି ଭାବୁନି ମୁଁ କାଇଁ ମା ବୋଲି ଭାବିବି । ବଉଳା ଗାଇ କୁ ସିନା ବାଘ ଛାଡ଼ି

ଦେଇଥିଲା ।ଏମାନେ ପଶୁ ଠୁ ବି ହୀନ ।ଗୋଟେ ଗୋଟେ କଂସେଇ । ଏମାନଙ୍କ ଆଗରେ ବନ ରାଜ ସିଂହ ହେବାକୁ ପଡ଼ିବ । ପ୍ରତିବାଦ କରିବାକୁ ପଡିବ ପ୍ରତିବାଦ ନା ପ୍ରତିବାଦ ନୁହେଁ ପ୍ରତିରୋଧ ।

ସହିବାର ସବୁ ସୀମା ଟପି ଗଲାପରେ ଜଣେ ନାରୀ ସବୁକିଛି କରିବାକୁ ସକ୍ଷମ ହୋଇଯାଇ ଥାଏ । ଲିଜା ର ଏବେ କାହାକୁ ଭୟ ଅଛି ନା କାହାକୁ ଲାଜ ।ବେଶ ଆରାମରେ ବାରି ପଟକୁ ଯାଇ ଧୋଇଧାଇ ହୋଇ ଚାରିପଟକୁ ଲକ୍ଷ୍ୟ କଲା ଲିଜା । କେତେ ସୁନ୍ଦର ବାହାର ଟା । ଜୀବନରେ ପ୍ରଥମ ଥର ଦେଖୁଛି ଶାଶୁ ଘରର ଚାରିପଟ ।ବାହାରେ କେବେ ମୁଣ୍ଡ ଟେକି ଦେଖିନଥିଲା ଏସବୁକୁ । କିଛି ସମୟ ବାରିପଟେ ବୁଲାବୁଲି କରି ଲିଜା ରୋଷେଇ ଘରକୁ ଆସି କଣ ଟିକେ ଜଳଖିଆ ତିଆରି କଲା । ବାହାନା କରି ଶାଶୁ ବି ଦୁଇ ତିନିଥର ଘର ବାହାର ହେଲେଣି କଣ କରୁଛି ଦେଖିବାକୁ ।ଲିଜା ଜଳଖିଆ କରିସାରି ଦୁଇ ଚାମଚ ଖାଇଛି କି ନାଇ ଶାଶୁ ମା ଗର୍ଜି ଉଠିଲେ,ଘରେ ସକାଳୁ ସମସ୍ତେ ଉପାସ ।ତୋରି ଏକା ପେଟ ପୋଡିଯାଉଛି, ବୋପା ରଖିଥିଲା ତ ଜବର ହୋଇ ଖାଇବୁ । ଦୁଇ ଦିନର ଭୋକ ଆଉ ଛ ମାସର ଦୁଃଖ ଏବେ ରାଗରେ ପରିଣତ ହୋଇଯାଇଥିଲା ଲିଜାର । ସ୍ଥାନ କାଳ ପାତ୍ର ଭୁଲି ଲିଜା କହିଲା,ମୁଁ ତମ ପୁଅ କି ତମ ସ୍ୱାମୀ ନୁହଁ । ତମେ ଏ ଘରର ଶାଶୁ ହେଲେ ମୁଁ ଏ ଘରର ବୋହୂ ।କିଛି କହୁନି ବୋଲି ଗୋଟେ ନାଟ ଲାଗେଇଛ ଆସିଲା ଦିନରୁ ।ପୁଅ ଟଙ୍କା ଟା ପଠେଇ ଦଉଛି ତ ଅଣ୍ଟା ଟାଣ ହୋଇଯାଉଛି ।ଏଠି ତମର ଗୋଟେ ଝିଅ କଣ ଏମିତି ବଢିକି ଯାଇଛି ତା ଶାଶୁ ଘର । ତମ ଘରେ ଝିଅ ମାନେ କଣ ବାପକୁ ଖାଇବା କୁ ପିଇବା କୁ ଦିଅନ୍ତି ନି । କହିବ କଣ ନା ବୁଢାକୁ ଟୋକା କରିଦେବ ।ଶିକ୍ଷା ଦୀକ୍ଷା ତ ନାହିଁ ।ବେସି ବାଗ ଦେଖେଇଲେ ମାମୁଁ ଘରକୁ(ଥାନା) ଯିବ ।ଛୁରୀ ଉପରେ ବିଧାଏ ଦେବା ଝିଅ ମୁଁ ।ତମର

ସବୁଦିନକୁ ମୋର ଦିନେ । ଶଶୁର ବି ଘରେ ଥାନ୍ତି ହେଲେ ସବୁଦିନ ପରି ନିରବ । ଲିଜା ର ପାଟି ସାହି ଶେଷ ମୁଣ୍ଡକୁ ବି ଶୁଭୁଥିଲା । ଶାଶୁ ଭୟରେ ଥରିଲେଣି ।ଲିଜା ଛ ମାସର ରାଗକୁ ଆଜି ସୁଝାଇ ଦେଲା । ଶାଶୁ ମା କିଛି ଆଉ ଲିଜାକୁ ନ କହି ସବୁ ରାଗ ଶଶୁର ଙ୍କ ଉପରେ ସାରିଲେ ।

ଲିଜା ଆଜି ବହୁତ ଖୁସି । ଜୀବନରେ ବହୁତ ବଡ଼ ବିଜୟ । ବିଶ୍ୱ କୁ ଜୟ କଲାପରେ ବିଶ୍ୱ ବିଜୟୀ ଆଲେକଜାଣ୍ଡାର ବି ଏତେ ଖୁସି ହୋଇନଥିବେ ।ରାତିରେ ରୋଷେଇ ସାରି ଶଶୁରଙ୍କୁ ଖାଇବାକୁ ଦେଇ ନିଜେ ଲିଜା ଖାଇ ଶୋଇବାକୁ ଗଲା ।ଶାଶୁ ଖାଇଲେକି ନାଇଁ କେହି ଜାଣି ନାହାନ୍ତି । ଲିଜା ର ଶୋଇବା ଘରୁ ମୋବାଇଲରୁ ଧୀରେ ଧୀରେ ଶୁଭୁଥିଲା ଗୋଟେ ଗୀତ । .. " ତମେ ଚକ୍ରରେ ବୁଲାଅ ସାରା ଜଗତ, ମହା ଭାରତ, ମହା ଭାରତ"

ସାନମୂଳାଇ

ଗୋବିନ୍ଦପୁର

କଟକ,୭୫୪୦୧୮

ଯୋଗାଯୋଗ ୮୪୬୯୨୩୭୧୭୨

 Magazine Downloaded from www.aahwaan.com

କବିତା ବିଭାଗ

 Magazine Downloaded from www.aahwaan.com

ମା ଆସୁଛନ୍ତି

ଶୀତଳ ଶରତେ

କାଶତଣ୍ଡି ଫୁଲେ

ମା' ଆସୁଛନ୍ତି ମାଡ଼ି

କରୁଣାମୟୀ ସେ

ଦୁଃଖର ହାରିଣୀ

ସଂସାରୁ ଦୁଃଖ ଦେବେ ତଡ଼ି ।

ଭକତ ତୁମକୁ

ଚାହିଁ ରହିଛନ୍ତି

କେତେ ଆଶା ମନେ ଧରି

ଧୂପ, ଦୀପ ଜାଳି

ଗୁହାରୀ ଜଣାନ୍ତି

ଦୂର୍ଗତି ନାଶିବ ସବୁରୀ ।

ଧିରେନ୍ ବାଗ୍

ବରଷକୁ ଆସ

ଏ ଧରାଧାମକୁ

 Magazine Downloaded from www.aahwaan.com

ଦେଇ ଦର୍ଶନ

ପୁଣି ବାହୁଡ଼

ଆର ସନକୁ ।

ଏ ଧରାଧାମେ

ବିଜେ କରିଛ

କେତେ ଯେ ରୂପ ଧରି

ତୁମେ ହିଁ ସତ୍ୟ

ତୁମେ ହିଁ ସ୍ରଷ୍ଟା

ଆମ ପଥର ମଙ୍ଗଧାରୀ ।

କରୁଛି ମିନତୀ

ହେ ଜଗତଜନନୀ

ଆସ ବିଶ୍ୱରକ୍ଷା ପାଇଁ

ଯେତେ ଅଛି କଷ୍ଟ

ଯେତେ ଅଛି ଦୁଃଖ

ନିଅ ପଣତେ ପୁରାଇ ।

ମୟୁରଭଞ୍ଜ, ଓଡ଼ିଶା

 Magazine Downloaded from www.aahwaan.com

ନବରାତ୍ରୀ

ବ୍ରହ୍ମାଣ୍ଡର କର୍ତ୍ତ୍ରୀ ଦେବୀ ସିଦ୍ଧିଦାତ୍ରୀ ଭକତଙ୍କ ପ୍ରିୟପାତ୍ରୀ
ଶରତର କାଳେ ଧରଣୀ ବକ୍ଷରେ ଉଭାହୋନ୍ତି ଜଗଧାତ୍ରୀ ।।
ଆଶ୍ୱିନ ମାସର ମହାଳୟା ଠାରୁ ପୂର୍ଣ୍ଣିମାର ତିଥି ଯାଏଁ
ଷୋହଳ ଦିନରେ ଷୋଳ ଉପଚାରେ ମାତା ନିତି ପୂଜାପାଏ ।।
ପ୍ରତିପଦା ଠାରୁ ନବମୀର ଯାଏଁ ନଅ ରୂପ ମାତାଙ୍କର
ନବରାତ୍ରୀ ନାମେ ଖ୍ୟାତି ଏ ଜଗତେ ନଅଗୋଟି ଅବତାର ।।
ପ୍ରତିପଦା ଦିନେ ଶୈଳପୁତ୍ରୀ ନାମେ ହସ୍ତେ ଖଡ୍ଗ ମୁଦ୍ଗର
ସେଇ ଦରଶନ କଲେ ଭକ୍ତଜନ ପାପୁ ପାଆନ୍ତି ନିସ୍ତାର ।।
କମଣ୍ଡଳୁ ଟିକୁ ବାମହସ୍ତେ ଧରି ଡାହାଣେ ରୁଦ୍ରାକ୍ଷ ମାଳା
ଦ୍ୱିତୀୟା ତିଥିରେ ବ୍ରହ୍ମଚାରିଣୀ'ସେ କରିଥାଏ ଲୀଳାଖେଳା ।।
ତୃତୀୟ ଦିବସେ ଚନ୍ଦ୍ରଘଣ୍ଟା ବେଶେ ଭକ୍ତଙ୍କୁ ଦିଏ ଦର୍ଶନ
ଘଣ୍ଟ ଘୋଡାଇକି ଭକତଙ୍କୁ ରଖି କୃପା କରଇ ବହନ ।।
ଲଲାଟରେ ତାର ଅର୍ଦ୍ଧଚନ୍ଦ୍ର ଶୋଭା ଚନ୍ଦ୍ରଘଣ୍ଟା ନାମେ ଖ୍ୟାତ
ଦଶହସ୍ତେ ଦଶଅସ୍ତ୍ର ବିରାଜିତ ଶତ୍ରୁମନେ ଜାଗେ ଭୀତ ।।
ଚତୁର୍ଥୀ ତିଥିରେ କୁଷ୍ମାଣ୍ଡା ନାମରେ ଅଷ୍ଟଭୂଜେ ଆବିର୍ଭାବ
ଅମୃତ କଳସ,କମଣ୍ଡଳୁ,ଧନୁ,କମଳ,ତୀର ଆୟୁଦ୍ଧ ।।
ପଞ୍ଚମ ଦିବସେ ସ୍କନ୍ଦମାତା ବେଶେ ପଞ୍ଚମୀ ତିଥିର ଦିନ

ସନ୍ତୋଷ ପଟ୍ଟନାୟକ

 Magazine Downloaded from www.aahwaan.com

କୋଳେ ପୁତ୍ରଧରି ଜଗତ ଆବୋରି ଧରାପୃଷ୍ଠେ ଆଗମନ ।।

ଋଷି କାତ୍ୟାୟନ ପ୍ରଥମ କରିଣ ପୂଜିଥିଲେ ଭଗବତୀ

ସେହିଦିନୁ ମାତା କାତ୍ୟାୟନୀ ନାମେ ଜଗତେ ଲଭିଲେ ଖ୍ୟାତି ।।

ଷଷ୍ଠୀତିଥି ଦିନ କାତ୍ୟାୟନୀ ବେଶ ଧରିଥାଏ ମାଆ ମୋର

ତାରପାଶେ ମତି ଥିଲେ ସଦାଭକ୍ତି ସଂସାରୁ ହୋଇବା ପାର ।।

ନବ ରାତ୍ରିର'ସେ ସପ୍ତମ ଦିବସେ କାଳରାତ୍ରୀ ବେଶ ତାର

ଅତି ଭୟଙ୍କରୀ ଅସୁର ସଂହାରୀ କାଳରୂପୀ ଅବତାର ।।

କଠୋର ତପସ୍ୟା କରି ଥରେ ମାତା ତନୁ ପଡିଥିଲା କଳା

ଗଙ୍ଗା ଜଳେ ସ୍ନାନ କରାଅନ୍ତେ ଶିବ ଗୌରବର୍ଣ୍ଣ ତନୁହେଲା ।।

ସେହିରୂପେ ମୁଗ୍ଧ ହେଲେ ସଦାଶିବ ନାମଦେଲେ ମହାଗୌରୀ

ସେହିକାଳୁ ନାମ ମହାଗୌରୀ ହେଲା ଅଷ୍ଟମୀ ବେଶ ତୋହରି ।।

ନବରାତ୍ରୀର ନବମ ଦିବସରେ ନବମୀ ତିଥିର ଦିନ

ଜଗତ ଜନନୀ ସିଦ୍ଧିଦାତ୍ରୀ ମାତା କରିଥାଉ ଆଗମନ ।।

ଜୟ ସିଦ୍ଧିଦାତ୍ରୀ ସିଦ୍ଧି ପ୍ରଦାୟିନୀ ପଦ୍ମାସନେ ଦେବୀ ସ୍ଥିତା

ହସ୍ତେ ତୋର ଶଙ୍ଖ,ଚକ୍ର, ଗଦା,ପଦ୍ମ ଜଗତ ପାଳୁଛୁ ମାତା ।।

ଏହି ପ୍ରକାରରେ ନବ ଦିନାତ୍ମକ ନଅଦିନ ନଅବେଶ

ଜଗତ ଜନନୀ ଜଗତ ମଙ୍ଗଳେ ଦେଉଥାନ୍ତି ମା' ଆଶିଷ ।।

ତୋହରି ମହିମା ଗାଉ ଥାଉ ମନ ଜୟ ମା'ମହିଷାମର୍ଦ୍ଦିନୀ

ସ୍ନେହ,ପ୍ରେମ,ଭାବ ଭରି ଦିଅ ହୃଦେ ହେ ମା'ସିଂହବାହିନୀ ।।

 Magazine Downloaded from www.aahwaan.com

ମହିଷାମର୍ଦ୍ଦିନୀ

ଆଶ୍ୱିନ ମାସର ଅୟମାରମ୍ଭରେ

ଆସ ଗୋ ମା ମହାମାୟୀ

ସୁଜଳା ସୁଫଳା ହୋଇଯାଏ ଧରା

ତୁମ ଆଗମନ ପାଇଁ ।

ଆସ ଯେବେ ତୁମେ ଗଜ

ବାହାନ କି ଦୋଳା ବାହାନରେ ଚଢି

ଫଳ, ପୁଷ୍ପ ସବୁଜିମାରେ ଭରିଯାଏ ଧରା

ଲାଗେ ସତେ କି ଏକ ରଙ୍ଗବେରଙ୍ଗ ର ଶାଢୀ ।

ଦୀପକ ଷଡଙ୍ଗୀ

ନବରାତ୍ରର ଜାଗରଣ କରି

ଭକତ ନିଜର ସୁଖକୁ ମନାସୁ ଥାଏ

ଅଭୟଦାୟିନୀ କଷ୍ଟନିବାରିଣୀ ବୋଲି

ପରା ଜଗତ ତୁମକୁ ବୋଲାଉ ଥାଏ ।

ଧରାପୃଷ୍ଠରେ ଦୁଷ୍ଟ ଦାନବର ବଢିଥାଏ

ଯେବେ ଯେବେ କ୍ରୁରତାର ଅତ୍ୟାଚାର

ସଂହାର କରିବା ପାଇଁ ନେଇଥାଅ

ତୁମେ ଦଶଭୂଜା ଦୁର୍ଗାର ଅବତାର ।

ଧର୍ମ କୁ ଢାଲ କରି ଏ ସଂସାରେ

ବାହାରିଲେଣି ଶହ ଶହ ମହିଷାସୁର

ମହିଷାମର୍ଦ୍ଦିନୀ ହୋଇ ସଂହାର କର

'ମା' ଶାନ୍ତ ହେଉ ଆମ ବିଶ୍ୱପୁର ।

ଅଧ୍ୟାପକ, ରୋଲାଣ୍ଟ ଫାର୍ମାସୀ କଲେଜ

ଖୋଡାସିଙ୍ଗି, ବ୍ରହ୍ମପୁର – ୧୦

 Magazine Downloaded from www.aahwaan.com

ଆସ ତୁମେ ମା

ଶରତ ସକାଳ ତୁମ ଅପେକ୍ଷାରେ
ନିର୍ମଳ ଆକାଶ ରହିଛି ଚାହିଁ,
ଗଙ୍ଗଶିଉଳୀର ମଧୁର ବାସନା
ଭାସି ଆସିଲାଣି ପବନେ ଛୁଇଁ ।

କାଶତଣ୍ଡି ହସେ ମଥା ଦୋହଲାଇ
ଚାମର ବିଞ୍ଚୁଚି ତୁମରି ପାଇଁ,
ମୁରୁକି ମୁରୁକି ଲତାର ଫାଙ୍କରେ
ହସୁଚି ମାଳତୀ ତୁମକୁ ଚାହିଁ ।

ଲତାର ଫାଙ୍କରୁ ନୀଳ ଓଢଣୀକୁ
ଅପରାଜିତାଟି ଟେକି ଦେଖୁଛି,
ଶରତ ସନ୍ଧ୍ୟାରେ ନୀଳ କଇଁଫୁଲ
ତୁମ ଅପେକ୍ଷାରେ ଚାହିଁ ବସିଛି ।

ମନୋରଞ୍ଜନ ମୁଦୁଲି

ପାର୍ବଣ ମୁଖର ଗାଁରୁ ସହର
ଢାକ ମହୁରୀରେ କମ୍ପି ଉଠୁଚି,
ଆସ ମାଆ ତୁମେ ଶକ୍ତି ସ୍ୱରୂପିଣୀ
ସ୍ୱାଗତ ତୁମକୁ ବିଶ୍ୱଜନ କରୁଚି ।

 Magazine Downloaded from www.aahwaan.com

ଜଗତଜନନୀ

ହେ ମା' ଆଦିଶକ୍ତି, ହେ ମା' ଜଗତଜନନୀ
ସନ୍ତାନବତ୍ସଳା ମା' ଦୁର୍ଗା, ମଙ୍ଗଳା, ତାରିଣୀ
ଆପଣଙ୍କର ସହସ୍ର ସହସ୍ର ନାମ କିନ୍ତୁ
ମୁଁ ଆପଣଙ୍କୁ କେଉଁ ରୂପରେ ପୂଜି ବି ମା' !

ହେ ମା' ଆଦିଶକ୍ତି, ହେ ମା' ଜଗତଜନନୀ
ମୁଁ ଆପଣଙ୍କୁ କେଉଁ ରୂପରେ ପୂଜିବି ?
ଜଗତଜନନୀ ସ୍ନେହମୟୀ ସନ୍ତାନବତ୍ସଳା ମାଁ ଦୁର୍ଗା
ନା ସେ ବିଭୀଷିକା ମହିଷାସୁରମର୍ଦ୍ଦିନୀ ରୂପରେ ।

ହେ ମା' ଆଦିଶକ୍ତି, ହେ ମା' ଜଗତଜନନୀ
ମୁଁ ଆପଣଙ୍କୁ କିପରି ରୂପରେ ପୂଜିବି
ଆପଣଙ୍କୁ ଭକ୍ତିର ସହିତ ପୂଜା କରିବି ନା
ଆପଣଙ୍କ ଅତି ଆଦରର ସନ୍ତାନଙ୍କ ସେବା କରିବି

ସନମ ଦେବୀ

ହେ ମା' ଆଦିଶକ୍ତି, ହେ ମା' ଜଗତଜନନୀ
ତୁମେ ଏ ସୃଷ୍ଟିର ସ୍ରଷ୍ଟା କର୍ତ୍ତା କିନ୍ତୁ
ମୁଁ ଏ ସୃଷ୍ଟିର ଏକ ଛାର ଜୀବ
ତେଣୁ ଆପଣ ମୋର ସାଦର ପ୍ରଣାମ ଗ୍ରହଣ କରନ୍ତୁ ।

 Magazine Downloaded from www.aahwaan.com

ହେ ମା' ଦୁର୍ଗା

ଆମେ ଜାଣୁ, ତୁ ଚାହୁଁନା ରୁଧିର
ହେଲେ କହ ଥରେ....
ଏଇ ରକ୍ତର ନଦୀ
ତୋ ନା' ରେ ବହୁଛି କଣ ପାଇଁ ?
ଚାଲିଯାଏ କେତେ ନିରୀହ ପ୍ରାଣ
ତୋ ଆଗେ ବଳି ର ନାମ ନେଇ....

ମାଆ ଗୋ ଥରେ ବୁଝେଇ ଦେ ..
ଏଇ ଅଜ୍ଞୋଧ ଶିଶୁଙ୍କୁ,
ସେମାନେ ବି ତୋ ସନ୍ତାନ କହି ।

ଧରା ପୃଷ୍ଠେ ତୁ ସର୍ବେ ବିରାଜିତ
ନେଇ ଭିନ୍ନ ନାମ ଭିନ୍ନ ରୂପ,
ଡରେ ନାହିଁ କିମ୍ବା ଦୁଷ୍ଟ ଅପରାଧୀ
କରିଚାଲେ ଦୁଷ୍କର୍ମ, ଅନ୍ୟାୟ, ପାପ ..

ସ୍ୱାଗତିକା ତୁଳ

ଥରେ ଖାଲି ଓହ୍ଲାଇ ଆ'
ଏଇ ଧରା ପୃଷ୍ଠେ ,
ନାଶିବାକୁ "କଳି"ର ଅସୁର ...
ଉଶ୍ୱାସ କର୍ ମା' ଏ ଭାର ମେଦିନୀର ।

 Magazine Downloaded from www.aahwaan.com

ଅପେକ୍ଷାରତ ଆମେ
ତୋ ପୁତ୍ର କନ୍ୟା ଗଣ ,
ବିନା ଦ୍ୱିଧାରେ
ସମର୍ପି ଦେବୁ ସବୁକିଛି
କେବଳ ପାଇବାକୁ
ଟିକିଏ ତୋ ଆଶିଷ ମାତ୍ର ।

ଅଜାଡି ଦେ' ମାଆ
ତୋ କାଣିଚାଏ କରୁଣା,
ଘୋଡାଇ ଦେ' ତୋ ଅଭୟ ପଣତ
ଧରଣୀ ବୁକୁରେ ,
ନ ପଡୁ ଅନ୍ୟାୟ, ଅନୀତିର ଛାଇ
ଭରିଯାଉ ଏଠି ଭକ୍ତି,ପ୍ରେମ, ପ୍ରୀତି ।

ନ ରହୁ ପାପ, ନ ରହୁ ପାପୀ,
ବିରାଜୁ ମାଆ ଏଠି ଶାନ୍ତି ଆଉ ମୈତ୍ରୀ ।

ନାରାୟଣପାଟଣା, କୋରାପୁଟ

 Magazine Downloaded from www.aahwaan.com

ମାଁ ଦୁର୍ଗାଙ୍କ ନବରୂପ

ଶରତ ସମ୍ଭାରେ ଶୃଙ୍ଗାର କରି,
ନବଦିନେ ନବରୂପ ନେଇ,
ଆସିଛ ମା ଏ ଧରା ପ୍ରାଙ୍ଗଣେ
ନାଶିବାକୁ ପୁଣିଥରେ, ମହିଷା, ରାବଣରୂପୀ ଅରି ।

ନବରାତ୍ରୀର ପ୍ରଥମ ଦିବସେ
ଆବିର୍ଭୂତା ମା 'ଶୈଳପୁତ୍ରୀ'
ଶକ୍ତିରୂପିଣୀ ମା ଜଗଜ୍ଜନନୀ,
ଶକ୍ତି ପରାକାଷ୍ଠା ଦେଖାଇ
ଧ୍ୱଂସି ଅନ୍ୟାୟ, ଦୂର୍ନୀତି, ମା ଶକ୍ତିରୂପିଣୀ ।

ଦ୍ୱିତୀୟ ଦିବସେ ମାତ 'ବ୍ରହ୍ମଚାରିଣୀ'
ତପସ୍ୱିନୀ ବେଶେ ଉଭା ହୋଇ
ଶାନ୍ତି, ମୈତ୍ରୀର ଜୈତ୍ର ଉଡ଼ାଇ
କ୍ଷମାରୂପିଣୀ ହେ ମା ପାର୍ବତୀ
ଶାନ୍ତି, ଦୟା କ୍ଷମା ଦିଅ ଗୋ ଅଜାଡ଼ି ।

କଲ୍ୟାଣୀ ନନ୍ଦ

'ଚନ୍ଦ୍ରଘଣ୍ଟା' ବେଶେ ଯେବେ ଆସ ଅବତରି
କରାଳ ରୂପଧାରିଣୀ
ଅଗ୍ନିସମ ଲାଲିମାକୁ ନେଇ

 Magazine Downloaded from www.aahwaan.com

ଆସ ମାତ, ଦିଅ ଧ୍ୱଂସକରି
ଈର୍ଷ୍ୟା ଦ୍ୱେଷ ଯେତେ ଆମରି
ଧ୍ୱଂସକାରିଣୀ ମା, ଆସ ଅବତରି ।

ଚତୁର୍ଥ ଦିନରେ ସମସ୍ତ ଉର୍ଜାକୁ ନେଇ
ଯେବେ ଆସ ମା 'ଅଷ୍ଟଭୂଜା' ସ୍ମିତହାସ୍ୟ ନେଇ
ସଂସାର ମୁଗ୍ଧ ହୁଏ, ସେ ଶାଶ୍ୱତ ରୂପକୁ ଦେଖି
ମାଁ ଦୁର୍ଗତିନାଶିନୀ, ଦିଗ୍ ବିଜୟିନୀ ।

କାର୍ତ୍ତିକଙ୍କ ମାତ ମାଁ 'ସ୍କନ୍ଦମାତା'
ଯେବେ ଆସ ପଦ୍ମାସନେ ବସି
ସେ ସ୍ନିଗ୍ଧ, ଶାନ୍ତ ରୂପ ବହନ କରି
ଯେବେ ତୁମେ ଆସ ମାତ୍ରୀ ରୂପଧରି
ବ୍ୟାକୁଳେ ଚାହିଁଥାଏ ସନ୍ତାନ ତୁମରି ।

ଧର୍ମ ସ୍ଥାପନା ପାଇଁ ଆସ ମାଁ 'କାତ୍ୟାୟନୀ'
ମହର୍ଷି କାତ୍ୟାଙ୍କ ଦୁହିତା ସତ୍ୟରୂପିଣୀ
ଅନ୍ୟାୟ, ଅନୀତି ଅନ୍ଧାର ଦୂର କରି
ନୂତନ ଆଲୋକେ ଏ ଧରା ଯାଉ ଯେ ଭରି
ମାଁ କାତ୍ୟାୟନୀ, ନ୍ୟାୟରୂପିଣୀ ।

ଅଜ୍ଞାନ ତମସ କରି ଦୂର, ମାଁ 'କାଳରାତ୍ରୀ'
ଶୁଭଙ୍କରୀ ମାତ ଦିଅ ଜ୍ଞାନ ପରଶି

 Magazine Downloaded from www.aahwaan.com

ଏ ମୁଢ଼ ମାନବେ ଦିଅ ଜ୍ଞାନର ଦ୍ୟୁତି
ମାଁ ଶୁଭରଙ୍କିଣୀ, ସୁଖଦାୟିନୀ
ମାତ ଜ୍ଞାନ ପ୍ରଦାୟିନୀ ।

'ମହାଗୌରୀ' ବେଶ ଧାରଣ କରି
ଆସ ମାଁ ତପ ଚାରିଣୀ
ତପବଳେ ଶିବଙ୍କୁ ଲଭିଲ, ମାଁ ପାର୍ବତୀ
ତୁମ ଆଶିଷର ଧାରା ପଡୁ ଯେ ଝରି
ଦୁଃଖନାଶିନୀ, ଉଜ୍ଜ୍ୱଳମୟୀ, ମାଁ ମହାଗୌରୀ ।

ଦେବ ଯକ୍ଷଗଣ, ସାଧୁଜନଙ୍କ ଗୁହାରୀ ଶୁଣି
'ସିଦ୍ଧିଦାତ୍ରୀ' ରୂପେ ଅବତାର ନେଇ
ଧର୍ମ, ସତ୍ୟପାଇଁ ଦୁଷ୍ଟଙ୍କୁ ସଂହାରି
ଆସ ମାଁ ସିଦ୍ଧି ପ୍ରଦାୟିନୀ
ମହିଷା ମର୍ଦ୍ଦିନୀ, ମାଁ ସିଂହବାହିନୀ ।

ବୁଢ଼ାରଜା, ସମ୍ବଲପୁର, ଓଡ଼ିଶା

 Magazine Downloaded from www.aahwaan.com

ଦଶହରା

ଅଭାବ ଇସ୍ତାହାର ଭିତରେ

ଶ୍ୱାସରୁଦ୍ଧ ପାଲଟେ ସମ୍ପର୍କ ,

ଅଭିମାନରେ ନିଥର ଲାଗେ

ଆପଣାପଣ ,

ଅପାରଗ ବନିଯାଏ

କିଛି ମଣିଷ

ବାକି ରଖିଦେଇ

ଅଙ୍ଗୀକାର ।

ଆଗମନୀ ଆଗମନରେ

ରଙ୍ଗ ବଦଳେ ଋତୁର

ଖୋଲି ଦେଇ ଆନନ୍ଦର ସୀମା

କିନ୍ତୁ ଆବଦ୍ଧ ପରିସ୍ଥିତି

ବଦଳି ବାର ସାହସ ସଂଚୁ ଥାଏ

ବ୍ଲାକହୋଲ ଭିତରେ ।

ବରୁଣ କୁମାର ଦାସ

ପାଳୁସିଆ ,ଦେହୁର୍ଦ୍ଦା, ବାଲେଶ୍ୱର ।

 Magazine Downloaded from www.aahwaan.com

ନବଦୁର୍ଗା

ବୃଷଭବାହିନୀ ମା ଭୂବନମୋହିନୀ
ଶୈଳପୁତ୍ରୀ ଆସ ମା ହିମାଳୟନନ୍ଦିନୀ...□
ଶ୍ୱେତ ବସନେ ମାଆ ହେ ବ୍ରହ୍ମଚାରିଣୀ,
କମଣ୍ଡଳ ଧରି ଆସ ଭୂବନମୋହିନୀ...□
ଅର୍ଦ୍ଧଚନ୍ଦ୍ର ଶୋଭେ ମାଆ ଅପୂର୍ବ ଚାହାଣୀ
ଚନ୍ଦ୍ରଘଣ୍ଟା ନାମ ତୁମ ହେ ବରଦାୟିନୀ...□
ଜପମାଳି ମାଳା ହସ୍ତେ ମା ସାର୍ଦ୍ଦୂଳବାହିନୀ,
କୁଷ୍ମାଣ୍ଡା ନାମେ ଆସ ଦୂର୍ଗତୀନାସିନୀ...।
କାର୍ତ୍ତିକେୟ ହସ୍ତେ ଧରି ହେ ସିଂହବାହିନୀ,
ସ୍କନ୍ଦମାତା ପଦ୍ମହସ୍ତା ମାଆ ସ୍ନେହଦାୟିନୀ...□
କାତ୍ୟାୟନୀ ଚତୁର୍ଭୁଜା ଖଡ୍ଗ ପୁଷ୍ପଧାରିଣୀ
ଦୁର୍ଗତିନାସିନୀ ମାଆ ଅଭୟଦାୟିନୀ...□
କାଳରାତ୍ରୀ ମହାକାଳ ଗଧର୍ଭବାହିନୀ,
ଖର୍ପର ହସ୍ତେ ମାଆ ମସ୍ତକଧାରିଣୀ...□
ବୃଷ ପୃଷ୍ଠେ ମହାଗୌରୀ ତ୍ରିଶୂଳଧାରିଣୀ,
ଅଭୟଦାୟିନୀ ମାଆ ତୁ ହି ତ ଶିବାନୀ....□
ସିଦ୍ଧିଦାତ୍ରୀ ପଦ୍ମପୃଷ୍ଠେ ଶଂଖ ଚକ୍ରଧାରିଣୀ
ଗଦା ହସ୍ତେ ପଦ୍ମ ଶୋଭେ ହେ ବିଶ୍ୱମୋହିନୀ...□
ଦଶଭୂଜା ବ୍ରହ୍ମ ତେଜା ମହିଷାମର୍ଦ୍ଦିନୀ
ତୁମେ ମାଆ ଶକ୍ତିରୂପା ଜଗତଜନନୀ....□

ମନୋରଞ୍ଜନ ମୁଦୁଲି

 Magazine Downloaded from www.aahwaan.com

ଦଶଭୁଜା ରକ୍ଷାକର

ବିପଦ ବେଳରେ, ସଂକଟ କାଳରେ,
ମା ଆସିଥିଲୁ ତୁ ଏ ଧରାକୁ ।
ଅଧର୍ମ ହଟାଇ, ଧର୍ମକୁ ଜିତାଇ,
ମାରିଥିଲୁ ତୁ ମହିଷାସୁରକୁ ।।

ଆସ ଆଉଥରେ, ପୁଣି ଏ ସଂସାରେ,
ହାତରେ ଧରିତୁ ତ୍ରିଶୁଳ ।
ନାହିଁ ଆଉ ରକ୍ଷା, ନାରୀର ସୁରକ୍ଷା,
ଅସୁର ହେଲେଣି ପ୍ରବଳ ।।

ତୁଷାରକାନ୍ତ ପ୍ରସାଦ

ଭୁଲି ନିଜ ଧର୍ମ, କରନ୍ତି କୁକର୍ମ,
ଭୟ ଲାଗିଲାଣି ଜୀବନ ।
ନାଶି ପାପ ଭାର, କର ତୁ ଉଦ୍ଧାର,
ଶ୍ରଦ୍ଧାରେ କରୁଛୁ ନମନ ।।

ମା' ଆସିବା ଜାଣି, ଏ ଧରଣୀ ରାଣୀ,

 Magazine Downloaded from www.aahwaan.com

ସବୁଜ ଶୋଭିତ ଶରୀର ।

ନଳିନୀରେ କଇଁ, ରହିଛନ୍ତି ଚାହିଁ,

ଶୋଭା କାଶତଣ୍ଡୀ ଆସର । ।

ଏଥର ପୂଜାରେ, ତୋ ଦଶଭୁଜା ରେ,

କରତୁ ପାପୀ ର ସଂହାର ।

ତୋର ଦୟାରେ, ଏ ଦଶହରା ରେ,

ଉଦ୍ଧାର ହେଉ ଏ ସଂସାର । ।

ବରୀ, ଯାଜପୁର

ଭ୍ରାମ୍ୟଭାଷ : ୯୮୫୩୦୯୨୬୩୦

 Magazine Downloaded from www.aahwaan.com

ଆଜିର ପାର୍ବଣ

ଋତୁଚକ୍ରରେ ଶରତ ଆସିଛି
ଖରା ବରଷାକୁ ପାର କରି
ଆକାଶେ ଆବୃତ ଧୂଆଁର ଚାଦର
ଭସାମେଘ ଖେଳେ ଲୁଚକାଳି ।।

ଦୀର୍ଘାୟିତ ହୁଏ ସହରର ଛାଇ
ମାରାଥନ୍ ଦୌଡ ମଣିଷର
ଅନାଦୃତ ଆଜି କାଶତଣ୍ଡୀ ଫୁଲ
ଆଶ୍ୱିନର ହୁଏ ଆବାହନ ।।

ସସ୍ମିତା ମହାନ୍ତି

ଆତଙ୍କରେ ଥାଏ ଗଙ୍ଗଶିଉଳି
ଶିଶିରରେ ଦେଖେ ନିଜ ରୂପ
ସମୟର ଏଠି ଉଗ୍ର ଶୃଙ୍ଗାର
କିଏ ବୁଝେ ତା ମୃଦୁ ମହକ ??

ରୂପବତୀ ଜହ୍ନ ହୋଇଯାଏ ମ୍ଳାନ
ପ୍ରଗଲ୍ଭ ହୁଏନା ଆକାଶେ ତାରା

 Magazine Downloaded from www.aahwaan.com

ପୂଜାର ମହକ ହରାଏ ଗୁରୁତ୍ୱ
ଅଲୋଡା ଧୂପ ଦୀପ ନୈବେଦ୍ୟ ।।

ଅତିରଞ୍ଜନର ନାମ ବିଜ୍ଞାପନ
ଆଲୋକର ଅନ୍ଧ ସଜ୍ଜା
ସୁଲଳିତ ନୁହେଁ ସ୍ୱର ସଙ୍ଗୀତ
ପ୍ରଦୂଷଣ ଲଙ୍ଘେ ସୀମା ।।

ପାର୍ବଣ ଆଜି ଆବେଗ ବିହୀନ
ସେଲ୍ ରେ ଲାଗେ ଉତ୍ସବ
ମୁହୂର୍ତ୍ତର ଏଠି ମୂଲଚାଲ୍ ହୁଏ
ଅନ୍ ଲାଇନ୍ ବିକେ ସ୍ୱପ୍ନ ।।

ସୁଖ ଦୁଃଖ ଅଟେ ବସ୍ତୁ ଆପେକ୍ଷିକ
ସଂପଦରେ ମପା ହୁଅଇ ସମ୍ପର୍କ
ରୀତି ନୀତି ସବୁ ସମୟ ସମ୍ମତ
ବଦଳୁଥାଏ ପାର୍ବଣର ରୂପ ।।

ମହାନଦୀ ବିହାର, କଟକ

 Magazine Downloaded from www.aahwaan.com

ପାର୍ବଣ

ପୃଥିବୀ ଦେହରେ ସୁରୁଜ କିରଣ
ଧିରେ ପଡୁଥିଲା ଲୋଟି
କାଶତଣ୍ଡୀ ସାଥେ ଲୁଚକାଳି ଖେଳି
ଲୁଚି ଯାଉଥିଲା ମାଟି ।।

ଆଶ୍ୱିନ କୋଳରେ ଶୀତଳ ସମୀର
ଯାଉଥିଲା ଭାସି ଭାସି
ନୀରବ ଆକାଶେ ସଂହାରକାରିଣୀ
ଚାହୁଁଥିଲେ ମୃଦୁ ହସି ।।

ଶରତ ଋତୁର ଅମୃତ ବେଳାରେ
ଆସିବେ ତ ଅବତରୀ
ମର୍ତ୍ତ୍ୟଧାମ ହେବ ତାଙ୍କ ଆଗମନେ
ସତେକିବା ସ୍ୱର୍ଗପୁରୀ ।।

ସଂହାର କରିବେ ମହିଷା ଅସୁର
ଆଜିବି ଜୀବନ୍ତ ଅଛି
ମାନବ ରୂପରେ ଦାନବ ସାଜିଣ
ପାପଭାର ବଢ଼ାଉଛି ।।

ପ୍ରଶାନ୍ତ କୁମାର ପଧାନ

 Magazine Downloaded from www.aahwaan.com

ଉର୍ଦ୍ଧ୍ୱଗାମୀ ହେବ ପୁଣ୍ୟ ପୁଣିଥରେ

ପାପର ହୋଇବ କ୍ଷୟ

ଯୁଗ ଯୁଗ ପାଇଁ ସତ୍ୟରକ୍ଷା ହେବ

ଧର୍ମର ତ ହେବ ଜୟ ।।

ମୁଖରୀତ ହେବ ସାରା ପୃଥିବୀଟା

ହୁଳହୁଳି ଶଙ୍ଖସୁରେ

କରୁଣା ଝରିବ ଦଶଭୁଜା ହସ୍ତୁ

ପାର୍ବଣର ମୁହୂର୍ତ୍ତରେ ।।

ଗ୍ରାମ-ବୁରୋମୁଣ୍ଡା

ଜିଲ୍ଲା-ବରଗଡ

ଫୋନ-୯୯୩୭୭୪୫୪୯୭

 Magazine Downloaded from www.aahwaan.com

ବିସର୍ଜିତ ମୂର୍ତ୍ତିର ବେଦନା

ପୁଷ୍ପ ଚନ୍ଦନ ଦେଇ ବରଣୀ ଆଣି
ତୁ ପୁଣି ମୋତେ ଜୀବଦାନ ଦେଉ
କି ମାୟା ସଂସାର ଗଢ଼ିଛି ମୁହିଁ
ସ୍ୱର୍ଗ ଠୁ ସୁନ୍ଦର କରିଛି ମହି
ଭାବି ଆସିଗଲି ସେଠୁ ଓଲ୍‌ହାଇ
ପୂଜା ପାଇ ତୋର ହୁଅଇ ଖୁସି ।

କିଛି ଦିବା କିଛି ରଜନୀ ବିତେ
ମୋ ରୂପ କୁ ନା ନା ବେଶ ରେ ଦର୍ଶାଇ
ସୁନା ରୁପା ଆଦି ରତ୍ନ ରେ ସଜାଇ
ଦେଲୁ ମୋତେ ତୋର ଭକ୍ତି ରେ ଭିଜାଇ ।

ନିରୁପମା ନାୟକ

ଘୃତ ନୈବେଦ୍ୟ ଦେଇ ଆହ୍ୱାନ କରି
ଆଶିଷ ଉଲାଷ ମାଗିଲୁ ତୁହି
ଅପେକ୍ଷା କରିଛି ସେହି ଦିନକୁ
ବିଦାୟ ଦେବୁ ଯେ ଦିନ , ପୁଣି ଆସିବୁ କହି ।

 Magazine Downloaded from www.aahwaan.com

ଆସେ ଯେବେ ସେ ଦିନ ସେ କାଳ
କହି ପୁଣି ମୋତେ ମାଟିର ଢ଼ଳ
ଵିସର୍ଜିତ କରୁ ଚକ୍ଷୁ ମୋ ବୁଜେଇ
ତଥାପି ମୁଁ ସବୁ ଦେଖୁଥାଇ ।

ଦଶ ଦିବସ ରେ ଵିସର୍ଜିତ କରି
ଚାଲିଯାଉ ତୁହି ମୁହଁ ବୁଲାଇ
ମନେ ତୋର କି କଷ୍ଟ ନ ହୁଏ ?
ମା' ଡାକି ପୁଣି ମାଟି ବୋଲାଇ
ଛାଡି ଯାଉ ତୋର ଭକ୍ତି ଭୁଲାଇ ।

ମୋ ରୂପ କୁ ତୁ କି ଅଳଙ୍କାର ଦେଲୁ ?
ଭାବି ମିଶି ଯାଏ ମାଟିରେ ମୁହିଁ ।

 Magazine Downloaded from www.aahwaan.com

ଅନାଥର ନାଥ

ଅନାଥର ନାଥ କାଳିଆ ଠାକୁର
ତୁମେ ତ ଦେଇଛ ସବୁ
ତୁମ ଆଗେ କାହିଁ ଜୀବନ ହାରୁଛି
କୁହ ଆହେ ମହାପ୍ରଭୁ ।
ତୁମେ ପରା କାଳେ ଭାବର ଠାକୁର
ଅଭାବ ପାର ଯେ ବୁଝି
ଏବେ ତୁମ ଭାବ କୁଆଡ଼େ ଯାଇଛି
ଦୁଃଖ ପାରୁନ ଯେ ବୁଝି ।
ତୁମରି ଆଖି ଆଗେ ରାସ୍ତା କଡ଼ରେ
ଦାଉ ସାଧୁଅଛି ରୋଗ
ତୁମେ ଖାଇ ଶୁଅ ବଡ଼ ଦେଉଳରେ
ଷାଠିଏ ପଉଟି ଭୋଗ ।
ତୁମ ଦେହେ ପରା ପାଟ ପୀତାମ୍ବରୀ
ଦୁଃଖ ତ ବୁଝି ପାରୁନା
ରାତିଦିନ ଏଠି ପଡ଼ି ରହିଅଛି
ମିଳୁନାହିଁ ଖଣ୍ଡେ କନା ।

ଅଂଶୁମାନ ସ୍ୱାଇଁ

ସରମଙ୍ଗା, ସଡ଼ଙ୍ଗ, କେନ୍ଦୁଝର
ଭ୍ରାମ୍ୟଭାଷ : ୯୭୯୦୮୧୪୬୭୪

 Magazine Downloaded from www.aahwaan.com

କାଳିଆ ନାମ

କେତେଦିନ ଆଉ
ନ ଭଜି ରହିବି
କାଳିଆ ତୋହରି ନାମ
ମିଛମାୟା ଏଇ ସଂସାରରେ
ଆଉ
ହେବିନାହିଁ ବଦନାମ ।
କେତେଦିନ ଆଉ
ନ ଦେଖି ରହିବି
କାଳିଆ ତୋହରି ଧାମ
ତୋ ଚକାନୟନ
ଦେଖିଦେଲେ ଥରେ
ସବୁ ପାପ ହେବ ପୂଣ୍ୟ ।
ମୋର ମୋର ଯାହା
କହି ଦେଉଥିଲି
ତୁଟିଗଲା ସବୁ ଭ୍ରମ
ବେଳଥାଉଁ ଯଦି
ତୋ ନାମ ନ ଜପେ
ହେବି ମୁଁ ବାଲ୍ମୀକି ସମ ।

ବେବିସ୍ମିତା କର

 Magazine Downloaded from www.aahwaan.com

ଭରସା ନାହିଁ ମା ତୋ'ଠାରେ

ଗଲାସନ ନାହିଁ କରିଥିଲି ମୁହିଁ ଆସିବାକୁ ତୋତେ ମାଆ
ମୋ କଥା ନମାନି ଆସିଥିଲୁ ପୁଣି କଲବଲ କଲୁ ଯାହା ।
ଜାକଜମକରେ ସନ୍ତାନ ତୋରେ ଆଣଇ ମର୍ତ୍ତ୍ୟପୁରେ
ଲଭିବାକୁ ଶୁଭ ଆଶିଷ ବିଭବ ପୂଜଇ ଭକ୍ତିଭରେ ।
ଆଲୋକ ମାଳାରେ ସଜ୍ଜିତ କରେ ମେଢ଼, ମଣ୍ଡପ ଓ ପୀଠ
ବନ୍ଦନା ତୋରେ ଦିବାନିଶି କରେ ହୋଇ ତୋର ପ୍ରିୟ ଭାଟ ।
ଧୂପ, ଦୀପ, ଝୁଣା, ଭୋଗରାଗ ପଣା ଅରପେ ଚରଣେ ତୋର
ଯନ୍ତ୍ରଜୀବନ ମହା ସଂଗ୍ରାମେ ଯୁଝିବାକୁ ମାଗେ ବର ।
ତଥାପି କେଉଁଠି କେଜାଣି କେମିତି ରହିଗଲା କିଛି ଉଣା
ଧ୍ୱଂସ ରଚିଲୁ ନିମିଷକେ କରି ନିରୀହ ନାଚାରେ ବଣା ।
ରାମଦୋଳି ଛିଡ଼ି ମେଳା ପଡ଼ିଆରେ ଖେଳିଗଲା ହାହାକାର
ହାରିଲେ ଜୀବନ ଅକାଳେ କେତେ ବା ଦରମରା ନାରୀ ନର ।
ମୃତ୍ୟୁ କୂପରେ ଚଳାଇ ବାଇକି ଚଳୁଥିଲା ଯାହା ଘର
ଅରଜିଲା ପୁଅ ଅମୂଲ୍ୟଜୀବନ ନେଲୁ ହେଇ ହରବର ।
ତଡ଼ିତ ପ୍ରକୋପେ ତୋରଣରୁ ନିଆଁ ଦୋକାନ ବଜାର ଯାଏଁ
ତଡ଼ିତ ବେହରେ ଚରିଗଲା ମେଳା ମୀନା ବଜାରରେ ପ୍ରାୟେ ।

ସୁସ୍ମିତା ମହାପାତ୍ର

ସୁଖେ ପୀଠେ ବସି ଦେଖୁଥିଲୁ ହସି କେମିତି ଜଳୁଛି ଛାଏଁ

ଜଗତଜନନୀ ବୋଲାଉଛୁ ସିନା ମମତା ନାହିଁ ହୃଦୟେ ।

ତୁଟିଲା ତୋଠାରେ ଭକ୍ତି ଭରସା ଯାହାଥିଲା ଆମ ପାଶେ

ଏତେ ପରେ ତୋର ଆରାଧନା କିଏ କରିବ ବା କେଉଁ ଆଶେ ?

ନକରିବୁ ମନ ଆଉ ତୁ ଏ ସନ ଆସିବାକୁ ଅଶିଣରେ

ଲିଭିନାହିଁ ସେହି ଯାତନାର ଜ୍ୱାଳା କୁହୁଳୁଛି ପରାଣରେ ।

ରାଉରକେଲା, ସୁନ୍ଦରଗଡ଼, ଓଡ଼ିଶା

 Magazine Downloaded from www.aahwaan.com

ପୂଣ୍ୟାତ୍ମା ବାଜପେୟୀ

ସିଏ ଥିଲେ ବାଗ୍ମୀ ସିଏ ସ୍ୱାଭିମାନୀ
ଉତ୍ତୁଙ୍ଗ ବ୍ୟକ୍ତିତ୍ୱ କର୍ମବୀର,
କଥା କାର୍ଯ୍ୟେ ଯା'ର ନଥିଲା ଫରକ
ଅଟଳ ବିହାରୀ ନାମ ତା'ର । [୧]

ସଚ୍ଚାଦେଶଭକ୍ତ, କବି, ସାମ୍ବାଦିକ
ସୁବକ୍ତା, ପ୍ରବୀଣ ରାଜନେତା
ସୁଯୋଗ୍ୟ ସନ୍ତାନ ଯେଣୁ ସେ ରତନ
ଝୁରଇ ବିଶ୍ୱ ଭାରତ ମାତା । [୨]

କେ ଆଉ କହିବ କ୍ଷମତାର ଖେଳେ
ସରକାର ଯିବ ଆସୁଥିବ
ଗଢ଼ା ହେବଦଳ ଭଙ୍ଗା ହେବ ଦଳ
ଲୋକତନ୍ତ୍ର ରହିବ ରହିବ । [୩]

ଯିଏ କହିଥିଲା ଏ ଭୂମି ଜୀବନ୍ତ
ସଦା ପୂଜ୍ୟ ମୋ ଭାରତଭୂଇଁ
ଯା'ର ନଦୀ ଗଙ୍ଗା ମାଟି ମହାଦେବ
ଜୀଇଁବା ମରିବା ଏ ଦେଶ ପାଇଁ । [୪]

ଶ୍ରୀ ପଞ୍ଚାନନ ଖଟୁଆ

 Magazine Downloaded from www.aahwaan.com

କବିପଣେ ପଥର କରିଛ ପାଣି

ଶୁଷ୍କ ବୃକ୍ଷେ ପତ୍ର କଅଁଳାଇ

ଜଟିଳ କୁଟିଳ ମଣିଷ ମନକୁ

କ୍ଷମା, ଦୟା ଦୁଇ ବାର୍ତ୍ତା ଦେଇ । [୫]

ପ୍ରଥମ ସାଂସଦ ଆଦ୍ୟ ଭାଷଣକୁ

ଶୁଣି ନେହେରୁ ହୋଇ ହରଷେ

ଭବିଷ୍ୟତ ବାଣୀ କରିଥିଲେ ଦିନେ

ହେବୁ ପ୍ରଧାନମନ୍ତ୍ରୀ ଏ ଦେଶେ । [୬]

ପ୍ରଧାନମନ୍ତ୍ରୀ ମଧ୍ୟେ ଅଜାତଶତ୍ରୁ

ସଂସଦ ଗଣତନ୍ତ୍ରେ ଯେ' ଥିଲେ

ତାଙ୍କ ଭଳି ନେତା ପାଇ ଭାରତୀୟ

ଅର୍ଦ୍ଧ ଶତାବ୍ଦୀ ଆସ୍ୱସ୍ତ ହେଲେ । [୭]

ମନ ମୋହନଙ୍କ ଭାଷାରେ ଯେ ଥିଲେ

ଦିନେ ଆମ ଭୀଷ୍ମପିତାମହ

ତାଙ୍କ ସୁବିସ୍ତୃତ କୃତିତ୍ୱ ଏ ଜାତି

ବର୍ଣ୍ଣୁଛି ବର୍ଣ୍ଣିବ ଅହରହ । [୮]

ଅତି ଈର୍ଷଣୀୟ ଖ୍ୟାତି ଲଭିଥିଲେ

ସବୁଦଳୁ ପାଇ ସନମାନ

କିଏ ସାଉଁଟିନି ତାଙ୍କ ପରି ଶ୍ରଦ୍ଧା

 Magazine Downloaded from www.aahwaan.com

ପ୍ରଧାନମନ୍ତ୍ରୀ ଭାବେ ଜାଣ । [୯]

ନକାରାତ୍ମକ ଚିନ୍ତା ଯା'ର ନଥିଲା

ସର୍ବଦା ବିରୋଧୀ ଦଳପାଇଁ

ସବୁରି ମତକୁ ସନମାନ ଦେବା

ଶିଖିଥିଲେ ସେହି ବାଜପେୟୀ । [୧୦]

ଗୁଜୁରାଟ ଦଙ୍ଗା ବେଳେ ପରାମର୍ଶ

ସଚ୍ଚା ଭକ୍ତ ରାଷ୍ଟ୍ରନୀତିଜ୍ଞର

ସାମ୍ବାଦିକ ଆଗେ ମୋଦିଙ୍କୁ କହନ୍ତି

ରାଜଧର୍ମ ତୁ ପାଳନ କର । [୧୧]

ବିବିଧତା ଭରା ଭାରତେ ନେତାର

ବହୁ ସଂଖ୍ୟା ନୁହେଁ ଦରକାର

ସଂଖ୍ୟା ନ୍ୟୁନ ଥାଇ ଯେ ପ୍ରମାଣ ଦେଲେ

ପାଞ୍ଚବର୍ଷ ସ୍ଥିର ସରକାର । [୧୨]

ବିଦେଶ ମନ୍ତ୍ରୀଭାବେ ଜାତିସଂଘରେ

ପ୍ରଥମେ ଦେଇ ହିନ୍ଦୀ ଭାଷଣ

ବିଶ୍ୱଦରବାରେ ଭାରତ ଖ୍ୟାତିକୁ

କରିଦେଲେ ଯିଏ ଶତଗୁଣ । [୧୩]

ଅଟଳ ସାହାସ ଅଟଳ ବିଶ୍ୱାସ

ଅଟଳ ଥିଲା ଯା' ପରାକ୍ରମ

 Magazine Downloaded from www.aahwaan.com

କୋଟି ଭାରତୀୟ ହୃଦୟ ଜିତିଲ

ଅସାମାନ୍ୟ ଯା' ଅଟଳ ନାମ । [୧୪]

ଆତଙ୍କବାଦୀ ସଂସଦ ଆକ୍ରମଣ

କାନ୍ଦାହାର ବିମାନ ହରଣ

ସବୁ ସତ୍ତ୍ୱେ ହାର ମାନିନଥିଲେ ସେ

ଦେଇ ମହନୀୟତାର ପ୍ରମାଣ । [୧୫]

ପୋଖରାନ୍ ପରୀକ୍ଷା, କାର୍ଗିଲ ବିଜୟ

ସ୍ୱର୍ଣ୍ଣ ଚତୁର୍ଭୂଜ, ଗାଁ ସଡ଼କ

ଲାହୋର ବସ୍‌ସେବା ଥିଲା ତାଙ୍କ

ଶାନ୍ତିପାଇଁ ନୂଆ ପଦକ୍ଷେପ । [୧୬]

ଶାନ୍ତିର କପୋତ ସାଜି ସୀମାନ୍ତରେ

ବନ୍ଧୁତାର ଦ୍ୱାର ଯେ ଖୋଲିଲ

ପଡ଼ୋଶୀ ଔଦ୍ଧତ୍ୟ ଯୁଦ୍ଧ କ୍ଷେତ୍ରେ ନେଇ

ଗଣତନ୍ତ୍ର ବାର୍ତ୍ତା ନିଭାଇଲ । [୧୭]

ବିଶ୍ୱ ଚାପ କିମ୍ବା ପରମାଣୁ ଭୟେ

ପାକ୍‌କୁ କାଶ୍ମୀର ମୁଁ ନ ଦେବି

ହେଉ ପଛେ ଧ୍ୱଂସ ଅଧା ମୋ ଭୂଖଣ୍ଡ

ବିଶ୍ୱଚିତ୍ରୁ ପାକ୍ ଲିଭାଇବି । [୧୮]

ଅସାମାନ୍ୟ ବାଗ୍ମୀ ମୁହଁତୋଡ଼ ଜବାବ

 Magazine Downloaded from www.aahwaan.com

ସେ ଦିନ ମୁସାରଫକୁ ଦେଲେ

ପଡ଼ୋଶୀ ବଦଳା ମୋତେ ନୁହେଁ ବରଂ

ବନ୍ଧୁତ୍ୱ ବଦଳା ହୋଇପାରେ । [୧୯]

ଭାରତ ପାକ୍ ନୂତନ ସଂପର୍କେ

ଯୋଡ଼ିଲେ ଯେ ଆଗ୍ରା ରାଜିନାମା

ସମସ୍ତଙ୍କ ଶିକ୍ଷା ପାଇଁ ଥିଲା ଯା'ର

ସର୍ବଶିକ୍ଷା ଅଭିଯାନ ଯୋଜନା । [୨୦]

ବିକାଶର ଗଙ୍ଗା ପ୍ରବାହିତ କଲେ

ଆକୁମାରୀ ହିମାଚଳ ଯାଏ

ଅନ୍ତ୍ୟୋଦୟ ଓ ଅନ୍ନପୂର୍ଣ୍ଣା ସହିତ

ଖାଦ୍ୟ ସୁରକ୍ଷା ଯା' ମନ ମୋହେ । [୨୧]

କିଷାନ କ୍ରେଡ଼ିଟ୍ କାର୍ଡ୍ ପ୍ରଚଳନ

କୃଷିକୃଷକ ପାଇଁ କଲ୍ୟାଣ

ତୈଳ ବିଶୋଧନ ନାଲ୍‌କୋ ପ୍ରତିଷ୍ଠା

ଚିକିତ୍ସା ବିଜ୍ଞାନେ ଅବଦାନ । [୨୨]

ଆଜି ସ୍ତମ୍ଭୀଭୂତ ବାକ୍‌ରୁଦ୍ଧ ଓଡ଼ିଶା

ଶୁଣି ତାଙ୍କ ନିଧନର କଥା

ମନେପଡ଼େ ଅନେଶତ ମହାବାତ୍ୟା

ଥିଲା ଓଡ଼ିଆଙ୍କ ଯା'ର ଚିନ୍ତା । [୨୩]

 Magazine Downloaded from www.aahwaan.com

କରୁ ପ୍ରଣିପାତ ଦେଇ ଶ୍ରଦ୍ଧାଞ୍ଜଳୀ

ତା' ପୂଣ୍ୟ ଆତ୍ମାର ସଦ୍‌ଗତି

ଚନ୍ଦ୍ର, ସୂର୍ଯ୍ୟ ଥିବା ଯାଏ ସ୍ମରୁଥିବୁ

ତୋ ସ୍ନେହରଙ୍କା ଓଡ଼ିଆ ଜାତି । [୨୪]

ପଣ୍ଡିତ ଶ୍ରୀରାମଶର୍ମା ଆଚାର୍ଯ୍ୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ

ରମ୍ଭା, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୯୪୩୯୯୫୮୭୩୯

 Magazine Downloaded from www.aahwaan.com

ଅଟଳ ବିହାରୀ

ଅଟଳ, ଅଚଳ ସମ ପ୍ରତିଭାତ
ମୋ ଦେଶ ମାଟିର ବୀର
ସାହାସ ଶୌର୍ଯ୍ୟ ତପନ ସମାନ
ସଂସାରେ ହୋଇଲ ବର ।
ମରଣଶୀଳ ଏ ଶରୀର ତୁମର
ଇହଧାମ କଲା ତ୍ୟାଗ
କୋଟିଏ ହୃଦୟେ ବିରାଜିତ ତୁମେ
ନାହିଁ କଳଙ୍କର ଦାଗ ।
ଭାରତ ମାତାର ମୁଖ ଦିଶେ ମ୍ଳାନ
ଛଡ଼ାଇ ନେଇଛ ହସ
ନୟନରୁ ନୀର ଝରେ ଅବିରତ
ଅମଳିନ ଖ୍ୟାତି ଯଶ ।
ଦେଶ ଜାତିଲାଗି କାରାବାସ ଭୋଗୀ
ପୂଣ୍ୟକଲ ଅରଜନ
ତାହାରି ସେବାରେ ମନପ୍ରାଣ ଢାଳି
ମୋହିନେଲ ଜନମନ ।

ଅନାମ ଚରଣ ସାହୁ

 Magazine Downloaded from www.aahwaan.com

ନେତାଙ୍କ ମଧ୍ୟରେ ତୁମେ ଅଟ ଶ୍ରେଷ୍ଠ

ସର୍ବଦଳ ଦିଏ ମାନ

ରାଜା ରାମସମ ତୁମ ରାଜଧର୍ମ

ଅଟ ଭାରତ ରତନ ।

ବନ୍ଧୁଙ୍କର ବନ୍ଧୁ ଅରିଙ୍କର ଅରି

ଦେଖାଇଲ କରି କାମ

କାର୍‌ଗିଲ୍ ଯୁଦ୍ଧେ ମୋ ଦେଶର ଜୟ

ଇତିହାସେ ଲେଖା ନାମ ।

ପୋଖରାନ୍ ଠାରେ ଅତି ଗୋପନରେ

ପରୀକ୍ଷିତ ପରମାଣୁ

ସ୍ତବ୍ଧ ସାରା ବିଶ୍ୱ ମୁଖେ ବୀର ହସ

ବିଜ୍ଞାନୀ ବିଜୟୀ ଯେଣୁ ।

ମାନସ ସନ୍ତାନ ସ୍ୱର୍ଣ୍ଣ ଚତୁର୍ଭୂଜ

ସର୍ବଶିକ୍ଷା ଅଭିଯାନ

ଗୋଟିଏ ଦେଶରେ ଗୋଟିଏ ଟିକସ

ବୁଦ୍ଧି ତୁମ ବିଚକ୍ଷଣ ।

ତୁମେ ଗଲାପରେ ନିରବ ନିଶ୍ଚଳ

ନସ୍ଥରେ ବଦନେ କଥା

ଅଶ୍ରୁଳ ବିଦାୟ ଘେନାକର ଆମ

 Magazine Downloaded from www.aahwaan.com

କୋଟି ହୃଦୟର ନେତା ।

ହେ ଅଟଳ ଘେନ କୋଟି ନମସ୍କାର

ଆକୁମାରୀ ହିମାଳୟ

ଅନ୍ଧାରୀ ଘରର ଦୀପ ଲିଭିଗଲା

ବିଧି ହୋଇଲା ନିର୍ଦ୍ଦୟ ।

ବାକି ରହିଅଛି ଅନେକ ସପନ

ରାତି ଯାଉଅଛି ସରି

ବିନତି ଜଣାଉ ବେନି କର ଯୋଡ଼ି

ଆଉଥରେ ଆସ ଫେରି ।

ବିଭୁତିପୁର, କାକଟପୁର, ପୁରୀ

ଭ୍ରାମ୍ୟଭାଷ : ୯୯୩୭୨୧୦୨୬୦

 Magazine Downloaded from www.aahwaan.com

ବିଶ୍ୱ ବରେଣ୍ୟ

ଏତେ ଯତନରେ ସାରା ସଂସାରକୁ
କେମିତି ଗଢ଼ିଲ କୁହ
ସାରା ସଂସାରକୁ ନିଜ ହାତେ ଗଢ଼ି
ହେଲ ଅଧାଗଢ଼ା ଦିଅଁ ।

ସାରା ସଂସାରର ବିଭବ ସୌନ୍ଦର୍ଯ୍ୟ
ତୁମ ଚକାନେତ୍ରେ ଠୁଳ
କାହାପାଇଁ ତୁମେ ଅମୃତ ପୟୋଧି
କାହାପାଇଁ ହଳାହଳ ।

ଶୈବାଳିନୀ ସାହୁ

ଭକ୍ତ ସାଲବେଗ ଜଣାଣରେ ତୁମେ
(ତୁମେ) ଜୟଦେବ ଗୀତି ପଥେ
ବନ୍ଧୁମହାନ୍ତିର ବନ୍ଧୁପଣେ ତୁମେ
(ତୁମେ) ବଳରାମ ବାଲିରଥେ ।

ହେ ବିଶ୍ୱ ବରେଣ୍ୟ ବାଣୀରେ ତୁମର

 Magazine Downloaded from www.aahwaan.com

ନାଶିଲ ଅର୍ଜୁନ ଶୋକ

ସାରା ସଂସାରକୁ ଦିବ୍ୟଜ୍ଞାନ ଦେଇ

ରଖିଲ ଭକ୍ତର ଟେକ ।

ଅପଲକ ନେତ୍ରେ ଦେଖୁଅଛ ତୁମେ

ସାରା ସଂସାରର ଦୃଶ୍ୟ,

ଦୂରରୁ ଥାଇ ମୁଁ ଦେଖୁଅଛି ତୁମ

ରଙ୍ଗା ଅଧରର ହସ ।

ସି-ଏ, ପ୍ଲଟ୍ - ୯୪, ମେଟ୍ରୋପଲିଟାନ୍ ହାଉସିଂ ସୋସାଇଟି

କୋଲକାତା, ୭୦୦୧୦୫

ଗୋପବନ୍ଧୁ ଓଡ଼ିଶାକୁ ଆସି ଦେଖିଯାଅ

ଓଡ଼ିଶାର ମାଟି ଡ଼ାକୁଛି ତୁମକୁ ଗୋପବନ୍ଧୁ
ଥରେ ଆସିଯାଅ
ତୁମ ସ୍ୱପ୍ନର ଓଡ଼ିଶା,ଓଡ଼ିଶାବାସୀଙ୍କୁ ଥରେ
ତୁମେ ଆସି ଦେଖିଯାଅ
ଦୁଃଖୀଦରିଦ୍ରର ସେବା କରୁଥିଲ ପରା
ପାଦରେ ତୁମେ ଚାଲିଚାଲି
ଆଜିର ମଣିଷ ସାହେବି ଢ଼ଙ୍ଗରେ ମଟରରେ
ଯାଏ ବଜାର ବୁଲି
ଗରିବ ଲୋକଙ୍କୁ ସାହାଯ୍ୟ ପାଇଁ ହେ ଟଙ୍କାଟିଏ ତାର ପାଶେନାହିଁ
ତଥାପି ମଧ୍ୟରାତ୍ରି ଯାଏଁ ସମୟ ବାରରେ ତାର କଟୁଥାଇ
ମଦମାଂସ ଖାଇ ସ୍ଥାନେସ୍ଥାନେ ଯାଇ ବସାଇଛି ସେ ଦାନ ହୁଁଡ଼ି
ଦେଖ ଭାଇ ସେ ଗରିବ ପିଲାକୁ
ପଖାଳ ସାଥୀରେ ଖାଏ ଭେଂଡ଼ି
ସ୍ୱାର୍ଥପରତା ବଢୁଛି ଏଠି ଲୋଭାଣିଆ ସବୁଲୋକ
ମା' ପରା ଏଠି ଝିଅକୁ ବିକୁଛି ସହିପାରୁ ନାହିଁ ଭୋକ
ଓଡ଼ିଶାର ମାଟି ଡ଼ାକୁଛି ତୁମକୁ
ଗୋପବନ୍ଧୁ ଥରେ ଅସିଯାଅ
ତୁମ ସୁନାର ଓଡ଼ିଶା ପଥର ହୋଇଛି
ତୁମେ ଆସିଥରେ ଦେଖିଯାଅ ।

ଆଦିତ୍ୟ ନାରାୟଣ ସାହୁ
ରସିକନଗର, ପୋ-ଜରିପଡ଼ା, ଜିଲ୍ଲା-କଟକ, ୭୫୪୨୦୧ ମୋ : ୯୮୫୩୬୦୧୨୩

 Magazine Downloaded from www.aahwaan.com

ହେ ମହାତ୍ମା

ହେ ମହାତ୍ମା ତୁମେ ଭାରତ ଭୂଇଁ ରେ

ନିଅ ବାରେ ଅବତାର

ଅହିଂସା ର ସ୍ଥାନ ତିଳେ ମାତ୍ର ନାଇ

ବଢିଲାନି ହିଂସା ଭାର ।

ସତ୍ୟ ର ସନ୍ଧାନ ମିଳୁନାହିଁ ଏଠି

ଅସତ୍ୟ କରେ ରାଜୁତି ।

ଦୁର୍ନୀତି ପଙ୍କରେ ବୁଡେ ରାଜନେତା

କଳୁଷିତ ରାଜନୀତି ।

ସାଗର ପ୍ରଧାନ

କେତେ ନିର୍ଯାତନା ତାଡନା ପୀଡନା

ସହୁଅଛି ନାରୀ ଜାତି

ଦିବସ ଭାଷଣ ନର ବାଜିଗଣ

ଭିନ୍ନ ହୁଏ ହେଲେ ରାତି ।

ଦରିଦ୍ର କୃଷକ ହେଉଛି ଶୋଷିତ

 Magazine Downloaded from www.aahwaan.com

ମହାଜନ କର ଧାରେ
କର ଭାର କଷ୍ଟ ନ ପାରଇ ସୁଜି
ଆତ୍ମହତ୍ୟା କରି ମରେ ।

ଧନୀ ମୁଷ୍ଟିମେୟ ମହଲରେ ବାସ
ଗରିବ ଲୁଣ୍ଠିତ ହୁଏ
ଖରା ବର୍ଷା ସହି ଶୀତ କାକରରେ
ରାସ୍ତାରେ ଜୀବନ ଯାଏ ।

ଭାରତ ଭୂମିରେ ନେଇ ନବ ଜନ୍ମ
ବଦଳାଇ ଦିଅ ଦିନ
ହିଂସା କୁ ତୁମେ ଦିଅହେ ଦୁରେଇ
ଅହିଂସା କର ସ୍ଥାପନ ।

ସାଗର ପ୍ରଧାନ, ଗଂଜାମ

 Magazine Downloaded from www.aahwaan.com

ବାପୁ

ବାପୁ ହେ ତୁମେ ଦେଖ

କେମିତି ଅଛି ଏ ପୂଣ୍ୟଭୂମି ତୁମ

କେମିତି ଅଛି ଏ ଦେଶ

ସ୍ୱାଧୀନତାର ସ୍ୱାଦ ଚଖାଇଲ

ଇଂରେଜଙ୍କ ସହ ଲଢ଼ି

ସ୍ୱାଧୀନ ହୋଇଲେ ଦେଶବାସୀ ତୁମ

ତୁମେ ଚାଲିଗଲ ଛାଡ଼ି ।

ତୁମେ ଚାଲିଗଲ

ତୁମରି ବାଟରେ

ଛାଡ଼ି ଶେଷ ନିଃଶ୍ୱାସ

ପ୍ରକାଶ ଚନ୍ଦ୍ର ପଣ୍ଡା

ବାପୁ ହେ ତୁମେ ଦେଖ

କେମିତି ଅଛି ଏ ପୂଣ୍ୟଭୂମି ତୁମ

କେମିତି ଅଛି ଏ ଦେଶ

ଅହିଂସାର ପଥ ଦେଖାଇଲ ତୁମେ

ପାଇଲ କାରାବରଣ

ନାଥୁରାମଙ୍କ ବନ୍ଧୁକ ଗୁଳିରେ

 Magazine Downloaded from www.aahwaan.com

ଚାଲିଗଲା ତୁମ ପ୍ରାଣ ।

ସ୍ୱପ୍ନ ଦେଖିଥିଲ

ଗଢ଼ିବାକୁ ଏକ

ସୁନେଲୀ ଭାରତ ଦେଶ

ବାପୁ ହେ ତୁମେ ଦେଖ

କେମିତି ଅଛି ଏ ପୂଣ୍ୟଭୂମି ତୁମ

କେମିତି ଅଛି ଏ ଦେଶ,

କେମିତି ଅଛି ଏ ଦେଶ....

କଲ୍ୟାଣପୁର, ଭୂଇଁପୁର, ଯାଜପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୮୬୩୫୨୫୫୩୫

 Magazine Downloaded from www.aahwaan.com

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

୨ ଅକ୍ଟୋବର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ

(୧)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ
ଜନ୍ମିଥିଲା ସତ୍ୟ
ଦୂର ହେଲା ଅସତ୍ୟ
ହସିଥିଲା ସୁକୃତ୍ୟ
ସତ୍ୟ ଆଉ ସଦାଚାର
ଭରା ସମାଜର ଗଢ଼ି ହୋଇଥିଲା ନକ୍ସା ।

(୨)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ
ଆସିଥିଲା ଅହିଂସା
ଦୁରେଇ ଗଲା ହିଂସା,
ପ୍ରଚଣ୍ଡ ରିରଂସା
ଧର୍ମ ନାମେ ପାଗଳାମି
ଭାଗ ଭାଗ କରିଦେବାର ନିଶା ।

ଶ୍ରୀ ରମା କାନ୍ତ ମିଶ୍ର

(୩)

 Magazine Downloaded from www.aahwaan.com

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଆସିଥିଲା ଧର୍ମ

ପଳାଇ ଗଲା ଅଧର୍ମ

ରହିଗଲା ସୁକର୍ମ

ମର୍ମେ ମର୍ମେ ପ୍ରେମାଞ୍ଜନର

ଥାଳି ଧରି ଭାରତ ବାସୀ ଖୋଜିଲେ ସ୍ୱାଧୀନତାର ଭାଷା ।

(୪)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଫେରିଥିଲା ଶାନ୍ତି

ଦୂରହେଲା ଅଶାନ୍ତି

ଜନ୍ମନେଲା କ୍ରାନ୍ତି

ସତ୍ୟାଗ୍ରହର ଶପଥ ନେଇ

ସ୍ୱାଧୀନତା ଫେରି ପାଇବାର ଅଦମ୍ୟ ଲାଳସା ।

(୫)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଫେରିଥିଲେ ବୁଦ୍ଧ

ଦୁରେଇ ଗଲେ କ୍ରୁଦ୍ଧ

ଜାତି ନାମେ, ଧର୍ମ ନାମେ

ଭାଷା ଆଉ ପ୍ରାନ୍ତ ନାମେ

ଏକତ୍ରିତ ହୋଇ ନୂଆ ଭାରତ ଗଢ଼ି ଦେବାର ଆଶା ।

(୬)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଜାଗିଥିଲା ପୌରୁଷ

ପଳାଇଲେ କାପୁରୁଷ

ହର୍ଷିତ ହେଲା ଦେଶ

ସଭିଙ୍କୁ ଏକତ୍ରିତ କରି

ଉନ୍ନତ ମାନର ଭାରତ ଗଢ଼ିବାର ଭରସା ।

(୭)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଫେରି ଆସିଲା ସଦାଚାର

ଦୂର ହେଲା ଅନାଚାର

ବର୍ଦ୍ଧିତ ହେଲା ସୁବିଚାର

ଭାଇ ବୁକେ ଭାଇ ମିଶି

ଖୋଜିଲେ ପ୍ରକାଶିବା ପାଇଁ ପ୍ରେମର ଭାଷା ।

(୮)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଫେରିଥିଲା ସୁନୀତି

ଦୂରେଇଗଲା ଦୁର୍ନୀତି

 Magazine Downloaded from www.aahwaan.com

ବଦଳିଲା ରାଜନୀତି

ସମାଜର ଚାରିପାଖେ

ଜମିଗଲା ସତ୍ୟାଗ୍ରହୀ ଦଳଙ୍କର ଜଲ□ସା ।

(୯)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ବଢ଼ିଗଲା ସତ□ ସାହସ

କରିଦେଇ ହରଷ

ଜାଗି ଉଠିଲା ଉତ୍କର୍ଷ

ଭାଇ ଭାଇ, ଜାତି ଜାତି, ଧର୍ମ ଧର୍ମ

ମଧ୍ୟେ ରହିଲାନି ଆଉ ତିଳେ ହେଲେ ଭେଦ ଭାଷା ।

(୧୦)

ଗାନ୍ଧୀ ତୁମେ ଜନ୍ମିଥିଲ ଏହି ଦିନ

ଜାଗିଥିଲା ଭାରତ

ହୋଇଥିଲା ସମ୍ମାନିତ

ପୁଷ୍ପିତ ଆଉ ଆନନ୍ଦିତ

ଯୁଗ ଯୁଗ ଧରି କ୍ଷରୁ ଥିବ ଅମୃତ

ସାରା ଦେଶ ନାଚୁ ଅଛି ପାଇ ସ୍ୱାଧୀନତାର ବର୍ଷା ।

ଭି.ଆଇ.ଏମ. - ୨୬୮, ଶୈଳଶ୍ରୀ ବିହାର

ଭୁବନେଶ୍ୱର - ୭୫୧୦୨୧, ମୋବାଇଲ – ୯୯୩୭୨୬୮୦୧୨

 Magazine Downloaded from www.aahwaan.com

ଜାତିର ପିତା

ଜାତିରପିତା ଆହେ ହେ ମହାମାନବ,

ପୁଣିଥରେ ଆସ ଫେରି.

ଗଢିଥିବା ତୁମ ସ୍ୱପ୍ନର ଭାରତ ଆଜି,

ହେଉଛି ତୁମକୁ ଝୁରି.

ସିମା ଲଙ୍ଘୁଛି ହିଂସାର ସାଗର ଏଠି,

ଶାନ୍ତି ଲାଗେ ସ୍ୱପ୍ନ ପରି.

ଏକତାର ଭାବ ବିଲୁପ୍ତ ପରାୟ ଆଜି,

କିଛି ନାହିଁ ପୁର୍ବ ପରି.

ବିକୃତ ମାନବିକତା ର ଶିକାର ହୋଇଣ,

କୁକର୍ମରେ ହୋଇ ଲିପ୍ତ.

ମିଥ୍ୟା ର ଆଶ୍ରୟେ ଭଦ୍ର ମୁଖା ସେ ପିନ୍ଧିଣ,

ଭୁଲିଛି ସତ୍ୟର ପଥ.

ସୌମ୍ୟରଞ୍ଜନ ସ୍ୱାଇଁ

ଅବାଟରୁ ପୁଣି ନେଇଆସିବାକୁ ହାତ ଧରି,

 Magazine Downloaded from www.aahwaan.com

ପୁଣ୍ୟାତ୍ମା ତୁମେ ଆସ ବେଗି ଫେରି.

ସିଖାଇ ଦେବାକୁ ଚାଲି ସତ୍ୟର ମାର୍ଗରେ,

ଅହିଂସାର ଭାବ ହୃଦୟେ ଜାଗ୍ରତ କରି.

ଏକତାର ମନ୍ତ୍ରେ ହେବେ ସଭିଏଁ ମୁଗ୍ଧ,

ଅନ୍ୟାୟ ବିରୁଧେ ହୋଇବେ ଠିଆ.

ଶାନ୍ତିର ପଥରେ ପୁଣି ଅଗ୍ରସର ହେବେ,

ମୁଖେ ନେଇ ଭାରତ ମାତାର ନାଁ.

ହେବ ସତ ତୁମ ସ୍ୱପ୍ନର ଭାରତ ତେବେ,

ହିଂସା ଭାବ ଯିବ ସରି.

ଖୋଜୁଛି ତୁମକୁ କେତେ ଏଇ ମାଟି ମାଆ,

ପୁଣି ଥରେ ଆସ ଫେରି.

ହେ ଜାତିରପିତା ପୁଣି ଥରେ ଆସ ଫେରି...

 Magazine Downloaded from www.aahwaan.com

ଜୟ ମାଁ ବରାଳୀ

କୃପା ଦାୟିନୀ ମା' ସୁଖ ପ୍ରଦାୟିନୀ
ଜଗତ ଜନନୀ ଦୁଃଖ ନିବାରିଣୀ ।।୦୧।।
ସାଲୁଙ୍କି ନଈର କୂଳେ ତୋ' ମନ୍ଦିରେ,
ଶୋଭାପାଉଅଛୁ ମନ୍ଦାର ମାଳରେ ।।୦୨।।

ଗମ୍ଭୀରା ଭିତରେ ମା' ତୋର ଆସ୍ଥାନ,
ଅଭୟ ଦିଅ ଜାଣି ଭକ୍ତଙ୍କ ମନ ।।୦୩।।
କେତେ ଦୂରୁ ଭକତ ଆସନ୍ତି ଧାଇଁ,
ତୋ ଆଶୀଷ ଟିକେ ମା' ପାଇବା ପାଇଁ ।।୦୪।।

ପୂଜା ପାଉ ନିତି ବଲସ କୁମ୍ଭାରେ,
ତୋ ଯାତରା ହୁଏ ବରଷକୁ ଥରେ ।।୦୫।।
ଆଶ୍ୱିନ ମାସରେ ହୁଏ ତୋ ଯାତରା,
ତୋ' ଦର୍ଶନ ପାଇ ହେଉ ଆତ୍ମହରା ।।୦୬।।

ଭାଗିରଥୀ ଯାନୀ

ତୋହର ମହିମା ମୁ କେତେ ଶୁଣିଛି,

 Magazine Downloaded from www.aahwaan.com

ତେଣୁ ତୋ' କୃପା ପାଇଁ ଧାଇଁ ଆସିଛି ।।୦୭।।

ତୁଣ୍ଡେ ଧରିଛି ଯିଏ ନାମ ତୁମର,

ଯେତେଥିଲେ ଭୟ ତା' ହୁଅଇ ଦୂର ।।୦୮।।

ଏ ଜଗତବାସୀ ତୋ' ପ୍ରେମରେ ପ୍ରୀତ,

କୃପାଭୀକ୍ଷା ମାଗନ୍ତି ବଢାଇ ହାତ ।୦୯।।

କନ୍ଧମାଳ ଇଷ୍ଟଦେବୀ ମା' ବରାଳୀ,

ତୋର ପାଦେ ସଦା ମୁ କରୁଛି ଅଳି ।।୧୦।।

କନ୍ଧମାଳ ଇଷ୍ଟଦେବୀ ମା' ବରାଳୀ,

ତୋ' ଆଶୀଷ ଦିଅମା' ସଭିଙ୍କୁ ଢାଳୀ ।।୧୧।।

ଅଧମ ମୁ ଜାଣେନା ପୂଜା ତୋହର,

କୋଟି କୋଟି ପ୍ରଣାମ ଘେନ ମୋହର ।।୧୨।।

ଦଳପଡା,ଖଜୁରୀପଡା,ଫୁଲବାଣୀ ।

 Magazine Downloaded from www.aahwaan.com

କାଶତଣ୍ଡୀର ହସ

କାହା ଛୁଆଁ ଲାଗି ମୁକୁଳେ ପାଖୁଡା
ବନ ଉପବନେ ସ୍ୱର୍ଗୀୟ ସୁଷମା
କରିବାକୁ ଅତି ତତ୍ପର ଏ ଧରା
ଋତୁମୟୀ ଆରମ୍ଭିଲ ଯେ ଶୋଙ୍ଗଳା ।।

ଶରତ ପାଇଁ କି ଚାନ୍ଦିନୀ ହସଇ
ମୁକୁଳିତ ତାରା ପଂକ୍ତି
ବନ ଉପବନ ସ୍ୱର୍ଗୀୟ ସୁଷମା
ମନେ ଭରିଦିଏ କାନ୍ତି ।।

ମନ ର ଅଗଣା ମୁଖରିତ ହୁଏ
ଛମ ଛମ ପାଦ ଶବ୍ଦ ରେ
କାଶତଣ୍ଡି ଓଠେ ହସ ର ଫୁଆରା
ମାଆ ର ଆଗମନୀ ରେ ।।

ସିପ୍ରା ନାମତା

ତ୍ରିନେତ୍ର ବଦନୀ ତ୍ରିଶୂଳ ଧାରିଣୀ

 Magazine Downloaded from www.aahwaan.com

ଆଦ୍ୟାଶକ୍ତି ମା ଜନନୀ

କୋଟି ନମନ ତବ ଶ୍ରୀ ପୟରେ

ଢାଳିଦିଏ ଏ ଧରଣୀ ।।

ତୁମ ଆଗମ ର ବାରତା ଜଣାଏ

ଶୁଭ୍ର କାଶ ତଣ୍ଟି ଫୁଟି

ଝକ ଝକ କରେ ବିଲ ହିଡ ତଳେ

ନଈ ପଠା ଧାରେ ଉଠି ।।

ଆଲଟ ଚାମର କରୁଥାଏ ସଦା

ଆନନ୍ଦରେ ଢଳି ଢଳି

ମା ପାଇଁ ବୋଧେ ଜନମ ତାହାର

ହସୁଥାଏ ଭାଳି ଭାଳି ।।

ବାଟ ଚଲା ଲୋକ ଚାହାନ୍ତି ଘଡ଼ିଏ

ଦେଖି ତୋର ରୂପ କାନ୍ତି

କେଡେ ମନ ଲୋଭା ସତେ ଲୋ

ସୁନ୍ଦରୀ ତୁ କାଶତଣ୍ଟି ।।

ସିପ୍ରା ନାମତା (ନମ୍ରତା), ବାରିପଦା

ମୟୁରଭଞ୍ଜ

 Magazine Downloaded from www.aahwaan.com

ଏଇତ ପ୍ରଭୁ ଜୀବନ..

ଜୀବନର ଡଙ୍ଗାରେ ନିତି ବସିଲା ବେଳେ
ଭାବେ ଇଏ କେବେ ଡୁବି ତ ନ ଯିବ
ପରେ ଅନୁଭବ କରେ ଘଟଣାଟି
ଆମମାନଙ୍କ ସଂଗେ ଦିନେ ନିଶ୍ଚୟ ଘଟିବ,

ବସିବା, ଡୁବିବା ର ଶୂନ୍ୟ ସ୍ଥାନ ମଝିରେ
ଗଢିଦେବା ହୃଦୟରେ ଏକ ଭକ୍ତିର ମନ୍ଦିର
ଯେଉଁଠାରେ ନିତି ଆନନ୍ଦେ ବାସ କରିବେ
ସେ ଅଧା ଗଢା ଭାବ ପ୍ରିୟ କଳା ଠାକୁର,

ତାଙ୍କରି ଆସରିବାଦ ରେ ଆମ ଜୀବନ
ଚାଲିଯାଏ ଗୋଟେ ଆଲୋକ ରଶ୍ମୀ ପରୀ
ବେଳେ ବେଳେ ଭାବିଲେ ଭୟ ଆସେ
ମନରେ ଅଧା ରାସ୍ତାରେ ଯିବ କାଳେ ସରି,

ରାମ ପ୍ରସାଦ ସିଂହ

ଡର, ଭୟ ଆମ ମଣିଷ ଜୀବନର

 Magazine Downloaded from www.aahwaan.com

ଭାବନାରେ ଘର କରି ରହିଯାଏ
ମହାବାହୁ ଆପଣଙ୍କ ପ୍ରତି ଭକ୍ତି ଦ୍ୱାରା
କେତେବେଳେ ଏ ସବୁ ଅଜଣତେ ହଜିଯାଏ,

ମଣିଷ ଜନମ ପାଇଛି ଯେତେବେଳେ
ଛଡାଇ ପାରେନା ଲୋଭ, ମୋହ, କାମନା
ସଂସାରରେ ଆପଣ ମଧ୍ୟ ବହୁବାର ଆସି
ଜାଣିଛନ୍ତି କେତେ ପୀଡା ଏହାର ସାମନା,

ଶେଷ ମୁହୂର୍ତ୍ତରେ ଏ ଦେହ ଶରୀର
ତମ ସାଥେ ମିଶିବାର ରଖେ ଆଶା
ପାପ ପୁର୍ଣ୍ୟ କରମର ହିସାବ କିତାବ
ନିର୍ଣୟ କରିବ ମୋର ତୁମ ପାଖେ
ଏଇ ଅଭିଲାଷା....

ଭ୍ରାମ୍ୟଭାଷ : ୯୫୭୪୫୭୦୫୭୪

 Magazine Downloaded from www.aahwaan.com

ମୋ କବିତା, ବନ୍ୟା, ହସ ଓ କାନ୍ଦ

ଶ୍ରାବଣ ଆସିଛି, ବର୍ଷାକୁ ନେଇ ।

ବର୍ଷା ଆସିଛି,ବନ୍ୟାକୁ ନେଇ ।

ଯୋଉଠି ବନ୍ୟା ନାହିଁ, ଚାଷୀ ମୁହଁରେ ହସ,

ସେଚାଷ କରିବ, ଫସଲ ଉତୁରେଇବ

ଆଉ ପିଲା ଛୁଆଙ୍କ ପାଇଁ ବରଷକର ଖାଇବା ସାଇତିବ ।

ଯୋଉଠି ବନ୍ୟା ଆସିଛି,

ସେଠି କୁଜି ନେତା ଆଉ ଗାଁ ଟାଉଟରଙ୍କ ମୁହଁରେ ହସ

ବନ୍ୟା ପୀଡିତଙ୍କ ପାଇଁ ରିଲିଫ୍ ଆସିବ, ଘର ଭଂଗା

ଟଙ୍କା ମିଳିବ, ଫଳେ ପୁଷ୍ଟେ ପୀଡିତାଙ୍କୁ ବାଣ୍ଟି ଦେଇ,

ସିଂହ ଭାଗ ପକେଟକୁ ଆସିବ ।

ସଂଘମିତ୍ରା କାନୁନଗୋ

ବନ୍ୟାରେପୀଡିତ ଜନତା କାଂଦୁଛି,

ମୁଠେ ଭାତ, ଖଣ୍ଡିଏ ଛପର, ଆଖିର ନିଦ

ସବୁ ଛଡେଇ ନେଇଛି ବନ୍ୟା,

ଶୂନ୍ୟ ଜଠରରେ ହା ଅନ୍ନର ଚିତ୍କାର, ରିଲିଫ୍ ମିଳୁନି,

 Magazine Downloaded from www.aahwaan.com

କୋଳରେ ଦଶ ଦିନର କଅଁଳା ଛୁଆ,ମା ଥନରେ କ୍ଷୀର

ନାହିଁ କି ପିଇବାକୁ ଟୋପେ ଭଲ ପାଣି ନାହିଁ ।

ବନ୍ୟା ପ୍ରଭାବିତ ଅଂଚଳର ବଡ ଅଧିକାରୀଙ୍କ

ପତ୍ନୀ ବି କାଂଦୁଛନ୍ତି ଲୁହନାଳ ଏକାକାର କରି,

ସରକାର ଛୁଟି ବାତିଲ କରି ଦେଇଛନ୍ତି,

ବିବାହ ବାର୍ଷିକୀ ପାଳିବାର ଥିଲା ।

ପାଟଆଉ ହୀରା ମୁଦି କିଣିଦବାର ପ୍ରତିଶ୍ରୁତି,

ସାହେବଙ୍କଠୁଁ ମିଳିସାରିଥିଲା ।

ହୋଇ ସାରିଥିଲା ବି ଭୋଜି ଟିଏ କରି

ତଳିଆ କର୍ମଚାରୀଙ୍କ ଠାରୁ ଭେଟି ସାଉଁଟିବାର ଯୋଜନା ।

ଏମିତି ସମୟରେ ଏ ବନ୍ୟା ଆସିଲା ଯେ

ବାବୁଙ୍କୁ ଛୁଟିରେ ଘରକୁ ଆସିବା ମନା

ଛୁଟିରେ ଘରକୁ ଆସିବା ମନା ।

ଇରିଗେସନ୍ କଲୋନୀ

ଭବାନିପାଟଣା

 Magazine Downloaded from www.aahwaan.com

ତୁମକୁ କହିବି ବୋଲି ...

ଆଜି ନୁହେଁ ...,

ଅନେକ ଦିନରୁ ତୁମ ଆସିବା

କଥା ହିଁ ଭାବୁଛି ମନରେ ।

ମୁଁ ଭାବୁଛି ...

ତୁମେ ଆସିବ ରାତ୍ରୀର ନିଶବ୍ଦ ପ୍ରହରରେ

ଅବା ଶୀତ ଋତୁର

ଶୀତୁଆ ସକାଳରେ

ଟୋପାଟୋପା କାକର ହୋଇ

ପୁନେଇର ଜୋଛନାରେ

ଫୁଲର ମହକ ନେଇ

ଫଗୁଣର ଫଗୁଭରା ଆହ୍ୱାନରେ ।

ବସନ୍ତ ପବନରେ

କୋଇଲିର କୁହୁତାନ

ମୋତେ ମନ୍ତ୍ର ମୁଗଧ କରିବ

ଅରୁଣ କୁମାର ପାତ୍ର

ମୋ' ମନ ଗହନରେ ଅନ୍ତର ବେଦନାର

ଉପଶମ ହେବ ।

 Magazine Downloaded from www.aahwaan.com

ଆଜିଯାଏଁ କାହାକୁ କହି ପାରୁ ନଥିବା

ଅକୁହା କଥାକୁ ତୁମକୁ କହିବି ।

ସୁଖ ଦୁଃଖ ପାପ ପୂଣ୍ୟ

ଲାଭ କ୍ଷତିର ହିସାବ

ମୁଁ ତୁମକୁ ଦେବି ।

ତୁମେ ଯେବେ ବୁଝିବ ମୋ' ମନର କଥା

ସେତେବେଳେ ମୁଁ ସମର୍ପଣ କରିବି ମୋ ସର୍ବସ୍ୱ

ନାରୀତ୍ୱର ଜ୍ୱାଳା ।

ମଧୁମୟ ହେବ ତୁମ ଜୀବନ

ଯେତେବେଳେ ଅଙ୍କୁରିତ ହେବ ନୂତନ ବୀଜ

ସାର୍ଥକ ହେବ ମୋର ନାରୀ ଜୀବନ

ତପ୍ତଙ୍ଗେ ସଙ୍ଗେ ତୁମର ଅନେକ ଦିନର ଅକାଂକ୍ଷା ।

ଶିକ୍ଷକ, କେନ୍ଦୁପଦର, ଫୁଲବାଣୀ – ୭୭୨୦୦୧

ଭ୍ରାମ୍ୟଭାଷ – ୯୪୩୭୭୫୨୭୫, କନ୍ଧମାଳ ଜିଲ୍ଲା (ଓଡ଼ିଶା)

ଇମେଲ୍ – arunpatra21171@gmail.com

 Magazine Downloaded from www.aahwaan.com

ଆଜି ମୋ ଭାରତ

ଆଜି ମୋ ଅଖଣ୍ଡ ଭାରତ

ବିଖଣ୍ଡିତ ଚିନ୍ତାଧାରା

ସିଂହାସନ ଆଳରେ ଭିନ୍ନ ଭିନ୍ନ ମତ

ହେଲେ, ହୁଅନ୍ତି ଯେ ବନ୍ଧୁ

ନୈଶ୍ୟ ଭୋଜିରେ ସଭିଏଁ ଏକତ୍ର ।

କିଂକର୍ତ୍ତବ୍ୟମୂଢ ଏ ସମାଜ

ଯାହା ସଙ୍କାହୀନ ଆଜି

ଦୁଃଷିତ ପାଂଶୁଳ ପ୍ରତିବିମ୍ବ ତା'ର

ଅସ୍ୱସ୍ଥ ଶିକ୍ଷାର ପରିଧିରେ

କରେ ଯେ ପ୍ରୟାସ

ଖୋଦିବାକୁ କୃତ୍ରିମ ପ୍ରତିମା ମୋ ଭାରତର ।

ସଭିଏଁ ଶକୁନି ଏଠି,

ନରେଶ କୁମାର ବେହେରା

ବିନା ଖେଳରେ ଘର ହୁଏ ହାଟ

ଚାଲେ ଭାଗବଣ୍ଟା, କିଣାବିକା

 Magazine Downloaded from www.aahwaan.com

ସମ୍ଭାଷିର, ଏ ମାଟିର, ମୋ ଦେଶର ।

ଗୁରୁ ସ୍ୱୟଂ ଦ୍ରୋହୀ, କାରାଗାରେ
ଲୁଣ୍ଠନ, ଅତ୍ୟାଚାରେ ପେଷିତ
ଅଚମ୍ବିତ ଅଣାୟତ ଭକ୍ତ
ଦେଉଛନ୍ତି ବାର୍ତ୍ତା ପୁଣି
ଗଢିବାକୁ ଆଦର୍ଶ ଭାରତ !

ମଣ୍ଡିରେ ଶସ୍ୟ ଅଭାବି
ନା ଅମଳ, ନା ବିକ୍ରି
ଯଦ୍ୟପି ସରକାର ଆଶ୍ୱସ୍ତ
ବାଣ୍ଟୁଛି ପାଞ୍ଚ ଟଙ୍କିଆ ଅନ୍ନ
ଦୁଇ ଟଙ୍କିଆ ଚାଉଳ
ଆଖିପତା ପଡୁନାହିଁ
ହେଲେ, ଦେଖୁଛି ସପନ
ସ୍ୱର୍ଣ୍ଣିମ ଭାରତର ।

ଜାଗହେ ସନ୍ତାନଗଣ
ଫେର ଦିବାସ୍ୱପ୍ନରୁ

 Magazine Downloaded from www.aahwaan.com

ଆଉ ନାହିଁ ବେଳ

ସରିଲାଣି ପଶାଖେଳ

ଫୁଙ୍ଗୁଳା ଭାରତ ଆଜି

ଅନ୍ତବସ୍ତ୍ର ହୀନ ବିଶ୍ୱ ଦରବାରେ

କିଛିତ କର ଶରମ

ଲେଉଟାଅ ପୁଣି ସେ କାଳ ।

ବସୁଧା କମ୍ପ୍ୟୁଟର, ଗୋଇଲୁଣ୍ଡି ମେନ ରୋଡ଼,

ବ୍ରହ୍ମପୁର, ଗଞ୍ଜାମ,

ମୋ-୭୮୦୯୮୭୨୪୮୩

 Magazine Downloaded from www.aahwaan.com

ଦୁଇଟି କବିତା

(୧) ଆଶୀଷ ଭରା ଜୀବନ

କଣ୍ଟକିତ ଜୀବନ ର ପଥେ
କିଆଁ ଏତେ ନିରାଶା ର' ବ୍ୟଥା
ସମୟକୁ ନିରେଖି ପଚାର
ପ୍ରଭୁମୟ ଶୁଣିବେ ତୁମ ଗାଥା ।।

ପଥ ରେ ଫୁଟିବ ଆଶାର ଫୁଲ
ଭୁରିଭୁରି ଭରିବ ପ୍ରଭୂ ଙ୍କ ଆଶିଷ
ଦୁଃଖ ର ସମୟ ସରିବ ନିଶ୍ଚୟ
ଭରି ଦେଇ ଜୀବନ ରେ ବାସ ।।

ଆଶୁତୋଷ ମେହେର

******

(2) ବର୍ଷା ମେଲାଣୀ

କାଶତଣ୍ଡୀ ହସିଲାଣି
ଛେନା ଛେନା ହସରେ ।

 Magazine Downloaded from www.aahwaan.com

ଆକାଶରେ

ଭସା ମେଘର

ରୂପାର ରୋଷଣୀ ।

ଶେଷ ରାଗିଣୀରେ

ଶ୍ରାବଣୀ-ବର୍ଷା ର

ହାତ ହଲା ଟା ଟା ମେଲାଣୀ

ସର୍ବସତ୍ତ୍ୱ@ଆଶୁତୋଷ ମେହେର

54 ଆର୍ଯ୍ୟପଲ୍ଲୀ

କିଟଛକ, ପଟିଆ

ଭୁବନେଶ୍ୱର ୭୫୧୦୨୪

ଦୂରଭାଷ ୯୪୩୦୮୫୩୯୬୪

 Magazine Downloaded from www.aahwaan.com

କବି ଦିବସ ଅବସରରେ

କବିର ଲୋଚନେ ଏ ସାରା ସଂସାର

କବିତାର ଖେଳଘର

ବିଚିତ୍ର ସୃଷ୍ଟିରେ କୋଟି ଜୀବ ଏଠି

ଜୀବନ ଜୀଇଁବା ସାର ।

ଭାଷାରେ ଭାବରେ ରୀତିରେ ନୀତିରେ

କବିର କବିତା ପୁଷ୍ଟ

ଶବଦେ ଶବଦେ ଅର୍ଥର ସମ୍ଭାର

କବି ମଣିଷ ଇ ଶ୍ରେଷ୍ଠ ।

ପଥର ଛାତିରେ କାରିଗର ଯହିଁ

ଫୁଟାଏ ରମ୍ୟ କଳା

ଶିଳ୍ପୀ ତୂଳୀରେ ଶିଳ୍ପଚାତୁରୀ

ଲିଖିତ ଜଗତ ଲୀଳା ।

ଡଃ ଦ୍ୱାରିକାନାଥ ମହାରଣା

ଅକ୍ଷର ସେଇଠି ସ୍ୱାକ୍ଷର ସାଜଇ

ଶବ୍ଦର ଅଟ୍ଟାଳିକା

କବିର କଲମେ ସଫଳ ଲଭଇ

ଭାବନା ବିଚାର ଅଙ୍କା ।

 Magazine Downloaded from www.aahwaan.com

କବିର ସେ ଶ୍ରମ ସାର୍ଥକ ହୋଇବ

ବିବେକୀ ପାଠକ ଲାଗି

କାଳଜୟୀ ହେବ କବିତା ସମଗ୍ର

କବି କବିତାର ଯୋଗୀ ।

ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା

ଭ୍ରାମ୍ୟଭାଷ : ୯୬୬୮୩୦୦୬୨୫

 Magazine Downloaded from www.aahwaan.com

ରେଜିନା

ରେଜିନା ବୋଲି ନାମଟି ତୋତେ ଦେଲାପରେ

ରଜନୀଗନ୍ଧାର ବାସ୍ନା

କୋଉଠୁ ଯେ ମହକି ଉଠିଲା

ସୁଗନ୍ଧିତ ମହକରେ ପ୍ରାଣ ଭରିଗଲା

ଶୁଷ୍କ ଓଠରେ ମୋର

ସ୍ମିତ ହାସ୍ୟ ଆହୁଲା ମାରିଲା ମାରିଲା ।

ମୁଁ ତତେ କହି ଦେଇଥିଲି

ତୋର ଅସଲ ନାମରେ ଡାକିବିନି ତୋତେ

କାରଣ, ସେହି ନାଁଟି ଶୁଣିଲେ

ଭୟରେ ମୋ ତଣ୍ଟି ଶୁଖିଯାଏ ।

‘ରେଜିନା’ ଡାକିଲା ପରେ

ଲେଖିଥିଲି ଅନେକ କବିତା

ବାଟରେ ଘାଟରେ ଗାଉଥିଲି ଗୀତ

ଆଉ ଲେଖିଥିଲି ନାଁ ତୋର

ନବୀନ ସାହୁ

ପଥର ଛାତିରେ ।

ଏଇ ନାଁଟିକୁ ଦେବାପାଇଁ

 Magazine Downloaded from www.aahwaan.com

ଯେତିକି ବହିରେ ଖୋଜିଛି

ସେତିକି ଖୋଜରି ବୋଧେ ଭକ୍ତଟିଏ

ତା ଇଷ୍ଟଦେବକୁ ।

କିନ୍ତୁ ପ୍ରିୟା

ଏବେ ଖାଲି ସେ ନାମରେ

କବିତା ଲେଖୁଛି

ମନରେ ଡାକୁଛି

ହେଲେ ତୋତେ ପାଖେ କି ପାଉଛି ?

 Magazine Downloaded from www.aahwaan.com

ସ୍ୱପ୍ନ

ସ୍ୱପ୍ନ ଅନେକ

ସମ୍ଭାବନା ବିନା

ରାତି ଯାଏ ପାହି

ଦିନ ସରେନା,

ଅଭିମାନ ଆସେ ମନେ

ହେଲେ ଅଭିଯୋଗ କରିହୁଏନା ।

କଳ୍ପନା ସାଜେ ବାସ୍ତବତା

ହୃଦୟେ ଦୁଃଖ ଦେଇ

ଆଖିର ଲୁହ

ପୁଣି ଓଠ ପିଏ

କେତେ ଆଶା-ଭରସା ନେଇ ।

ପ୍ରଫୁଲ୍ଲ ନାହାକ

ବସନ୍ତ କି ସତେ

ଉଙ୍କିମାରେ ମନେ

ନିଛାଟିଆ ଖରାବେଳେ

ଅକୁହା କୋହ, ଅସରାଏ ମୋହ

ଦେଇ ଜୀବନର ପ୍ରାଣେ ।

 Magazine Downloaded from www.aahwaan.com

ତଥାପି ଜୀବନ, ସ୍ୱପ୍ନ ବିନା ଅଧା

ତା ମଧ୍ୟେ ରହିଛି ମାନବର ବ୍ୟଥା

ତାକୁ ଛାଡ଼ି ମଣିଷ ବଞ୍ଚିପାରେନା

ବଞ୍ଚିବାର ରାହା ଖୋଜି ଖୋଜି

ମିଳେ ତାକୁ ନବ ପ୍ରେରଣା ।

ଅଧ୍ୟାପକ, ଏନ୍.ସି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଓଡ଼ିଶା

 Magazine Downloaded from www.aahwaan.com

ଗୋଲାପ ମୁଁ ତୁମକୁ ବହୁତ ଭଲପାଏ !

ଗୋଲାପ ମୁଁ ତୁମକୁ ବହୁତ ଭଲପାଏ !

ବହୁତ ! ବହୁତ !

ପଚାରିବନି କେତେ ?

ଉଁ. କେତେ ?

ଜହ୍ନ ନୀଳକଇଁକୁ,

ଭ୍ରମର କୁସୁମକୁ ଯେତେ ଭଲପାଏ

ତାଠୁ ଢ଼େର ଅଧିକ !

ସତରେ ?

ହଁ ! ନିରାଟ ସତ ପ୍ରିୟେ ! !

ଆଚ୍ଛା !

ଚିତ୍ତରଞ୍ଜନ ସାହୁ

ମୋ ପାଇଁ ଗୋଟେ

ସୁନ୍ଦର କୁସୁମ ଆଣିପାରିବ ?

ଅବଶ୍ୟ ପ୍ରିୟେ !

କିନ୍ତୁ ସେହି କୁସୁମ ଆଣିବ

ଯାହାର ପ୍ରତ୍ୟେକ ପାଖୁଡ଼ାରେ

 Magazine Downloaded from www.aahwaan.com

ଅପୂର୍ବ ସୌନ୍ଦର୍ଯ୍ୟ ଲୁଚିରହିଥିବ ।

ଏ କଣ ମାଗିଦେଲ ପ୍ରିୟେ ! !

ହାରିଗଲି ପ୍ରିୟେ !

କେମିତି ଆଣିବି ସେମିତି ଏକ କୁସୁମ ।

ତୁମ ସୌନ୍ଦର୍ଯ୍ୟ ଭରା

କୋମଳ ମୁହଁ ଆଗରେ

ଫିକା ଫିକା ଦିଶିବ

ବ୍ରହ୍ମାଣ୍ଡର ପ୍ରତ୍ୟେକ

କୁସୁମର ଏକଏକ ପାଖୁଡା ।

ଆଉ କିଛି ମାଗିପାର ପ୍ରିୟେ !

ନାଇଁ କୁସୁମ ଦରକାର ।

ଠିକ ଅଛି ପ୍ରିୟେ !

ଆସୁଛି ସେମିତି ଏକ କୁସୁମକୁ ନେଇ !

ନିଅ ପ୍ରିୟେ !

ଓଃ

ଏ କଣ କଲ ପ୍ରିୟ !

ରୁଧିର ନଦୀ ବହୁଛି ପ୍ରିୟ

ତୁମର ବକ୍ଷରୁ !

 Magazine Downloaded from www.aahwaan.com

ନିଅ ପ୍ରିୟେ ଏ କୁସୁମକୁ

ଅବଶ୍ୟ ଭଲ ଲାଗିବ

ମୋର ହୃଦୟର ସ୍ପନ୍ଦନରେ

କୁସୁମ ଉଜ୍ଜୀବିତ ଦିଶୁଥିବ ଚିରଦିନ

ଗ୍ରହଣ କର ।

ପ୍ରିୟ ଏ କଣ କଲ ! ପ୍ରିୟ !

ଚିତ୍ତରଞ୍ଜନ ସାହୁ

ସିଙ୍ଗିରି, ଆଳି, କେନ୍ଦ୍ରାପଡା

୭୩୭୭୬୭୮୭୩୮

schittaranjan93@gmail.com

 Magazine Downloaded from www.aahwaan.com

ନାରୀ

ତୁମ କୋମଳ ଶରୀରର
କଅଳ ପାଖୁଡା
ଛିନ୍ନ ଭିନ୍ନ
ଝରି ପଡିଛି ଦିବାଲୋକରେ,
ଦିଗବଳୟର ଦୂରକାନ୍ଥ
ଦୋହଲି ଯାଇଛି
ତୁମ ବିକଳ ଆର୍ତ୍ତନାଦରେ ;
ବିକଳାଙ୍ଗ ମାନସିକତାର ବିଜୟଧ୍ୱଜା
ତରଙ୍ଗାୟିତ ପୁରୁଷ ପୁଙ୍ଗବର
ସୁଉଚ୍ଚ ସ୍ତମ୍ଭରେ ।

ଖୋଲି ଦେଇଛ କି
ବେଣୀ ବନ୍ଧନ,
ନିରାଶ ହେବ ।
କୃଷ୍ଣ ଦେବେନି କୋଟି ବସ୍ତ୍ର
କି ରାମ ବାନ୍ଧିବେନି ସେତୁବନ୍ଧ ,
ବାଜି ଲାଗି ସାରିଛି ପୌରୁଷ !
ଆଖିର ଅନ୍ଧ ପୁଟୁଳି
ସଭିଏଁ ଏଠି ଧୃତରାଷ୍ଟ୍ର ।

ନିର୍ମଳ କୁମାର ଦଳାଇ

 Magazine Downloaded from www.aahwaan.com

ତୁମକୁ ତ ଉଲଗ୍ନ ହେବାକୁ ପଡ଼େ
ସୃଷ୍ଟି ସର୍ଜନା ହେଉ ବା ସଂହାର ,
ମା ରୂପେ ସନ୍ତାନ ପ୍ରସବ
ପୁଣି ଦେବୀ ରୂପେ ବଧକର ଅସୁର ।

ଆଜି ତୁମେ ଉଲଗ୍ନ !
ତୁମ ଦେହରୁ ନିର୍ଗତ ହେଉ
ଦହନର ନିଆଁ
କାମନା ବିନାଶ ପାଇଁ ନୁହେଁ ,
ବିନାଶ କର ବିକଳାଙ୍ଗ ପୌରୁଷର
ବିକଳ ମାନସାଙ୍କ ।
ତୁମେ ଇ ତ ନାରୀ
ପୁଣି ଥରେ ସୃଷ୍ଟିକର
ମାନବତାର ନୂତନ ସଂଜ୍ଞା ।

ଶିକ୍ଷକ
ରଇପୁର ଉଚ୍ଚ ବିଦ୍ୟାଳୟ
ରଇପୁର, ଯାଜପୁର, ଓଡ଼ିଶା
ଭ୍ରାମ୍ୟଭାଷ : ୯୦୯୦୬୯୩୫୦

 Magazine Downloaded from www.aahwaan.com

ଶରତ ଆସିଲେ

ଶରତ ଆସିଲେ ବେଶି ମନେପଡ଼େ
କାଶତଣ୍ଟୀ ପଠାଧାରେ
ସଂଜ ନଈକୂଳେ ଯାଉଥିଲି ବୁଲି
ସଙ୍ଗାତଙ୍କ ଗହଣେ... ।
ଦେଖିବା ପାଇଁକି ଆସୁଥିଲ ଧାଇଁ
ଚିଠି ଓ ଗୋଲାପ ନେଇ
ଆଖି ଇଶାରାରେ ଡାକିଦିଅ ମୋତେ
ଯାଉଥିଲି ପଛେ ରହି... ।
ସେଇ ନଈକୂଳ ଝାଉଁବୁଦାମୂଳ
ଏବେ ବି ଅଛନ୍ତି ସାକ୍ଷୀ
ଏକ ହୋଇଥିଲେ ଦୁଇମନ ଯହିଁ
ମିଶିଥିଲା ଚାରିଆଖି... ।
ପୀରତି ମୀନାର ଅଧାଗଢ଼ା ହେଲା
ଗଲ ପରଦେଶୀ ହୋଇ
ଫେରିବା ବାଟକୁ ରହିଛି ଅନେଇ
ଆସିବ ସିନ୍ଦୁର ନେଇ... ।

ସସ୍ମିତା ବେହେରା

ସୋଲର, ଛତିଆ, ଯାଜପୁର

 Magazine Downloaded from www.aahwaan.com

କିଂ କର୍ତ୍ତବ୍ୟ

ସବୁଦିନ ପରି ଆଜି ବି
ଦୂର ଗଗନ ତଳେ ସୂର୍ଯ୍ୟ ଉଇଁଛି,
ମୋ ଘରର ଝରକା ଦେଇ
ନାଲିଆ କିରଣ...
ସତେ କି ଯନ୍ତ୍ରଣା ! ! !
ଯନ୍ତ୍ରଣାର ଶରାଘାତରେ
ମନ ମୋ କ୍ଷତବିକ୍ଷତ !
ଘରେ ମୋ ଅକ୍ଷମ ପିତା
ବୃଦ୍ଧା ମାତା
ପତ୍ନୀ ରୋଗିଣୀ
କୋମଳମତି କନ୍ୟା ।
ଢଣ୍ ଢଣ୍ ଢଣ୍...
ଆଠ ଥର କାନ୍ଥଘଣ୍ଟା ବାଜିଲା
ମନେ ପଡ଼ିଲା
ଟିଫିନ୍‌ର ସେ ପୋଡ଼ା ରୁଟି
ବସରେ ପହଞ୍ଚିବା ଡ୍ୟୁଟି
ଫାଇଲ୍ ସମୁଦ୍ରରେ ବୁଡ଼ିଯିବା
ସାର୍‌ଙ୍କ ଡାକରେ ଅଣନିଶ୍ୱାସୀ ହେବା ।
ନିଜକୁ ପ୍ରସ୍ତୁତ କଲି
ଆଇନା ଦେଖିଲି

କୃଷ୍ଣ ମିଶ୍ର

 Magazine Downloaded from www.aahwaan.com

ରୂପ ଦରବୁଢ଼ା

ସ୍ୱଳ୍ପକେଶ ମଥା

ଆଖିତଳେ ଧରିବ ଚାଉଳ ପୋଷେ

ଅନ୍ତର ମୋ ଚିତ୍କାରିଲା ରୋଷେ ।

ଦୋଷ ମୋ କେଉଁଠି ମୁଁ ଜାଣେ

ଦେଶ, ସମାଜ, ଆଦର୍ଶକୁ ବଡ଼ମାନେ

ହଠାତ୍ !

ଚେତା ପାଇଲି, ପଛକୁ ବୁଲି ଚାହିଁଲି

କୁନି ଝିଅ, ପତ୍ନୀ ଠିଆ ମୋ ପଛରେ...

ଚିନ୍ତା କରନା ! ଆମେ ତୁମ ସାଥିରେ ।

ବାପା !

ଫ୍ରକ୍ ମୋ ଚିରି ଯାଇଛି

ସିଲଟ୍ ବିନା ମୁଁ ଚଟାଣରେ ଲେଖୁଛି

ମନେ ମୋ ଦୁଃଖନାହିଁ, ଗେହ୍ଲାଟିକେ ମାଗୁଛି ।

ଶୁଣି ତା କଥାକୁ, ଖୋଜିଲି ନିଜକୁ

ସମାଜ, ଦେଶ ଆଉ ଆଦର୍ଶର ବୋଝତଳେ

କବର ପାଇଥିବା ଏ ମନକୁ ! ! !

ରାୟଗଡ଼, ଛତିଶଗଡ଼

 Magazine Downloaded from www.aahwaan.com

ସପନ

ସବୁ ସପନ ତ ସତ ହୁଏନାହିଁ
ଦେଇ ଯାଏ କିଛିବ୍ୟଥା,
କଳ୍ପନାକୁ କିଏ ପାରିଚିକି ଛୁଇଁ ?
ଦୁଃଖହିଁ ମିଳେ ଅଯଥା ।

ବାସ୍ତବିକତାର ବାସ୍ତବ ବେଶରେ
ବିଶ୍ୱାସ ସାଉଁଟୁ ଥାଏ,
ସେର ତ ପୂରେନା ମାଣବି ପୂରେନା
ଖାଲିହାତେ ଫେରିଯାଏ ।

କିଛି ସପନ ରହିଯାଏ ଅଦେଖା
ଆଖି ତ ପାରେନା ଦେଖି ,
ଛଳନାର ନିଆଁରେ ଜଳେ ହୃଦୟ
କେହି ନାହିଁ ଏଠି ସାକ୍ଷୀ ।

ପ୍ରିୟଙ୍କା ସାହୁ

ରାତିର ଅନ୍ଧାରେ ରଂଗୀନ ସପନ

 Magazine Downloaded from www.aahwaan.com

ସକାଳୁ ଉଭେଇ ଯାଏ ,

ଖୋଲା ଆଖିରେ ଥାଏ ଯେତେ ସପନ

ହାତଠାରି ଡାକୁଥାଏ ।

ବେଳେବେଳେ ଅବୁଝାହୃଦୟ ଖୋଜେ

ସପନ ଦେଖିବ ନୀତି ,

ଏମିତି ସପନ ଆସେ ଜୀବନରେ

ଆଶା ହୋଇଯାଏ ଇତି ।

ସାହାନିଆଜପୁର ,କଟକ

 Magazine Downloaded from www.aahwaan.com

ମା

ଦୁଃଖ, କଷ୍ଟ ସହି
ପୃଥିବୀ ପୃଷ୍ଠର
ଆଲୋକ ଦେଖାଏ ଯିଏ
ମା' ଅଟେ ସେହି
ଜନନୀ ଆମର
ତା'ଠୁ ବଳି କେହି ନୁହେଁ... ।

ମନର କଥାକୁ ବୁଝିନିଏ ସେହି
କହିବାକୁ ପଡ଼େନାହିଁ
ବୃଦ୍ଧା ହେଲାପରେ
ସେ ମାଆକୁ ଆଜି
ସନ୍ତାନ ପରାରୁ ନାହିଁ... ।

ବେବିସ୍ମିତା କର

ଚାଲୁ ଚାଲୁ ଟିକେ ଝୁଣ୍ଟି ପଡ଼ିଗଲେ
ପାଖକୁ ନିଏ କୋଳେଇ
କେତେ ଗୀତଗପ କହି କହି

 Magazine Downloaded from www.aahwaan.com

ଦେଉଥିଲା ଦିନେ ଶୋଇ... ।

ଆଜି ପୁଣି କାହିଁ

ମନେ ପଡ଼େ ନାହିଁ

ମା'ର ସେ ପ୍ରେମବାର୍ତ୍ତା

ସମୟ ଆଗରେ ସବୁ ଭୁଲିଯାଇ

ଦେଖାଉ ତୁ ନିରବତା ।

ମା' ପରି ସେଇ

କୋମଳ ଆତ୍ମାକୁ

ଦେବନାହିଁ କେବେ କଷ୍ଟ

ସ୍ନେହ ମମତାରେ

ଭରିଦିଅ ଥରେ

ସବୁ ପାପ ହେବ ନଷ୍ଟ ।

ସାମନ୍ତରାପୁର, ଭୁବନେଶ୍ୱର, ଓଡ଼ିଶା

 Magazine Downloaded from www.aahwaan.com

ମହାନଦୀ

ମହାନଦୀର ଜଳ

ଓଡ଼ିଶାର ବଳ

ଆସ ମୋର ଓଡ଼ିଆ

ଯନ୍ତ୍ରୀ, ମନ୍ତ୍ରୀ ଓ ସର୍ବସାଧାରଣ

ଭୁଲି ରାଜନୈତିକ ଦଳ

ଲଗେଇ ଦେଇ ସବୁ ବଳ

ମହାନଦୀ ଉପର ମୁଣ୍ଡରୁ ଉଠାଇ ଆଣ

ନଦୀ ବନ୍ଧ ଛାଡ଼ି

ଦେବେ ତ ଦେଖିବ

ଓଡ଼ିଶା କ୍ଷେତ୍ରରେ ସବୁଜ ଶସ୍ୟର ଖେଳ ।

ସୌମ୍ୟରଞ୍ଜନ ଲେଙ୍କା

ପାଳଧୁଆପଲ୍ଲୀ, ବାଣପୁର, ଖୋର୍ଦ୍ଧା।

ଓଡ଼ିଶା, ଭ୍ରାମ୍ୟଭାଷ : ୯୪୩୭୨୮୬୭୬୭

 Magazine Downloaded from www.aahwaan.com

ଶିଳାପଦ୍ମର ବିଳାପ

ଉତ୍କଳୀୟ କଳା ବୈଭବର ହୀରକ ଅଭିଲିପି

ଶିଳାପଦ୍ମର ସମନ୍ୱିତ ସାର୍ଥକ ସ୍ୱାକ୍ଷର

ତ୍ୟାଗ - ତିତିକ୍ଷାର ଅନନ୍ୟ ଅନ୍ତାକ୍ଷରୀ

ମୁଁ କୋଣାର୍କ - ଭଗ୍ନମୋର ରୂପ

ତଥାପି ଶ୍ରେଷ୍ଠ - ସର୍ବଶ୍ରେଷ୍ଠ [୧]

ସମୟର କରାଳ ଉତ୍‌ଥାନ-ପତନରେ

ଦୋହଲିଛି ମୋ ଆତ୍ମା

କ୍ଷତବିକ୍ଷତ ମୋର ସମଗ୍ର ସତ୍ତା

ମୁଖଶାଳା ମୋର ମୂକସାକ୍ଷୀ

ଚିର ଯୌବନର.... [୨]

ହିମାଂଶୁ ଭୂଷଣ ଜେନା

ମୋର ଆତ୍ମା ସାରାରାତି ସାରଦିନ

ଝୁରୁଛି ସେହି ବାରଶହ ବଢ଼େଇ

ବିଶୁ ମହାରଣାର ଶେଷ ସ୍ୱର୍ଗ

କାହାନ୍ତି ସେମାନେ ?

 Magazine Downloaded from www.aahwaan.com

କରିଛ କି ଅଭିମାନ ? [୩]

ଆସ ତୁମ ନିହଣ ମୂନର ଦିବ୍ୟସ୍ପର୍ଶରେ

ମୋକ୍ଷତ ଭରିଦିଅ, ହରିନିଅ ମୋର କ୍ଷୋଭ

ଭାଙ୍ଗିଯାଉ ଆଧୁନିକତାର ଫମ୍ପା ଅହମିକା

ବିଜୟୀ ହେଉ କଳାର, ଶିଳ୍ପୀର ଶିଳାପଦ୍ମର... [୪]

ସହକାରୀ ଶିକ୍ଷକ,

ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ନିଆଳି, ଯାଜପୁର

ଭ୍ରାମ୍ୟଭାଷ : ୯୭୭୭୬୯୩୩୮୦

 Magazine Downloaded from www.aahwaan.com

ମୁଁ ଯଦି କେବେ ତୁମକୁ ପଚାରେ...

ସମ୍ପର୍କର ମତୁଆଲା ଜାଲରେ

ଛନ୍ଦି ହୋଇଗଲା ପରେ

ମୁଁ ଖୋଜୁଥିଲି

ବଞ୍ଚିବାର ରାହା...

ଇଶାରାରେ ତୁମେ କ'ଣ କହିଥିଲ

ମନେ ଅଛି... ? ? ?

ଖୋଜି ଖୋଜି ବ୍ୟର୍ଥତାର କାରଣ

ଜୀବନର ଦୋଛକି ରାସ୍ତାରେ

ଭୁଲିଗଲ ବାଟ

ହାତଧରି ଦେଖାଇବ କହିଥିଲ... ! !

ମୋ ଆଖିର ଦୁଇ ବିନ୍ଦୁ ଲୁହ

ପୋଛି ଦେଇ

ସେଦିନର ବସନ୍ତ ସନ୍ଧ୍ୟାରେ

ହଜିଗଲେ ଯେବେ ଆମେ

ଆଦ୍ୟା ଅନିନ୍ଦିତା ଦାଶ

ସ୍ୱପ୍ନର ଅଜଣା ପହରେ

ଠିକଣା ଖୋଜିଦେବ ବୋଲି

 Magazine Downloaded from www.aahwaan.com

କଥାଦେଇ

କୁଆଡ଼େ ଗଲ... ?

ମୁଁ ଯଦି କେବେ ତୁମକୁ ପଚାରେ

ହଜିଯାଇଥିବା ମୋ ସ୍ୱପ୍ନର

ଖଣ୍ଡିଏ କାଗଜ ଫେରାଇ ପାରିବ ?

ଭାଙ୍ଗିଯାଇଥିବା ଆମ ସମ୍ପର୍କକୁ

ଆଉଥରେ ଗଢ଼ିପାରିବ ?

କ'ଣ କରିବ ତୁମେ ?

ସବୁଦିନ ପରି

ବାଟଭାଙ୍ଗି ଚାଲିଯିବ

ନା କଥାଦେଇ

ଆଉଥରେ ହଜିଯିବ... ? ? ?

ମଙ୍ଗଳପୁର, ଯାଜପୁର, ଓଡ଼ିଶା

 Magazine Downloaded from www.aahwaan.com

ହଁ ମୁଁ ସ୍ୱାର୍ଥପର

ହଁ ମୁଁ ସ୍ୱାର୍ଥପର
ସ୍ୱାର୍ଥ ଭରି ରହିଛି ମନରେ ମୋର
କଷ୍ଟ ଦେଇ ଚାଲେ ବାରମ୍ବାର
ହଁ ମୁଁ ସ୍ୱାର୍ଥପର
ହଁ ମୁଁ ସ୍ୱାର୍ଥପର । [୧]
ସଭିଙ୍କ ମନରେ ଦିଏ ମୁଁ ବ୍ୟଥା
ଶୁଣେନାହିଁ କେବେ କାହାରି କଥା
ଭାବିନିଏ ହୃଦୟ ନାହିଁ କାହାର
ହଁ ମୁଁ ସ୍ୱାର୍ଥପର
ହଁ ମୁଁ ସ୍ୱାର୍ଥପର । [୨]
ଭଲପାଏ ଅନ୍ୟ ଆଖିରେ ଦେଖିବାକୁ ଲୁହ
ହସେ ଭାଙ୍ଗି ନିରୀହର କୋମଳ ହୃଦୟ
ସ୍ୱାର୍ଥରେ ଅନ୍ଧ ଆଖି ଯାହାର
ହଁ ମୁଁ ସ୍ୱାର୍ଥପର
ହଁ ମୁଁ ସ୍ୱାର୍ଥପର । [୩]
ଛଳନା ଅଛି ହସରେ ମୋର
ଖରାପ ଅଟେ ମୋ ବ୍ୟବହାର
ରହିବ ସର୍ବଦା ମୋ ଠାରୁ ଦୁସିଆର
ହଁ ମୁଁ ସ୍ୱାର୍ଥପର
ହଁ ମୁଁ ସ୍ୱାର୍ଥପର । [୪]

ଜୟନ୍ତ କୁମାର ସାହୁ

 Magazine Downloaded from www.aahwaan.com

ବନ୍ୟା

ନଦୀ ନଥିଲା ପ୍ରସ୍ତୁତ
କି ବନ୍ଧ ବି ନଥିଲା ସଜାଗ
ଆଗରୁ ସତର୍କ ନ କରି
ମାଡ଼ି ଆସିଲା ଗୋଳିଆ ହୋଇ
ନିଷ୍ଠୁର ସ୍ରୋତ, ନାଁ ତା'ର ବନ୍ୟା ।[୧]
ମାଡ଼ିଗଲା ସବୁଠି ସେ କାୟା ବିସ୍ତାରି
ସଁ ସଁ ଗର୍ଜନ କରି,
ଭାଙ୍ଗିଦେଲା ସବୁ ଚିହ୍ନ, ସବୁ ଆବରଣ
ବହିଗଲା ବାଟଭୁଲି, ବିଲବଣ ଆଡ଼େ
ଅମାନିଆ ଗତି ତା'ର
କିଏ ବା ଆଡ଼ ହେବ ତା' ବାଟରେ ?

ପବିତ୍ର ଦାସ

ଗତିରେ ଉନ୍ମାଦନା ନ କମିବା ଯାଏଁ
ଅବା ଛିନ୍ନମୂଳ ନ ହେବାଯାଏ
କରି ଚାଲୁଥିବ ସେ, ସର୍ବତ୍ର ବିଭ୍ରାଟ
ଜଣେ ବ୍ୟଭିଚାରୀ ନାରୀ ଭଳି
ଚାରିଆଡ଼େ ହଟଚମଟ ।

ଗବେଷକ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ

 Magazine Downloaded from www.aahwaan.com

ଧୈର୍ଯ୍ୟ

ଜଞ୍ଜାଳ ଜଙ୍ଗଲରେ ଜଳୁଛି ଜୀବନ
ଶରୀର ଅସ୍ଥିକୁ ନେଇ
ଆତ୍ମା ଦେଖୁଥାଏ ସଂସାର ଦୀପରେ
ସଳିତା ଗଣ୍ଠି ଅଟଇ ।
ଲୋଭ ଅହଂକାର ଜୀବନକୁ ନେଇ
ଲୋଭ ହୋଇଗଲା ତେଲ
ଧନ ସମ୍ପତ୍ତିକୁ ଆପଣାର କରି
ଶ୍ରେଷ୍ଠ ହେଲା ଯୌବନ ।
ଏମିତି ଜୀବନ ଅବୁଝା ଏ ମନ
ଚେଷ୍ଟା ରଖିଲାନି ନିଷ୍ଠାକୁ
ଦୟାମାୟା ଭୁଲି ସ୍ନେହଶ୍ରଦ୍ଧା ଭୁଲି
ଆପଣା କଲା ଲୋଭକୁ ।
ଯଦି ଏ ଜୀବନ ଦୟାର ସଳିତା
ହୃଦୟ ଦୀପ ନିଜକୁ କରି
ରକ୍ତର ତେଲରେ ଜଳିଲେ ସଳିତା
ଗର୍ବ ଅହଂକାର ଯିବଟି ଜଳି ।
ଲେଖିଛି ଅଧମ ଯାହା ମୁଁ ଜାଣିଛି
ଭୁଲଥିଲେ କ୍ଷମା ଦେବଟି ।

ଚତୁର୍ଭୂଜ ଆଚାର୍ଯ୍ୟ

ବାରିପଦା, ତଖତପୁର

ଭ୍ରାମ୍ୟଭାଷ : ୯୪୩୯୭୭୦୩୧୧

 Magazine Downloaded from www.aahwaan.com

ପ୍ରିୟା

ତୁମ କଥା ଭାବି ଭାବି ବିତିଯାଏ ଦିନ

ଆସ ନାହିଁ ତୁମେ ପ୍ରିୟା ଝୁରୁଥାଏ ମନ ।

ମୋ ମନ ବଗିଚାରେ ତୁମେ ପୂଜାଫୁଲ

ପାଉଚି ମୁଁ ପାଉଥିବି ତୁମକୁ ଯେ ଭଲ ।

ଜହ୍ନଠାରୁ ସୁନ୍ଦର ତୁମ ଗୋରା ମୁହଁ

ଯୌବନ ସୁବାସେ ବାସୁଥାଅ ମହମହ ।

କଥା ଯେବେ କୁହ ତୁମେ ଲାଜେଇ ଲାଜେଇ

ତୁମ ପ୍ରୀତି ବରଷାରେ ଦିଅଯେ ଭିଜେଇ ।

ପାଗଳ ପ୍ରେମିକ ମୁଁ ଯେ ତୁମ ପ୍ରେମର

ରାତି ମୋର ଯାଏ ପାହି ରହି ଉଜାଗର ।

ନିତି ଦେଖେ ତୁମକୁ ସପନରେ ମୋର

ହୃଦୟରେ ତୋଳି ଅଛି ତୁମପାଇଁ ଘର ।

ଯିବନାହିଁ କେବେ ପ୍ରିୟା ମୋତେ କରି ପର

ଦୁଃଖେ ସୁଖେ ରହିଥିବ ତୁମେ ହୋଇ ମୋର ।

କାହ୍ନୁଚରଣ ସାହୁ

ପଣ୍ଡକାମାଳ, ମ.ରାମପୁର, କଳାହାଣ୍ଡି

ଭ୍ରାମ୍ୟଭାଷ : ୯୫୬୮୨୨୪୪୭

 Magazine Downloaded from www.aahwaan.com

ସେ ନିରୀମାଖି କଢ଼ିଟିଏ

ସେ ନିରୀମାଖି କଢ଼ିଟିଏ

ଅପେକ୍ଷା କରିଥିଲା ସକାଳର

ପହିଲି କିରଣକୁ

କେତେବେଳେ ସୁନେଲୀ କିରଣର

ସ୍ପର୍ଶ ପାଇ ସେ କଢ଼ିରୁ ଫୁଲ ହେବ

ହେଲେ ନା ସେ କଢ଼ିରୁ ଫୁଲ

ହୋଇ ପାରିଲା

ନା ବାସ ଚହଟାଇ ପାରିଲା

ମାଂସଲୋଭୀ ରାକ୍ଷସ ତା

ସୁକୁମାରୀ ତନୁକୁ ମୋଡ଼ି ମକଚି

ନଷ୍ଟ କରିଦେଲା

ପୁଣି ସେହି ନିର୍ଭୟା, ପୁଣି ସେହି ଆସିଫାର କାହାଣୀ

ପୁଣି ଆଜି ସେ ଗରିବ ବାପାମା'ର

ନିରୀହ ଚାହାଣୀ

କାଜଲ ସ୍ୱାଇଁ

ମାଂସଲୋଭୀ କୁକୁର ଗୁଡ଼ାକ

ପୁଣି ପାଗଳ ହେଲେଣି

 Magazine Downloaded from www.aahwaan.com

ମା ଭଉଣୀର ପ୍ରେମକୁ ଭୁଲି ଗଲେଣି

ଗରିବର ତତଲା ଲୁହକୁ କିଏ ବା ବୁଝୁଛି

ଏଠି ତ ବଡ଼ବଡ଼ିଆଙ୍କ ଛତ୍ରଛାୟା ତଳେ

ସବୁ କାରବାର ଚାଲିଛି

କିଏ ବୁଝେଇବ ଏ ପଶୁମାନଙ୍କୁ

ନାରୀ ଖାଲି ଉପଭୋଗ୍ୟ ବସ୍ତୁନୁହେଁ

ସେ ଜାୟା ଜନନୀ ସେ

ପୁଣି କେବେ ସର୍ବସଂହା ଧରିତ୍ରୀ

ସେ ଗର୍ଭରେ ଧାରଣ କରେ ଜଗତକୁ

ପୁଣି ସେ ପାଲଟି ପାରେ ମହିଷାସୁରମର୍ଦ୍ଦିନୀ ।

 Magazine Downloaded from www.aahwaan.com

ଜୀବନ ଯନ୍ତ୍ରଣା

କଣ୍ଟକିତ ଜୀବନର ପଥ ହିଁ ଏ ଯନ୍ତ୍ରଣା
ମରିଚୀକା ଭୂଇଁ ପୁଣି ଆଙ୍କିଦିଏ ଭାବନା ।
ଏ ମନୁଷ୍ୟ ଭାସିଚାଲେ ଲବଣ ଜୁଆରେ
ଜାଣେ ନା ସେ ଜୀବନର ଅନ୍ତ କେଉଁଠାରେ ।
କେତେବେଳେ ହସୁଥାଏ ଆନନ୍ଦର ବଶେ
କେବେ ପୁଣି କାନ୍ଦୁଥାଏ ଦୁଃଖର ପ୍ରାଶେ ।
ଜନ୍ମରୁ ମରଣଯାଏ କେତେ ଦୁଃଖ ମିଳେ
ଯନ୍ତ୍ରଣାମୟ ଏ ଜୀବନ ସବୁବେଳେ ଭାଲେ ।
ଜନ୍ମବେଳେ କାନ୍ଦୁଥାଏ ସିଏ କୁଆଁ କୁଆଁ
ମଲାବେଳେ ସହଜରେ କାନ୍ଦନ୍ତି ଆପଣା ।

ହୃଦୟାନନ୍ଦ ପଧାନ

ସତେ ପୁଣି ଏ ଜୀବନ କେତେ ମୂଲ୍ୟହୀନ
ଚାରିଦିନ ପ୍ରେମ ମାୟା ମମତାର ବନ୍ଧନ ।
ଜୀବନ, ଯୌବନ ଆଦି ଚାରିଦିନ ପାଇଁ
ହିଂସା, କ୍ରୋଧ, ଲୋଭ ମୋହ କାହାପାଇଁ ।
ମନୁଷ୍ୟ ଜୀବନ ସାଥେ ଦୁର୍ଲ୍ଲଭ ଜୀବନ
ମୁକ୍ତିମାର୍ଗ ଶେଷେ ପୁଣି ହୁଏ ଆତ୍ମାଲୀନ ।

 Magazine Downloaded from www.aahwaan.com

ତଥାପି ଜୀବନେ ପୁଣି କେତେ ଯେ ଯନ୍ତ୍ରଣା
ସହି ଚାଲିଥାଏ ପ୍ରାଣ ଶେଷ ଅଗ୍ନିକଣା ।
ଜୀବନ ଯନ୍ତ୍ରଣା ସାଥେ ଏ ମନୁଷ୍ୟ ପ୍ରାଣା
ମର୍ତ୍ତ୍ୟ ଦରବାରେ ପୁଣି କାହିଁକି ଭାବନା ।

ଆମରପାଲି, ବିରମହାରାଜପୁର

ସୋନପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୮୦୯୮୦୭୫

ଇମେଲ୍ : hnpadhan@gmail.com

 Magazine Downloaded from www.aahwaan.com

ଚାଲ ଆମେ ପୁଣିଥରେ ଚାଲିବା ସେ ଦି କୋଶ ବାଟ

କେଉଁ ଦୂର ଅତୀତର

ତାଳବଣ ଘେରା

ଗଛ ଆଉ ବାଦଲ ଢଙ୍କା ଗାଁ

ଗହୀର ବିଲର ଚେନାଏ ଚେନାଏ

ସବୁଜିମା - ଆଉ

ଆଣ୍ଠୁଏ ପାଣିରେ ନଇପାରି ।

ସେଇମିତି

ପାଖ ପାଖ ଦି କୋଶ

ଚାଲିବା ଭିତରେ ଦେଖା

ତମ ସାଙ୍ଗେ ।

ଡା ନୀଳମାଧବ କର

ଏତେ ସବୁ କଥା ମୋତେ

କହିବାକୁ ଥିଲା ତୁମର !

କି ବିଶ୍ୱାସରେ, ଆଶରେ

ବା ନିଚ୍ଛକ ପ୍ରଗଲ୍‌ଭତାରେ

ତା କାରଣ ଅକାରଣ

 Magazine Downloaded from www.aahwaan.com

ବୁଝିନାହିଁ - ବୁଝିବାକୁ

ଚେଷ୍ଟା କରିନାହିଁ ଆଜିଯାଏ ।

କବିତାର ପଦପରି

ତମ ପିଲାଦିନ

ସଖୀ ଓ କିଛି

ଛଳ ଛଳ ସନ୍ଧ୍ୟାର କଥା

କୃଷ୍ଣଚୂଡ଼ା, ଶୀତରାତି

ୟୁନିଭର୍ସିଟିର ଶେଷ କେଇ ଦିନ

ତମ ଅନ୍ତରଙ୍ଗ ସ୍ମୃତି ।

କେତେ ସରଳଭାବେ

ତମେ କହିଥିଲ

ତମ କଥାସବୁ

ନଦୀଟିଏ ପରି ।

ତମ ସଙ୍ଗେ

ଦି କୋଶ ବାଟ ଚାଲିବାର

ଅନେକ ବର୍ଷପରେ

ସେ ଅଳସ ସକାଳର ଶବ୍ଦ

ମନେ କଣ ପଡ଼େ ଗୋ ତୁମର କେବେ ?

 Magazine Downloaded from www.aahwaan.com

ଚାଲ ଆମେ ଫେରିଯିବା

ସେ ସମୟକୁ -

ଜୀଇଁବା ଅତୀତ ।

ପୁଣିଥରେ ଚାଲିବା

ସେ ଦି କୋଶ ବାଟ

ପାରିହେବା ନଈ

ଚବ ଚବ ଆଣ୍ଠୁଏ ପାଣିରେ ।

ବହିଯିବ ନଈଟିଏ ପରି ତମେ

କଥା ସବୁ ଜମା ଯେତେ

ତମ ହୃଦୟରେ

ଅନ୍ତରଙ୍ଗ ହୋଇ !

ମାନସିକ ରୋଗ ବିଶେଷଜ୍ଞ,

ଓଲ୍‌ଭର୍‌ହାମ୍ପଟନ୍, ବ୍ରିଟେନ୍

ଇମେଲ୍ : nmadhab@yahoo.com

 Magazine Downloaded from www.aahwaan.com

ମୋ ଅଲିଅଳି ଛୁଆ

ଆଦରର ବୁହୁ

ଫୁଲ ସବାରୀରେ

ତୁମର ଏ ବଧୂବେଶ

ଦେଖିବାକୁ ମୁଁ ଅନେଇ ବସିଛି

ଖିଆଲି ମନର ଶୋଷ

କଳ୍ପନାର ରାଣୀ ହଂସପୁର

ଅବିଭକ୍ତ ମନର ଉଆସ

କ୍ଲାନ୍ତିର ମେଖଳା ପିନ୍ଧେ

ରିୟାଦର ସୁଦୀର୍ଘ ରାତ୍ରୀ

ବହ୍ନିର ବଳୟରେ ଫେଣ୍ଟିହୁଏ

ସାଗର ନାୟକ

ଆଉ କିଛି

ବିଶ୍ୱାସର ତାତି

ଆଦିମ ତୃଷ୍ଣାର ମୋହ ଛନ୍ଦି ହୁଏ

ସୃଷ୍ଟିର ରହସ୍ୟ ଜାଲରେ

ଅପୂର୍ଣ୍ଣ ତାପସୀଲତା

ତୃପ୍ତିର ଫଳକ ଖୋଜେ

 Magazine Downloaded from www.aahwaan.com

ହଜି ଯାଇଥିବା ସୂର୍ଯ୍ୟର

ପୃଥିବୀ ଭିତରେ ମୁଁ ଖୋଜେ

ମୋ ଦୁନିଆରେ

ମୋ ସାଗରର ଢେଉରେ

ଶାମୁକା ଭେଳାରେ

ମୁଁ ଖୋଜେ ହସମୁଖୀ ତୃଷ୍ଣାରେ

ସାଗରିକାର ଅପେକ୍ଷାରେ

ବିଶ୍ୱାସର ତୃପ୍ତିରେ

ଖିଆଲି ମନରେ

ମହକିତ କରିଦିଏ

ଏ ଦୁନିଆର କୋଣ ଆଉ ଅନୁକୋଣରେ...

sagarnayaksagu143@gmail. com

 Magazine Downloaded from www.aahwaan.com

ଅନୂଢ଼ା ଆଶଙ୍କା।

ସମ୍ପର୍କ ଯେତେ ତା'ର

ଜନ୍ମରୁ ଯୌବନ ଯାଏ

ବନ୍ଧନର ଶୃଙ୍ଖଳ ଆଉ ମାୟାର କାୟା ବିସ୍ତାର

ଛାଡ଼ିଚାଲେ ଆଜି କେଉଁ ଅମଡ଼ା ବାଟରେ

କାହା ପାଇଁ ବିଶ୍ୱାସ ଟିକିଏକୁ ଆଶାବାଡି କରି,

ନୂଆ ଏକ ସରହଦ, ନୂଆ ଏକ ଜୀବନ

ଖୋଜିବାର ଦୁର୍ବାର ସ୍ୱପ୍ନରେ ସେ' ବିଭୋର ।

ଜାଣେନା ସେ କିପରି ଜୀବନ

ପ୍ରୀତିର ଗୋଲାପ ଫୁଟେ ସେଠି

ଅବା କଣ୍ଟା ଫୁଟି କ୍ଷତାକ୍ତ ହୁଏ ମନ

ନିମିଷେକରେ ସୁଖ ଲହଡ଼ି ଭାଙ୍ଗେ

ଅବା ଦିଗ ବିଦିଗ ବ୍ୟାପୀ ଦୁଃଖର ପାହାଡ଼ ।

ଅନୁସୂୟା ଜେନା

ସଂସାରର ଚଳନ୍ତି ନିୟମରେ

ବଦଳି ଯାଏ ଋତୁ, ଏଠି ବଦଳି ଯାଏ ସମ୍ପର୍କର ମାନେ,

 Magazine Downloaded from www.aahwaan.com

ଆପଣାର କେହି ପର କରିଯାଏ କେବେ

କିଏ ପୁଣି ହେଇଯାଏ ନିଶ୍ୱାସ ଭଳି ଏକାନ୍ତ ନିଜର

ସ୍ୱପ୍ନ ଠାରୁ ବାସ୍ତବତାର ଅବଧି

କେଜାଣି ଏଠି କେତେ ଦୂର

ଦୂର ଦିଗବଳୟ ଭଳି ଅସୀମ

ଅବା ହାତ ପାଆନ୍ତା କେଉଁ

ମୁଠାଏ ମହକ ଭଳି

ଅତି ଆପଣାର, ଏକାନ୍ତ ନିଜର ....

 Magazine Downloaded from www.aahwaan.com

ସଂଧ୍ୟା

ନିଶି ମୁଖର ବିକରେ, ଗୋଧୂଳି ଉଛୁଳେ
ପତ୍ରକୁଞ୍ଜେ ଦିବାକର ଲୁଚକାଳି ଖେଳେ ।
ବିହଙ୍ଗ-ବିହଙ୍ଗୀ, ବିହଙ୍ଗିକା ପ୍ରାୟେ
ପତ୍ରର ତାଳେ ପତାକୀ ନିସାଜେ ।
ପାଗଳ ଲୋଲୁପ ଭ୍ରମରକ ଯେହ୍ନେ,
କେହ୍ନେ ସୁମନଙ୍କ ସଙ୍ଗେ କେଳି ଖେଳେ ।
ପେଟ ପାଟଣାର ଥାଳ ଭରିବାକୁ
ମାଟିକାମ ସାରି, ମାଟିଘଟ ଫେରେ ।
ମାଣ୍ଡୁଅ ହାତରେ ଧରି ମାଳ୍ଭରିବାକୁ ମାତ
ମାଣିକକୁ କୋଳେ ଭରି ଜହ୍ନମାମୁଁ ଖୋଜେ ।

ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ

ହାତେ ମାପ ଓଢଣୀ ଭିତରୁ
ହସି ଉଠେ ନବବଧୂ ମୁଖ
ମିଶିଯାଏ ରୁଣୁଝୁଣୁ ଚାଲି
ଧୂପଦୀପ ଶଂଖ ପସରାରେ ।
ଗାଆଁ ମୁଣ୍ଡ ହରିହାଟ ଘରୁ,
ମନ୍ଦିର ଦୂଆରୁ ଅବା ଗାଦୀବାରଣ୍ଡାରୁ ।

 Magazine Downloaded from www.aahwaan.com

ସତେକି ବା ଚାଲିଚାଲି ଆସେ

ଗୋପାଳ ବଲ୍ଲଭ, ସାଜି ଆଣ୍ଠୁଆ ଗୋପାଳ ।

ବୁଲିବାକୁ, ବାର ଶୁଣ୍ଠିପିଣ୍ଡା,

ଖାଇବାକୁ ସୂଜି ମୁଆଁମଣ୍ଡା ।

ଧୁଡୁଧୁଡୁ ଚମପରେ ତେଲ ମାଖୁମାଖୁ

ସ୍ମିତହସ ଅଧରେ ତୋଳାଇ,

ଧୀରାବୁଢ଼ୀ କହେ,

“ହଇହେ ! ଦେଖ, ଦିନଟିଏ ବିତିଗଲା ଏଇ ଆସୁଆସୁ”

 Magazine Downloaded from www.aahwaan.com

ଆଧୁନିକ କବିତା ଓ ନାରୀ

କେହିଜଣେ କହିଥିଲେ ଆଧୁନିକ କବିତାରେ
ରୂପ ରସ ଗନ୍ଧ ନାହିଁ ତିଳେ,
ସେଥିପାଇଁ ଅନାଦର ତା'ର ସାଧାରଣ ପାଠକ ଭିତରେ ।।
ରୂପ-ରସ-ଗନ୍ଧ ପଛେ ନଥିଲେ ନଥାଉ, ଅଛି ଯଦି ଆତ୍ମା,
ଆତ୍ମାର ଆକର୍ଷଣରେ ପାଠକ ଝୁରିବ ତାକୁ
ତା' ଭିତରେ ଖୋଜି ପରମାତ୍ମା ।।
କବିତାଟି ନାରୀ ପରି
ପ୍ରେମିକଟେ ନିଷ୍ଠେ ଥିବ ତା'ର
ଜମାରୁ ନଥିବ ବୋଲି କହିଦେବା
ହେବନି କି ଅପମାନ ନିଖିଳ ସ୍ରଷ୍ଟାର ?

ଛାତିରେ ହାତଦେଇ କହିଦେବ ଯିଏ
ନାରୀ ପ୍ରତି କେବେ ଆକର୍ଷିତ ହୋଇନାହିଁ,
ଜାଣିବ ଯେ ତା'ପାଖରେ ପୁରୁଷତ୍ୱ ନାହିଁ ।
ସେପରି ଅଣପୁରୁଷା ଭାବର ଚରିତ୍ର ହିଁ କହିପାରେ-
କବିତାକୁ ମୁଁ ଭଲପାଏ ନାହିଁ ଅବା
ଆଧୁନିକ କବିତାର ଆକର୍ଷଣ ମୋତେ ଟାଣେନାହିଁ ।।

ଡମ୍ବରୁଧର ପଟ୍ଟନାୟକ

ସାହିତ୍ୟାୟନ, କୋପରେଟିଭ୍ କଲୋନୀ-୨ୟ ଗଳି,
ରାୟଗଡ-୭୬୫୦୦୧/ଭ୍ରାମ୍ୟଭାଷ-୭୦୦୮୫୬୨୪୩

 Magazine Downloaded from www.aahwaan.com

ମୁଁ

ସମୟର ବିସ୍ତୃତ ପୃଷ୍ଠାରେ

ମୁଁ ଏକ ଜୀବନ୍ତ ପ୍ରବନ୍ଧ

ଶୁଷ୍କ ମୋର ଦେହ ନେଇ

ପିପାସିତ ଭଙ୍ଗାମନ ନେଇ

ମୁଁ ଖୋଜିଛି ଅନେକ ସପନ ।

ଆଜି ବି ଏପ୍ରିଲ୍ ଦ୍ୱିପହରରେ

ଅଗ୍ନିବର୍ଷା ଆକାଶର

ଖୋଲାଛତା ତଳେ

ମୁଁ ଚାଲୁଛି... ।

ମୁଁ ଖୋଜୁଛି ଛୋଟ ଛୋଟ ଶବ୍ଦ,

ସମୟର ମୋଟା ମୋଟା ଅଭିଧାନ ମଧ୍ୟୁ ।

ଜୀବନର ଅର୍ଥ ଖୋଜି

ଡଃ ଦୀପାଞ୍ଜଳୀ ସାହୁ ଆଜି ବି ଧାଇଁଛି ।

ମୋ ଆଖିର... ଲୁହଧାର

 Magazine Downloaded from www.aahwaan.com

ମୋ ଓଠର ତୃଷ୍ଣା ମେଣ୍ଟାଇଛି ।

ଏଠି ସ୍ୱପ୍ନର ତାଜ୍ ଭାଙ୍ଗେ
ଭାଙ୍ଗିଦିଏ ସୁନାର ସକାଳ
ମୋ ଜୀବନ ବୈତରଣୀରେ
କାମନାର ଜାହାଜ ଲଙ୍ଗର ପକାଏ ।

ମୋ ବୀଣାରେ ବାଜେ ଏଠି
କରୁଣ ରାଗିଣୀ
ବେସୁରା ମୋ ଗୀତର ଲହରୀ
କିଛି ସିଞ୍ଚେ ଆଶାବାରୀ
ହେଲେ,
ମୋତେ ଲାଗେ ପରିହାସ ପରି ।

ଅଧ୍ୟାପିକା ଡଃ ଦୀପାଞ୍ଜଳୀ ସାହୁ
ଇତିହାସ ବିଭାଗ
ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟ
କନିକାପଡ଼ା, ଯାଜପୁର, ଓଡ଼ିଶା

 Magazine Downloaded from www.aahwaan.com

କ୍ଲାନ୍ତ ଅପରାହ୍ନ

ଦିନ ତମାମ ଖଟି ଖଟି କ୍ଲାନ୍ତ

ହୋଇ ଆସେ ଅପରାହ୍ନ

ଜଞ୍ଜାଳ ଜଗତେ ମାଟିଦେହ ହୁଏ ଅବସନ୍ନ ।

ସମ୍ପର୍କର ଝଡ଼ଝଞ୍ଜାରେ ମନ ଆକାଶ ଉଦାସୀନ,

ଚିହ୍ନା ଅଚିହ୍ନା ମୁହଁ ସବୁ ଝାପ୍ସା ଦିଶେ

ପାଣି ପବନର ଅଗଢ଼ା ଆଇନା ଭିତରେ

ହୃଦୟର ପ୍ରତିବିମ୍ବକୁ କରି ବିଚ୍ଛିନ୍ନ

ଧରାବନ୍ଧା ଜୀବନ ଅନୁଶାସନର ଟାଣଖରା

ବୃଦ୍ଧାବସ୍ଥା ପରି ଆସିଲାଣି ନଇଁ

ଆହତ ଅସ୍ତିତ୍ୱ ନ ପାଇ ସାନ୍ତ୍ୱନାର ଛାଇ

ଲମ୍ବି ଲମ୍ବି ହଜିଯାଏ ଦିଗବଳୟକୁ ଛୁଇଁ ।

ସମ୍ପର୍କର ଘନଘଟା ହୁଏ ଗୋଧୂଳି ପରି ମଳିନ

ସଫେଦ ଦୁନିଆକୁ କରି ଅଚ୍ଛାଦିତ,

ସୁନ୍ଦର ପରିବେଶ କରେ ପ୍ରଦୂଷିତ ।

ନୂତନ କୁମାର ବେହେରା

ନିଆଁ ନାହିଁ ଖାଲି ଶବ୍ଦ ବାଣର ବିସ୍ଫୋରଣ

ହୁଏ ଜନ ସମୁଦ୍ରର କୋଣ ଅନୁକୋଣ,

 Magazine Downloaded from www.aahwaan.com

ଧୁଆଁ ଧୁଆଁର ପରସ୍ତ ପରସ୍ତ ଆବରଣ

ଆତଙ୍କିତ କରେ ଜୀବଜଗତର ପ୍ରାଣ ।

ମାନବୀୟ ସୌଜନ୍ୟତା ଭୁଲି

ନିଷ୍ଠୁର ସ୍ୱାର୍ଥର ସମୟ ଦିଏ

ସକୋମଳ ଦରଦୀ ହୃଦୟ ବିଦାରୀ

ଗତକାଲିର ସଞ୍ଚିତ ମଧୁର ସ୍ମୃତି

ଆଜିର ଉଦ୍ଦାମ ଦାୟାଦମାନେ

ଯାଆନ୍ତି ପାଶୋରି ।

ଏକ ନୂଆ ସକାଳର ଦୃଢ଼ ସଂକଳ୍ପ ନେଇ

ସପନର ଜଙ୍ଗଲରେ ଖୋଜି ପାଉନାହିଁ ରାହା

ହଁ, ନାଁ ଦ୍ୱନ୍ଦର ଦୋଛକିରେ ବିଭ୍ରାନ୍ତ ହୁଏ

କାରୁଣ୍ୟତାର ଗୁରୁଜଳେ ବରୁତୁଥିବା ପ୍ରାଣ

ପାଏ ନାହିଁ କାହାରି ସାହା ।

ମଧ୍ୟାହ୍ନର ଯନ୍ତ୍ରଣାଦାୟକ

ଉତ୍ସର୍ଗୀକୃତ ଅବଦାନ,

ମୁହୂର୍ତ୍ତଟିଏ ପାଇଁ ହୋଇ ପାଣିର ଗାର

ଆଶାୟୀ ସୂରୀଙ୍କ ଭରସାରୁ ହୁଏ ଛିନ୍ନ

ପ୍ରସନ୍ନତାର ଟିକିଏ ବି ଚିହ୍ନ

ନାହିଁ କାହା ମାନସିକତାର ମାନଚିତ୍ରରେ

 Magazine Downloaded from www.aahwaan.com

ସବୁ ଦିଶେ କେବଳ ବିବର୍ଣ୍ଣ ।

ଉଗ୍ର ସଭ୍ୟତାର ଅବୟବ

କ୍ରମାଗତ ହୋଇ ଚାଲେ ଅବକ୍ଷୟ

ପ୍ରମାଣିତ କରିବାକୁ ଶ୍ରେଷ୍ଠତା

ଚାଲେ ପ୍ରତିଦ୍ୱନ୍ଦିତାର ତୁମୁଳ ସଂଗ୍ରାମ

ହଜାଇ ଦେଇ ନିଜ ସ୍ୱାଭିମାନର ପରିଚୟ ।

କୋହି, ଗଡ଼ିଆ, ମୟୁରଭଞ୍ଜ, ଓଡ଼ିଶା

ଭ୍ରାମ୍ୟଭାଷ : ୯୯୩୮୫୫୭୮୬୧

 Magazine Downloaded from www.aahwaan.com

ଏତିକି ବିନତୀ ମୋର

କେହି ନୁହେଁ ଅସଂପୂର୍ଣ୍ଣ

ପ୍ରଭୁଙ୍କର ଏ ବିଚିତ୍ର ସୃଷ୍ଟିରେ

ନିଜକୁ ଅସମର୍ଥ ମଣି,

ପଥର ସାଜୁଛୁ ନିଜ ପଥରେ । [୧]

କିଛି ନୁହେଁ ଅସମ୍ଭବ

ଥିଲେ ଦୃଢ଼ ମନୋବଳ ସାଥିରେ

ସମ୍ଭବ ହୋଇବ ସବୁ

ଏଠି ଭିନ୍ନ ଭିନ୍ନ ସବୁ ପ୍ରକାରେ । [୨]

ଜିଣିବୁ ଜୀବନବାଜି,

ଚାଲିଲେ ସଦା ତୁ ସତ୍ ପଥରେ

ଲଭିବୁ ସକଳ ଶକ୍ତି

ସଫଳ ହେବ ସକଳ କାମରେ । [୩]

ସମସ୍ୟା ଆସିଲେ ପଥେ

ଡରିବୁନି ତୁ ଅଶେଷ ଦୁଃଖରେ

ଅରୁଣ କୁମାର ମହାନ୍ତି

ସଫଳତା ନିଶ୍ଚେ ମିଳିବ

ଥିଲେ ସ୍ଥିର ମନ ବୁଦ୍ଧି ଚିତ୍ତରେ । [୪]

 Magazine Downloaded from www.aahwaan.com

ପିତାମାତା ସେବାକଲେ

ରହିବ ସଦା ତୁମେ ସୁଖରେ

ଜୀବନ ସାର୍ଥକ ହେବ

ଉଦ୍ଧାର ହେବୁ ନିଶ୍ଚେ ଭବସାଗରେ । [୫]

ଇଷାଣପୁର, ଯାଜପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୭୭୧୫୦୮୧୩୦୮

 Magazine Downloaded from www.aahwaan.com

ସ୍ୱୟଂସିଦ୍ଧା

ନିପଟ ମଫସଲର ସୁକୁମାରୀ ଲଳନାଟି
ରୂପବତୀ ଗୁଣବତୀ କିଶୋରୀ ସ୍ୱୟଂସିଦ୍ଧା
ନିଷ୍କପଟ ମନେ ତା'ର
ଖୁନ୍ଦି ହୋଇଛି ଯେମିତି
ସ୍ୱତଃସ୍ଫୁର୍ତ୍ତ ଭାବ ପ୍ରବଣତା
ଆଖିରେ ଆଖିଏ ସ୍ୱପ୍ନ
ନିଷ୍ପଲୁଷ ଭାବନାରେ
ପରସ୍ତ ପରସ୍ତ ବହଳ ଉତ୍ସୁକତା ।
ଏଇତ ଋତୁ ପାର୍ବଣର
ଉତ୍ସବ ମୁଖରିତ ଗାଁଠୁ ସହର
ଗଳିକନ୍ଦି ଚକମକ ରଙ୍ଗୀନ ଆଲୁଅ
ରଙ୍ଗିମା ସତେକି ସ୍ୱର୍ଗର ନନ୍ଦନକାନନ
ଚଉଦିଗେ ମୃଦୁ ଗୁଞ୍ଜରିତ
ସୁଲଳିତ ସଙ୍ଗୀତ ମୂର୍ଚ୍ଛନା ।
ଦର୍ଶନ ଅଭିଳାଷୀ ସ୍ୱୟଂସିଦ୍ଧା
ଉଙ୍କିମାରେ ନିଷ୍ପାପ ମନରେ
କେତେ ଯେ ଅସୁମାରୀ ଆଶା
ଜନ୍ମଦାତ୍ରୀ ବୋଉର ଆକଟ
ବିଶାଳ ଏ ଜନ ସମୁଦ୍ରରେ
ହାତ ଭିଡ଼ି ଆଡ଼େଇ ନିଏ ସେ

ଶ୍ରୀ ବିଦ୍ୟାଧର ସେଠୀ

 Magazine Downloaded from www.aahwaan.com

ବେଳେ ବେଳେ ପଣତ କାନିରେ
ମୁହଁ ତା'ର ଢାଙ୍କିଦିଏ ।
ସ୍ୱୟଂସିଦ୍ଧା ତ ନିରେଖିଛି
ଏକଲୟେ ମୃଣ୍ମୟୀ ଦେବୀଙ୍କୁ
ବେଳେ ଚାହୁଁଛି ତା ବୋଉର ମୁହଁକୁ
ଫରକ ନାହିଁ ତ ଜମା
ଏକାଭଳି ଦିଶୁଛନ୍ତି ଯେମିତିକି...
ପୁଣି ଭାବେ ଅବଶୋଷ ମନେ
ବାପା ହେଲେ ଥାଆନ୍ତେ କି...
କେତେ ଅଳିଅଝଟ ବୁଝିଥାନ୍ତେ ସତେ
ପରନ୍ତୁ ଆକାଶରେ ତାରାମେଳେ
ଝାପସା ଝାପସା ଦିଶେ ତାଙ୍କ ଛବି
ଛଳ ଛଳ ଆଖିଦ୍ୱୟ ଭିଜିଯାଏ
ନିଗିଡ଼ି ପଡ଼େ ଅବଶ୍ୟ କେଇଟୋପା ଲୁହ
ପୁନଶ୍ଚ ସେ ମଜ୍ଜିଯାଏ
ଗହଳି ଭିତରେ... ।

ବ୍ୟକ୍ତିଗତ ସହାୟକ,
ଜିଲ୍ଲାପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର
୭୫୬୦୦୧, ଓଡ଼ିଶା, ଭ୍ରାମ୍ୟଭାଷ : ୯୯୩୭୮୩୫୮୭୭

 Magazine Downloaded from www.aahwaan.com

ତୁ ଯେ ସେଇ

ଆସ ଯିବା ଥରେ ସପନ ସହର
ବୁଲିବିଆ ସେଇଠି ମନ ଖୋଲି,
ତୁମେ କହୁଥିବ ମୁଁ କହୁଥିବି
ନୀରବତା ଯିବ ଦୂରେ ଚାଲି [୧]

ମନ ଗହନର ଗୋପନ କଥାକୁ
ଦୁଇ ଓଠ ଆମ କହୁଥିବ
ରାତି ରାତି ଆମେ ଗପିବା ସେଇଠି
ମିଳନ ଋତୁର ପର୍ବ ଥିବ [୨]

ଫୁଲର ସହର ଗଢ଼ିବା ସେଇଠି
ଏଇ ସହରକୁ ଫେରିବାନି
ଯେଉଁ ସହରରେ ବାସ୍ତବରେ ଥରେ
କେହି କାହାରିକୁ ପାଇବାନି [୩]

ରାତିର ବୟସ ବଢ଼ିଯିବ ଯେବେ
ଶେଫାଳି ମହକ ମହକିବ
ତୋ ଛାତିପରେ ଆଖିପତା ମୋର
ଆପେ ଆପେ ସାଥି ନଇଁଯିବ [୪]

ଅଲରା କେଶ ତୋ ସଜାଡ଼ି ସଜାଡ଼ି

ଗଙ୍ଗାସୁନନ୍ଦିନୀ
ରୁପମା ଗୁରୁ

 Magazine Downloaded from www.aahwaan.com

ଉଜାଗର ପଛେ ଥିବି ରହି

ତୋ ହାତ ସାଥେ ମୋ ହାତ ଛନ୍ଦି

ଭଲପାଏ ବୋଲି ଦେବି କହି [୫]

ଆକାଶର ନୀଳ ନୀଳିମା ଭିତରୁ

ତାରାଫୁଲ ସବୁ ତୋଳିଆଣି

ଗଭାରେ ତୋ ଖୋସି ଦେବି ଲୋ ସଜେଇ

ପାରିବେନି ଜମା କେହି ଜାଣି [୬]

ଜହ୍ନଠୁ ଶୀତଳ ତୋ ଦେହ ଜାଣିଲି

ଯେବେ ମୁଁ ଛୁଇଁଲି ନୂଆକରି

ସେବେଠୁ ବସି ଭାବୁଛି ଖାଲି ଲୋ

ଆସିବୁକି ସତେ ଥିରି ଥିରି [୭]

ବାଟ ତୋର ଚାହିଁ ଥିବି ମୁଁ ଅନାଇ

ଯେତେ ଯେତେ ସବୁ ପ୍ରତୀକ୍ଷାରେ

ପ୍ରତୀକ୍ଷାର କଣ୍ଟ ହେବ ପୁଣି ଶେଷ

ଦେଖିବି ଯେବେ ମୁଁ ସପନରେ [୮]

ମୋ ଦୁଇ ଆଖିର ଗୋଟିଏ ସପନ

ଜାଣିଛୁ କି ନାଁ ଦେ କହି

ଜାଣିନୁ ଯଦି ତୁ କହୁଛି ଶୁଣୁ

ଆଉ କେହି ନୁହେଁ ତୁ ଯେ ସେଇ [୯]

ବାଲିସୁଆଁ, ୟୁଜି, ୟୁପି ସ୍କୁଲ୍, ମହାକାଳପଡ଼ା, କେନ୍ଦ୍ରାପଡ଼ା

 Magazine Downloaded from www.aahwaan.com

ହୃଦୟ ପୂଜା

ହୃଦୟର ପୂଜା ଜଡ଼ିତ ନଥାଏ ପ୍ରତିବନ୍ଧକ

ଥାଏ କେବଳ ପ୍ରେମଭରା ଭକ୍ତିର ଆଲୋକ

ଶ୍ରବଣରେ ବନ୍ଧିତ ଆସେ ଭଗବାନଙ୍କ ସ୍ୱର

ଉପଭୋଗ ପୀଡ଼ିତ ମନ ହୁଏ ଚକମକ ।

ଅନ୍ତରରୁ ଉଠେ ପାଳନ କର୍ତ୍ତା ହରିଙ୍କ ବାସନା

ମନେ ବିସ୍ତାରିତ ହୁଏ ଭକ୍ତି ମନ୍ଦିର ଉପାସନା

ଅନୁଭବରେ ପ୍ରସନ୍ନତା ଉତ୍ପତ୍ତି ଆବାହନ

ଦୁଃଖ ଦରିଆରେ କେନ୍ଦ୍ରୀଭୂତ ସୁଖ ବାସନା ।

ଭାବ ବିମୋହିତ ମନରେ କ୍ରୀଡ଼ା କରେ ବିହଙ୍ଗ

ଅନ୍ଧକାର ପାଲଟି ଯାଏ ଆଲୋକର ତୋରଣ

ମୋହ ମାୟା ପ୍ରାସାଦରୁ ବଞ୍ଚିତ ଆତ୍ମାର ମନ

ଭାସିଯାଏ ଦୃଢ଼ତାର ଭକ୍ତି ସମୁଦ୍ରରେ ପାଇଁ ପଣ...

ସତରେ ଜୀବନର କେତେ ରଙ୍ଗ...

ରାମପ୍ରସାଦ ସିଂହ

 Magazine Downloaded from www.aahwaan.com

ଏନ୍ ଏଚ୍ ୧୮

ବାଲେଶ୍ୱରଠାରୁ ଭଞ୍ଜଭୂମିଯାଏଁ

ଲମ୍ବିଛି ପଥ ସୁଦୂର

ବମ୍ବେଛକ ଠାରୁ ନହରପାଟନା

ରାଜପଥ ସେ ଅଠର ।

ଖୁସିଲାଗେ ଦେଖି କଳେବର ବୃଦ୍ଧି

ହେଉଅଛି ତାର ଆଜି

ଦୁଃଖ ଲାଗେ ଯେଣୁ ଉଜୁଡୁଛି କେତେ

ଜୀବନ ହରାଇ ବାଜି ।

ରାଜପଥ ବୋଲି ରାଜୁତି କରୁଛି

ଭୁଲି ହିତାହିତ ଜ୍ଞାନ

ସୌମ୍ୟରଞ୍ଜନ ପାଲ

ମରାଠା ଅଞ୍ଚଳୁ ଦ୍ରାବିଡ଼ ପର୍ଯ୍ୟନ୍ତ

ଅହରହ ଚାଲେ ଯାନ ।

ସହସ୍ର କାଳରୁ ରହିଥିଲେ ଯେଉଁ

ପାଦପ ସମସ୍ତ ପାଶେ

ଆଜି ସେମାନଙ୍କୁ ନିଜ ସ୍ୱାର୍ଥଲାଗି

ଜୀବନୁ ସମୂଳେ ନାଶେ ।

 Magazine Downloaded from www.aahwaan.com

କେତେ ଯେ ମନ୍ଦିର ମାଟିକୁ ଜାବୁଡ଼ି

ରହିଛନ୍ତି ହେଇ ଠିଆ

ସଭିଏଁ ଜାଣନ୍ତି ଆଜିକୁ ଭାଙ୍ଗିଲେ

କାଲିକୁ ଗଢ଼ିବେ ନୂଆ ।

ହେଲେ ବୁଝନ୍ତିନି ଗଛର ମହତ୍ତ୍ୱ

ନିମିଷକେ ଦ୍ୟନ୍ତି ହାଣି

ବିପତ୍ତିକାଳରେ ମଥା ଆଉଁଷିବେ

ମର୍ମେ ମର୍ମେ ଯିବେ ଜାଣି ।

 Magazine Downloaded from www.aahwaan.com

ଅତୀତର ପ୍ରେମ

ଅତୀତର ପ୍ରେମ ଭାରି କଷ୍ଟଦିଏ

ଭୁଲିଯିବା ତାକୁ ଭଲ

ଭୁଲି ନ ପାରିଲେ ସେହି ପ୍ରେମ ପାଇଁ

ନିଜେ ହେବ କଲବଲ

ବୁଝିବେନି କେହି ଶୁଣିବେନି କେହି

ତୁମ ଅତୀତର କଥା

କେତେ ବା ପାଇଛ କେତେ ହରେଇଛ

କାନ୍ଦୁଥିବ ପିଟି ମଥା

କାନ୍ଦି କାନ୍ଦି ସିନା ଦିନ ସରିଯିବ

କିଛି ଲାଭ ହେବ ନାହିଁ

ପ୍ରେମରେ ଯନ୍ତ୍ରଣା ପ୍ରେମରେ ତ କଷ୍ଟ

ରହିଥିବ ସବୁଦିନ ପାଇଁ

ଯେତେବେଳେ ପୁଣି ମନେ ପଡ଼ିଯିବ

ସେଇ ଅତୀତର କଥା

ଲୁହ ବଦଳରେ ଲୁହ ଯେ ଝରିବ

ଓଦା ହେବ ଆଖି ପତା

ତୁଷାରକାନ୍ତ ଓଝା

ଖଡ଼ିଅଙ୍ଗ, ବାଲିଚନ୍ଦ୍ରପୁର, ଓଡ଼ିଶା

 Magazine Downloaded from www.aahwaan.com

ତୁମ ସ୍ମୃତିରେ

ତୁମ ସ୍ମୃତିରେ ମୁଁ ଆତ୍ମହରା
ଚେତନାରୁ ଅବଚେତନ ଯାଏଁ,
ତୁମ ଭାବନାରେ ମୁଁ ବିଭୋର
ମୋର ପ୍ରତି ସକାଳରୁ ସଞ୍ଜଯାଏଁ ।
ମୋର ପ୍ରତି କାହାଣୀରେ ତୁମେ ଆସ
ସାରାଂଶର ଶେଷ ଶବ୍ଦ ହୋଇ
ବନ୍ଦ ଆଖିରେ ବି ତୁମେ ଦିଶୁଥାଅ
ସତେ ଏକ ଛାୟାଚିତ୍ର ହୋଇ ।
ତୁମେ ମୋ ପ୍ରେମର ସମ୍ପୂର୍ଣ୍ଣ ପରିଭାଷା
ଛାଇଯାଅ ହୃଦୟର ସ୍ପନ୍ଦନ ହୋଇ
ତୁମେ ଆସକି ନ ଆସ ମୋ ନିକଟେ
ତୁମ ସ୍ମୃତି ଆସେ ବନ୍ଦ କବାଟ ଫିଟେଇ ।
ଫୁଲରୁ ଝୁଲ ଯାଏଁ ମହମହ ବାସ ତୁମେ
ସତେ ଭୁରି ଭୁରି ବାସ୍ନା ହୋଇ
ମନେ ସୃଷ୍ଟିକର ଆଶାର ଫୁଆରା
ଅନୁପସ୍ଥିତିରେ ଉପସ୍ଥିତିର ସଂଜ୍ଞା ହୋଇ ।
ଅନ୍ତହୀନ ଭାବନାର ନିର୍ଜନ ବେଳାରେ
ଆସ ପରସ୍ତ ପରସ୍ତ କୋଳାହଳ ନେଇ,
ପୁଣି କେବେ ଚାଲିଯାଅ ଦୂରେ ବହୁଦୂରେ
ବୋଝେ ସାଇତା ସ୍ମୃତିକୁ ମୁଣ୍ଡେଇ ।

ରବୀନ୍ଦ୍ରନାଥ ମହାରଣା

 Magazine Downloaded from www.aahwaan.com

ତୁମବିନା ସାଥୀ ତୁମବିନା

ତୁମବିନା ସାଥୀ ତୁମବିନା
ଏ ଦୁନିଆ ଭଲ ଲାଗେନା
ତୁମେ ସିନା ମତେ ଏକା କରିଗଲ
ହେଲେ ଏ ମନ ଭୁଲିପାରେନି

ତୁମବିନା ସାଥୀ ତୁମବିନା
ବଞ୍ଚିବାକୁ ଇଚ୍ଛା ହୁଏନା
ବଞ୍ଚିଛି ଖାଲି ମୁଁ ଏ ଭାବନା ନେଇ
ଥରୁଟିଏ ଫେରି ଆସନା

ତୁମବିନା ସାଥୀ ତୁମବିନା
ମନକୁ ବୁଝେଇ ହୁଏନା
ଥରେ ମୋ ମନକୁ ଆସିଦେଖ ପ୍ରିୟା
ତୁମ ଛଡ଼ା କେହି ରୁହେନା

ଚେତନ ପାତ୍ର

ତୁମବିନା ସାଥୀ ତୁମବିନା
ଆଉ କେହି ଭଲ ଲାଗେନା
କେମିତି ବଞ୍ଚିବି ଜାଣି ପାରୁନାହିଁ
ଥରେ ତୁମେ ଫେରି ଆସନା

ତୁମବିନା ସାଥୀ ତୁମବିନା...

 Magazine Downloaded from www.aahwaan.com

ସେଇ ପୁରୁଣା ଦିନ

ଅତୀତ ଯାଉଛି ଆଜି ସ୍ମୃତିଟିକେ ହେଇ
ସେ ସ୍ମୃତିକୁ ଆଜି ଯାଏଁ ଭୁଲିପାରୁନାହିଁ ।
ମନେ ପଡ଼େ ପିଲାଦିନ ସେଇ ଧୂଳିଖେଳ
ମନେପଡ଼େ ପୁଣି ଆଜି ସାଙ୍ଗସାଥୀ ମେଳ ।
ଦିଦିଙ୍କର ଗାଳି ଆଉ ସାରଙ୍କର ଛାଟ
ମନେପଡ଼େ ସେଦିନର ଘୋଷାଘୋଷି ପାଠ ।
କେତେ ଭଲଥିଲା ସତେ ସେ ଛାତ୍ର ଜୀବନ
ସମୟ ଯାଇଛି ବିତି... ଛାଡ଼ି ସ୍ମୃତି ଚିହ୍ନ ।
ସତେକି ଆସିବ ଫେରି ସେଇ ପିଲାଦିନ
କଥା କଟାକଟି ରାଗରଷା ଅଭିମାନ ।
ଅତୀତର ସେଇ ଖୁସି ଯାଇଛି ଯେ ହଜି
ଜୀବନ ଭିଡ଼ ଭିତରେ ପାଉନାହିଁ ଖୋଜି ।
ସାଙ୍ଗସାଥୀଙ୍କ ସହିତ ସେହି ମଜାଖୁସି
ନିରୋଳା ସମୟେ ଆଜି ଭାବୁଛି ମୁଁ ବସି ।
ଫେରି ଆସନ୍ତା କି ସତେ ସେ ପୁରୁଣା ଦିନ
ବାକିଥିବା ଆଶା ସବୁ କରନ୍ତି ପୂରଣ
ବାକିଥିବା ଆଶା ସବୁ କରନ୍ତି ପୂରଣ ।

ଲକ୍ଷ୍ମୀପ୍ରିୟା ପାତ୍ର

 Magazine Downloaded from www.aahwaan.com

ଆମରି ନାଆରେ ଆମେ ନାଉରୀ

ସ୍ୱାଧୀନତା ତାହା ପୁଣି

ଅନଭ୍ୟସ୍ତ ହସ୍ତେ ବେଲାରୁଟି ପରି

ମାନଚିତ୍ର ମୋ ଭାରତର !

ଶହ ଶହ ବର୍ଷ କଳୁଷିତ ବ୍ରିଟିଶ ବିରୁଦ୍ଧରେ

ରକ୍ତାକ୍ତ ଇତିହାସର ରୋମନ୍ଥନ

ଆତ୍ମ ବିଶ୍ୱାସର ଜାଗରଣ

ମୁକ୍ତି ଉତ୍ସବର ପୂର୍ତ୍ତି ପର୍ବ

ଭାଷା, ବିଶ୍ୱାସ, ଚେହେରା, କଥା କାର୍ଯ୍ୟର ବିଭିନ୍ନତା ସତ୍ତ୍ୱେ

ଭାବ, ସଂସ୍କୃତ, ସଂକଳ୍ପ, ଲକ୍ଷ୍ୟ, ସ୍ୱର

ଏକତାର ମନ୍ତ୍ର ଯେଉଁଠି ବାରି ହୋଇପଡ଼େ

ତା'ରି ଶିଳାଭୂମି ତଳେ

ଶ୍ରୀପଞ୍ଚାନନ ଖଟୁଆ

ଆଜି ବି ଲୁଚି ରହିଛି

ସେଦିନ ମୁକ୍ତିଯୋଦ୍ଧା, ସଂଗ୍ରାମୀ ସୈନିକଙ୍କ

ତ୍ୟାଗ, ତିତୀକ୍ଷା ଆତ୍ମବଳିଦାନ

ବ୍ୟଥା, ଗାଥା ଅନନ୍ୟ ସମର୍ପଣ

ପ୍ରଚଣ୍ଡ ସ୍ୱଦେଶ ପ୍ରୀତିର୍ ସ୍ୱର୍ଣ୍ଣାଭ ସ୍ୱାକ୍ଷର ।[୧]

 Magazine Downloaded from www.aahwaan.com

ସ୍ୱାଧୀନତା

ଉଦ୍‌ବୁଦ୍ଧ ଦେଶ ପ୍ରେମୀଙ୍କ

ସଂଗ୍ରାମପାଇଁ ଉତ୍ତେଜନା

ମୁକ୍ତିପାଇଁ ବ୍ୟାକୁଳତା

ଆଇନକୁ ଚୁଲିକୁ ଫିଙ୍ଗି ଦେବାର

ଆସ୍ପର୍ଦ୍ଧା ବି କମ୍ ନଥିଲା

ନାକେଦମ୍ ହୋଇଥିଲେ ଗୋରା ଶାସକ

ନା ଥିଲା ଗୋରା ଶାସକଙ୍କ ଗୁଳିଗୋଳାର ଭୟ

ନା ଥିଲା କଳାପାଣି, ମୁଣ୍ଡକାଟ, ଫାଶୀ

ଅବା ଫାଡ଼ିଦେବାର ଭୟ

ବରଂ କୋଟି ଭାରତୀୟକ ଅଭୟ ଆଶୀର୍ବାଦରେ

ଦେଶପ୍ରେମୀ ଲହୁ ଲୁହକୁ ଏକାକାର କରି ଗାଇଥିଲେ

ଆମେ ଚଳାଇବୁ ଦେଶ ଆମରି

ଆମରି ନାଆରେ ଆମେ ନାଉରୀ ।[୨]

ସଂପାଦକ, ବେଳାଭୂମି ସାହିତ୍ୟ ସଂସଦ, ରମ୍ଭା

ଗଞ୍ଜାମ, ଓଡ଼ିଶା

 Magazine Downloaded from www.aahwaan.com

କାହିଁ କେତେଦିନୁ ଅପେକ୍ଷା କରିଛି

କାହିଁ କେତେଦିନୁ ଅପେକ୍ଷା କରିଛି
ଯିବାକୁ ଶ୍ରୀକ୍ଷେତ୍ର ଧାମ ,
ଡୋରିଥରେ ଲଗା ବଳିଆର ଭୁଜ
ଜପୁଅଛି ତୁମ ନାମ,
ନେଇଯାଅ ମତେ ତୁମରି ପାଖକୁ
ଦେଖିବି କଳାବଦନ ,
ଜନମ ମୋହର ସାର୍ଥକ ହୋଇବ
ପବିତ୍ର ହେବ ନୟନ,
ଆନନ୍ଦ ବଜାରେ ବୁଲିବି ମଜାରେ
ଖାଇବି ଅବଢା ଅନ୍ନ,
ସବୁ ବିଷାଦ ମୋ ଦୁରିଭୂତ ହେବ
ଜୀବନ ହେବମୋ ଧନ୍ୟ,
ଏତିକ କରୁଣା କରିଦିଅ ବାରେ
ହେ ପ୍ରଭୁ କୃପାସାଗର ,
ପିଲାଟି ଦିନରୁ କେତେ ଭାବୁଅଛି
ଯିବାକୁ ଶିରୀକ୍ଷେତର ।

ଧୀରେନ୍ଦ୍ର ମଲ୍ଲିକ

ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର

 Magazine Downloaded from www.aahwaan.com

ତୁ ଗଲାପରେ

ମମତା ମନ୍ଦିର ପ୍ରୀତି ଗନ୍ଥାଘର
କରି କାହିଁ ଗଲୁ ଚାଲି
ହଜାରେ ଭିଡ଼ରେ ଲାଗେ ମୋତେ ଏକା
ଶୂନ୍‌ଶାନ ରାତି ପରି
ତୁ ଗଲାପରେ ସପନ ଯେତେ ମୋ
ତୋ ସାଥେ ଯାଇଛି ଚାଲି
ଦୁନିଆ ଦାଣ୍ଡରେ ପାଦ ଟଳମଳ
ପାରୁନି ତୋ ବିନା ଚାଲି
ଅନ୍ଧାର ରାତିରେ ଝଡି ବରଷାରେ
ତୁ ମନେ ପଡୁ ଭାରି
ନଥାଏ ତୋ କୋଳ ଆଉଜି ଯିବାକୁ
ଅନ୍ଧାରରେ ଗଲେ ଡରି
ତୋ ପଣତ ଛାଇ ଖୋଜି ପାଏ ନାହିଁ
ଖରାରେ ସିଝିଲା ବେଳେ
ଝାଡ଼ି କେ ଦେଇନି ମୋ ଦେହର ଧୂଳି
ତୁ ଚାଲିଗଲା ପରେ
ତୁ ଗଲା ପରେ ଧନ ବୋଲି କହି
ଖୁଆଇ ଦେଇନି କେହି
ନିଦ ନ ଆସିଲେ ମୁଣ୍ଡ ମୋ ଆଉଁସି
ଲୋରି ଶୁଣାଇନି କେହି

ମଞ୍ଜୁଲତା ସିଂ

 Magazine Downloaded from www.aahwaan.com

କହିବା ଆଗରୁ ମନକଥା ମୋର
ବୁଝିତ ପାରିନି କେହି
ଫେରିବା ବାଟ ମୋ ଚାହିଁକେ ବସିନି
ଅଖିଆ ଅପିଆ ରହି
ମମତା ତୋର ସାତ ଦରିଆର
ଚୁନାଚୁନା ହୀରା ମୋତି
ସେ ମୋତିର ମୂଲ୍ୟ ପାରିବିନି ଦେଇ
ଯେତେ ଜନ୍ମ ଗଲେ ବିତି
ସମୟ ତ କେବେ ଅଟକି ଯାଏନା
ନଈ ପରି ଯାଏ ବହି
ସେ ନଈ ସୁଅରେ ଭାସୁଥିବୁ ସଦା
ସ୍ମୃତିର ନାଆଟେ ହୋଇ
ଯେଉଁଠି ଥାଆତୁ ଯେମିତି ଥାଆତୁ
ଭୁଲିତ ଯିବୁନି କେବେ
ସପନରେ ଆସି ଦେଖା ଦେଉଥିବୁ
ଖୋଜୁଥିବି ତୋତେ ଯେବେ....

ଭୁବନେଶ୍ୱର

 Magazine Downloaded from www.aahwaan.com

ଖାସ୍ ତୁମରି ପାଇଁ

ଆଦ୍ୟ ଫଗୁଣର

ବଉଳବାସ ତୁମେ

କଅଁଳ ବୈଶାଖ ଖରା

ଆଦ୍ୟ ଆଷାଢ଼ର

ମାଟି ବାସ୍ନା ତୁମେ

ଝରା ଶ୍ରାବଣର ଧାରା

ସଜ ଶରତର

ଶେଫାଳି ଗୋ ତୁମେ

ମଳୟର କୁହୁଗୀତି

ପୌଷ ପାହାନ୍ତାର

ଅଳସୀ ଶିଶିର ତୁମେ

ପୁନେଇ ଚାନ୍ଦର ରାତି ।

ସତ୍ୟବ୍ରତ ପ୍ରଧାନ

ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପୂଜାରୀଗୁଡ଼ା, ଓଡ଼ିଶା

ଭ୍ରାମ୍ୟଭାଷ : ୯୭୭୬୯୮୫୯୭୫

 Magazine Downloaded from www.aahwaan.com

ସୃଷ୍ଟି

କଳଙ୍କିତ ଅତୀତକୁ
କିଏ ଚାହେଁ ଓଲଟାଇବାକୁ ?
କାନ୍ଦିବାକୁ
ହୃଦୟକୁ ଚିରିଫାଡ଼ି ଦେବାକୁ ।
କିନ୍ତୁ,
ପବନର ବେଗ ଯେବେ ଅସମ୍ଭାଳ ହୋଇଯାଏ
ଫୁର୍‌କିନା ପୃଷ୍ଠା ସବୁ ଓଲଟିଯାଏ ।
ଆଖିରେ ଆଖି,
ହସରେ ହସ,
ପାଦରେ ପାଦ,
ସ୍ୱପ୍ନରେ ସ୍ୱପ୍ନ,
ଭବିଷ୍ୟତରେ ଭବିଷ୍ୟତ,
ଆଶାରେ ଆଶା,
ପ୍ରତିଶୃତିରେ ପ୍ରତିପ୍ରତିଶୃତି
ରାଶି, ନକ୍ଷତ୍ର, ଜାତକ
ମହାମେଳକ ପରି ମିଶୁଥିଲା ।
ଧେତ୍
ଏ ତ ସୃଷ୍ଟି !
ଏହାକୁ ଆବୋରି
କିଏ କ'ଣ କେବେ ଜୀଇଁପାରେ ।

ଶଙ୍ଖସିନ୍ଧୁ ପୁରୋହିତ

 Magazine Downloaded from www.aahwaan.com

ହୋଇପାରେ କବିର ଦୃଷ୍ଟିରେ
ନାଇଟେଙ୍ଗେଲର ସ୍ୱର
ଗୋଲାପର ବାସ୍ନା
ରୂପାର ଜହ୍ନ
ହେଲେ
ବସ୍ତୁବାଦୀ ଏ ବାସ୍ତବଦୁନିଆରେ
ଛିଣ୍ଡା ମଲାଟର ଡାଏରୀରେ
ଝାପସା ଝାପସା ଦିଶୁଥିବା ଅକ୍ଷର କେଇଟା
ମୋବାଇଲର ଡ୍ରାଇଭରେ
ଆତଙ୍କବାଦୀଠୁ ବି ବେଶୀ
ସୁରକ୍ଷିତ ଭାବରେ ରଖିଥିବା ଫଟୋ କେଇଟା
କିଛି ପୁରୁଣା ବାକ୍ସରେ ଥିବା ଉପହାର
ଯାହାର ଅର୍ଥନୈତିକ ମୂଲ୍ୟ କିଛି ନାହିଁ ।
ଭାବାବେଗ ସହିତ ଜଡ଼ିତ ମାତ୍ର...
ଏ ତ...
ସେ ସୃଷ୍ଟି
ଏ ତ ଅତୀତ ।

ବଡ଼ାଲୀ, ଉଲୁଣ୍ଡା, ସୁବର୍ଣ୍ଣପୁର, ଓଡ଼ିଶା

 Magazine Downloaded from www.aahwaan.com

ମନର ମଣିଷ

କଥା ଦେଇଥିଲ ଛାଡିବନି ହାତ,
ଅଧା ବାଟେ ରହିଗଲ । ।
ସାତ ଜନମର ସାଥି ହେବ କହି,
ପ୍ରତିଶ୍ରୁତି ଭୁଲିଗଲ । ।

ତୁମରି ପଥକୁ ଚାହିଁ ରହିଥିଲି,
ସାଥେ ଯିବାପାଇଁ ମନ୍ଦିର । ।
ଧଳା ଶାଢୀ ଖଣ୍ଡେତ ଉପହାର ଦେଲ,
ଲିଭିଗଲା ମୋ ସିନ୍ଦୂର । ।

ତୁମେ ଗଲା ପରେ ମୁହଁ ବୁଲାଇଲେ,
ସାଙ୍ଗ ସାଥି ପ୍ରିୟଜନ । ।
ଦୁଃଖ ଯନ୍ତ୍ରଣା ରେ କେମିତି ବଞ୍ଚୁଛି,
ସେକଥା ଜାଣେ ମୋ ମନ । ।

ସୀତାରାମ

ଜୀଅନ୍ତା ଶବ ମୁଁ ନିଇତି ମରୁଛି,
କେତେ ଦିନ ମୋର ଆୟୁ । ।
ମନର ମଣିଷ ଚାଲିଗଲା ପରେ,
କାହିଁକି ବଞ୍ଚିବି ଆଉ । ।

ସାନମୂଳାଇ, କଟକ

 Magazine Downloaded from www.aahwaan.com

ରୂପବତୀ ଶରତ

କାଶତଣ୍ଡି ଧାରେ ଧାରେ ଶରତ ଆସିଛି
ପ୍ରକୃତିର ମହକରେ ଜଗତ ହସୁଛି ।
ଝରୁଛି ଗଙ୍ଗଶିଉଳି ଭୁରୁ ଭୁରୁ ହୋଇ
ବିଚ୍ଛୁରିତ ଜୋଛନାରେ ଚନ୍ଦ୍ରମା ହସଇ ।
ସବୁଜିମା ଶସ୍ୟକ୍ଷେତ୍ର ମାଦକେ ନାଚୁଛି
ସୁଲୁ ସୁଲୁ ବାଆ ଅବା ଝୁମର ଗାଉଛି ।
ଚଷା ପୁଅ ଗୀତଗାଏ ବାଦଲକୁ ଚାହିଁ
କୂଳ ଭୂଆଷୁଣୀ ହସେ ଖିଲିଖିଲି ହୋଇ ।
ଷୋଡ଼ଶୀ ତରୁଣୀ ଭିଜେ ସପନ ରାଇଜେ
ମଲ୍ଲୀ ମାଳେ ମହକି ସେ ହଜିଯାଏ ଲାଜେ ।

ରାହାସ କୁମାର ବେହେରା

ଫୁଲଶର ବିନ୍ଧି ପ୍ରିୟେ କରି ସମ୍ମୋହନ
କୁଆଁରୀ ବ୍ରତ ଭାଙ୍ଗିବେ କରି ଆଲିଙ୍ଗନ ।
ରାଜଜେମା ଚାଲୁଛନ୍ତି ଝୁମୁରୁ ଝୁମୁରୁ
ପାଦର କିଙ୍କିଣି ବାଜେ ହୋଇ ରୁଣୁଝୁଣୁ ।
ବୟସର ଚାରୂଲତା ଯେ ସରମି ଯାଉଛି
ବାଟର ବାଟୋଇ ଚାହିଁ ତାଟକା ହେଉଛି ।

 Magazine Downloaded from www.aahwaan.com

ରୂପ ଯଉବନ ତାର କିଦେବା ଉପମା

ଋତୁ ନୁହେଁ ଅଲିଅଳି କାହାର ସୁଷମା ।

ଅପରୂପା ରୂପ ତାର ଅପୂର୍ବ ସୁନ୍ଦରୀ

ଚାହାଣିତ ମନମୋହେ ବକ୍ଷ ଦିଏ ଚିରି ।

ଚମ୍ପା, ତରାଟରେ ଅଙ୍ଗ ଦିଶଇ ସୁନ୍ଦର

ହୃଦୟ ଦେଶେ ଭ୍ରମର କରିଅଛି ଘର ।

ମନ ମତାଣିଆ ବାସେ କନ୍ଦର୍ପର ରୋଷ

ରତିକି ଆସିଛି ସତେ ବସିବାକୁ ମିତ ।

ସୃଷ୍ଟିର ଅମରାବତି ଭୁବନ ରାଇଜ

ଋତୁହୋଇ ମନହରେ ପ୍ରୀତିର ପ୍ରାଚୁର୍ଯ୍ୟ ।

ପତ୍ରଝଡାପରେ ବୃକ୍ଷେ ନବ ପଲ୍ଲବୀତ

ଝିଙ୍କାରୀର ଗୀତେ ସ୍ରୋତା ନିତି ଆହ୍ଲାଦିତ ।

ନାନା ଫୁଲର ମହକେ ମନ ବିମୋହିତ

ଟିକେ ଟିକେ ମଜାଲଗେ କଅଁଳିଆ ଶୀତ ।

ଶୀତ ବାସ ଲୋଡ଼ା ହେଲା ପାହାନ୍ତି ପହରେ

ସକାଳଟା ମନୋରମ ଅତି ସରାଗରେ ।

ଆକାଶେ ଚନ୍ଦ୍ରମାରାଣୀ ଅମୃତ ଢାଳୁଛି

ତାରାଫୁଲ ଚଉଦିଗେ ସୁନ୍ଦର ଲାଗୁଛି ।

ଝାଲର ଲମ୍ବିଛି ଦେଖି ଆଖି ଝଲସୁଛି

 Magazine Downloaded from www.aahwaan.com

ସରଗର ଅପସରୀ ଆନନ୍ଦେ ନାଚନ୍ତି ।

ମୃଦୁ ଶିତଳ ବାଆର ଚନ୍ଦନ ଲେପନ

କି' ଆନନ୍ଦେ ମନୋରମ ପ୍ରକୃତିର ପ୍ରେମ ।

ଉଲ୍ଲସିତ ଲାଗେ ମନ ଆକାଶ ମାଧୁରୀ

ପ୍ରେମିକ ପ୍ରାଣର ଭାଷା ନିଏ ବୁଝିକରି ।

ପ୍ରେମିକା ଆଙ୍କୁଛି ଗାର ଧରଣୀ ପୃଷ୍ଠରେ

ପ୍ରତୀକ୍ଷାର ଅନ୍ତହେବ ପ୍ରିତି ଅଗଣାରେ ।

ଆଖି ଠାର ମାରି କହେ ମୁଁ ଏକା ସୁନ୍ଦରୀ

ପ୍ରକୃତିର ପରଶରେ ମନ ହୁଏ ଚୋରି ।

ପ୍ରଣୟର ସଜଫୁଲେ ବିଛେଇଛି ଘର

ମନ ମନ୍ଦିରରେ ପୂଜି ରାତି ଉଜାଗର ।

କି' ମାଧୁର୍ଯ୍ୟ ଏ ଶରତେ ମନତ ଅଥୟ

ଦୁଇ ହୃଦୟ ମିଳନେ ଅପୂର୍ବ ସମୟ ।

ସୁନ୍ଦର ଏ' ମନୋରମେ ବାଜୁଛି ଦୁନ୍ଦୁଭି

ଶଙ୍ଖ ଖୋଳ ତାଳେ ତାଳେ କମ୍ପୁଛି ମେଦିନୀ ।

ଏଇ ଦେଖ ନନ୍ଦ ଘରେ ଗହଳ ଚହଳି

ହସୁଛନ୍ତି ବନମାଳୀ ହୋଇନିଉଛାଳି ।

ଘରେଘରେ ପିଠାପଣା କେତେ ମହୋତ୍ସବ

ଯଶୋଦା କୋଳେ ଆନନ୍ଦ କେ' ବର୍ଣ୍ଣିପାରିବ ।

 Magazine Downloaded from www.aahwaan.com

ଶରତ ରାସ ଚାଲିଛି କୁଞ୍ଜରେ କୁଞ୍ଜରେ

ରାଧରାଣୀ ଝୁମୁଛନ୍ତି ବଂଇଶୀର ସ୍ୱରେ ।

ପୂଜା ମଣ୍ଡପରେ ମାଆ ହୋଇଛ ସବାର

ପୂଜୁଛନ୍ତି ଭକ୍ତଜନହିଁ ଅତି ସରଧାର ।

ଶରତ ଋତୁର ରୂପ ନାହିଁତ ତୁଳନା

ଧନ୍ୟତୁହି ଶୋଭାବତୀ ସୁନ୍ଦରୀ ଲଳନା ।

କଞ୍ଜିର ଚାତୁରୀ କେତେ କହିଲେ ନସରେ

ଚିତ୍ରକର ଚିତ୍ର ଆଙ୍କେ ସୁନାର ତୁଳୀରେ ।

ସରଗର ରାଜଜନ୍ୟା ସୃଷ୍ଟିର ରୂପସୀ

ମୋ'ଗାଁରେ ଆସୁଥା ତୁହି ଟିକେ ହସିହସି ।

ନଦୀର ଜଳଧାରେ ଏ' ନାଉରିଆ ଗୀତ

ମନ ମୋହେ ସୁମଧୁରେ କିଣିନିଏ ଚିତ୍ତ ।

ରୂପେଲି ଫୁଲେଇ ମିନ ବାନ୍ଧିଅଛି ଦଳ

ଅପରୂପା ଗୋରା ଦେହ ଦିଶେ ଜକ ଜକ ।

ତୋଫା ଦେହେ ଝଲମଲ ଗାଆଁର ସୁନ୍ଦରୀ

ମନ ତାର ଉଡିଯାଏ ଦେହ ଭାରି ଭାରି ।

ମାଜୁଥାଏ ଅଙ୍ଗରାଜି ସୁନୀଳ ଜଳରେ

ପ୍ରାଣ ପ୍ରିୟ ଆସିବେକି ଆଜି ସଞ୍ଜବେଳେ ।

ବଗୁଲା ବଗୁଲି ଦୁହେଁ କେତେ ଆନମନା

 Magazine Downloaded from www.aahwaan.com

ଝରଣା ପାଣିତ ନୁହେଁ ସୁନ୍ଦର ଆଇନା ।

ଆଇନାରେ ମୁଁହ ଦେଖି ମନେ ପଡେ ପ୍ରିୟା

ବିରହରେ ମନଝୁରେ ଏ ପର ଦେଶିଆ ।

ଶରତକୁ ସାଥିକରି ବଞ୍ଚିଯିବି ମୁଁହି

ସିଏ ମୋତେ ଭଲପାଏ ହୃଦୟଟି ଦେଇ ।

ଶୋଇତ ପାରୁନି କର ଲେଉଟି ଅନାଏ

ବିମୋହିତ ସୁଗନ୍ଧ ମୋ ବତାୟନ ଛୁଏଁ ।

ଆସିଲା ମେଞ୍ଚାଏ ଶୀତ ଦେହ ଗଲା ଥରି

ଦେଖୁଛି ସପନ କେତେ ପ୍ରିତି ଯାଏଭରି ।

ଏଇଲୋ ଶରତ ରାଣୀ କେତେ ଭଲପାଏ

ଶିହରଣେ କାୟମନେ ତୋର ପାଖେ ଥାଏ ।

ରହିଯାଅ ଘରକରି ମୋ' ମନ ଦୁଆରେ

ଚୁମୁଥିବି ତୋର ଶୋଭା ନିତି ସେନେହରେ ।

ବାଲ୍ୟମ୍ମା, ଢେଙ୍କାନାଳ- ୭୫୯୦୧୫

ଭ୍ରାମ୍ୟଭାଷ : ୮୨୮୦୩୩୬୦୮୮

 Magazine Downloaded from www.aahwaan.com

ବର୍ଷା

ହେ ବର୍ଷା
ତୁମେ ଚିର କଲ୍ପିତ
ତୁମେ ସଦା ଆଦରଣୀୟ
ତୁମର ଅପେକ୍ଷାରେ ମୋର ଦିନ ଗଢି ଚାଲିଛି
କେତେବେଳେ ତୁମେ ଆସିବ
ମୋତେ ଏକ ଅଭୁଲା ସ୍ୱର୍ଗ ଦେବ
ମୋତେ ତୁମ ମୃଦୁ ପ୍ରେମଧାରେ ଭିଜାଇ ଦେବ
ଆଉ ତୁମ ସେ ଧାରାରେ ବିରାମହୀନ ନୃତ୍ୟ କରିବି
ଯେତେବେଳେ ଯାଏ ତୁମେ ବର୍ଷି ଚାଲିବ
କିନ୍ତୁ ଜାଣିନି ଯେ
ତୁମେ ଗଗନର ବାହୁ ବଳୟକୁ ଭେଦ କରି
ମୋ ପାଖରେ ପହଞ୍ଚି ପାରିବ କି ନାହିଁ
ମୋ ସମସ୍ତ ଶରୀରକୁ ଓଦା କରି ପାରିବ ନା ନାହିଁ
ହେଲେ ଆଜି ବି ମୋ ବିଶ୍ୱାସର ହିମାଳୟ ଅତୁଟ
ତୁମେ ନିଶ୍ଚିତ ଆସିବ
ହୁଏତ ବିଳମ୍ବ ହୋଇପାରେ
କିନ୍ତୁ ତୁମେ ମୋତେ ଛାଡି ରହିପାରିବ ନାହିଁ
ଆସିବ ନା ,କଥା ଦିଅ ମୋତେ ,ତୁମେ ନିଶ୍ଚୟ ଆସିବ ।।

ଶିବାନନ୍ଦ ବନଛୋର

 Magazine Downloaded from www.aahwaan.com

ଆଗକୁ ଯିବାର ଅଛି

ଆଗକୁ ଯିବାର ଅଛି ଆଗକୁ ମୁଁ ଯିବି ।
ଆସୁ ଯେତେ ଝଡ ଝଞ୍ଜା ପଛ ଘୁଞ୍ଚା ମୁଁ ନ ଦେବୀ ।
ସଙ୍ଘର୍ଷ କରିବା ଶିଖିଛି କରି ଚାଲୁ ଥିବି । [୧]
ଆଗକୁ ଯିବାର ଅଛି ଆଗକୁ ମୁଁ ଯିବି ।
ଦୃଢ ସଂକଳ୍ପ, ଅଦମ୍ୟ ସାହସ ମନେ ଅଛି ରଖି ଥିବି ।
ହାରିଲେ ଆତ୍ମଚିନ୍ତନ କରିବି, ବିଜୟୀ ହେଲେ ଆତ୍ମଗର୍ବ ନ କରିବି ।[୨]
ଆଗକୁ ଯିବାର ଅଛି ଆଗକୁ ମୁଁ ଯିବି ।
ଅନ୍ୟର ଖୁସି ରେ ଖୁସି, ଦୁଃଖରେ ଦୁଃଖୀ ମୁଁ ହୋଇବି ।
ନିଜର ସାମର୍ଥ୍ୟ ଅନୁସାରେ ସେବା କରୁଛି କରିବି । [୩]
ଆଗକୁ ଯିବାର ଅଛି ଆଗକୁ ମୁଁ ଯିବି ।
ଆପଣାରଠୁ ମିଳୁଥିବା ଭଲପାଇବା ଓ ବିଶ୍ୱାସ କେବେ ନ ଭୁଲିବି ।
ସେଇ ଭଲ ପାଇବା ଓ ବିଶ୍ୱାସ ଶହେ ଗୁଣ କରି ଦେବି । [୪]
ଆଗକୁ ଯିବାର ଅଛି ଆଗକୁ ମୁଁ ଯିବି ।
ନିନ୍ଦୁକ ଓ ସମାଲୋଚକଙ୍କ କଥା କର୍ଣପାତ ନକରିବି ।
ବଡ ମାନଙ୍କ ଆଶିଷ ଓ ସାନ ମାନଙ୍କ ସହଯୋଗ ନେବି । [୫]
ଆଗକୁ ଯିବାର ଅଛି ଆଗକୁ ମୁଁ ଯିବି ।
ଜୀବନର ଚଲା ପଥରେ କେତେ କିଏ ଆସିବେ ଯିବେ ଭାଙ୍ଗି ନ ପଡିବି ।
ସ୍ୱାଭିମାନୀ ଓଡ଼ିଆ ପୁଅ ବୋଲି ଗର୍ବ କରୁଛି କରିବି । [୬]

ସୁଦିପ୍ତା ନାୟକ

 Magazine Downloaded from www.aahwaan.com

କେତେ ମୁଁ ଯାଇଛି ବଢ଼ି

ବାପା ଦେଉଥିଲେ ଆଠଣା ଚାରଣା
ଇସ୍କୁଲ ଯିବା ବେଳେ
ଆଜି ମୁହିଁ ଜଣେ ସଫଳ ମଣିଷ
ଲକ୍ଷେରେ କୋଟିରେ ଖେଳେ ।
ଭୁବନେଶ୍ୱରରେ ଦଶଗୁଣ୍ଠ ଜମି
ତହିଁରେ ବିଶାଳ କୋଠା
ଗ୍ୟାରେଜ ଘରେ ମୁଁ ସାଇତି ରଖିଛି
ଦାମିଗାଡ଼ି ପାଞ୍ଚ ଗୋଟା ।
ଶଳା , ଶାଳୀ ଆଉ ଶଶୂର , ଶାଶୂଙ୍କୁ
ନେଇ ମୋର ପରିବାର
କେତେ ମୋ ଓଜନ ଦେଖିଲେ ଜାଣିବ
ଘରଣୀ ବେକରେ ହାର ।
ବାପା ବୋଉ ପଡ଼ି ଅଛନ୍ତି ଗାଆଁରେ
କାମୁଡ଼ିକି ଭିଟାମାଟି
ଲୁଚିଛପି କେବେ ଗଲେ ମୁଁ ସେଠିକି
ପ୍ରାଣପ୍ରିୟା କରେ ପାଟି ।
ବାପା ପେଲୁଛନ୍ତି ଭଙ୍ଗା ସାଇକେଲ
ଏଠି ମୁଁ ଚଢୁଛି ଅଡ଼ି
ଏଇଥିରୁ ଜାଣ ବନ୍ଧୁମାନେ ଆଜି
କେତେ ମୁଁ ଯାଇଛି ବଢ଼ି ।

ଶିଶିର କୁମାର ପଣ୍ଡା

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ-୮୯୮୧୭୩୭୨୨୮

 Magazine Downloaded from www.aahwaan.com

ତୁମେ ଆସ.....

ସଂସାର ବେଦନା ଶୋଇଗଲା ପରେ

ତୁମେ ଆସ ସ୍ୱପ୍ନ ନେଇ,

କେତେ କଥା ଭାବେ ନିଦୁଆ ଆଖି ମୋ

ରାତି ସାରା ଚେଇଁ ଚେଇଁ ।

ନିଶବ୍ଦର ଶବ୍ଦେ ଭରିଦିଅ ଝଙ୍କାର

ଶୁଣାଇ ପ୍ରୀତିର ଗୀତି,

ସବୁ ସରିଗଲା ପରେ ଶୂନ୍ୟ ଆଞ୍ଜୁଳାରେ

ଦେଇଯାଅ ସବୁ ପ୍ରାପ୍ତି ।

ସବ୍ୟସାଚୀ ବିଷୋୟୀ

ସନ୍ୟାସୀର ମନେ ସଂସାର ଗଢ ଗୋ

ଦେଖାଇ ସୁଖର ମୋହ,

ଜୀବନୁ ମୋହର ପୋଛିଦେଇ ଯାଅ

ନିଜେ ଦେଇଥିବା କୋହ ।

ଲୁହର ଧାରକୁ ଶୋଷି ନେଇ ଯାଅ

 Magazine Downloaded from www.aahwaan.com

ଅଠରେ ଫୁଟାଇ ହସ,

ଯେତେ ବିରହୀତ କଲେ ବାରମ୍ବାର ଆସ

ନକରି ମନରେ ରଗ ।

କେତେ ଅପେକ୍ଷାର ଅନ୍ତକୁ ହଟେଇ

ଆସୁଅଛ ଅଧା ରାତି,

ଦିନେ ନଆସିଲେ ବିଳମ୍ବିତ ହେଲେ

ଜଳି ଯାଏ ମୋର ଛାତି ।

କେତେ ସମ୍ଭାବନା ବୁଣିଦେଇ ଯାଅ

ହୃଦୟ କ୍ଷେତରେ ମୋର,

ତୁମେ ଚାଲିଗଲେ ହୃଦୟେ ଫୁଟଇ

ବିରହୀତ ପ୍ରେମ ତୀର ।

-

କଣ୍ଟାମାଳ (ନବରଙ୍ଗପୁର)

 Magazine Downloaded from www.aahwaan.com

ମୁଁ ଯଦି କହିବି ତତେ ବାହାହେବି

ମୁଁ ଯଦି କହିବି ତତେ ବହାହେବି
ରାଜିହବୁକି ମୋ କଥାରେ,
ସାରା ଜୀବନକୁ ସାଥିଟିଏ ହୋଇ
ରହିବାପାଇଁ ମୋ ସାଥିରେ,, । ।
ତୁ ରାଜି ହୋଇଲେ ମତେ କଥାଦେଲେ
ବସିବି ତୋ ସାଥେ ବେଦିରେ,
ବୋହୁରାଣୀ କରି ସାଥିରେ ମୋହର
ନେଇଯିବି ପାଲିଙ୍କିରେ,, । ।

କଥା ମୁଁ ଦଉଛି ଜୀବନରେ ତତେ
ରଖିବି ଯେ ସଦା ଖୁସିରେ,
ଥରୁଟିଏ ଖାଲି ହଁ ତୁ କହିଦେ
ହଜେଇଦେବି ମୋ ପ୍ରେମରେ,, । ।

ମିଥୁନ୍ ସାହୁ

ମାଳ ତେନ୍ତୁଳିଆ, ପୋଲସରା, ଗଞ୍ଜାମ

 Magazine Downloaded from www.aahwaan.com

ସୁଜଳା ସୁଫଳା ଓଡିଶା ମାଟି

ସୁଜଳା ସୁଫଳା ଓଡିଶା ମାଟିର
ଆମେ ସବୁ ପ୍ରଜାପତି,
କୁସୁମ କାନନେ ଉଡି ବୁଲୁଥିବୁ
ଗାଇ ଗାଇ ଶାନ୍ତିଗୀତି ।

ଶତ୍ରୁର ସଂହାର କରିବୁ ଆମେରେ
ଦମ୍ଭ କରି ଆମ ଛାତି,
ଉଜ୍ଜ୍ୱଳ ଜନନୀ ଓଠରେ ଆନନ୍ଦ
ଭରିଦେବୁ ନିତି ନିତି ।

ଶୋଷଣ, କଷଣ କପଟ,ଛଳନା
ହଟାଇବୁ ଦେଇ ଶାସ୍ତି,
ଧରମ ପଥରେ ଚାଲିବୁ ଆମେରେ
ମନେରଖି ସେବାପ୍ରୀତି ।

ଜୟଶ୍ରୀ ମହାରଣା

ବିଜ୍ଞାନ ଜ୍ଞାନକୁ ନେବୁରେ ଆଦରି
ପ୍ରଗତିର ସିଏ ଶକ୍ତି,
ଶିକ୍ଷାର ପ୍ରଦୀପ ଜଳାଇ ଦେବୁରେ
ପାହିଯିବ ଦୁଃଖରାତି ।

ବାଣପୁର,ଖୋର୍ଦ୍ଧା, ଓଡ଼ିଶା

 Magazine Downloaded from www.aahwaan.com

ଅନ୍ୱେଷଣ

ଏଇ ତ ଜୀବନ !

ଜୀବନର ସଂଜ୍ଞା, ମୂଲ୍ୟ ବୁଝିବାକୁ

ଅନେକ ଚେଷ୍ଟାକରି ଶେଷରେ ହୁଏ ମୁଁ ବିଫଳ...

ଯେଉଁ ଫଳାଫଳ ମୋତେ ମିଳେ

ଯାହାକି ମୋର ଅନ୍ତରରେ ବାରମ୍ବାର

ଧ୍ୱନି ପ୍ରତିଧ୍ୱନି ଜଗାଇ ଦିଏ

ଏଇ ତ ଜୀବନ ! [୧]

ଦେବତାର ଆଶୀର୍ବାଦ, ନିର୍ଦ୍ଦେଶରେ ଜନ୍ମନିଏ ଶିଶୁ

ସ୍ୱର୍ଗର ଦେବତାଗଣ ମଥାରେ ତା'ର ପବିତ୍ର ହସ୍ତସ୍ଥାପନ କରି

ମର୍ତ୍ତ୍ୟମଣ୍ଡଳକୁ ଏକ ମାନବଶିଶୁ ରୂପେ ପ୍ରେରିତ କରନ୍ତି ନିର୍ଦ୍ଦିଷ୍ଟ

ସମୟର ସ୍ରୋତେ... [୨]

ପୁଷ୍ପିତା ଜେନା

ମାତ୍ର ମର୍ତ୍ତ୍ୟରେ ପାଦ ରଖି ଲୀଳା, ଖେଳାରେ କ୍ରମେ ତା'ର

ମନ, ଶରୀର, ମିଥ୍ୟା, କୁଟିଳତା, ଲୋଭ, ମୋହ ଓ

 Magazine Downloaded from www.aahwaan.com

ଛଳନାରେ କଳୁଷିତ ହୁଏ

ଶିଶୁ, କୈଶୋର, ଯୁବା, ବୃଦ୍ଧାବସ୍ଥା ଗ୍ରାସକରେ

ସମୟାନୁକ୍ରମେ... [୩]

ସଂସାରର ନିୟତିରେ ବନ୍ଧା ହୁଏ ଆଉ ଏକ ନାରୀ ସହ

ଯିଏ ତା'ର ସବୁଠାରୁ ନିଜର ସହଧର୍ମିଣୀ, ଅର୍ଦ୍ଧାଙ୍ଗିନୀ ରୂପ ନିଏ

ସାତଫେରା ଦେଇ ବିବାହ ମଣ୍ଡପେ... [୪]

ଯାହାର ଔରସ ଓ ରକ୍ତରୁ ଗଢ଼ାଯାଏ ଆଉ ଏକ ଦେବଶିଶୁ

ସଂସାରର ଲୀଳା, ଖେଳା ସମୟର ସ୍ରୋତରେ ବହିଚାଲେ ଏ ମାନବଜାତି

ପୁତ୍ରକନ୍ୟାର ଲାଳନପାଳନରେ ଜୀବନ ବିତାଏ ସଂସାରର

ତରୀଟିରେ ନିଜକୁ ନାବିକ ସଜାଇ... [୫]

ନିଜର ସମସ୍ତ ଦୁଃଖ କଷ୍ଟକୁ ଜହର ପରି ପାନକରେ

ମାତ୍ର କେତୋଟି ସନ୍ତାନ ସନ୍ତତି ବୁଝନ୍ତି ପିତାମାତାଙ୍କର

ଏ ନିଃସ୍ୱାର୍ଥୀ କର୍ତ୍ତବ୍ୟର ମୂଲ୍ୟ... [୬]

ନିଜ ସୁଖେ ସୁଖୀ ହୋଇ ଲଭନ୍ତି ଆନନ୍ଦ

କି ବିଚିତ୍ର ଏ ସଂସାରର ଲୀଳା !

 Magazine Downloaded from www.aahwaan.com

କ୍ଷଣିକରେ ଭୁଲନ୍ତି ପିତାମାତାଙ୍କର

ଏ ବାତ୍ସଲ୍ୟ ମମତା... [୭]

ଆଧୁନିକ ଦୁନିଆରେ ଲୀଳା ହିଁ ବିଚିତ୍ର

ସ୍ୱାର୍ଥାନ୍ଧ ମାନବ ଖାଲି ଜାଣେ ମେଣ୍ଟାଇବା ପାଇଁ

ନିଜର ଏ ସ୍ୱାର୍ଥୀ ଗୁଜୁରାଣ... [୮]

ମାତ୍ର ଦିନେ ହେଲେ ବି ପଛକୁ ଫେରି ସେ ଚାହେଁନି

ଅତୀତର ପିତାମାତାଙ୍କର ଏ ମହାନ ତ୍ୟାଗ

ଦିନେ ହେଲେ ଭାବେନାହିଁ ନିଜର ଭବିଷ୍ୟତ କେତେ ଅନ୍ଧକାର

ଯିଏ ଦୁଇଗୁଣ କଷ୍ଟ ଦିଏ

ଚାରିଗୁଣ କଷ୍ଟ ଭୋଗିବାକୁ ଭବିଷ୍ୟତରେ

ପ୍ରସ୍ତୁତ ହେବାକୁ ପଡ଼େ... [୯]

ଏକା ହୋଇ ଆସିଛି ସେ ଏ ମର୍ତ୍ତ୍ୟମଣ୍ଡଳେ

ଏକା ହୋଇ ଚାଲିଯିବ ସ୍ୱର୍ଗପୁରେ ଦିନେ

ନିଜର ଅତିପ୍ରିୟ ସବୁକିଛି ପଛରେ ପକାଇ... [୧୦]

ଏଇ ସବୁ ଏ ମନ ମଧ୍ୟରେ ମୋର ଆଜି ଉଙ୍କିମାରେ

 Magazine Downloaded from www.aahwaan.com

ଶେଷରେ କିଛି ସମାଧାନ ନ ପାଇ

ମନ ମଧ୍ୟରେ ଏ ଜୀବନ ଓ ସଂସାରର

ନିୟମକୁ ଆଜି ମୁଁ

ଅନ୍ୱେଷଣ କରିଚାଲେ... [୧୧]

ଏଇ ତ ଜୀବନ....

୪୨୧, ସାଉଥ୍ ଦିଲ୍ଲୀ ଆପାର୍ଟମେଣ୍ଟସ

ପ୍ଲଟ୍ ନଂ - ୮, ସେକ୍ଟର - ୪

ଦ୍ୱାରକା, ନୂଆଦିଲ୍ଲୀ - ୧୧୦୦୭୮

 Magazine Downloaded from www.aahwaan.com

କନ୍ୟାରତ୍ନ

କନ୍ୟାରତ୍ନ

ସମ୍ଭାବନାର ମନ୍ତ୍ର ସେ

ଜୀବନର ମୁଗ୍ଧଗୀତ ସେ

ଆଖିରେ ଆଖିଏ ସ୍ୱପ୍ନ ଭୁଞ୍ଜିଥିବା ଆତ୍ମାଟିଏ

ଆଉ ଆଜି ତା ଆଖିରେ ଅସୁମାରୀ କ୍ଷତ !

ମେଘମାଳ ଡେଇଁ ଉଡ଼ି ବୁଲୁଥିଲା

ମନର କପୋତ ତାର

ହଠାତ୍ କେହି ଛେଦକଲା

ଡେଣା ଦୁଇ ତାର ।

ମନେ ତାର ଅସରନ୍ତି ରକ୍ତଭିଜା କୋହ

ବନ୍ୟାଧାରା ପରି ଝରିଯାଏ ତା' ଆଖିରୁ ଲୁହ ।

କେହି କ'ଣ ମାପି ପାରିବ

ତା' ଲୁହର ଦୈର୍ଘ୍ୟ କେତେ ?

ଆଉ ପ୍ରସ୍ଥ ?

ନିରବ ଯନ୍ତ୍ରଣା ନିରବ ପରିଭାଷା

ତଥାପି ମନରେ ଅସୁମାରୀ ଆଶା

ମୃତ୍ୟୁ ନୁହେଁ ଜୀଇଁବାକୁ ଚାହେଁ ।

ଅଭୀପ୍ସା ଜେନା

 Magazine Downloaded from www.aahwaan.com

ମୁଁ ନାହିଁବୋଲି

ମୁଁ ନାହିଁବୋଲି ତୁମେ କେତେ ଖୋଜୁଛ,,

ଅତୀତକୁ ଚାଲିଯାଇ ପୁଣି ଫେରିଆସୁଛ,,, ।

ମୁଁ ନାହିଁବୋଲି,ଯେତେସବୁ ସ୍ମୃତିକୁ ତୁମେ ଜାବୁଡି ଧରିଛ,, !

ମୁଁ ନାହିଁବୋଲି,, ତୁମେ ଲୁହକୁ ଲୁଚେଇ ଲୁଚେଇ ମିଛରେ ହସୁଛ,, !

ମୁଁ ନାହିଁବୋଲି ,,ତୁମେ କାଗଜ ଉପରେ ଏଣୁତେଣୁ କଣ ସବୁ ଲେଖିପକାଉଛ,, ।

ମୁଁ ନାହିଁବୋଲି ,,ତୁମେ ନିଦକୁ ମାଗିଛ ସ୍ୱପ୍ନ,,ଆଉ ସେ ସ୍ୱପ୍ନ ଭିତରେ କେବଳ ମୋତେ ।

ମୁଁ ନାହିଁବୋଲି ତୁମେ ପାଗଳ ହୋଇଛ,, ।

ମୁଁ ନାହିଁବୋଲି ,,ତୁମେ ବର୍ତ୍ତମାନକୁ ଆପଣେଇନବା ଶିଖିଯାଇଛ,,

ତଥାପି ମୋତେ ଭୁଲିପାରୁନ,,, ।

ମୁଁ ନାହିଁବୋଲି ତୁମେ ଭାବି ବି ପାରୁନ,, ।

ମୁଁ ନାହିଁବୋଲି ତୁମେ କାଇଁ ମଉନେ ବସିଛ,, ?

ହେଇ ଦେଖ,,,, ! !

ବିଜୟଲକ୍ଷ୍ମୀ ନାୟକ(ଜୁବି)

ଅଧା ପାଚିଆସିଲାଣି ତୁମ ମୁଣ୍ଡରେ କେରାଏ ବାଳ,, ! !

ଚମ ଧୁଡୁଧୁଡୁ ଜୀର୍ଣ୍ଣଶୀର୍ଣ୍ଣ ଶରୀର ତୁମର ଅବଶ ହେଲାଣି,,ଆଉ ଆଗଭଳି

ଜମା ସୁନ୍ଦର ଦିଶୁନ,,

ଆଖି କୋରଡରେ ପଶିଗଲାଣି,,

ଏଇ,,,, କାହିଁକି ଏମିତି ଲୁହ ଢାଳୁଛ,, ?

ମୁଁ ନାହିଁବୋଲି,,ମୋର ସମାଧିକୁ ଯାଇ ଏଣୁତଣୁ କଣ ଗପି ଆସୁଛ,, ?

ଫେରିଆସ,,,,, । ଏତେଦିନର ପ୍ରେମ ମୁଁ କଣ ଭୁଲିପାରିଛି ?

ଅଛି କେବଳ ତୁମ ପ୍ରତୀକ୍ଷାରେ,,ଆରଜନ୍ମକୁ,, !

ତୁମକୁ ଏମିତି ଦେଖି ମୁଁ ଆଉ ସହିପାରୁନି,, ।

ଏଇ,,,ନିଜକୁ ଆଉ ଏତେ ବେଶୀ ଅଣଦେଖା କରନି,,, ।

ମୁ ଁ ନାହିଁ ବୋଲି,,,,,, । ।

ବିଜୟଲକ୍ଷ୍ମୀ ନାୟକ(ଜୁବି)

ବାହାଡାଝୋଲା,ନୟାଗଡ, ଓଡ଼ିଶା

 Magazine Downloaded from www.aahwaan.com

ଦ୍ୱନ୍ଦ

ବିବେକର ଲଢ଼େଇରେ ଆଜି ବଳି ପଡେ ଏ ଜୀବନ,

କା କଥା ମାନିବି ଜାଣି ମୁଁ ପାରୁନି ଅସ୍ଥିର ହୁଏ ମୋ ମନ ।୧ ।

ମନ ବ୍ୟାକୁଳତା ପ୍ରକାଶ କରୁଛି ବନ୍ଧୁତ୍ୱର ଖାତିର ରେ,

ପ୍ରେମ ବନ୍ଧୁତ୍ୱ ଦୋଛକି ରେ ଆଜି ଦ୍ୱନ୍ଦ ମୋର ହୃଦୟ ରେ ।୨ ।

ହୃଦୟକୁ ଆଜି ଯେବେ ପଚାରେ ମୁଁ ପ୍ରତିଧ୍ୱନି କୁହେ ତୁମେ,

ମୁଁ କି ତୁମର ଏତିକି ଜାଣେନା ଜାଣେ ପ୍ରେମ ମୋର ତୁମ ନାମେ ।୩ ।

କହିବି କହିବି କେତେ ମୁଁ ଭାବୁଛି, ଉଙ୍କି ହୁଏ ମନେ ମନେ,

ହଁ ନାହିଁ ଉତ୍ତରକୁ କେତେଯେ ପ୍ରତୀକ୍ଷା ଜାଗରଣେ ଓ ସପନେ ।୪ ।

ଦୁଃଖେ ଥିଲେ ମୁହିଁ ତୁମ କଥା ଭାବେ ଅଜଣା ଖୁସିଟେ ପାଇଁ ,

ସେ ଖୁସି ମୋ ପାଇଁ ଆସିବ କି କେବେ ମୋ ମନେ ପ୍ରଶ୍ନଟି ଏଇ ।୫ ।

ଜୀବନ ଜ୍ୟୋତି ସାହୁ

ମହାବୀର କ୍ଷେତ୍ର,ଦଶପଲ୍ଲା

ମୋ : ୭୮୦୯୨୬୯୫୪୯

 Magazine Downloaded from www.aahwaan.com

ମୋ ଜୀବନ ଦିଗଦ୍ରଷ୍ଟା

ନିଶ୍ଚଳେ ଦଣ୍ଡାୟମାନ ମହାଦ୍ରୁମ ପରି
ରୌଦ୍ର , ବର୍ଷା ହିମପାତେ ଖାତିର ନ କରି
ଆଜୀବନ ବୋହୁଥାନ୍ତି ଅଣାୟତ ଭାର
ଦେଖିବାକୁ ପରିବାରେ ପ୍ରୀତି ସୁଧାଗାର ।।
ଅଳି ଅର୍ଦ୍ଧଳିର ଭାରେ ସ୍ନେହକୁ ବିତରି
କଠୋରପଣରେ କେବେ ଦିଅ ଗାଳି କରି
ଅନୁଶାସନର ତୁମେ ଜ୍ୱଳନ୍ତ ନମୁନା
ପାରିବା ପଣିଆ ଶିଖୁ ତୁମ୍ଭଠାରୁ ସିନା ।।
ଜୀବନ ତରଣୀ ଧାରେ ତୁମେ ମୋ ନାବିକ
ଭବ ତରୀ ପାରି ପାଇଁ ମୁଁ ଯେ ଯାତ୍ରୀ ଏକ
କର୍ତବ୍ୟର ଦ୍ୱାହିପଣେ ତୁମେ ଦିଗଦର୍ଶକ
ଜୀବନ କଷଟି ପଥେ ତୁମେ ମୋ ଶିକ୍ଷକ ।।
ଜୀବନ ଜଠରୁ ଜୁଇ ତୁମେ ମୋ ଇଶ୍ୱର
ତୁମ ବିନା ଜୀବନ ମୋ ନିଃସ୍ୱ ଅନ୍ଧକାର ।।

ଦେବବ୍ରତ ଜେନା
ଶିକ୍ଷକ, ରଣସିଂହପୁର ଆଶ୍ରମ ବିଦ୍ୟାଳୟ
କମର୍ଦ୍ଦା,ଭୋଗରାଇ ବାଲେଶ୍ୱର
ଦୂରଭାଷ ;୯୫୮୩୧୩୮୫୩୩

 Magazine Downloaded from www.aahwaan.com

ନିଆରା

ସବୁଠୁ ନିଆରା ତୋର ସେ ଚେହେରା
ଫୁଲର ପସରା ସତେ
ସେଇ ଫୁଲ ଆଜି ମନେ ମୋର ଫୁଟି
ପାଗଳ କରିଛି ମତେ । ।

ସବୁଠୁ ନିଆରା ତୋ ଆଖି ଇଶାରା
ଯେବେ ସେ କଣେଇ ଚାହେଁ
ନିଜକୁ ନିଜେ ମୁଁ ପାଉନାହିଁ ଖୋଜି
କେଉଁଠାରେ ହଜିଯାଏ ।

ଲାଗଇ ନିଆରା ତୋହସ ଫୁଆରା
ହସୁ ଯେବେ ଖିଲି ଖିଲି
ସେ ହସରୁ ଝରେ ହୀରା ନୀଳା ମୋତି
ଝରେ ପୁଣି ହେନା ମଲ୍ଲୀ ।

ପ୍ରକାଶ କୁମାର ଚାନ୍ଦ

ସବୁଠୁ ନିଆରା ତୋ କେଶ କହରା

 Magazine Downloaded from www.aahwaan.com

ଯେବେ ଚାଲି ଯାଉ ଛାଟି

ମୋ ଛାତି ଉପରେ ଲକ୍ଷିଏ ସୂରୁଯ

ହୋଇ ଯାଏ ଆସି ପିଟି ।

ନିଆରା ନିଆରା ତୋର ଠାଣି ବାଣୀ

ନିଆରା ତୋହର ଗାଆଁ

ନିଆରା ତୋ ଛୁଆଁ ନିଆରା ତୋ ଚାହିଁ

ନିଆରା ତୋହର ନାଆଁ ।

ଜୟପୁର ଶାସନ ପିପିଲି ପୁରୀ

୯୮୫୩୩୫୪୯୩୮

 Magazine Downloaded from www.aahwaan.com

ଏଇ ମୋ ପ୍ରିୟ ଜନମ ଭୂଇଁ

ସ୍ୱାଧୀନ ଦେଶର ସନ୍ତାନ ଆମେରେ
ସ୍ୱାଧୀନ ଦେଶର ସନ୍ତାନ ।
ଭାରତ ମାତାର ସୁରକ୍ଷା ସକାଶେ
ଦେବୁ ଆମେ ବଳିଦାନ ।
ରଖିବୁ ଦେଶର ଗର୍ବ ଓ ଗୌରବ
ରଖିବୁ ତା'ସ୍ୱାଭିମାନ ।
ସେବାରେ ତାହାର ଜୀବନ ଦେବୁ
ଗାଉଥିବୁ ତା'ର ଗୁଣ ।
କେତେ କେତେ ବୀର ବୀରଙ୍ଗନା ଆମ
ଲଢିଥିଲେ ଦେଶ ପାଇଁ ।

ସୁଭାଷ ବୋଷ ମହାତ୍ମା ଗାନ୍ଧୀ
ଝାନ୍‌ସୀ ରାଣୀ ଲକ୍ଷ୍ମୀବାଈ ।
ଭଗତ ସିଂହ ଓ ଜୟୀରାଜଗୁରୁ
ବୀର ସୁରେନ୍ଦ୍ର ସାଏ ।

ଡମ୍ବରୁଧର ବାଗ

ସ୍ୱାଧୀନତା ସଂଗ୍ରାମୀ ବାଳ ଗଙ୍ଗାଧର
ଲାଲା ଲଜପତ ରାୟ ।

 Magazine Downloaded from www.aahwaan.com

ଦେଶ ପାଇଁ ସିଏ ଜୀବନ ଦେଲେ

ତଡିଲେ ଦେଶୁ ଗୋରା

ଏ ଦେଶ ବାଳକ ବାଜି ରାଉତ

ଦେଶ ପାଇଁ ଅପାଶୋରା ।

ବିଶ୍ୱ ରେ ମହାନ ଆମ ଏହି ଦେଶ

ଆମର ଭାରତ ଭୂମି ।

ଯେ ଦେଶେ ବହଇ ଗଙ୍ଗା ଯମୁନା

ଚରଣ ତାହାର ଚୁମି ।

ତ୍ରିରଙ୍ଗା ଉଡଇ ଫର ଫର ହୋଇ

ସ୍ୱାଧୀନତା ବାର୍ତ୍ତା ଦେଇ ।

ସୌନ୍ଦର୍ଯ୍ୟରେ ତା'ର ମନ ବିମୋହିତ

ହୃଦୟକୁ ଯାଏ ଛୁଇଁ ।

ଏହି ମୋ ଭାରତ ଭୂଇଁ ।

ଶ୍ରୀ ଡମ୍ବରୁଧର ବାଗ, ଚପ୍ରିଆ, ଗୋଲାମୁଣ୍ଡା, କଳାହାଣ୍ଡି

ଫୋନ ନମ୍ବର ୯୧୭୮୨୨୫୭୬୪

 Magazine Downloaded from www.aahwaan.com

ମରିଚୀକା

ଯମୁନା କୂଳେ ଫିକା ରାଧା ଏକା
ନୀର ବହେ ମଛର ଗତି ଧରି ,
ମୋହନ ନାହାନ୍ତି ବଙ୍କଁଶୀ ଶୁଭୁଛି
କୋହ ଉଠେ ରହି ରହି ।

ବୋଧେ ମୀରା ବଶ ହୋଇ ଶ୍ୟାମ ଅନ୍ତର୍ଦ୍ଧାନ
ଦହଗଂଜ ପ୍ରହେଳିକା ମାନ ଉଠେ,
ରସିକ ପ୍ରବର ଚନ୍ଦ୍ରିକା ଛାଡି
ଠକି ମୋତେ ଉଭା କି ମୀରାଠେ !

ପ୍ରତାପ ଚନ୍ଦ୍ର ମିଶ୍ର

ଗୋପୀକାଙ୍କ ଉନ୍ମଉ ଖୋଳ କରେ ଗୋଳମାଳ
ଯେବେ ଅଥୟ ହୋଇ ନାଚନ୍ତି ,
ବନମାଳି ଯଦି ନ ଥାନ୍ତେ ସେଇଠି
କୁଂଜ ବନ କିଆଁ ହସି ଉଠନ୍ତି ।

ଯମୂନା ତଟ ବାରି ପ୍ରଖର
ସୂଚାଏ ମୀରା ଗାଥା,

 Magazine Downloaded from www.aahwaan.com

ସେ ଅନୁରୂପେ ନପାଏ ଚକ୍ରଧର ସେଠି
ଗୋବିନ୍ଦ ସୁଖ ଯଥା ।

ମୀରା ହେଉ ଅବା ରାଧା
ନାଟୁଆ ରତନ ଥାଇ ସବୁଠେ ,
ନିରେଖି ଦେଖୁଥା'ନ୍ତି ଭକ୍ତ ଙ୍କ ଅସୁବିଧା ।

ପ୍ରଭୂ ପ୍ରେମେ ଚିନ୍ତା ଯେତେ ଘାରି ହୁଏ ମନ
ସେତେ ମରିଚୀକା ଦିଶେ ,
ଧାଇଁଲେ ଗୋଡାଏ ଗୋଡାଇଲେ ଧାଏଁ
ତାଙ୍କ ଅନୁପସ୍ଥିତି ବିରଷେ ।

ପୂର୍ଣ ସମର୍ପଣ ଆତ୍ମହରା ହୋଇ
ଭଜିଲେ ସେ ଚରଣ ମାନ,ଯଶ
ତାଙ୍କ ଉପସ୍ଥିତି ହେବ ବିକଶିତ
ମରିଚୀକା ବିଭସ୍ର ଅବଶ୍ୟ ।
ପ୍ରଭୂ ବିଦ୍ୟମାନ ହେବେ ହରଷ
ମନୁ ଫେଡିବ ବିରଷ ,
ମରିଚୀକା ହେବ ଅଚିରେ ବିଭସ୍ର ..... ।

ନୂଆଗାଁ, ଓଡ଼ିଶା

 Magazine Downloaded from www.aahwaan.com

ରାଧା

କିଏ ତୁମେ ରାଧା,

ନଟିଆ କୃଷ୍ଣଙ୍କ ପ୍ରେମିକା

ନା' ଚନ୍ଦ୍ରସେଣାଙ୍କ ଅର୍ଦ୍ଧାଙ୍ଗିନୀ,

ମାନବୀରୁ ଦେବୀ ପାଲଟିଯାଇଥିବା

କୃଷ୍ଣପ୍ରିୟା ନାୟିକା,

ନା' ଦେବୀ ହୋଇ ମାନବୀ ସାଜିଥିବା

ଦ୍ୱାପରର ଲାସ୍ୟମୟୀ ରାଧିକା !

କିଏ ତୁମେ କୁହ ତ ,

ଭକ୍ତିର ଭାବରେ ତୁମେ,

ପ୍ରେମିକାର ପ୍ରୀତିରେ ତୁମେ,

କବିର କବିତାରେ ତୁମେ ତ

ସଙ୍ଗୀତର ମୂର୍ଚ୍ଛନାରେ କେବଳ ତୁମେ,

ତୁମେ ଆଉ ତୁମେ ଯଦି

ସର୍ବବ୍ୟାପ୍ତ, ସକଳ ଘଟେ ପ୍ରାପ୍ତ ;

ତୁମେ କେବେ ଗୋପାଳୁଣୀ ନୁହଁ,

ଶ୍ରୀଧର ପଟ୍ଟନାୟକ

କାହାର ପତ୍ନୀ କି ପ୍ରେମିକା ବି ନୁହଁ

କେମିତି ହୋଇଥାଆନ୍ତ

ପରକୀୟା ପ୍ରୀତିର କାବ୍ୟ ନାୟିକା,

ଯେବେ ତୁମେ ଦେହୀ ବି ନୁହଁ !

ତୁମେ ଏକ ଦିବ୍ୟ ଅନୁଭବ,

ଆବେଗର ମେଞ୍ଚାଏ ରଙ୍ଗରେ

ଶିଳ୍ପୀର ପ୍ରାଣରେ ସଂଚରିଯାଉଥିବା

ଏକ ଅଦ୍ଭୁତ ସଂଚରଣ,

ତୁମେ ହିଁ ବନ୍ଧନ,

ଚଳଚଞ୍ଚଳ ପ୍ରାଣର ପ୍ରେମ ନିବେଦନ,

ଭକ୍ତି ରସର ପରିପୂର୍ଣ୍ଣ ସମର୍ପଣ,

ହଁ ରାଧେ,

ତୁମେ ହିଁ ପ୍ରାଣ, ହୃଦୟର ସ୍ପନ୍ଦନ,

ତୁମେ ହିଁ ମୁଁ, ମୁଁ ହିଁ ତୁମେ,

ଏକ, ପରସ୍ପର ଅଭିନ୍ନ ;

ବିଭୂ ପ୍ରେମେ ତଲ୍ଲୀନ ମାନବୀୟ ପ୍ରାଣ !

କଲ୍ୟାଣସିଂହପୁର, ରାୟଗଡ

୯୧୭୮୪୪୨୫୦

 Magazine Downloaded from www.aahwaan.com

ମୋ ଅନୁଭୂତିରୁ ପଦେ...

ମୁଁ ଚଞ୍ଚଳା, ଚପଳା

କିନ୍ତୁ ଆତ୍ମଘାତୀ ନୁହେଁ...

ମୁଁ ପ୍ରତିଟି ଜୀବନର

କାହାଣୀ ଆରମ୍ଭରୁ ଶେଷ ଯାଇଁ ରହେ

ହେଲେ ଆତ୍ମଘାତୀ ନୁହେଁ...

ମୁଁ ମୋର ବଳରେ ପ୍ରତିଟି ଜୀବନର

ମୋଡ଼ ପରିବର୍ତ୍ତନ କରେ,

ତଥାପି ଆତ୍ମଘାତୀ ନୁହେଁ...

ମୁଁ କିଏ ? ଯାହାର ଅପେକ୍ଷା ସମସ୍ତଙ୍କୁ ଥାଏ !

ମୁଁ ସମୟ

ଯାହାର ଅପେକ୍ଷା ପ୍ରତି ଜୀବକୁ ଥାଏ ।

ସରିତା ଚୌଧୁରୀ

 Magazine Downloaded from www.aahwaan.com

ରାତି ଓ ସାଥୀ

ଏଇ ସହରର ସବୁ ବତୀ ଲିଭିଗଲା ପରେ
ଖୋଲା ଆକାଶ ଓ ଜହ୍ନ ଜ୍ୟୋସ୍ନାର
ସ୍ନେହର ପରଶରେ, ତୁମେ ଆସ
ବଧୁଟିଏ ସାଜି ହୃଦୟର କୋଉ ଏକ
ନିରୋଳା କୋଣରେ ଶତ ଶତ ଭାବନା,
ଅମାପ ମୂର୍ଚ୍ଛନା ସାଥେ,
ରାତିର ଅନ୍ଧାରରେ ମୋର ବିକ୍ଷିପ୍ତ ହୃଦୟରେ ।

ଅପସରି ଗଲାପରେ ଜହ୍ନର କିରଣ
ଖୋଜିବସେ କିଟିମିଟି ରାତିର,
ନିଛାଟିଆ ଶବଦର ଗତିରେ
ନିଶ୍ଚଳ ହୋଇଥିବା ତାରକା ଓ ଉଲକା ମେଳରେ
ବେଳେ ବେଳେ ଫେରିଯାଏ ପୁଣି ପଛକୁ
ପ୍ରଶ୍ନକରେ ନିଜ ମନର ପରିଧିକୁ
ରାତି ସତ ନା ସାଥୀ ସତ ଏଇ ପରିଧିରେ ।

ନରେନ୍ଦ୍ର ସାହୁ

ଉତ୍ତର ମିଳିଲା ରାତି ଓ ଭାବନା ସତ
ଅଥଚ ମିଛ ଥିଲା ସାଥୀ ଆସିବାରେ ।

ଉ.ପ୍ରା. ବିଦ୍ୟାଳୟ, ଡଭାର, ଗଞ୍ଜାମ, ଓଡ଼ିଶା

 Magazine Downloaded from www.aahwaan.com

ବର୍ଷା

ନିଦାଘର ପ୍ରଚଣ୍ଡ ରୌଦ୍ର
ମୋଚାଏ ସଂସାରେ ହା-ହା କାର
ଜୀବନ ହୁଏ ବ୍ୟାକୁଳ..
ଧରା ଉତ୍ତପ୍ତ ହୁଏ ପ୍ରବଳ...
ଜୀବଜନ୍ତୁଙ୍କ ପାଇଁ ହୁଏ କାଳ....
ଲୋକେ ପାଆନ୍ତି ନି ଥଳକୂଳ.....
ଜୀବନ ଲଟେ ଅଭାବେ ଜଳ.....
ଚାରିଆଡେ ପଡେ ଖାଲି ଚହଳ.....
ଜଳ ଜଳ ଜଳ... ପୁଣି ଜଳ..... [୧]
ଜୀବନ ହୁଏ ନିଶ୍ଚଳ
ପଶୁ ପକ୍ଷୀ ହୁଅନ୍ତି ଦୁର୍ବଳ
ଯେବେ ଧରା ହୁଏ ଉତ୍ତପ୍ତ ପ୍ରବଳ..... [୨]
ଧରଣୀବାସୀଙ୍କ ଦୁଃଖେ କେବଳ
ବିଭୁ ବର୍ଷାନ୍ତି ଜଳ ପ୍ରବଳ
ହୋଇ ସେତ ଚଳ ଚଞ୍ଚଳ.... [୩]
ଉତ୍ତପ୍ତ ପୃଥିବୀ ହୁଏ, ସୁଶୀତଳ
ଜୀବନୁ ହୋଟେ ଚହଳ
ଯେବେ ବର୍ଷା ହୁଏ ପ୍ରବଳ.... [୪]

ଅଜୟ କୁମାର ବେହେରା

ପ୍ରାଥମିକ ଶିକ୍ଷକ, ସ୍ୱାତକ କଳା ସିଟି,
ମୋରଡ଼ା, ମୟୂରଭଞ୍ଜ । ।ଦୂରଭାଷ-୯୭୬୬୦୨୫୪୫୮

 Magazine Downloaded from www.aahwaan.com

ନାଁ ନଥିବା କବିତା - ୨

ଶ୍ରାବଣ ଫଗୁଣର

ଖୁଚୁରା ଥଟ୍ଟା ମଜାରେ

ମୁହଁକୁ ବେଲୁନ୍ କରି

ଯିବାକୁ ଅଡ଼ି ବସିଛୁ ଯେବେ

ମୋର କିଛି କହିବାର ନାହିଁ

କାହିଁକି ନା ଆକାଶ ଭୂଇଁକୁ

ଓହ୍ଲେଇ ଆସିଲେବି ଏବେ

ତୋର ନିଷ୍ପତ୍ତି ବଦଲିବୁ ନାହିଁ ।

ଏମିତି ଅନେକ ଥର

ତୁ ଉଜାଣି ବହିଛୁ

ହେଲେ ସକାଳ ଭୁଲା ଚଢ଼େଇ

ସଞ୍ଜବେଳେ ବସାକୁ ବାହୁଡ଼ିଲା ପରି

ତୁ ପୁଣି ମୋ ସହ ମିଶି

ରାଜେଶ ପୂଜାରୀ

ହୋଇଯାଇଛୁ ଏକାକାର ।

 Magazine Downloaded from www.aahwaan.com

କିଛି ଲୁହ ଝରୁ

କିଛି ଲହୁ ପାଣି ଫାଟୁ

ତା ପରେ

ଜଣା ପଡ଼ିବ ଫଟିକ୍ ସବୁକିଛି

ଆପେ ପାରିବୁ ଠିକ୍ ଭୁଲ୍ ବାଛି ।

ମୁଁ ବାଟ ଓଗାଳିବି ନାହିଁ

କି ବାଟ ଚାହିଁବି ନାହିଁ

ମୁଁ ଏମିତି ଥିବି ନିର୍ବିକାର

ତୁ ସ୍ୱଇଚ୍ଛାରେ ଡେଣା ଝାଡ଼ି ଉଡ଼ିପାରୁ

ଚରି ବୁଲି ପାରୁ

ମତେ ବାଧା ଦେବାର ନାହିଁ

ହେଲେ କହି ରଖୁଛି..

ମୁଁ ଯଦି ଥରେ ରୁଷିଗଲି

ଆଉ ମାନିବି ନାହିଁ ।

ଯା' ଯିବାକୁ ବାହାରିଛୁ ଯେହେତୁ... !

 Magazine Downloaded from www.aahwaan.com

ନାଁ ନଥିବା କବିତା - ୩

ଖେଳରେ ଖେଳରେ

ପାରା-ଶୁଆ ଉଡ଼େଇଲ

ହେଲେ ନଥିଲା ଜଣା

ଦିନ ଆସିବ ଏମିତି

ପବନକୁ ଧରିବାର ବୃଥା ଚେଷ୍ଟା ପରି

ତମେ ବାଦ୍ ଯିବନି

ବାଘ ଭାଲୁ ଉଡ଼େଇବାରୁ !

ମୁଁ ଭାବିଥିଲି

ପ୍ରୀତି ସବୁଜ ବନବିଥି

ଭାବ ଗଭୀର ମହୋଦଧି

ନିଜେ ହିଁ ଦେଲ ପରିଚୟ-

ତମେ ଏକ ସଂକିର୍ଣ୍ଣ ପରିଧି

ଦରମଳା ନୀଳନଦୀ

ଯିଏ ଜାଣେନା ଆପଣା ଗତିବିଧି ।

 Magazine Downloaded from www.aahwaan.com

ଏବେ ମତେ ସବୁ ଦିଶୁଛି ଜଲ୍‌ଜଲ୍

ଆକାଶେ ତାରା ଯେମିତି ଝଲ୍‌ମଲ୍

ଯାହା ଦେଖି ନଥିଲି

ଅଥବା ଦେଖିବାକୁ ଚାହୁନଥିଲି ।

ତୁମେ ତ,

ଉଡ଼ୁ ଉଡ଼ୁ କେତେ ଉଡ଼େଇଲ

ଏ ଡାଳ ସେ ଡାଳ

ଆଉ ସେଥିପାଇଁ ମୁଁ ବି ଉଡ଼ାଣ

ଜାରି ରଖିଛି

ତମେ ଆକାଶମୁହିଁ ହେଲଣି

ମୋର ଖାତିର ନକରି

ଜିତିସାରି ହାରିଯିବା ଭୟରେ

ଆଉ ମୁଁ ମାଟିକୁ ଫେରୁଛି

ହାରିସାରି ଜିତିଯିବା ଆଶାରେ ।

କୁଶମେଲ, ଝାରସୁଗୁଡ଼ା

 Magazine Downloaded from www.aahwaan.com

ତୁମେ କିଏ ?

ସୁନ୍ଦର ତରୁଣୀ ଦର୍ଶନେ ଜୀବନ

ଅଟେ ଅବା ଭାବମୟ

ଦର୍ଶନ ଜୀବନେ ଭରିଦିଏ ବେଶ

ସତେ କିବା ରଙ୍ଗମୟ ।।

ତୁମେ ଅଛ ବୋଲି ଜୀବନରେ ମୋର

ବସନ୍ତର ଦିନ ଆସେ

ମଳୟ ପବନ ନିରନ୍ତର ବହେ

ଉଲ୍ଲାସିତ ମନ ମୋହେ ।।

ଗ୍ରୀଷ୍ମ-ବର୍ଷା-ଶୀତ ଶରତ-ହେମନ୍ତ

ସବୁ ତ ଲାଗେ ବସନ୍ତ

ସବୁଜ ଶ୍ୟାମଳ ରଙ୍ଗସାଥେ ତୁମେ

ସର୍ବଦା ରୁହ ଜୀବନ୍ତ ।।

କ୍ଷମାନିଧି ସାହୁ

ଏଣି ନୟନରେ ଚାହିଁଦେଲେ ତୁମେ

 Magazine Downloaded from www.aahwaan.com

ସତେ ଅବା ଲାଗ ପରୀ

ଜୀବନରେ ଖୁସି ଢାଳିଦିଅ ତୁମେ

ପରୀ ନୁହଁ ଅପସରୀ ।।

ବାସ୍ତବ ହେଉ ବା ସପନରେ ତୁମ

ପ୍ରତିମା ଛବିଟି ଦିଶେ

ଖାଲି ସମୟରେ ତବ ଛବି ଆଙ୍କି

ହୃଦୟରେ ସ୍ଥାନ ଦିଏ ।।

ତୁମପାଇଁ ପରା ଗୋଲାପର କଢି

ବଗିଚାକୁ ଘେନିଯାଏ

ଧନ୍ୟ ଆଗୋ ସତୀ ଗଜ ପରି ଗତି

ସତେ କହ ତୁମେ କିଏ ?

ଜାମପାଲି, ମେଲଛାମୁଣ୍ଡା, ବରଗଡ

ମୋ:-୭୦୭୭୦୫୯୩୪୯

 Magazine Downloaded from www.aahwaan.com

ଉତୁରିଲେ ଚୁଲିକୁ

ଜଣା ବା ଅଜଣା,
ଇଚ୍ଛା ହେଉ ବା ଅନିଚ୍ଛା,
ଉତୁରିଲେ ଚୁଲିକୁ
ନିଆଁ ଚିଆଁ ବା ଧୂଆଁ
ପୋଡା ଜଳା ନିଶ୍ଚିତ । ।
ବୁଝ ବା ନବୁଝ,
ଜ୍ଞାନୀ ହେଉ ବା ମାନୀ,
ପାରହେଲେ ଲକ୍ଷ୍ମଣ ରେଖା
ଅଶୋକ ବନରେ ଶୋକ
ବିଚ୍ଛେଦ ବିଶାଦ ଅବଶ୍ୟ । ।
ହୋସ୍ ବା ବେହୋସ୍,
ଆଙ୍କକ୍ଷା ହେଉ ବା ତୃଷ୍ଣା,
କୁଳ ଲଙ୍ଘିଲେ ବନ୍ୟା
ବେଳା ଲଙ୍ଘିଲେ ସୁନାମୀ
ଉଜୁଡେ ସଂସାର
ତାଣ୍ଡବ କରେ ମହାକାଳ । ।
ଶୋଷର ଶେଷ ଶ୍ମଶାନରେ
ବେପଥୁ ଇଚ୍ଛାର ଅଭିସାର
ନିଆଁ ଜାଳେ ହରିତ ବନରେ ।
କଣ ଲାଭ ଅଣନିଶ୍ୱାସୀ ହେବାରେ,

ଅଜୟ କୁମାର ମହାନ୍ତି

 Magazine Downloaded from www.aahwaan.com

ନିଜକୁ ଡେଁଇ ଆଗକୁ ଦୌଡରେ,
ଉତୁରି ଚୁଲିକୁ ଯିବାରେ ? ?
ନଦୀ ଧାଉଁ ସ୍ୱଚ୍ଛନ୍ଦରେ,
ସମୁଦ୍ର ଛୁଉଁଥାଉ ବେଳା,
ନିୟନ୍ତ୍ରଣରେ ଜଳୁ ନିଆଁ
ଜୀବନ ଥାଉ ସହଜ ସରଳ
ଦୁଃଖ ପରେ ଆସୁ ସୁଖ
ଆଶାରେ ସୁଖ ମଧୁର । ।
ଅନୁକୂଳ ପ୍ରତିକୂଳ,
ପ୍ରାପ୍ତି ଅପ୍ରାପ୍ତି,
ଜିତ ବା ହାର
ସବୁ ବୃଥା ମୂଲ୍ୟହୀନ
ବଞ୍ଚିବାର ନାମ ହିଁ ଜୀବନ
ସିସିଫସ୍ ବୋହିଚାଲେ
ଚିରଦିନ ପଥରର ଭାର । ।

ଏ ଜି ଏମ୍, ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ
ମୁଖ୍ୟ କାର୍ଯ୍ୟାଳୟ, ୧୧ ହେମନ୍ତ ବସୁ ସରଣୀ
କୋଲକାତା ---୭୦୦୦୦୧

 Magazine Downloaded from www.aahwaan.com

ତୁମ ଆଖି ମଦିରା

ଆଖି- ତୁମ ଆଖି

ମଦିରା ମୁଁ

ସେଇ ଦିନ ପିଇଥିଲି

ଯେଉଁ ଦିନ

ତୁମକୁ ମୁଁ

ପ୍ରଥମ ଦେଖିଲି ।

ଓଠ- ତୁମ ଓଠ

ଉଷ୍ଣତା ମୁଁ

ସେହି ଦିନ ମାପିଥିଲି

ଯେଉଁଦିନ ତୁମସହ

ହସିହସି

ରାତି ପୁହାଇଲି ।।

କେଶ- ତୁମ କେଶ

ସୁଗନ୍ଧ ମୁଁ

ସେହିଦିନ ପାଇଥିଲି

ଯେଉଁ ଦିନ

ସୁଦର୍ଶନ ସାହୁ

ତୁମ ସ୍କୁଟି ପଛେ

ପ୍ରଥମେ ବସିଥିଲି ।

ଗାଲ୍- ତୁମ ଗାଲ

ସ୍ୱର୍ଗ ମୁଁ

ସେହିଦିନ କରିଥିଲି

ଯେଉଁଦିନ

ସ୍ନେହରେ

ଚୁମ୍ବନ ଟିଏ ଦେଇଥିଲି ।

ଓଡ଼ିଆ ବିଭାଗ ଛାତ୍ର

ଏନ ସି କଲେଜ, ଯାଜପୁର

 Magazine Downloaded from www.aahwaan.com

ସକାଳ

ରାତିର ଅନ୍ଧକାର
ସରି ସରି ଆସେ
ଉଇଁ ଆସେ ନୂଆ ସକାଳ । ।।
ସେଇ ସକାଳ ତ
ସୁନ୍ଦର ଲାଗଇ
ସୁବୁଥାଏପକ୍ଷୀଙ୍କ କୋଳା ହଳ ।।

ପୂରୁବ ଦିଗେ ସୁରୁଜ ଦେବତା
ସୁନ୍ଦର ଦିଶନ୍ତି
ସୁନେଲି କିରଣ ଢାଳି ।।
ସାଧବ ବୋହୂ ଟି
ଚଉରା ମୂଳେ ପୂଜା କରେ
ମାଟି ଦ୍ୱୀପ ଟିକୁ ଜାଳି ।।

ସଂପାୟନ ଜେନା

ପକ୍ଷୀମାନେ ସବୁ
ଉଡି ଯାଆନ୍ତି
ସୁନୀଳ ଆକାଶକୁ ।।
ଚାଷୀ ଭାଇଟି
ସଜ ବାଜ ହୋଇ
ଚାଲିଯାଏ ତା ର କ୍ଷେତକୁ ।।

 Magazine Downloaded from www.aahwaan.com

ଗାଁ ପରିବେଶ
ସୁନ୍ଦର ଦିଶଇ
ସୁବୁଥାଏ ହମା ରଡି ।।
କଅଁଳା ବାଛୁରୀ ଗେଲ
ହେଉଥାଏ ଯାଏ ନାହିଁ
ତା ମା କୁ ଛାଡି ।।

ରାତି ଅନ୍ଧାର ରେ
ଫୁଲ ଟିଏ ଫୁଟି
ଦିଶୁଥାଏ କେଡେ ସୁନ୍ଦର । ।।
ସେଇ ଫୁଲ ଟିକୁ
ମଥାରେ ନାଇ
ସୁନ୍ଦର ଦିଶନ୍ତି ଆମ ଠାକୁର ।।

ଛୋଟ ଶିଶୁ ଟି
ଖୁସି ହୋଇଯାଏ
ପାଇଗଲେ ରାତି ।।
ଖେଳିବା ପାଇଁ
ସକାଳୁ ସକାଳୁ
ଖୋଜିବୁଲେ ତାର ସାଥୀ ।।

ମା' ଟି ତାହାର

 Magazine Downloaded from www.aahwaan.com

ଭାରି ଚତୁର
କରୁଥାଏ ଖାଲି ପାଟି ।।
ସକାଳ ହେଲାଣି
ଉଠିପଡ଼ ଏବେ
ପାଇଗଲାଣି ରାତି ।।

ସାଧବ ବୋହୂ ଟି
ହାତରେ ଧରି
ସଜ ଫୁଟା ଫୁଲ ତୋଡା ।।
ଠାକୁର ଦର୍ଶନ
କରିବା ପାଇଁ କି
ବୁଲୁଥାଏ ମନ୍ଦିର ବେଢ଼ା ।।

ରାତି ଅନ୍ଧାର ରେ
ସୁ ମଧୁର କିରଣେ
ସୁନ୍ଦର ଦିଶନ୍ତି ସରଗ ଶଶୀ ।।
ସକାଳ ହେଲେ
ଆକାଶ ରୁ ସିଏ
ଯାଆନ୍ତି କୁଆଡେ ଲୁଚି ।।

ଜୟ୍ ଜଗନ୍ନାଥ ସ୍ୱାମୀ
ପୁରୁଷୋତ୍ତମ ପୁର
ନୟାଗଡ଼ ।।

 Magazine Downloaded from www.aahwaan.com

ମା

ଜନମ ଦେଇ ସେ ଧରାକୁ ଆଣିଛି,
ପଣତରେ ତା'ର ମୋ ଲୁହ ପୋଛିଛି ।
ଅଳି ଅଝଟ ଯେତେ ମୁଁ କରିଛି,
କାମଧନ୍ଦା ଛାଡ଼ି ସବୁ ସେ ବୁଝିଛି ।
ବେଶି ଦୁଷ୍ଟ ହେଲେ ମାଡ଼ ସେ ମାରିଛି,
ମାଡ଼ ମାରି ସାରି ନିଜେ ସେ କାନ୍ଦିଛି ।
ମୋ ଫେରିବା ବାଟ ଚାହିଁ ସେ ରହିଛି,
ମୁଁ ଖାଇଦେଲେ ତା ପେଟ ପୁରିଛି ।
ଯେବେ ଯେବେ ମୁଁ ରୋଗରେ ପଡ଼ିଛି,
କେତେ ଦିଅଁ ଦେବତା ସେ ପୂଜା କରିଛି ।
ପାଖେ ବସି ସେ ମୋ ସେବା କରିଛି,
ନିଜେ ନ ଖାଇ ଓଷା ବ୍ରତ ମନାସିଛି ।
ମା' ର ମମତା ଯେ ପିଲା ପାଇଛି,
ଜୀବନରେ ସବୁ ବାଜି ସେ ଜିତିଛି ।
ମା ପରି ଆଉ କିଏ ଯେ ହେବ,
ଦୁଃଖରେ ସୁଖରେ ସାଥିରେ ରହିବ ।

ପର୍ଶୁରାମ ସାହୁ

ଧର୍ମଶାଳା, ଯାଜପୁର

 Magazine Downloaded from www.aahwaan.com

ସର୍କାର୍

ସର୍କାର୍ ତୁମେ ସବୁ ଦେଇଛ
ଦୁଇଟଙ୍କାରେ ଚାଉଳ,
ପାଞ୍ଚିଟଙ୍କାରେ ଆହାର,
ମଦ,ମାଂସ
ଛତା, ଜୋତା,କମ୍ବଳ ।
ଗରିବୀ ହଟାଅ ନାଁରେ ମତେ
ଖୋଡିଆ କରିଛ,
ସର୍କାର୍ ତୁମେ ସବୁ ଦେଇଛ ।

ସର୍କାର୍ ତୁମେ ସବୁ ଦେଇଛ
ଚାଷୀଙ୍କୁ କମ୍ ମୂଲ୍ୟରେ ବିଷ,
ଚକଡାକୁ ଆୟୁଷ,
ଝିଅଙ୍କୁ ରକ୍ତାକ୍ତ ଛିଟଲୁଗା
ପୁଅଙ୍କୁ ହମାର ।
ଯୁବକଙ୍କୁ ବଢିବା ନାଁରେ
ଜଳିବାର ହକ୍ ଦେଇଛ,
ସର୍କାର୍ ତୁମେ ସବୁ ଦେଇଛ ।

ପ୍ରବୀଣ କୁମାର କବି

ସର୍କାର୍ ତୁମେ ସବୁ ଦେଇଛ
ଶିଳ୍ପପତିଙ୍କୁ ଲଟେରୀ
ପୁଞ୍ଜିପତିଙ୍କୁ ଲୋନ୍,
କହ୍ନେଇଆଁକୁ ଜେଲ୍ ଦେଇଛ

 Magazine Downloaded from www.aahwaan.com

ନୀରବ୍, ମାଲ୍ୟାକୁ ସାହସ ।
କୃଷକର ଝାଳରେ,
କୁନିଝିଅର ପଢ଼ାଟଙ୍କାରେ
ରଷିଆଠୁ ଲଢୁଆ ବିମାନ କିଣିଛ,
ସର୍କାର୍ ତୁମେ ସବୁ ଦେଇଛ ।

ସର୍କାର୍ ତୁମେ ସବୁ ଦେଇଛ
ଆଶା,
ଭରସା,
ପ୍ରତିଶ୍ରୁତି,
କିଛି ନଦେଲେବି ଅପେକ୍ଷା କରିବାର
ଧର୍ଯ୍ୟତ ଦେଇଛ !
ତେଣୁ ମୁ ଚାଲାଖ୍ ଭୋଟର
ନିଜ ଲୁହରେ ନିଜେ ମାତାଲ୍ ହେଇ
କହୁଛି-
“ସର୍କାର୍ ତୁମେ ସବୁ ଦେଇଛ...."

ସମ୍ପାଦକ,“ବଣମଲ୍ଲୀ"
ଅଧ୍ୟାପକ, ପତିତପାବନ ମହାବିଦ୍ୟାଳୟ
ମଦନପୁର, କେନ୍ଦୁଝର
ଫୋନ ନଂ-୭୬୦୯୦୭୭୦୨୩

 Magazine Downloaded from www.aahwaan.com

ମା

କିଏ ଅଛି ମୋର ତୁମପରି ମାଆ ,

ଜଗତ ମରୁ ସଂସାରେ ।

ଆସ ଅବତାରି ଏ ଧରାଧାମକୁ ,

ସ୍ମରି ସ୍ମରଣରେ ଝୁରେ । ।(୧)

ତୁମେ ଆଦିଶକ୍ତିଦେବୀ କାତ୍ୟାୟନୀ ,

ସ୍ନେହମୟୀ ଦିବ୍ୟରୂପା ।

ତୁମେ କାଳେଶ୍ୱରୀ ଦୁଃଖ ବିନାଶିନୀ ,

ସଭିଙ୍କ ହୃଦୟେ ଛପା । ।(୨)

ମଙ୍ଗଳକାରିଣୀ ଦୈତ୍ୟ ସଂହାରିଣୀ ,

ଜ୍ୟୋସ୍ନା ପୃଷ୍ଟି

ଦୀପ୍ତ ପ୍ରଜ୍ୱଳିତ ଶିଖା ।

ଶୁଭସୁମନ ରେ ବ୍ୟାକୁଳ ହାରିଣୀ ,

ସୌଭାଗ୍ୟ ସିନ୍ଦୁରେ ଲେଖା । ।(୩)

ଆଞ୍ଚଳରେ ମାଆ ଘୋଡାଇ ରଖିବ ,

ଏ ନନ୍ଦିନୀ ଆତ୍ମ ବ୍ୟଥା ।

 Magazine Downloaded from www.aahwaan.com

ପଦରେଣୁ ଧାରେ ପଡ଼ି ରହି ଥିବ ,

ବିନମ୍ର ବିନତି ଗାଥା । ।(୪)

ଯେବେ ଫେରିଯିବି ମରତ ମଣ୍ଡଳୁ ,

ଦେଇ ପୂଣ୍ୟଲିପି କିଛି ।

ସ୍ମୃତିରେ ସ୍ଜ୍ଜନ ଚେତନା କଅଁଳୁ ,

ସ୍ପ୍ରସ୍ଫୁଟିତ ସ୍ମୃତି ବାଛି । ।(୫)

ଦୟାମୟୀ ମା ଗୋ ତୁମରି ଶରଣେ ,

ରଚନାରେ କବିପ୍ରାଣ ।

ଆତ୍ମସନ୍ତୁଷ୍ଟିର ଭାବନା ପ୍ରବଣେ ,

ଲେଖନୀରେ ପରିତ୍ରାଣ । ।(୬)

(ଶ୍ରୀମତୀ ଜ୍ୟୋତ୍ସ୍ନା ପୃଷ୍ଟି, ପ୍ଲଟ ନମ୍ବର ୧୧୧୭/୩୦୭୨

ସୌଭାଗ୍ୟ ନଗର, ୟୁନିଟ-୮ ଭୁବନେଶ୍ୱର)

 Magazine Downloaded from www.aahwaan.com

ନାରୀକୁ ସମ୍ମାନ ଦେବା

ପୁରାଣ କାଳ ରେ
ପାପିଙ୍କୁ ନାସିବା ପାଇଁ
ନାରୀ ନେଉଥିଲେ ଅବତାର ।।
ସେଇ ନାରୀ କୁ ଆଜି
ନର ରାକ୍ଷସ ମାନେ
କରୁଛନ୍ତି ବଳତ୍କାର । ।

କେବେ ପୁଣି କାଳୀ
କେବେ ପୁଣି ଦୁର୍ଗା
କେବେ ମହିଁଷାମର୍ଦ୍ଦିନୀ ।।
ସେଇ ନାରୀ ଆଜି
ଦୁନିଆ ବୁକୁରେ
ହେଉଅଛି କଳଙ୍କିନି । ।

ସଂପାୟନ ଜେନା

ନାରୀକୁ ପୂଜନ୍ତି ସଭିଏଁ
ନାରୀ ପରା ଦଶଭୁଜା ।।
ମାତୃ ଗର୍ଭରୁ ସେଇ ନାରୀ ଆଜି

 Magazine Downloaded from www.aahwaan.com

ଦୁନିଆ ପାଇଁକି ଆଖୋଜା ।।

ଝିଅ ଟିଏ ଆଜି
ଜନମ ହୋଇଲେ
ସଭିଏଁ ଭାବନ୍ତି ଦୁହିତା ।।
ଜୀବନ ର ବୋଝ
ହୋଇବ ଭାବିକି
ମାରି ଦିଅନ୍ତି ପିତା ମାତା ।।

ନାରୀକୁ ଯଦି ସଭିଏଁ ମିସି
ଦେବା ଆମେ ସମ୍ମାନ ।।
ନାରୀ ପାଇଁ ବଢିବ
ଆମ ଦେଶର ମାନ ।।

ନାରୀ ବିନା ଦିନେ
ସୁଷ୍ଟି ହୋଇଯିବ ନାଶ ।।
ନାରୀକୁ ନ ମାରି ଆମେ
କୋଳେଇ ନେବା ଆସ ।।

ପୁରୁଷୋତ୍ତମ ପୁର
ନୟାଗଡ଼ ।।

 Magazine Downloaded from www.aahwaan.com

ଭାରତୀୟଙ୍କର କୁକୁର ପ୍ରେମ

ଭାରତୀୟଙ୍କର ବୁଦ୍ଧିଟା ବେଶି
ବିଦେଶୀ ତଡ଼ିଲେ ସଭିଏଁ ମିଶି ,
ବିଦେଶୀ କୁକୁର ହଗାନ୍ତି ହସି
ମିଳେ କି ଆନନ୍ଦ ହୁଅନ୍ତି ଖୁସି । [୧]
ବୋଉକୁ ହେଲାଣି ବୟସ ଅଶୀ
ମଟନ ରେଏଟେ ତା ପାଇଁ ବେଶି ,
ଡଗି ଖାଉଥାଏ ପଲଙ୍କେ ବସି
ନାଗୁଆ ପଠାଣ ଦଉଚି ଆସି । [୨]
କୁକୁର ଘରର ସରଗ ଶଶୀ
ନାତି ନାତୁଣୀଏ କହନ୍ତି ହସି ,
ଇଙ୍ଗେକ୍ସନ ହୁଏ ମାଆଠୁ ବେଶି
କୁକୁର ବିଦେଶୀ ମାଆ ଟା ଦେଶୀ । [୩]
କୁକୁର ଶୋଉଚି ଶୋଇବା ଘରେ
ବୋଉ ଶୁଏ ନୀତି ଡାଇନିଙ୍ଗିରେ ,
ବଡ଼ ବଡ଼ିଆଙ୍କ ଗୁମର ଆରେ
ଘଟେ ଏହା କିଛି ଲୋକଙ୍କ ଘରେ । [୪]

ରାଜେନ୍ଦ୍ର ନାରାୟଣ ସେନାପତି

ପାଇକତିଗିରିଆ
ଖୋର୍ଦ୍ଧା
ଦୂରାଭାଷ - ୮୬୧୭୪୪୫୮୯୫

 Magazine Downloaded from www.aahwaan.com

ଅଭିମାନ

ଛାତି ତଳେ ମୋର
ସମୁଦ୍ର ଏବ ଅଶାନ୍ତ !
ନୀରବ ନିଶବ୍ଦତାରେ ଅହରହ କୂଳ ଲଙ୍ଘେ
ଅସୁମାରୀ କୋହ ଆଉ ଲୁହ । [୧]
ଅତୀତ ଅଜାଡ଼ି ଦେଇଥିବା ଛାତି ସବୁକୁ
ବେଧଡ଼କ ଢୋକି ଦେଇ ସାରିଥିବା
ପରିଷ୍ଫୁଟ ମୁଖମଣ୍ଡଳଟି ଏବେ
ଗାମ୍ଭୀର୍ଯ୍ୟର ହିମାଳୟ । [୨]
ଅବାଞ୍ଛିତ ଜୀବନର ଅମୀମାଂସିତ
ଶତ ଶତ ପ୍ରଶ୍ନର...
ଜବାବ ଅପେକ୍ଷାରେ, ଆଖି କୋଣରେ
ଏବେବି ଜକେଇ ରହିଛି,
ଢଳ ଢଳ କେଇ ବୁନ୍ଦା ଲୁହ । [୩]
ଅସହ୍ୟ ନୀରବତାଉ ଭାଙ୍ଗି ଚୁରମାର୍ କରି
ଅଭିମାନର ବୁକୁଫଟା ଚିତ୍କାର...
“ଯାହା ଦେଇଥିବ ସବୁ ତ ନେଲଣି
କିସ ଆଉ ଏବେ ଡରାଇବ ହେ...” [୪]

ଶ୍ରୀ ନୀଳକଣ୍ଠ ମହାନ୍ତି

ଆଇନଜୀବି, କ୍ଷମଲତା ପେଲେସ୍
ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର, ଓଡିଶା
ଭ୍ରାମ୍ୟଭାଷ- ୯୪୩୯୨୪୭୯୯୯

 Magazine Downloaded from www.aahwaan.com

ସ୍ନେହରେ କୋଳେଇ ନିଅ

ଦୟାକରି ମୋତେ ମାର ନାହିଁ ତୁମେ

କଣ କରିଛି ମୁଁ ଭୁଲ

ଦଇବ ହାତରେ ଗଢ଼ା ମୁଁ ହୋଇଛି

ଦୋଷ ନାହିଁ ବିଲ୍‌କୁଲ୍ ।

ରକତ ମାଂସରେ ଗଢ଼ା ଏ ଶରୀର

ଘର ଏ ମୋ ମାଆ ପେଟ

ନ ଦେଖୁଣୁ ଏ ସୃଷ୍ଟିର ଆଲୋକ

କପାଳ ମୋହରି ଫାଟ ।

ଶାସ୍ତ୍ରେ ଲେଖାଅଛି ସ୍ୱର୍ଗଠାରୁ ବଡ଼

ଧରାଠାରୁ ମହନୀୟ

ବଦଳିଯିବ ଯେ ପିତାମାତା ସଂଜ୍ଞା

ଯଦି ମୋତେ ମାରିଦିଅ ।

କେବେ ଦୂର ହେବ ପୁତ୍ରକନ୍ୟା ଭେଦ

ଦୂର ହେବ ଅହଂକାର

ଚିତ୍ତରଞ୍ଜନ ବରାଳ

ଯେବେ ଏହି ନୀତି ବଦଳିବ ତେବେ

ଙ୍କନ ହେବ ପରିଷ୍କାର ।

 Magazine Downloaded from www.aahwaan.com

କି ପାର୍ଥକ୍ୟ ଅଛି ଆମ ଦୁହିଁ ମଧ୍ୟେ

ଖୋଜୁଛ କେବଳ ପୁଅ

ପୂରଣ କରିବି ସବୁ ଇଚ୍ଛା ତୁମ

ସୁଯୋଗଟେ ମୋତେ ଦିଅ ।

ନିଷ୍ପାପ ଅଟଇ ଶିଶୁକନ୍ୟା ମୁଁ ଯେ

ଖୋଜୁଥାଏ ତୁମ ସ୍ନେହ

ବଞ୍ଚିତ କରନ୍ତି ମୋ ଅଧିକାରୁ

ସ୍ନେହରେ କୋଳେଇ ନିଅ...

 Magazine Downloaded from www.aahwaan.com

ଦୁଃଖ ସୁଖ

ଦୁଃଖ ସୁଖ ଭରା ମିଶ୍ରିତ ଜୀବନ ଅଙ୍ଗେ ଲିଭାଇ ମଣିଷ
ଜୀବନ ନୌକା ରେ ପାରି ହେବା ପାଇଁ କରୁଥାଏ ସିଏ ସଂଗର୍ଷ୍,
ଜୀବନରେ ଆସେ ଘାତ ପ୍ରତିଘାତ କେତେ ଦୁଃଖ କଷ୍ଟ ସହେ
ଜୀବନ ସଂଗ୍ରାମ ଯୁଦ୍ଧରେ ଲଢ଼ିଣ ପଥର ପରି ସେ ରହେ ।।

ଭାଙ୍ଗି ପଡ଼ିଲେ ଏ ସଂସାର ବୋଝକୁ କେମିତି ମୁଣ୍ଡେଇ ନେବ
ସେଥିପାଇଁ ଆଖି ଲୁହକୁ ପିଇ ସେ ପାଦେ ପାଦେ ଚାଲୁ ଥିବ
ଏହିତ ଜୀବନ ଏହି ମାୟା ଖେ । ଖେ । ବାକୁ ହିଁ ପଡ଼ିବ
ମିଠା ଖଟା ସ୍ୱାଦ ଚାଖିଣ ମଣିଷ ଜୀବନର ନୌକା ବାହିବ ।।

ଜୀବନ ନୌକା କୁ ବାହୁ ବାହୁ ଯଦି ଅଧା ବାଟେ ରହି ଯାଏ
ପ୍ରଭୁଙ୍କ ଉପରେ ଭରଷା ରଖିଣ ଆଗକୁ ନୌକା ଚ୍ଛାହେ
ପବନ ଧୁମାଳ ଅପସରି ଯାଏ ଦୁଃଖ ତାର ଦୂର ହୁଏ
କୁଳରେ ପହଂଚି ଆଗାମୀ ଦିନର ସ୍ୱପ୍ନ ସିଏ ଦେଖୁ ଥାଏ ।।

ଏହିତ ଜୀବନ ଦୁଃଖ ସୁଖ ଭରା ସଂସାର ର ମାୟା ଖେଳ
ଏହି ଖେଳରେ ହାରି ଜିତି ଆମେ କଟାଇବା ଆମ କାଳ ।।

ଅମ୍ବିକା ସ୍ୱାଇଁ

ଭୁବନେଶ୍ୱର ,୯୭୭୭୫୯୯୬୯୫

 Magazine Downloaded from www.aahwaan.com

ଆପଣାଛାଏଁ

ଫୁଲ ଯେମିତି ଆପଣାଛାଏଁ ଫୁଟିଯାଏ
କାକର ବିନ୍ଦୁର ଟୁପ୍‌ଟାପ୍ ଛୁଆଁରେ
ଭଅଁର ସେମିତି ଆପଣାଛାଏଁ ବସିଯାଏ
ଫୁଲର ପ୍ରୀତିଭରା ମହକରେ ।
ଚନ୍ଦ୍ରମା ଯେମିତି ଆପଣାଛାଏଁ ଲୁଚିଯାଏ
ନାଲି ଆଲୁଅର ଚିକ୍‌ମିକ୍ ମିଳନରେ
ଜହ୍ନ ସେମିତି ଆପଣାଛାଏଁ ଉଇଁଯାଏ
ସକାଳର ରୋମାଞ୍ଚିକ କିରଣର ସ୍ପର୍ଶରେ ।
ସକାଳ ଯେମିତି ଆପଣାଛାଏଁ ଆରମ୍ଭ ହୁଏ
କିଛି ନୂଆ ଆଶା ଓ ଆକାଂକ୍ଷାରେ
ରାତି ସେମିତି ଆପଣାଛାଏଁ ଶେଷ ହୁଏ
ମିଠାମିଠା ମୁଠାଏ ସପନରେ ।
ନଦୀ ଯେମିତି ଆପଣାଛାଏଁ ମଜ୍ଜିଯାଏ
ସୁଲୁସୁଲିଆ ମଳୟ ପରଶରେ
ଝରଣା ସେମିତି ଆପଣାଛାଏଁ ଝରିଯାଏ
ଗୁଣୁଗୁଣୁ ସଂଗୀତର ମୂର୍ଚ୍ଛନାରେ ।

ପ୍ରେମଶିଳା ରାଉତ

 Magazine Downloaded from www.aahwaan.com

ପବନ ଯେମିତି ଆପଣାଛାଏଁ ବହିଯାଏ

ଗଛଲତାଙ୍କ ଗହଳ ମେଳରେ

ପକ୍ଷୀ ସେମିତି ଆପଣାଛାଏଁ ଉଡ଼ିଯାଏ

ନିର୍ଜନ ନୀଳ ଆକାଶରେ ।

ମୟୁର ଯେମିତି ଆପଣାଛାଏଁ ନାଚିଯାଏ

ବର୍ଷାରେ ଝିପିଝିପି ଛୁଆଁରେ

ବରଷା ସେମିତି ଆପଣାଛାଏଁ ବର୍ଷିଯାଏ

ମେଘ ମହ୍ଲାର ସାଥିରେ ।

ବୃନ୍ଦାବାହାଲ, ଗୋଲାମୁଣ୍ଡା ବ୍ଲକ୍, କଳାହାଣ୍ଡି

 Magazine Downloaded from www.aahwaan.com

ନିଜର ଲୋକ ହିଁ ଶତ୍ରୁତା କରନ୍ତି.....

କାହିଁକି ଏମିତି ଘଟୁଛି ଜୀବନେ
ପାରୁ ନାହିଁ କିଛି ଜାଣି
ନିଜର ଲୋକ ତ ଆଘାତ ଦିଅନ୍ତି
କାନ ପାରୁନାହିଁ ଶୁଣି,
ବିଶ୍ୱାସ ଭିତରେ ବିଷ ସବୁ ଭରି
ହୃଦୟକୁ ଦିଅ ଚିରି
କାହିଁକି ଏମିତି ମିଛ ସମ୍ପର୍କକୁ
ଖାଲି ଟାରେ ଦିଅ ଯୋଡି,
ସାଙ୍ଗ ହୋଇ ଯଦି ଉପରକୁ ଉଠେ
ଉଠିବାକୁ ହାତ ବଢା
ଖୁସି ଯଦି ଟିକେ ଦେଇ ପାରିବନି
ପ୍ରେମର ସୁତାଟି ଗଢ଼ା,
ଅନ୍ୟର ଖୁସିରେ ଖୁସି ହେଲେ ସିନା
ପାଇବ ଜୀବନେ ଖୁସି
ପର ଖୁସି ଦେଖି ଦାନ୍ତ କାମୁଡିଲେ
ପାରିବନି କେବେ ହସି ।

କୁମାର ଲୋକେଶ୍

ଗୋରଡ଼ାପାଳ, ଢେଙ୍କାନାଳ, ଓଡ଼ିଶା
୭୯୮୧୩୧୦୭୧୯

 Magazine Downloaded from www.aahwaan.com

ମୁଁ ଯେ ମାଟି କଳସୀ

କେବେ ମୁଁ ଅସ୍ପୃଶ୍ୟ କଳସୀଟିଏ ହୋଇ
ଗଡୁଥାଏ କାହାର ଦଶ ଦୁଆରେ
ପୁଣି କେବେ ମହୁର ସୁରେଇ ହୋଇ
ମହକୁଥାଏ କାହାର ହାଣ୍ଡିଶାଳରେ
ବେଳେ ବେଳେ ଆଞ୍ଜୁଳାଏ ବର୍ଷା ଜଳ ଛଡା
ମୋ ଭିତରେ ଆଉ କିଛି ନଥାଏ
ତାହାବି କେବେ ପ୍ରଚଣ୍ଡ ରୁଦ୍ରର ଉତ୍ତାପରେ
ବାଷ୍ପୀଭୁତ ହୋଇଯାଏ
କେବେ ପୁଣି ଖଣ୍ଡବିଖଣ୍ଡିତ ହୋଇ
ଭାଙ୍ଗିଯାଏ ମୁହିଁ
କାହାର ଗୋଇଠା ମାଡରେ
କାହାର ତୃଷ୍ଣା ମେଣ୍ଟାଇବାର ସ୍ୱପ୍ନରେ
କେବେ କେବେ ବସିଥାଏ
ଜଳଛତ୍ର ଚୋଉକିରେ
ମନ୍ଦିରର କାନ୍ଥରେ ଥିବା ଚିତ୍ର ଫଳକରେ
ଶୋଭା ପାଉଥାଏ କେବେ କଳାକିର୍ତ୍ତି ହୋଇ
ପୁଣି କେବେ ଚହଲୁଥାଏ ରୂପସୀ କାଖରେ

ରୋଜା ପଣ୍ଡା

 Magazine Downloaded from www.aahwaan.com

ସୁମଧୁର ପାଣି ଭାର ନେଇ

ଠାକୁର ଘରେ କେବେ ବସୁଥାଏ

ବାମଭାଗେ ଅଗ୍ରପୂଜ୍ୟ ହୋଇ

ପ୍ରଥମେ ପୂଜା ପାଇବାପାଇଁ

ଗଣେଶଙ୍କ ଦ୍ୱିତୀୟ ନାମ ନେଇ

ପୂଜା ଅନ୍ତେ , ଶେଷରେ ମୁଁ ବିସର୍ଜନ ହୁଏ

ମୃର୍ଣ୍ମୟୀ ମୂର୍ତ୍ତିଙ୍କ ସଙ୍ଗେ

କେଉଁ ଏକ ନଦୀ ଗର୍ଭେ ଯାଇ

ମୁଁ ଏକ ମାଟି କଳସୀ

ମୋର ପରିଚୟ ପରା ଏଇ

ମାଟି କଳସୀ ଟେ ଯେ ମୁହିଁ

ପବିତ୍ର କାର୍ଯ୍ୟଠୁ ନେଇ

ଅକାଳ ବିୟୋଗରେ ମଧ୍ୟ

ସବୁଠି ଯେ ଲୋଡ଼ା ମୁହିଁ

ମୋର ପରିଚୟ ପରା ଏଇ

ମାଟି କଳସୀଟେ ଯେ ମୁହିଁ

ମାଟି କଳସୀଟିଏ ଯେ ମୁହିଁ

ମାଟି କଳସୀଟିଏ ଯେ ମୁହିଁ

ପୂର୍ଣ୍ଣାନନ୍ଦ ଭବନ, ନେତାଜୀ ନଗର

ମଧୁପାଟଣା, କଟକ

 Magazine Downloaded from www.aahwaan.com

କହିବା ସହଜ ବୋଲି

କହିବା ସହଜ ବୋଲି ତୁ

ମୋତେ କହିଦେଲୁ..

କହିଦେଲୁ ମୋତେ ଭୁଲି ଯା...

ଭୁଲିଯା...

ସହି ତ ପାରିବୁ ତ ଦେଖେଇ ଦେ

ମୋ ବିନା...

ମୋ ବିନା ରହିଯା...

କହିବା ସହଜ ବୋଲି ତୁ

କହି ତ ଦେଲୁ...

ନାଟକ କରନା...

ସହିବା ଲୋକ କି ତୁ

କିବା ଜାଣୁ ସହିବାର

ଯନ୍ତ୍ରଣା...

କହି ତ ଦେଲୁ

ସମୟର ତାଳରେ ରହିଯା

କହିବା ସହଜ ବୋଲି

କହି ତ ଦେଲୁ...

ସ୍ମିତା ତ୍ରିପାଠୀ

 Magazine Downloaded from www.aahwaan.com

ନିଜେ ତ ଥରେ

ଲୁହ ପିଇ ପିଇ ଜୀଇଁଯା

ମୋ ବିନା... ମୋ ବିନା ରହିଯା...

ଭଲ ପାଇବାର ମାନେ ନୁହେଁ ସେଇ

ସମୟର ତାଳେ ତାଳେ

ପ୍ରେମ କରିବ...

ଭଲ ପାଇବା ସେଇ...

ଭଲ ପାଇବ ସେଇ ହୃଦୟର ତାଳେ ତାଳେ

କହିବା ସହଜ ବୋଲି ତ

କହି ଦେଲୁ....

ଭଲ ପାଏ ନାଇଁ ବୋଲି

ଲୁଚି ଚାପି ସହିଯା...

ସାମର୍ଥ୍ୟ ଅଛି ବୋଲି କହି

ଲୁହ ସବୁ ପିଇ ପିଇ

ହସି ଦେଇ ଯା

ଦୁନିଆ ସାମନାରେ

କହିବା ସହଜ ବୋଲି ତୁ

କହି ତ ଦେଲୁ ମୋତେ

ସହିଯା ଜୀବନର ତାଳେ ତାଳେ

ବୁଝି ତ ପାରିଲୁନି

 Magazine Downloaded from www.aahwaan.com

ମନର ଗହନେ ବସି

ଖୋଜି ପାଇଲୁନି

ଭଲ ପାଇବାର

ସେ ଅନୁଭବ...

କହିବା ସହଜ ବୋଲି

କହି ତ ଦେଲି ଭିଜିବା ମନା ବୋଲି

କିନ୍ତୁ

ଭିଜେଇ ଦେଇ ଗଲୁ ମୋତେ

ନିଜେ ଥରେ ଭିଜିକି ଦେଖାଇ ଦେଇଯା

ଦେଖାଇ ଦେଇ ଯା...

କହି ତ ଦେଲୁ ମୋତେ

ଛାଡ଼ି ଯିବୁନି ବୋଲି

ଆଜି ମୋତେ ଛାଡ଼ି ଦେଇ ଯା...

ଜୀବନର ଦୋଛକିରେ

ଏକେଲା ଏକେଲା

ବର୍ଷାରେ ଭିଜେଇ ଦେଇ ଯା

ଭିଜେଇ ଦେଇ ଯା...

ସପନର ସୌଧ ଗଢେଇ ଦେଇ

କହିଦେଲୁ ତୁ

ଭାଙ୍ଗିଦେଇ ଯା

 Magazine Downloaded from www.aahwaan.com

ସେ ସୌଧ ହିଁ

ତୁ ରଖି ତା

ମୋରି ଆତ୍ମା ବିରାଜୁଥିବ

ସେହି ସପନର ସୌଧରେ

ପାରିବୁନି ତୁ ଭାଙ୍ଗି

ତେଣୁ କହିଦେଲୁ

ଭାଙ୍ଗିଦେଇ ଯା...

ତୋ ଜୀବନ ସଳିତାରେ

ମୋତେ ଘିଅ କରି

ଜାଳିଥିଲୁ

ଏବେ ଲିଭେଇ ଦେଇ ଯା

ଲିଭେଇ ଦେଇ ଯା

ଭୁଲ୍ ଥିଲା ମୋର

ଅବିଶ୍ୱାସର ସଳିତା ହୋଇ

ଜଳି ଜଳି ଯିବା

ବିଶ୍ୱାସର ଆଲୋକ ପାଇଁ

ନିଜକୁ ତ୍ୟାଗ କରିବା

ଚାଲିଯା ଏବେ ତୁ ଚାଲିଯା....

କଷ୍ଟ ମୋର ତ ଅପରିମିତ

ସହି ତ ନେଇ ପାରିବି

 Magazine Downloaded from www.aahwaan.com

ହେଇ ମୁଁ ପଥର

ତୁ କିନ୍ତୁ ହାରିଯିବୁ

ହେଇ ପଳାତକ

ମୋ ଜୀବନର...

ଶାନ୍ତିର କପୋତ ଦେଲୁ ଉଡ଼େଇ

ଏବେ ହସିବା ମୁକୁତା ଦେଲୁ ହଜେଇ

ତୋ ପରି କାପୁରୁଷର ହେଇ

ମୁଁ କରିଥିଲି ଭୁଲ୍...

ଏବେ ତୁ ଚାଲିଯିବାକୁ ଚାହୁଁ

ଚାଲି ଯା...

ତୋ ଅବିଶ୍ୱାସର ସଳିତା ନେଇ ଯା

ଚାଲିଯା ସବୁଦିନ ପାଇଁ

ନ ଆ କେବେ ମୋ

ମୁହଁକୁ ଫେରି

ଅଭିମାନୀ ହୋଇ ବଂଚିଯିବି

ପଥର ହେଇ ସହିଯିବି

ଚାଲିଯା ତୁ ଚାଲି ଯା...

ଖଲରୀ, ହୁଲୁରିଶିଙ୍ଗା, ଅନୁଗୁଳ, ୭୫୯୨୨

 Magazine Downloaded from www.aahwaan.com

ପରିଚୟ

ତୁମେ ଅଟ ଏକ ଦୃଢ଼ ବିଶ୍ୱାସ ମୋ ପ୍ରତିଟି ମୁହୂର୍ତ୍ତର
ମୋ ସୁପ୍ତ ଓ ଜାଗ୍ରତ ଅବସ୍ଥାର ମୁକସାକ୍ଷୀ
ତୁମ୍ଭ ବିନା ମୁଁ ଅଲୋଡ଼ା ଏ ବିଶାଳ ବିଶ୍ୱରେ...

ତୁମେ ଅଟ ଏକ ଅଦୃଶ୍ୟ ଶକ୍ତି ମୋ ସମୟ ରେଖାର
ମୋ ଅନ୍ତର ଆତ୍ମାର ନିର୍ଯ୍ୟାସ ତୁମେ,
ତୁମ୍ଭ ବିନା ମୁଁ ନିର୍ବାକ ଓ ନିଷ୍କ୍ରିୟ...

ତୁମେ ଅଟ ଏକ ଦିବ୍ୟ ପୁରୁଷ ମୋ ଅତି ମାନସର
ମୋ ଜୀବନ ତତ୍ତ୍ୱର ପରିଚୟ ତୁମେ
ତୁମ୍ଭ ବିନା ମୋ ବଞ୍ଚିବା ମୂଲ୍ୟହୀନ...

ତୁମେ ଏକ ଚିର ପ୍ରାପ୍ତି ମୋ ଜନ୍ମଜନ୍ମର
ଶେଷରେ
ହେ ଗୁରୁ ତୁମେ ମଙ୍ଗଳମୟ...

ଦୀପକ କୁମାର ଦାଶ

 Magazine Downloaded from www.aahwaan.com

ଶରତ ଗୋ

ତୁମ ଆଗମନେ,

ଉଙ୍କିମାରେ ଆଶାର ଆଲୋକ ।

ମନ ଗହନର ନିଭୃତ କୋଣରୁ

ମାସ ବର୍ଷ ଲୁଚି ଯାଏ, ଅତୀତ ଗୁହାରେ, ଛପିଯାଏ ସୁଖଦୁଃଖ,

ମୂହୁର୍ତ୍ତ ଗୁଡ଼ିକ ।

ତୁମ ଆଗମନେ ଦେଖ, ବାଜିଲାଣି ଶଂଖ ସାହ୍ନାନାଇ,

ସ୍ୱାଗତର ଗୀତି ଗାଏ କାଶତଣ୍ଡି ଫୁଲ ।

ନଈପଠା ସେ ପାରିରୁ,

ବହିଆସେ ଶୀତୁଆ ପବନ ।

ନିର୍ମଳ ଆକାଶେ ଯେହ୍ନେ,

ଚକମକ ମୁକ୍ତାର ସମ୍ଭାର ।

ରୀତା ମଲ୍ଲିକ

ରୂପେଲି ଚନ୍ଦ୍ରମାର ଅଭିସାରୀ ରୂପ ।

ଫୁଲ ସବାରୀରେ ବସି

ଆସେ ଶୀତରାଣୀ,

'ମା'ର ଆଗମନୀ ବାରତା ଯେ, ଆଣି ।

ପତରେ ପତରେ ଦେଖ

ହୀରାର ଟୁକୁରା,

 Magazine Downloaded from www.aahwaan.com

ପାହାନ୍ତିଆ ପବନରେ

ଶୀତର ଇଶାରା

ମାଆ'ମୋର ଆସୁଛି ଏଥର

ମନରେ ଉଦ୍ରେକ ପୁଣି,

ଅସରନ୍ତି ଆନନ୍ଦର ଧାରା

ଆଗାମୀ ସୂଚନା ଦେଲାଣି ଆକାଶ, ଆଖିରେ ତା'ଅସୁମାରୀ ସପ୍ତସିନ୍ଧୁ ନୀର,

ଆନନ୍ଦରେ ଅଜାଡ଼ି ଦିଅଇ ।

ଶଂଖ ମହୁରୀ ଯେ,ବଜାଏ ବାଦଲ,ବୁକୁଫଟା ଆର୍ତ୍ତନାଦ ,

ହରିବୋଲ ହୁଳହୁଳି ଯେ ପକାନ୍ତି

ଡାହୁକଙ୍କ ସଙ୍ଗେ ଭେକ ।

ନଉକା ବାହାନେ ଆସିବେ କି,ଦେବୀ

କିବା,ଗଜ ବାହାନରେ,

ସ୍ୱାଗତର ଗୀତି ଗାଆନ୍ତି ସରବେ

ହସ୍ତେ ଧରି ପାରିଜାତ ।

ଶରତ ଗୋ, ତୁମେ ଆସିଲେ,

ଫଗୁଣ ଆସିବ ।

ରଙ୍ଗହୀନ ହୃଦୟରେ ରଙ୍ଗ ଭରିଦେବ ।

ଛନ୍ଦହରା ଏ ଜୀବନ ମଧୁମୟ ଛନ୍ଦମୟ ହୋଇ ନାଚିଯିବ ଅଭିସାରିକା ଟିଏ ସାଜି ।

 Magazine Downloaded from www.aahwaan.com

ଦର ପୋଡ଼ା କାଠ

ଆଜି ରାତିରେ

ଅକସ୍ମାତ୍ ଯଦି.....

ବୁଢ଼ୀ ହେଇ ଯାଏ

ଗୋଲାପ ଗଛ.... ?

ସକାଳକୁ

ଥୁଣ୍ଟାଗଛର ଡାଳ ଖଣ୍ଡକରୁ

ଝୁଲି ପଡିଥିବ ତଳକୁ

ମଲା ପ୍ରଜାପତି.... ! !

ଜ୍ୟୋତି ରଞ୍ଜନ ମହାରଣା

ଅବିଶ୍ୱାସୀର ହଳ ହଳ ଆଖି

ପଚାରିବେ ଏମିତି କେମିତି.... ?

ବାର୍ଦ୍ଧକ୍ୟରେ କେମିତି ମଲା

ଯୁବ ପ୍ରଜାପତି ? ?

 Magazine Downloaded from www.aahwaan.com

ସେତେବେଳକୁ ତ

ମୋ' ବାଷ୍ପରୁଦ୍ଧ କଣ୍ଠ.....

ଚୁଲି ମୁହଁରୁ କୁହୁଳୁଥିବା

ଖଣ୍ଡେ ଦର ପୋଡା କାଠ !!

ସଜ ସକାଳ...

ଶ୍ମଶାନ ପରି ଦିଶିବ....

ମିଠା-ହସ...

ବିଷ ବିଷ ବାସିବ !!

ଫୁଲ ନାହିଁ....

ଖାଲି ହାତ !!

ହସିବନି...,ଚାହିଁବନି ?

ମୋତେ ଭାରି ବାଧିବ !!

ମୁଠାଏ ହସରେ ତ

ଛ ମାଣ ଆଠ ଗୁଣ୍ଠ ଚାଷ....

କେବେ ହସଫୁଲ ଫୁଟେ

ଦୁଃଖ ତ ଦୋ' ଫସଲି

 Magazine Downloaded from www.aahwaan.com

ବର୍ଷ ବରମାସ ! !

ଆଖି ବୁଜି କହି ଦେବି...

ତୁମ ରାଗ-ରୁଷା-ହସ ରହସ୍ୟ

ତମେ ପଢିଛ କି...

ବିଭୁତି ଦା'ଙ୍କ ପ୍ରେମିକା ?

ଓଃ, ମସ୍ତ ଉପନ୍ୟାସ ! !

ନହେଲେ ଗୋବିନ୍ଦ ଦାସଙ୍କ

ଅମାବାସ୍ୟାର ଚନ୍ଦ୍ର

କି, ରମାକାନ୍ତଙ୍କ ଶ୍ରୀରାଧାରେ...

ବିରହୀ ଚରିତ୍ର ! !

ପ୍ରେମ ଗୋଟେ

ରଙ୍ଗ ବେରଙ୍ଗ ପ୍ରଜାପତି

ନା, ବାସ୍ନା-ଫୁଲ.... ?

ମନ ଗୋଟେ

ମସଗୁଲ୍ ଜହ୍ନରାତି

 Magazine Downloaded from www.aahwaan.com

ନା, ନିଆଁଝୁଲ ? ?

ଆଖି ଗୋଟେ

ରାତି'ର ମଶାଲ୍.....

ମୁଁ ପତଙ୍ଗ ଟେ....

ଅଣ-ନିଶ୍ୱାସୀ ଧାଉଁ ଥାଏ

ଗାଉଥାଏ ପ୍ରୀତି'ର କି ମୃତ୍ୟୁର ଗଜଲ୍ ? ?

ଜ୍ୟୋତିରଞ୍ଜନ ମହାରଣା,

ସିଠାଳ, ନିଆଳି, କଟକ,

ଭ୍ରାମ୍ୟଭାଷ : ୯୯୩୮୮୫୭୪୪୮

 Magazine Downloaded from www.aahwaan.com

ମଧୁଚ୍ଛନ୍ଦା

ଶ୍ରାବଣ ଆକାଶ ବାଦଲେ ଚପଳା
ଢାଳୁଥିଲା ସ୍ନିଗ୍ଧ ବାରି,
ପ୍ରେମ ମନ୍ଦାକିନୀ ଝରୁଥିଲା ତୁମ
ତନୁକୁ ମୁକୁଳା କରି ॥

ଝରଝର ହୋଇ ପୀରତି ଝରଣା
ଗାଉଥିଲା ପ୍ରେମ ଗୀତି,
ଡଉଲ ଡାଉଲ ଚନ୍ଦ୍ର ବଦନଟା
ଓଠେ ଭରିଥିଲା ତାତି ॥

ବକ୍ଷର ଦୁନ୍ଦୁଭି ହାତ ଠାରୁଥିଲା
କୋମଳ ପରଶ ପାଇଁ,
ଗୋଲାପୀ ଓଠରେ ପ୍ରେମ ଅଗ୍ନି ଥିଲା
ମନ ଯଉବନ ଡେଇଁ ॥



ଗୌରାଂଗ ଚରଣ ବେଉରା

ଆଖି ଠାରେ ତୁମ ବରଷାର ଛିଟା
ହାତ ଠାରେ ପ୍ରେମ ଶର,
ଗୌର ତନୁ ତୁମ ଅମରାବତୀ ଯେ
ଶୋଭାରେ ଯମୁନା ତୀର ॥

 Magazine Downloaded from www.aahwaan.com

ମନ ଅଗଣାରେ ପ୍ରେମ ପାରିଜାତ
ମୁରୁକି ମୁରୁକି ହସେ,
ଦେହ ଉପବନ ପ୍ରେମ କୁଂଜବନ
ରଜନୀଗନ୍ଧାର ବାସେ ॥

କଟି ମେଖଳାରୁ କାମ ନିର୍ଝରିଣୀ
ସତେ ବୈତରଣୀ ଧାର,
ନାଭି ପ୍ରଦେଶର କାମନା ଭଉଁରୀ
ପ୍ରେମିକର ପଟୁଆର ॥

ମଧୁଛନ୍ଦା ତୁମେ କାମ ଛନ୍ଦେ ନାଚି
ନୂପୁରର ତାଳେ ତାଳେ,
ସଜାଡି ବସିଛ ସପନର ବେଦୀ
ଆହା କି ଉଲ୍ଲାସ ଭୋଳେ ॥

ଶିକ୍ଷକ, କୁଲିଆମାଲ ଉଚ୍ଚ ବିଦ୍ୟାଳୟ, ଓଡ଼ିଶା

 Magazine Downloaded from www.aahwaan.com

କଲମ

ବିଚିତ୍ର ଏଇ ଦୁନିଆରେ

ଭାବନା କେତେ ଥାଇ ପାରେ

କଲମ ଥିଲେ ମୋ ସାଥିରେ

ସବୁ ପୁଣି ମୁଁ ଲେଖିପାରେ....(୧)

ମୋ ପାଇଁ ଇଏ ସବୁକିଛି

ଏପରି ମିତଟେ ପାଇଛି

ଯାହାକୁ ନେଇ ମୁଁ ବଞ୍ଚିଛି

ଇଏ ତ ମୋର ହସଖୁସି....(୨)

ମୁଁ ଯେବେ ନିରଳାରେ ଥାଏ

ଅନେକ କଥା ଭାବି ଯାଏ

କଲମ ମୋର ସାଥି ହୁଏ

ତା ପାଇଁ ମୁଁ ଲେଖି ପକାଏ....(୩)

ଅଜୟ କୁମାର ବେହେରା

ଏଇତ ମୋର ପ୍ରିୟ ମିତ୍ର

 Magazine Downloaded from www.aahwaan.com

ଲେଖେ ମୁଁ ଜାହ୍ନାପାଇଁ ପତ୍ର

ତାହା ତ ସମାଜର ଚିତ୍ର

କଲମ ଗଢେ ମୋ ଚରିତ୍ର....(୪)

ଅକୁହା କଥା ଲେଖେ ମୁହିଁ

ତାହା ପୁଣି କଲମ ପାଇଁ

ଏପରି ମିତ ପାଇବି ନାହିଁ

ଧନ୍ୟ ମୁଁ ଆଜି ତୋରି ପାଇଁ....(୫)

ସମାଜର ସୁଖ, ଦୁଃଖ ରେ

କଲମ ଥାଏ ମୋ ହାତରେ

କାହାକୁ କିଛି ନ କହିରେ

ଖୁସିରେ ମୁଁ ଲେଖି ଚାଲେରେ....(୬)

ବଳ ପୁଣି ଇଏ ମୋହର

କରିକି ପାରିବି ମୁଁ ପର

ମୋ ହୃଦେ ଯେ କରିଛି ଘର

ପ୍ରିୟବନ୍ଧୁ କଲମ ମୋର....(୭)

 Magazine Downloaded from www.aahwaan.com

ଯେଉଁ କଥା କହି ନ ହୁଏ

କଲମେ ପୁଣି ଲେଖି ହୁଏ

ସଭିଙ୍କର ଭରସା ସିଏ

ସୁଖେ ଦୁଃଖେ ସାଥିରେ ଥାଏ....(୮)

ତୋହରି ପାଇଁ ସବୁ କିଛି

ସହଜରେ ଲେଖି ହେଉଛି

ସମୟ ତ ବିତି ଯାଉଛି

ତତେ ମୁଁ ସେଲୁଟ କରୁଛି....(୯)

ମୋ ସାଥେ ତୁ ରହି ଥାଅ।

ମୋ ସୁଖେ ସୁଖୀ ହେଉଥାଅ।

ମୋ ଦୁଃଖେ ଦୁଃଖି ହେଉଥାଅ।

ନିତି ତୁ ଲେଖି ଚାଲିଥାଅ....(୧୦)

ମୋରଡ଼ା, ମୟୂରଭଞ୍ଜ । ।

 Magazine Downloaded from www.aahwaan.com

ତିତଲିର ମୃତ୍ୟୁ ପରେ

ମୁଁ କହିଥିଲିନା।
ଦି ଚାରିଦିନ ତଳେ
ତିତଲି ମରିହଜି ଗଲାପରେ
ନିଶ୍ଚେ ସଁବାଳୁଆ ହୋଇ
ନୂଆ ଜନ୍ମ ନେବ....

ଦେଖୁନ... ଦେଖ
ତିତଲି ବାତ୍ୟାର ଶୁଦ୍ଧି ଯାଇନି
କେମିତି ସେ ଅଲାଜୁକ
ତାଣ୍ଡବ ରଚୁଛି
ଆନ୍ଧ୍ର ଓଡ଼ିଶାସୀମାନ୍ତ
ବଙ୍ଗୋପସାଗର ଉପକୂଳ
ଘନ ଜନବସତି
ସହରବଜାର କ୍ଷେତଖମାର
ପୁଣି ପୂଜାପାର୍ବଣର
ଏଇ ମହାର୍ଘ୍ୟ ସମୟର
ଖଡ଼ିଛୁଆଁ ବେଳାକୁ
ଅଣ ଦେଖାକରି.....

ଡଃ ଆଲୋକ କୁମାର ରାୟ

ଜଳର ଲଗାତାର ପ୍ରହାରରେ

 Magazine Downloaded from www.aahwaan.com

ଏପରିକି ଯୁଧିଷ୍ଠିର ମୁଣ୍ଡିଆ
ପରାହତ... ପଦାନତ
ପ୍ରଶାସନ ବିଚଳିତ
ସ୍ତମ୍ଭିଭୁତ ସଚରାଚର
ତିତଲିର ଶୁଦ୍ଧି ଯାଇନି
ମହାବନ୍ୟା ରୂପ ନେଇ ସେ
ଅଜସ୍ର ଗିଳୁଛି
ଗୋଟେ ବଡ଼ ଅଜଗର ସତେ.....

ଭୀଷଣ ବନ୍ୟାର ପ୍ରକୋପ
ଜନପଦ ରାସ୍ତାଘାଟ କାନନ କେଦାର
ବିଧ୍ୱସ୍ତ..... ବିଖଣ୍ଡିତ
ମୃତାହତ ସଂଖ୍ୟା ଲମ୍ବୁଛି
ଦୁଃଖର ବୟସ ବଢୁଥିବା ପରି...
ଖାଲି ପାଣି ଆଉ ପାଣିର
ରୀତିମତ ପ୍ରତିଯୋଗିତା
ନଈର ଉପର ମୁଣ୍ଡରୁ
ତଳମୁଣ୍ଡ ତ୍ରିକୋଣଭୂମି
ଜଳପ୍ଲାବିତ... ବୃହତ ଜଳାଶୟ
ସର୍ବତ୍ର ଜଳର ଗଗନଭେଦି
ଉଚ୍ଛ୍ୱାସ ରଣହୁଙ୍କାର.....

ଜଗତସିଂହପୁର, ମୋ: ୯୪୩୭୦୭୮୦୦୩

 Magazine Downloaded from www.aahwaan.com

ଜୀବନର ବ୍ରତ

ଶତ ଶତାବ୍ଦୀର ସନ୍ତାନ ଆମେ,

ଆଗାମୀ ଯୁଗର ଯାତ୍ରୀ ।

କୋଟି କଣ୍ଠରେ ଉଚ୍ଛୁଳାଇ ଆମେ,

ତୋଳିବା ବିଜୟ ଗୀତି ।

ସୃଷ୍ଟି ବୁକୁରେ ଭରିଦେବା ଆମେ ,

ପ୍ରୀତିର ମଧୁ ବନ୍ୟା ।

ନୂତନ ଗନ୍ଧେ ନବୀନ ଛନ୍ଦେ,

ଧରଣୀ ହୋଇବ ଧନ୍ୟା ।

ଶୁଭ ପ୍ରଭାତରେ କରିବା ଶପଥ

ମଣିଷ ସେବା ଜୀବନ ବ୍ରତ,

ସ୍ନେହ ପରଶେ ମମତା ବନ୍ଧନେ ।

ସଭିଁଙ୍କୁ ଦେବାରେ ନୂଆ ଶପଥ,

ମରୁବୁକୁ ପରେ ସରଜିବା ଆମେ ।

ଶସ୍ୟ ଶ୍ୟାମଳା ଜନମ ଭୁଇଁ,

ରତିରଂଜନ ମହାରଣା

ଉଠିବ ସୁନୀଳ ଆକାଶ ଛୁଇଁ ।

ସିଠାଳୋ, ନିଆଳି, କଟକ, ମୋ-୯୭୭୬୧୧୯୭୧

 Magazine Downloaded from www.aahwaan.com

ସରକାରଙ୍କ ମଦ ଚିନ୍ତା

ନିଶା ନିବାରଣ କରିବା ପାଇଁ

ମାତିଛନ୍ତି ଯୁବ ବାହିନୀ ଭାଇ

ଗାଁ ରାସ୍ତାରେ ସ୍ଲୋଗାନ ଦେଇ

ମଦ ଛାଡ଼ିବା ଆଉ ପିଇବା ନାହିଁ

କହୁଥିଲେ ମାଇକି ଲଗେଇ ।

ସରକାର ପୁଣି ଦେଇଥିଲେ ଗଞ୍ଜି, ଟୋପି

ଖାଦ୍ୟ,ପାନୀୟ ଆଉ ଅନ୍ୟାନ୍ୟ ପାଇଁ

କେତେ ରାଜସ୍ୱ ଦେଲେ ଉଡ଼ାଇ ।

ଯଦି ଏତେ ଚିନ୍ତା ତୁମ ଆମ ପାଇଁ

ମଦ ଭାଟି ସବୁ ବନ୍ଦ କରୁନ

ଆପେ ଆପେ ଯିବେ ମଦୁଆ ଉଭେଇ ।

ବୀରେନ୍ଦ୍ର କୁମାର ପ୍ରଧାନ

କଦମପାଳ, ଯାଜପୁର

 Magazine Downloaded from www.aahwaan.com

ସମର୍ପଣ

ଥରେ ନିଜକୁ ସମର୍ପି ସାରିଲା ପରେ

ଆଉ କଣ ବାକି ରହେ ଯେ

ଅତୀତକୁ ବର୍ତ୍ତମାନରେ ମିଶେଇ

ଯାହା ଖାଲି ଭୋଗିବା କଥା ।

ଯେବେଠୁ ଜାଣିଛ

ଦେଖୁଛି ତମ ଭଲ ପାଇବାକୁ

ଅହରହ ପାଇଛି ମୋ ସ୍ୱପ୍ନ ଆଉ ଜୀବନରେ

ଅନୁଭବ କରିଛି ମୋ ଭିତରେ ତମକୁ ।

ସଚ୍ଚିଦାନନ୍ଦ ବାରିକ

ଏବେ ନିଜକୁ ତମର କରି

ସମର୍ପି ଦେବାର ବେଳ

ଯେଉଁଠି ମୁଁ ଆଉ ମୁଁ ନାଇଁ

ମୁଁ କୁ ଛାଡ଼ିଲା ପରେ

ଯାହା ବାକି ରହିଗଲା

କେବଳ ଆମର

 Magazine Downloaded from www.aahwaan.com

ବହୁତ ଜାଣିଲି ଏବେ ନିଜକୁ ହଜେଇ

ତମକୁ ଖୋଜିବାର ବେଳ ।

ଏବେ ଖାଲି ତମ ପ୍ରେମ ଅପ୍ରେମ ଭାବ ଅଭାବ

ସବୁ ଦୁଃଖ ହସ ଖୁସି ସବୁ କିଛି

ନିଜେ ଭୋଗିବାର ବେଳ ।

ତମକୁ ନିଜର ଭାବି ସାରିଲା ପରେ

ଯାହା ଚାହଁ ଅନାୟାସରେ କରିପାର

ତମ ଇଚ୍ଛା

ମୋତେ ସରାଗରେ ତୋଳି ନେଇପାର

କୁଦି ଯାଇପାର କି ଆଡ଼େଇ ଯାଇପାର

ଯାହା ଇଚ୍ଛା କର

ମୁଁ କିଛି କହିବିନି କି ଭାବିବିନି

ଯାହା ଠିକ୍ ଲାଗିବ କର

ମୁଁ ରହିବି ଛାଇ ହୋଇ ତମର

ନ ହେଲେ ଭାବି ବି ନେଇପାର ପଥର

ନିଜ ଇଚ୍ଛା ମୁତାବକ ରୂପ ଦେଇପାର

ସବୁ କିଛି ଚୁପଚାପ୍ ସହିଯିବି

ପାଖେ ପାଖେ ତମ ଥିବି

ମୁଁ ଆଉ ପାରିବିନି

ଏବେ ଭାବିବା ପାଳି ତମର ।

ଏ ପ୍ରେମ ଦେହଜ ନୁହେଁ ଯେ

ଦେହଟିଏ ଖୋଜାପଡ଼ିବ

ପ୍ରେମକୁ ଭୋଗିବା ପାଇଁ

ଏ ପ୍ରେମ ତ ମାନସିକ

ତମ ଉପସ୍ଥିତିଟିଏ ଯଥେଷ୍ଟ

ସେ ସ୍ୱଦେହରେ ହେଉ ଅବା ମୋ ମନ ମନ୍ଦିରରେ

ଭୋଗୁଥିବି ଅହରହ ସବୁଦିନ

ତମ ଖାଲି ପଣକୁ ତମ ସ୍ମୃତି ଆଉ

କଥା ହେଲେ ଅଣ୍ଟୁନଥିବା ସେ ଅଫେରା ସମୟକୁ

ସେତିକି ହିଁ ଯଥେଷ୍ଟ ତମକୁ ପାଇବା ପାଇଁ

ପ୍ରାପ୍ତି ମୋର ଲୋଡ଼ା ନାହିଁ

କାରଣ ଅପ୍ରାପ୍ତି ହିଁ ପ୍ରେମ

ଯାହା ମୋତେ ଆଉ ଅଛପା ନାହିଁ ।

ଗ୍ରା/ପୋ : ଝୁମ୍ପୁରା, କେନ୍ଦୁଝର ଜିଲ୍ଲା, ୭୫୮୦୩୧, ଓଡ଼ିଶା

 Magazine Downloaded from www.aahwaan.com

ହୃଦୟର ଶୂନ୍ୟସ୍ଥାନ

ମରୁଭୂମି ସମ ମନରେ ମୋହର
ଖେଳିଥିଲା ଜଳଧାରା
ଅଜଣା ରାଇଜୁ ଯେବେ ଆସିଥିଲା
ମୋ ମନରେ ଅପସରା ।

ମନ ଇଲାକାରେ ପଶିଥିଲା ସିଏ
ମାଗି ବିନା ଅନୁମତି
ହୃଦୟରେ ମୋର କରିଥିଲା ଘର
ଭରିଦେଇ ମିଠା ପ୍ରୀତି ।

ମନରେ ଆସିଲା ଜୁଆରର ମାଳା
ହୃଦୟେ ପ୍ରେମ ତରଙ୍ଗ
ବଦଳିଗଲା ମୋ ଜୀବନର ପଥ
ଭରିଗଲା ସପ୍ତରଙ୍ଗ ।

ସୁଶାନ୍ତ କୁମାର ଧଳ

ଅତିକ୍ରାନ୍ତ ହେଲା ଦିବସ ରଜନୀ
ମଧୁର ସେ ଆଳାପରେ
ଭାବିଥିଲି ତାକୁ ସାଇତି ରଖିବି
ହୃଦୟର ସିନ୍ଧୁକରେ ।

 Magazine Downloaded from www.aahwaan.com

ହେଲେ
ଅଦିନିଆ ମେଘ ଆସିଲା ଜୀବନେ
ଭାଙ୍ଗିଦେଲା ସ୍ୱପ୍ନ ମୋର
ଅପସରା ମୋର ଅପସରି ଗଲା
ଏଇ ଜୀବନରୁ ମୋର ।

ଚାଲିଗଲା ସିଏ ଏଇ ଜୀବନରୁ
ପଛକୁ ଚାହିଁଲା ନାହିଁ
ଅଧାବାଟେ ମୋତେ ଏକା କରିଦେଲା
ବିରହ ଯନ୍ତ୍ରଣା ଦେଇ ।

ଅମାବାସ୍ୟା ଭରା ଏଇ ମୋ ଜୀବନ
କେମିତି ପାରିବି ରହି
ହୃଦୟରେ ମୋର ଶୂନ୍ୟସ୍ଥାନ ତାର
ଭରି ମୁଁ ପାରିବି ନାହିଁ ।

ଜୟନ୍ତରା, ଦଶରଥପୁର, ଯାଜପୁର, ଓଡ଼ିଶା
୭୫୫୦୦୭
ଭ୍ରାମ୍ୟଭାଷ : ୮୩୩୮୯୩୪୫୨୭

 Magazine Downloaded from www.aahwaan.com

ସାଙ୍ଗମେଳ

ନାହିଁ ଖେଳକୁଦ ନାହିଁ ସାଙ୍ଗମେଳ
ନାହିଁ ସେ ପରିଭ୍ରମଣ ରାତି
ତଥାପି ଖୋଜୁଛି ସେ ପିଲାଦିନ
ମନେ ପଡେ ତୋ ସ୍ମୃତି ।।

ସାଙ୍ଗ ମେଳରେ ଚହଟୁନି ବାସ
ଭୁଲିପାରୁନି ସେ ରାତ୍ର
ଆଉ କାହା ସାଥେ ମନ ପୂରେ ନାହିଁ
ଖୋଜେ ମୁଁ ତତେ ମିତ୍ର ।।

କେବେ ତୁ ଫେରିବୁ ମୋ ପାଖେ
ବସିଅଛି ବାଟ ଚାହିଁ
ସାଙ୍ଗ ସାଥି ମେଳରେ ତତେ ପାଏ ନାହିଁ
ଦେଖେ ସମସ୍ତଙ୍କ ମୁହଁ ମୁହିଁ ।।

ସୁଶାନ୍ତ କୁମାର ଦାସ

ସୁଦୂର ଦୁନିଆକୁ ଚାଲିଗଲୁ ତୁ

 Magazine Downloaded from www.aahwaan.com

ପାଉ ନାହିଁ ଦେଖି ଆଖି ମୋର

ବନ୍ଧୁର ବନ୍ଧନ ବନ୍ଧୁତା ଖାତାରେ

କରିଗଲୁ ତୁ ମତେ ପର । ।

ସ୍ୱପ୍ନକୁ ଭାବିନି କେବେ ମରୀଚିକା

ଲାଗେ ଦିନେ ସତ ହେବ

ପ୍ରଭୁ ଜଗନ୍ନାଥ ଡାକ ମୋ ଶୁଣିବେ

ସୁରଜ ଆସି ପୁଣି ବାହୁଡିବ । ।

"ଇତି"

ତୋର ପ୍ରିୟ ବନ୍ଧୁ

'ସୁଶାନ୍ତ'

ନାଲକୋନଗର, ଅନୁଗୋଳ

ଭ୍ରାମ୍ୟଭାଷ : ୭୮୭୩୫୬୨୨୮୧

ଇମେଲ୍ : susantagudu143@gmail.com

 Magazine Downloaded from www.aahwaan.com

ଭିନ୍ନ ଏକ ବୃକ୍ଷ

ସମୟ ନଈର ନିର୍ଜନ ଶଯ୍ୟାରେ

ମୁଁ ଏକ ନିସଂଗ ବୃକ୍ଷ

ସ୍ରୋତର ପ୍ରଭାବେ ରହିଛି ଏକାକୀ

ନିଜକୁ କରି ମୁଁ ଦକ୍ଷ ।

ଦିନ ପରେ ରାତି ରାତି ପରେ ଦିନ

ବଦଳେ ସମୟ ଗତି

ସୁଖର କିରଣ ଛୁଁ ଏନା ମୋ ଦେହେ

ଦୁଃଖରେ ମରେ ମୁଁ ନିତି

ସାଗର ପ୍ରଧାନ

ଅନ୍ୟ ଖୁସି ଦେଖି ମନ ପୁରିଯାଏ

ଦୁଃଖ ବି କନ୍ଦାଏ ମୋତେ

ଆଖିରୁ ଲୋତକ ଝରିଯିବ କାଳେ

ସେ ଲାଗି ନୀରବ ସତେ ।

ପକ୍ଷୀ ନୀଡ଼ ବାନ୍ଧେ ଝଡ ବତାସ ରେ

 Magazine Downloaded from www.aahwaan.com

ମୋ ଦେହେ ରହିବା ପାଇଁ

ଝଡ ଥମି ଗଲେ ଦୁରେ ଉଡି ଯାଏ

ଦେଖା ତାର ମିଳେ ନାହିଁ ।

ପ୍ରୀତି ଫଗୁଣର ପରଶେ ମୋ ଅଙ୍ଗେ

କେତେ ଫୁଲ ଉଙ୍କି ମା ରେ

ପତ୍ର ଝଡା ଦେଲା ଫୁଲ ମରିଗଲା

ମନ ମୋର ଝୁରି ମରେ ।

କାହାକୁ କହିବି କିଏ ବା ଶୁଣିବ

ସେ ପାଇଁ ରହେ ନୀରବ

ଡର ଲାଗେ କାଳେ ସବୁ ନିଜ ଲୋକ

କାଟି ଦେବେ ମୋ ଠୁ ଭାବ ।

ନିଦାଘ ନିଆଁ ଜାଳି ଦିଏ ମୋତେ

ଜଳୁଛି ଆପଣା ଘର

କାହାକୁ ନିଜର କହିବାଠୁ ଭଲ

ନିଜେ ହିଁ ହେବି ନିଜର ।

ଗଂଜାମ, ୯୧୨୪୭୭୨୨୮୭

 Magazine Downloaded from www.aahwaan.com

ଷଣ୍ଢ କଥା

ଷଣ୍ଢ ଅଟଇ ଆମରି ଦାମ

କଥା କଥାରେ ଫୁଟାଏ ବମ ।।

ସବୁଠୁ ଭଲ ଜଗି ବସିବା ନିଜରି ଜାଗା

ଷଣ୍ଢ ବେକରେ କିଏ ସେ ଦେବ ପଘା ।।

ଦାମ ବଇଜନ୍ତ କରିବେ ଖେଳ

ଖରାପ ପଡିବ କି ପାଣ୍ଠିୟା ର ବେଳ ।।

ସ୍ମିତ ହାସ ଦେଲେଣି ଦେଖି ଧରମା ଦାସ

ଇସାରାରେ କୁହନ୍ତି ଭାଇ ଏଠିକି ଆସ ।।

ରାଜେନ୍ଦ୍ର ଗିରି

ଆମ ଦଳରେ ନାଇ ବାଛ ବିଚାର

ତୁମେ ଦୁଇ ଆମ ନିଜର ।।

ମିଶି ଧରିବା ହାତେ ପଦମ

 Magazine Downloaded from www.aahwaan.com

କହି ବୋଲିବା ତେଲ ହେବ କଅମ ।।

ଶୁଣି ଚିଇଁକି ଉଠିଲେ ଦାମ

କେମନ୍ତ କରିବି ତ ସହ କାମ ।।

ମୋ ମୁଖେ ଖାଲି ବିଜୁର ନାମ

ଇଚ୍ଛା ଥିଲା ହେବାକୁ ନବୀନର ଡାହାଣ ବାମ ।।

ସବୁ ସାଇଲା ସେ ରାମକୋ ଟୋକା

ଏକାକୀ ବୋଲାଇଲା bjd ବୋପା ।।

ଆମ ସୁପରିମ ବଜାନ୍ତି ତାଳି

ଯେବେ ମତେ ପଡେ ଗାଳି ।।

କାହାକୁ କହିବି ମରମ କଥା

ଯୋଉଠି ହାତ ଦେଲି ସେଇଠି ବଥା ।।

ଯିଏ ଯାହା କହୁ କିଛି ଯାଏ ଆସେ ନାହିଁ

ପାରାଦୀପିରୁ ଲଢିବି ମୁହିଁ ।।

 Magazine Downloaded from www.aahwaan.com

କହି ବୋଲିବି ଦୁରୁନୀତି କଥା

ସେ ବ୍ରାହ୍ମଣ ହଉ ବା ନେତା ।।

ହେ ଦାମ ବାବୁ ରହିଲା ରାଣ

ଶିକ୍ଷକଙ୍କ କଥା ତୁଣ୍ଡ କୁ ଆଣ ।।

ନବୀନ କାନରେ ବାଜୁ ବାଣ

ଶାନ୍ତି ପାଇବେ ଶିକ୍ଷକ ଗଣ ।।

ଭୋଗରାଇ , ବାଲେଶ୍ୱର

ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ , ବାଲେଶ୍ୱର ।

ଦୂରଭାଷ-୭୮୭୩୫୭୦୯୩୮

 Magazine Downloaded from www.aahwaan.com

କିଛି ଲୁହ ଛାତି ତଳେ

କିଛି ଲୁହ ଛାତି ତଳେ ହୋଇଛି ପଥର,
ଆଉ କିଛି ଅଛି ଆଖି ପଲକରେ.
ଝରିଯିବା ପାଇଁ ତା କୁ ଅନୁମତି ନାହିଁ,
ସ୍ମୃତି କାଳେ ଭାସିଯିବ ସେ ଲୁହରେ.

ସହିବାର ସକ୍ତି ସରି ଆସିଲାଣି ସିନା,
ଯନ୍ତ୍ରଣା ତ ଅସରନ୍ତି ନାହିଁ ତାର ଶେଷ.
ଭାଗ୍ୟେ ଯଦି ଲେଖା ଦୁଃଖ ସହିବାର,
ଖୁସି ପାଇଁ ମୋର ନାହିଁ ଅବଶୋଷ.

ମାଗି ଥିଲି ଟିକେ ହସ ମୋ ସୁଖିଲା ଓଠରେ,
ସମୟ ତ ଦେଲା ଆଣି ଲୁହର ଶ୍ରାବଣ.
ବୁଣି ଖିଲି ସ୍ୱପ୍ନ କିଛି କଳ୍ପନାର ବଗିଚାରେ,
ହେଲେ ଆଜି ସ୍ୱପ୍ନ ହେଲା ମୋ ପାଇଁ ଫଗୁଣ.

ସୌମ୍ୟରଞ୍ଜନ ସ୍ୱାଇଁ

ଦିବା ସ୍ୱପ୍ନ ଦେଖି କି ଲାଭ ଯେ ଅଛି କୁହ,
ଅକାରଣେ ଏ ଆଖିରେ ଭରିଦେବ ଲୁହ.
ତଥାପି ଏ ମନ କେବେ ମାନେ ନାହିଁ କିଛି,
ଢାଳିବାରେ ବ୍ୟସ୍ତ ଯନ୍ତ୍ରଣା ନିଆଁରେ ଘିଅ.....

 Magazine Downloaded from www.aahwaan.com

କଲମ

ଡାକ୍ତର ହାତରେ -

ଟିକିଏ ଭୂଲ୍ କଲେ ଔଷଧ ବନାନ

ରୋଗୀଟି ହରାଏ ତା'ର ଜୀବନ ।

ଓକିଲ୍ ହାତରେ -

ଭୂଲରେ ଦସ୍ତଖତ କରିଲେ

ନିର୍ଦ୍ଦୋଷ ବି ଫାଶୀ ଖୁଣ୍ଟରେ ଝୁଲେ ।

ସାମ୍ବାଦିକ ହାତରେ -

ଭୂଲ ଖବର ଦେଲେ ଛପାଇ

ହିଂସା ହଣାକଟାରେ ଦେଶ ଜଳଇ ।

ଡଃ ଜ୍ଞାନେଶ୍ୱର ମିଶ୍ର

ଛାତ୍ର ହାତରେ -

ପରୀକ୍ଷାରେ ଲେଖି ଭୂଲ୍ ଉତ୍ତର

ଭବିଷ୍ୟତ ତା'ର ହୁଏ ବେକାର ।

 Magazine Downloaded from www.aahwaan.com

କବି ହାତରେ -

ଅକ୍ଷର ଆଖିରୁ ଝରାଏ ଲୁହ

କେତେବେଳେ ପୋଛେ ହୃଦୟୁ କୋହ ।

କଲମର ବ୍ୟାପ୍ତି ସାରା ବିଶ୍ୱରେ

ସେଇ ବି ବଞ୍ଚାଏ ସେଇ ତ ମାରେ

କଲମଟି ଯାହା ହାତରେ ଥାଉ

ଉପଯୁକ୍ତ ବ୍ୟବହାର ସେ ପାଉ

ଜନମନ ହେବ ସୁଖ ସରସ

ମୁଖରେ ଫୁଟିବ ଆନନ୍ଦ ହସ ।

୪୯/୫/ଏଚ୍, କାର୍ଲ୍ ମାର୍କ୍ସ ସରଣୀ, କେଦାରପୁର

କୋଲକାତା - ୭୦୦୦୨୩

ଭ୍ରାମ୍ୟଭାଷ : ୦୮୯୧୦୨୨୩୮୧୪

 Magazine Downloaded from www.aahwaan.com

କାହିଁ

ପାଞ୍ଚବର୍ଷ ପରେ ମୃଣ୍ମୟୀର ଆଖି
କାହିଁ କଲା ଆମନ୍ତ୍ରଣ
ପାଦରେ ଘୁଙ୍ଗୁର ବାନ୍ଧିବାକୁ କାହିଁ
କହିଥିଲା ପ୍ରତିକ୍ଷଣ । [୧]
ନୁହେଁ ମୁଁ ନର୍ତ୍ତକ ତଥାପି ବୁଝିଲି
ନର୍ତ୍ତକୀର ଭାବରଙ୍ଗ
ପାଦରେ ବାନ୍ଧିଲି ଘୁଙ୍ଗୁର ଯୋଡ଼ିକୁ
କହୁଥିଲା ଆଖି ପ୍ରେମ । [୨]
ଘୁଙ୍ଗୁର ଶବ୍ଦରେ ପ୍ରେମ ଥିଲା ନା
ଥିଲା ଖାଲି ସ୍ୱାର୍ଥ ମନ
ହୃଦୟଟା ତା'ର ଅନ୍ଧାରି ନାୟିକା
ନାଁ କାହିଁ ଦେଲି ଜହ୍ନ । [୩]
ଫେରେଇଲା ଯେବେ ଘୁଙ୍ଗୁର ଯୋଡ଼ିକୁ
ହାତେ ନେଲା ହାତ ଟାଣି
ଗୋଲାପୀ ଓଢ଼ଣୀ ବଜେଇଲା କାହିଁ
ଦେହେ ମୋର ଜାଣି ଜାଣି । [୪]

ରାମ କଲତା

ଡୁଙ୍ଗୁରିପାଲି, ବଲାଡ଼ି, ସୁବର୍ଣ୍ଣପୁର
ଭ୍ରାମ୍ୟଭାଷ : ୭୭୫୨୦୮୯୧୬୫

 Magazine Downloaded from www.aahwaan.com

ହେ ତମେ

ପ୍ରିୟତମ କହେ...

ହେ ତମେ ! ! !

କାହିଁ ଆସ ମୋ ଆଖିର

ଅନ୍ଧାର ସ୍ୱପ୍ନରେ

ଆଉ ଭରିଦିଅ ମୋ ମନେ

ଅସୁମାରୀ ଖୁସି

ପୁଣି ଚାଲିଯାଅ ଛାଡ଼ି

ପର କରି ମୋତେ

ଆଉ ଦିଅନାହିଁ ଧରା

ସତେ ଯେମିତି ତମେ

ଏ ନୀଳ ଆକାଶରେ

ଗୋଟେ ଶୁଭ୍ରପରୀ ।

ପୂର୍ଣ୍ଣଚନ୍ଦ୍ର ରଣା

ହେ ତମେ ! ! !

କ'ଣ ସତରେ ତମେ

 Magazine Downloaded from www.aahwaan.com

ମୋ ହୃଦୟରେ କରିବ ଘର

ମତେ ତମେ କରିବ ନିଜର

ଆଉ ଦେବ ଗୋଟେ ସ୍ୱାମୀର ଅଧିକାର

ଆଜି କୁହ ମୋ ହାତରେ ହାତ ରଖି

ଆଉ ଭରିଦିଅ ମୋ ମନେ

ମେଞ୍ଚାଏ ବିଶ୍ୱାସ

ଯେମିତି ଏ ବିଶ୍ୱାସକୁ

କରିବେନି କେହି ପରିହାସ ।

ପ୍ରିୟା କହେ...

ହେ ତମେ ! ! !

ସାଇତି ରଖିଛି ଏ ମନକୁ ମୁଁ

ଖାସ୍ ତମରି ପାଇଁ

ମୋ ହୃଦୟ କାନ୍ଥରେ

ଲେଖା ଅଛି ତୁମର ନାଁ

ମୋ ଆଖିର ପ୍ରତି ପଲକରେ

ଝଲକି ଯାଉଛ

ତମେ ପ୍ରିୟତମ

 Magazine Downloaded from www.aahwaan.com

ଆଉ ଇଚ୍ଛାନାହିଁ ରହିବାକୁ ଏକା

ନେଇଯାଅ ସାଥି ମୋତେ ତୁମ ସାଥେ ।

ହେ ତମେ ! ! !

ଭରିଦିଅ ମୋ ସିନ୍ଥିରେ

ଟୋପାଏ ସିନ୍ଦୁର

ଆଉ ପିନ୍ଧାଇ ଦିଅ ମୋ ହସ୍ତେ

ଦୁଇପଟ ଶଙ୍ଖା

ମୋ ମଥାରେ ଦିଅ ଉତୁରୁଣୀ

ସଜେଇ ଦିଅ ମୋତେ ବଧୂ ବେଶରେ

ମତେ ଗ୍ରହଣ କର ତମେ ପତ୍ନୀ ରୂପରେ

ମତେ କର ଆଲିଙ୍ଗନ

ଆନନ୍ଦରେ ବିତିଯିବ ଆମ ଏ ଜୀବନ ।

ହାଟସିଂହାପୁର, ଯାଜପୁର, ଓଡ଼ିଶା

ଭ୍ରାମ୍ୟଭାଷ : ୮୮୭୨୯୦୭୦୮୬

 Magazine Downloaded from www.aahwaan.com

ଆମ ଗାଁ

ଜନ୍ମ ମୋର

ଏ ଗାଁ ମାଟିରେ

ଭାଷା, ସ୍ନେହ, ପ୍ରୀତି

ସେଥିପାଇଁ

ଭରପୂର

ମୋ ହୃଦୟ ଭିତରେ ।

ଗାଁ ମୋର ସର୍ଗଠୁ ସୁନ୍ଦର

ତା'କୋଠ ପୋଖରୀ

ଶିବମନ୍ଦିର

ଗାଁ ମଝିରେ ଠାକୁରାଣୀ କ୍ଷେତ୍ରପାଳ

ସତେ ଅବା

ଆଶା ଓ ଭରସା

ଆମ ଜୀବନ ଚଉହଦୀର ।

ଗାଁର ଅନତି ଦୂରେ

ପ୍ରଭାତି ମଞ୍ଜରୀ ବେହେରା

ଦୁଃଖହାରିଣୀ ମାଁ ତାରିଣୀ

ସଦା ଜାଗ୍ରତ

 Magazine Downloaded from www.aahwaan.com

ଆମ ସ୍ନେହ ପ୍ରେମ ଭାଇଚାରାର

ମୋ ଗାଁ ମାଟି ସବୁଠୁ ସୁନ୍ଦର ।

ନିଃସର୍ତ୍ତ ଭଲପାଇବା

ପୂରି ରହିଛି ଏଠି

ସୁଖ ଅବା ଦୁଃଖ

ବାଣ୍ଟି ନିଅନ୍ତି

ସଭିଏଁ ହୋଇ ଏକାଠି ।

ଶିକ୍ଷୟିତ୍ରୀ, ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ମଳାସପଦର, ଜିଲୁଣ୍ଡି, ଗଞ୍ଜାମ, ଓଡ଼ିଶା

 Magazine Downloaded from www.aahwaan.com

ନିଶା

ଏଠି ସମସ୍ତେ
ନିଶାଗ୍ରସ୍ତ ।

କିଏ ମଦର ନିଶାରେ
ମତୁଆଲା ତ
କିଏ ପ୍ରେମ, ଦେହ, ଯୌତୁକ
ନିଶାରେ ପାଗଳ
ପୁଣି କିଏ ଖାଇବାର, ପାଇବାର
ସାଇତିବାର ନିଶାରେ
ଜୀବନ ବିତାଇ ଦେଇଛି ତ
କିଏ ବଞ୍ଚିବାର ନିଶାରେ
ଯୁଦ୍ଧ କରି ଚାଲିଛି ।

ମୁଁ ବି ନିଶାରେ ବଞ୍ଚିଛି
ଆଉ ନିଶାର ସାମ୍ରାଜ୍ୟରେ
ସମ୍ରାଟର ଅଭିନୟ କରୁଛି ।

ଚିନ୍ମୟ କୁମାର ବେବର୍ତ୍ତା

ସମ୍ପାଦକ, ଲୋହରାଖଣ୍ଡି ସାହିତ୍ୟ ସଂସଦ
ଆର.ସି.ରୋଡ୍, ଦୁର୍ଗାମଣ୍ଡପ ନିକଟ
ଭଞ୍ଜନଗର, ୭୬୧୧୨୬, ଗଞ୍ଜାମ, ଓଡ଼ିଶା,
ଭ୍ରାମ୍ୟଭାଷ : ୯୪୩୭୦୪୬୦୫୭

 Magazine Downloaded from www.aahwaan.com

ହେ ଗୋପାଳ

ଗୋପାଳ ଗୋ ତୁମ

ଓଠର ହସରେ

ଭରିଯାଏ ମୋ ସକାଳ

ଗୋପାଳ ଗୋ ତୁମ

ଚୋରା ଚାହାଣୀରେ

ହୋଇଯାଏ ମୁଁ ଅଧିର ।

ଆନନ୍ଦ ଆସିଛ

ଫୁଗଣ ସଞ୍ଜରେ

ଦୁଃଖଭରା ଲୁହ ନେଇ

ତୁମେ ବି ଆସିଛ

ଶୀତୁଆ ରାତିରେ

ପ୍ରେମପୂଜାଫୁଲ ହୋଇ ।

ଜୀବନ ଜଞ୍ଜାଳେ

ଉଡ଼ନ୍ତା କାନ୍ଥରେ

ଆଙ୍କିଦେଲି ଚିତ୍ର ତୁମେ

ମୋ ଆଖି ସ୍ୱପ୍ନ

ପ୍ରତିମା ଓଝା

 Magazine Downloaded from www.aahwaan.com

ଜୀଇଁବା ପର୍ଯ୍ୟନ୍ତ

ତୁମକୁ ପୂଜିବି ମନେ ।

କେମିତି ପୂଜିବି

ମନ୍ତ୍ର ତ ଜାଣିନି

ହେ ମୋ ଗୋପାଳ ବଲ୍ଲଭ !

କଣ୍ଠେ ମୋର ବସି

ମନ୍ତ୍ର କହିଦିଅ

ଦେଇଯାଅ ପ୍ରୀତିଭାବ ।

 Magazine Downloaded from www.aahwaan.com

ମାଁ'ଙ୍କ ହାତର ରନ୍ଧନ

ସୌଭାଗ୍ୟରେ ଆସ୍ୱାଦ୍ୟ ହୁଏ ମାଁଙ୍କ ହାତର ରନ୍ଧନ,
ଏହି ଖାଦ୍ୟ ଯେ ମମତାର ଅକାଟ୍ୟ ବନ୍ଧନ ।
ନାନା ରୋଷେଇର ନାନା ସ୍ୱାଦ,
ଜିହ୍ୱାର ଏହି ପର୍ବ ଅନ୍ନପୂର୍ଣ୍ଣା ଦେବୀଙ୍କର ଆଶୀର୍ବାଦ ।

ଖାଦ୍ୟରେ ଆବଶ୍ୟକ ବିଭିନ୍ନ ରୁଚିକର ରସ,
ତା'ହେଲେ ଆସିବ ଜୀବନରେ ନିତ୍ୟ ନବରସ ।

ମାଆଙ୍କ ହାତ ପରଷା ଭୋଜନ ସୁଧାମୟୀ ସର୍ବୌଷଧୀ,
ଦୂରେଇ ରହିବ ଆପଣଙ୍କଠାରୁ ସମସ୍ତ ରୋଗବ୍ୟାଧି ।

ଶ୍ରୀରାଜଶେଖର ସି 'ଚିମା'

ସେବନ କରିବାକୁ ମିଳିଲା ଭିନ୍ନଭିନ୍ନ ବ୍ୟଞ୍ଜନ,
ସ୍ୱାଦ ନ କରୁ କରୁ ମିଳିଲା ମନୋଜ୍ଞ ମନୋରଞ୍ଜନ ।

ମାତା ରାନ୍ଧନ୍ତି ନିରନ୍ତର ଅନନ୍ତ ରୁଚି,
ସର୍ବଦାତାଙ୍କ ହାଣ୍ଡିଶାଳରେ ବିଦ୍ୟମାନ ଶୁଭ୍ରତା ଶୁଚି ।
ମଧ୍ୟାନ୍ନ ବେଳେ ଶ୍ରୀ ଜୀଉଙ୍କୁ ପ୍ରସ୍ତୁତ କରନ୍ତି ଅର୍ଣ୍ଣଭୋଗ,

 Magazine Downloaded from www.aahwaan.com

ପ୍ରସାଦ ଗ୍ରହଣ ଅନନ୍ତର ମହାପ୍ରଭୁଙ୍କ ସାମିପ୍ୟକୁ କରିଲୁ ଉପଭୋଗ ।

ମାଁ'ଙ୍କ ବଢ଼ା ଅନ୍ନରେ ଥାଏ ପ୍ରୀତି ପ୍ରମୋଦିତ,
କହ୍ନେଇଙ୍କୁ ବହୁ ପ୍ରିୟ ଯଶୋଦା ମାତାଙ୍କ ହସ୍ତର ନବନୀତ ।

କେମିତି ଗଢ଼ିଲେ ଦ୍ୱୀପାକାର ପରି ବଡ଼ି,
ମନ୍ଦହାସ ସହ ବାଢ଼ିଲେ ପୁଣି ସନ୍ତତିଙ୍କ ମନ ପସନ୍ଦକୁ ପଢ଼ି ।

ମାତାଶ୍ରୀଙ୍କୁ ମିଳେନି ପାକକାର୍ଯ୍ୟରୁ କୌଣସି ଦିନ ଅବକାଶ,
ମୃଦୁହାସ ରଖି କେବେ ହୁଅନ୍ତିନି ନିରାଶ ।

ଭୂଦେବୀ ବସୁନ୍ଧରା ହଳଧର ଶ୍ରମିକ କରନ୍ତି ଭୋଜ୍ୟ ସାମଗ୍ରୀ ଉତ୍ପାଦନରେ ଯୋଗଦାନ,
ପ୍ରତି ନିବାସର ସ୍ୱାସ୍ଥ୍ୟପ୍ରଦ ଆହାର ମାତୃଦେବୀଙ୍କର ଅବଦାନ ।

ମାଆଙ୍କ ମମତା ମାତୃ ନନ୍ଦନଙ୍କ ସର୍ବଶକ୍ତିର ସ୍ରୋତ,
ତାଙ୍କ କୃପାରୁ ଦର୍ଶନ ହୁଏ ନିତିଦିନ ନବ ସୁପ୍ରଭାତ ।

ନିଃସ୍ୱାର୍ଥ ଅନବରତ କର୍ତ୍ତବ୍ୟ ନିଷ୍ଠାପାଇଁ ଜନନୀଙ୍କୁ ସାଦର ପ୍ରଣାମ,
ମେଧାବୀ ମେଧାବିନୀ ହୋଇ ସନ୍ତାନ ପାଆନ୍ତି ଜୀବନ ପରୀକ୍ଷାରେ ଶୁଭ ପରିଣାମ ।

 Magazine Downloaded from www.aahwaan.com

ଜଣାଣ

କର ମୋତେ ଉଦ୍ଧାର ଏ ମାୟା ଜାଲରୁ
ସହିତ ପାରୁନି ଆଉ ଏ ସଂସାର କଷଣ
ଆର ପାରିକୁ ନିଅ ମୋତେ
କରେ ଗୁହାରି ହାତ ଯୋଡ଼ିଣ ।
ବଡ଼ ବଡ଼ ଚକାଆଖି ଅଟେ ଯେ ତୁମ୍ଭର
କରନାହିଁ କିଛି ତୁମ୍ଭେ ଯେ କରେ ଅନ୍ୟାୟ ଅତ୍ୟାଚାର
ଚାହିଁଥାଅ ସମସ୍ତଙ୍କୁ ବସି ରତ୍ନସିଂହାସନରୁ
ହସୁଥାଅ ମନେ ମନେ ତୁମ୍ଭେ ଯେ ସେଠାରୁ
ତାରିବ ନତୁବା ମାରିବ ଯଦି ମାର ମୋତେ
ମରିଯିବି ହସି ହସି ସହିତ ପାରୁନି ଆଉ ଏ ସଂସାର କଷଣ ।
ହେ କରୁଣାମୟ ଯଦି ଚାହଁ ରଖିବାକୁ
କିଛିଦିନ ମୋତେ ଏ ସଂସାରେ
ପୁନର୍ବାର ଶାନ୍ତି ଭର ସଭିଁଙ୍କ ହୃଦୟରେ ।

ତନୁଶ୍ରୀ ଅନିନ୍ଦିତା ପଟ୍ଟନାୟକ

 Magazine Downloaded from www.aahwaan.com

ମୋବାଇଲ ମାନିଆ

ଭଲାରେ ଭଲା କି କାଳ ହେଲା -

ଯେ ଘଷା ମୋବାଇଲ୍ କାହୁଁ ଆଇଲା ,

ଆଲ୍ଲାଦିନ୍ ଯାଦୁ ଚିରାଗ ଭଳି

ଗୁଗୁଲ୍ ଖୋଲଇ ସକଳ ତାଲା ॥

ଘରେ କି ବାହାରେ ଗାଡ଼ି ଉପରେ

ବିଧାନସଭା କି ରାଜ ରାସ୍ତାରେ ,

ସଭିଙ୍କୁ ଘାରିଛି ମୋବାଇଲ୍ ନିଶା

ପିଲା ଠାରୁ ବୁଢ଼ା ଏକା ଢଙ୍ଗାରେ ॥

ଘରକାମ କିଛି ନହେଲା ନାହିଁ

ପିଲାଛୁଆ କଥା ମନରେ ନାହିଁ ,

ଶାସୁ ଶଶୁରଙ୍କୁ କିଏ ବା ପଚାରେ -

ମୋବାଇଲ୍ ପଛେ ଦିନ ବିତଇ ॥

ଏ କି ମୋବାଇଲ୍ ମାନିଆ ?

ଦେଖି ଲାଗିଲାଣି ବଡ଼ ଛାନିଆଁ ॥

ହରେରାମ ପଣ୍ଡା

ଫେସ୍ ବୁକ୍ , ହ୍ୱାଟ୍ସଆପ୍ , ସିନେମା ଗୀତ ,

କିଛି ହିତ ପୁଣି କିଛି ଅହିତ ,

ବାପ , ପୁଅ , ଝିଅ ଫ୍ରେଣ୍ଡସ ଏଥିରେ

ଶାସୁର ଫଟୋକୁ ବୋହୁ କମେଣ୍ଟ୍ ॥

ଠାବେ ଠାବେ ବସି ଯୁବକ ଦଳ -

ବକ ଧ୍ୟାନେ ଘଷୁଥା'ନ୍ତି କେବଳ ,

ଏମିତିକା ଧ୍ୟାନ ପାଠରେ ରହିଲେ

ଆଇ.ଏ.ଏସ୍ .,ଓ.ଏ.ଏସ୍ . ମିଳନ୍ତା ଫଳ ॥

ବ୍ଲୁହ୍ୱେଲ୍ ଭଳି କେତେ ଦୁର୍ଗତି -

ନାନା ଅଘଟଣ ଘଟୁଛି ନିତି ।

ଅମାପ ଜ୍ଞାନର ଆଧାରଟି ଏହି -

ଜ୍ଞାନ ଆହରଣେ ବଳାଅ ମତି ॥

ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ,

ମଧୁପୁର ନୋଡାଲ୍ ଉଚ୍ଚ ବିଦ୍ୟାଳୟ ।

ଗ୍ରା-କୁଆଁସ , ପୋ-ମେର୍ଦ୍ଦା କାଟିଆ ଛକ ,

ଜି- ଯାଜପୁର ,

ଭ୍ରାମ୍ୟଭାଷ-୯୪୩୮୦୬୫୧୯୫ .

 Magazine Downloaded from www.aahwaan.com

ଗାଈ

ମୂଳ ରଚନା (ବଙ୍ଗଳା) : ସୁବୋଧ୍ ସରକାର

ଗାଈ ଆମର ଭିତ୍ତି, ଗୋବର ଆମ ଭବିଷ୍ୟତ
ମୋ ବାପା ହିନ୍ଦୁ, ମୁଁ ହିନ୍ଦୁ, ମୋର ପୁଅ ହିନ୍ଦୁ
ଆହୁରି ଯୋର କରି କହିବାକୁ ହେବ ନା କ'ଣ ?
କିନ୍ତୁ ଆମର କାକା ମହମ୍ମଦ ଇଉନୁସ୍ ।

ଯେଯେ ବାପାଙ୍କର ଦୁଇଟି ପୁଅ, ଇଚ୍ଛାଥିଲା ଆଉ ଗୋଟିଏରେ
କିନ୍ତୁ ଯେଯେ ମା ମରିଗଲେ ।
ଚାରିବର୍ଷର ମହମ୍ମର ଆସି ଛିଡ଼ାହେଲା ଅଗଣାରେ
ଭାତ ଦିଅ କହିଲା,
ଯେଯେ ବାପା କହିଲେ ଏଇ ହେବ ଆଜିଠାରୁ
ସାବତ ଭାଇ ! ସତ୍ୟେନ୍ଦ୍ରନାଥ ମୋର ବାପା ।

ସନାତନ ମହାକୁଡ଼

କାହାକୁ କହନ୍ତି କମ୍ୟୁନିଜ୍‌ମ ?
ଧରନ୍ତୁ ଆପଣଙ୍କର ଦୁଇଟି ଗାଈ ଅଛନ୍ତି
ସରକାରଙ୍କୁ ଆପଣ ଦୁଇଟି ଦେଇଦେଲେ
ସରକାର ଦୁଧ ଦୁହିଁ ଆପଣଙ୍କୁ ଦେଲା ।

କାହାକୁ କହନ୍ତି ଫ୍ୟାସିଜିମ୍ ?

 Magazine Downloaded from www.aahwaan.com

ଆପଣଙ୍କର ଦୁଇଟି ଗାଈ ଅଛନ୍ତି
ସରକାର ଦୁଇଟି ଯାକ ନେଇନେଲେ
ତା'ର ଦୁଧ ଆପଣଙ୍କୁ ହିଁ ବିକ୍ରୀ କଲେ ।

ନାଜିରଜିମ୍ କାହାକୁ କହନ୍ତି ?
ଆପଣଙ୍କର ଦୁଇଟି ଗାଈ ଅଛନ୍ତି
ସରକାର ଆପଣଙ୍କର ଗାଈ ଦୁଇଟି ନେଇନେଲେ
ତା'ପରେ ଆପଣଙ୍କୁ ଗୁଳିକରି ମାରିଦେଲେ ।

ଧର୍ମାବତାର ଏଥର କୁହନ୍ତୁ, ହିନ୍ଦୁଇଜ୍‌ମ୍ କହନ୍ତି କାହାକୁ ?
ଆପଣଙ୍କର ଦୁଇଟି ଗାଈ
ଏକଟି କାନେ ଆଧାର କାର୍ଡ଼
ଅନ୍ୟଟି ନାକେ ନାକଚଣା ।

ସେମାନଙ୍କ ଗୋବରରୁ ଗ୍ୟାସୋଲିନ୍ ତିଆରି କରି
ରକେଟ୍ ପଠା ହେବ ଗ୍ରହଠାରୁ ଗ୍ରହ, ଗ୍ରହାନ୍ତରେ ।
ଗାଈ ଆମର ଭିତ୍ତି, ଗୋବର ଆମର ଭବିଷ୍ୟତ
କିନ୍ତୁ ମୁଁ ଏକଥା ମାନେ ନା ।

ଗ୍ରାମ/ପୋଅ: ବେରୁଆଁବାରୀ, ୭୫୨୦୮୨, ନୟାଗଡ଼ ଜିଲ୍ଲା, ଓଡ଼ିଶା
ଭ୍ରାମ୍ୟଭାଷ : ୦୯୩୩୯୬୧୦୧୬୮
ଇମେଲ୍ : sanmahakud@gmail.com

 Magazine Downloaded from www.aahwaan.com

ସଂବଲପୁରୀ ବିଭାଗ

 Magazine Downloaded from www.aahwaan.com

ପ୍ରିପାରେସନ

ଧଏନ୍ ଧଏନ୍ ଇ କ୍ରିଏସନ୍

ସବୁନ ଚାଲିଛେ ପ୍ରିପାରେସନ୍

ବଏସ୍ ବଢ଼ଲେ ସବୁ ଟେନ୍‌ସନ୍

ଚାକିରୀ କଲେ ନାଇଁ ପେନ୍‌ସନ୍

ସରକାର୍ କଲେ ନୋଟିଫିକେସନ୍

ଓବିସି ସିଟ୍ ନାଇଁ ମେନ୍‌ସନ୍

ନେତା ସବୁ କଲେ କରପ୍‌ସନ୍

ଲୁକମାନେ ଭି ନାଇଁ ଆଟେନ୍‌ସନ୍

କେତନି କଥା ହେସି ଫର୍ମେସନ୍

ବନେ ଥି ଚଲ୍‌ବା ବୋଲି ନେସନ୍

କାମ ନାଇଁ ଖାଲି ଡେମୋନ୍‌ଷ୍ଟ୍ରେସନ୍

ଧଏନ୍ ଗୋ ଇ ଆଡ୍‌ମିନିଷ୍ଟ୍ରେସନ୍

ଖାଲି ବଢୁଛେ ଗୋ ପପୁଲେସନ୍

ସଭିଏ ସବ୍‌କିର୍ ରେପଲ୍‌ସନ୍

ଆର୍ତ୍ତତ୍ରାଣ ଖୁଡ଼ିଆ

ସବୁଆଡ଼େ ଖାଲି ପିଟିସନ୍

କରାଯାଉ ବୋଲି ଡିଟେକ୍ସନ୍

 Magazine Downloaded from www.aahwaan.com

ଦେଶରେ ଆମର୍ ନାଇଁ ୟୁନିୟନ୍

କେନ୍‌ତା ଚଲ୍‌ବା କଂଷ୍ଟ୍ରକ୍ଟ୍ୟସନ୍

ହେଉ ଥାଉ ଖାଲି ପ୍ରିପାରେସନ୍

ହେଉଥାଉ ଖାଲି ପ୍ରିପାରେସନ୍

ବଙ୍କିଆ, ବୀରମହାରାଜପୁର

ସୁବର୍ଣ୍ଣପୁର, ଓଡ଼ିଶା, ୭୬୭୦୧୮

ଭ୍ରାମ୍ୟଭାଷ : ୯୪୩୯୧୪୦୮୧୪

ଇମେଲ୍ : akhurdia999@gmail.com

 Magazine Downloaded from www.aahwaan.com

ପ୍ରିୟା

ରହିଥିଲୁ ମୋର ସାଥୀ
ଧଡ୍ ଧଡ୍ ହେଇ ଛାତି
ଖେଳିଗଲୁ ପ୍ରେମ୍ ଜୁଆ
ଏ ପ୍ରିୟା ଏ ପ୍ରିୟା ପ୍ରିୟା । [୧]
ସପନେ ଘର ବନେଇ
କାଏଁଜେ ଦେଲୁ ଭଙ୍ଗେଇ
ଉତ୍ତର ଦେଇକରି ଯା
ଏ ପ୍ରିୟା ଏ ପ୍ରିୟା ପ୍ରିୟା । [୨]
ମହୁ ମହରା ମିଶେଇ
ଓଠ ଚଖ୍‌ନା ଚଖେଇ
ହେଇଗଲୁ ଯେ ଦୁରିଆ
ଏ ପ୍ରିୟା ଏ ପ୍ରିୟା ପ୍ରିୟା । [୩]
ଭାବି ସେ ଦିନର କଥା
ଲେଖୁଛେଁ କେତେ କବିତା
ଗାଉଛେଁ ଧରି ତୋର୍ ନାଁ
ଏ ପ୍ରିୟା ଏ ପ୍ରିୟା ପ୍ରିୟା । [୪]

ଜ୍ୟୋତିରାଦିତ୍ୟ ପୂଝାରୀ

କୁଳିଗାଁ, ବଡ଼ମହେଶ୍ୱର, ଖଡ଼ିଆଳ
ନୂଆପଡ଼ା, ଓଡ଼ିଶା
ଭ୍ରାମ୍ୟଭାଷ : ୯୯୩୭୧୫୩୦୦୩

 Magazine Downloaded from www.aahwaan.com

ଜନମ୍ ମାଏଁଟ୍

ଦେଖ୍ ସେ ଦୂରର୍ ଡୁଙ୍ଗୁରୀ କେ
ମତେ ହାତ୍ ଠାରି କରି ଡାକୁଛେ
କହୁଛେ ଆ ଫିରି ଆ
ତୋର୍ ଜନମ୍ ମାଏଟ୍ କେ ଫିରିଆ
ମୋର୍ ଜନମ୍ ମାଏଁଟ୍ ଆଏଜ୍ ଡାକୁଛେ
ମୋର୍ ଗାଁର୍ ମାଏଟ୍ ଆଏଜ୍ ଡାକୁଛେ ।।
ଗାଁର୍ ତରାଥି ବୁହୁଥିବାର୍ ଝରନା
ଆଏଜ୍ ମତେ ଖୁଜୁଛେ
ଆ ଥରେ ଗାଧ୍ ବୁ ବୋଲି କେତେ ସେହୁ ଥି ଡାକୁଛେ
ମୋର ଜନମ୍ ମାଏଟ୍ ଆଏଜ୍ ଡାକୁଛେ
ମୋର୍ ଗାଁର୍ ମାଏଟ୍ ଆଏଜ୍ ଡାକୁଛେ ।।
ଦେଖ୍ ସେ ଆମ୍ ବୁରେଇ କେ
କେତେ ଛିନା ଛିନା ଲାଗୁଛେ
ଆଉ କହୁଛେ -ଫିରି ଆରେ ପୁତା ଫିରି ଆ
ତୋର ଜନମ୍ ମାଏଟ୍ କେ ଫିରିଆ
ମୋର୍ ଜନମ୍ ମାଏଟ୍ ଆଏଜ୍ ଡାକୁଛେ
ମୋର୍ ଗାଁର୍ ମାଏଟ୍ ଆଏଜ୍ ଡାକୁଛେ ।।

ଶିବାନନ୍ଦ ବନଛୋର

ଶକ୍ତି, ଝାରବନ୍ଧ ଜି-ବରଗଡ
ମୋ: ୯୦୭୮୬୪୧୬୧୧

 Magazine Downloaded from www.aahwaan.com

ମହାନଏଦ୍

ମହାନଏଦ୍

ଖଲ ଖଲ ବୁହି ଜାଉଛେ

ମହାନଦୀର ପାଏନ୍,

ମହାନଏଦ୍ କେ ପାଇଆମେ

ହଇଛୁ କେଡେ ଧଏନ୍ ।

ହିରାକୁଦେ ବଂଧା ବାଂଧି

ଛୁଁଚି ରଖିଛୁ ପାଏନ୍,

ହିରାକୁଦକେ ପୁରଥି ଜାନିଛେ

ପାଇଛୁ ନୁଆଁ ମାଏନ୍ ।

କେଡେ ସୁନ୍ଦର ପାଏନ୍ ତାର

ଘିନି ନେସି ମନ,

କଲା ଝିମଝିମ କରା ପାଏନ୍

ଦିସେ ପୁନି ଜନ୍ ।

ଗୁଜା ଗୁଜା ପାହାଡ ପର୍ବତ

ପାଏନ୍ ଅଛେ ଘେରି,

ଡଂଗା ଉପରେ କେଉଁଟ୍ ଲୋକ

ପ୍ରସନ୍ନ ପ୍ରଯ୍ୟାସ ଭୁଏ

 Magazine Downloaded from www.aahwaan.com

ମାରୁଥିସନ ଝୁରି ।

ପାଏନକୁଆଲି ବଁକ ବତକ

କୁହୁଁଚି ଉଡିବୁଲେ,

ପହଁରି ପହଁରି ଗାଧୁଥିସୁ

ମହାନଦିର କୁଳେ ।

ହିରାକୁଦୁ ବିଜଲି ବାହାରି

ଘର କଲା ଉକିଆ,

ଘର ର ଖୁସି ବାହାରକେ ଗଲା

ନାଚଲେ ସବୁ ରସିଆ ।

ଦୁଇଟା କେନାଲ ବାହାରିଛେ

ସାସନ ବରଗଡେ,

ଖେତ ପଡିଥିଲା ପଡିଆ ହଇ

ଚାସ ହେଲା ଟାଂଗରେ ।

ପାଏନ୍ ଦେଖି କଲ କାରଖାନା

ବସଲା ଚାରିଆଡେ,

ପାନିର ଅଭାବେ ପଡିଆ ହେଲା ଜମି

ବାଡି ପଡଲା ମୁଡେ ।

ଜୀବନ ଲାଗି ଆସରା ଆଏ

ନିରମଲ ପାଏନ୍ ବୁନ୍ଦେ,

 Magazine Downloaded from www.aahwaan.com

ଚାସିର ଦିହେଁ ତାକତ ଦେସି

ବାସି ପଖାଲ ମୁଠେ ।

ମାଁ ଆଏ ଆମର ମହାନଏଦ୍

ନଉଛନ୍ ଘିଚି ଉଲଚି,

ମାଁର ଲାଗି କେଭେ ଲଢମା

ପୁଓ ହଇକରି ଛି ।

କଲ କାରଖାନା ଘିନିନେଲେ

ପାଏନ୍ କଲେ କଲେ,

ଆଁ ଫାରି ଦେଖୁ ଥ ତମେ

ଲୁହା ଖାଏବ ବେଲେ ।

ଉପର ଆଡେ ବଂଧା ବାଂଧଲେ ନ

ପାଏନ୍ ଆଏବା ନିଥିର୍ଲା,

ଖାଇ ପି ପଚି ନି ପାରଲେ

ପଠାବେ ଇଦି ଉକୁର୍ଲା ।

ମହାନଦିର ଲାଗି ମନ କାନ୍ଦୁଛେ

ଆଁଖଲ ବୁହୁଛେ ଅହରହ,

ତୋର ପାଦ ଧୁ ଥାଉ ମହାନଏଦ୍

ମାଁ ସମଲେଇ ସାହା ହ ।

ପ୍ରଧାନପାଲି, ସମ୍ବଲପୁର

 Magazine Downloaded from www.aahwaan.com

ସମିହାର୍ ଗତି

ଭୁଲିହେବା କେଣ୍ଡେଇ

ହଜିଯେସି ସିନେ ସମିହାର୍ ଧାରେ

ଅମେଟା ହେଇ ରହିଯାଏସି

ସବୁଦିନେ ହୁରୁଦ୍ ଭିତିରେ ।

ଯେଭେ ଲେହେଁଟି ଦେଖେଲେ

ହାଦେ, ହେଟାତ ଅତୀତ୍ ଆଏ

ଯେତେ ଭିଲ୍ ହନ୍ଦାଲି ହେଲେ

ନି ମିଲେନ ଆର୍ ଘାଏ ।

ମନତ ଅବୁଝା ବାଉରା

ହେଲେ ସମିହା ଲେହେଁଟି ନି ଫିରେ

କବି ପ୍ରସାଦ

ଯେନ୍ ଭାବେ ଚାଲିଛେ ଯେ ଚାଲିଛେ

ଛନ୍ଦୁଛେ ସୁଖର୍ ଦୁଃଖର୍ ଡୁରେ ।

କେଭେ ହାଡ୍ ଫଟା ଜାଡ୍

ତ କେଭେ ଜେଠର୍ ଖରା

ହରହମିସା ନି ବୁହେ ମହୁଲିଆ ଧୁକା

କେଭେ ତତଲା ଝଉ

 Magazine Downloaded from www.aahwaan.com

କରିଦେସି ଉଠାପହରା ।

ସମିହାର୍ ବତରେ ସମିହା ଯଉଛେ

ନିଜେ ସମିହାର୍ ବତର୍ ହେଲେ ଯାଏକ୍

ସମିହା ନି ଜାନେ ସୁଖ୍ ଦୁଃଖ୍ ହାନି ଲାଭ୍

ନି ଅଟକେ କାହାକେ ଘଡେକ୍

ନି ଅଟକେ କାହାକେ ଘଡେକ୍ ।

ସର୍ଗିଗୁଡା , ମଣ୍ଡଳ , ବେଲପଡା , ବଲାଙ୍ଗୀର , ଓଡିଶା

ପିନ୍- ୭୭୭୦୨୭

ମୋବାଇଲ୍- ୭୭୦୭୦୫୧୩୯୫

 Magazine Downloaded from www.aahwaan.com

ପ୍ରବନ୍ଧ ବିଭାଗ

 Magazine Downloaded from www.aahwaan.com

ଦଶହରା

ଦଶହରା ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଓଡ଼ିଶା ଭିନ୍ନ ବିଭିନ୍ନ ଭାରତୀୟ ରାଜ୍ୟରେ ଏହା ଦଶେରା, ନବରାତ୍ରି, ଦୁର୍ଗା ପୂଜା ନାମରେ ସମାନ ସମୟରେ ପାଳିତ । ଏହା ଆୟୁଧ ପୂଜା ବା ଅସ୍ତ୍ରପୂଜା ନାମରେ ଓଡ଼ିଶାରେ ଆଗରୁ ପାଳିତ ହେଉଥିଲା ଯାହା ପରେ ବଙ୍ଗରୁ ଆରମ୍ଭ ମାଟି ମୂର୍ତ୍ତି ନିର୍ମାଣ କରି ଦୁର୍ଗା ପୂଜା ଅଥବା ଉତ୍ତର ଭାରତରେ ପାଳିତ "ନବରାତ୍ରି" ସହିତ ପାଳିତ ହୋଇଆସୁଛି । ଦଶହରା ଅବସରରେ ଖଣ୍ଡା, ଢାଲ, ଲଙ୍ଗଳ ଲୁହା, କରଣୀ ଆଦି ବିଭିନ୍ନ ପାରମ୍ପାରିକ ଯନ୍ତ୍ର ଓ ଉପକରଣ ଆଦି ଏହି ଦିନ ପୂଜା କରାଯାଇଥାଏ । ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ କୃଷିଭିତ୍ତିକ ଉପକରଣ ହଳ-ଲଙ୍ଗଳ, ଐତିହାସିକ ଯୁଦ୍ଧରେ ଅରି ପରାହତ ନିମନ୍ତେ ବ୍ୟବହାର ହୋଇଥିବାରୁ ଖଣ୍ଡା, ଢାଲ ଆଦି ଉପକରଣ ତଥା ନଥିକରଣରେ ମୁଖ୍ୟ ଭୂମିକା ନିଭାଇଥିବାରୁ କରଣୀ ଆଦି ଉପକରଣକୁ ଏହି ଦିନ ପୂଜା କରାଯାଇଥାଏ । ଏହା ଓଡ଼ିଶାର ବିଭିନ୍ନ ଜାତିର ଲୋକଙ୍କ କୌଳିକ ପେଷାର ଉପକରଣମାନଙ୍କ ପ୍ରତି ଅଙ୍ଗୀକାରବଦ୍ଧତାକୁ ଦର୍ଶାଇବା ନିମନ୍ତେ ପାଳିତ ହୋଇଥାଏ ।

ସନ୍ତୋଷ ପଟ୍ଟନାୟକ

ଏହା ଅସତ୍ୟ ଓ ଅନ୍ୟାୟ ଉପରେ ସତ୍ୟ ଓ ନ୍ୟାୟର ବିଜୟର

ନିଦର୍ଶନ । ଦେବୀ ଭାଗବତ ଓ ସପ୍ତଶତୀ ଚଣ୍ଡୀରେ ବର୍ଣ୍ଣିତ ଅଛି ମେଧାଋଷିଙ୍କର ମାର୍ଗ ଦର୍ଶନରେ ମାତା ଦୁର୍ଗାଙ୍କୁ ସନ୍ତୁଷ୍ଟ କରି ତାଙ୍କ ଆଶୀର୍ବାଦରୁ ରାଜ୍ୟହୀନ ରାଜା ସୁରଥ ପୁନଃ ନିଜ ରାଜ୍ୟ ଫେରି ପାଇଥିଲେ ଓ ସମାଧି ବୈଶ୍ୟ ମଧ୍ୟ ନିଜର ଅଭିଳଷିତ ବର ଲାଭ କରି ପାରିଥିଲେ । ସମସ୍ତ ଦେବତା ଯେବେ ମହିଷାସୁରର ଅତ୍ୟାଚାରରେ ସନ୍ତ୍ରସ୍ତ ହୋଇ ବ୍ରହ୍ମାଙ୍କ ଶରଣାପନ୍ନହେଲେ ସେତେବେଳେ ବ୍ରହ୍ମା, ଶ୍ରୀବିଷ୍ଣୁ ଓ ଶିବଙ୍କ ପରାମର୍ଶରେ ସମସ୍ତ ଦେବତାଙ୍କ ତେଜ ସମ୍ମିଳିତ କରି କାତ୍ୟାୟନ ଋଷିଙ୍କ ଆଶ୍ରମରେ ଯଜ୍ଞକୁଣ୍ଡରୁ ମାୟା ବୀଜଦ୍ୱାରା ଦୁର୍ଗାଙ୍କୁ ଆବାହନ କଲେ, ଏବଂ ଦେବୀ ଦୁର୍ଗା ପ୍ରକଟିତା ହେଲେ । ସମସ୍ତ ଦେବତା ନିଜ ନିଜ ଆୟୁଧ ଦୁର୍ଗାଙ୍କୁ ଦାନ କଲେ,ଶେଷରେ ଦେବୀ ସିଂହ ବାହିନୀ ହୋଇ ମହିଷାସୁର ସହ ଯୁଦ୍ଧ କରିଥିଲେ । ଅନେକ ସମୟ ଯୁଦ୍ଧ କଲାପରେ ଦେବୀ ଶୂଳଦ୍ୱାରା ମହିଷାର ହୃଦୟ ବିଦ୍ଧ କଲେ, ଖଡ଼୍ଗ ଦ୍ୱାରା ଶିରଚ୍ଛେଦ କଲେ । ସେହି ସମୟ ଥିଲା ଚୈତ୍ର ଶୁକ୍ଳ ପକ୍ଷ ଅଷ୍ଟମୀ ଓ ନବମୀର ସନ୍ଧିକ୍ଷଣ, ତେଣୁ ଏହିସମୟରେ ଦେବୀଙ୍କୁ ମହାଶକ୍ତି ରୂପେ ପୂଜା କରାଯାଏ । ତ୍ରେତୟା ଯୁଗରେ ରାବଣକୁ ପରାସ୍ତ କରିବା ନିମନ୍ତେ ରାମଚନ୍ଦ୍ର ଚୈତ୍ର ବଦଳରେ ଆଶ୍ୱିନରେ ଏହି ପୂଜା କରିଥିଲେ, ସେବେଠାରୁ ଏହା ଉଭୟ ଚୈତ୍ର ବାସନ୍ତୀ ନବରାତ୍ର ଓ ଆଶ୍ୱିନ ଶାରଦ ନବରାତ୍ର ଭାବେ ବିଦିତ ଓ ଉଭୟ ସମୟରେ ଦେବୀଙ୍କ ମହାପୂଜା ପ୍ରଚଳିତ । ନବମୀର ପରବର୍ତ୍ତୀ ଦିନ ବିଜୟଉତ୍ସବ ବା ବିଜୟାଦଶମୀ ପାଳିତ ହୁଏ, ଏହା ଦେବତାମାନଙ୍କ ଦ୍ୱାରା ମା ଦୁର୍ଗାଙ୍କ ଯୁଦ୍ଧ ପରବର୍ତ୍ତୀ ବିଜୟାଭିଷେକର ପରମ୍ପରାକୁ ସୂଚାଏ ।

ଭାରତରେ ପ୍ରତିବର୍ଷ ଦୁଇଥର ଦେବୀ ଦୁର୍ଗାଙ୍କର ପୂଜା ଅନୁଷ୍ଠିତ ହୁଏ । ଶରତ ଋତୁରେ ଆଶ୍ୱିନ ମାସ ଶୁକ୍ଳ ପକ୍ଷର ପୂଜାକୁ 'ଦେବୀ ପୂଜା' ଏବଂ ବସନ୍ତ ଋତୁରେ ଚୈତ୍ରମାସ ଶୁକ୍ଳ ପକ୍ଷର ପୂଜାକୁ 'ବାସନ୍ତୀ ପୂଜା' କୁହାଯାଏ । ଯେଉଁ ମା'ର ଶସ୍ୟ ଆହାର କରି ମାନବ

ଜୀବିକା ନିର୍ବାହ କରେ, ସେହି ଧରିତ୍ରୀ ରାଣୀର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲ ହୋଇ ଜନ-ମାନସ ବାସନ୍ତୀ ଦୁର୍ଗାଙ୍କ ପୂଜାର ଆୟୋଜନ କରେ, ମାତ୍ର ଏକ ସାର୍ବଜନୀନ ପୂଜା ରୂପେ ଶାରଦୀୟ ଦେବୀପୂଜା ହିଁ ଅଧିକ ଲୋକପ୍ରିୟତା ଅର୍ଜନ କରିଅଛି । ଏହି ଶାରଦୀୟ ପର୍ବ ଭାରତର ପୁରପଲ୍ଲୀରେ ଦଶହରା ପର୍ବରୂପେ ପାଳନ କରାଯାଏ । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା । ଦୁର୍ଗାପୂଜା ପରି ଦଶହରା ପର୍ବ ମଧ୍ୟ ବର୍ଷକରେ ଦୁଇଥର ପାଳନ କରାଯାଏ । ଜ୍ୟେଷ୍ଠମାସ ଶୁକ୍ଳଦଶମୀ ହେଉଛି ଗଙ୍ଗାମାତାଙ୍କର ଜନ୍ମଦିବସ । ଏହିଦିନ ଗଙ୍ଗାପୂଜା କରି ଗଙ୍ଗାନଦୀରେ ସ୍ନାନ କଲେ ତ୍ରିବିଧ ପାପ ଖଣ୍ଡନ ହୁଏ ବୋଲି ଏହି ତିଥିକୁ 'ଦଶହରା' ବା 'ଦଶବିଧ' ପାପହରଣ ଦିବସ କୁହାଯାଏ । ଏହି ତିଥିଟି ଲୋକମୁଖରେ 'ଗଙ୍ଗା ଦଶହରା' ନାମରେ ପରିଚିତ । ଅନ୍ୟ ଦଶହରା ପର୍ବଟି ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ପାଳିତ ହୁଏ । ଏହି ଦୁର୍ଗାପୂଜାର ଶେଷ ଦିବସ । ଏହି ଦଶହରା ପର୍ବ ଭାରତରେ ସର୍ବଜନବିଦିତ ପର୍ବ । ତେଣୁ 'ଦଶହରା' କହିଲେ ସମସ୍ତେ ଆଶ୍ୱିନ ଶୁକ୍ଳ ଦଶମୀକୁ ହିଁ ବୁଝନ୍ତି । ଏହି ଦଶହରା ଦିବସରେ ରାମଚନ୍ଦ୍ର ମାତୃଶକ୍ତି ବନଦୁର୍ଗାଙ୍କୁ ସ୍ତୁତି କରି ରାବଣର ନିଧନ ଉଦ୍ଦେଶ୍ୟରେ ଲଙ୍କା ଅଭିମୁଖେ ବିଜୟଯାତ୍ରା କରିଥିବାରୁ ଏହି ତିଥିକୁ 'ବିଜୟା ଦଶମୀ' କୁହାଯାଏ । ପୁଣି ଏହି ଦିବସର ଅବ୍ୟବହିତ ପୂର୍ବରୁ ସିଂହବାହିନୀ ଆଦ୍ୟା ଶକ୍ତି ଦୁର୍ଗା ଦୁର୍ଦ୍ଦମନୀୟ ମହିଷାସୁରକୁ ବଧ କରି ଦେବତାମାନଙ୍କର ମଙ୍ଗଳ ବିଧାନ କରିଥିଲେ । ଦେବୀଙ୍କ ସହ ଦାନବମାନଙ୍କର ଯୁଦ୍ଧ କନ୍ୟାମାସ ବା ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ଧରି ଚାଲିଥିଲା । ଶୁକ୍ଳ ଅଷ୍ଟମୀ ଓ ନବମୀ ତିଥିରେ ମହାମାରୁ ହୋଇଥିଲା । ମହିଷାସୁର ସମେତ ସମସ୍ତ ଅସୁର ବଂଶ ନିପାତ ହେଲେ । ମହାମାରୁ ନବମୀ ରାତିର ଅନ୍ଧକାର ସହ ତ୍ରୈଲୋକ୍ୟରୁ ଅମଙ୍ଗଳର ଛାୟା ଅପସରି ଗଲା,

ଶୁକ୍ଳ ଦଶମୀରେ ସବୁପ୍ରକାର ଶୁଭକାର୍ଯ୍ୟର ଆରମ୍ଭ ହେଲା । ଏହିଦିନ ଜଗତର ଦୁଃଖ ହରଣ ହୋଇଥିବାରୁ ଏହା 'ଦୁଃଖହା ଦଶମୀ' ନାମରେ ଖ୍ୟାତି ଲାଭ କରିଅଛି ବୋଲି ଆଦିକବି ଶୂଦ୍ରମୁନି ସାରଳା ଦାସ 'ଚଣ୍ଡୀପୁରାଣ'ରେ ଲେଖିଛନ୍ତି । 'ଦୁଃଖହା ଦଶମୀ' ଦିନ ମହାଦଶାରୁ ଉଦ୍ଧାର ପାଇ ଦେବତାମାନେ ମହାଶକ୍ତି ବ୍ରହ୍ମମୟୀ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କରିଥିବାରୁ ଏହି ତିଥିରେ ଦୁର୍ଗାଙ୍କର ଆରାଧନା କରାଯାଏ ।

ଦେବୀ ମାହାତ୍ମ୍ୟ' ମତେ: 'ଚଣ୍ଡୀ' ଶୁଣି ରାଜ୍ୟଭ୍ରଷ୍ଟ ରାଜା ସୁରଥଙ୍କର ମୋହ ତୁଟିଯିବା ପରେ ସେ ଦୁର୍ଗାପୂଜାର ପରମ୍ପରା ସୃଷ୍ଟି କରିଥିଲେ । ଦେବୀପୀଠଗୁଡ଼ିକରେ ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ନବମୀ ପର୍ଯ୍ୟନ୍ତ ଷୋଳଦିନ ବ୍ୟାପୀ ପୂଜା ଅନୁଷ୍ଠିତ ହୁଏ । ଏହାକୁ ଷୋଳପୂଜା କୁହାଯାଏ । ଶୁକ୍ଳପକ୍ଷ ସପ୍ତମୀ ଦିନ ମୃଣ୍ମୟୀ ପ୍ରତିମା ଓ ଘଟ ସ୍ଥାପିତ ହୁଏ । ଅଷ୍ଟମୀଦିନ ମହାଷ୍ଟମୀ ପୂଜା ଓ ବଳିଦାନ କରାଯାଏ । 'ବଳି' ଶବ୍ଦର ଅର୍ଥ ହେଉଛି ଉପହାର । ଜଗତଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡେ । ତେଣୁ ଦେବୀପୂଜାରେ ବଳିଦାନର ବ୍ୟବସ୍ଥା ରହିଅଛି । ନବମୀ ଦିନ ରକ୍ତମୁଖା ଦେବୀଙ୍କୁ ଶାନ୍ତ କରିବା ପାଇଁ ଶାନ୍ତି ବୋଦା ପଡେ । ଦଶମୀ ଦିନ ମହା ସମାରୋହରେ ମୃଣ୍ମୟୀ ଦେବୀ ପ୍ରତିମା ଓ ଘଟ ବିସର୍ଜନ କରାଯାଏ । ପୁରୀଠାରେ ଦଶହରା ପରଦିନ ଦୁର୍ଗାଙ୍କର କ୍ରୋଧାନ୍ୱିତା ଶକ୍ତି 'ଗୋସାଣୀ ଯାତ' ଏବଂ ଏହି ତିଥିକୁ ଗୋସାଣୀ ଏକାଦଶୀ କୁହାଯାଏ । ଶାରଦୀୟ ଦୁର୍ଗାପୂଜାରେ ମହାସ୍ନାନ ବଳି ଏବଂ ହୋମର ବ୍ୟବସ୍ଥା ଥିବାରୁ ଏହାକୁ 'ମହାପୂଜା' ମଧ୍ୟ କୁହାଯାଏ । ବିବିଧ କାରଣରୁ ଦଶହରା ପର୍ବ ପାଳନ କରାଯାଉଥିବାରୁ ଏହା ଏକ ମହାନ ପାର୍ବଣରେ ପରିଣତ ହୋଇଅଛି । ଏହି ପର୍ବର ମହତ୍ତ୍ୱ ବିଷୟରେ ଦେବୀ ପୁରାଣରେ କୁହାଯାଇଛି ଯେ ଏହା ଏକ ମହାନ, ପବିତ୍ର ବ୍ରତ ଏବଂ ଏହି ବ୍ରତ ପାଳନ କଲେ ସିଦ୍ଧି ଲାଭ

 Magazine Downloaded from www.aahwaan.com

ହୁଏ ଓ ଶତ୍ରୁମାନେ ପରାଜିତ ହୁଅନ୍ତି । କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭର ପୂର୍ବରୁ ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ବନଦୁର୍ଗାଙ୍କର ଆରାଧନା କରିବା ପାଇଁ ଉପଦେଶ ଦେଇଥିଲେ । ଇତିହାସ ପ୍ରସିଦ୍ଧ ଛତ୍ରପତି ଶିବାଜୀ ମଧ୍ୟ ମୋଗଲମାନଙ୍କ ସହ ଯୁଦ୍ଧ କରିବା ସମୟରେ ଦୁର୍ଗାଙ୍କର ଉପାସନା କରିଥିଲେ । ଦଶହରା ପର୍ବରେ ଦେବୀଙ୍କ ଶକ୍ତିର ପ୍ରତିଷ୍ଠା ପାଇଁ ଖଡ୍ ଗ ପୂଜା କରାଯାଏ । ଦଶହରା ଦିନ ଗୁରୁବାର ପଡ଼ିଲେ ଗୃହିଣୀମାନେ ପରିବାରର ମଙ୍ଗଳ ଲାଗି ସୁଦଶାବ୍ରତ ପାଳନ କରି ଗୃହଲକ୍ଷ୍ମୀଙ୍କ ପୂଜା କରନ୍ତି । ଭାଦ୍ରବ ମାସ ଶୁକ୍ଳ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ସୋମନାଥ ବ୍ରତର ଉଦ୍ ଯାପନ ପର୍ବ ମଧ୍ୟ ଦଶହରା ତିଥିରେ ପାଳିତ ହୁଏ । ପରମ- ଈଶ୍ୱରୀ ଦେବୀ ଦୁର୍ଗା ବିଶ୍ୱର ସକଳ ବସ୍ତୁରେ ପରିବ୍ୟାପ୍ତ । ସେ ମହାବିଦ୍ୟା, ମହାମାୟା ମହାଯୋଗେଶ୍ୱରୀ । ତାଙ୍କର 'କ୍ଷର' ବା ଶେଷ ନଥିବାରୁ ସେ 'ଅକ୍ଷରା' ।

ଦେବୀ ଭାଗବତର ମତେ, ରାବଣର ନିଧନ ପାଇଁ ବ୍ରହ୍ମାଙ୍କ ପରାମର୍ଶ ମତେ ଶ୍ରୀରାମ ବସନ୍ତ କାଳରେ ଦେବୀପୂଜା କରିବାକୁ ଚାହିଁଲେ । କାରଣ, ଶରତକାଳ ଅକାଳ, ଆଷାଢ଼ ଶୁକ୍ଳ ଏକାଦଶୀ (ହରିଶୟନ ଏକାଦଶୀ) ଠାରୁ ହେମନ୍ତ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ଦେବତାମାନେ ନିଦ୍ରା ଯାଆନ୍ତି । ବ୍ରହ୍ମାଙ୍କ ନିର୍ଦ୍ଦେଶ ମତେ ଶ୍ରୀରାମଚନ୍ଦ୍ର କନ୍ୟାରାଶିର ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଦେବୀଙ୍କ ଅକାଳ ବୋଧନ ନିମନ୍ତେ ପୂଜାର ଆୟୋଜନ କରିଥିଲେ । ଶ୍ରୀରାମ ଧ୍ୟାନ ବଳରେ, ଦେବୀ କୁମାରୀ ରୂପରେ ବିଲ୍ୱବୃକ୍ଷ ଶାଖାରେ ଶାୟିତ ଥିବା ଜାଣିପାରି, ସକାଳେ କଲ୍ପାରମ୍ଭ ଓ ସନ୍ଧ୍ୟାବେଳେ ବିଲ୍ୱବୃକ୍ଷମୂଳେ ଆରମ୍ଭ କଲେ ଦେବୀଙ୍କ୍ ବୋଧନ । ଏହାପରେ ସପ୍ତମୀ ତିଥିରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ । ସେତେବେଳେ ମଧ୍ୟ ଦେବୀ ସୁପ୍ତ ଅବସ୍ଥାରେ ଥିବାରୁ ଅଷ୍ଟମୀ ତିଥିରେ ଯୋଗିନୀଗଣଙ୍କୁ ଆହ୍ୱାନ କରି ଦେବୀଙ୍କୁ ପୁଣି ପୂଜା କଲେ । ଆଗତ ଯୋଗିନୀଗଣଙ୍କ କୋଳାହଳରେ

ଦେବୀ କେବଳ କଡ଼ ଲେଉଟାଇ ପୁଣି ଶୋଇଲେ । ଏହା ପରେ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭ ବା ସନ୍ଧିକ୍ଷଣ ସମୟରେ ଶ୍ରୀରାମଚନ୍ଦ୍ର କଲେ ସନ୍ଧିପୂଜା । ଅଷ୍ଟମୀର ଚବିଶ ମିନଟ ଓ ନବମୀର ଚବିଶ ମିନଟ, ଏହିପରି ମୋଟ ଅଠଚାଳିଶ ମିନଟ ଧରି ଦେବୀ ଚାମୁଣ୍ଡାଙ୍କର ଏହି ବିଶେଷ ସନ୍ଧିପୂଜା କରିଥିଲେ । ଶ୍ରୀରାମ ଚାମୁଣ୍ଡାଙ୍କୁ ଆବାହନ କରି ଦେବୀ ଦୁର୍ଗାଙ୍କୁ ଉଠାଇବା ପାଇଁ ନିବେଦନ କଲେ । ଚାମୁଣ୍ଡାଙ୍କ ସହଯୋଗ ଫଳରେ ନବମୀ ତିଥିରେ ଦେବୀ ଦୁର୍ଗା ଜାଗ୍ରତ ହେଲେ । ଏତିକିବେଳେ ସେ ଦେବୀଙ୍କୁ କୁମାରୀ ରୂପରେ ଦର୍ଶନ କରି ଯୋଗିନୀମାନଙ୍କ ସହିତ ବିଶେଷ ପୂଜା କରି ଏକାସାଙ୍ଗେ ଶହେଆଠ ନୀଳପଦ୍ମ ଅର୍ପଣ କରିଥିଲେ । ସେହି ଦିନଠାରୁ କୁମାରୀ ରୂପୀ ଦେବୀଙ୍କର ପୂଜାର ଆରମ୍ଭ ।

ଘଟପୂଜା ପରମ୍ପରା :

ଶରତକାଳୀନ ଦୁର୍ଗା ହେଉ ଅଥବା ବାସନ୍ତି ଦୁର୍ଗାପୂଜା, ଏଥିରେ ମୂର୍ତ୍ତି ସ୍ଥାପନ କରାଯାଇ ଜୀବନ୍ୟାସ କର୍ମ ସହ ପୂଜା ନିୟମ ପ୍ରଣୟନ ହେଉଥିଲେ ମଧ୍ୟ ଘଟସ୍ଥାପନ ଜନିତ ପୂଜା ଆବହମାନ କାଳରୁ ପ୍ରଚଳିତ । ବିଭିନ୍ନ ଭାବରେ ମୂର୍ତ୍ତିପୂଜାର ଆଦର ବଢିଥିଲେ ମଧ୍ୟ ମୂଳ ତତ୍ତ୍ୱକୁ ବାଦ ଦେବା ସମ୍ଭବ ହୋଇନାହିଁ । ବାସନ୍ତୀ ଦୁର୍ଗାପୂଜା ବିଶେଷ ଭାବେ ପାଳିତ ହୋଇ ନ ଥାଏ । ଅନ୍ୟପକ୍ଷରେ ଶରତକାଳୀନ ଦୁର୍ଗାପୂଜା ଏବେ ସାର୍ବଜନୀନ ପୂଜାର ସ୍ୱୀକୃତି ପାଇଛି, କିନ୍ତୁ ଉଭୟ ପୂଜା ଏବଂ ତା'ର ବିଧାନ ପ୍ରାୟତଃ ସମାନ ।

ଏହି ଘଟରେ ଆମେ କେଉଁ କେଉଁ ଦେବତାଙ୍କୁ ଆବାହନ କରିଥାଉ । ଅବଶ୍ୟ ଜଳରେ ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ ଏବଂ କାବେରୀର ପବିତ୍ର ଭାବଧାରାକୁ ସମ୍ମିଶ୍ରଣ କରାଯାଏ । ଗୋଟିଏ ଘଟ ମଧ୍ୟରେ ଅର୍ଥାତ ବିନ୍ଦୁ ମଧ୍ୟରେ ସିନ୍ଧୁର ପରିକଳ୍ପନା ହୋଇଥାଏ । ସେହିପରି ବିଘ୍ନ ବିନାଶକ ଗଣନାୟକ, ଜଳର ଦେବତା ବରୁଣ,

ଇନ୍ଦ୍ର ଏବଂ ଦଶଦିଗପାଳ, ସୂର୍ଯ୍ୟଙ୍କ ସହ ନବଗ୍ରହ ଏବଂ ଗ୍ରାମଦେବତୀଙ୍କୁ ଆବାହନ କରି ଘଟରେ ସ୍ଥାପନା କରାଯାଇ ପୂଜା କରାଯାଏ । ଅନ୍ୟ ପକ୍ଷରେ ଘଟ ମୁଖରେ ଶିବ, କଣ୍ଠରେ ବିଷ୍ଣୁ, ତଳ ଭାଗରେ ବ୍ରହ୍ମା, ମଧ୍ୟଭାଗରେ ଅଷ୍ଟାଦଶ ମାତୃଗଣ, କୁକ୍ଷୀରେ ସପ୍ତସାଗର, ସପ୍ତଦ୍ୱୀପ ପୃଥିବୀ ଏବଂ ଉଦରରେ ସମସ୍ତ ତୀର୍ଥକୁ ସ୍ମରଣ କରି ପୂଜା କରାଯାଏ ।

ନବମୀରେ କୁମାରୀ ପୂଜା :

ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରିବା ପାଇଁ ଶରତ କାଳରେ ଶ୍ରୀ ଶ୍ରୀ ଦୁର୍ଗାପୂଜା କରିଥିଲେ । ଏହାକୁ 'ଅକାଳବୋଧନ' କୁହାଯାଏ । କାରଣ ଶରତକାଳ ସୂର୍ଯ୍ୟ ଦକ୍ଷିଣାୟନ କରନ୍ତି । ଶ୍ରାବଣ ମାସରୁ ପୌଷମାସ ସୂର୍ଯ୍ୟଙ୍କ ଦକ୍ଷିଣାୟନ; ମାଘରୁ ଆଷାଢ଼ ସୂର୍ଯ୍ୟଙ୍କର ଉତ୍ତରାୟନ । ଦକ୍ଷିଣାୟନ ଦେବତାଙ୍କର ରାତ୍ରି । ତେଣୁ ଉତ୍ତରାୟନ ଦେବତାଙ୍କ ଆରାଧନାର ପ୍ରକୃଷ୍ଟ ସମୟ । ରାବଣ, ବ୍ରହ୍ମାଙ୍କ ବରରେ ଅପାରଶକ୍ତିର ଆଧିକାରୀ ହୋଇଥିବାରୁ ତାଙ୍କୁ ବଧ କରିବା ନିମନ୍ତେ ଦେବୀଙ୍କ କୃପା ଆବଶ୍ୟକ । ତେଣୁ ବ୍ରହ୍ମା ଶ୍ରୀରାମଚନ୍ଦ୍ରଙ୍କୁ ଶରତ କାଳରେ ଦେବୀଙ୍କ କଲ୍ପାରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ । ଶ୍ରୀରାମଚନ୍ଦ୍ର ଦ୍ୱନ୍ଦ୍ୱରେ ପଡ଼ିଲେ । ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ନିର୍ଦ୍ଦେଶ ଓ ଦେବଦେବୀଙ୍କର ଦକ୍ଷିଣାୟନ । ଦେବୀ ଜାଗ୍ରତ ନା ନିଦ୍ରିତ ? ଦେବୀ ଏବେ ଆବିର୍ଭୂତ ହେବେ ତ ? ତେଣୁ ସେ ଧ୍ୟାନମଗ୍ନ ହୋଇ ଜାଣିପାରିଲେ ଦେବୀ ତ୍ରିଶାଖା ବିଲ୍ୱଦଳରେ 'କୁମାରୀ' କନ୍ୟା ରୂପେ ଶାୟିତ । ଏହି ଦୃଶ୍ୟ ଅବଲୋକନ କରି ବିଭୋର ହେଲେ ଶ୍ରୀରାମଚନ୍ଦ୍ର । ଦେବୀଙ୍କୁ ଜାଗ୍ରତ କରାଇବେ ।ବ୍ରହ୍ମାଙ୍କ ନିର୍ଦ୍ଦେଶରେ ଷଷ୍ଠୀଦିନ 'ବିଲ୍ୱାଧିବାସ' କଲେ ଶ୍ରୀରାମଚନ୍ଦ୍ର । ଷଷ୍ଠୀପରେ ସପ୍ତମୀରେ ଦେବୀଙ୍କୁ ଷୋଡ଼ଶ ଉପଚାରରେ ପୂଜା କଲେ ମଧ୍ୟ ଦେବୀଙ୍କର ନିଦ୍ରାଭଙ୍ଗ ହେଲାନି । ଅଷ୍ଟମୀରେ ଯୋଗିନୀମାନଙ୍କୁ ଡାକି ବିଶେଷ ପୂଜାକରିଲେ ଶ୍ରୀରାମ ।

 Magazine Downloaded from www.aahwaan.com

ତେଣୁ ଅଷ୍ଟମୀର ଶେଷ ଦଣ୍ଡ ଓ ନବମୀର ପ୍ରଥମ ଦଣ୍ଡ(୨୪+୨୪=୪୮ମିନିଟ) ସନ୍ଧିକ୍ଷଣରେ ପୂଜା କଲେ । ଏହାକୁ 'ସନ୍ଧିପୂଜା' କୁହାଯାଏ । ଚାମୁଣ୍ଡା ଦେବୀଙ୍କ ସହାୟତାରେ ଶ୍ରୀରାମଚନ୍ଦ୍ର ଏହି 'ସନ୍ଧିପୂଜା' କରିଥିଲେ । ଏହି ପୂଜା ପରେ ଅର୍ଥାତ୍ ନବମୀ ଦିନ ଦେବୀ ଜାଗ୍ରତ ହେଲେ ଏବଂ ପୁନର୍ବାର 'କୁମାରୀ' ରୂପରେ ଶ୍ରୀରାମଚନ୍ଦ୍ରଙ୍କୁ ଦର୍ଶନ ଦେଲେ । ତେଣୁ ନବମୀ ଦିନ କୁମାରୀ ପୂଜାର ପ୍ରଚଳନ ଅଛି । କୁମାରୀ ସାକ୍ଷାତ ଯୋଗିନୀ, ପରମାଦେବୀ ପୁଣି ପରମପ୍ରକୃତି । ଶ୍ରୀ ଶ୍ରୀ ଚଣ୍ଡୀରେ ଉଲ୍ଲେଖ ଅଛି 'ସ୍ତ୍ରୀୟା ସମସ୍ତା ସକଳ ଜଗତ ସୁ' ଅର୍ଥାତ୍ ସମସ୍ତ ସ୍ତ୍ରୀ ଜାତି ବ୍ରହ୍ମମୟୀ, ମହାମାୟା ଜଗଜ୍ଜନନୀଙ୍କର ଏକ ଅଂଶ ବିଶେଷ । ପ୍ରତି ନାରୀ ଭଗବତୀଙ୍କ ଅଂଶ ହେଲେ ମଧ୍ୟ କୁମାରୀଙ୍କ ମଧ୍ୟରେ ଭଗବତ୍ ସତ୍ତା ବିଶେଷ ଭାବରେ ପ୍ରକାଶିତ । ତନ୍ତ୍ରମତେ ଷୋହଳ ବର୍ଷ ପର୍ଯ୍ୟନ୍ତ ଅବିବାହିତା କନ୍ୟାଙ୍କୁ କୁମାରୀ କୁହାଯାଏ । ଯେତେଦିନ ପର୍ଯ୍ୟନ୍ତ କନ୍ୟା ଋତୁମତୀ ନ ହୁଅନ୍ତି ସେତେଦିନ ପର୍ଯ୍ୟନ୍ତ 'କୁମାରୀ' ତାହା କୁସୁମପରି ପବିତ୍ର । ତେଣୁ ସେତେଦିନ ପର୍ଯ୍ୟନ୍ତ କନ୍ୟା ଦେବସେବାରେ ନିବେଦିତ ହୋଇପାରିବେ । ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଦେବୀ ଦୁର୍ଗାଙ୍କୁ କୁମାରୀ ରୂପରେ ଦର୍ଶନ କରିଥିଲେ ଏବଂ ପୂଜା କରିଥିଲେ ମଧ୍ୟ ପରବର୍ତ୍ତୀକାଳରେ ଶ୍ରୀଶ୍ରୀ ରାମକୃଷ୍ଣ ଓ ତାଙ୍କର ଶିଷ୍ୟ ବିବେକାନନ୍ଦ ଏହାର ବହୁଳ ପ୍ରଚାର କରିଥିଲେ ଏବଂ ରାଣୀ ରାସମଣୀ ଦେବୀଙ୍କଦ୍ୱାରା କୁମାରୀ ପୂଜାକରାଇ ଏହାର ପ୍ରସାର ମଧ୍ୟ କରିଥିଲେ । କାରଣ କୁମାରୀଙ୍କ ମଧ୍ୟରେ ଭଗବତ୍ ସତ୍ତା ଅନୁଭବ କରିଥିଲେ । ଏଣୁ ଦୁର୍ଗାପୂଜାର ନବମୀ ରାତ୍ରିରେ କେତେକ ବ୍ରାହ୍ମଣ ବଂଶୀୟ ସାତରୁ ଆଠ ବର୍ଷର କନ୍ୟାକୁ ପାଦରେ ଅଳତା, ଆଖିରେ କଜ୍ଜଳ ଓ କପାଳରେ ଚନ୍ଦନ ଟିପା ଦେଇ ସୁନ୍ଦର ଭାବରେ ସଜାଇ ନୂତନ ଶାଢ଼ି ପରିଧାନ କରାଇ ବିଭିନ୍ନ ଉପଢ଼ୌକନ ଦେଇ ପୂଜା କରାଯାଏ । ଏହାକୁ 'କୁଆଁରୀ ଲକ୍ଷ୍ମୀ' ପୂଜା କୁହାଯାଏ । ଓଡ଼ିଶାର

ସବୁ ପୂଜାମଣ୍ଡପରେ ନବମୀ ଦିନ କୁମାରୀ ପୂଜା କରା ନ ଗଲେ ମଧ୍ୟ କଟକ ଜିଲ୍ଲାର ପୁନଙ୍ଗ ଗ୍ରାମର ଘୋଷଘର ପୂଜାମଣ୍ଡପରେ ଆବାହମାନକାଳରୁ କୁମାରୀ ପୂଜା ହୋଇଆସୁଛି । କଥିତ ଅଛି, ଯେଉଁମାନେ ଏହି ପୂଜା ଦର୍ଶନ କରନ୍ତି, ସେମାନେ ଚତୁବର୍ଗ ଫଳ ପାଆନ୍ତି । କୁମାରୀ ପୂଜା ହେଉଛି ନାରୀଜାତି ପ୍ରତି ସମ୍ମାନ ପ୍ରଦର୍ଶନର ଏକ ପ୍ରକ୍ରିୟା ମାତ୍ର ।

ଅନ୍ୟଟି ଚୈତ୍ରମାସର ଶୁକ୍ଳ ଦଶମୀ ଯାହାକୁ ବାସନ୍ତୀ ଦୁର୍ଗାପୂଜା କୁହାଯାଏ । ଜ୍ୟୈଷ୍ଠ ଶୁକ୍ଳ ଦଶମୀ ଦିନଟି ଗଙ୍ଗାମାତାଙ୍କୁ କେନ୍ଦ୍ରକରି ଗଙ୍ଗା ଦଶହରା ଭାବେ ପାଳନ କରାଯାଏ । ଦଶଦୋଷ ବା ପାପରୁ ଯିଏ ମୁକ୍ତକରାଏ ସିଏ ଦଶହରା । ଏହି ଦିନ ଗଙ୍ଗାଘାଟରେ ବୁଡ଼ ଦେଲେ ମନୁଷ୍ୟର ସମସ୍ତ ପାପ ଧୋଇ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଗଙ୍ଗାସ୍ନାନ କଲେ ଅନେକ ପୁଣ୍ୟ ମିଳିଥାଏ, କିନ୍ତୁ ଏହି ଦିନରେ ସ୍ୱତନ୍ତ୍ର ପୁଣ୍ୟ ଲାଭ ହୋଇଥାଏ । ଲୋକକଥାରୁ ଶୁଣାଯାଏ ଯେ ଆଜିର ଏହିଦିନ ସ୍ୱୟଂ ଗଙ୍ଗାମାତା ଧରାବରଣ କରିଥିଲେ । ତାଙ୍କ ଆଗମନରେ ପୃଥିବୀବାସୀ ଧନ୍ୟ ହୋଇଥିଲେ । ତେଣୁ ତାଙ୍କ ଆଗମନ ଦିନକୁ ଗଙ୍ଗା ଦଶହରା ବୋଲି କୁହାଯାଏ । ଗଙ୍ଗା ଦଶହରାରେ ଗଙ୍ଗାଙ୍କ ମନ୍ଦିର ବ୍ୟତୀତ ଅନ୍ୟ ଦେବଦେବୀଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୋଇଥାଏ । ଗଙ୍ଗା ଦଶହରାରେ ଦାନପୁଣ୍ୟର ବିଶେଷ ମହତ୍ତ୍ୱ ରହିଛି ।

ସୂର୍ଯ୍ୟବଂଶୀ ରାଜା ଭରତ । ତାଙ୍କ ନାମାନୁସାରେ ଆମ ଦେଶର ନାମ ଭାରତ । ସେତେବେଳେ ଭାରତର ରାଜଧାନୀର ଥିଲା ଅଯୋଧ୍ୟା । ଭରତ ଅତ୍ୟନ୍ତ ପରାକ୍ରମୀ ଏବଂ ଧର୍ମଶୀଳ ରାଜା ଥିଲେ । କିନ୍ତୁ ତାଙ୍କ ପୁତ୍ର ମହାରାଜ ବାହୁ ଧର୍ମଭୀରୁ ଥିଲେ ମଧ୍ୟ ପରାକ୍ରମୀ ନଥିବାରୁ ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହୋଇ ବନଗାମୀ ହେଲେ । ତାଙ୍କର ଦୁଇରାଣୀ ଥିଲେ । ପାରିବାରିକ କଳହରୁ ଜଣେ ବିଷପାନ କରି ପ୍ରାଣତ୍ୟାଗ କଲେ । ଅନ୍ୟଜଣକ

ରାଣୀଠାରୁ ସଗର ଜନ୍ମ ଗ୍ରହଣ କଲେ । ତାଙ୍କର ମଧ୍ୟ ଦୁଇ ପତ୍ନୀ ଥିଲେ । ପ୍ରଥମପତ୍ନୀ ସୁମତୀଙ୍କ ଔରସରୁ ୬୦ ହଜାର ପୁତ୍ର ଜନ୍ମ ଗ୍ରହଣ କଲେ । ଦ୍ୱିତୀୟ ରାଣୀ କେଶିନୀଙ୍କ ଗର୍ଭରୁ ଏକମାତ୍ର ପୁତ୍ର ସନ୍ତାନ ଅସମଞ୍ଜ ବା ଅଶମଞ୍ଜସକୁ ଜନ୍ମ ଦେଲେ, କିନ୍ତୁ ସେ ବହୁତ ଦୁଷ୍ଟ ଥିଲା ।ସଗର ଅଶ୍ୱମେଧ ଯଜ୍ଞ ନିମନ୍ତେ ଷାଠିଏ ହଜାର ପୁତ୍ରଙ୍କୁ ଅଶ୍ୱକୁ ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଲେ । କାଳେ ଅଶ୍ୱମେଧ ଯଜ୍ଞ କରି, ସଗର ସ୍ୱର୍ଗର ରାଜା ହୋଇଯିବେ ସେ ଭୟରେ ଇନ୍ଦ୍ର କପଟ କରି ଅଶ୍ୱକୁ ପାତଳପୁରୀ କପିଳମୁନିଙ୍କ ଆଶ୍ରମରେ ବାନ୍ଧିଦେଲେ । ସଗର ପୁତ୍ରମାନେ ସାଗର ଖୋଳି ଅଶ୍ୱକୁ ଖୋଜିଖୋଜି ସେଠାରେ ପହଞ୍ଚିଲେ ଏବଂ ମୁନିଙ୍କୁ ଚୋର ବୋଲି କହି ଅପମାନିତ କରିବାରୁ, ସେ ଅଭିଶାପ ଦେଇ ସେମାନଙ୍କୁ ଭସ୍ମ କରିଦେଲେ । ଏମାନେ ନଫେରିବାରୁ ସଗର ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ଅସମଞ୍ଜ ବା ଅଶମଞ୍ଜସଙ୍କ ପୁତ୍ର ଅର୍ଥାତ୍ ନାତି ଅଂଶୁମାନଙ୍କୁ ସେମାନଙ୍କୁ ଖୋଜିବାକୁ ପଠାଇଲେ ଏବଂସେ କପିଳଙ୍କ ଠାରୁ ଅଶ୍ୱଆଣି ଯଜ୍ଞ ସମ୍ପନ୍ନ କଲେ ଓ ପ୍ରକୃତ ଘଟଣାକୁ ସଗରଙ୍କୁ ଜଣାଇଲେ । ତେବେ ପିତୃତ୍ୟମାନଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ କରିବାକୁ ଗଲାବେଳେ, ଗୋଟିଏ ପକ୍ଷୀ ଅଂଶୁମାନଙ୍କୁ କହିଥିଲା ଯେ ଜଳ କି ତିଳତର୍ପଣ ନୁହେଁ, ସେମାନଙ୍କର ମୁକ୍ତି ପାଇଁ ଗଙ୍ଗାଙ୍କର ପବିତ୍ର ଧାରାର ସ୍ପର୍ଶ ଦରକାର ଅଛି । ସେଥିପାଇଁ ଅଂଶୁମାନ କଠୋର ତପସ୍ୟା କଲେ ମଧ୍ୟ, ତାହା ନିରର୍ଥକ ହେଲା । ତା'ପରେ ତାଙ୍କ ପୁତ୍ର ଦିଲ୍ଲିପ ମଧ୍ୟ ଚେଷ୍ଟା କରି ବିଫଳ ହେଲେ । ସେ ନିଃସନ୍ତାନ ଥିଲେ । ତାଙ୍କର ଦୁଇ ବିଧବା ପତ୍ନୀ ଭଦ୍ରା ଓ ସୁଭଦ୍ରାଙ୍କୁ ବଂଶରକ୍ଷା ନିମନ୍ତେ ପ୍ରେମାବଦ୍ଧ ହେବାକୁ ଐବରଷି ପରାମର୍ଶ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହେଲେ ଏବଂ ମାଂସପିଣ୍ଡୁଳାଟିଏ ଜନ୍ମ ଦେଲେ । ପୁଣି ଋଷିଙ୍କ ପରାମର୍ଶ କ୍ରମେ ରାଣୀ ତାଙ୍କୁ ରାଜପଥରେ ଶୁଆଇ ଦେଲେ । ସେହି ସମୟରେ ଅଷ୍ଟବକ୍ର ଋଷି

 Magazine Downloaded from www.aahwaan.com

ଯାଉଥିବା ବେଳେ ମାଂସ ପିଣ୍ଡୁଳାଟି ଦୃଷ୍ଟିଗୋଚର ହେଲା । ସେହି ମାଂସ ପିଣ୍ଡୁଳାଟିର ଅସ୍ତିର ରୂପ ଦେଖି କାଳେ ଏହା ତାଙ୍କୁ ବିଦ୍ରୁପ କରୁଛି ବୋଲି ଭାବି ଅଭିଶାପ ହେଲେ ।

କହିଲେ: ଉପହାସ କରୁଥିଲେ ଧ୍ୱଂସ ପାଇଯାଅ, ନୋହିଲେ ଦିବ୍ୟ ପୁରୁଷ ପାଲଟିଯାଅ । ଅଭିଶାପ ଆଶୀର୍ବାଦ ହେଲା, ସେ ହେଲେ ଭଗୀରଥ । ଭଗୀରଥ ପୂର୍ବପୁରୁଷଙ୍କ କାହାଣୀ ଶୁଣିଲେ ଏବଂ ସେମାନଙ୍କ ପାପଗ୍ରସ୍ତ ଦଗ୍ଧ ଶରୀର ଓ ଆତ୍ମାର ମୁକ୍ତି ନିମନ୍ତେ ସେ ନିର୍ଘାତମୁନି, କପିଳାସ, ପ୍ରଜାପତି, ବୈକୁଣ୍ଠପୁରୀ, ମେରୁଗିରି, ଐରାବତ, ଇନ୍ଦ୍ରପୁରୀ, ଜହ୍ନିଋଷି, ଯମୁନା, ସରସ୍ୱତୀ ଏବଂ ମାଧବ ନାରାୟଣ ଇତ୍ୟାଦି ଧାମରେ ୧୨ବର୍ଷ ଲେଖାଏଁ ଧରି ୧୪୪ବର୍ଷ ତପଶ୍ଚାରଣ କରିଛନ୍ତି: ଏହି ଦିବସଟି ଚୈତ୍ର ଶନିବାର କୃଷ୍ଣ ତ୍ରୟୋଦଶୀ ଥିଲା । ଏବେ ବି ଏହି ଦିବସଟିର ବାରୁଣୀ ସ୍ନାନବା ବୁଡ଼ ଦୃଷ୍ଟିରୁ ତାତ୍ପର୍ଯ୍ୟ ଅଛି ତେବେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଭଗୀରଥ ବାଟକଢ଼ାଇ ଆଗେଆଗେ ଶଙ୍ଖ ଫୁଙ୍କି ଫୁଙ୍କି ଚାଲିଲେ । ତାଙ୍କ ସହିତ ଅନ୍ୟମାନେ ମିଶି ପଞ୍ଚତୀର୍ଥ ହେଲେ । ପୂର୍ବ ସର୍ତ୍ତାନୁସାରେ ସେଠାରେ ପ୍ରଥମେ ଭଗୀରଥ ପିତୃପୁରୁଷଙ୍କ ଅଭିଶପ୍ତ ଜ୍ୱଳନ୍ତ ଅଗ୍ନିକୁ ଲମ୍ଫପ୍ରଦାନ କଲେ । ପରେ ପରେ ଗଙ୍ଗାମାତା କୁଳ ଉଦ୍ଧାରିଲେ ଭଗୀରଥ । ଗଙ୍ଗାଙ୍କର ସାଗର ସହିତ ସଙ୍ଗମସ୍ଥଳୀ ହିଁ ଗଙ୍ଗାସାଗର । ମକର ସଂକ୍ରାନ୍ତିରେ ଦେବୀ ଗଙ୍ଗାଙ୍କ ଧାରା ସଗରମାନଙ୍କୁ ମୁକ୍ତ କରିଥିଲା ବୋଲି ଏହା ଏକ ପବିତ୍ର ଦିବସ । ଏହାକୁ ଏକ ପୂଣ୍ୟତିଥି ମନେକରି ଏଠାରେ ଓ ବିଭିନ୍ନ ନଦନଦୀରେ ମକର ବୁଡ଼ ପକାଯାଏ । ଭଗୀରଥଙ୍କ ତପସ୍ୟାରୁ ନାରାୟଣ ଦର୍ଶନ ଓ ପରେ ପଦଧୌତ । ଏହି ପଦଧୌତ ଜଳରାଶିର ଧାରା ହିଁ ଗଙ୍ଗାର ଧାରା । ଏହିଠାରୁ ଆରମ୍ଭ ହୁଏ ଗଙ୍ଗାଙ୍କର ଜନ୍ମବୃତ୍ତାନ୍ତ । ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗଙ୍ଗାଙ୍କର ଜନ୍ମ । ଏହି ଦିନଟି ଗଙ୍ଗା ଜୟନ୍ତୀ ନାମେ ବିଦିତସୂର୍ଯ୍ୟବଂଶୀ ରାଜା ଭରତ । ତାଙ୍କ ନାମାନୁସାରେ ଆମ ଦେଶର ନାମ

ଭାରତ । ସେତେବେଳେ ଭାରତର ରାଜଧାନୀ ଥିଲା ଅଯୋଧ୍ୟା । ଭରତ ଅତ୍ୟନ୍ତ ପରାକ୍ରମୀ ଏବଂ ଧର୍ମଶୀଳ ରାଜା ଥିଲେ । କିନ୍ତୁ ତାଙ୍କ ପୁତ୍ର ମହାରାଜ ବାହୁ ଧର୍ମଭୀରୁ ଥିଲେ ମଧ୍ୟ ପରାକ୍ରମୀ ନଥିବାରୁ ଶତ୍ରୁମାନଙ୍କଦ୍ୱାରା ପରାଜିତ ହୋଇ ବନଗାମୀ ହେଲେ । ତାଙ୍କର ଦୁଇରାଣୀ ଥିଲେ । ପାରିବାରିକ କଳହରୁ ଜଣେ ବିଷପାନ କରି ପ୍ରାଣତ୍ୟାଗ କଲେ । ଅନ୍ୟଜଣକ ରାଣୀଠାରୁ ସଗର ଜନ୍ମ ଗ୍ରହଣ କଲେ । ତାଙ୍କର ମଧ୍ୟ ଦୁଇ ପତ୍ନୀ ଥିଲେ । ପ୍ରଥମପତ୍ନୀ ସୁମତୀଙ୍କ ଔରସରୁ ୬୦ ହଜାର ପୁତ୍ର ଜନ୍ମ ଗ୍ରହଣ କଲେ । ଦ୍ୱିତୀୟ ରାଣୀ କେଶିନୀଙ୍କ ଗର୍ଭରୁ ଏକମାତ୍ର ପୁତ୍ର ସନ୍ତାନ ଅସମଞ୍ଜ ବା ଅଶମଞ୍ଜସକୁ ଜନ୍ମ ଦେଲେ, କିନ୍ତୁ ସେ ବହୁତ ଦୁଷ୍ଟ ଥିଲା ।ସଗର ଅଶ୍ୱମେଧ ଯଜ୍ଞ ନିମନ୍ତେ ଷାଠିଏ ହଜାର ପୁତ୍ରଙ୍କୁ ଅଶ୍ୱକୁ ଅନ୍ୱେଷଣ କରିବାକୁ ନିର୍ଦ୍ଦେଶ ଦେଲେ । କାଳେ ଅଶ୍ୱମେଧ ଯଜ୍ଞ କରି, ସଗର ସ୍ୱର୍ଗର ରାଜା ହୋଇଯିବେ ସେ ଭୟରେ ଇନ୍ଦ୍ର କପଟ କରି ଅଶ୍ୱକୁ ପାତଳପୁରୀ କପିଳମୁନିଙ୍କ ଆଶ୍ରମରେ ବାନ୍ଧିଦେଲେ । ସଗର ପୁତ୍ରମାନେ ସାଗର ଖୋଳି ଅଶ୍ୱକୁ ଖୋଜିଖୋଜି ସେଠାରେ ପହଞ୍ଚିଲେ ଏବଂ ମୁନିଙ୍କୁ ଚୋର ବୋଲି କହି ଅପମାନିତ କରିବାରୁ, ସେ ଅଭିଶାପ ଦେଇ ସେମାନଙ୍କୁ ଭସ୍ମ କରିଦେଲେ । ଏମାନେ ନଫେରିବାରୁ ସଗର ଦ୍ୱିତୀୟ ପତ୍ନୀଙ୍କ ପୁତ୍ର ଅସମଞ୍ଜ ବା ଅଶମଞ୍ଜସଙ୍କ ପୁତ୍ର ଅର୍ଥାତ୍ ନାତି ଅଂଶୁମାନଙ୍କୁ ସେମାନଙ୍କୁ ଖୋଜିବାକୁ ପଠାଇଲେ ଏବଂସେ କପିଳଙ୍କ ଠାରୁ ଅଶ୍ୱଆଣି ଯଜ୍ଞ ସମ୍ପନ୍ନ କଲେ ଓ ପ୍ରକୃତ ଘଟଣାକୁ ସଗରଙ୍କୁ ଜଣାଇଲେ । ତେବେ ପିତୃତ୍ୟମାନଙ୍କ ଉଦ୍ଦେଶ୍ୟରେ ଜଳତର୍ପଣ କରିବାକୁ ଗଲାବେଳେ, ଗୋଟିଏ ପକ୍ଷୀ ଅଂଶୁମାନଙ୍କୁ କହିଥିଲା ଯେ ଜଳ କି ତିଳତର୍ପଣ ନୁହେଁ, ସେମାନଙ୍କର ମୁକ୍ତି ପାଇଁ ଗଙ୍ଗାଙ୍କର ପବିତ୍ର ଧାରାର ସ୍ପର୍ଶ ଦରକାର ଅଛି । ସେଥିପାଇଁ ଅଂଶୁମାନ କଠୋର ତପସ୍ୟା କଲେ ମଧ୍ୟ, ତାହା ନିରର୍ଥକ ହେଲା । ତା'ପରେ ତାଙ୍କ ପୁତ୍ର ଦିଲ୍ଲିପ ମଧ୍ୟ ଚେଷ୍ଟା କରି ବିଫଳ

ହେଲେ । ସେ ନିଃସନ୍ତାନ ଥିଲେ । ତାଙ୍କର ଦୁଇ ବିଧବା ପତ୍ନୀ ଭଦ୍ରା ଓ ସୁଭଦ୍ରାଙ୍କୁ ବଂଶରକ୍ଷା ନିମନ୍ତେ ପ୍ରେମାବଦ୍ଧ ହେବାକୁ ଐବରଷି ପରାମର୍ଶ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଗର୍ଭବତୀ ହେଲେ ଏବଂ ମାଂସପିଣ୍ଡୁଳାଟିଏ ଜନ୍ମ ଦେଲେ । ପୁଣି ଋଷିଙ୍କ ପରାମର୍ଶ କ୍ରମେ ରାଣୀ ତାଙ୍କୁ ରାଜପଥରେ ଶୁଆଇ ଦେଲେ । ସେହି ସମୟରେ ଅଷ୍ଟବକ୍ର ଋଷି ଯାଉଥିବା ବେଳେ ମାଂସ ପିଣ୍ଡୁଳାଟି ଦୃଷ୍ଟିଗୋଚର ହେଲା ସେହି ମାଂସ ପିଣ୍ଡୁଳାଟିର ଅସ୍ତ୍ରିର ରୂପ ଦେଖି କାଳେ ଏହା ତାଙ୍କୁ ବିଦ୍ରୁପ କରୁଛି ବୋଲି ଭାବି ଅଭିଶାପ ହେଲେ ।କହିଲେ: ଉପହାସ କରୁଥିଲେ ଧ୍ୱଂସ ପାଇଯାଅ, ନୋହିଲେ ଦିବ୍ୟ ପୁରୁଷ ପାଲଟିଯାଅ । ଅଭିଶାପ ଆଶୀର୍ବାଦ ହେଲା, ସେ ହେଲେ ଭଗୀରଥ ।ଭଗୀରଥ ପୂର୍ବପୁରୁଷଙ୍କ କାହାଣୀ ଶୁଣିଲେ ଏବଂ ସେମାନଙ୍କ ପାପଗ୍ରସ୍ତ ଦଗ୍ଧ ଶରୀର ଓ ଆତ୍ମାର ମୁକ୍ତି ନିମନ୍ତେ ସେ ନିର୍ଘାତମୁନି, କପିଳାସ, ପ୍ରଜାପତି, ବୈକୁଣ୍ଠପୁରୀ, ମେରୁଗିରି, ଐରାବତ, ଇନ୍ଦ୍ରପୁରୀ, ଜହ୍ନିଋଷି, ଯମୁନା, ସରସ୍ୱତୀ ଏବଂ ମାଧବ ନାରାୟଣ ଇତ୍ୟାଦି ଧାମରେ ୧୨ବର୍ଷ ଲେଖାଏଁ ଧରି ୧୪୪ବର୍ଷ ତପଶ୍ଚାରଣ କରିଛନ୍ତି: ଏହି ଦିବସଟି ଚୈତ୍ର ଶନିବାର କୃଷ୍ଣ ତ୍ରୟୋଦଶୀ ଥିଲା । ଏବେ ବି ଏହି ଦିବସଟିର ବାରୁଣୀ ସ୍ନାନବା ବୁଡ଼ ଦୃଷ୍ଟିରୁ ତାତ୍ପର୍ଯ୍ୟ ଅଛି । ତେବେ ପୂର୍ବ ପ୍ରତିଶ୍ରୁତି ଅନୁସାରେ ଭଗୀରଥ ବାଟକଢ଼ାଇ ଆଗେଆଗେ ଶଙ୍ଖ ଫୁଙ୍କି ଫୁଙ୍କି ଚାଲିଲେ । ତାଙ୍କ ସହିତ ଅନ୍ୟମାନେ ମିଶି ପଞ୍ଚତୀର୍ଥ ହେଲେ । ପୂର୍ବ ସର୍ତ୍ତାନୁସାରେ ସେଠାରେ ପ୍ରଥମେ ଭଗୀରଥ ପିତୃପୁରୁଷଙ୍କ ଅଭିଶପ୍ତ ଜ୍ୱଳନ୍ତ ଅଗ୍ନିକୁ ଲମ୍ଫପ୍ରଦାନ କଲେ । ପରେ ପରେ ଗଙ୍ଗାମାତା । କୁଳ ଉଦ୍ଧାରିଲେ ଭଗୀରଥ । ଗଙ୍ଗାଙ୍କର ସାଗର ସହିତ ସଙ୍ଗମସ୍ଥଳୀ ହିଁ ଗଙ୍ଗାସାଗର । ମକର ସଂକ୍ରାନ୍ତିରେ ଦେବୀ ଗଙ୍ଗାଙ୍କ ଧାରା ସଗରମାନଙ୍କୁ ମୁକ୍ତ କରିଥିଲା ବୋଲି ଏହା ଏକ ପବିତ୍ର ଦିବସ । ଏହାକୁ ଏକ ପୂଣ୍ୟତିଥି ମନେକରି ଏଠାରେ ଓ ବିଭିନ୍ନ ନଦନଦୀରେ ମକର ବୁଡ଼ ପକାଯାଏ

ଭଗୀରଥଙ୍କ ତପସ୍ୟାରୁ ନାରାୟଣ ଦର୍ଶନ ଓ ପରେ ପଦଧୌତ । ଏହି ପଦଧୌତ ଜଳରାଶିର ଧାରା ହିଁ ଗଙ୍ଗାର ଧାରା । ଏହିଠାରୁ ଆରମ୍ଭ ହୁଏ ଗଙ୍ଗାଙ୍କର ଜନ୍ମବୃତ୍ତାନ୍ତ । ଜ୍ୟେଷ୍ଠ ଶୁକ୍ଳ ଦଶମୀ ଗଙ୍ଗାଙ୍କର ଜନ୍ମ । ଏହି ଦିନଟି ଗଙ୍ଗା ଜୟନ୍ତୀ ନାମେ ବିଦିତ । ସେ ପୁଣି ଦଶ ପାପ ହାରିଣୀ । ଏଣୁ ଏହି ଦିବସକୁ ଗଙ୍ଗା ଦଶହରା ବୋଲି କୁହନ୍ତି । ଏହିଦିନ ଗଙ୍ଗା ନାରାୟଣ ନାମରେ ଯେ କୌଣସି ନଦୀ ବା ଜଳାଶୟରେ ସ୍ନାନ ବା ବୁଡ଼ ପକାଇଲେ ସକଳ ପାପ ଦୂରିତ ହୁଏ ବୋଲି ବିଶ୍ୱାସ । କିଛି ନହେଲେ ଗଙ୍ଗାଜଳ ଟୋପାଏ ମଥ ସିଞ୍ଚନ ବା ଉଦରସ୍ଥ କରିବା ଏହି ଦିନରେ ଉଚିତ୍ ମନେକରାଯାଏ । ସେ ପୁଣି ଦଶ ପାପ ହାରିଣୀ । ଏଣୁ ଏହି ଦିବସକୁ ଗଙ୍ଗା ଦଶହରା ବୋଲି କୁହନ୍ତି । ଏହିଦିନ ଗଙ୍ଗା ନାରାୟଣ ନାମରେ ଯେ କୌଣସି ନଦୀ ବା ଜଳାଶୟରେ ସ୍ନାନ ବା ବୁଡ଼ ପକାଇଲେ ସକଳ ପାପ ଦୂରିତ ହୁଏ ବୋଲି ବିଶ୍ୱାସ । କିଛି ନହେଲେ ଗଙ୍ଗାଜଳ ଟୋପାଏ ମଥ ସିଞ୍ଚନ ବା ଉଦରସ୍ଥ କରିବା ଏହି ଦିନରେ ଉଚିତ୍ ମନେକରାଯାଏ ।

ସଂଗ୍ରାହକ : ସନ୍ତୋଷ ପଟ୍ଟନାୟକ

 Magazine Downloaded from www.aahwaan.com

ତାରାପୀଠ : ଏକ ଅନନ୍ୟ ଅନୁଭୂତି

୨୦୧୫ ମସିହା ଅକ୍ଟୋବର ମାସରେ ଦଶ ମହାବିଦ୍ୟାଙ୍କ ବିଷୟରେ ଆଲେଖ୍ୟଟିଏ ପ୍ରସ୍ତୁତ କରିବା ପାଇଁ ଆଦିଶକ୍ତିଙ୍କର ଏହି ଦଶରୂପଙ୍କୁ ଜାଣିବାର ସୌଭାଗ୍ୟ ହେଲା । ପ୍ରଥମ ମହାବିଦ୍ୟା ମା ତାରାଙ୍କ ପ୍ରତି ଭିନ୍ନ ଏକ ପ୍ରତ୍ୟୟ ଜାତ ହେଲା । ଆଲେଖ୍ୟଟି ପ୍ରକାଶିତ ହେବାର କିଛିଦିନ ପରେ ମା'ଙ୍କ ଆଶୀର୍ବାଦ ଓ ଦୈବୀ ସଂଯୋଗ ବଶତଃ ତାରା ମା'ଙ୍କ ପୁତ୍ର, ଏବଂ ତାରାପୀଠର ପାଗଳ ସନ୍ଥ କୁହାଯାଉଥିବା ମହାଗୁରୁ ବାମାକ୍ଷେପାଙ୍କ ସମ୍ବନ୍ଧରେ ଆଲେଖ୍ୟ ଲେଖିବାକୁ ଅଦୃଷ୍ଟ ଆଦେଶ ମିଳିଲା ଯେମିତି । ମୁଁ ତା ପୂର୍ବରୁ କ୍ଷେପା ବାବାଙ୍କ ବିଷୟରେ କିଛି ବି ଜାଣିନଥିଲି । ସୁଯୋଗକୁ ଶାଶୁଘରେ ସମସ୍ତେ ନିଗମାନନ୍ଦଙ୍କ ଦୀକ୍ଷିତ ଭକ୍ତ । ବାମାକ୍ଷେପା ହେଉଛନ୍ତି ନିଗମାନନ୍ଦ ଦେବଙ୍କ ପ୍ରଥମ ଗୁରୁ । ତେଣୁ ଶଶୁରଙ୍କ ପାଖରୁ ବାମାକ୍ଷେପାଙ୍କ ଜୀବନୀ ସମ୍ବନ୍ଧୀୟ ବହିଟିଏ ମିଳିଲା । ବହିଟି ପଢିବା ଭିତରେ ମୁଁ ନିଜକୁ

ପ୍ରତିଭା ପ୍ରିୟଦର୍ଶିନୀ

ତାରାପୀଠ, ସେଠିକା ମହାଶ୍ମଶାନ, ଶ୍ୱେତ ସିମୁଳି ମୂଳରେ କ୍ଷେପା ବାବାଙ୍କ ଶିକ୍ଷଣକୁ ପ୍ରତ୍ୟକ୍ଷ ବଞ୍ଚୁଥିଲି, ଜୀବନ୍ତକୁଣ୍ଡ ଓ ଦ୍ୱାରିକା ନଦୀ ଜଳରେ ଭିଜୁଥିଲି ଆଉ ତାରା ମା'କୁ ଲାଗିହେଉଥିବା ରକ୍ତଜବା ଓ ମନ୍ଦାର ସାଙ୍ଗକୁ ଆଳତୀର ଝୁଣାଗନ୍ଧ ମୋ ନାସାରନ୍ଧ୍ର ଭରୁଥିଲା । ୨୦୧୬ ମସିହା ଫେବୃଆରୀ ମାସରେ ବାମାକ୍ଷେପାଙ୍କ ବିଷୟରେ ମୋ ଆଲେଖ୍ୟ ଟି ପ୍ରକାଶ ପାଇଲା । ମା ର କରୁଣା ଓ ମହାଗୁରୁ ଙ୍କ ଆଶୀର୍ବାଦ ରୁ ଆଲେଖ୍ୟ ଟିକୁ ପାଠକେ ଖୁବ ପସନ୍ଦ କଲେ । ପତ୍ୟେକ ପାଠକଙ୍କ ର ସମାନ ମତ, "ଆପଣ ଙ୍କ ଶବ୍ଦ ମାଧ୍ୟମରେ ଆମେ ବି ତାରାପୀଠ ଦର୍ଶନ କରିବା ଅନୁଭବ ପାଇଲୁ" । ପ୍ରକୃତରେ ମୁଁ ସେଯାଏଁ ସିଦ୍ଧ ପୀଠର ଦର୍ଶନ ସୌଭାଗ୍ୟ ଅର୍ଜନ କରି ନ ଥାଏ । ସବୁ ସେଇ ପରାଶକ୍ତି ମା ହିଁ ଲେଖାଉଥିଲା ମୋତେ ନିମିତ୍ତ ମାଧ୍ୟମ ମାତ୍ର କରି ।

ତେବେ ତା ପରଠୁ ଭାବରେ ଭାବରେ ମାନସ ଚକ୍ଷୁରେ ଅନେକ ଥର ମା କୁ ଦର୍ଶନ କରିଛି । ପୀଠ ଦର୍ଶନ କରିଛି ଏବଂ ସବୁଠୁ ଆଶ୍ଚର୍ଯ୍ୟ ର କଥା ହେଲା ମାନସ ଦର୍ଶନ ରେ ଦେଖିଥିବା ସବୁ କିଛି ପ୍ରକୃତରେ ଠିକ ସେମିତି ହିଁ ଥିଲା ଯେମିତି ବାସ୍ତବରେ ଅଛି । ପୀଠରେ ପହଞ୍ଚି ଏହି ସୁଖଦ ଆଶ୍ଚର୍ଯ୍ୟ, ମା ପ୍ରତି ମୋ ବିଶ୍ୱାସକୁ ଆହୁରି ମଜବୁତ କରିଦେଲା । ତେବେ ମା ପ୍ରତି ଦିନୁଦିନ ନିବିଡ଼ ହେଉଥାଏ ଭାବ । ସେଇବର୍ଷ ପ୍ରାୟ ୭ ମାସ ଧରି ଅତ୍ୟଧିକ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଲା । ମଝିରେ ଦୁଇଥର ଅବସ୍ଥା ଅତି ସଙ୍କଟାପନ୍ନ ହୋଇଥିଲା । ସୁସ୍ଥ ହେବା ପରେ ମା ଦର୍ଶନ ପାଇଁ ଯିବାକୁ ଆଗ୍ରହ ପ୍ରବଳ ହେଲା ।

ଶେଷରେ ମା ର ଡୋରି ଲାଗିଲା ୨୦୧୭ ମସିହା ଜୁନ ମାସରେ । ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇ ଓ ମୋ ସ୍ୱାମୀ ତଥା ପୁଅକୁ ନେଇ ପହଞ୍ଚିଲୁ କଲିକତା ରେ । ମୁଁ ତାରାପୀଠ ଦର୍ଶନ ର ଏକକ ଅଭିଳାଷ ନେଇ ଯାଇଥିଲି । ପ୍ରଥମ ଦୁଇ ତିନି ଦିନ ଢ଼େର

 Magazine Downloaded from www.aahwaan.com

ବୁଲାବୁଲି ହେଲା । ଜୁନ ମାସ 11 ତାରିଖ, ଦିନସାରା ଅନେକ ବୁଲିବା ପରେ ସନ୍ଧ୍ୟାରେ କାଲିଘାଟ ରେ ମା କାଳୀଙ୍କ ସୁନ୍ଦର ଦର୍ଶନ ଓ ପରେ କିଣାକିଣି କରି ହୋଟେଲ କୁ ଫେରିବା ବେଳକୁ ପ୍ରାୟ ରାତି ୧୧ଟା । ସମସ୍ତେ ଅସମ୍ଭବ ଥକି ଯାଇଥିଲେ । ୧୩ ତାରିଖରେ ଓଡିଶା ଫେରିବାକୁ ଥାଏ । ତେଣୁ ନିଷ୍ପତ୍ତି କଲେ ୧୨ ତାରିଖ ଦିନଟି ଆରମ୍ଭ କରି ଅଳ୍ପ କିଛି ବୁଲିବା ପାଇଁ । ମୋ ମନ ଯେମିତି ବିଦ୍ରୋହ କରି ଉଠିଲା । ମୁଁ ଯେ କେବଳ ତାରାପୀଠ ଦର୍ଶନ ଇଚ୍ଛା ନେଇ ଯାଇଥିଲି । ରାତିରେ ସ୍ଥିର ହେଲା ସକାଳେ ମୁଁ ଶଶୁରଙ୍କ ସହିତ ମା ର ଦର୍ଶନ ପାଇଁ ଯିବି । ଶୋଇବା ବେଳକୁ ଅର୍ଦ୍ଧରାତ୍ରି ପାର । ଭୀଷଣ ଥକାପଣ ବି ଦର୍ଶନ ଲୋଭୀ ମନକୁ ନିଦରେ ବାନ୍ଧିପାରିଲା ନାହିଁ । ଭୋର ୩ ଟା ରୁ ଉଠି ମୁଁ ମୋ ନିତ୍ୟକର୍ମ ସାରି ବାହାରିବା ବେଳକୁ ଅନ୍ୟ ସମସ୍ତେ ବି ପ୍ରସ୍ତୁତି ରେ ବ୍ୟସ୍ତ । ଛୁଆ ମାନେ ତଥାପି ନିଦରେ ଥାନ୍ତି । ଠିକଣା ସମୟରେ ପହଞ୍ଚି ଗଲୁ ସିଆଲଦା ଷ୍ଟେସନରେ । ସକାଳ ୬.୩୦ ସିଆଲଦା-ଗୌହାଟୀ କାଞ୍ଚିନଜଙ୍ଘା ଏକ୍ସପ୍ରେସ ରେ ଆରମ୍ଭ ହେଲା ତାରାପୀଠକୁ ଯାତ୍ରା । ରେଳ ଉପରୁ ମା ଦକ୍ଷିଣେଶ୍ୱରୀ କାଳି ଙ୍କ ଆଶୀର୍ବାଦ ନେଇ ଯାତ୍ରା ଗତି ଧରିଲା ।

ପ୍ରାୟ ସାଢ଼େ ୩ ଘଣ୍ଟା ଯାତ୍ରା ର ଅନ୍ତହେଲା ରାମପୁରହାଟ ଷ୍ଟେସନରେ । ସେଠାରୁ ତାରାପୀଠ ର ଦୂରତ୍ୱ ଆଉ ୯ କିଲୋମିଟର । ଷ୍ଟେସନ ର ଗଢଣ ବି ତାରାପୀଠ ମନ୍ଦିର ଶୈଳୀରେ ହୋଇଛି, ଯେମିତି ଆମ କଟକ ଷ୍ଟେସନ ବାରବାଟୀ ଦୁର୍ଗ ଛାୟାରେ ନିର୍ମିତ । ସେଇଠୁ ହିଁ ଉଦ୍ଦୀପନା ବଢିବାକୁ ଲାଗିଲା । ମନ ଅହରହ ଜୟ ମା ତାରା ଡାକ ଦେଉଥାଏ । ଭ୍ୟାନ ଟିଏ

ଭଡାରେ ନେଇ ପହଞ୍ଚିଲୁ ତାରା ପୀଠରେ । ମୁଖ୍ୟ ରାସ୍ତାରୁ ବାହାରି ମନ୍ଦିର ଆଡକୁ ଯିବା ବେଳେ ଭୋଗରାଗ, ମା କୁ ଲାଗି କରିବାକୁ ଅଳତା ସିନ୍ଦୁର ଇତ୍ୟାଦି କିଣିବାକୁ ଅଟକିଲେ ପରିବାର ଲୋକେ । ସମସ୍ତେ ଥକିଯାଇଥିଲେ ଜୁନ ମାସ ଖରା ଓ ଯାତ୍ରା କ୍ଲାନ୍ତିରେ । ମୁଁ କିନ୍ତୁ ଅଥୟ ହେଉଥାଏ । ତରବର କରି ସମସ୍ତଙ୍କୁ ନେଇ ମନ୍ଦିର ଆଡକୁ ବାହାରିଲୁ । ବାଟରୁ ଖୁବ ଶ୍ରଦ୍ଧାରେ ମା ଲାଗି କିଣିନେଲି ଗୋଟିଏ ମନ୍ଦାର ଗଜରା, ଗୋଟିଏ ଅପରାଜିତା ଗଜରା ଏବଂ ଗୋଟିଏ ଶ୍ୱେତ୍ତପଦ୍ମ ହାର ।

ମନ୍ଦିର ଯେତେ ଯେତେ ପାଖ ହେଉଥାଏ ଏକ ଅଦୃଷ୍ଟ ସ୍ନେହମୟୀ ଶକ୍ତି ଟାଣିନେଉଥାଏ ଅନାୟାସ । ଚତୁର୍ଦିଗ ସ୍ଥୂଳତଃ ମୋ ଲାଗି ପ୍ରଥମ ପରିଦର୍ଶନ ଥିଲା କିନ୍ତୁ ମାନସଦର୍ଶନ ଏତେଥର କରିଥିଲି ଯେ ପ୍ରଥମ ଥର ଦେଖୁଥିବା ସବୁକିଛି ଚିର ପରିଚିତ ଓ ନିତ୍ୟ ପରିଦର୍ଶିତ ଲାଗୁଥିଲା । ସକାଳ ୧୧.୩୦ ପାଖା ପାଖି ସମୟ ସେତେବେଳକୁ । ୧୨ ଟା ବେଳକୁ ପହଡ ପଡିବାର ଥାଏ । ସାର୍ବଜନୀନ ଦର୍ଶନ ଦ୍ୱାର ସେତେବେଳକୁ ବନ୍ଦ କରି ଦିଆ ଯାଇଛି । ପରିମାଣିକ ଦର୍ଶନ ପାଇଁ ଜଣଙ୍କୁ ୨୦୦ ଟଙ୍କା ଲେଖାଏଁ ଦେବାକୁ ହେବ । ସେଥିରେ ବି ରାଜି ହୋଇ କିଏ ଯିବ ସେ କଥା ସ୍ଥିର କରିବା ବେଳକୁ ସେ ସୁଯୋଗ ବି ହାତଛଡା ହୋଇଗଲା । ଗର୍ଭଗୃହ ସାମ୍ନା ମଣ୍ଡପରୁ ପ୍ରବଳ ଗହଳି ଭିତରେ ମା ମୁଖଶ୍ରୀ ର ଦର୍ଶନ ଖୁବ କଷ୍ଟରେ ମିଳିଲା । ତେବେ ମନ୍ଦିର ଦ୍ୱାରରେ ପାଦ ଥାପିବା ପରଠୁ ମୋ ଆଖିରୁ ଅଶ୍ରୁଧାର ଅନର୍ଗଳ ବୋହି ଚାଲିଥାଏ । ମା କୁ ଦେଖିନେବା ପରେ ସତେକି ଅଯୁତ ଜନ୍ମର ଶୋଷ ମେଣ୍ଟିଗଲା, କୋହ ଏବଂ ଆନନ୍ଦରେ ବିଗଳିତ ହୃଦୟ ଚକ୍ଷୁ ଦେଇ ନିଗିଡି ପଡୁଥିଲା ମା ଚରଣ ପଖାଳିବା ଲାଳସାରେ । ଠିକ ସମୟରେ ପହଡ଼ ପଡିଗଲା । ମନ୍ଦିର ପରିସର କ୍ରମଶଃ ଫାଙ୍କା ହେଉଥିଲା । ମୋ ପାଇଁ ମା ର ଅନ୍ନ ପ୍ରସାଦ ଡବା ଟିଏ ଆଣିଦେଇ ବାକି ସମସ୍ତେ ମଧ୍ୟାହ୍ନ

 Magazine Downloaded from www.aahwaan.com

ଭୋଜନ ପାଇଁ ବାହାରିଗଲେ । ମୁଁ କିନ୍ତୁ ଯିବାକୁ ନାରାଜ । ସେଇ ମଣ୍ଡପରେ ଠିକ ମା ର ଗର୍ଭଗୃହ ଦରଜା ସାମ୍ନାରେ ହାତଯୋଡି ବସି ରହିଲି । ମଣ୍ଡପରେ ମାତ୍ର କେତେଜଣ ବୃଦ୍ଧ ପୂଜକ ଆଉ ଅଳ୍ପ କିଛି ଲୋକ ଥାନ୍ତି । ମୁଁ ସେମିତି କାନ୍ଦୁଥାଏ ।

ଓଡିଶାରୁ ଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ଖୁବ ବଡ଼ ଏକ ଆବେଗିକ ଧକ୍କାରେ କ୍ଷତାକ୍ତ ମନ ଓ ହୃଦୟ ନେଇ ଯାଇଥାଏ । ସେଠି ପହଞ୍ଚି ମା କୁ ମନଭରି ଦର୍ଶନ କରି ପାରିଲି ନାହିଁ, ତେଣୁ ଆହୁରି ବେଶୀ ଦୁଃଖ ଲାଗୁଥାଏ । ପ୍ରତିଟି ଲୁହଟୋପା ମା ପାଖରେ ମନକଥା ବଖାଣୁ ଥାଏ । ହୃଦୟ ବିଦାରକ ଆବେଗ ସବୁକୁ ମା ପାଦରେ ସମର୍ପିତ କରିଦେଇ କେବଳ ଦର୍ଶନ ସୁଖ ଲାଗି ଅନୁନୟ କରୁଥାଏ । କେହି କେହି କହିଲେ ପୁନର୍ବାର ଦ୍ୱାର ୨ ଟା ବେଳେ ଖୋଲିବ, ଆଉ କେହି କହିଲେ ୪ ଟା ବେଳକୁ । ସେତେବେଳେ ଭିଡ଼ ଭିତରେ ମୁଁ କି ମନଭରି ଦେଖି ପାରିବି ନା କଥା ହେଇପାରିବି ମୋ ମା ସାଙ୍ଗରେ ! ତେଣୁ ନିବୁଜ ଦ୍ୱାର ସେପଟେ ଥିବା ଶିଳାମୟୀ ମା ର ରାତୁଳ ପାଦ ତଳେ ଖୁବ ଭାବରେ ଗୋଟି ଗୋଟି କରି ଟେକିଦେଉଥିଲି ଆଗ୍ରହ ରେ କିଣି ନେଇଥିବା ଫୁଲହାର ଗୁଡିକୁ ଆଉ ମନେମନେ ଦେଖୁଥିଲି କେଡେ ସୁନ୍ଦର ଦିଶୁଥିବ ମୋ ତ୍ରିପୁରସୁନ୍ଦରୀ ମା । ଆଶ୍ଚର୍ଯ୍ୟ ହେଲି ଯେବେ ଖରା ଧାସ ରେ ଝାଉଁଳି ପଡିଥିବା ସେ ଫୁଲ ଗୁଡ଼ିକ ମା କୁ ସମର୍ପଣ କରିଦେବା ପରେ କିଛି କ୍ଷଣ ପାଇଁ ସଦ୍ୟ ତୋଳା ହେବା ପରି ସତେଜ ଓ ବସ୍ୱାୟିତ ଦେଖାଗଲା ଏବଂ ମା ସେଇ ହାରତକ ଗଳାରେ ଧାରଣ କରିଛି ଦେଖି ବିଭୋର ହେଲି । ଆପଦ ଲମ୍ବିତ ମାଳ ଗୁଡିକ ମା ର ପଦସ୍ପର୍ଶ କରୁଥିବା ଦେଖିବା ପରେ ଯେବେ ସମ୍ବିତ ଫେରିଲା, ହଠାତ ସତେଜ ଦିଶିଥିବା ଫୁଲତକ ଏକବାର ମଉଳି ଯାଇଥିଲା, ଯେମିତି ବାସି ଛଡାଫୁଲ । ଆଗ୍ରହ ରେ ଟେକିଦେଲି ଭୋଗଡାଲା ଆଉ ଅଳତା ସିନ୍ଦୁର । ଚର୍ମଚକ୍ଷୁ ଦେଖୁଥିଲା ସବୁ ସେମିତି ଯଥାବତ ରହିଛି,

ହେଲେ ମନଚକ୍ଷୁ ଦେଖୁଥିଲା ମା ଥରେ ହାତ ବୁଲେଇନେଲା ତା ପାଇଁ ନିବେଦିତ ନୈବେଦ୍ୟ ଉପରେ ଆଉ ବାମପାଦ ବୃଦ୍ଧାଙ୍ଗୁଳି ରେ ଛୁଇଁଦେଲା ଅଳତା ଓ ସିନ୍ଦୂର । କୃତକୃତ୍ୟ ହେଉଥାଏ ମୋ ବିହ୍ୱଳିତ ଆତ୍ମା । ଆନନ୍ଦାଶ୍ରୁ ବର୍ବସ ଗଳି ଚାଲିଥାଏ ଆଖିରୁ ଗଣ୍ଡ ଗ୍ରୀବା ଦେଇ ସର୍ବାଙ୍ଗ ଭିଜେଇ ଭିଜେଇ ।

ସମୟ ପ୍ରାୟ ୧.୧୫ । ମା କୁ ତା ପାଇଁ ଆଣିଥିବା ନିମିତ୍ତ ନୈବେଦ୍ୟ ଆର୍ପଣ କରିବା ପରେ ବସିବା ଜାଗାରେ ଉଠି ଠିଆ ହେଲି ଯେବେ ନାକରୁ ମଥା ପଛ ଯାଏ ସିନ୍ଦୁର ନାଇ ଥିବା ଧୁସରିଆ କଳା ରଙ୍ଗର ସ୍ତ୍ରୀଲୋକ ଜଣେ ଇଶାରା ରେ ଠିଆ ହେବାକୁ କହିଦେଇ ଗଲେ । ସେ କୋଉଠୁ ଆସିଲେ ଏବଂ କୁଆଡେ ଗଲେ ସେକଥା ମୁଁ ଜାଣିପାରିଲି ନାହିଁ । ଜୋଡ଼ହସ୍ତରେ ଠିଆ ହୋଇଥାଏ ମୁଁ ଠିକ ମା ର ଗର୍ଭଗୃହ ଦ୍ୱାର ସିଧା ରେ । ହଠାତ ପୂଜକ ଜଣେ ଅସମୟରେ ଖୋଲିଦେଲେ ଦ୍ୱାର । ସାମ୍ନାରେ ମା ତାରା । ଆକାଂକ୍ଷୀତ ଦର୍ଶନ ର ଏ ଦୁର୍ଲଭ ସୁଯୋଗ ମୋତେ ଶୁନ୍ୟ କରିଦେଲା ଯେମିତି । ଆକଣ୍ଠ ପାନ କରୁଥିଲି ମା ର ସୁନ୍ଦର ରୂପ ଅମୃତ । ମା ଓ ମୋ ଭିତରେ ମାତ୍ର କେଇହାତ ର ଦୂରତା କେବଳ, କିନ୍ତୁ ପ୍ରତିବନ୍ଧକ ଶୁନ୍ୟ । ଏ ଦୁର୍ଲଭ ଦର୍ଶନ ସୌଭାଗ୍ୟ କି ସେ ପରାଶକ୍ତି ଙ୍କ ବିନା ଆଶୀଷେ ସମ୍ଭବ ହୁଏ !!! ହଠାତ ପାଟିକରି ଉଠିଲି "ଜୟ ମା ତାରା", ଏଇ ଉଦଘୋଷରେ ଉପସ୍ଥିତ ଅନ୍ୟ ଦର୍ଶନାର୍ଥୀ ମାନେ ମଧ୍ୟ ଉଠି ଠିଆହେଲେ ଏବଂ "ଜୟ ତାରା" ଘୋଷ ରେ ପ୍ରକମ୍ପିତ ହେଲା ମନ୍ଦିର ପରିସର ।

କେତେ ସମୟ ଖୋଲା ରହିବ ଦ୍ୱାର, ସେକଥା ବୁଝିବା ପାଇଁ ବୟସ୍କ ପୂଜକ ଜଣଙ୍କୁ ପଚାରିଲି । ସେ କହିଲେ, ଅସମୟରେ ଖୋଲିଛି ଆଜି । ଫୁଲ ବହୁତ ହେଇଯାଇଛି, ତେଣୁ ଗର୍ଭଗୃହ ସଫା କରିବାକୁ ଖୋଲା ଯାଇଛି । ପନ୍ଦର ମିନିଟ ରେ ବନ୍ଦ ହୋଇଯିବ ।

ତରବରରେ ପରିବାର ଲୋକଙ୍କୁ ଫୋନ କରି ଡାକିଲି । ସେମାନେ ପହଞ୍ଚି ଦର୍ଶନ କରିବା ପାଇଁ ଯିବା ବେଳକୁ ଗହଳି ବଢି ଯାଇଥିଲା ସତ, ହେଲେ ମା ର ଅପାର କୃପାରୁ ମୋ ପୁଅକୁ ନେଇ ପୁନଶ୍ଚ ମା କୁ ଆପଦ ମସ୍ତକ ପରିଷ୍କାର ଦର୍ଶନ କରିବା ସୌଭାଗ୍ୟ ହେଲା । ଭୋଗ ଓ ଫୁଲ ଅର୍ପଣ ପାଇଁ ଶଶୁର ପୂଜକଙ୍କୁ ଡାଲାଟି ବଢ଼େଇ ଦେବା ବେଳେ ତାଙ୍କର ପ୍ରଥମ ପ୍ରତିକ୍ରିୟା ଥିଲା, "ଏ ତ ଚଢା ସରିଛି ବୋଧେ" । ଶଶୁର ଅବଶ୍ୟ ତାଙ୍କୁ ବୁଝାଇଦେଲେ ଯେ ଖରାଧାସରେ ଶୁଖିଯାଇ ଏମିତି ଦିଶୁଛି । ମୁଁ କିନ୍ତୁ ମା ଉଦ୍ଦେଶ୍ୟରେ ପ୍ରଣିପାତ କରୁଥିଲି ମୋ ହାତରୁ କିଞ୍ଚିତ ସମର୍ପଣ ସ୍ୱୀକାର କରି ମୋତେ କୃତାର୍ଥ କରିଥିବାରୁ ।

ଜୀବନ୍ତ କୁଣ୍ଡ ପାଖରେ ସମସ୍ତେ ବସିଥାଉ ପହଡ଼ ଖୋଲିବା ଅପେକ୍ଷାରେ । ମୁଁ ଉଠିଆସି ଥରେ ପହଞ୍ଚି ଗଲି ତାରା ମା ର ଗେଲ୍‌ହାପୁଅ ବାମାକ୍ଷେପା ଙ୍କ ଛୋଟ ମନ୍ଦିର ଟି ପାଖରେ । ଅନୁଭବ ହେଉଥିଲା ତାଙ୍କର ସେ ଧ୍ୟାନସ୍ଥ ମୂର୍ତ୍ତିଟି ଯେମିତି ଏବେବି ଜୀବନ୍ତ । ତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଫେରିବା ବେଳକୁ ଶୁଣିଲି ଅପରାହ୍ନ ଦର୍ଶନ ୪.୩୦ ବେଳକୁ ଆରମ୍ଭ ହେବ । ଆମକୁ କିନ୍ତୁ ୪.୩୦ ସୁଦ୍ଧା ରାମପୁରହାଟ ଷ୍ଟେସନରେ ପହଞ୍ଚିବା କୁ ହେବ ଫେରନ୍ତା ଟ୍ରେନ ଧରିବାକୁ । ପରଦିନ ସକାଳୁ ଓଡିଶା ଫେରିବା ଟ୍ରେନ । ତେଣୁ ଅଟକି ହେବନି । ଖରା ଟିକେ ମଉଳିବା ଯାଏଁ ଜୀବନ୍ତ କୁଣ୍ଡ ପାଖ ଶୀତଳ ପବନରେ ବସିଲୁ । ଏଇ ଭିତରେ ମୁଁ ଭୁଲିଯାଇଥାଏ ଯେ ସେଦିନ ସକାଳୁ ସେ ପର୍ଯ୍ୟନ୍ତ ମୁଁ ଅଭୁକ୍ତ ଥିଲି । ଭୋକ ଶୋଷ ସବୁକିଛି କେଉଁଆଡ଼େ ଉଭେଇ ଯାଇଥିଲା ଯେମିତି ।

ଫେରିବା ପାଇଁ ବାହାରିଲା ବେଳେ ମା କୁ କୃତଜ୍ଞତା ଜଣାଇଲି । ମୁଁ ଓ ମୋ ପୁଅ ସୁନ୍ଦର ସୁଦୃଶ୍ୟ ଦର୍ଶନ ସୁଖରେ ବିଭୋର ହେଉଥିଲୁ ଆଉ ପରିବାରର ଅନ୍ୟମାନେ ସାମାନ୍ୟ ଉଦାସ ହେଉଥିଲେ ଭଲରେ ଦର୍ଶନ କରି ନ ପାରିବା ଯୋଗୁଁ । ବାମାକ୍ଷେପା ଙ୍କ ସାଧନା ସ୍ଥଳ

ମହାଶ୍ମଶାନ ଓ ତାଙ୍କ ସମାଧି ଦର୍ଶନ କରି ଫେରିବା ବେଳକୁ ଭୋକ ଲାଗୁଥିଲା । ମା ର ଅନ୍ନ ପ୍ରସାଦ ତକ ଉଦରସ୍ଥ କରିବା ପରେ ସନ୍ତୁକ ସ୍ୱରୂପ ମା ର ପାଦ ପ୍ରତିମା ହଳେ ସାଙ୍ଗରେ ଧରି ବାହାରିଲି ଫେରନ୍ତା ପଥରେ । ଜୀବନ୍ତ ପୀଠରେ ପ୍ରଥମ ମହାବିଦ୍ୟା ସନ୍ତାନବତ୍ସଳାମା ଆଦିଶକ୍ତି ଙ୍କ ଦର୍ଶନ ର ଏଇ ଦୁର୍ଲ୍ଲଭ ଅନୁଭବ ସାରା ଜୀବନ ମୋ ସ୍ମୃତିରେ ଉଜ୍ଜୀବିତ ରହିବ । ଜୟ ମା ତାରା ।

ଲିଙ୍କ ରୋଡ଼

କଟକ-୧୨

 Magazine Downloaded from www.aahwaan.com

ନୈବେଦ୍ୟରୁ ନିର୍ମାଲ୍ୟ

ଏକ

୧୭, ବୋଷପଡ଼ା ଲେନ, କଲିକତା ।

ବ୍ରାହ୍ମ ମୂହୁର୍ତ୍ତ, ଭୋର ୩ ଟା, ୫ ଜୁଲାଇ ୧୯୦୨ ।

ନିଜ କକ୍ଷ ଭିତରେ ପଲଙ୍କ ଉପରେ ଶୋଇବାକୁ ଚେଷ୍ଟା କରୁଥିଲେ ଭଗିନୀ ନିବେଦିତା । ଅନେକ ଆଗରୁ ତାଙ୍କର ରାତ୍ରୀଭୋଜନ ସହ ତାଙ୍କ ପାଖରେ ରହି ପାଠ ପଢୁଥିବା କିଛି ଜଣ ଝିଅମାନଙ୍କ ସହ ରାତ୍ରୀ ପ୍ରାର୍ଥନା ସରି ଯାଇଥିଲା । ପ୍ରାର୍ଥନା ପରେ ଝିଅମାନେ ତାଙ୍କ କକ୍ଷକୁ ଶୋଇବାକୁ ଚାଲି ଯାଇଥିଲେ । କିନ୍ତୁ ନିବେଦିତାଙ୍କ ଆଖିକୁ ନିଦ ଆସୁ ନ ଥିଲ । ସେ ଅସ୍ଥିର ଥିଲେ, ମାନସିକ ସ୍ତରରେ । ସେହି ଅସ୍ଥିରତା ଭିତରେ ବାପାଙ୍କୁ ମନେ ପକାଇ ନିଜ ଭିତରେ ସ୍ଥିରତା ଆଣିବାକୁ ଚେଷ୍ଟାରତ ଥିଲେ । ତଥାପି ସଫଳ ହୋଇ ପାରୁ ନ ଥିଲେ ।

ପ୍ରମୋଦ କୁମାର ପଣ୍ଡା

ବାରମ୍ବାର ସେ କଡ଼ ଲେଉଟାଉଥିଲେ । ପଲଙ୍କରୁ ଉଠିଆସି ଝରକା ବାହାରକୁ ଦେଖୁଥିଲେ । ନିଃସଙ୍ଗ, ନିର୍ଜନ ରାସ୍ତାରେ କେବଳ ବତୀଖୁଣ୍ଟ ଉପର କ୍ଷୀଣାଲୋକ ବ୍ୟତୀତ ଅନ୍ୟ କିଛି ଦେଖା ଯାଉ ନଥିଲା । ଦୁଇଦିନ ତଳେ ସ୍ୱାମୀଜୀଙ୍କ ସହ ସାକ୍ଷାତକାର ପରେ ଧୀରେ ଧୀରେ ବଢ଼ି ତାଙ୍କର ମାନସିକ ଅବସ୍ଥା ଏଇଠି ଆସି ପହଞ୍ଚି ଥିଲା ।

ବାରମ୍ବାର ତାଙ୍କୁ ଆଜି ପ୍ରଚଣ୍ଡ ଈଶ୍ୱର ବିଶ୍ୱାସୀ ଭଗବତ୍‌ବାଣୀ ପ୍ରଚାରକ ତାଙ୍କ ବାପାଙ୍କ ହସ ହସ ମୁହଁ, ପିଲାଙ୍କୁ ମୋହିଦେଲା ଭଳି ଶବ୍ଦର ପ୍ରୟୋଗ ତାଙ୍କୁ ମନେ ପଡୁଥିଲା । ପିଲା ବେଳୁ ବାପାଙ୍କୁ ହରେଇଥିଲେ । ଫ୍ରାନ୍‌ସ କବଳରୁ ଆୟର୍ଲ୍ୟାଣ୍ଡକୁ ମୁକ୍ତି ଆନ୍ଦୋଳନରେ ଭାଗ ନେଇଥିବା ତାଙ୍କ ସ୍ୱାଧୀନଚେତା ଅଜା ତାଙ୍କ ଆଦର୍ଶ ଥିଲେ ଏବଂ ତାଙ୍କ ପାଖରେ ତାଙ୍କ ଲାଳନପାଳନ ହୋଇଥିଲା ।

ବାହାରେ କିଏ କବାଟରେ କରାଘାତ କଲା । କିଏ ସେ ଏହି ରାତ୍ରୀକାଳ ମୁହୂର୍ତ୍ତରେ – ଆଶଙ୍କାଗ୍ରସ୍ତ ହେଲେ ସେ । ବାହାରେ ବେଲୁର ମଠର ଜଣେ ସାଧୁ ଠିଆ ହୋଇଥିଲେ ।

ନିବେଦିତାଙ୍କୁ ଦେଖୁ ଦେଖୁ କହିଲେ – ରାତ୍ରି ୧୨ଟାରେ ସ୍ୱାମୀଜୀ ଚାଲିଗଲେ ।

ନିଶ୍ଚିତ ରୂପେ କିଛି ଅଶୁଭର ଅନୁମାନ କରି ପାରୁଥିଲେ ମଧ୍ୟ ବେଲୁର ମଠରୁ ଆସିଥିବା ସେହି ସାଧୁଙ୍କର ପାଟିରୁ ବାହାରିଥିବା ଶବ୍ଦଗୁଡିକୁ ସେ ହଠାତ୍ ବିଶ୍ୱାସ କରି ପାରିଲେନି ।

ଦୁଇଦିନ ତଳେ ତାଙ୍କର ସ୍ୱାମୀଜୀଙ୍କ ସହ ସାକ୍ଷାତ ହୋଇଥିଲା । ସ୍ୱାମୀଜୀ ନିଜ ହାତରେ ପ୍ରିୟ ଶିଷ୍ୟାଙ୍କୁ ଖାଦ୍ୟ ବାଢ଼ିଥିଲେ, ଯେଉଁଭଳି ଯୀଶୁଖ୍ରୀଷ୍ଟ ତାଙ୍କ ଶେଷ ସମୟରେ ଶିଷ୍ୟମାନଙ୍କ ଅଇଁଠା ହାତରେ ପାଣି ଢାଳିଥିବା ଭଳି ଖାଇ ସାରିଲା ପରେ ତାଙ୍କ ଅଇଁଠା ହାତରେ ସଫା ହେବା ପାଇଁ ପାଣି ଢାଳିଥିଲେ । ସେତେବେଳେ ହିଁ ତାଙ୍କ କଥାରୁ ସେ ଏହି ସଂସାର ଛାଡ଼ି ଚାଲିଯିବାର ସୂଚନା ସେ ପାଇ ସାରିଥିଲେ ।

ଶ୍ରୀରାମକୃଷ୍ଣଙ୍କ ଅନୁସାରେ ଆସନ୍ତା ୭୨ ଘଣ୍ଟା ମଧ୍ୟରେ ସବୁଦିନ ପାଇଁ ତାଙ୍କର ନିର୍ବିକଳ୍ପ ସମାଧିର ସ୍ୱାଦ ଚାଖିବାର ସମୟ ଆସି ଯାଇଥିଲା । କିନ୍ତୁ ତାହା ଯେ ଏତେ ଶୀଘ୍ର ଆସିଯିବ, ନିବେଦିତାଙ୍କ କଳ୍ପନାତୀତ ଥିଲା । ହୃତ୍‌କ୍ରିୟା ବନ୍ଦ ହେବା କାରଣରୁ ସ୍ୱାମୀ

ବିବେକାନନ୍ଦଙ୍କ ଦେହାନ୍ତ ଖବର ଡାକ୍ତର ମଜୁମଦାର ଘୋଷଣା କରିଥିବା ଶୁଣିଲା ପରେ ନିବେଦିତାଙ୍କ ମନରେ ମୃତ୍ୟୁ ସମୟର ଅସୁମାରୀ ଆବେଶକୁ ସେ ଅନୁଭବ କରି ପାରୁଥିଲେ, କିନ୍ତୁ ତାକୁ ପ୍ରକଟ କରି ପାରିଲେନି ।

ଦାହ ସଂସ୍କାରର ସମୟ ନିର୍ଘଣ୍ଟ ବିଷୟରେ ଅନୁସନ୍ଧାନ କଲା ପରେ କହିଲେ – ମୁଁ ସକାଳ ହେଲେ ବାହାରିବି ।

ସାଧୁ ଜଣକ ଫେରିଗଲେ । ରାତ୍ରୀର ସେହି ନିସ୍ତବ୍ଧ କୋଳାହଳ ଭିତରେ ଭଗିନୀ ନିବେଦିତାଙ୍କ ଇଚ୍ଛା ହେଉଥିଲା ଗଳା ଫଟେଇ ଜୋର୍‌ରେ ଚିତ୍କାର କରିବେ । ମନର ଦୃଶ୍ୟପଟଳରେ ନିଜର ଏକାନ୍ତବୋଧତା ଓ ମୁଣ୍ଡ ଉପରୁ ସହସା ଅଦୃଶ୍ୟ ହୋଇ ବସିଥିବା ତଥାସ୍ତୁସୂଚକ ଆଶୀର୍ବାଦର ବରଦହସ୍ତକୁ ସେ ହରେଇ ଦେଇଥିଲେ ।

ଯେଉଁ ସ୍ୱାମୀଜୀଙ୍କ ଓଜସ୍ୱିନୀ ବାଣୀରେ ପ୍ରଭାବିତ, ଆକର୍ଷିତ ହୋଇ ସେ ଭାରତବର୍ଷକୁ ନିଜ କର୍ମଭୂମି ଓ ଇହଧାମ ଭାବେ ଆଦରି ନେଇଥିଲେ, ସେ ଆଜି ଏହି ଜଗତରେ ନାହାଁନ୍ତି ।

ବ୍ରହ୍ମାଣ୍ଡ ସଂରଚନାରେ ଡାରଉଇନ୍‌ଙ୍କ ଓ ନିଉଟନ୍‌ଙ୍କ ପ୍ରାମାଣିକ ବୈଜ୍ଞାନିକି ତଥ୍ୟ ଅପେକ୍ଷା ସନାତନ ଧର୍ମଗ୍ରନ୍ଥର ଏହି ଚିର ମୁନୀଋଷି ଅନୁଭୂତ ତଥ୍ୟରେ ସେ ବେଶି ପ୍ରଭାବିତ ଓ ଅନୁପ୍ରାଣିତ ଥିଲେ ।

ଏହି ପରିପେକ୍ଷୀରେ ଏକରୁ ଅନେକ ଅର୍ଥାତ ‘ଏକଃହୋଂ ବହୁଷ୍ୟାମଃ’ ଭଳି ଜଟିଳ ବେଦ ବାକ୍ୟକୁ ଉଦ୍ଧାର କରି ଏହି ଚକ୍ରକୁ ବୁଝେଇ ସ୍ୱାମୀଜୀ ବୁଝେଇଥିଲେ -

ପ୍ରକୃତିରେ ବ୍ରହ୍ମାଣ୍ଡ ଓ ଆତ୍ମନର ଅଭିବୃଦ୍ଧି କିଛି ଶ୍ରେଷ୍ଠ ବୀଜ ସ୍ୱରୂପ, ଯାହା ଭିତରୁ ଆୟ ହିଁ ଆୟ ହୋଇ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ଜଗତ ତାକୁ ଉପଭୋଗ କରିବା ଅବସ୍ଥାରେ ଥାଏ । ଈଶ୍ୱରୀୟ କାମର ସମାପ୍ତି ପରେ ପୁଣି ସେହି ବୀଜ ବିସ୍ତାରିତ କର୍ମ ଅବଶେଷକୁ

 Magazine Downloaded from www.aahwaan.com

ଜଗତ ମଧ୍ୟରେ ବିତରଣ କରି ମୂଳ ସେହି ଶ୍ରେଷ୍ଠ ଅବସ୍ଥାକୁ ଫେରି ଯାଇଥାନ୍ତି ।

ଜନ୍ମ-ମୃତ୍ୟୁର ଏହି ଚକ୍ର ବୁଝାଇବାକୁ ଯାଇ ଯେଭଳି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାରେ ବୁଝେଇଥିଲେ : ବାସଂର୍ସି ଜୀର୍ଣ୍ଣାନି ଯଥା ବିହାୟ .....

ଯେଭଳି ମନୁଷ୍ୟ ପୁରୁଣା ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ଧାରଣ କରିଥାଏ, ଠିକ୍ ସେଭଳି ଶରୀରରେ ଥିବା ଜୀବାତ୍ମା ପୁରୁଣା ଶରୀର ତ୍ୟାଗ କରି ଅନ୍ୟ ଏକ ଶରୀରକୁ ପ୍ରାପ୍ତ ହୋଇଥାନ୍ତି ।

ଏହାର ବହୁତ ବର୍ଷ ପୂର୍ବେ ଭଗବାନଙ୍କୁ ଖୋଜି ଖୋଜି ଶ୍ରୀରାମକୃଷ୍ଣଙ୍କ ଭଳି ତତ୍ତ୍ୱଦର୍ଶୀଙ୍କ ପାଖରେ ଧରା ଦେଇଥିଲେ ନରେନ୍ଦ୍ରନାଥ ଦତ୍ତ ।

ଶ୍ରୀରାମକୃଷ୍ଣଙ୍କ ଧ୍ୟାନ-ବିଚାରର ସମୟରେ ଆସନ୍ତା ସମୟରେ ଭାରତ ବର୍ଷରେ ଘଟିବାକୁ ଯାଉଥିବା ଅଦ୍ଭୁତ ପରିବର୍ତ୍ତନର ସାକ୍ଷ୍ୟ-ଦ୍ରଷ୍ଟା ରୂପେ ବେଦାନ୍ତ ବିଚାରକୁ ଦୁନିଆ ଆଗରେ ଉପସ୍ଥାପିତ କରିବାକୁ ସପ୍ତର୍ଷିମଣ୍ଡଳରେ ଉଦ୍ଭାସିତ ହେଉଥିବାର ଯେଉଁ ନକ୍ଷତ୍ରକୁ ପୃଥିବୀପୃଷ୍ଠରେ ଉତ୍ତରିତ ହେବାର ଦୃଶ୍ୟ ଦେଖିଥିଲେ, ବେଦାନ୍ତ ଦର୍ଶନକୁ ଈଶ୍ୱରଙ୍କ କଣ୍ଠରୁ ଦର୍ଶାଇ ଉଦ୍‌ଘୋଷଣା କଲାବେଳେ ତାଙ୍କ ବ୍ୟାଖ୍ୟାକୁ ଗୁରୁଙ୍କର ବାଣୀ ରୂପେ ମୁକ୍ତ କଣ୍ଠରେ ସ୍ୱୀକାର କରି ସୃଷ୍ଟିର ଆବହମାନ କାଳରୁ ଉତ୍ତରି ଆସୁଥିବା ଏହି ଭୂମିରେ ଗୁରୁ ଶିଷ୍ୟର ପ୍ରାଚୀନ ପରମ୍ପରାରେ ଯୋଗ ଦେଇଥିବା ନରେନ୍ଦ୍ର ନାଥ ଦତ୍ତ ସେହି ନକ୍ଷତ୍ରର ମାନବ ରୂପୀ ଥିଲେ ।

ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ
(ଭଗବତ ଗୀତା ୪ ।୩୪)

ଅର୍ଥାତ୍,

ଗୁରୁଙ୍କ ନିକଟବର୍ତ୍ତୀ ହୋଇ ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ ପ୍ରଶ୍ନ ତଥା ସେବା କରି ଜ୍ଞାନ ଆହରଣ କର । ସେହି ତତ୍ତ୍ୱଦର୍ଶୀ ଜ୍ଞାନୀ ପୁରୁଷ ତୁମକୁ ଜ୍ଞାନାମୃତରେ ଆପ୍ୟାୟିତ କରିବେ ।

ଶ୍ରୀରାମକୃଷ୍ଣଙ୍କ ପାଇଁ ନରେନ୍ଦ୍ର ନାଥ ଯେଉଁ ଭଳି ଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ପାଇଁ ମାର୍ଗାରେଟ ନୋବେଲ ମଧ୍ୟ ସେଭଳି ଥିଲେ ।

ସାଧୁ ଜଣଙ୍କ ଫେରିଗଲା ପରେ ଥକ୍କା ମାରି ପଲଙ୍କ ଉପରେ ବସି ପଡ଼ିଥିବା ନିବେଦିତା ଅଣ୍ଟା ଘଡ଼ି ଦେଖି ପ୍ରକୃତିସ୍ଥ ହେଲେ । ରାତ୍ରି ୩ଟା ବାଜୁଥିଲା । ଭୋର ଭୋରରୁ ତାଙ୍କୁ ବେଲୁର ମଠ ବାହାରି ଯିବାକୁ ହେବ । ବ୍ରାହ୍ମ ମୁହୂର୍ତ୍ତର ଧ୍ୟାନ କରିବାକୁ ପ୍ରସ୍ତୁତ ହେବାକୁ ଲାଗିଲେ ସେ ।

ଦୁଇ

ଭଗିନୀ ନିବେଦିତା ତା ପରଦିନ ସକାଳୁ ବେଲୁର ମଠକୁ ଆସିଲା ବେଳକୁ ତାଙ୍କ ମୁଖମଣ୍ଡଳ ସ୍ଥିର, ପ୍ରତିକ୍ରିୟା ଶୂନ୍ୟ ହୋଇ ଯାଇଥିଲା । ବାପାଙ୍କ ଠାରୁ ପିଲାଦିନେ ପାଇଥିବା ଆଧ୍ୟାତ୍ମିକି ପ୍ରଭାବରେ ପ୍ରଭାବିତା ଶିଷ୍ୟା କନ୍ୟାଟି ବେଲୁର ମଠରେ ପହଞ୍ଚିବା ପରେ ଗୁରୁଙ୍କ ନିସ୍ପନ୍ଦ ନିର୍ବାକ ମର ଶରୀର ପାଖରେ ବସି ମର ଶରୀରକୁ ଉଠେଇ ନେଲା ଯାଏଁ ନିଦ୍ରାଗତ ମାନି ଗୁରୁ ସେବାରୂପେ ଅବିରତ ବିଞ୍ଚଣା କରିବାରେ ଲାଗିଥିଲେ ।

ବେଲୁର ମଠ ତିଆରି ହେବା ସମୟରେ ଶ୍ରୀ ଶାରଦା ମା, ଜୋଷେଫିନ୍ଓ ଶ୍ରୀମତି ଓ'ବୁଲ୍ଙ୍କ ଉପସ୍ଥିତିରେ ସ୍ୱାମୀଜୀଙ୍କ ଶିଷତ୍ୱ ସେ ଗ୍ରହଣ କରିଥିଲେ । ଯଦ୍ୟପି ଜନ୍ମ ହେବା

ଆଗରୁ ତାଙ୍କ ମା ତାଙ୍କୁ ଈଶ୍ୱରଙ୍କୁ ସମର୍ପି ଦେଇଥିଲେ ତଥାପି ସେ ବିଷୟରେ ଅନଭିଜ୍ଞ ସ୍ୱାମୀଜୀ ଭାରତ ମାତାଙ୍କୁ ଅର୍ପଣପୂର୍ବକ ତାଙ୍କ ନାଁ ମାର୍ଗାରେଟରୁ ନିବେଦିତା ଘୋଷଣା କରିଥିଲେ । ସବୁ ଗୁଡ଼ିକ ଘଟଣା ଯେମିତି ପୂର୍ବ ନିର୍ଦ୍ଧାରିତ ଥିଲା ।

ଦୀକ୍ଷା ନେବା ପରେ ଧୀର ମାତା ଓ ଅନ୍ୟ ମାନଙ୍କ ସହ କାଶ୍ମୀର ଯାତ୍ରା ସମୟର ଏହି ଭଳି ଏକ ଦିନରେ ସକାଳ ଜଳଖିଆ ବେଳେ ସ୍ୱାମୀଜୀ ନିଜର ସ୍ୱ-ରଚିତ କବିତାଟିକୁ ତାଙ୍କ ଓଜସ୍ୱିନୀ ବାଣୀ କଣ୍ଠରେ ସୂର୍ଯ୍ୟ ଆହ୍ୱାନ ପୂର୍ବକ ଆବୃତ୍ତି ତାଙ୍କର ମନେ ପଡ଼ିଲା । ସେ ଦିନ ବି ଜୁଲାଇ ୪ ଥିଲା, ଆମେରିକାର ସ୍ୱାଧୀନତାର ଘୋଷଣା ଦିବସ ।

[ଦ୍ୱିପହର ଛାଇ ପୃଥ୍ୱୀପୃଷ୍ଠ ସାରା ବିସ୍ତାରିତ ହେଲା ଯାଏଁ;

ପ୍ରତିଟି ଅଣୁରେ ଆପଣଙ୍କ ଆଲୋକ ପ୍ରତିବିମ୍ବିତ ହେବା ଯାଏଁ;

ସ୍ତ୍ରୀ ଓ ପୁରୁଷ ମୁଣ୍ଡ ଉଠେଇ ଛିଣ୍ଡି ଯାଇଥିବା ଶୃଂଖଳକୁ ଦେଖିଲା ଯାଏଁ;

ଏବଂ

ନବୀକରଣ ହେଇ ଚାଲିଥିବା ସଭିଁଙ୍କ ବାସନ୍ତିକ ଆନନ୍ଦିତ ଜୀବନ ନ ଦେଖିଲା ଯାଏଁ;

ହେ ଈଶ୍ୱର, ଆପଣ ଆପଣଙ୍କ ନିଜ ନିର୍ବିରୋଧ କକ୍ଷେ ପରିଭ୍ରମଣ କରୁଥାନ୍ତୁ !]

କିନ୍ତୁ ପୁରା କବିତାଟି ମନେ ଅଛି ତାଙ୍କର । ଯେଉଁଭଳି ଚମତ୍କାର କବିତା ଥିଲା, ତା ଠାରୁ ଅଧିକ ଥିଲା ସେହି ଚଳଚଞ୍ଚଳ ସ୍ୱାମୀଜୀଙ୍କ କଣ୍ଠ ।

ସେ ମନେ ମନେ କବିତାଟି ଆବୃତ୍ତି କରିବାରେ ଲାଗିଲେ ।

ଭୁପେନ୍ଦ୍ରଙ୍କୁ ଧରି ବିବେକାନନ୍ଦଙ୍କ ମା ଆସିଥିଲେ । ଶେଷନିଦ୍ରାରେ ଶୋଇଥିବା ମାତୃଭୂମିର ସେବାରତ ଏହି ପୁଅଟିର ଲମ୍ବା ଶରୀରକୁ ଭିଡ଼ି ଧରି ସେ କ୍ରନ୍ଦନରତ ଅବସ୍ଥାରେ ତାଙ୍କ ଉଦର ଭିତରେ ପୁତ୍ରର ଛୋଟ ଶାରୀରର କଳ୍ପନା କରୁଥିଲେ । ପିଲାଟି ଦିନୁ ନିଜ

ସନ୍ତାନର କାର୍ଯ୍ୟକଳାପରେ ପ୍ରଭାବିତ ଏବଂ ଆବିର୍ଭୂତ ମା'ଙ୍କର ଏହି ପ୍ରତିକ୍ରିୟା ଅପେକ୍ଷିତ ଥିଲା ।

ତାଙ୍କ କାନରେ ଆସି ଜଣେ କିଏ କହିଥିଲା – ସନ୍ନ୍ୟାସୀଙ୍କ ଦେହ ତ୍ୟାଗ ଘଟିଛି । ତା ପାଇଁ କାନ୍ଦନ୍ତି ନାହିଁ ।

ସେ ତତ୍‌କ୍ଷଣାତ୍ ପ୍ରକୃତିସ୍ଥ ହେଲେ । ପ୍ରତିକ୍ରିୟା-ଶୂନ୍ୟ ଭାବରେ ଅନବରତ ତାଙ୍କ ସନ୍ତାନର ମର ଶରୀରକୁ ପଙ୍ଖା କରୁଥିବା ନିବେଦିତାଙ୍କୁ ଚାହିଁ ତାଙ୍କ କାନ୍ଦ ବନ୍ଦ ହେଇ ଯାଇଥିଲା । ଚିରନ୍ତନୀ ମାତୃଗର୍ଭା ଭୁବନେଶ୍ୱରୀ ଜାଣିଥିଲେ ତାଙ୍କର ଏହି ସନ୍ତାନଟି ଭାରତ ମା ପାଇଁ ଯେତିକି ଭାବୁଥିଲା ଓ କାର୍ଯ୍ୟ କରୁଥିଲା, ଯାହାର ଉଦରରୁ ସେ ବାହାରିଲା ତାର ଚିନ୍ତା ବି ତା ପାଇଁ ଈଶ୍ୱର ନିର୍ଦ୍ଦେଶ ଥିଲା ।

ସୁଦୂର ଲଣ୍ଡନରେ ମଧ୍ୟ ପ୍ରଥମ ସୂର୍ଯ୍ୟାଲୋକରେ ଆଲୋକିତ ତାଙ୍କ ନିଜ ଜନ୍ମଭୂମି ପୂର୍ବ ଭୂଖଣ୍ଡ ସମ୍ପର୍କିତ ଅସଂଖ୍ୟ ସଂସ୍କାରିତ ବାର୍ତ୍ତା ପ୍ରସାରର ଏକ ପ୍ରାକୃତିକ ଅନୁଭୂତିକୁ ସେ, ଭାରତକୁ ନିଜ ମାତୃଭୂମି ଓ କର୍ମଭୂମି ରୂପେ ସ୍ୱୀକାର କରିଥିବା ଭଗିନୀ ନିବେଦିତା, ତାଙ୍କ ଗୁରୁଙ୍କର ମାତୃଭୂମି ପ୍ରତି ଥିବା ଅଗାଧ ପ୍ରେମକୁ ହୃଦୟର ପ୍ରତିଟି କୋଣରେ ଅନୁଭବ ବର୍ତ୍ତମାନ ଅନୁଭବ କରି ପାରୁଛନ୍ତି ।

ନିଶ୍ଚିତ ରୂପେ ତାହା ତାଙ୍କ ସୌଭାଗ୍ୟ ଥିଲା ଯେ ୧୮୯୫ ଓ ୧୮୯୬ ଦୁଇଟି ଯାକ ଅବସରରେ ସେ ତାଙ୍କ ଗୁରୁଙ୍କ ସନାତନ ଆଧ୍ୟାତ୍ମିକ ବ୍ୟାଖ୍ୟା ଶୁଣିଥିଲେ ମଧ୍ୟ ୧୮୯୮ର ଆରମ୍ଭରେ ଭାରତ ଆସିଲା ପର୍ଯ୍ୟନ୍ତ ଗୁରୁଙ୍କ ବ୍ୟକ୍ତିଗତ ଜୀବନର ଶୂନ୍ୟ କିମ୍ବା ଅତି ନଗଣ୍ୟ ପରିଚୟ ସେ ପାଇ ପାରି ନଥିଲେ । ଅଭିଜ୍ଞତା ଅଭାବର ଫଳ ସ୍ୱରୁପ ତାଙ୍କ ବ୍ୟକ୍ତିତ୍ୱର ଆତ୍ମ-ପ୍ରକଟ କରଣର ପ୍ରତି ପାଦେ ପାଦେ ଭାରତୀୟ ଜଙ୍ଗଲ, ନଗର ଓ ରାଜ ରାସ୍ତା ବଦଳରେ

 Magazine Downloaded from www.aahwaan.com

ପ୍ରାଚ୍ୟ ଜଗତର ଜଣେ ଧାର୍ମିକ ଗୁରୁ ତାଙ୍କ ସ୍ମୃତି ପଟଳରେ ଆସି ଠିଆ ହୋଇ ଯାଉଥିଲେ ।

ଲମ୍ବା ଚଉଡା ତେଜୋଦୀପ୍ତ ଚେହେରାର ଶରୀରଟିରେ ଅଗ୍ନି ସଂଯୋଗ ଦ୍ୱାରା ଜଳୁଥିବା ଜୁଇ ନିଆଁ ସହ ମାର୍ଗାରେଟଙ୍କ ମନ ବି ଉଚ୍ଚ ଭଟ୍ଟାରେ ସୁଦୂର ଅତୀତକୁ ବିସ୍ତାରି ଯାଇଥିଲା ଯେଉଁ ଆକର୍ଷକ ଚେହେରାକୁ ସେ ଯେଉଁଦିନ ପ୍ରଥମ କରି ଦେଖିଥିଲେ ଇଂଲଣ୍ଡରେ, ଜଣେ ବନ୍ଧୁଙ୍କ ନିମନ୍ତ୍ରିତ ଅତିଥି ରୂପେ । କେବଳ ସେହି ଥର ହିଁ ସେମାନେ ୧୫ କିମ୍ବା ୧୬ ଜଣଙ୍କ ଗହଣରେ ସେ ତାଙ୍କ ଗାଢା ଲାଲ ରଙ୍ଗର ସଭା ବସ୍ତ୍ର (ସଭାରେ ପିନ୍ଧି ବସିବା ପାଇଁ ଲମ୍ବା ପୋଷାକ) ଓ ମେଖଳାରେ ବାରମ୍ବାର ଉଚ୍ଚାରୁ ଥିବା “ଶିବ”, “ଶିବ”ର କୌତୁହଳୀ ଅଭ୍ୟାସରେ ଏବଂ ଅଧିକ ଧ୍ୟାନରେ ବୁଡ଼ି ରହୁଥିବା ଜଣଙ୍କର ନମ୍ର ଓ ଦାମ୍ଭିକ ଚାହାଣୀର ଦୃଷ୍ଟି, ବୋଧହୁଏ ତାହା ଚିତ୍ରକର ରାଫେଲଙ୍କ ଚିତ୍ରିତ ସିସ୍ଟେଟିନ ଛୁଆର ଭ୍ରୂଲତା ଉପରେ ଆଙ୍କିଥିବା ଚାହାଣୀର ଚିତ୍ରଦୃଷ୍ଟି ଥିଲା, ଧରି ସୁଦୂର ପୂର୍ବରୁ ସେମାନଙ୍କ ପାଇଁ ବାର୍ତ୍ତା ଧରି ଆସିଥିବା ଜଣେ ଈଶ୍ୱରଦୂତ ସଦୃଶ ବସିଥିଲେ ।

ନଭେମ୍ବର ମାସର ତାହା ଏକ ରବିବାସରୀୟ ସନ୍ଧ୍ୟା ସମୟ ଥିଲା ଏବଂ ମଧ୍ୟ-ଲଣ୍ଡନର ଏକ ବୈଠକଖାନାରେ ସେମାନେ ବସିଥିଲେ । ଅନ୍ଧକାର ଭିତରକୁ ପଶି ଯାଉଥିବା ସନ୍ଧ୍ୟାଲୋକ ସମୟରେ ସେ ଅଗ୍ନିକୁଣ୍ଡକୁ ପଛ କରି, ଅର୍ଦ୍ଧ-ଗୋଲାକାର ଏକ ଶ୍ରୋତାସମୂହକୁ ମୁହଁ କରି ବସିଥିଲେ ଏବଂ ବେଳେବେଳେ ମଝିରେ ଉଦାହରଣ ସହ ସଂସ୍କୃତ ସୂତ୍ର ଗୁଡ଼ିକ ଭିତରକୁ ଭାଙ୍ଗି ପଶି ପ୍ରଶ୍ନ ପରେ ପ୍ରଶ୍ନର ଉତ୍ତର ଗୁଡ଼ିକର ଜବାବ ଦେଉଥିବା ଦୃଶ୍ୟଟି ନିଶ୍ଚିତ ରୂପେ ଭାରତୀୟ ବଗିଚା ଉପରେ ବିରାଜମାନ ଜିଜ୍ଞାସୁ ଭଳି, କିମ୍ବା ସୂର୍ଯ୍ୟାସ୍ତ ସମୟରେ କୂଅ ମୂଳେ ଅଥବା ଗ୍ରାମ୍ୟ ଉପକଣ୍ଠରେ ସାଧୁଙ୍କ ପାଖରେ ସମାବିଷ୍ଟ ଶ୍ରୋତା ଗୋଷ୍ଠୀ ଭଳି ତାଙ୍କୁ ଦେଖା ଯାଉଥିବ ।

 Magazine Downloaded from www.aahwaan.com

ଇଂଲଣ୍ଡରେ ପୁଣି ଆଉ ଥରେ କେବେ ସେ ସ୍ୱାମୀଜୀଙ୍କୁ ସେଭଳି ସରଳ ଶିକ୍ଷକ ଓ ତେଜୋଦୀପ୍ତ ଚେହେରାର ବେଶ ପୋଷାକରେ ଦେଖି ନ ଥିଲେ ।

ତିନି

ସନ୍ଧ୍ୟା ଛଅଟା ସୁଦ୍ଧା ଅନ୍ତ୍ୟେଷ୍ଟି କ୍ରିୟା ଶେଷ ହେଲା ବେଳକୁ ଗଙ୍ଗା ଆର ପାଖରେ ସୂର୍ଯ୍ୟ ବୁଡ଼ିବାକୁ ବସିଥିଲେ । ଦାହ-ସଂସ୍କାର କରାଯାଉଥିବା ସ୍ଥାନ ଠାରୁ କିଛି ଦୂରରେ ତଟସ୍ଥତା ଅବସ୍ଥାରେ ଠିଆ ହୋଇଥିବା ସମୟରେ ଭଗିନୀ ନିବେଦିତାଙ୍କ ସହ ଏକ ଅଦ୍ଭୁତପୂର୍ବ ଅନୁଭବ ହୋଇଥିଲା, ଯାହାକୁ ସେ ପରେ ଜୋଷେଫିନ୍ ମ୍ୟାକଲଡ୍‌ଙ୍କୁ ଲିଖିତ ଏକ ପତ୍ରରେ ଉଲ୍ଲେଖ କରିଥିଲେ ।

ତାଙ୍କ ଆଗରେ ଜୁଇ କାଠ ଉପରେ ସ୍ୱାମୀଜୀଙ୍କ ମର ଶରୀର ଏକ ନିର୍ଦ୍ଦିଷ୍ଟ ଲୁଗାରେ ଢାଙ୍କି ଦିଆଯାଇଥିବା ଦେଖୁଥିଲେ । ଆବେଶର ଅନୁଗ୍ରହରେ ସେ ସ୍ୱାମୀ ଶାରଦାନନ୍ଦଙ୍କୁ ପଚାରିଥିଲେ – କଣ ଏହାକୁ ବି ଜଳେଇ ଦିଆଯିବ ? ମୁଁ ତାଙ୍କୁ ପିନ୍ଧିଥିବା ଦେଖିବାର ଏଇଟା କଣ ଶେଷ ଜିନିଷ ?

ସ୍ୱାମୀ ଶାରଦାନନ୍ଦ ତାଙ୍କୁ ତାହା ପ୍ରଦାନ କରିଦେବା ପାଇଁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ସେ ମନା କଲେ, “କେବଳ ଯଦି ମୁଁ ଏହାର ଖଣ୍ଡେ କଟା କାନି ପାଇ ପାରନ୍ତି, ମୋ ପାଇଁ ନୁହେଁ, ଜୋଷେଫିନ୍‌ପାଇଁ !”

କିନ୍ତୁ ତାଙ୍କ ପାଖରେ ଛୁରୀ କିମ୍ବା କଇଞ୍ଚି ନ ଥିଲା । ଏବଂ ତାହା ପାରମ୍ପରିକ ନିୟମ ବହିର୍ଭୂତ ହୋଇପାରେ, ସେଥିପାଇଁ ସେ ଚୁପ୍ ରହିଯାଇ ଜଳିଯିବା ପାଇଁ ଆରମ୍ଭ କରିଥିବା

 Magazine Downloaded from www.aahwaan.com

ଜୁଇକୁ ଚାହିଁ ରହିଥିଲେ ।

ସନାତନ ଧର୍ମର ଶରୀରଗତ ବିଦାୟକାଳୀନ ଦୃଶ୍ୟ ତାଙ୍କ ପାଇଁ ବିସ୍ମୟକର ତଥା କୋହାତ୍ମକ ଥିଲା । ଦଶ ବର୍ଷ ବୟସରେ ତାଙ୍କ ପିତାଙ୍କ ସମାଧି ସଂସ୍କାର ବେଳେ ଯେଉଁ ଭାବଜଗତରେ ଥିଲେ, ଏବେ ସେ ଠିକ ସେହି ଭାବକୁ ଅନୁଭବ କରୁଥିଲେ । ସେତେବେଳେ ସମାଧିସ୍ଥଳରେ ଶାନ୍ତ ଧୀରାବସ୍ଥାରେ ଠିଆ ହୋଇଥିବା ମା'ଙ୍କ ହାତକୁ ଜୋରରେ ଭିଡି ଧରିଥିଲେ । ଆଜି ତ ଏଇଠି ତାଙ୍କ ମା ବି ନାହାଁନ୍ତି ।

ରୀତିନୀତି ଅନୁସାରେ ଶ୍ମଶାନ ପାଖରୁ ସ୍ୱାମୀଜୀଙ୍କ ମା'ଙ୍କ ସହ ସବୁ ସ୍ତ୍ରୀ ଲୋକଙ୍କୁ ବିଦା କରା ଦିଆଯାଇଥିଲେ ମଧ୍ୟ ସେ ଶ୍ମଶାନ ଛାଡି ଯାଇପାରି ନଥିଲେ । ସ୍ୱାମୀଜୀଙ୍କ ଠାରୁ ସେ ବେଶି ଛୋଟ ନ ଥିଲେ ମଧ୍ୟ ସେ ତାଙ୍କର କନ୍ୟା ହିଁ ଥିଲେ, କନ୍ୟା ଶିଷ୍ୟା । ଅନତିଦୂରରେ ଠିଆ ହୋଇ ଜୁଇର ଲେଲିହାନ ଶିଖାର ପ୍ରତିଟି ଶୀର୍ଷକୁ ଧ୍ୟାନରେ ଦେଖୁଥିଲେ ।

ସହସା ତାଙ୍କ ହାତର କଚିରେ କିଛି ଝଟକା ହେଲା ଭଳି ବୋଧ ହେବାରୁ ସେ ଭାବନା ରାଜ୍ୟରୁ ବାହାରି ଆସି ତଳକୁ ଚାହିଁଲେ । ଆଉ ସେଇଠି, ନିଆଁ ଓ କଳା-ଅଙ୍ଗାର-ଅଛୁଆଁ ଦୁଇ କିମ୍ବା ତିନି ଇଞ୍ଚିରୁ ଅଧିକ ହେବନି, ସ୍ୱାମୀଜୀଙ୍କୁ ଘୋଡା ଯାଇଥିବା ଲୁଗା କଟା କାନିର ଅବଶିଷ୍ଟାଂଶ ଖଣ୍ଡେ ପଡିଥିଲା । ଅତିଶୟ ଉଲ୍ଲାସରେ ଆବିଭୂତ ହୋଇଗଲେ ମାର୍ଗାରେଟ । ଜୋଷେଫିନଙ୍କ ପାଇଁ ତାଙ୍କ ପ୍ରାର୍ଥନା ତାଙ୍କ ଗୁରୁ ଶୁଣିଛନ୍ତି ନିଶ୍ଚୟ । ପୁରୀ ସେ ଯାଇ ପାରି ନାହାଁନ୍ତି । ଶ୍ରୀ ଜଗନ୍ନାଥଙ୍କ ଅଲୌକିକ କଥା ଶାରଦା ମା'ଙ୍କ ପାଟିରୁ ତାଙ୍କର ପ୍ରସାଦରୁ ତିଆରି ନିର୍ମାଲ୍ୟର ମଙ୍ଗଳ ଗାଥା କାହାଣୀ ଆକାରରେ ସେ ଶୁଣିଛନ୍ତି । ହିନ୍ଦୁ ଜନମାନସରେ ଶେଷ ସମୟରେ ଦିଆ ଯାଉଥିବା ନିର୍ମାଲ୍ୟର ଗୁଢ଼ତତ୍ତ୍ୱ ବୋଧର କାହାଣୀ ।

ମନେ ମନେ ନିବେଦିତା ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କଲେ । ପ୍ରଭୁଙ୍କର କୃପା ପ୍ରସାଦର ନିର୍ମାଲ୍ୟ ଗୁରୁଙ୍କର ଏହି ଶେଷ ଚିହ୍ନଟିକୁ ନିଜ ମୁଣ୍ଡରେ ଲଗେଇ ରଖିବା ପାଇଁ ସେ ତାହା ଜୋଷେଫିନ୍‌ଙ୍କ ପାଇଁ ପରଲୋକରୁ ସ୍ୱାମୀଜୀଙ୍କ ସନ୍ଦେଶର ପ୍ରାପ୍ତି ସ୍ୱୀକୃତି ରୂପେ ଉଠେଇ ଆଣିଥିଲେ ।

ଜୁଇ ନିଆଁ ଲିଭି ଆସୁଥିଲା । କଟା କାନି ଖଣ୍ଡିକ ଧରି ନିବେଦିତା ଜୋଷେଫିନ୍‌ଙ୍କ ବିଷୟରେ ଚିନ୍ତା କରୁଥିଲେ ।

ଶ୍ମଶାନରେ ପାଇଥିବା ମୃତ୍ୟୁ-ଲୁଗା-କାନିରୁ ଖଣ୍ଡିଏ ବାସ୍ତବରେ ମୃତ୍ୟୁ ଉପରାନ୍ତେ ଜୋଷେଫିନ୍ ମ୍ୟାକଲଡ୍‌ଙ୍କ ପାଇଁ ଭଗିନୀ ନିବେଦିତାଙ୍କ ଜରିଆରେ ସ୍ୱାମୀଜୀଙ୍କ ଏହା ଏକ ପ୍ରେରିତ ସମ୍ବାଦ ଥିଲା ।

ସଂସାର ବ୍ୟାପୀ ସନାତନ ଧର୍ମର ବେଦାନ୍ତ ଦର୍ଶନର ପ୍ରଚାର ପ୍ରସାର ନିମନ୍ତେ ରାମକୃଷ୍ଣ ମିଶନ୍ ତରଫରୁ ଚାଲିଥିବା ଜ୍ଞାନ ଯଜ୍ଞରେ ଜୋଷେଫିନଙ୍କ ଭୂମିକା ଅତି ମହତ୍ତ୍ୱପୂର୍ଣ୍ଣ ଥିଲା । ସ୍ୱାମୀ ବିବେକାନନ୍ଦ ତାଙ୍କୁ ପୂର୍ବଜନ୍ମରୁ ସିଦ୍ଧି ପ୍ରାପ୍ତ ବିନା ଦୀକ୍ଷାର ଶିଷ୍ୟା ଭାବେ ଗହଣ କରିଥିଲେ ।

ନିବେଦିତା ଅନୁଭବ କଲେ, ରାତ୍ରୀର ଶେଷ ପ୍ରହରରୁ ଅନୁଭୂତ ତାଙ୍କ କ୍ଷୋଭିତ ହୃଦୟର କୋମଳ ପାଖୁଡ଼ାମାନ ଧୀରେ ଧୀରେ ଉନ୍ମୁକ୍ତ ହେବାରେ ଲାଗିଲେ । ଘଟଣାଟି ତାଙ୍କୁ ଏକାନ୍ତଭାବର ନୈସର୍ଗିକ ଉପାଦେୟତାର ପ୍ରତିଟି ଅକ୍ଷରର ସଙ୍କା ବ୍ୟାଖ୍ୟା କରୁଥିଲା । ତାଙ୍କ ଗୁରୁଙ୍କର ଆଶୀର୍ବାଦର ଅଦୃଶ୍ୟ ହସ୍ତଟିକୁ ସେ ତାଙ୍କ ଲୋମକୂପର ପ୍ରତି ବିନ୍ଦୁରେ ଅନୁଭବ କରୁଥିଲେ । ସେ ଏକା ନ ଥିଲେ ତାଙ୍କ ସହ ତାଙ୍କ ଗୁରୁଙ୍କର ସମ୍ବାଦ, କର୍ମ ଅତିବାହିତ ହେଉଥିଲା ।

ସ୍ୱୟଂ ଆପଣେଇ ନେଇଥିବା ଶିଷ୍ୟତ୍ୱର ମର୍ଯ୍ୟାଦା ଓ ଗରିମାରେ ଉଦ୍‌ବୃଦ୍ଧ ଭଗିନୀ ନିବେଦିତା, ପ୍ରକୃତ ବେଦାନ୍ତୀ ଧାରକମାନଙ୍କ ପାଇଁ ନୈବେଦ୍ୟରୁ ନିର୍ମାଲ୍ୟର ସୁଯୋଗ୍ୟ ସନ୍ଦେଶବାହିକା ଥିଲେ ।

(ଘଟଣା ପ୍ରବାହ : ସ୍ୱ-କଳ୍ପନାପ୍ରସୂତ)

ପ୍ରେରଣା ସୌଜନ୍ୟ :

(୧) ଶଙ୍କରଙ୍କ ଦ୍ୱାରା ଲିଖିତ The Monk as Man (The unknown life of Swami Vivekananda)

ଏବଂ

(୨) ଭଗିନୀ ନିବେଦିତା ଙ୍କ ଦ୍ୱାରା ଲିଖିତ The Master as I saw him

(ଜନ୍ମ ଅକ୍ଟୋବର ୧୩, ୧୮୬୭ ଓ ତିରୋଧାନ ଅକ୍ଟୋବର ୨୮, ୧୯୧୧ ଅବସରରେ ଭାରତ ମାତାର ସୁଯୋଗ୍ୟ ବିଦେଶୀ ଦାୟାଦ ଭଗିନୀ ନିବେଦିତାଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି)

୨ୟ ତୋଟା ସାହି, ବିଜିପୁର

ବ୍ରହ୍ମପୁର, ଓଡ଼ିଶା

 Magazine Downloaded from www.aahwaan.com

କଳିଙ୍ଗକନ୍ୟା

ଓଡ଼ିଶାର ପ୍ରଥମ ବାଳିକା ପାଇକ ଆଖଡ଼ା

ସୁନୀତା କୁମାରୀ ବେହେରା

ଆଜିର ଯୁଗରେ ନାରୀ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିଲେ ମଧ୍ୟ ସମାଜରେ ମହିଳାମାନଙ୍କ ପ୍ରତି କ୍ରମବର୍ଦ୍ଧିଷ୍ଣୁ ହିଂସା, ଅପରାଧକୁ ନେଇ ସବୁ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଉଛି । ନାରୀମାନେ ନିଜର ଆତ୍ମସୁରକ୍ଷା ପ୍ରତି ସଜାଗ ରହିବାକୁ ବିଭିନ୍ନ ଆତ୍ମସୁରକ୍ଷା ରଣକୌଶଳ ଅଭ୍ୟାସ ଦ୍ୱାରା ମନରେ ଏକ ନିଆରା ଶକ୍ତି ସୃଷ୍ଟି ହୋଇଥାଏ । ଫଳରେ ଶତ୍ରୁକୁ ସାମନା କରିବାର ସାହାସ ଜୁଟିଥାଏ । ଏପରିକି ଦୁଃସାହାସିକ କ୍ରୀଡ଼ା କୌଶଳରେ ମନୋବଳ ଦୃଢ଼ ହୋଇପାରେ । ତେବେ ଓଡ଼ିଶାରେ ବାଳିକାମାନେ ମଧ୍ୟ ପାରମ୍ପାରିକ

 Magazine Downloaded from www.aahwaan.com

ସମରକଳାରେ ଦକ୍ଷତା ପ୍ରତିପାଦନ କରି ପାରିଛନ୍ତି । ଦେଶପ୍ରେମୀ ବୀର ପାଇକମାନଙ୍କ ସଂଗ୍ରାମର କଥାକୁ ସ୍ମରଣ କରି କେତେଜଣ ବାଳିକା ଗଠନ କରିଛନ୍ତି ଏକ ପାଇକ ଆଖଡ଼ା ଦଳ, ଯାହାର ନାଁ ରଖିଛନ୍ତି, 'କଳିଙ୍ଗକନ୍ୟା ପାଇକ ଆଖଡ଼ା' । ଏହା ଓଡ଼ିଶାର ପ୍ରଥମ ବାଳିକା ପାଇକ ଆଖଡ଼ା ଦଳ ଭାବରେ ପରିଚିତ ।

ଖୋର୍ଦ୍ଧାଜିଲ୍ଲା କୁହୁଡ଼ି ଅନ୍ତର୍ଗତ ରତନପୁରର ସୁଯୋଗ୍ୟା କନ୍ୟା ସୁନୀତା ବେହେରାଙ୍କ ଏକ ଅନନ୍ୟ ଉତ୍ସାହପ୍ରଦ ପ୍ରଚେଷ୍ଟାର ଫଳସ୍ୱରୂପ ଜନ୍ମ ନିଏ ଏକ ଅନନ୍ୟ ଅନୁଷ୍ଠାନ ଯାହା ଓଡ଼ିଶାର ପ୍ରଥମ ଭାବରେ ସମସ୍ତଙ୍କୁ ଚକିତ କରିଦିଏ । କଳିଙ୍ଗକନ୍ୟା ପାଇକ ଆଖଡ଼ା ଦଳ, ଯାହା ସଂପ୍ରତି ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଅତ୍ୟନ୍ତ ଉତ୍ସାହର ସହ ସ୍ୱାଗତ କରାଯାଇ ଗ୍ରହଣ କରାଯାଉଛି । ଆସନ୍ତୁ ଶୁଣିବା ଏହି ଦୁଃସାହସିକ ପଦକ୍ଷେପ ପାଇଁ ସେ କଣ କହନ୍ତି ।

ମୋ କଥାରୁ ପଢେ : ଆମ ଗାଁ ଚିଲିକା ଉପକୂଳବର୍ତ୍ତୀ ଖୋର୍ଦ୍ଧାଜିଲ୍ଲାର ଟାଙ୍ଗୀବ୍ଲକ୍ ଅନ୍ତର୍ଗତ ରତନପୁର ଗାଁରେ । କୈବର୍ତ୍ତ ସମ୍ପ୍ରଦାୟର ସାଧାରଣ ମତ୍ସ୍ୟଜୀବି ପରିବାରରେ ମୋର ଜନ୍ମ । ପିତାଙ୍କ ନାମ ଗୋଲା ବେହେରା ଓ ମା ଚଞ୍ଚଳା ଦେଇ । ପିଲାଟି ଦିନରୁ ଗାଁରେ ଥିବା ଶ୍ରୀ ସତ୍ୟସାଇ ବାଲବିକାଶ କେନ୍ଦ୍ରକୁ ଯାଇ ସେଠାରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥାଏ । ଏପରିକି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାବ ନେଇ ବିଭିନ୍ନ ଆଧ୍ୟାତ୍ମିକ ଓ ଜନ ସଚେତନଧର୍ମୀ ନାଟକରେ ଅଭିନୟ କରିଛି । ଏଥି ସହିତ ବାଲବିକାଶ ପତ୍ରିକା ପଢ଼ିବା ସହିତ ଘରେ ବିଭିନ୍ନ ଖବର କାଗଜକୁ ସଂଗ୍ରହ କରି ସାଇତି ରଖିବା ମୋର ସଉକ । ନିଜବାଡ଼ିରେ ବିଭିନ୍ନ ଔଷଧୀୟ ବୃକ୍ଷଲତାକୁ ଲଗାଇ ତା'ର ଯତ୍ନ ନେଇଥାଏ । ଆଖପାଖା ଗାଁରେ ସାମାଜିକ ସଂସ୍କାରମୂଳକ କାର୍ଯ୍ୟରେ ଯୋଗଦିଏ । ଜୀବଯନ୍ତୁଙ୍କୁ ସେବା କରିବାରେ ଖୁସି ହୁଏ । ଆଉ ଗୋଟିଏ କଥା ନାରୀ ଦୁର୍ଗା, ଲକ୍ଷ୍ମୀ,

 Magazine Downloaded from www.aahwaan.com

ସରସ୍ୱତୀଙ୍କ ଶକ୍ତିର ଏକ ଅନନ୍ୟ ଉତ୍ସ । ମହୀୟସୀ ଦେଶପ୍ରେମୀ ମାନଙ୍କ କାହାଣୀ ଶୁଣି ମନରେ ସାହାସ ଭରିଲା । ସର୍ବଦା କିଛି ନୂଆ ଚିନ୍ତାଧାରା । ମନରେ ଉଙ୍କି ମାରୁଥିଲା । ଯେତେବେଳେ ପ୍ରାୟ ୧୧ ବର୍ଷ ସେତେବେଳେ ଷଷ୍ଠ ଶ୍ରେଣୀରେ ପଢୁଥିଲି । ବଳକା ସମୟରେ ଘରେ ଟିଭିରୁ ମହାଭାରତ, ରାମାୟଣର ଯୁଦ୍ଧ କାହାଣୀ ଦେଖି ନିଜେ ଲୁଚି ଲୁଚି ଘର ଅଗଣାରେ ଲାଠି ବୁଲାଇବା, ତଲୱାର ବୁଲାଇବା ଅଭ୍ୟାସ କରୁଥିଲି । ଏପରି ରୁଚିପ୍ରତି ବଡ଼ଭାଇ ବନବିହାରୀ ଉତ୍ସାହ ଯୋଗାଇ ଦେଉଥିଲେ ଏବଂ ପରିବାରର ସହଯୋଗ କ୍ରମେ ଦିନକୁ ଦିନ ଅଧିକ ଉତ୍ସାହର ସହ ଅଭ୍ୟାସ କରିବାକୁ ଲାଗିଲି । ପାରିବାରିକ ପ୍ରୋତ୍ସାହନ ହେତୁ ସମରକଳା ପ୍ରତି ଆକର୍ଷଣ ବୃଦ୍ଧି ପାଇବାକୁ ଲାଗିଲା । ସମୟକ୍ରମେ କିଛି ବାଳିକା ମିଶି ବିଭିନ୍ନ ଖେଳ, ଦୌଡ଼ ଆଦି ଅଭ୍ୟାସକୁ ଜାରି ରଖିଲୁ । ଏମିତି ନିତିଦିନିଆ

ଅଭ୍ୟାସରେ ପରିଣତ ହୋଇଗଲା । ପରେ ପରେ ସ୍କୁଲ୍ ଓ କଲେଜରେ ପଢ଼ିବା ଆରମ୍ଭ ହେଲା । ବିଜୁଶକ୍ତି ଓ ମହିଳା ସଶକ୍ତିକରଣ ଯୋଜନାରେ ବ୍ଲକରେ ଜଣେ ସାମାଜିକ କର୍ମୀଭାବେ କିଛି ବର୍ଷ କାର୍ଯ୍ୟ କରିଥିଲି । ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ (ଯୁବ ବ୍ୟାପାର ଓ କ୍ରୀଡ଼ା ବିଭାଗ) ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ରର ଟାଙ୍ଗି ବ୍ଲକରେ ଜଣେ ସାମାଜିକ କର୍ମୀ ଭାବରେ କାର୍ଯ୍ୟ କରିଲି । ବିଭିନ୍ନ ସମୟରେ ବୃକ୍ଷରୋପଣ, ରକ୍ତଦାନ ଶିବିରରେ ଯୋଗ ଦେଉଥିଲି । ଅନେକ ସମୟରେ ସେ କେତେକ ସ୍କୁଲ୍ ପିଲାଙ୍କୁ ବିଭିନ୍ନ ଉପାଦେୟ ପୁସ୍ତକ, ଖାତା, କଲମ ବଣ୍ଟନ କାର୍ଯ୍ୟ ବି କରିଛି । ଖରାଦିନେ ସାହିରେ ଗାଇଗୋରୁଙ୍କ ପାଇଁ ପାଣି ହାଣ୍ଡିର ବ୍ୟବସ୍ଥା ବି କରିଥାନ୍ତି । ୨୦୧୫ ମସିହାର କଥା । ଥରେ ଏକ ଗାଁରେ ଘରପୋଡ଼ି ଯାଇଥିବା ଖବର ଏକ ଘରୋଇ ଟିଭି ଚ୍ୟାନେଲରେ ଦେଖି ସାହାଯ୍ୟ ପାଇଁ ଚିନ୍ତା କଲି ଏଥିପାଇଁ ନିଜ ପକେଟ୍ ମନିରେ ଅଗ୍ନିବିପର୍ନ୍ନଙ୍କ ପାଇଁ ଶୀତବସ୍ତ୍ର କିଣି ଗାଁଠାରୁ ୧୨୦ କିମି ଦୂର ଚିଲିକାର ନନ୍ଦଳା ଗାଁରେ ପହଞ୍ଚି ଅଗ୍ନିବିପନ୍ନ ପରିବାରକୁ ଶୀତବସ୍ତ୍ର ପ୍ରଦାନ କରିଥିଲି । ଏହି କାର୍ଯ୍ୟରେ ଅସରନ୍ତି ଖୁସି ମିଳିଥିଲା । ବିଭିନ୍ନ ସେବାକାର୍ଯ୍ୟ ପାଇଁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଜାତୀୟ

 Magazine Downloaded from www.aahwaan.com

ସେବା ଯୋଜନା, ୨୦୧୨/୧୩ ଶିକ୍ଷାବର୍ଷରେ ରାଜ୍ୟସ୍ତରୀୟ ଶ୍ରେଷ୍ଠ ସମାଜସେବୀ, ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ତରଫରୁ ପ୍ରକୃତିବନ୍ଧୁ ପୁରସ୍କାର ଇତ୍ୟାଦି ପାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସେବାକାର୍ଯ୍ୟ ପାଇଁ ସରସ୍ୱତୀ ରାୟ ସ୍ୱର୍ଣ୍ଣପଦକ ସମ୍ମାନ ପାଇଛି । ୨୦୧୬ ମସିହାରେ ଖୋର୍ଦ୍ଧାର ସ୍ୱାମୀ ବିବେକାନନ୍ଦ ବିଜ୍ଞାନ ଓ ଟେକ୍‌ନୋଲୋଜି ଇନ୍‌ଷ୍ଟିଚ୍ୟୁଟ୍ ଅନୁଷ୍ଠାନ ତରଫରୁ 'ଖୋର୍ଦ୍ଧା ଗୌରବ' ସମ୍ମାନ ଓ ପାଇକ ଆଖଡ଼ା ପାଇଁ ଖୋର୍ଦ୍ଧାଠାରେ ଆୟୋଜିତ ଜୟୀ ରାଜଗୁରୁଙ୍କ ବଳିଦାନ ଦିବସରେ ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହଦେବଙ୍କ ଠାରୁ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ଜୟୀ ରାଜଗୁରୁ ସମ୍ମାନ ଗ୍ରହଣ କରିଛି । ପୁରୀ ବୀର ହରେକୃଷ୍ଣପୁର ଠାରେ ଆମ ପାଇକ ଦଳଙ୍କୁ ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏବେ ଇଞ୍ଜିନିୟରିଂ ପାଠ ପଢ଼ା ସରିଲା ପରେ ପାରମ୍ପରିକ ସମରକଳା ପାଇକ ଆଖଡ଼ା ଅଭ୍ୟାସ ଚାଲି ରଖିଛି ।

ପ୍ରାତଃ ଭ୍ରମଣରୁ ସଂଗଠନ : ପ୍ରତ୍ୟେକ ଦିନ ଭୋର ସମୟରୁ ଉଠି ଯୋଗକରି ପାଦଚଲାରେ ପ୍ରାୟ ୩/୪ କିମି ଦୂର ନିକଟସ୍ଥ କଲେଜ ଓ ସ୍କୁଲ୍ ପଡ଼ିଆକୁ ଯାଇଥାଏ । ସେଠାରେ ସ୍କୁଲ ଓ କଲେଜର କିଛି ଝିଅ ଅପେକ୍ଷା କରିଥାନ୍ତି । ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ଖେଳ, ପାଇକ ଆଖଡ଼ା ସମରକଳା ଅଭ୍ୟାସ ଚାଲେ । ଏଥିରେ ବାଳିକା ମାନେ ଆତ୍ମରକ୍ଷା କ୍ରୀଡ଼ାକୌଶଳ ତାଲିମ୍ ପାଇଥାନ୍ତି । ପ୍ରତ୍ୟେକ ରବିବାର ଦିନ ଟିକେ ଅଧିକ ସମୟ ଏହି କାର୍ଯ୍ୟ ଚାଲେ । ଏହା ବାଦ ସ୍କୁଲ୍ ଓ କଲେଜର ଲିଜର୍ ଟାଇମରେ ସ୍କୁଲର ବାଳିକା

ମାନଙ୍କୁ ଆତ୍ମରକ୍ଷା ତାଲିମ ଦେଇଥାଏ । ମାତ୍ର ସବୁବେଳେ କିଛି ନିଆରା କରିବାର ଚେଷ୍ଟା କରିଥାଏ । ଏପରି ଖେଳକୁ ସାଧନା କରିବା ଯୋଗୁଁ ନିଜର ଆତ୍ମବିଶ୍ୱାସ, ଦୃଢ଼ ମନୋବଳ ବଢ଼ିଥିଲା । ଏହାପରେ ବାଳିକା ମାନଙ୍କୁ ନେଇ ଏକ ପାଇକ ଆଖଡ଼ା ଦଳ ଗଠନ ପାଇଁ ଉଦ୍ୟମ କରିଥିଲି ।

କାରୁବାକୀରୁ କଳିଙ୍ଗକନ୍ୟା : ସ୍କୁଲ ବୟସରୁ ଘରେ ଲାଠି, ତଲୱାର ବୁଲାଇବା ଅଭ୍ୟାସ ଥିଲା । ମାତ୍ର ଲକ୍ଷ୍ୟ ହାସଲ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଅଧିକ ମାତ୍ରାରେ ଆକୃଷ୍ଟ କରିଥିଲା । ଲକ୍ଷ୍ୟସ୍ଥଳରେ ନ ପହଞ୍ଚିବା ଯାଏଁ କେବେ ବି ବିରତି ନିଅ ନାହିଁ, ଏହି ବାଣୀକୁ ବୁଝି ପାରିଥିଲି । ଏବଂ ପାରମ୍ପାରିକ ପାଇକ ଆଖଡ଼ା କେମିତି ଗଠନ ହେବ ଓ ବାଳିକା ମାନେ ଏଥିରେ ଅଂଶ ଗ୍ରହଣ କରିବେ ସେଥିପାଇଁ ନିଜଠାରୁ ଆରମ୍ଭ କରିଥିଲି ସମରକଳା ଅଭିଯାନ । ବ୍ରଜମୋହନ ମହାନ୍ତିଙ୍କ ରଚିତ 'କାରୁବାକୀ' କାହାଣୀରୁ ହିଁ କଳିଙ୍ଗକନ୍ୟା ନାମକରଣ ରଖିଲି । ରାଣୀ ଲକ୍ଷ୍ମୀବାଇ, ରାଣୀ ସୁକବାଇଙ୍କ ସଂଗ୍ରାମ କାହାଣୀ ଶୁଣିବାପରେ ନିଜର ଓ ଅନ୍ୟମାନଙ୍କର ସୁରକ୍ଷା ପାଇଁ ପ୍ରେରଣା ମିଳିଲା । ଏହାପରେ ବିଭିନ୍ନ ସମରକଳାକୁ ଦେଖି ନିଜେ ଅଭ୍ୟାସ କରୁଥିଲି । ସହପାଠୀ ମାନଙ୍କ ସହିତ ପ୍ରଥମେ ଲାଠି ଚାଳନା ଅଭ୍ୟାସ ଚାଲିଥିଲା ।

ଶିବିରରୁ ଆଗ୍ରହ ବଢ଼ିଲା : ଜାତୀୟ ସେବା ଯୋଜନା ଭାରତ ସରକାରଙ୍କ ଯୁବ କାର୍ଯ୍ୟକ୍ରମ ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧିନରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସଂସ୍ଥା । ସମାଜ ସେବା ଏହାର ମୌଳିକ ଲକ୍ଷ୍ୟ । ଯେତେବେଳେ ଜନତା କଲେଜରେ ପଢ଼ିଲି ଏଥିରେ ଯୋଗଦେଲି । ପରେ ୨୪ ଡିସେମ୍ବର ୨୦୧୨ ମସିହାରେ ସୋରଣ ଭଗବତୀ ବିଦ୍ୟାପୀଠ ଠାରେ ଏକ ସାତଦିନିଆ ସେବା ଶିବିର

 Magazine Downloaded from www.aahwaan.com

ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇଥିବା ପ୍ରାୟ ୧୫ ଜଣ ବାଳିକା ମାନଙ୍କୁ ନେଇ ଆତ୍ମରକ୍ଷା ରଣକୌଶଳ ଶିକ୍ଷା ପାଇଁ ଆଲୋଚନା କରାଯାଇଥିଲା । ମାତ୍ର ଏହି ବାଳିକା ମାନଙ୍କୁ ପାରମ୍ପାରିକ ପାଇକ୍ ଆଖଡ଼ା ସମର କଳା ତାଲିମ ପାଇଁ ପ୍ରସ୍ତାବ ଦେଲି । ଜଣେ ପାଇକ ଗୁରୁଙ୍କ ଦ୍ୱାଆ ଏଠାରେ ମାତ୍ର ତିନିଦିନ ପାଇକ ଆଖଡ଼ା ତାଲିମ ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ପିଲାମାନେ ବିଭିନ୍ନ ରଣକୌଶଳକୁ ଅଭ୍ୟାସ କରି ଏହି ପାଇକ ଆଖଡ଼ା ଶିକ୍ଷା ଲାଭ କରିଥିଲେ । ମୋର ଏଥିପ୍ରତି ଅଧିକ ଆଗ୍ରହ ରହିଥିବା ଦେଖି ଶିବିର ଅଧିକାରୀମାନେ ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ । ପ୍ରୋଗ୍ରାମ୍ ଅଫିସର୍ ଅଧ୍ୟାପକ ସୁଶାନ୍ତ ପଟ୍ଟନାୟକ, କଲେଜ ଅଧ୍ୟକ୍ଷ ଡଃ ସଞ୍ଜିୟ ମହାପାତ୍ର, ଅଧ୍ୟାପକ ପ୍ରଫୁଲ୍ଲ ଚମ୍ପତିରାୟ, ଉତ୍ତମ ପାଇକରାୟ, ବ୍ରଜକିଶୋର ଷଡ଼ଙ୍ଗୀ, ସାମାଜିକ କର୍ମୀ ମୁରଲୀ ମନୋହର ଶର୍ମା ପ୍ରମୁଖ ସହଯୋଗ କରିଥିଲେ । ପରେ ସ୍ଥାନୀୟ ଗାଁର ଆଉ କେତେଜଣ ବାଳିକା ଏଥିରେ ସାମିଲ ହୋଇଥିଲେ । ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଲା ମହିଳାଙ୍କୁ ସଶକ୍ତ ଓ ଆତ୍ମବିଶ୍ୱାସୀ କରାଇବା ଏବଂ ସମାଜରେ କିପରି ସେମାନେ ନିର୍ଭୟରେ ରହିବେ ସେ ଦିଗରେ ତାଲିମ ପ୍ରଦାନ କରିବା । ସେତେବେଳେ ଏହି ଦଳର ବାଳିକା ମାନଙ୍କ ବିଭିନ୍ନ ସମରକଳା ଖେଳକୁ ଦେଖି ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, କାର୍ଯ୍ୟକ୍ରମ ସଂଯୋଜକ (ଜାତୀୟ ସେବା ଯୋଜନାର) ଡଃ ରମେଶ ଚନ୍ଦ୍ର ବେହେରା, ପ୍ରଫେସର ଗୌରୀଶଙ୍କର ରାୟ, ସୁଶ୍ରୀ ସରିତା

ପଟେଲ, ଜାତୀୟ ସେବା ଯୋଜନାର ରିଜିଓନାଲ୍ ସେଣ୍ଟର, ଭାରତ ସରକାର ୟୁଥ୍ ଅଫିସର ଉପେନ୍ଦ୍ରନାଥ ସାହୁ, ଡେପୁଟି ସେକ୍ରେଟାରୀ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଭୂୟସୀ ପ୍ରଶଂସା କରିଥିଲେ । ଅବଶ୍ୟ ସେତେବେଳେ ଯେଉଁ ବାଳିକାମାନେ ଏଥିରେ ସାମିଲ ହୋଇଥିଲେ ଆଜି ସେମାନଙ୍କ ମଧ୍ୟରୁ କେତେଜଣ ବିବାହ କରି ସାରିଲେଣି, ଆଉ କେତେଜଣ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ଅଛନ୍ତି । ମାତ୍ର ଏହି ସମରକଳାର ଶିକ୍ଷା ଅନ୍ୟ ବାଳିକା ମାନଙ୍କ ପାଇଁ ପ୍ରେରଣା ପାଲଟିଛି ।

ଛାତ୍ରୀଙ୍କୁ ମିଳିଲା ନିଆରା ପରିଚୟ - ଓଡ଼ିଶାର ବିଶେଷ କରି ଖୋର୍ଦ୍ଧା ଜିଲ୍ଲା ହିଁ ପାଇକ ଆଖଡ଼ାର କଥା କହିଥାଏ । ଏହିଠାରୁ ହିଁ ବ୍ରିଟିଶ୍ ବିରୁଦ୍ଧରେ ପ୍ରଥମ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ଇତିହାସ ପୃଷ୍ଠାରେ ପାଇକ ବିଦ୍ରୋହର ଅନେକ ଘଟଣା ବର୍ଣ୍ଣନା ହୋଇଛି । ପାଇକ ପୁଅଙ୍କ ପରି ଝିଅମାନେ ବି ନିଜକୁ ଏଥିରେ ସାମିଲ୍ କରିଛନ୍ତି । ସେମାନେ ରଣକୌଶଳକୁ ଆପଣେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ଏହି ଦଳରେ ଯୋଗ ଦେଇଥିବା ଅଧିକାଂଶ ବାଳିକାମାନେ ହେଲେ କଲେଜ ଛାତ୍ରୀ । ସେମାନେ ମହୀୟସୀ ବୀରାଙ୍ଗନା ତଥା ଐତିହାସିକ କାହାଣୀରେ ଅନୁପ୍ରାଣିତ ହୋଇ ଓଡ଼ିଶାର ପାରମ୍ପରିକ ପାଇକ ଆଖଡ଼ା ସମରକଳାର ପ୍ରଚାର ପ୍ରସାରକୁ ଉଜ୍ଜୀବିତ କରିବାର ପ୍ରୟାସ ଜାରି ରଖିଛନ୍ତି ।

ଐତିହାସିକ ପୀଠରୁ ଆରମ୍ଭ - କଳିଙ୍ଗକନ୍ୟା ପାଇକ ଆଖଡ଼ାର ପ୍ରଥମ ସମରକଳା ପ୍ରଦର୍ଶନ କରାଯାଇଥିବା ଗଡ଼ଖୋର୍ଦ୍ଧା ଓ ମା ବରୁଣେଇ ପୀଠଠାରେ । ଏହାକୁ ଏକ ଘରୋଇ ଟିଭି ଚ୍ୟାନେଲ୍ ତରଫରୁ ସୁଟିଂ କରାଯାଇଥିଲା । ପରେ ଏହି ଦଳ ସମରକଳା ପାଇଁ ଦେଶ ଓ ରାଜ୍ୟର ଅନେକ ସ୍ଥାନରେ ବହୁବାର ଓଡ଼ିଶାର ପାରମ୍ପରିକ ପାଇକ ଆଖଡ଼ା ସମର

 Magazine Downloaded from www.aahwaan.com

କଳାକୁ ପ୍ରଦର୍ଶିତ କରି ଆସୁଛନ୍ତି ।

ଆତ୍ମସୁରକ୍ଷା ତାଲିମ ପାଇଲେ - ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉତ୍କଳ ଜୁଡ଼ୋ କରାଟେ ଟ୍ରେନିଂ ସ୍କୁଲ ଭୁବନେଶ୍ୱର ତରଫରୁ ବାଳିକା ମାନଙ୍କୁ ତାଲିମ ଦିଆଯାଉଥିବା ଆତ୍ମରକ୍ଷା ରଣକୌଶଳ ଶିକ୍ଷାରେ ଆଉ କେତେଜଣ ସହପାଠୀ ଯୋଗ ଦେଇ ବିଭିନ୍ନ ଆତ୍ମରକ୍ଷା ରଣକୌଶଳ ଶିକ୍ଷା ପାଇଥିଲେ । ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାର ନିରାକାରପୁର, ଅରଗୁଳ, କାଇପଦର, ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଆଦି ବିଭିନ୍ନ ସ୍କୁଲ, କଲେଜରେ ପ୍ରାୟ ୨ ହଜାର ଛାତ୍ରୀଙ୍କୁ ଆତ୍ମରକ୍ଷା ରଣକୌଶଳ ଶିକ୍ଷା ତାଲିମ ପ୍ରଦାନ ସରିଲାଣି ।

ଖେଳବେଳେ ସମରକଳା ଅଭ୍ୟାସ - କଳିଙ୍ଗ କନ୍ୟାର ବାଳିକାମାନେ ପାରମ୍ପରିକ ଅମରକଳା ପାଇକ ଆଖଡ଼ା ଅଭ୍ୟାସ ପାଇଁ ସୋରଣ ଘୋଡ଼ାଦୌଡ଼ ପେଣ୍ଠ ନିକଟ ଏକ ପ୍ରାକୃତିକ ପରିବେଶର ନିର୍ଦ୍ଦିଷ୍ଟ ସ୍ଥାନରେ ଉପସ୍ଥିତ ହୋଇ ନିଜେ ନିଜେ ପାଇକ ଆଖଡ଼ା ଅଭ୍ୟାସ କରିଥାନ୍ତି ପୁଣି ନିକଟସ୍ଥ ଆମ୍ବତୋଟାରେ ଏହି ଖେଳ ଅଭ୍ୟାସ ଜାରି ରଖନ୍ତି । ଏଥିପାଇଁ ଅନେକ ପାଇକ ସମ୍ବନ୍ଧୀୟ ପୁସ୍ତକ ଓ ସମରକଳା ସମ୍ବନ୍ଧୀୟ ପୁସ୍ତକକୁ ପଢ଼ି ସେ ସବୁର ସୁବିନିଯୋଗ କରାଯାଏ । ଏଥିପାଇଁ ବାଳିକାମାନେ ନିଜର ବଳକା ସମୟକୁ ବାହାର କରି ନିୟୋଜିତ ହୋଇଥାନ୍ତି । ଏବେ ଏହି କଳିଙ୍ଗକନ୍ୟା ଦଳର ଗୋଟିଏ ଗ୍ରୁପରେ ୧୨ ଜଣ ଇଞ୍ଜିନିୟରିଂ ଛାତ୍ରୀ ଅଛନ୍ତି, ସେମାନଙ୍କ ମଧ୍ୟରେ ରେଖା ବେହେରା, ସ୍ନେହଲତା ବେହେରା, ମିନତୀ ବେହେରା, ମୀନାରାଣୀ

ବେହେରା, ରୀତା ବେହେରା, ସସ୍ମିତା ବେହେରା, ସିଲା ବେହେରା ଏବଂ ବିଦ୍ୟାଳୟ ସ୍ତରରେ ଦଶଜଣ ଛାତ୍ରୀ ରହିଛନ୍ତି ଏବଂ ଏହି ପାରମ୍ପରିକ ସମରକଳା ଶିକ୍ଷା ଲାଭ କରୁଛନ୍ତି । ଏଥି ସହିତ ଏମାନେ ପଢ଼ାବେଳେ ପାଠରେ ମନ ଓ ଖେଳବେଳେ ସମରକଳାକୁ ଅଭ୍ୟାସ କରିଥାନ୍ତି ।

ସଂଚିତ ଅର୍ଥରେ ପୋଷକପରିପାଟୀ - କଥାରେ ଅଛି ମନଥିଲେ ଉପାୟ ଆପେ ଆପେ ମିଳିଯାଏ । କଳିଙ୍ଗକନ୍ୟା ପାଇକ ଆଖଡ଼ାର ବାଳିକାମାନେ ପ୍ରଥମେ ବାଉଁଶବାଡ଼ି ଖେଳ ଶିଖିଲେ । ଏଥିପାଇଁ ମୋ ନିଜ ପକେଟ ଖର୍ଚ୍ଚରୁ ବାଲୁଗାଁରୁ କିଛି ବାଉଁଶବାଡ଼ି କିଣି ଆଣିଥିଲି । ପରେ ଏକ କାରିଗରକୁ କହି କିଛି ତଲୱାର ଓ ଢାଲ ତିଆରି କରାଗଲା । ସେଥିରେ ନିଜେ ବିଭିନ୍ନ ରଙ୍ଗ ବୋଳି ତାହାକୁ ସୁନ୍ଦର ଭାବରେ ସଜ୍ଜିତ କରାଗଲା । ଏହି ଦଳର ବାଳିକାମାନେ ପ୍ରଥମେ କଲେଜ ୟୁନିଫର୍ମରେ ଏନଏସଏସ ଶିବିର ବେଳେ ପାଇକ ଆଖଡ଼ା ପ୍ରଦର୍ଶନ କରୁଥିଲେ । ମାତ୍ର ସମୟ କ୍ରମେ ଲାଲ ପାତିଥିବା ଧଳା ଶାଢ଼ୀକୁ ଭୁବନେଶ୍ୱରରୁ କିଣି ଆଣିଥିଲୁ । ପିପିଲିରୁ ଅଣ୍ଟାରେ ବାନ୍ଧିବା ପାଇଁ କମରପଟି କିଣିଲୁ । ପରବର୍ତ୍ତୀ ସମୟରେ ଏକ ନିଆରା ଢଙ୍ଗରେ ସ୍ୱତନ୍ତ୍ର ଶୈଳୀରେ ପୋଷାକ ତିଆରିକରି ସମରଖେଳରେ ନିଜକୁ ସଜ୍ଜିତ କରାଗଲା । ଖୋର୍ଦ୍ଧା ଗାମୁଛାକୁ ପଗଡ଼ିକରି ମୁଣ୍ଡରେ ବନ୍ଧାଗଲା । ଏହା ବେଶ ଆକର୍ଷଣୀୟ ଲାଗିଲା । ତେବେ ଏହି ବାଳିକାମାନେ ଏହି ଦଳର ଉନ୍ନତି ପାଇଁ ଏବଂ କିପରି ସାହାସୀପରି ସୁସଜ୍ଜିତ ଦିଶିବେ ତାହା ସମରକଳା ପ୍ରଦର୍ଶନ ବେଳେ ଅନ୍ୟମାନଙ୍କ ମନରେ ଭୟ ସୃଷ୍ଟି କରିପାରିବ, ସେପରି

ପରିପାଟୀରେ ନିଜକୁ ସଜିତ କରି ଖୁସି ହେଉଥିଲେ । ଏଥିପାଇଁ ନିଜ ନିଜର ସଞ୍ଚିତ ଅର୍ଥରେ ପୋଷାକପତ୍ର କିଣିବା ପାଇଁ ମନୋନିବେଶ କରୁଥିଲେ ।

ସମର କଳା ପ୍ରଦର୍ଶନ - ପାଇକ ଆଖଡ଼ା ସମରକଳାକୁ କେଉଁଠାରେ ପ୍ରଦର୍ଶନ କରାଯିବ, ତାହାର କିଛିଦିନ ପୂର୍ବରୁ ସମରକଳାକୁ ଅଭ୍ୟାସ କରିବାକୁ ପଡ଼ିଥାଏ । ଏବଂ କାହାପରେ କି ପ୍ରକାର ଖେଳ ଖେଳାଯିବ କ୍ରମଶଃ ଗୋଟିଏ ପରେ ଗୋଟିଏ ଖେଳକୁ ବୀରବାଦ୍ୟର ତାଳେ ତାଳେ ପ୍ରଦର୍ଶନ କରାଯାଇଥାଏ । ବୀରହରେକୃଷ୍ଣପୁର, ଭୁବନେଶ୍ୱର ଉତ୍କଳମଣ୍ଡପ, ଭୁବନେଶ୍ୱର ଗୁଆଝର ଠାରେ ଡଃ ହରେକୃଷ୍ଣ ମହତାବଙ୍କ ଜୟନ୍ତୀରେ, ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର, ରାଜ୍ୟ ସୂଚନା ଭବନ, ଖୋର୍ଦ୍ଧା ଗଡ଼, ମା ବରୁଣେଇଙ୍କ ପୀଠ, କୁହୁଡ଼ି, ସୋରଣ, ବାଣପୁର, ଅରାଙ୍ଗଗଡ଼, ଗୁରୁଜଙ୍ଗ, ବୋଲଗଡ଼, କଳିଙ୍ଗ ଷ୍ଟାଡ଼ିୟମ୍ ଏବଂ ରାଜ୍ୟବାହାରେ କର୍ଣ୍ଣାଟକ, କେରଳ, ଅରୁଣାଚଳ ପ୍ରଦେଶ ଆଦି ପ୍ରାୟ ଶତାଧିକ ସ୍ଥାନରେ ସମରଖେଳର ପ୍ରଦର୍ଶନ କରି ସାରିଛୁ ।

ନିଆରା ଢଙ୍ଗରେ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତ୍ତି ପାଳନ - ଶହିଦଙ୍କ ତ୍ୟାଗ ସଂଗ୍ରାମ ଓ ବଳିଦାନର କାହାଣୀକୁ ନେଇ ଆମେ ଗର୍ବକରୁ । ଇତିହାସ ବି ଗର୍ବକରେ ତେବେ ସଂଗ୍ରାମୀ ମାନଙ୍କ ଜନ୍ମମାଟି, ଐତିହ୍ୟ ଗଡ଼ର କୀର୍ତ୍ତିରାଜିକୁ ମନେ ପକାଇ ଏହି ପାଇକ ଆଖଡ଼ା ଦଳର ସଦସ୍ୟାମାନେ ପାଇକବିଦ୍ରୋହର ଦୁଇଶହ ବର୍ଷପୂର୍ତ୍ତି ଅବସରରେ ବାଣପୁରର ମା ଟିକିରେଇ ପୀଠରେ ଦୁଇଶହ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ, ଅରାଙ୍ଗଗଡ଼ରେ ପାଇକ ଆଖଡ଼ା ପ୍ରଦର୍ଶ୍ସ୍ନ, ସୋରଣ, ରତନପୁର ଗାଁରେ ବଉଳ, ଅଶୋକ ବୃକ୍ଷ ଚାରାରୋପଣ ଏବଂ ସ୍ୱାଧୀନତା ଦିବସ ଅବସରରେ ଚିଲିକାରେ ଡଙ୍ଗାଉପରେ ସମବେତ ହୋଇ ଜାତୀୟ ପତାକା ଉଡ଼ାଇ ନିଆରା ଢଙ୍ଗରେ ପାଇକଆଖଡ଼ା ପ୍ରଦର୍ଶନ

କରିଛନ୍ତି । ଝୋଟିରେ ପାଇକ ଆଖଡ଼ା ସମରକଳା ଓ ପାଇକ ଶହୀଦଙ୍କୁ ସ୍ମରଣ କରି ବିଭିନ୍ନ ଚିତ୍ର ଅଙ୍କନ କରି, ସ୍କୁଲ୍ ପିଲାଙ୍କ ମଧ୍ୟରେ ପାଇକ ସଂଗ୍ରାମୀଙ୍କ ସ୍ମୃତିଚାରଣ ନିମନ୍ତେ ବକ୍ତୃତା ପ୍ରତିଯୋଗିତା, ବିପ୍ଳବୀ କବିଙ୍କ ବିପ୍ଳବ କବିତାକୁ ଆବୃତ୍ତି କରିବା ଇତ୍ୟାଦି କାର୍ଯ୍ୟକ୍ରମ କରାଯାଇଥିଲା । ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଗୋପନ ଆଶ୍ରୟସ୍ଥଳ ଚିଲିକାର କଙ୍କଣ ଶିଖରୀ ଓ କେଶର ପୀଠ ଶ୍ରୀ ଚଣ୍ଡେଶ୍ୱର ଦେବଙ୍କ ପବିତ୍ର ପୀଠକୁ ସରକାରୀ ସ୍ତରରେ ପର୍ଯ୍ୟଟନ ମାନ୍ୟତା ନିମନ୍ତେ ଖୋର୍ଦ୍ଧା ଜିଲ୍ଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଓ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ରିନା ରଥଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ପାଇକ ଆଖଡ଼ାକୁ ବଞ୍ଚେଇବାର ପ୍ରୟାସ କରାଯାଉ - ରାଜ୍ୟ ସରକାରଙ୍କ ତରଫରୁ ଓଡ଼ିଶାର ପାଇକ ଆଖଡ଼ା ସମରକଳାକୁ ସ୍ୱତନ୍ତ୍ର ମାନ୍ୟତା ମିଳୁ । ସ୍କୁଲ କଲେଜର ପାଠ୍ୟପୁସ୍ତକରେ ପାଇକ ବିଦ୍ରୋହ ବିଷୟରେ ଲେଖା ମାନ ସ୍ଥାନ ପାଉ । କ୍ରୀଡ଼ା ଓ ସଂସ୍କୃତି ବିଭାଗ ଦ୍ୱାରା ପାଇକ ଆଖଡ଼ା କ୍ଷେତ୍ରରେ ନିୟୋଜିତ ବ୍ୟକ୍ତି ଏବଂ ପାଇକ ଦଳର ବିକାଶପାଇଁ ଆର୍ଥିକ ବ୍ୟବସ୍ଥା କରାଯାଉ । ଓଡ଼ିଶାରେ ପ୍ରତି ବର୍ଷ ସ୍ୱତନ୍ତ୍ରଭାବେ ପାଇକ ଆଖଡ଼ା ମହୋତ୍ସବ ଆୟୋଜିତ ହେଉ । ରାଜ୍ୟ ଓ ରାଜ୍ୟବାହାରେ ଆୟୋଜିତ ସରକାରୀ ଲୋକକଳା ଉତ୍ସବମାନଙ୍କରେ ପାଇକ ଆଖଡ଼ା ପ୍ରଦର୍ଶନ ପାଇଁ ସରକାରୀ ସ୍ତରରେ ସୁବ୍ୟବସ୍ଥା କରାଯାଉ । ଓଡ଼ିଶାରେ ଏହି ପାରମ୍ପରିକ ପାଇକ ଆଖଡ଼ା ସମରକଳାର ଗବେଷଣା ଓ ପ୍ରଶିକ୍ଷଣ ପାଇଁ ସରକାରୀ ସ୍ତରରେ ଏକ ପାଇକ ଆଖଡ଼ା ଏକାଡ଼େମୀ ପ୍ରତିଷ୍ଠା କରାଯାଉ । ଓଡ଼ିଶା ବାଳିକା ପାଇକ ଆଖଡ଼ାଙ୍କ ପ୍ରତି ସରକାରୀ ସ୍ତରରେ ନିଯୁକ୍ତି ବ୍ୟବସ୍ଥା କରାଯାଉ ।

କଳିଙ୍ଗ କନ୍ୟାର ଲକ୍ଷ୍ୟ - ନାରୀକୁ ଅବଳା, ଦୂର୍ବଳା କୁହାଯାଉଥିବା ବେଳେ ଆଜିର

ନାରୀ କୌଣସି କାମରେ ପୁରୁଷଙ୍କ ଠାରୁ କମ ନୁହନ୍ତି ବୋଲି ପ୍ରମାଣିତ ହୋଇ ସାରିଛି । ଏହାକୁ ପ୍ରମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି ଏହି କଳିଙ୍ଗକନ୍ୟା ପାଇକ ଆଖଡ଼ାର ବାଳିକାମାନେ । ଓଡ଼ିଶାର ପାରମ୍ପରିକ ପାଇକ ଆଖଡ଼ା ସମରକଳାର ପ୍ରଚାର ପ୍ରସାରକୁ ଉଜ୍ଜୀବିତ କରିବାର ପ୍ରୟାସ ଜାରି ରହିଛି । ବାଳିକା ମାନଙ୍କ ମଧ୍ୟରେ ଏହି ପାରମ୍ପାରିକ ପାଇକ ଆଖଡ଼ା ସମରକଳା ପ୍ରତି ଜନସଚେତନତା ସୃଷ୍ଟି କରିବାକୁ ଆଗ୍ରହ ରଖିଛୁ ।

ସେମାନେ ଯାହା କୁହନ୍ତି :

ସୁନିତା ବେହେରା (କଳିଙ୍ଗକନ୍ୟାର ପ୍ରତିଷ୍ଠାତ୍ରୀ) : ଏବେ ବାଳିକାମାନଙ୍କ ମଧ୍ୟରେ ଏଥିରେ ପ୍ରବଳ ଆଗ୍ରହ ରହିଛି । ସେମାନଙ୍କୁ ନେଇ ଏହି କଳାକୁ ବଞ୍ଚେଇ ରଖିବାର ପ୍ରୟାସ ରଖିଛି । ଏହାଦ୍ୱାରା ଆମେ ଦେଶପ୍ରେମର ବାର୍ତ୍ତା ପ୍ରସାର କରୁଛୁ । ଏହା ଆମ ଦେଶ, ରାଜ୍ୟ ତଥା ସମଗ୍ର ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଏହାର ପ୍ରୋତ୍ସାହନ ଏବଂ ସମୃଦ୍ଧି ପାଇଁ ସରକାରୀସ୍ତରରେ ପ୍ରୋତ୍ସାହନର ଆବଶ୍ୟକତା ରହିଛି ।

ରେଖା ବେହେରା (ସଦସ୍ୟା) - କେବଳ ଆମ ଐତିହ୍ୟ ଓ ପରମ୍ପରାକୁ ବଞ୍ଚାଇ ରଖିବାର ପ୍ରୟାସରେ ଆମେ ସବୁ ଇଞ୍ଜିନିୟରିଂ ଛାତ୍ରୀ ଏଥିରେ ସାମିଲ ହୋଇଛୁ । ଆଜିର ଯୁଗରେ ଆତ୍ମରକ୍ଷା ଓ ରଣକୌଶଳର ଆବଶ୍ୟକତା ବହୁତ ମାତ୍ରାରେ ଅଧିକ । କଳିଙ୍ଗ କନ୍ୟାର ପାଇକ ଆଖଡ଼ା ବିଭିନ୍ନ ସ୍ଥାନରେ ଖେଳିବାକୁ ଯିବା ବେଳେ ସେଠାକାର ଐତିହାସିକ ସ୍ଥାନ ଭ୍ରମଣ କରୁ, ଅନେକ କିଛି ଶିଖିବାକୁ ପାଉ । ଏହା ସହିତ ଆମ ଗୌରବ ପାଇକ ଆଖଡ଼ା ବିଷୟରେ ଅନ୍ୟଙ୍କୁ ଜଣାଉ ।

ମିନତୀ ବେହେରା (ସଦସ୍ୟା) - ଏହି କଳା ଶିକ୍ଷା କରିବା ଦ୍ୱାରା ଆତ୍ମରକ୍ଷା ସମେତ ଅନ୍ୟ କ୍ରୀଡ଼ା ପରି ଦକ୍ଷତା ଆସେ । ଶରୀର ସବୁବେଳେ ସୁସ୍ଥ ରହି ଫୁର୍ତ୍ତି ଲାଗେ ।

ମିନାରାଣୀ ବେହେରା (ସଦସ୍ୟା) - ବାଳିକା ମାଣଙ୍କ କଳିଙ୍ଗ କନ୍ୟା ପାଇକ ଆଖଡ଼ା ଦଳ ପ୍ରତିଷ୍ଠା କରିବାରେ ବନଭାଇଙ୍କ ଉଦ୍ୟମ ସର୍ବାଗ୍ରେ । ଓଡ଼ିଶାର ପାରମ୍ପରିକ ସମରକଳାକୁ କଳିଙ୍ଗକନ୍ୟାର ବାଳିକାମାନେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରିଥାଚ୍ଛି । ଅନ୍ୟ ବାଳିକା ମାନଙ୍କ ପାଇଁ ଏହ ନିଆରା ଉଦାହରଣ ମନେହୁଏ । ସେମାନଙ୍କୁ ପ୍ରେରଣା ଦେବବୋଲି ଆଶାକରେ ।

ସ୍ନେହଲତା ବେହେରା - ଆଜିକାଲି ସମାଜରେ ବାଳିକାମାନଙ୍କ ଆତ୍ମସୁରକ୍ଷା ପାଇଁ ପାରମ୍ପରିକ ସମରକଳା ତାଲିମ ପ୍ରଦାନ କରାଯାଉଛି । ଏଥିପାଇଁ ସରକାରୀ ସ୍ତରରେ ପ୍ରୋତ୍ସାହନ ଓ ନିଯୁକ୍ତିର ଆବଶ୍ୟକତା ରହୁଛି ।

ତଥ୍ୟ : ସୁନୀତା ବେହେରା

(କଳିଙ୍ଗକନ୍ୟା ପାଇକ ଆଖଡ଼ା ଦଳ ପ୍ରତିଷ୍ଠାତ୍ରୀ)

ରତନପୁର, କୁହୁଡ଼ି (ପୋ), ଖୋର୍ଦ୍ଧା, ୭୫୨୦୨୭, ଓଡ଼ିଶା

ଭ୍ରାମ୍ୟଭାଷ : ୮୯୧୭୨୧୬୫୯୮

ସମ୍ପାଦନା ଏବଂ ଉପସ୍ଥାପନା : ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

 Magazine Downloaded from www.aahwaan.com

ଆଜିର ଭୁବନେଶ୍ୱର

ଆଜି ଆମେ ଯାହାକୁ ଭୁବନେଶ୍ୱର କହୁଛେ ଏହାର ରୂପ ବିଭିନ୍ନ ସମୟରେ ବିଭିନ୍ନ ରୂପ ନେଇଛି । ଏହି କ୍ଷେତ୍ର ପ୍ରାଚୀନ କାଳରେ ପାଞ୍ଚ କ୍ରୋଶ ବା ୧୦ କି.ମି. ବ୍ୟାପି ରହିଥିଲା । ଏହାର ପୂର୍ବରେ କୁଣ୍ଡଳେଶ୍ୱର (ଦୟାନଦୀ ତୀରସ୍ଥ ମନ୍ଦିର) ପଶ୍ଚିମରେ ଖଣ୍ଡଗିରି, ଉତ୍ତରରେ ବହୁଳଦା ଦେବୀ (କୁଆଖାଇ ନଦୀ କୂଳରେ ଅଧିଷ୍ଠିତ) ଏବଂ ଦକ୍ଷିଣରେ ବହିରଙ୍ଗେଶ୍ୱର ଶିବ ମନ୍ଦିର (ଧଉଳି ପାହାଡ଼ ଉପରିସ୍ଥ) ମଧ୍ୟରେ ଅବସ୍ଥିତ ଥିଲା । ଅସଂଖ୍ୟ ମନ୍ଦିର ଓ ତୀର୍ଥସ୍ଥାନକୁ ନେଇ ଏହି କ୍ଷେତ୍ର ଥିଲା ଚକ୍ରାକାର ଏବଂ ଘନ ଅରଣ୍ୟ, ଗିରି, ନିର୍ଝରିଣୀ, ନଦୀ ପୁଷ୍କରିଣୀ ଦ୍ୱାରା ସୁଶୋଭିତ ଓ ସମୃଦ୍ଧ ହୋଇଥିଲା । ଏହାର ସ୍ଥିତି ଲବଣସାଗର ନିକଟରେ ଏବଂ ଏଥିରେ ପ୍ରବାହିତ ହେଉଥିଲା ପବିତ୍ର ନଦନଦୀ । ଗନ୍ଧବତୀ (ଗଙ୍ଗୁଆ) ନଦୀ ଅବବାହିକାରେ ଏହି ସହର ଅବସ୍ଥିତ ଥିଲା । କପିଳ ସଂହିତା (୧୩ଶ ଶତାବ୍ଦୀ ରଚନା)ରେ ଏହା ପ୍ରଥମେ ଭୁବନେଶ୍ୱର ବୋଲି ଲେଖା ଅଛି । ଏଠାରେ ପ୍ରବାହିତ ଗନ୍ଧବତୀ ନଦୀର ପବିତ୍ର ଜଳରେ ସ୍ନାନ କରି ଜନସାଧାରଣ ପୁଣ୍ୟ ଅର୍ଜନ କରୁଥିଲେ । ଏହି ଗନ୍ଧବତୀ ନଦୀକୁ ବର୍ତମାନ ଗଙ୍ଗୁଆ ନାଳ ବୋଲି କହୁଛନ୍ତି । ଏହି ଗଙ୍ଗୁଆ ନାଳ ଚନ୍ଦକା ଜଙ୍ଗଲରୁ ବାହାରି ନୂଆ - ଭୁବନେଶ୍ୱର ଅଂଚଳରୁ ବିଭିନ୍ନ ଧାର ଯଥା

ଶ୍ରୀ ବୈକୁଣ୍ଠନାଥ ଖଟୁଆ

ପଟିଆ ଅଂଚଳର ଜଳାଧାର, ସାଲିଆ ସାହି - ୟୁନିଭର୍ସିଟି ଜଳାଧାର, ନୂଆପଲ୍ଲୀ ଜଳାଧାର, ତିନି ନମ୍ବର - ସତ୍ୟନଗର ଜଳାଧାର, ସାତନମ୍ବର - ଓୟୁଏଟି ଜଳାଧାର ବାହାରି ଶିଶୁପାଳ ଗଡ଼ ଦେଇ ଦୟାନଦୀରେ କାକୁଡ଼ିଆଠାରେ ପଡ଼ିଥିଲା । ସେତେବେଳେ ଏହି ଜଳାଧାର ଅତି ପବିତ୍ର ଥିଲା ।

ଖ୍ରୀ.ପୂ. ୪୯୯ରେ ବୁଦ୍ଧଦେବ କପିଳ ପ୍ରସାଦରେ ଜନ୍ମଗ୍ରହଣ କରିଥିଲେ ବୋଲି କେହି କେହି କହନ୍ତି । ଇତିହାସରୁ ଜଣାଯାଏ ଏହି ଅଂଚଳ ଅଶୋକଙ୍କ (ଖ୍ରୀ.ପୂ. ୨୭୩ - ୨୩୨) ସମୟରେ ଧଉଳି ବା ତୋଷାଳି ରୂପେ ପରିଚିତ ଥିଲା । ସମ୍ରାଟ୍ ଖାରବେଳଙ୍କ (ଖ୍ରୀ. ୪୮) ସମୟରେ ଏହା ଶିଶୁପାଳଗଡ଼ର ରୂପ ନେଲା । ସମ୍ରାଟ୍ ଖାରବେଳ ଏହି ସମୟରେ ଖଣ୍ଡଗିରି ଉଦୟଗିରି (କୁମାରୀ ପର୍ବତ) ଗୁମ୍ଫାଗୁଡ଼ିକ ତିଆରି କରିଥିଲେ । ଖାରବେଳଙ୍କ ପରେ କୁଷାଣ - ମୁରୁଣ୍ଡ ଅଧୀନରେ କଳିଙ୍ଗ - ତୋଷାଳି ଥିଲା । ଦକ୍ଷିଣ ଭାରତରେ ସାତକର୍ଣ୍ଣିମାନେ ଶାସନ କରୁଥିଲେ । ଶିଶୁପାଳଗଡ଼ରୁ କୁଷାଣ ମୁଦ୍ରା ମିଳୁଥିବାରୁ ଏହା ପ୍ରତୀତ ହେଉଛି । ଏ ତ ଗଲା ଲିଖିତ କଥା କିନ୍ତୁ ଆମ ଆଗରେ ଅନେକ କାହାଣୀ କିମ୍ବଦନ୍ତୀ ଅଛି ତା'ର ସଠିକତା ଜାଣିହୁଏନା । ଶୁଣାଯାଏ ଏହି ଅଂଚଳକୁ ପ୍ରଥମେ ସ୍ୱର୍ଣ୍ଣାଦ୍ରୀ କହୁଥିଲେ । ଇନ୍ଦ୍ର ସପତ ଦିନ ସୁନା ବୃଷ୍ଟି କଲେ । ଲୋକମାନେ ଘରୁ ବାହାରି ପାରିଲେନି । ସୁନା ପାହାଡ଼ ପାହାଡ଼ ହୋଇ ଗଦା ହୋଇଗଲା । ତେଣୁ ଏହାର ନାମ ହେଲା ସ୍ୱର୍ଣ୍ଣାଦ୍ରୀ । ପରେ ପରେ ଏହାକୁ କୃତିବାସ କ୍ଷେତ୍ର କହିଲେ । ଏହିଠାରେ ପାର୍ବତୀ ଗୋପାଳୁଣୀ ବେଶରେ କୃତି ଓ ବାସ ନାମକ ରାକ୍ଷସକୁ ମାରିଥିଲେ । ତେଣୁ ଏହାର ନାମ କୃତିବାସ କ୍ଷେତ୍ର ହେଲା ଏହି ଶବ୍ଦକୁ ବିଶ୍ଳେଷଣ କଲେ କୃତି+ବାସ = କୃତିବାସ କୃତି ଅର୍ଥ ଚର୍ମ, ବାସ ଅର୍ଥ ଉପରେ ବାସ କରିବା । ଚର୍ମ ଉପରେ ଯେ ବାସ କରେ ସେ ଶିବ । ସମୟ ପ୍ରବାହରେ ଏହାକୁ ଏକାମ୍ର କ୍ଷେତ୍ର କହିଲେ । ଏକାମ୍ର

 Magazine Downloaded from www.aahwaan.com

କ୍ଷେତ୍ରର ଅଧିଷ୍ଠିତ ଦେବତା ହେଲେ କୃତିବାସ । ଏଠାରେ ଶିବଙ୍କୁ ଗୋଟିଏ ଆମ୍ବ ଗଛ ମୂଳେ ପୂଜା କରାଯାଉଥିଲା । ଏକ ଆମ୍ବରୁ ଏହାର ନାମ ଏକାମ୍ର କ୍ଷେତ୍ର ହେଲା । ଏହା ହେଉଛି ଗୁପ୍ତଯୁଗର ସମୟ । ସେତେବେଳେ ମନ୍ଦିର ନିର୍ମାଣ କୌଶଳ ଜଣା ନଥିଲା । ଆଗରୁ ପାହାଡ଼ରୁ ପଥର କାଟି ଗୁମ୍ଫା ମନ୍ଦିର ତିଆରି କରୁଥିଲେ ଯଥା ଏଲୋରା ଓ ଅଜନ୍ତା । ଓଡ଼ିଶାରେ ପ୍ରଥମ ମନ୍ଦିର ପଂଚୁପାଣ୍ଡବ ଭୀମେଶ୍ୱର ମନ୍ଦିର ପାରଳାଖେମୁଣ୍ଡି ମହେନ୍ଦ୍ରଗିରି ପାହାଡ଼ ଉପରେ ୧୭ଟି ପଥରରେ ତିଆରି ହୋଇଥିଲା । ଗୁପ୍ତ ଯୁଗରୁ ମନ୍ଦିର ନିର୍ମାଣ ଶୈଳୀ ଆରମ୍ଭ ହେଲା । ଗୁପ୍ତଯୁଗକୁ ଭାରତର ସୁବର୍ଣ୍ଣ ଯୁଗ କହନ୍ତି । ବ୍ରାହ୍ମୀ ଲିପିରୁ ପ୍ରୋଟ ଦେବନାଗରୀ ଲିପିରେ ପରିବର୍ତ୍ତନ ହେଲା । ବ୍ରାହ୍ମୀ ଲିପି ଲୋପ ପାଇଗଲା । ଏ ବୋଧହୁଏ ୪-୫ ଶତାବ୍ଦୀର କଥା ।

ଗୁପ୍ତମାନଙ୍କ ପତନ ପରେ ଅର୍ଥାତ ୫ -୬ ଶତାବ୍ଦୀରେ ଏହି ଅଂଚଳ କିଛି ଦିନ ପରବର୍ତୀ ଗୁପ୍ତ ମାଠର ବିଗ୍ରହ ମୌଦଗଲ୍ୟମାନଙ୍କ ଅଧୀନରେ ଥିଲା । ଏମାନଙ୍କ ତମ୍ବାପଟ୍ଟା ଭୁବନେଶ୍ୱର ଆଖପାଖ ଅଂଚଳରୁ ମିଳିଛି । ଦକ୍ଷିଣ ଓଡ଼ିଶାରେ ମାଠର ବଂଶ (୩୫୦-୪୯୮), ବାଶିଷ୍ଠ ବଂଶ (୫୨୫), ଦୁର୍ଜୟ ବଂଶ (୫୫୦-୬୧୩) ଉତ୍ତର ଓଡ଼ିଶାରେ ବିଗ୍ରହ ବଂଶ(୫୭୦), ମୁଦ୍ଗଲ ବା (ମାଣ) ବଂଶ (୫୮୦-୬୧୩), ଦତ ବଂଶ (୬୨୩) ଶାସନ କରୁଥିଲେ । ଏମାନଙ୍କର ଶାସକ ଶ୍ରୀଲୋକବିଗ୍ରହ ଶମ୍ଭୁଯଶା, ନନ୍ଦ ପ୍ରଭଞ୍ଜନ ବର୍ମନ ଆଦି ଥିଲେ । ତମ୍ବା ପଟ୍ଟା ବ୍ୟତୀତ ସେମାନଙ୍କର କୀର୍ତ୍ତି ଆଉ କିଛି ନାହିଁ । ପରେ ଶଶାଙ୍କ ଓ ହର୍ଷବର୍ଦ୍ଧନ ଏହି ଅଂଚଳକୁ ଅଧିକାର କରିଥିଲେ । ହର୍ଷବର୍ଦ୍ଧନ ଉଡ୍ରଦେଶ କହୁଥିଲା ବେଳେ ଶଶାଙ୍କ ଉତ୍କଳ କହୁଥିଲେ । ଏମାନଙ୍କ ଅଧୀନରେ ଶୈଳୋଦ୍ଭବିମାନ ଅର୍ଥାତ୍ ୬-୭ ଶତାବ୍ଦୀ ମଧ୍ୟରେ ଋଷିକୂଲ୍ୟା ନଦୀଠାରୁ ମହାନଦୀପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଥିଲେ । ଏମାନଙ୍କ ସମୟରେ

 Magazine Downloaded from www.aahwaan.com

ପର୍ଶୁରାମେଶ୍ୱର, ଭରତେଶ୍ୱର ଶତୃଘ୍ନେଶ୍ୱର ଓ ରାମେଶ୍ୱର ମନ୍ଦିରମାନ ନିର୍ମାଣ କରାଯାଇଥିବାର ଅନୁମାନ କରାଯାଏ । ଭୌମକର ରାଜାମାନେ ମନ୍ଦିର ନିର୍ମାଣରେ କିଛି କମ୍ ନଥିଲେ । ଏମାନେ ଅର୍ଥାତ୍ ୭-୯ ଶତାବ୍ଦୀ ମଧ୍ୟରେ ଏଠାରେ ଅନେକ ଶିବମନ୍ଦିର ଓ ତିନିମୁଣ୍ଡିଆ ଦେଉଳ ପ୍ରତିଷ୍ଠା କରିଥିଲେ । ପୁରୀରୁ ପ୍ରାପ୍ତ ଢେଙ୍କାନାଳ ତମ୍ବାପଟାରେ ବିନ୍ଦୁସାଗର ବୋଲି ଲେଖା ଅଛି । ତେଣୁ ଅଷ୍ଟମ/ନବମ ଶତାବ୍ଦୀ ବେଳକୁ ବିନ୍ଦୁସାଗରର ମାହାତ୍ମ୍ୟ ବଢ଼ିଗଲାଣି ।

କେଶରୀ ବଂଶର ଦିଗ୍‌ବିଜୟୀ ସମ୍ରାଟ୍ ଯଯାତି କେଶରୀ (୧ମ) (୯୬୨- ୯୯୮ ଖ୍ରୀ.) ଯିଏ କୋଶଳ ଉତ୍କଳ ଓ କଳିଙ୍ଗ ଆଦି ତିନିଗୋଟି ରାଜ୍ୟକୁ ଅଧିକାର କରି ଏକତ୍ରିତ କଲେ ଓ ତ୍ରିଭୁବନେଶ୍ୱର ଉପାଧିରେ ଭୂଷିତ ହୋଇ ତାଙ୍କରି ଉପାଧି ଅନୁସାରେ ଏହାର ନାମ ତ୍ରିଭୁବନେଶ୍ୱର ଦେଲେ । କେଶରୀ ବଂଶର ଶ୍ରେଷ୍ଠ ରାଜା ଯଯାତି କେଶରୀ (ଚଣ୍ଡିହାର ଯଯାତି) (୧୦୨୦-୧୦୪୪ଖ୍ରୀ.) ଏଠାରେ ଅନେକ ଲିଙ୍ଗ ପ୍ରତିଷ୍ଠା ହୋଇଥିବାର ଲକ୍ଷ୍ୟ କରି ଶେଷରେ ଏକ ବଡ଼ ମନ୍ଦିର ପ୍ରତିଷ୍ଠା କରିବାପାଇଁ ଲକ୍ଷ୍ୟ ରଖି ମୂଳଦୂଆ ପକାଇଥିଲେ କିନ୍ତୁ ଶେଷ କରିପାରି ନଥିଲେ ଏହାର ନାମ ଲିଙ୍ଗରାଜ ମନ୍ଦିର ରଖିଥିଲେ । ଏହି ମନ୍ଦିର ତାଙ୍କ ପୁଅ ଉଦ୍ୟତ୍ କେଶରୀ ଶେଷ କରିଥିଲେ । କିନ୍ତୁ ଏହି ଜାଗାର ନାମ ତ୍ରିଭୁବନେଶ୍ୱରରୁ (ତ୍ରିଭୁବନ+ଈଶ୍ୱର) ଭୁବନେଶ୍ୱର (ଭୁବନ+ ଈଶ୍ୱର) ହୋଇଗଲା । ତମ୍ବାପଟ୍ଟାରେ କୃତିବାସ କ୍ଷେତ୍ର ଲେଖାଅଛି । ଏହି ଭୁବନେଶ୍ୱର ଆଜି ପର୍ଯ୍ୟନ୍ତ ଚଳି ଆସୁଛି । କିମ୍ବଦନ୍ତୀ ଅନୁସାରେ ଏଠାରେ ବୌଦ୍ଧ ଶ୍ରମଣମାନେ ବହୁ ସଂଖ୍ୟାରେ ଖଣ୍ଡଗିରି ଓ ଉଦୟଗିରି ଅଂଚଳରେ ରହି ପ୍ରାଧାନ୍ୟ ବିସ୍ତାର କରିଥିଲେ । ସେମାନଙ୍କ ପ୍ରାଧାନ୍ୟକୁ ହ୍ରାସ କରିବାକୁ ଲଲାଟେନ୍ଦୁ କେଶରୀ ଖଣ୍ଡଗିରି ନିକଟବର୍ତ୍ତୀ ଜାଗମରାଠାରେ ଏକ ବିରାଟ ଯଜ୍ଞର ଆୟୋଜନ କଲେ । ବିଭିନ୍ନ

 Magazine Downloaded from www.aahwaan.com

ଅଂଚଳରୁ ବୈଦିକ ବ୍ରାହ୍ମଣମାନେ ସେଠାରେ ସମବେତ ହୋଇ ଯଜ୍ଞ କରୁଥିଲେ । କିନ୍ତୁ ଦଳଦଳ ହୋଇ ବୌଦ୍ଧ ସନ୍ୟାସୀମାନେ ଆସି ଯଜ୍ଞସ୍ଥଳରେ ପହଂଚି ବ୍ରାହ୍ମଣମାନଙ୍କ ସହିତ ବାକଯୁଦ୍ଧ କରିଥିଲେ । ଏଥିରେ ବ୍ରାହ୍ମଣମାନେ ପରାଜିତ ହୋଇଥିବାରୁ ଯଜ୍ଞକାର୍ଯ୍ୟ ବାଧାପ୍ରାପ୍ତ ହେଲା । ଅର୍ଥାତ୍ ଯଜ୍ଞ ମାରା ହୋଇଥିବାରୁ ସ୍ଥାନଟିର ନାମ ଯାଗମାରା ବା ଯାଗମରା ନାମରେ ପରିଚିତ ହେଲା । ବିନ୍ଦୁସାଗର ଉତ୍ତର ପାଶ୍ୱର୍ରେ ନିର୍ମିତ ଉତ୍ତରେଶ୍ୱର ମନ୍ଦିର ନିକଟରେ ଦୀର୍ଘ ପ୍ରାଚୀର ଓ ସୋପାନ ଶ୍ରେଣୀ ବିଦ୍ୟମାନ । ଏଠାରେ ଥିବା ଚାହାଣି ମଣ୍ଡପରେ ରାଜାରାଣୀ ଓ ସେମାନଙ୍କ ପରିବାର ବସି ବିନ୍ଦୁସାଗର ଚନ୍ଦନ ଯାତ୍ରା ଦେଖୁଥିଲେ । ଚନ୍ଦନ ଯାତ୍ରା ସମୟରେ ଲିଙ୍ଗରାଜ, ବାସୁଦେବେ ଓ କପିଳେଶ୍ୱର ଯେଉଁଠାରେ ଓହ୍ଲାଇ ଚାପ ଖେଳନ୍ତି, ତାହାକୁ ତ୍ରିଶୂଳଘାଟ କୁହାଯାଏ ।

ପରେ ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଦେବ କୌଶଲ୍ୟାଗଙ୍ଗଠାରେ ଅନେକ ପୋଖରୀ ଖୋଳାଇଥିଲା । ଏହି ପୋଖରୀ ତାଙ୍କ ଝିଅ କୌଶଲ୍ୟା ନାମରେ ନାମିତ ହୋଇଥିଲା । କଥିତ ଅଛି ଚୋଡ଼ଗଙ୍ଗ ଦେବଙ୍କର ତା'ଙ୍କ ଝିଅ ସହିତ ସଂପର୍କ ଥିଲା । ଏହି ଗଙ୍ଗବଂଶୀୟ ରାଜା ଚୁଡ଼ଙ୍ଗ ଗଡ଼(ବାରଙ୍ଗ)ଠାରେ ଗୋଟିଏ ଦୁର୍ଗ ନିର୍ମାଣ କରିଥିଲେ । ଆଉ ଶତ୍ରୁ ଭୟରୁ ରକ୍ଷା ପାଇବା ପାଇଁ ଚନ୍ଦକା ଜଙ୍ଗଲ ଭିତରେ ଭାଲୁଙ୍କାଠାରେ ବୁଆଳିଗଡ଼ ଦୁର୍ଗ ନିର୍ମାଣ କରିଥିଲେ । ଅନଙ୍ଗଭୀମଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ନିର୍ମାଣ କରିଥିବା ୧୨୭୮ ଖ୍ରୀ. ଅନନ୍ତ ବାସୁଦେବ ମନ୍ଦିର ଶିଳା ଲେଖରେ ଲେଖା ଅଛି ଗନ୍ଧସିନ୍ଧୁ । ତେଣୁ ୧୨୭୮ ବେଳକୁ ଗଙ୍ଗୁଆକୁ ଗନ୍ଧସିନ୍ଧୁ କହୁଥିଲେ । ୧୩ ଖ୍ରୀ. ସ୍ୱର୍ଣ୍ଣାଦ୍ରି ମହୋଦୟରେ ଏହାକୁ ଗନ୍ଧବତୀ କହୁଥିଲେ । ଏମାନେ ଭୁବନେଶ୍ୱରଠାରେ ମେଘେଶ୍ୱର ଆଦି ମନ୍ଦିରମାନ ନିର୍ମାଣ କରିଥିଲେ । ରାମେଶ୍ୱର ମନ୍ଦିର ନିକଟସ୍ଥ ରାମକୁଣ୍ଡର ଅନ୍ୟ ଏକ ନାମ ଅଶୋକ କୁଣ୍ଡ । କପିଳ

ସଂହିତାରେ ଏହା ଅଶୋକଙ୍କର ନାମରେ ବର୍ଣ୍ଣିତ । ଅଶୋକାଷ୍ଟମୀ ରଥ ପ୍ରକୃତରେ କଳିଙ୍ଗ ଯୁଦ୍ଧ ବିଜୟୀ ଅଶୋକଙ୍କ ନାମରେ କିମ୍ବା ପୂର୍ବରୁ ଥିବା ଅଶୋକ ବୃକ୍ଷ ବା ଅଶୋକ ଝର ନାମରେ ପ୍ରତିପାଦିତ ହେଉଥିଲା । ଏଠାରେ ବୌଦ୍ଧ କୀର୍ତିରାଜି ଥିଲା । ତାକୁ ଭାଙ୍ଗିଦେଇ ରାମେଶ୍ୱର ମନ୍ଦିର ତିଆରି ହୋଇଛି । ଏଠାରେ ଥିବା ଅଶୋକ ସ୍ତମ୍ଭ ଏଠାରୁ ସ୍ଥାନାନ୍ତର କରାଯାଇ ମିଉଜିୟମରେ ରଖାଯାଇଛି ।

ଇଂରେଜମାନେ ଅଧିକାର କଲାବେଳକୁ ଭୁବନେଶ୍ୱର କେବଳ ମାତ୍ର ମନ୍ଦିର ଓ ସାହିଗୁଡ଼ିକ ଥିଲା । ସେଗୁଡ଼ିକ ଚଷା ସାହି, ଗରାବଡୁ ସାହି, ପରକରଣ ସାହି ମହାରଣା ସାହି । ରାସ୍ତା ଖଣ୍ଡଗିରିରୁ ଗଣ୍ଡମୁଣ୍ଡା ଉଡ଼ାଜାହାଜ ପଡ଼ିଆ ଭିତର ଦେଇ ପୁନାମା ଗେଟ୍ ସାନ୍ତରାପୁର ଦେଇ ପୁରୀ ଯାଇଥିଲା । ପୁନାମା ଗେଟ୍ ପରେ ପରେ ରାସ୍ତାର ବାମ ପାଶ୍ୱର୍ରେ ଝରଣା ବିନ୍ଦୁସାଗର ଓ ସାହିଗୁଡ଼ିକ ଥିଲା ଡାହାଣ ପାଖରେ ଭୀମଟାଙ୍ଗି ପଥରଖଣି ପଦର ଓ ମନ୍ଦିର ଥିଲା ରଥଗଡ଼ା ଛକଠାରୁ ରାସ୍ତା ଝରଣା ପାର ହୋଇ ମାଉସୀ ମା' ମନ୍ଦିର ଲକ୍ଷ୍ମୀସାଗର ରସୁଲଗଡ଼ ଦେଇ କଟକ ଯାଇଥିଲା ଆଉ ଅନ୍ୟ ଏକ ରାସ୍ତା ରଥଗଡ଼ା ଛକଠାରୁ ତିନି ମୁଣ୍ଡିଆ ଦେଉଳ ଦେଇ ବିନ୍ଦୁସାଗର କୂଳେ କୂଳେ ଝରଣା ପରେ ପରେ ରାସ୍ତା ପୂର୍ବ ଦିଗକୁ ଭାଙ୍ଗି ପର୍ଶୁରାମେଶ୍ୱର କେଦାରଗୌରୀ ମୁକ୍ତେଶ୍ୱର ଦେଇ ଟଙ୍କପାଣି ରୋଡ଼ ଦେଇ ଦୟାନଦୀ ଆର ପାରି ହୀରାପୁର ସହିତ ସଂଯୋଗ କରିଥିଲା । ଭୁବନେଶ୍ୱର ମନ୍ଦିର ସବୁ ଏହି ଦୁଇ ରାସ୍ତା ଉଭୟପାଶ୍ୱର୍ରେ ବିଭିନ୍ନ ରାଜାଙ୍କ ସମୟରେ ନିର୍ମାଣ କରାଯାଇଥିଲା ଆଉ ମୁଖ୍ୟରାସ୍ତା କଡ଼ରେ ଲିଙ୍ଗରାଜ ମନ୍ଦିର ଓ ଅନ୍ୟାନ୍ୟ ମନ୍ଦିର ସବୁ ଗଢ଼ିଉଠିଥିଲା । ଏବେ ସବୁ ଘର ହୋଇଗଲାଣି । ୪-୫ ଶତାବ୍ଦୀ ବେଳକୁ ମନ୍ଦିର ନଥିଲା । ବର୍ତ୍ତମାନର ମନ୍ଦିର ପାଖ ରାସ୍ତାକଡ଼ରେ ସେତେବେଳେ ଆମ୍ବତୋଟା ଥିଲା ତା' ଭିତରେ ଆମ୍ବଗଛ ମୂଳେ ଶିବଲିଙ୍ଗ

ସ୍ଥାପନା ହୋଇଥିଲେ । ଏହି ଆମ୍ବତୋଟା ସୁନ୍ଦର ପଦାର ସୁନ୍ଦରେଶ୍ୱରଠାରୁ ଲିଙ୍ଗରାଜ ମନ୍ଦିର ଦେଇ ବ୍ରହ୍ମେଶ୍ୱର ପାଟଣା ପର୍ଯ୍ୟନ୍ତ ଏକ କ୍ରୋଶ ବ୍ୟାପି ରହିଥିଲା । ଏସବୁ ବର୍ତମାନ ଘର ହୋଇଗଲାଣି । ଖଣ୍ଡେ ଖଣ୍ଡେ ଜାଗା ସେମିତି ସାରୁ ବଣ ହୋଇ ରହିଛି । ଏହି ଆମ୍ବତୋଟାରେ ପଶ୍ଚିମା ଯାତ୍ରୀ ବିଶ୍ରାମ କରୁଥିଲେ । ଏହିଠାରୁ ସମତଳ ଅଂଚଳ ଆରମ୍ଭ ହୋଇଥିଲା । ପାଖରେ ଶସ୍ୟକ୍ଷେତ୍ର ଓ ମନ୍ଦିର ତିଆରି କରିବାପାଇଁ ଖଣ୍ଡଗିରି ପାହାଡ଼ ଉପଯୁକ୍ତ ସ୍ଥାନଥିଲା । ଏହାଥିଲା ମନ୍ଦିର ଗଢ଼ି ଉଠିବାର ଏକ ପ୍ରକୃଷ୍ଟକ୍ଷେତ୍ର । ଏହାକୁ ଏକାମ୍ର କହୁଥିଲେ । ପରେ ମନ୍ଦିର ସବୁ ଝରଣାର ଉତର ପଟେ ୬-୭ମ ଶତାବ୍ଦୀରେ ରାମେଶ୍ୱର ଭରତେଶ୍ୱର ଲକ୍ଷ୍ମଣେଶ୍ୱର ଆରମ୍ଭହେଲା । ଉତ୍ତରପଟେ ସୁନିର୍ମଳ ଝରଣାଥିଲା । ଏହା ଓୟୁଏଟି - ରାଜଭବନରୁ ବାହାରି ବିନ୍ଦୁସାଗର ଦେଇ ଗଙ୍ଗୁଆରେ ପଡ଼ିଥିଲା । ଝରଣା ପୁରୁଣା ଭୁବନେଶ୍ୱରକୁ ଦୁଇଭାଗ କରିଥିଲା । ଦକ୍ଷିଣରେ ଭୀମଟାଙ୍ଗି କପିଳ ପ୍ରସାଦ ବୁଦ୍ଧଙ୍କ ଜନ୍ମସ୍ଥାନ ବୋଲି କହୁଛନ୍ତି ଓ ଉତ୍ତରରେ ଟାଙ୍ଗି ପଟେ ବୁଦ୍ଧଙ୍କ ସ୍ତୂପ ଓ ବୌଦ୍ଧମାନଙ୍କର କିର୍ତୀ ଥିଲା । ଉତ୍ତର ଟାଙ୍ଗି ପଟେ ଭାସ୍କରେଶ୍ୱର ମନ୍ଦିର ତା'ର ଉଦାହରଣ । ଭାସ୍କରେଶ୍ୱର ମନ୍ଦିର ଏକ ବୌଦ୍ଧ ସ୍ତୂପ ଥିଲା । ଏହି ସ୍ତୂପକୁ ଏକ ମନ୍ଦିରରେ ପରିଣତ କରାଯାଇଛି ।

ଭୁବନେଶ୍ୱରକୁ ଗଙ୍ଗୁଆ ନାଳ ପରିପୃଷ୍ଟ କରିଛି । ଚନ୍ଦକା ଓ ପଟିଆ ରାମପୁର ଲଖଣପୁର ଅଂଚଳର ପାଣିଝର ହେଲା ଗଙ୍ଗୁଆନାଳର ମୁଖ୍ୟ ଉତ୍ସ । କୁଜିମାହାଲ, କଂଟାବାଡ଼ ଓ ବୁଆଳିଗଡ଼ ପାହାଡ଼ ଅଂଚଳରୁ ଦୁଇଟି ଚିରସ୍ରୋତା ଧାର ପାର୍ବତ୍ୟ ଟାଙ୍ଗର ମଧ୍ୟଦେଇ ସମତଳ ପ୍ରଦେଶକୁ ବୋହି ଆସିଛି । ଗୋଟିଏ ଯୋର ଖଣ୍ଡଗିରି-ଚନ୍ଦକା ମଧ୍ୟରେ ପ୍ରବାହିତ ହୋଇଛି । ଯାହାକୁ ବଡ଼ଯୋର ବା କାଠଶଙ୍ଖ ନଦୀ ଭାବରେ ପରିଚିତତ କରାଯାଏ । ଅନ୍ୟଟି ଚନ୍ଦକା ଛକର ବାରଙ୍ଗ ରାସ୍ତା ମଧ୍ୟରେ ଯାଇଛି ଏବଂ ଏହା ଭୂଆସୁଣୀ

 Magazine Downloaded from www.aahwaan.com

ମନ୍ଦିର ଦକ୍ଷିଣପାର୍ଶ୍ୱ ଦେଇ ବହିଯାଇଛି । ଯାହାକୁ ତଳଯୋର କହନ୍ତି । ବଡ଼ଯୋର ଓ ତଳଯୋର ଉଭୟ ଦାରୁଠେଙ୍ଗ ଓ ଶିଖରଚଣ୍ଡି ପାହାଡ଼ ମଧ୍ୟରେ ଥିବା ଏକ ସମତଳ ଅଂଚଳରେ ମିଶିଛି । ଶିଖରଚଣ୍ଡି ପାଖରେ ଏହାକୁ ବଡ଼ନଇ କୁହାଯାଇଥିବା ବେଳେ ରଘୁରାଜପୁର ଗ୍ରାମ ପାଖରେ ପନ୍ଦରଫୁକାର ନଇ ବା ବୁଡୁନଇ କୁହାଯାଏ । କଳାରାହାଙ୍ଗ ନିକଟସ୍ଥ ଗ୍ରାମବାସୀମାନେ ବଡନଇ କହୁଥିବା ବେଳେ ଜରିପାଟଣା ଓ ଇଂଜଣା ପାଖରେ ବୁଢ଼ୀନଇ କୁହାଯାଉଛି । ଭାଟପଡ଼ା ବୁଢ଼ୀନଇ ଗଂଜଣା ପାଖରେ ଗନ୍ଧବତୀ ବା ଗଙ୍ଗୁଆ ଭାବରେ ପ୍ରଥମେ ପରିଚିତ ହୁଏ । ପରେ ହଂସପାଳ, ଟଙ୍କପାଣି, ବ୍ରହ୍ମେଶ୍ୱର, ସାମନ୍ତରାପୁର, କପିଳ ପ୍ରସାଦ, ସୁନ୍ଦରପଦା, ଶ୍ରୀରାମନଗର ପ୍ରଭୃତି ଆଚଳରେ ଗଙ୍ଗୁଆ ଭାବରେ ପରିଚିତ । ପଳାଶୁଣୀ ପାଖ ପୁରୁଣା ଜଗନ୍ନାଥ ରୋଡ଼ ଉପରେ କୁଣ୍ଡାପଥରରେ ଯେଉଁ ଫୁକାର ବର୍ତମାନ ଭଗ୍ନ ଅବସ୍ଥାରେ ଦୃଷ୍ଟିଗୋଚର ହୁଏ ତାହା କେଶରୀ ବଂଶରାଜା ବରାହ କେଶରୀ ତିଆରି କରିଥିଲେ । ପାଣ୍ଡାରା ଅଂଚଳରେ ଗଙ୍ଗୁଆକୁ କିମ୍ଭୀରିଆ କୁହାଯାଏ । ପଟିଆର ପାହାଡ଼ିଆ ଅଂଚଳରୁ ଆସିଥିବା କେତେକ ଝର ଯଥା ବେଦମତୀ, ମନ୍ଦାକିନୀ, ଗନ୍ଧବତୀ ଓ ଛତ୍ରୀ ଏକତ୍ରିତ ହୋଇ ପଟିଆ ଦହଲ ସୃଷ୍ଟି କରିଛି । ପଟିଆ ପାହାଡ଼ ନିକଟସ୍ଥ ସୁମୁଣ୍ଡିଆ ଟାଙ୍ଗର ଅଂଚଳରୁ ଏକ ଜଳସ୍ରୋତ ଓ ରାମଗଡ଼ ଅଂଚଳରୁ ଅନ୍ୟଏକ ଜଳସ୍ରୋତ ଗଙ୍ଗୁଆରେ ମିଶିଛି । ଶେଷରେ ଶିଶୁପାଳ ଗଡ଼ଠାରେ ଗଙ୍ଗୁଆ ସହିତ ଉତ୍ତର ପାଶ୍ୱର୍ ବାଉରୀଯୋର ଓ ପୂର୍ବ-ଦକ୍ଷିଣ ପାଶ୍ୱର୍ ଡିମାଣିଶ୍ୱର ନାମ ବହନ ପୂର୍ବକ ବିଶାଳ ପୁଷ୍କରିଣୀ ସୃଷ୍ଟିକରି ଉଭୟ ଏକତ୍ରିତ ହୋଇ ଗଙ୍ଗୁଆରେ ମିଶିଛନ୍ତି । ନୂଆ-ଭୁବନେଶ୍ୱର ଅଂଚଳରୁ ବାହାରି ଗଙ୍ଗୁଆରେ ମିଶିଥିବା ନାଳ/ଝର ସମୁହ ହେଲା –

୧. ମାଙ୍କଡ଼ଝର- ଏହା ଖଣ୍ଡଗିରି ଉତ୍ତରରୁ ତଥା ଔଷଧୀୟ ଜଙ୍ଗଲରୁ ବାହାରି

ବରମୁଣ୍ଡା ଓ ଜାଗମରା ଚାଷ ଜମିରେ ପ୍ରବାହିତ ହୋଇ ଗଣ୍ଡମୁଣ୍ଡା ପୋଖରିପୁଟ ଦେଇ ଗଙ୍ଗୁଆରେ ମିଶିଛି ।

୨. ପାହାଡ଼ିଆଝର – ଖଣ୍ଡଗିରି ପଶ୍ଚିମଦିଗ ଘାଟିକୀଆରୁ ବାହାରି କୋଳଥିଆ ଆଇଗିଣିଆ ଡୁମୁଡୁମା ଦେଇ ଗଙ୍ଗୁଆରେ ମିଶିଛି ।

୩. ରଙ୍ଗିଆ-ଭଙ୍ଗିଆ ଯୋଡ଼ - ପାଂଚଗାଁରୁ ବାହାରି ମଦନପୁର ପାଇକରାପୁର ଦେଉଳିଆପାଟଣା ଗୋହିରାଛକ ଦେଇ ଗଙ୍ଗୁଆରେ ମିଶିଛି । ଏହା ଉପରେ କ୍ଷୁଦ୍ର ଜଳସେଚନ ଏକ ବନ୍ଧକରି ଜଳସେଚନ କରୁଛି ।

୪. ନୂଆପଲ୍ଲୀ ନାଳ - ଏହା ନୂଆପଲ୍ଲୀ ସିଆରପି କ୍ୟାମ୍ପସ୍ ଭିତରୁ ବାହାରି ନୂଆପଲ୍ଲୀ, ସହିଦ୍‌ନଗର, ସତ୍ୟନଗର ଦେଇ ଚିନ୍ତାମଣିଶ୍ୱର ପୂର୍ବଦିଗରେ ଗଙ୍ଗୁଆନାଳ ସହିତ ମିଶିଛି ।

୫. ରାମଝର - ଆସେମ୍ବ୍ଲି ସେକ୍ରେଟେରିଏଟ ଖାରବେଳ ନଗର ତିନି ନମ୍ବରରୁ ବାହାରି ଗୁରୁଦ୍ୱାର ଶ୍ରୀୟାଟକିଜ ଦେଇ ଲକ୍ଷ୍ମୀସାଗର ଦେଇ ଗଙ୍ଗୁଆରେ ମିଶିଛି ।

୬. ପଟିଆ ଦହଲଝର - ଏହା ଔଷଧୀୟ ଜଙ୍ଗଲରୁ ବାହାରି ଏକାମ୍ରକାନନ, ସାଲିଆସାଇ, ଆଇଆରସି ଭିଲେଜ ଦେଇ ଜୟଦେବ ବିହାର, ୟୁନିଭର୍‌ସିଟି ଆଚାର୍ଯ୍ୟ ବିହାର ଦେଇ ଗଙ୍ଗୁଆନାଳରେ ମିଶିଛି ।

୭. ବିନ୍ଦୁସାଗର ଝର - ରାଜଭବନ ପାହାଡ଼ ୭-ନମ୍ବର ୬-ନମ୍ବର ଓୟୁଏଟି ଏରୋଡ୍ରମ ଫରେଷ୍ଟ ପାର୍କ ମାଉସୀମା ମନ୍ଦିର ବିନ୍ଦୁସାଗର ଦେଇ ଗଙ୍ଗୁଆରେ ମିଶିଛି ।

୮. ଗୁଆଝର - କେଦାରଗୌରୀ ଠାରୁ ମାତ୍ର ୫୦ ମି. ଦୂରରୁ ଗୁଆଝର ବହି ଯାଇ ଗଙ୍ଗୁଆ ନାଳରେ ମିଶିଛି ।

ଏହାର ରାଜସ୍ୱ ଗ୍ରାମ ଗୁଡ଼ିକ ହେଲା –

୧. ନୂଆପଲ୍ଲୀ - ଖୋର୍ଦ୍ଧା ନିଜ ଜମିଦାରୀର ୭୧ଟି ଗଡ଼ ମଧ୍ୟରୁ ଏହା ଗୋଟିଏ ଗଡ଼ । ଏହାକୁ ମଧ୍ୟ ନୟାପଲ୍ଲୀ କହନ୍ତି । ଭୁବନେଶ୍ୱର ଏହା ଆୟତନରେ ଦ୍ୱତୀୟ ବଡ଼ ମୌଜା । ନୂଆପଲ୍ଲୀ ନାଳ ଅବବାହିକାରେ ଏହି ଗ୍ରାମ ଅବସ୍ଥିତ । ସିଆରପି ଓ ଆଇଆରସି ଭିଲେଜ୍‌ରୁ ଯେଉଁସବୁ ନାଳ ବାହାରିଛି ତାହାରି ମଧ୍ୟରେ ନୂଆପଲ୍ଲୀ ଗାଁ ଅବସ୍ଥିତ ।

୨. ରସୁଲଗଡ଼ – ରସେଲ ସାହେବଙ୍କ ନାମ ଅନୁସାରେ ଏହା ରସୁଲଗଡ଼ । ରସେଲ ସାହେବ ଏହିଠାରେ କ୍ୟାମ୍ପ ପକାଇ ରାଜସ୍ୱ ଆଦାୟ କରୁଥିଲେ ଓ ଇଂରେଜମାନଙ୍କ ସହିତ ଯୁଦ୍ଧ ପରିଚାଳନା କରୁଥିଲେ । ରସେଲ ସାହେବଙ୍କ ନାମ ଅନୁସାରେ ଏହି ଗାଁର ନାମ ରସୁଲଗଡ଼ । କେହି କେହି ରାଜସ୍ୱ ଅସୁଲ ହେଇଥିବାରୁ ଏହାକୁ ରସୁଲଗଡ଼ କହନ୍ତି ।

୩. ଜାଗମରା – ଏଠାରେ ଯଜ୍ଞ ହେଇଥିବା ସମୟରେ ଜଗିକି ଲୋକମାନଙ୍କୁ ମାରୁଥିବାରୁ ଏହାକୁ ଜାଗମରା କହୁଥିଲେ ।

୪. ଡୁମୁଡୁମା - ଏହା ଏକ ପ୍ରାଚୀନ ଗ୍ରାମ । ଏଠାରେ ଚାମଣ୍ଡା ଯକ୍ଷିଣୀ ମୂର୍ତ୍ତି ଥିବାର ଜଣାଯାଏ । ଡୁମୁଡୁମା ଖୋର୍ଦ୍ଧାଗଡ଼ର ୭୧ ଗଡ଼ମଧ୍ୟରୁ ଗୋଟିଏ ଗଡ଼ ।

୫. ଆଇଗିଣିଆ – ଯୁଦ୍ଧରେ ଏହି ଗାଁର ଲୋକେ ଆଗୁଆଣି ହୋଇ ବାହାରି ଯୁଦ୍ଧରେ ଆଗରେ ରହୁଥିଲେ ତେଣୁ ଗାଁର ନାମ ଆଇଗିଣିଆ । ଏଠାରେ ଏକ ମଠ ଅଛି । ଏହା ଖଣ୍ଡଗିରି ଦକ୍ଷିଣକୁ ଅବସ୍ଥିତ ।

୬. କପିଳପ୍ରସାଦ - ଏହା ଏକ ପୁରୁଣା ଗଡ଼ । ବୁଦ୍ଧଦେବେଙ୍କ ଜନ୍ମ ସ୍ଥାନ ବୋଲି କହୁଛନ୍ତି । ଅଧିଷ୍ଠାତା ଦେବତା ହେଉଛନ୍ତି କପିଳେଶ୍ୱର ମହାଦେବ । ଏହି ମନ୍ଦିର କପିଳେଶ୍ୱର ଗଜପତି ମହାରାଜା ସ୍ଥାପନା କରିଥିଲେ ବୋଲି ଲୋକ ଉକ୍ତି ଅଛି । ଏହା ଭୁବନେଶ୍ୱରର ଦକ୍ଷିଣକୁ ଅବସ୍ଥିତ ।

୭. ବଡ଼ଗଡ଼ - ଖୋର୍ଦ୍ଧା ନିଜ ଜମିଦାରୀର ୭୧ଟି ଗଡ଼ ମଧ୍ୟରୁ ଏହା ଗୋଟିଏ ଗଡ଼ । ଗଙ୍ଗୁଆ ନଦୀ କୂଳରେ ଅବସ୍ଥିତ । ଭୁବନେଶ୍ୱର ଗଡ଼ର ଏଠାରେ ରାଜାଙ୍କ ରାଜଧାନୀ ଥିଲା ।

୮. ପଟିଆ - ଓଡ଼ିଶାର ରାଜା ମୁକୁନ୍ଦ ଦେବଙ୍କ ପତନ ପରେ ଓଡ଼ିଶା ତିନିଭାଗରେ ବିଭକ୍ତ ହୋଇଗଲା । ପ୍ରଥମ ଭାଗ ମୁକୁନ୍ଦ ଦେବଙ୍କ ଦୁଇ ପୁଅ (୧) ରାମଚନ୍ଦ୍ର ଦେବ (୨) ଛକଡ଼ି ଭ୍ରମରବର ରାୟ । ରାମଚନ୍ଦ୍ର ଦେବଙ୍କୁ ପଟିଆରେ ଅବସ୍ଥାପିତ କଲେ । ସାନଭାଇ ଛକଡ଼ି ଭ୍ରମରବର ରାୟକୁ ଆଳିରେ ଅବସ୍ଥାପିତ କଲେ । ରାମଚନ୍ଦ୍ର ଦେବଙ୍କ ନିଜ ଜମିଦାରୀ ପଟିଆ ଓ ଅଧସ୍ତନ ଜମିଦାରୀ କେଉଁଝର ମୟୂରଭଞ୍ଜ ନୀଳଗିରି ମଧୁପୁରଗଡ଼ କଣ୍ଟାଝର ବଳରାମପୁର ଇଦ୍ୟାଦ । (୨) ସାନଭାଇ - ଆଳି ନିଜ ଜମିଦାରୀ ଓ ଅଧୀନସ୍ଥ ଜମିଦାରୀ ମେଦିନପୁର ନୟାବସାଣି କଂଟଇ ଇତ୍ୟାଦି । ବାରଙ୍ଗକୁ ସାରଙ୍ଗଗଡ଼ କୁହାଯାଏ । ଏହାରି ପାଖରେ ଚୁଡ଼ଙ୍ଗଗଡ଼ ଥିଲା । ଚୁଡଙ୍ଗଗଡ଼ର ଧ୍ୱଂସାବଶେଷ ଦୃଶ୍ୟମାନ ହୁଏ । ପୁରୁଣା ବାରଙ୍ଗ ନଦୀକୂଳରେ ଚୁଡଙ୍ଗଗଡ଼ ଥିଲା । ବୁଆଳିଗଡ଼ ଚନ୍ଦକା ଜଙ୍ଗଲ ମଝିରେ ଅବସ୍ଥିତ । ଏସବୁ ଗଙ୍ଗବଂଶୀ ରାଜାମାନେ ସ୍ଥାପନ କରିଥିଲେ । ଗୋଟିଏ ପଟରେ ଏହି ଗଡ଼ ସ୍ଥାପନ ହୋଇଥିବାରୁ ଏହାକୁ ପଟରୁ ପଟିଆ ଗଡ଼ କହନ୍ତି ।

ଦନେଇ ବିଦ୍ୟାଧର ପୁଅ ରାମଚନ୍ଦ୍ର ଦେବ – ନିଜ ଗଡ଼ ବରୁଣେଇ ପାହାଡ଼ ତଳେ ସ୍ଥାପନ କରିଥିଲେ । ଦକ୍ଷିଣ ଅଂଚଳ ତାଙ୍କ ଅଧୀନରେ ଥିଲା ଆଉ ମଧ୍ୟ ମହାନଦୀର ଉତ୍ତର ପାର୍ଶ୍ୱର ଇଲାକା ବଡ଼ାମ୍ବା ନରସିଂହପୁର ଆଠଗଡ଼ ଢେଙ୍କାନାଳ ଅନୁଗୋଳ, ତାଳଚେର ତାଙ୍କ ଅଧୀନରେ ଥିଲା । ଖୋର୍ଦ୍ଧା ନିଜ ଜମିଦାରୀ (୭୧ ଗଡ଼) ନିଜି ଜମିଦାରୀ ଓ ୧୨୯ଟି ନିଜ ଅଧୀନସ୍ଥ ଜମିଦାରୀ ଗଡ଼ ସମୁଦାୟ ୨୦୦ ଗଡ଼ । ଏ ସବୁ ଷ୍ଟାର୍ଲିଂ ଓଡ଼ିଶାରେ ଲେଖାଅଛି ।

୯. କଳାରାହାଙ୍ଗ - ଏହା ପଟିଆ କିଲ୍ଲା ଅଧୀନ । ଏହି ବାଟ ଦେଇ ରାସ୍ତା

 Magazine Downloaded from www.aahwaan.com

ଭୁବନେଶ୍ୱରକୁ ଥିଲା ।

୧୦. ମଳିପଡ଼ା – ଖୋର୍ଦ୍ଧା ନିଜ ଜମିଦାରୀର ୭୧ଟି ଗଡ଼ ମଧ୍ୟରୁ ଏହା ଗୋଟିଏ ଗଡ଼ । ଖୋର୍ଦ୍ଧା ଯୁଦ୍ଧର ମହାନାୟକ ପିଣ୍ଡିକ ବାହୁବଳେନ୍ଦଙ୍କୁ ଧରାଇଦେବାରେ ମଳିପଡ଼ାର ଗଡ଼ନାୟକ ଭାଗୁ ଶ୍ରୀଚନ୍ଦନ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ତେଣୁ ସେ ନିମକ ହାରମ୍ ଜାଗିର ଭୋଗ କରୁଥିଲେ ।

୧୧. ଅନ୍ଧାରୁଆ - ଖୋର୍ଦ୍ଧା ନିଜ ଜମିଦାରୀର ୭୧ଟି ଗଡ଼ ମଧ୍ୟରୁ ଏହା ଗୋଟିଏ ଗଡ଼ । ପାହାଡ଼ ତଳେ ଏହି ଗ୍ରାମ ଅବସ୍ଥିତ ଥିବାରୁ ଏହାକୁ ଅନ୍ଧାରୁଆ କହୁଥିଲେ ।

୧୨. ଜଗନ୍ନାଥ ପ୍ରସାଦ - ଖୋର୍ଦ୍ଧା ରାଜଙ୍କର ଜଣେ ଭାଇ ଏହିଠାରେ ଗଡ଼ ନିର୍ମାଣ କରି ରହିଥିବାର ଏହି ଗଡ଼ର ନାମ ଜଗନ୍ନାଥ ପ୍ରସାଦ ।

୧୩. ପାତ୍ରପଡ଼ା - ଖୋର୍ଦ୍ଧା ନିଜ ଜମିଦାରୀର ୭୧ଟି ଗଡ଼ ମଧ୍ୟରୁ ଏହା ଗୋଟିଏ ଗଡ଼ । ଏହା ଗୋଟିଏ ବଡ଼ ଗାଁ । ରାଜାଙ୍କର ପାତ୍ର ମନ୍ତ୍ରୀ ଏଠାରେ ଅବସ୍ଥାନ କରୁଥିବାରୁ ଏହାକୁ ପାତ୍ରପଡ଼ା କହିଲେ ।

୧୪. ଘାଟିକିଆ - ଖୋର୍ଦ୍ଧା ନିଜ ଜମିଦାରୀର ୭୧ଟି ଗଡ଼ ମଧ୍ୟରୁ ଏହା ଗୋଟିଏ ଗଡ଼ । ଖଣ୍ଡଗିରି ଘାଟି ପୂର୍ବରୁ ଏଠାରେ ଅନେକ କିଆ ଗଛ ଦେଖା ଯାଇଥିବାରୁ ଏହାକୁ ଘଟିକିଆ କହୁଥିଲେ । ବର୍ତ୍ତମାନ ସେହି କିଆଗଛ ମଧ୍ୟ ସେମିତି ଦୃଶ୍ୟମାନ ।

୧୫. ଶିଶୁପାଳଗଡ଼ - ଖାରବେଳଙ୍କ ସମୟର ଏ ଗଡ଼ । ଏହାର ସ୍ଥାପନା ଖ୍ରୀ. ପୂ. ୧ମ ଶତାବ୍ଦୀ । ପୂର୍ବରେ ଗଙ୍ଗୁଆ ପଶ୍ଚିମରେ ନାଳ ଦ୍ୱାର ସଂଲଗ୍ନ ଥିଲା । ଶିଶୁପାଳଗଡ଼ର ଚାରିପାଖରେ ଗଡ଼ଖାଇଥିଲା । ମହାଭାରତର ଶିଶୁପାଳଙ୍କ ନାମରୁ ଏହାର ନାମ ଶିଶୁପାଳ ଗଡ଼ କୁହାଯାଏ । ପୁରୁଣା ଗଡ଼ର ଅସ୍ତିତ୍ୱ ବର୍ତମାନ ବିଦ୍ୟମାନ ।

୧୬. ଧଉଳି – କଳିଙ୍ଗ ଯୁଦ୍ଧ ସ୍ଥଳୀ । ଅଶୋକଙ୍କ ଯୁଦ୍ଧ ଖ୍ରୀ.ପୁ. ୨୬୧ରେ ହୋଇଥିଲା ।

୧୭. ଲକ୍ଷ୍ମୀସାଗର – ଜଣେ ରାଜାଙ୍କର ଲକ୍ଷ୍ମୀ ବୋଲି ଝିଅଟିଏ ଥିଲା । ରାଜା ଏହି ଝିଅ ନାମରେ ପୋଖରୀ ଖୋଳାଇ ଲକ୍ଷ୍ମୀସାଗର ନାମ ଦେଲେ । ପରେ ଏଠାରେ ଗାଁ ବସିଲା ।

୧୮. ପଳାଶୁଣୀ - ଏହା ଏକ ପୁରୁଣା ଗ୍ରାମ । ପ୍ରଥମେ ଏଠାରେ ଆସି ୨୫/୩୦ କମାର ଘର ବସବାସ କଲେ । ମା' ଖଣ୍ଡେଶ୍ୱରୀଙ୍କୁ ତେନ୍ତୁଳିଗଛ ମୂଳେ ପୂଜା କରୁଥିଲେ । ଜାତିରେ କମାର ହେଉଥିବାରୁ ଖଣ୍ଡା ଛୁରୀ ଦାଆ କୋଡ଼ି, କାତି, ଲୁହା ତିଆରି କରୁଥିବାରୁ ଗ୍ରାମର ଆରାଧ୍ୟ ଦେବୀ ହେଉଛନ୍ତି ଖଣ୍ଡାରୁ ଖଣ୍ଡେଶ୍ୱରୀ । ପ୍ରଥମେ ଏହି ଗ୍ରାମର ନାମ ଥିଲା ସାହାବ ନଗର । କମାରମାନେ ଏଠାରୁ ଭୟ ପାଇ ଅନ୍ୟତ୍ର ପଳାଇବାରୁ ଏହି ଗ୍ରାମର ନାମ ସାହାବ ନଗରୁ ପଳେଇ ଯିବାରୁ ପଳାଶୁଣି ହେଲା । ନୂଆ ରାଜଧାନୀ ତିଆରି ହେବାରୁ ଏଠାରେ ପାଣି ଟାଙ୍କି ସ୍ଥାପନ ହୋଇଛି ।

୧୯. ଚନ୍ଦ୍ରଶେଖରପୁର – ଏହା ଭୁବନେଶ୍ୱରର ସର୍ବବୃହତମ ମୌଜା । ସାଲିଆସାହି ଏହି ମୌଜାର ଅନେକ ଅଂଶ ଅଧିକାରରେ ଅଛି । ଏହି ମୌଜା ଶୈବକ୍ଷେତ୍ର ଚନ୍ଦ୍ରଶେଖରଙ୍କ ନାମରେ ନାମିତ । ଏହି ଗ୍ରାମ ପଟିଆ ଜମିଦାରୀ ଉଲାକାଭୁକ୍ତ ଥିଲା । ୧୯୮୫ ମସିହାରୁ ଏଠାରେ ହାଉସିଂ ବୋର୍ଡ ଓ ବିଡ଼ିଏ ଦ୍ୱାରା ଘର ତିଆରି ହୋଇ ଲୋକମାନଙ୍କୁ ବଣ୍ଟା ଯାଇଛି ।

୨୦. ପାଣ୍ଡାରା - ପାଣ୍ଡବ ପାଂଚ ଭାଇ ଅଜ୍ଞାତ ବନବାସ କାଳରେ ଏହିଠାରେ ଶିବଙ୍କୁ ପଣ୍ଡୁଶ୍ୱର ରୂପରେ ପୂଜା କରିଥିଲେ । ତେଣୁ ଏହାର ନାମ ପାଣ୍ଡାରା ବୋଲି ଲୋକ ଉକ୍ତି ଅଛି । ଆଉ ମଧ୍ୟ ବୌଦ୍ଧଧର୍ମର ବିକାଶ କାଳରେ ବୌଦ୍ଧ ତାରଙ୍କର ଗୋଟିଏ ରୂପ ପାଣ୍ଡାରଙ୍କୁ ଏଠାରେ ପୂଜା କରାଯାଉଥିବାରୁ ଏହାକୁ ପାଣ୍ଡାରା କହନ୍ତି । ଏହା ଅତି ପୁରୁଣା

ଗାଁ ।

୨୧. ମଂଚେଶ୍ୱର - କୁଆଖାଇ ନଦୀ କୂଳରେ ଏହି ଗାଁ । ଗୋଟିଏ ପାଖରେ ଗଙ୍ଗୁଆ ନାଳ ଥିବାବେଳେ ଅନ୍ୟ ପାଶ୍ୱର୍ରେ କୁଆଖାଇ ନଦୀ । ଏହି ନଦୀକୁ ଗ୍ରାମର ଲୋକେ ଗାଧୋଇବା ଓ ଅନ୍ୟାନ୍ୟ କାର୍ଯ୍ୟରେ ବ୍ୟବହାର କରନ୍ତି । ଏହା ଏକ ପୁରୁଣା ଗାଁ ଯାହାର ସ୍ଥାପନା ବିଷୟରେ କୌଣସି ଲେଖା ନାହିଁ । ଏହି ଗାଁରେ ସ୍ୱୟଂ ମଂଚନାଥ ବିରାଜମାନ କରିଛନ୍ତି । ଏହି ସଂଚନାଥରୁ ଏହାର ନାମ ମଂଚେଶ୍ୱର ହୋଇଛି । ଏହି ଗାଁର ଅନେକ ଲୋକ ଡ଼ଙ୍ଗାରେ ବେପାର ବଣିଜ କରିନ୍ତି, ତେଣୁ ଏଠାରେ ଠାକୁରାଣୀଙ୍କୁ ପୂଜା କରନ୍ତି । ଏଠାରେ ତେନ୍ତୁଳି ଗଛ ମୂଳେ ୭ ଭଉଣୀ ଯଥା ଦୁଲାଦେଇ, ଜାଗୁଳେଇ, ବାସୁଳେଇ, ଶିଉଳେଇ, ସପ୍ତଶତି, ପାଟଦେବୀ ଓ ହାଡ଼ବାଇ ପୂଜା ପାଇଛନ୍ତି । ପୂର୍ବେ ଏହି ଗ୍ରାମ ଏକ ପଂଚାୟତ ଥିଲା । ଏହି ଗ୍ରାମ ଅଧୀନରେ ଚକେଇସିଆଣି, ସମଗାଡ଼ିଆ, ଭୋଟପଡ଼ା, ରଙ୍ଗମାଟିଆ, ଗାଢ଼କଣା, ରୋକୋଟା, ନହରକଂଟା ଓ ହଂସପାଳ ଥିଲା । ଏବେ ଏଠାରେ ରେଳ ଡ଼ବା କାରଖାନା ଓ ରେଳ ଷ୍ଟେସନ ଆଦି ନିର୍ମାଣ କରାଯାଇଛି । ରେଳଡବା ୧୯୮୫ ପ୍ରତିଷ୍ଠା ପରଠାରୁ ହେବାରୁ ଏଠାରେ ଅନେକ ଘର ତିଆରି ଆରମ୍ଭ ହେଲା । ଏଠାରେ ମଧ୍ୟ କେନ୍ଦ୍ର ସରକାରଙ୍କ ପ୍ରେସ୍ ମଧ୍ୟ ଅଛି । ଏହାରି ପାଖରେ ଉତ୍କଳ ବିଶ୍ୱବିଦ୍ୟାଳୟ ୮୦୦ ଏକର ଜାଗାରେ ୧୯୫୬ ପରଠାରୁ ସ୍ଥାପନା କରାଯାଇଛି ।

୨୨. କୋରଡ଼କଂଟା - ୧୬ ନଂ. ଜାତୀୟ ରାଜପଥ ହାଇଟେକ ଛକରୁ ପୁର୍ବକୁ ୩ କି.ମି. ଗଲେ ପଡେ କୋରଡକଣ୍ଟା । ଏକାମ୍ର ନିର୍ବାଚନମଣ୍ଡଳୀ ବାସୁଆଘାଇ ପଂଚାୟତରେ ଏହି ଗ୍ରାମ ଅବସ୍ଥିତ । ଏହାର ପୂର୍ବରେ କୁଆଖାଇ ପଶ୍ଚିମରେ ଗଙ୍ଗୁଆନାଳ । ଗ୍ରାମର ଠାକୁରାଣୀ ମା ଭୁଆଷୁଣୀ । ଏକଦା ଏହି ସ୍ଥାନଟି ଘଂଚଜଙ୍ଗଲ ଓ ହିଂସ୍ର ପଶୁପକ୍ଷୀରେ ପୂର୍ଣ୍ଣ ଥିଲା ।

ସେତେବେଳେ ରାଜାରାଜୁଡ଼ା ଶାସନ ଥିଲା । ରାଜାମାନେ ପାରିଧି ବା ଶିକାର କରିବାକୁ ଏଠାକୁ ଆସୁଥିଲେ । ଥରେ ନହରକଣ୍ଟା ଜମିଦାର ବ୍ୟାଘ୍ର ଶିକାରରୁ ବିଫଳହୋଇ ଥକାମାରି ବସିଗଲେ । ତାଙ୍କ ନଜରରେ ମା'ଭୁଆସୁଣୀଙ୍କ ଗାଦି ପାଖରେ ଗୋଟିଏ ଅଶ୍ୱତ୍‌ଥ ବୃକ୍ଷ ଦୃଶ୍ୟମାନ ହେଲା । ସେହି ବୃକ୍ଷର କୋରଡ଼ଭିତରେ ଏକ ବ୍ୟାଘ୍ର ଲୁଚି ରହିଥିବା ଦେଖି ବ୍ୟାଘ୍ରଟିକୁ ଶିକାର କରିବାକୁ ଗଲେ । ଦେଖିଲେ କୋରଡ଼ ଭିତରେ ଏକ କଂଟା ଗଛ ଥିବାରୁ ଯେଉଁଥିପାଇଁ ବ୍ୟାଘ୍ରଟି ବାହାରକୁ ଆସିପାରୁ ନାହଁ । ଯାହାବି ହେଉ ବ୍ୟାଘ୍ର କୋରଡ଼ ଭିତରୁ ଆସିପାରୁ ନଥିବାରୁ ତା'ର ନାମ କୋରଡ଼କଂଟା ଦେଇଥିଲେ ବୋଲି ସ୍ଥାନୀୟ ଉକ୍ତି ଅଛି । ଏହାଥିଲା ନଦୀ ଅବବାହିକା । ଏଠାରେ ଏକ ପ୍ରକାର କଂଟା ଦେଖାଯାଏ ଯାହାକୁ କହନ୍ତି କୋରଡ଼ କଂଟା । ଏହି କୋରଡ଼ କଂଟା ଦେଖାଯାଉଥିବାରୁ ଏହାକୁ କୋରଡ଼ କଂଟା କହିଲେ ।

ରାମେଶ୍ୱର ମନ୍ଦିର ପାଖରେ ଗୋଟିଏ ପୋଖରୀ ଥିଲା । ତା'କୁ ଅଶୋକ ଝର କହୁଥିଲେ । କେଦାରଗୌରୀ ପାଖରେ ଗୋଟିଏ ବର୍ଷସାରା ପ୍ରବାହିତା ଚିରନ୍ତନୀ ଝରଣା (ଜଳଉତ୍ସ) ଥିଲା ସେଇଥିଲାଗି ସେଇଠି କେଦାରଗୌରୀ ଓ ଅନ୍ୟାନ୍ୟ ମନ୍ଦିର ଗଢ଼ିଉଠିଥିଲା । ସୋମବଂଶୀ ଓ ଗଙ୍ଗମାନଙ୍କ ସମୟରେ ଅନ୍ୟସବୁ ମନ୍ଦିର ପୂର୍ବ ଦିଗରେ ଟଙ୍କପାଣି ରାସ୍ତା ଉଭୟ ପାଶ୍ୱର୍ରେ ନିର୍ମାଣ କରାଗଲା ଏବଂ ଟଙ୍କପାଣି ରାସ୍ତାର ଦୟାନଦୀ ଆର ପଟେ ହୀରାପୁରଠାରେ ଚଉଶଠି ଯୋଗିନୀ ମନ୍ଦିର ତିଆରି କରିଥିଲେ । ପୁରୁଣା ଭୁବନେଶ୍ୱରରେ ଅନେକ ଶିବ ମନ୍ଦିର ଅଛି । ତାର ବିବରଣୀ ତଳେ ଦିଆଗଲା –

କ୍ର.ନଂ	ଶିବ ମନ୍ଦିର ନାମ	ଜାଗା	ତିଆରି ସମୟ
୧	ଲିଙ୍ଗରାଜ	ପୁରୁଣା ଭୁବନେଶ୍ୱର	୧୦୪୪

୨. ବ୍ରହ୍ମେଶ୍ୱର ଟଙ୍କପାଣି ରୋଡ଼

୩. ମୁକ୍ତେଶ୍ୱର ପୁରୁଣା ଭୁବନେଶ୍ୱର ୯୬୦

୪. କେଦାରଗୌରୀ ପୁରୁଣା ଭୁବନେଶ୍ୱର

୫. ଅଶ୍ୱାନେଶ୍ୱର ପୌରାଂଚଳ ହସ୍ପିଟାଲ ପୁରୁଣା ଭୁବନେଶ୍ୱର

୬. ଅଖଡ଼ଚଣ୍ଡି ବିନ୍ଦୁସାଗର, ବଡ଼ୁସାହି , ପୁରୁଣା ଭୁବନେଶ୍ୱର

୭. ଉତ୍ତରେଶ୍ୱରବିନ୍ଦୁସାଗର, ବଡ଼ୁସାହି , ପୁରୁଣା ଭୁବନେଶ୍ୱର

୮. ଭୃକୁଟେଶ୍ୱରଯମେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର

୯. ବ୍ୟୋମକେଶ୍ୱର ତଳବଜାର ମାର୍କେଟ କମ୍ପ୍ଲେକ୍ସ, ପୁରୁଣା ଭୁବନେଶ୍ୱର

୧୦. ଚକ୍ରେଶ୍ୱରୀ ହାତିଆଶୁଣି ଲେନ୍, ରାଜାରାଣୀ କଲୋନି, ପୁରୁଣା ଭୁବନେଶ୍ୱର

୧୧. ଚମ୍ପକେଶ୍ୱରୀ ଅମ୍ବିକା ସାହି, ପୁରୁଣା ଭୁବନେଶ୍ୱର

୧୨. ଗଙ୍ଗେଶ୍ୱର ଗଙ୍ଗାଯମୁନା ରୋଡ଼, ପୁରୁଣା ଭୁବନେଶ୍ୱର

୧୩. ଦଶିଶ୍ୱର ପୁରୁଣା ଭୁବନେଶ୍ୱର

୧୪. ଗୌରୀଶଙ୍କର ପୁରୁଣା ଭୁବନେଶ୍ୱର

୧୫. କପିଳେଶ୍ୱର କପିଳେଶ୍ୱର ଗ୍ରାମ, ପୁରୁଣା ଭୁବନେଶ୍ୱର

୧୬. ଲବେଶ୍ୱର ମାଉସିମା ଛକ, ପୁରୁଣା ଭୁବନେଶ୍ୱର

୧୭. କୁଶେଶ୍ୱର ମାଉସିମା ଛକ, ପୁରୁଣା ଭୁବନେଶ୍ୱର

୧୮. ରାମେଶ୍ୱର ମାଉସିମା ଛକ, ପୁରୁଣା ଭୁବନେଶ୍ୱର

୧୯. ଭରତେଶ୍ୱରମାଉସିମା ଛକ, ପୁରୁଣା ଭୁବନେଶ୍ୱର

୨୦. ଲକ୍ଷ୍ମଣେଶ୍ୱରମାଉସିମା ଛକ, ପୁରୁଣା ଭୁବନେଶ୍ୱର

୨୧. ଶତ୍ରୁଘ୍ନେଶ୍ୱର ମାଉସିମା ଛକ, ପୁରୁଣା ଭୁବନେଶ୍ୱର

୨୨. ଲଡୁବାବା ଉତର ଦରଜା, ବଡୁସାହି, ପୁରୁଣା ଭୁବନେଶ୍ୱର

୨୩. ଲକ୍ଷେଶ୍ୱର ଲିଙ୍ଗରାଜ ମାର୍କେଟ କମ୍ପ୍ଲେକ୍ସ ପଛପାଶ୍ୱର୍

୨୪. ମଦନେଶ୍ୱର ମହାବୀର ଲେନ୍ ,ଗ୍ୟାରେଜ ଛକ, ସାମନ୍ତରାପୁର

୨୫. ପର୍ଶୁରାମେଶ୍ୱର ପୁରୁଣା ଭୁବନେଶ୍ୱର ୭୦୦

୨୬. ନାଗେଶ୍ୱର ପୁରୁଣା ଭୁବନେଶ୍ୱର

୨୭. ପବନେଶ୍ୱର ପୁରୁଣା ଭୁବନେଶ୍ୱର

୨୮. ପୂରବେଶ୍ୱର ପୁରୁଣା ଭୁବନେଶ୍ୱର

୨୯. ସୁବର୍ଣ୍ଣେଶ୍ୱର ପୁରୁଣା ଭୁବନେଶ୍ୱର

୩୦. ସୁକୁଟେଶ୍ୱର ପୁରୁଣା ଭୁବନେଶ୍ୱର

୩୧. ତାଳେଶ୍ୱର ପୁରୁଣା ଭୁବନେଶ୍ୱର

୩୨. ସ୍ୱପ୍ନେଶ୍ୱର ପୁରୁଣା ଭୁବନେଶ୍ୱର

୩୩. ଉତରେଶ୍ୱର ପୁରୁଣା ଭୁବନେଶ୍ୱର

୩. ବୌତାଳ ପୁରୁଣା ଭୁବନେଶ୍ୱର

୩୫. ଚନ୍ଦ୍ରଶେଖର ପଟିଆ, ଭୁବନେଶ୍ୱର

ବର୍ତମାନ ଯେଉଁଠି ରାଜ୍ୟ ସଂଗ୍ରହାଳୟ ଅଛି ତା'ରି ଉପରେ ରାଜାଙ୍କ ଉଆସ ଥିବା କଥା ହରେକୃଷ୍ଣ ମହତାବ ଲେଖିଛନ୍ତି । ତେଣୁ ମନ୍ଦିର ସବୁ ରାଜାଙ୍କ ଉଆସ ଏବଂ ସଂଗ୍ରହାଳୟ ପାଖାପାଖି ଦୁଇ ରାସ୍ତାର ଉଭୟପାର୍ଶ୍ୱରେ ଗଢ଼ିଉଠିଥିଲା । ସେତେବେଳେ ପାଖରେ ଗାଁ - ଗଣ୍ଡା ଥିଲା । ୧୮୯୦ ଖ୍ରୀ. ଇଷ୍ଟକୋଷ୍ଟ ରେଲୱେ ଲାଇନ୍ ବିଛେଇବା ଫଳରେ

ଏହାର ରୂପରେଖରେ କିଛି ପରିବର୍ତ୍ତନ ହେଲା । ସେତେବେଳେ ପୁନାମା ଗେଟ୍‌ଠାରେ ଗୋଟିଏ ରେଳ ଫାଟକ ଥିଲା । ଏଠାରେ ଜଣେ ତେଲୁଗ ଜଗୁଆଳି ଥିଲେ । ସେ ଜଗୁଆଳି ପାଖରେ ତା' ମା ରହୁଥିଲା । ତାର ମା' ନାମ ପୁନାମା । ଏହି ପୁନାମା ନାମରୁ ଏହି ଗେଟର ନାମ ପୁନାମା ଗେଟ୍ ହେଲା । ବିଏନ୍‌ଆର ରେଳବାଇ କମ୍ପାନୀ କଲିକତା ପଟୁ ବିରୂପା ପର୍ଯ୍ୟନ୍ତ ଓ ଇଷ୍ଟ କୋଷ୍ଟ ରେଳବାଇ କମ୍ପନୀ ବିଶାଖାପାଟଣା ପଟୁ କୁଆଖିଆ ପର୍ଯ୍ୟନ୍ତ ରେଳଲାଇନ ବିଛେଇଦେଲେ । ମଝିରେ ମହାନଦୀ ପୋଲଗୁଡିକ ରହିଲା । ମୂଳକାରଣ ହେଲା ରେଲବାଇ କମ୍ପାନୀ ନରାଜ ଦେଇ ବାରଙ୍ଗଠାରେ ସଂଯୋଗ କରିଥାନ୍ତା। କଟକ ଟାଉନ୍ ଭିତରେ ରେଳ ଲାଇନ୍ ଆସିନଥାନ୍ତା । କଟକ ଟାଉନ୍ ଲୋକେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ବିରୋଧ କଲେ ଫଳରେ ସରକାର ଅଡୁଆରେ ପଡ଼ିଗଲେ ଓ କଟକ ପଟେ ରେଳ ଲାଇନ୍ ନେବାକୁ ବାଧ୍ୟହେଲେ । ଭୁବନେଶ୍ୱର ରେଲଷ୍ଟେସନ ବୁଦ୍ଧେଶ୍ୱରୀ ପଟକୁ ଖୋଲାଥିଲା ମାଷ୍ଟର କ୍ୟାଣ୍ଟିନ ପଟକୁ ଖୋଲା ନଥିଲା । ମାଷ୍ଟର କ୍ୟା°ଟିନ ପଟେ ତୋଟା ଓ କୋଚିଲା ବଣ ଥିଲା । ଲୋକେ ବୁଦ୍ଧେଶ୍ୱରୀଠାରୁ ଶଗଡ଼ ଗାଡ଼ିରେ ପୁରୁଣା ଭୁବନେଶ୍ୱରକୁ ଆସୁଥିଲେ । ପାଖରେ ସେତେବେଳେ ରାଜଭବନ - ଓୟୁଏଟି ଜଙ୍ଗଲରୁ ଯେଉଁ ଧାର ବାହାରିଥିଲା ତାହା ବିନ୍ଦୁସାଗରରେ ପଡ଼ିଥିଲା ଓ ବିନ୍ଦୁସାଗରରୁ ପାଣି ବାହାରକୁ ବାହାରିଯିବା ଫଳରେ ବିନ୍ଦୁସାଗର ପାଣି ନିର୍ମଳ ରହୁଥିଲା । ନୂଆ ରାଜଧାନୀ ଗଢ଼ି ଉଠିବାରୁ ନାଳ ନର୍ଦ୍ଦମା ପାଣି ଭିତରେ ପଶିବାରୁ ବିନ୍ଦୁସାଗର ପୋଖରୀ ଦୂଷିତ ହେଲା । ଫଳରେ ଏହାକୁ ବନ୍ଦକରି ଦିଆଗଲା । ବର୍ତ୍ତମାନ ବାହାର ପାଣି ପଶୁ ନ ଥିବାରୁ ଏହାର ପାଣି ନେଳିଆ ଦିଶୁଛି । ଗଙ୍ଗନଗର ଛକ ଉପରକୁ ଗଛମୂଳେ ବନଦୁର୍ଗା ପୂଜା ପାଉଥିଲେ । ବର୍ତ୍ତମାନ ସେଇଠି ବନଦୁର୍ଗା ମନ୍ଦିର ତିଆରି ହୋଇଛି । ସେତେବେଳେ ଗୋଟିଏ ଜଙ୍ଗଲି

 Magazine Downloaded from www.aahwaan.com

ରାସ୍ତା ମାଉସୀମା ମନ୍ଦିରଠାରୁ ଶିଶୁଭବନ ଦେଇ ମାଷ୍ଟରକ୍ୟା°ଟିନ ରାମମନ୍ଦିର ଜନଗଣନା ଅଫିସ୍ ପର୍ଯ୍ୟନ୍ତ ଯାଇଥିଲା । ନୂଆପଲୀ ଗାଁରୁ ରାସ୍ତା ରିଜିଓନାଲ କଲେଜ ଜନଗଣନା ଅଫିସ୍ ଦେଇ ଲକ୍ଷ୍ମୀସାଗର ଯାଇଥିଲା । ମାଉସୀ ମା' ଛକଠାରୁ ଗଙ୍ଗନଗର ଛକ ଦେଇ ଶିରିପୁର ବରମୁଣ୍ଡା ରାସ୍ତାଥିଲା । ଖଣ୍ଡଗିରିରୁ ଏରୋଡ୍ରମ ଭିତର ଦେଇ ପୁନାମା' ଗେଟ୍ ଦେଇ ପୁରୀକୁ ରାସ୍ତାଥିଲା । ସାରା ନୂଆ ରାଜଧାନୀ ଜଙ୍ଗଲରେ ପୂର୍ଣ୍ଣ ଥିଲା । ଲୋକେ ଏଠାରୁ କାଠ ସଂଗ୍ରହ କରୁଥିଲେ ।

୧୯୧୭ ମସିହାରେ ରାମକୃଷ୍ଣ ମିଶନ୍ ଜଣେ ପଣ୍ଡାଙ୍କଠାରୁ ୧୪ ଏକର ଜାଗା ମାତ୍ର ୨୦୦ ଟଙ୍କାରେ କିଣି ନେଇ ଏଠାରେ ୧୯୧୯ରେ ଗୋଟିଏ ମଠ ପ୍ରତିଷ୍ଠା କଲେ । ସେତେବେଳେ ଏହି ଅଂଚଳ କାଜୁ ଜଙ୍ଗଲରେ ପୂର୍ଣ୍ଣ ଥିଲା । ବର୍ତ୍ତମାନର ବି.ଏମ୍. ହାଇସ୍କୁଲ ୧୮୫୫ ବେଳକୁ ଭର୍ଣ୍ଣକୁଲାର ସ୍କୁଲ ଥିଲା । ମଧୁସୂଦନ ରାଓ ଏଠାରୁ ମାଟ୍ରିକ ପାଶ୍ କରିଥିଲେ । ୧୮୭୫ରେ ଏହା ମାଇନର ସ୍କୁଲ ହେଲା । ମାଇନର ସ୍କୁଲକୁ ଲାଗି ମଧୁସୂଦନ ରାଓଙ୍କର ଖଣ୍ଡିଏ ଜମିଥିଲା । ଏହି ଜମି ତାଙ୍କ ପୁଅ ସୁକାନ୍ତ ରାଓଙ୍କ ଠାରୁ ଆଣି ମଧୁସୂଦନ ରାଓଙ୍କ ନାମରେ ପୁରୁଣା ଭୁବନେଶ୍ୱର ଠାରେ ଭକ୍ତ ମଧୁ ବିଦ୍ୟାପୀଠ ବି.ଏମ୍.ହାଇସ୍କୁଲ ସ୍ଥାପନ କଲେ । ୧୯୪୧ ମସିହାରେ ବିଜୁ ବାବୁ ଏହିଠାରେ ଉଡାଜାହାଜ ଅବତରଣ କେନ୍ଦ୍ର ସ୍ଥାପନ କଲେ । ୧୯୪୮ ମସିହା ଏପ୍ରିଲ୍ ୧୩ ପଣାସଂକ୍ରାନ୍ତି ଦିନ ପଣ୍ଡିତ ଜବାହାରଲାଲ୍ ନେହେରୁ ପୁରୀଘାଟଠାରେ କାଠଯୋଡ଼ି ନଦୀ ଉପରେ ଥିବା ଅସ୍ଥାୟୀ ରାସ୍ତାରେ କାରରେ ଆସି ରାଜଧାନୀର ଶୁଭ ଦେଲେ । ସେତେବେଳେ ଏ ଅଂଚଳ ଜଙ୍ଗଲରେ ପୂର୍ଣ୍ଣ ଥିଲା । ୧ ନମ୍ବର ୨ ନମ୍ବର ଓ ସତ୍ୟ ନଗର ଅଂଚଳରେ ଆମ୍ବ ନିମ୍ବ କୋଚିଲା ବରକୋଳି ବେଲ ଅଁଳା କଣ୍ଟାବୁଦା ଓ ଭଇଁଚ ବଣରେ ପୂର୍ଣ୍ଣ ଥିଲା । ରେଲୱେ ଷ୍ଟେସନ ପାଖ ସତ୍ୟନଗର ଅଂଚଳରେ

ଗୋଟିଏ ତୋଟା ଥିଲା । ଲକ୍ଷ୍ମୀସାଗର ଲୋକେ ଏହିଠାରୁ କାଠ ନେଉଥିଲେ । ରାସ୍ତା କହିଲେ କଟକରୁ ପୁରୀ ଘାଟରେ ପାରି ହୋଇ ପୁରୀ ବାଲିଅନ୍ତା ବାଲିପାଟଣା ଦେଇ ପୁରୀ ଯାଉଥିଲେ । ଆଉ ଲାଲ୍‌ବାଗ ପ୍ୟାଲେସ୍‌ଠାରେ କାଠଯୋଡ଼ି ନଦୀ ପାର ହୋଇ ତ୍ରିଶୁଳିଆ ବାରଙ୍ଗ ଚନ୍ଦକା ଦେଇ ଖୋର୍ଦ୍ଧା ଯାଉଥିଲେ । ଚନ୍ଦକାରୁ ରାସ୍ତା ଖଣ୍ଡଗିରି ଦେଇ ଲଙ୍ଗରାଜ ମନ୍ଦିର ଯାଇଥିଲା ଆଉ ଏହା ଭିତରେ ଗାଁକୁ ଗାଁ ରାସ୍ତା ଥିଲା । ସେତେବେଳେ ଦକ୍ଷିଣକୁ ରାସ୍ତା କଟକ ଭୁବନେଶ୍ୱର ପୁରୀ ଦେଇ ମାଣିକପାଟଣା ସେଠାରୁ ବୋଇତ (ଜାହାଜରେ) ଦକ୍ଷିଣକୁ ଜଳପଥରେ ଯାଉଥିଲେ । ଖୋର୍ଦ୍ଧାଠାରୁ ଦକ୍ଷିଣକୁ ରାସ୍ତା ନଥିଲା । ଏହା ଜଙ୍ଗଲରେ ପୂର୍ଣ୍ଣ ଥିଲା । ଏନ୍‌ଏଚ ବ୍ରିଜ୍ ୧୯୫୮ରେ ଶେଷ ହେଲା । ଗାଡ଼ି ମଟର ଯିବାଆସିବା କଲା । ୧୯୦୦ ମସିହା ବେଳକୁ ଗାଡ଼ି ମଟର ଆସିଲାଣି କିନ୍ତୁ ରାସ୍ତାଘାଟ ତିଆରି ହୋଇନଥିଲା କି ବିଶେଷ ଗାଡ଼ି ମଟର ବ୍ୟବହାର ହେଉନଥିଲା । ସେଇ ଶଗଡ଼ଗୁଳା ରାସ୍ତାରେ ଯିବାଆସିବା କରୁଥିଲା ।

ବର୍ତ୍ତମାନ ଆମେ ଯେଉଁଠି ରାଜଭବନ ଦେଖୁଛେ ସେଇଟା ଜଙ୍ଗଲରେ ପୂର୍ଣ୍ଣ ଥିଲା । ଶିରିପୁରର ଶଉରୁଣୀ ମୁଣ୍ଡରେ ଓ ନୂଆପଲ୍ଲୀର ଲୋକେ ଶଗଡ଼ଗାଡ଼ିରେ ଏଠାରୁ କାଠ ନେଇ ଜାଳ କରୁଥିଲେ ଓ ଭୁବନେଶ୍ୱର ବଜାରରେ ବିକ୍ରୀ କରୁଥିଲେ । ଥରେ ଏଠାରେ ଗୋଟାଏ ମହାବଳ ବାଘ ଗୋଟେ ଲୋକକୁ ଟେକିନେଇଗଲା । ବର୍ତ୍ତମାନ ଯାହା ଆରଆରଏଲ ଦେଖୁଛେ ସେଇଟା ଭୀଷଣ ଜଙ୍ଗଲ ଥିଲା । ସେଠାରେ ଗୋଟିଏ ମହାବଳ ବାଘ ଗୋଟିଏ ଗାଈକୁ ମାରି ପକାଇଲା । ନୂଆପଲ୍ଲୀ ଗାଁର ଗାଈ ମଇଁଷି ଏହିଠାରେ ଚରାବୁଲା କରୁଥିଲେ । ବର୍ତ୍ତମାନ ଯେଉଁଟା ସତ୍ୟନଗର ଓ ଅଶୋକ ନଗର ତାକୁ ରାମପୁର ଓ ଲକ୍ଷ୍ମଣପୁର କହୁଥିଲେ । ଏଗୁଡାକୁ ବେଚ୍ଛାପୁରିଆ ମୌଜା କହୁଥିଲେ । ନୂଆ ରାଜଧାନୀ ହେଲା ବେଳକୁ

 Magazine Downloaded from www.aahwaan.com

ଏହି ଗାଁ ନଥିଲା ଲୋକେ କେଉଁ ଆଡ଼େ ପଳାଇ ଯାଇଥିଲେ । ବର୍ତ୍ତମାନର ନୂଆ ରାଜଧାନୀ ଏହି ରାମପୁର ଓ ଲକ୍ଷ୍ମଣପୁର ମୌଜା ଉପରେ ପ୍ରତିଷ୍ଠା ହୋଇଛି । ୧୮୯୦ ପର୍ଯ୍ୟନ୍ତ ଲୋକେ ପାଦରେ ଚାଲି ଚାଲି କିଏ କେମିତି ଘୋଡ଼ାଗାଡ଼ିରେ ବା ଶଗଡ଼ରେ ଜମିଦାରଶ୍ରେଣୀୟ ଲୋକେ ପାଲିଙ୍କିରେ ଯାଆ-ଆସ କରୁଥିଲେ । ରସୁଲଗଡ଼ରୁ ଯେଉଁ ରାସ୍ତା କଲ୍ପନାକୁ ଥିଲା ଓଲଡ଼ କଟକ ରୋଡ଼ ତାର ଦୁଇପାଖରେ କୋଚିଲା ଓ ଆମ୍ବ ଗଛ ଥିଲା । ଗାଡ଼ି କି ଟ୍ରେନ୍ ନଥିଲା । ଲୋକେ ଚାଲି ଚାଲି ଚୂଡ଼ା ଚାଉଳ ଧରି ପୁରୀ ଯାଉଥିଲେ । ବାଟରେ ଓଲାଓଠ (ହଇଜାରେ) ହଜାର ହଜାର ଲୋକ ମରୁଥିଲେ । ବାଟରେ କେହି ଲୋକ ନଥାନ୍ତି ପୋଡ଼ିବାକୁ କି ପୋତିବାକୁ । ମଲା ମୁର୍ଦ୍ଦାରକୁ ବାଟରେ ଫିଙ୍ଗିଦେଇ ଯାଆନ୍ତି । ତାକୁ କୁକୁର ବିଲୁଆ ଖାଆନ୍ତି । ସେମାନଙ୍କର କଙ୍କାଳ ବାଟଯାକ ପଡ଼ିରହିଥାଏ । ସେତେବେଳର ଏ ଦୃଶ୍ୟ । ଆମେ ବହିରୁ ପଢ଼ିକି ଜାଣୁଛୁ । କିନ୍ତୁ ଏ କି ହୃଦୟ ବିଦାରକ ଦୃଶ୍ୟ ।

୧୯୦୩ରେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାକୁ ଦାବି ହେଲା । ଅନେକ ଘାତ ପ୍ରତିଘାତ ପରେ ସମ୍ବଲପୁର ସେଣ୍ଟ୍ରାଲ ପ୍ରୋଭିଂସରୁ ୧୯୦୫ରେ ଓଡ଼ିଶା ଡିଭିଜନକୁ ଆସିଲା । ହେଲେ ଗଞ୍ଜାମ ଜୟପୁର ବାହାରେ ଥିଲା । ଯେତେବେଳେ ଓଡ଼ିଶା ରାଜ୍ୟ ଗଠନ ପ୍ରସ୍ତାବ ଚୂଡ଼ାନ୍ତ ନିଷ୍ପତି ନିଆଯିବାର ଠିକ୍ ପୂର୍ବରୁ ଅର୍ଥାତ୍ ୧୯୩୩ରେ ଓଡ଼ିଶା ଆଡ଼ମିନିଷ୍ଟ୍ରେଟିଭ କମିଟି କଟକରେ ରାଜଧାନୀ ରହିବା ପାଇଁ ସୁପାରିସ କଲା । ୧୯୩୬ ପରେ କଟକ ବନାମ ପୁରୀ ରାଜଧାନୀ ହେବାର ପ୍ରସ୍ତାବ ଆସିଲା । ହେଲେ ପୁରୀ ଧର୍ମକେନ୍ଦ୍ର ହୋଇଥିବାରୁ ଅନୁପଯୁକ୍ତ ବୋଲି ବିବେଚନା କରାଗଲା । ଦକ୍ଷିଣାଂଚଳ ଲୋକମାନେ ଦକ୍ଷିଣ ଓଡ଼ିଶାରେ ରାଜଧାନୀ ହେଉ ବୋଲି ମତ ଦେଲେ । ୧୯୩୬ ମସିହାରେ କେନ୍ଦ୍ରୀୟ ପୂର୍ତ ବିଭାଗର କିଛି ବରିଷ୍ଠ ଅଫିସରଙ୍କୁ ଓ ଏଫ.ଟି.

ଜୋନସ୍‌ଙ୍କୁ ନେଇ ଏକ କମିଟି ଗଠନ କରାଗଲା । ସେ ମତଦେଲେ ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ । ମେ ମାସ ୧୯୩୭ ମସିହାରେ ସରକାର ଆଇ.ଆର.ଡେନଙ୍କୁ ଚେୟାରମେନ ହିସାବରେ ନିଆଯାଇ ନୂଆ ରାଜଧାନୀ ଚୟନ କରିବାର ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ସ୍ଥିର କରାଗଲା, ସେ ୪ଟି ସ୍ଥାନ ଯଥା – କଟକ, ବାରଙ୍ଗ, ଚଉଦ୍ୱାର ଏବଂ ପୁରୀ । ୨୪ ସେପ୍ଟେମ୍ବର ୧୯୩୭ରେ ଗିରିଜା ଭୂଷଣ ଦାସଙ୍କୁ କଟକ - ଚଉଦ୍ୱାର ଚାରିପାଖରେ ଥିବା ଜାଗକୁ ସ୍ଥିର କରି ନୂଆ ରାଜଧାନୀ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଲେ । ହେଲେ ସମ୍ବଳ ଅଭାବରୁ ତାହା କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ ମୂଳ ପ୍ରତିବନ୍ଧକ ଥିଲା ମହାନଦୀ ଉପରେ ବ୍ରିଜ୍ ନଥିଲା ।

୧୯୪୫ ମସିହାରେ ପୂର୍ତ୍ତ ବିଭାଗ ଭୁବନେଶ୍ୱରରେ ରାଜଧାନୀ ହେବା ସପକ୍ଷରେ ନିଷ୍ପତ୍ତି ନେଲ ଏବଂ ଏଠାରେ ରାଜଧାନୀ ପ୍ରସାରଣ ହେବାରେ କୌଣସି ବାଧା ନାହିଁ କାରଣ ଏହାର ଚାରିପାଖରେ ବିସ୍ତୀର୍ଣ୍ଣ ପ୍ରାନ୍ତର ପଡ଼ିରହିଛି । ୧୯୪୬ରେ ଯେଉଁ ନିର୍ବାଚନ ହେଲା ସେଥିରେ ହରେକୃଷ୍ଣ ମହତାବ ପ୍ରଧାନମନ୍ତ୍ରୀ ହେଲେ । ପ୍ରଥମେ ସେ କଟକ ରାଜଧାନୀ ହେବାକୁ ଠିକ୍ କରି ଟାଟା କମ୍ପାନୀର ସର୍ଭେକରି ଏହାର ଉପଯୋତିତା ନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହେଲେ । ଟାଟାକମ୍ପାନୀ କହିଲେ କଟକର ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ରାଜଧାନୀ ହେବାପାଇଁ ଉପଯୁକ୍ତ ନୁହେଁ । କଟକରୁ ଚୌଦ୍ୱାରକୁ ମହାନଦୀ ବ୍ରିଜ ନାହିଁ । ଅପରପକ୍ଷରେ ଭୁବନେଶ୍ୱରରେ ଏରୋଡ୍ରମ ପାଇଁ ଅନେକ ଘର ଅଛି । ଭୁବନେଶ୍ୱର ବଢ଼ିବା ପାଇଁ ମାଇଲ୍ ମାଇଲ୍ ଜାଗା ପଡ଼ି ରହିଛି । କାଠାଯୋଡ଼ି ଓ କୁଆଖାଇ ବ୍ରିଜ ଶୀଘ୍ର ସଂପୂର୍ଣ୍ଣ ହୋଇଯିବା ପାଇଁ ଆଶା କରାଗଲା । ୩୦ ସେପ୍ଟେମ୍ବର ୧୯୪୬ରେ ଓଡ଼ିଶା ବିଧାନ ସଭା (କଟକ ରେଭେନ୍‌ସା କଲେଜ ହଲ)ରେ ଭୁବନେଶ୍ୱର ରାଜଧାନୀ ହେବାର ବିଧିବଦ୍ଧ ନିଷ୍ପତ୍ତି ନିଆଗଲା । ଏହାରି

ଭିତରେ ଜର୍ମାନ ଟାଉନ୍ ପ୍ଲାନର ଓଟୋ କେନିସବର୍ଜର ଭୁବନେଶ୍ୱରର ନକ୍ସା ପ୍ରସ୍ତୁତ କଲେ । ୧୯୪୮ ମସିହା ଏପ୍ରିଲ ମାସ ୧୪ ତାରିଖରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ, ଶ୍ରୀ ଜବାହରଲାଲ୍ ନେହେରୁ ଭିତ୍ତିପ୍ରସ୍ତର ସ୍ଥାପନ କଲେ । ମହତାବ ବାବୁ ଅନେକ କାମ କରିଦେଇଥିଲେ । ସେଥିରୁ କୁଆଖାଇ ଓ କାଠଯୋଡି ବ୍ରିଜ କାମ ୧୯୫୧ରେ ସରିଗଲା ଓ ଏହି ରାସ୍ତା ଭୁବନେଶ୍ୱରକୁ ଖୋଲିଗଲା । ଏହି ସମୟରେ ପ୍ରାରମ୍ଭିକ କାମ ଯଥା ପୁରୁଣା ବିଧାନ ସଭା (ବଲ୍ଲଭ ଭାଇ ପଟେଲ ବିଧାନ ସଭା) ଇଷ୍ଟର୍ଣ୍ଣ ଟାଙ୍ଗାର ୱେଷ୍ଟର୍ଣ୍ଣ ଟାଙ୍ଗାର କାମ ସରିଯାଇଥିଲା ଓ ୧ ନମ୍ବର ୨ ନମ୍ବର କାମ ମଧ୍ୟ ସରିଯାଇଥିଲା । ଲୋକେ ରହିଲା ଭଳିଆ କାମ ଚଳିଲା ଭଳିଆ କାମ ହୋଇଯାଇଥିଲା । ତେଣୁ ସେକ୍ରେଟେରିଏଟ ଇଷ୍ଟର୍ଣ୍ଣ ଟାଙ୍ଗାର ୱେଷ୍ଟର୍ଣ୍ଣ ଟାଙ୍ଗାରରେ ଚାଲୁଥିଲା । କଟକରୁ ୯ଟି ବିଭାଗ ଭୁବନେଶ୍ୱରକୁ ଆସିଲା । ସେଗୁଡ଼ିକ ହେଲା - ପୂର୍ତ ବିଭାଗ, ସ୍ୱାସ୍ଥ୍ୟ, ପ୍ରିଜନ, କୋଅପରେଟିଭ, ସୂଚନା ପ୍ରସାରଣ, କୃଷି, ଜଙ୍ଗଲ ଓ ଆଦିବାସୀ ବିଭାଗ ।

୧୯୫୦ ମସିହାରେ ହରେକୃଷ୍ଣ ମହତାବ ଦିଲ୍ଲୀ ଚାଲିଗଲେ । ରାଜଧାନୀ କାମ ସେମିତି ଅଧାପନ୍ତରିଆ ହୋଇ ରହିଗଲା । ନବବାବୁ ରାଧାନାଥ ରଥ ଓ ବିଶ୍ୱନାଥ ଦାଶଙ୍କର ଭୁବନେଶ୍ୱରରେ ରାଜଧାନୀ ହେବା ଇଚ୍ଛା ନଥିଲା । ତେଣୁ ସେ ତାହା ଉପରେ ଗୁରୁତ୍ୱ ଦେଉ ନଥିଲେ । ହରେକୃଷ୍ଣ ବାବୁଙ୍କ ସମୟରେ ଅସେମ୍ବ୍ଲି, ଗଭର୍ଣ୍ଣର ହାଉସ୍, ସେକ୍ରେଟେରିଏଟ, ଷ୍ଟେଟ ଲାଇବ୍ରେରୀ, ମିଉଜିଅମ, ଆକାଉଂଟାଣ୍ଟ ଜେନେରାଲ ଅଫିସ କାମ ହେବା ପାଇଁ ପ୍ରସ୍ତାବ ରଖିଯାଇଥିଲେ ।

୧୯୫୬ ମସିହାରେ ହରେକୃଷ୍ଣ ବାବୁ ଦିତୀୟବାର ମୁଖ୍ୟମନ୍ତ୍ରୀ ହେଲେ ବାକି ଯାହା ରହିଯାଇଥିଲା ସେ ୧୯୫୬ରୁ ୧୯୬୦ରେ ଶେଷ କଲେ ।

ଓଡ଼ିଶାର ନବ ନିର୍ମାତା ହରେକୃଷ୍ଣ ମହତାବ ଯେତେବେଳ ଶୁଭ ଦେଲେ ଏଥିରେ ଅନେକ ଲୋକ ଯୋଗଦେଇ ନଥିଲେ । ଲୋକେ ହେୟଜ୍ଞାନ କରୁଥିଲେ କହୁଥିଲେ ଜଙ୍ଗଲରେ କ'ଣ ରାଜଧାନୀ ହବ । ୧୯୪୮ପରଠାରୁ ମହତାବ ବାବୁ ଏହାର ନକ୍ସା ପ୍ରସ୍ତୁତ କରିବାକୁ ଯାଇ ଜର୍ମାନୀ ବିଶିଷ୍ଟ ସ୍ଥପତି ଅଟୋ କୋଏନିଂଗସ୍ବର୍ଗ ପ୍ରଥମେ ସଚିବାଳୟ ବିଧାନସଭା ସୌଧ ଦୁଇଟିକୁ ମଝିରେ ରଖି ଡିମ୍ବାକୃତି ଆକାରରେ ଆଠ ଗୋଟି ଇଉନିଟର ପ୍ରସ୍ତାବ ରଖିଥିଲେ । ଗୋଟିଏ ଇଉନିଟରେ ୧୦୦୦ ଘର ଓ ପ୍ରତି ଘରେ ୫ ଜଣ ଲୋକ ରହିବାର ପରିକଳ୍ପନା କରି ଏଥିରେ ୪୦ ହଜାର ଲୋକ ବସବାସ କରିବା ପାଇଁ ଡିଜାଇନ ପ୍ରସ୍ତୁତ କରିଥିଲେ । କିନ୍ତୁ ଆଜି ୧୪ ଲକ୍ଷ ଲୋକ ବସବାସ କଲେଣି । ଏହି କାମ ତଦାରଖ କରିବାପାଇଁ ସେତେବେଳେ ନିର୍ମାଣ ବିଭାଗ ମୁଖ୍ୟଯନ୍ତ୍ରୀ ସି.ଏମ୍. ବ୍ୟାନେଟ୍ ସାହେବ ଥିଲେ । ବ୍ୟାନେଟ୍ ସାହେବ ସେବା ନିବୃତ ହୋଇ ୧୯୫୬-୫୭ ସ୍ୱଦେଶକୁ ପ୍ରତ୍ୟବର୍ତନ କଲେ । ଏହାଙ୍କ ସମୟରେ ସବୁ କାମ ସମ୍ପନ୍ନ କରାଗଲା । ସେତେବେଳେ ପିଡ଼ବଲ୍ୟୁଡ଼ି କହିଲେ ରାସ୍ତା ଘାଟ ଜଳ ସେଚନ ଇଲେକ୍ଟ୍ରି ପରିମଳ ଆଦି ସବୁକୁ ବୁଝାଉଥିଲା । ପ୍ରଥମେ ଏହିଦି ଅଂଚଳକୁ ଆକସେସ୍ କରିବାକୁ ଯାଇ ମହାତାବ ବାବୁ କଟକ ରୋଡ (କଲ୍ପନା ଛକ)ଠାରୁ ରାଜମହଲ ପର୍ଯ୍ୟନ୍ତ ରେଳରାସ୍ତା ଉପରେ ଉପର - ରାସ୍ତା ତିଆରି କରାଇଥିଲେ । ପୁରୁଣା ବିଧାନସଭା ଆଖପାଖ ଆଜବେଷ୍ଟସ୍ ଘର ତାଙ୍କରି ସମୟରେ ତିଆରି ହେଲା ଓ ସେହି ଘରଗୁଡ଼ିକରେ ଓ ଇଷ୍ଟର୍ଣ୍ଣ ଟାଙ୍ଗାର ଓ ୱେଷ୍ଟର୍ଣ୍ଣ ଟାଙ୍ଗାରରେ ଡିପାର୍ଟମେଣ୍ଟ ସବୁ କାମକଲା । ଠିକ୍ ଏହି ସମୟରେ ୧ ନମ୍ବର କାମ ବର୍ମା କନଷ୍ଟ୍ରକସନ ଓ ଦୁଇ ନମ୍ବର କାମ ମାଷ୍ଟର ବିଲଡର୍ସ କାମ ନେଇଥିଲା । କାମରେ ଲାଗିଥିବା ଲୋକମାନଙ୍କର ଖାଇବା ପିଇବାର ଅଭାବ ଦେଖି ମହାତାବ ବାବୁ କଟକର ରାଜୁ ସାହୁ ହୋଟେଲ ମାଲିକକୁ କହିବାରୁ ସେ ଆସି

ରାଜମହଲ ଛକରେ ଏକ ଜଳଖିଆ ଓ ମିଲ୍‌ସ ଦୋକାନ ଆରମ୍ଭ କଲା । ସେତେବେଳ ରାସ୍ତା ମାଉସୀମା ମନ୍ଦିରରୁ ବାହାରି ଶିଶୁଭବନ ଛକଦେଇ କନଭେଣ୍ଟ ପର୍ଯ୍ୟନ୍ତ ଯାଇଥିଲା । ଏହାଥିଲା ଜଙ୍ଗଲ ରାସ୍ତା । ଜଙ୍ଗଲରୁ ଜାଳ ସଂଗ୍ରହ କରିବା ପାଇଁ ବ୍ୟବହାର କରାଯାଉଥିଲା । ତାହାରି ନାମ ଅନୁସାରେ ଏହାର ନାମ ରାଜମହଲ ହୋଇଛି ଓ ମାଷ୍ଟର କନଷ୍ଟ୍ରକସନ ନାମରେ ମାଷ୍ଟର କ୍ୟାଣ୍ଟିନ୍ ଛକ ହୋଇଛି । ୧୯୫୦ ମସିହା ବେଳକୁ ଇଉନିଟ୍ ୧ ବର୍ମା କନଷ୍ଟ୍ରକସନ୍ (ବର୍ମା ଜେନେରାଲ ଷ୍ଟୋର) ଓ ଇଉନିଟ୍ ୨ ମାଷ୍ଟର କନଷ୍ଟ୍ରକସନ୍ (ଲାଲଚାନ୍ଦ ଜୁଏଲର୍ସ) କାମ ସରିଲୋଣି । ଏମାନେ ପଞ୍ଜାବୀ କଣ୍ଟ୍ରାକ୍ଟର । ୩ ନମ୍ବର କାମ ରଘୁନାଥ ମହାନ୍ତି ନେଇଥିଲେ । ସେ ଇଞ୍ଜିନିୟରିଂ ଚାକିରି ଛାଡ଼ି କଣ୍ଟ୍ରାକ୍ଟି କରୁଥିଲେ । ପରେ ମହତାବ ବାବୁ ଦିଲ୍ଲୀ ଚାଲିଗଲେ ।

ନବକୃଷ୍ଣ ଚୌଧୁରୀ ପ୍ରଧାନମନ୍ତ୍ରୀ ପରେ ମୁଖ୍ୟମନ୍ତ୍ରୀ ହେଲେ । ଏହି ସମୟ ୧୯୫୧ରୁ ୫୫ ପର୍ଯ୍ୟନ୍ତ ଭୁବନେଶ୍ୱର କିଛି ଅଗ୍ରଗତି କରିପାରିଲା ନାହିଁ । ୧୯୫୫ରେ ନବ ବାବୁ ଦଳେଇଘାଇ ଭଙ୍ଗା ଘଟଣା ସଢ଼େଇକଳା ଓ ଖରସୁଆଁ ପ୍ରସଙ୍ଗରେ ଇସ୍ତଫା ଦେଲେ । ୧୯୫୬ରେ ସାଧାରଣ ନିର୍ବାଚନ ମହତାବ ବାବୁ (କଂଗ୍ରେସ-୫୬), ରାଜେନ୍ଦ୍ର ନାରାୟଣ ସିଂହଦେଓ (ଗଣ ପରିଷଦ-୫୧)ଟି ଲେଖାଏଁ ଭୋଟ୍ ପାଇଲେ । ମହତାବ ବାବୁ ଗଣପରିଷଦକୁ ଧରି ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଲେ । ଭୁବନେଶ୍ୱର ଯାହା କାମ ବାକି ଥିଲା ମହତାବ ବାବୁ ଏହି ୧୯୫୫-୧୯୬୦ ଭିତରେ ଶେଷ କଲେ । ଏହି ସମୟରେ ସଚିବାଳୟ ବିଧାନସଭା କ୍ୟାପିଟାଲ୍ ହସ୍ପିଟାଲ ରବୀନ୍ଦ୍ର ମଣ୍ଡପ କାମ ସୁର ନିୟୋଗି କମ୍ପାନୀ (ନରନେ ସୁର) ଦ୍ୱାରା ଶେଷ କଲେ । କୃଷ୍ଣ ମହାନ୍ତି ନରେନ୍ ବାବୁଙ୍କ ଅଧୀନରେ ଚାକିରୀ କରୁଥିଲେ ପରେ ନିଜେ ଠିକା କାମ ଆରମ୍ଭ କରି ଶ୍ରୀୟା ଓ ସ୍ୱାତୀ ସିନେମା ହଲ୍ ଓ ସ୍ୱସ୍ତି ହୋଟେଲ୍

 Magazine Downloaded from www.aahwaan.com

ତିଆରି କଲେ । କାଳୁ ନନ୍ଦ ରାଜଭବନ ନିର୍ମାଣ କଲେ । ଏହି ସମୟରେ ଓୟୁଏଟି ୭୦୦ ଏକର ଜାଗାରେ, ଆରଆରଏଲ, ଉତ୍କଳ ୟୁନିଭର୍ସିଟି ୪୦୦ ଏକର ଜାଗାରେ ୧୯୫୬ରୁ ଗଢ଼ି ଉଠିଲା । ୧୯୫୬ ମସିହାରେ କୌଶଲ୍ୟାଗଙ୍ଗଠାରେ ୧୭୫ ଏକର ଜମି ଉପରେ କେନ୍ଦ୍ର ସରକାର ଏକ ମତ୍ସ୍ୟ ଗବେଷଣା କେନ୍ଦ୍ର ସ୍ଥାପନ କରିଛନ୍ତି । ବିଧିବଦ୍ଧ ଭାବରେ ୧୯୬୧ ମସିହାରୁ ଭୁବନେଶ୍ୱରରେ ରାଜଧାନୀ କାମକଲା । ସେତେବେଳେ ଷ୍ଟ୍ରିଟ ଲାଇଟ୍ କାଠ ପୋତାଯାଇ ତା'ଉପରେ କାଚ ବାକ୍ସ ଭିତରେ ଲଣ୍ଠନରେ କିରୋସିନ୍ ଭର୍ତ୍ତି କରି ସନ୍ଧ୍ୟା ପୂର୍ବରୁ ଲଣ୍ଠନ ଜଳା ଯାଇଥିଲା । ପୁଣି ସନ୍ଧ୍ୟାରେ ଲିଭା ଯାଉଥିଲା । ଶଗଡ଼ ଗାଡ଼ିରେ ବା ଚାଲି ଚାଲି ଲୋକେ ଯିବା ଆସିବା କରୁଥିଲେ । ରିକ୍ସା ନଥିଲା । ଚାକିରିଆମାନେ କଟକ ଛାଡ଼ି ପାରୁନଥିଲେ । ଯିବାଆସିବା କରି ସରକାରୀ କାମ କରୁଥିଲେ । ଚାକିରିଆମାନଙ୍କୁ ଘର ଦିଆଯାଇଥିଲା ତଥାପି ରହୁନଥିଲେ । ଲୋକମାନଙ୍କୁ ଭୁବନେଶ୍ୱରେ ରହିବାକୁ ଆଗ୍ରହ ସୃଷ୍ଟି କରିବାକୁ ଲିଜ୍ ପ୍ଲଟ ଦିଆ ଜିଏ ଡିପାର୍ଟମେଣ୍ଟ ଆରମ୍ଭ କଲା । ବାପୁଜୀନଗର ପ୍ରାଇଭେଟ୍ ପ୍ଲଟ ସବୁ କୋଅପରେଟିଭ ସୋସାଇଟ୍ (ଅଳକା) ମାଧ୍ୟମରେ ବଣ୍ଟନ କରାଯାଇଥିଲା । ଏହା ୧୯୫୬ ମସିହାରେ କୋଅପରେଟିଭ ସୋସାଇଟ୍ ଲିଜ୍ ଦେଇଥିଲା । ଏହି ସମୟରେ ପଂରେଷ୍ଟ ପାର୍କ ବାପୁଜୀନଗର ରାଜଭବନ ପାଖ ସୂର୍ଯ୍ୟନଗର ଅଶୋକ ନଗର ପାଖ ଜାଗା ପ୍ଲଟଙ୍କି କରି ଲୋକମାନଙ୍କୁ କିସ୍ତିରେ ଯାଚିକି ଦେଲେ । ୧୯୬୫ରେ ସହୀଦ୍ ନଗର ଜାଗା ଆବଣ୍ଟନ କରାଯାଇଥିଲା । ନନ୍ଦନକାନନ ବଟାନିକାଲ୍ ଗାର୍ଡ଼ନ ୧୯୭୨ରେ ଆରମ୍ଭ କରାଗଲା । ୧୯୭୫ ବେଳକୁ ଜିଏ ଡିପାର୍ଟମେଣ୍ଟ ଏନ୍-୧ ରୁ ଏନ୍-୬ ପର୍ଯ୍ୟନ୍ତ ଲଟେରୀ ମାଧ୍ୟମରେ ଲୋକମାନଙ୍କୁ ଆବଣ୍ଟନ କଲେ । ଇଂଫାଣ୍ଟ୍ରି ବାଟାଲିଅନ ୧୯୬୫ ମସିହାରେ ସ୍ଥାପନ କରାଗଲା । ସିଆରପି ୧୯୭୨ରୁ ଆରମ୍ଭ ହେଲା । ସୈନିକ ସ୍କୁଲ

 Magazine Downloaded from www.aahwaan.com

୧୯୫୬ରେ ତିଆରି ହେଲା । ଓଏସ୍ଏପି ୧୯୭୨ରେ ପ୍ରତିଷ୍ଠା ହେଲା । ୧୯୭୧ ମସିହାରୁ ହେଡ୍ସ୍ ଅପଂ ଡିପାର୍ଟମେଣ୍ଟ କାମ ଆରମ୍ଭ ହେଲା । ସେତେବେଳେ ମୁଖ୍ୟମନ୍ତ୍ରୀ ନନ୍ଦିନ ଶତପଥୀ ଥିଲେ । ୧୯୭୨-୭୩ ବେଳକୁ ବ୍ରିଟ୍ କାର୍ଯ୍ୟ ଆରମ୍ଭ କଲାଣି । ୧୯୭୪-୭୫ ବେଳକୁ ହାଉସିଂ ବୋର୍ଡ କାର୍ଯ୍ୟ ଆରମ୍ଭ କରି ଲୋକମାନଙ୍କୁ ବାସ ଗୃହ ଯୋଗାଇଲା । ଲକ୍ଷ୍ମୀସାଗର ହାଉସିଂ କଲୋନୀ ୧୯୭୫ରେ ଆରମ୍ଭ ହେଲା । ନୂଆପଲ୍ଲୀ ବ୍ରିଟ୍ କଲୋନୀ ୧୯୭୬, ଗଡ଼ଗୋପୀନାଥ ପ୍ରସାଦ ୧୯୮୦ ମସିହାରେ ୨୨ ଏକର ଜମିରେ ପ୍ରଥମ କରି ଆରମ୍ଭ ହେଲା ଘର ଆରମ୍ଭ । ୧୯୮୫ରୁ ଘର ଆବଣ୍ଟନ ହେଲା । ଏହାର ନାମ ଗୋଡ଼ା ଗୋପୀନାଥ ପ୍ରସାଦରୁ ଗଡ଼ଗୋପୀନାଥ ପ୍ରସାଦ ହୋଇଛି । ମୂଳ ରାଜସ୍ୱଗ୍ରାମ ହେଲା କଲରାପୁଟ । ଏଠାରେ ଗୋପୀନାଥ ଦେବଙ୍କ ମନ୍ଦିର ଥିବାରୁ ଏହାର ନାମ ଗୋଡ଼ା ଗୋପୀନାଥ ପ୍ରସାଦ ହୋଇଛି । ଚନ୍ଦ୍ରଶେଖରପୁର ରାଜସ୍ୱ ମୌଜା ବାବା ଚନ୍ଦ୍ରଶେଖରଙ୍କ ନାମରେ ନାମିତ । ଏହା ପଟିଆ ରାଜାଙ୍କ ଜମିଦାରୀ ଇଲାକାଥିଲା । ଭୁବନେଶ୍ୱରର ଆୟତନରେ ଏହା ବଡ଼ ରାଜସ୍ୱ ମୌଜା । ଚନ୍ଦ୍ରଶେଖରପୁର ୧୯୮୩ରେ ତତ୍କାଳୀନ ନଗର ଉନ୍ନୟନ ମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ସମୟରେ ଶୁଭ ଦିଆଗଲା । ୧୯୮୫ରୁ ହାଉସିଂବୋର୍ଡ଼ ଦ୍ୱାରା ଘର ଆବଣ୍ଟନ କରାଗଲା । ବର୍ତ୍ତମାନ ଏହା ମୁଖ୍ୟ ଜନଗହଳି ଅଂଚଳ । ବଡ଼ଗଡ଼ ବ୍ରିଟ୍ କଲୋନୀ ୧୯୮୬ରେ ତିଆରି ହେଲା । ଭିମପୁର ଟାଙ୍ଗି ପଳାଶପଲ୍ଲୀ ଭିଏସ୍ଏସ୍ ନଗର ୧୯୮୬ରେ ତିଆରି ହେଲା । ଭରତପୁର ୧୯୯୧, ପୋଖରୀପୁଟ ୧୯୯୮, ଡମଣା ପଟିଆ ରଘୁନାଥପୁର କଳାରାହାଙ୍କ ୧୯୮୪ରୁ ଆରମ୍ଭ ହେଲା । ଏହି କାମ ବିଡ଼ିଏ ଓ ହାଉସିଂବୋର୍ଡ଼ ତିଆରି କରିଛନ୍ତି । ମଳିପଡ଼ା ଅଂଚଳ ୨୦୦୮ରୁ ଇନ୍ଫେସିଟି ଆରମ୍ଭ ହେଲା । ଅରୁଗଳରେ ଆଇଆଇଟି ୨୦୦୮ରୁ ସ୍ଥାପନ ହୋଇଛି । ମୁକ୍ତାକାସ ଜେଲ୍ ୧୯୯୨ରୁ ଆରମ୍ଭ ହେଲା । ୧୯୯୧ ପରଠାରୁ

ପ୍ରାଇଭେଟ ବିଲଡ଼ର ଜମିନେଇ ପ୍ଲଟିଂ କରି ବିକ୍ରି କରିବା ଆରମ୍ଭ କଲେ । ଶେଷରେ ଏମିତି ହେଲା ବିଲ୍ଡରମାନେ ପଇସା ନେଇ ଜମି ଦେଲେ ନାହିଁ । ଜମିରେ ସ୍କାମ ହେଲା । ଏହାର ଭୀଷଣ ରୂପ ୨୦୧୪ରେ ପ୍ରକାଶ ପାଇଲା । ଗଙ୍ଗୁଆ ଆରପଟ ଘର ସବୁ ୧୯୯୫ ପରେ ଆରମ୍ଭ ହୋଇଛି । କଳିଙ୍ଗ ନଗର ସାଂପୁର, ଭରତପୁର ୧୯୯୧ରେ ଆବଣ୍ଟନ କରାଗଲା । ୨୦୧୦ରୁ ଘର କାମ ଆସ୍ତେ ଆସ୍ତେ ଆରମ୍ଭ ହେଲା, କାରଣ ଏଗୁଡ଼ାକ ଫରେଷ୍ଟ ଜମିଥିବାରୁ ଗଣ୍ଡଗୋଳ ଥିଲା ଜମି ଆବଂଟନକାରୀଙ୍କୁ ହସ୍ତାନ୍ତର କରାଯାଇ ନଥିଲା । ତମାଣ୍ଡୋ କଳିଙ୍ଗ ନଗର ୧୯୯୩ରୁ ଆରମ୍ଭ ହେଲା । ଏହିପରି ଭୁବନେଶ୍ୱର ଆସ୍ତେ ଆସ୍ତେ ଚୌଦ୍ୱାରରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ବଢ଼ିଗଲାଣି । ଜାଗା ଅଭାବ ହେବାରୁ ୧୯୮୬ରୁ ଆପାର୍ଟମେଂଟ ଓଲଡ୍ ଟାଉନରୁ ଆରମ୍ଭ ହେଲା । ରାସ୍ତା ୪ ଲାଇନ୍ ୨୦୦୪ରେ ୬ ଲାଇନ୍ ୨୦୧୦ରୁ ଆରମ୍ଭ ହେଲା । ନବକଳେବର ୨୦୧୫ପାଇଁ ପୁରୀ ରାସ୍ତା ୪ ଲାଇନ୍ ହେଲା । ଏହି ରାସ୍ତା ୧୮୧୫ରେ ଇଂରେଜ ସାହେବ ତିଆରି କରିଥିଲେ ।

ସେତେବେଳେ କୌଣସି ସିନେମା ହଲ୍ ନଥିଲା । ଏହି ରବି ଟକିଜ୍ ପ୍ରଥମେ ଓଲଡ୍ ଟାଉନ ପୋଷ୍ଟ ଅପିଂସ୍ ପାଖ ଚାଳଘରେ ରୂପମନ୍ଦିର ନାମରେ ଆରମ୍ଭ ହେଲା । ଏହାର ମାଲିକ କଟକ କ୍ୟାପିଟାଲ ହଲର ମାଲିକ ନରେନ୍ଦ୍ର କୁମାର ମିତ୍ର ଥିଲେ । ସେ କଟକରୁ ଆସି ପ୍ରଥମେ ସିନେମା ଦେଖାଉଥିଲେ । ୧୯୬୫ ବେଳକୁ ଏହା ବନ୍ଦ ହୋଇଗଲା । ଭିଙ୍ଗାରପୁର ଚୌଧୁରୀ ବଳରାମ ଦାସ ରାଧାକୃଷ୍ଣ ଟକିଜ୍ ନାମରେ ଗୋଟିଏ ବୁଲା ସିନେମା ଦେଖାଉଥିଲେ । ପରେ କଳ୍ପନା ସିନେମା ହଲ୍ ଆରମ୍ଭ ହେଲା । ପରେ ସରକାରଙ୍କଠାରୁ ଜାଗା ନେଇ ଟଙ୍କପାଣି ରୋଡରେ ନରେନ୍ଦ୍ର ବାବୁଙ୍କ ମୃତ ପୁଅ ରବି ନାମରେ ରବି ଟକିଜ୍ ହଲ୍ ନିର୍ମାଣ କଲେ । ବର୍ତ୍ତମାନ ଯେଉଁଟା ବିଜେବି କଲେଜ ଓ କୋର୍ଟ ସେଠାରେ କାଜୁବଣ

ଥିଲା, ୧୯୫୬ରେ ଏହାକୁ ସଫା କରାଯାଇ ବିଜେବି କଲେଜ ଓ କୋର୍ଟ ସ୍ଥାପନ କରାଗଲା । ବରଗଡ ଗାଁରେ ମିଉଜିଅମ ସ୍ଥାପନ କରାଗଲା । ୧୯୮୫-୮୬ ବେଳକୁ ଓଲ୍ଡ଼ ଟାଉନରେ ପ୍ରଥମେ ଆପାର୍ଟମେଂଟ ଆରମ୍ଭ ହେଲା । ଏବେ ଆପାର୍ଟମେଂଟ ସବୁଆଡ଼େ ତିଆରି ଚାଲିଛି । ୨୦୦୮-୨୦୧୩ ମସିହା ମଧ୍ୟରେ ଅନେକ ଆପାର୍ଟମେଂଟ ତିଆରି ହୋଇଗଲା । ଭୁବନେଶ୍ୱରର ପ୍ରଥମ ଉଚ୍ଚୁଆ ଆପାର୍ଟମେଂଟ ୨୦୧୩ରେ କସ୍ମସ୍ ଆଇଗିଣିଆଠାରେ ତିଆରିହେଲା ।

ଇଞ୍ଜିନିୟରିଂ କଲେଜ ୧୯୮୬ ମସିହାରେ ଓଇସି ସ୍ଥାପନ କରାଗଲା । ଏହାର ମାଲିକ ଥିଲେ କାମିନି ପଟ୍ଟନାୟକ । ସେ ବିଜୁପଟ୍ଟନାୟକଙ୍କ ପ୍ରେରଣାରେ କଲେଜ ସ୍ଥାପନ କଲେ ଓ ସଫଳ ହେଲେ । ପରେ ଇଞ୍ଜିନିୟରିଂ କଲେଜଗୁଡ଼ିକ ସ୍ଥାପନ କରାଗଲା । ସେଗୁଡ଼ିକ ହେଲା ସିଇଟ ୧୯୮୨, ଓଇସି ୧୯୮୬, ଆଇଟିଆର ୧୯୯୫, କିଟ୍ ୧୯୯୪, ଗୀତା ୨୦୦୬, ହାଇଟେକ୍ -୨୦୦୯, ସିଭିରମଣ-୧୯୯୭, କୃପାଜଳ-୧୯୯୯, ମହାବୀର-୨୦୦୨, କୋଣାର୍କ-୨୦୦୨, ସିଲିକନ-୨୦୦୧, ଟ୍ରିଡେଣ୍ଟ-୨୦୦୫, ଟେକ୍ନୋ-୨୦୦୫, କେଏମ୍ବିବି -୨୦୦୯, ସେମିତି ମେଡ଼ିକାଲ୍ କଲେଜ ସମ୍-୨୦୦୯, ହାଇଟେକ୍ -୨୦୦୯, କିସ୍-୨୦୦୯, ଏମ୍ସ୍ ୨୦୦୪ରେ ବାଜପେୟୀ ଶୁଭ ଦେଲେ । ନାଇସର-୨୦୧୦, ଆଇଆଇଟି, ଅରଗୁଳ-୨୦୦୮ ।

ରାଜଧାନୀ କହିଲେ ଓଡ଼ିଶାର ରାଜଧାନୀ ଅଶୋକଙ୍କ ସମୟରେ ତୋଷାଳି (ଧଉଳି) ଥିଲା । ଖାରବେଳଙ୍କ ସମୟରେ ଶିଶୁପାଳଗଡ଼ ଥିଲା । ପରେ କୁଷାଣ ଓ ଗୁପ୍ତମାନଙ୍କ ସମୟରେ ଉତ୍ତର ତୋଷାଳି ଓ ଦକ୍ଷିଣ ତୋଷାଳି ଦୁଇଭାଗରେ ବିଭକ୍ତ ହୋଇଗଲା । ଏହାର ରାଜଧାନୀ କେଉଁଠାରେ ଥିଲା ଜଣାପଡୁନି । ଶୌଳୋଦ୍ଭବିମାନେ ଶଶାଙ୍କ ଓ ହର୍ଷବର୍ଦ୍ଧନଙ୍କ ସମୟରେ ବାଙ୍କଡ଼ାଗଡ଼କୁ କଙ୍ଗୋଦ ମଣ୍ଡଳର ରାଜଧାନୀ କରିଥିଲେ । ଏହି ସମୟରେ ଉତ୍ତ

ଓ ଉତ୍କଳର ରାଜଧାନୀ କେଉଁଠାରେ ଥିଲା ଜଣାପଡୁନି । ଭୌମମାନଙ୍କର ରାଜଧାନୀ ଗୁହ୍ୟଦେବ ପାଟକ (ଯାଜପୁର) ଥିଲା । ସୋମବଂଶୀ ମାନଙ୍କର ରାଜଧାନୀ ଯାଜପୁର ପରେ ଚୌଦ୍ୱାର ଓ କଟକ ହେଲା । ଗଙ୍ଗବଂଶୀ, ସୂର୍ଯ୍ୟବଂଶୀ ଓ ଭୋଇବଂଶୀ ରାଜାମାନଙ୍କ ସମୟରେ ବିଡ଼ାନାସୀ କଟକ ବା ବାରବାଟୀଠାରେ ଥିଲା । ଆଫଗାନ, ମୋଗଲ ଓ ଇଂରେଜମାନଙ୍କ ଶାସନ କାଳରେ ଲାଲବାଗ୍ ପ୍ରାସାଦକୁ ହିଁ ବୁଝାଉଥିଲା । ମୋଗଲମାନେ ବାରବାଟୀ(ମହାନଦୀ କୂଳରୁ) ଲାଲବାଗ ପ୍ୟାଲେସ୍ (କାଠଯୋଡ଼ି କୂଳକୁ) ଉଠାଇ ଆଣିଲେ । ସାଲବେଗଙ୍କ ବାପା ଲାଲବେଗ ଏହି ଦୁର୍ଗ ନିର୍ମାଣ କରିଥିଲେ । ଶେଷରେ ସ୍ୱାଧୀନ ଭାରତରେ ଓଡ଼ିଶାର ରାଜଧାନୀ ମହତାବ ବାବୁଙ୍କ ଅମଳରେ ଭୁବନେଶ୍ୱର ହେଲା । ଏହିଭଳି ଭାବରେ ଓଡ଼ିଶାର ରାଜଧାନୀ ସମୟ ପ୍ରବାହରେ ଜାଗାକୁ ଜାଗା ପରିବର୍ତ୍ତନ ଘଟିଛି ।

ମହତାବ ବାବୁଙ୍କ ପରିକଳ୍ପିତ ରାଜଧାନୀ ଆଜି ଚଳଞ୍ଚଳ ହେଲେ ମଧ୍ୟ ଅତ୍ୟଧିକ ଘର ତିଆରି ଯୋଗୁଁ ନାଳ ନର୍ଦ୍ଦମା ପୋତି ହୋଇଗଲାଣି । ସେଦିନର ଭୁବନେଶ୍ୱର ଓ ଆଜିର ଭୁବନେଶ୍ୱର ମଧ୍ୟରେ ଆକାଶ ପାତାଳ ପ୍ରଭେଦ ପରିଲକ୍ଷିତ ହେଉଛି । ଭୁବନେଶ୍ୱର ଆଜି ଉତ୍ତର-ଦକ୍ଷିଣ ଚୌଦ୍ୱାରଠାରୁ ଖୋର୍ଦ୍ଧା ପର୍ଯ୍ୟନ୍ତ ପୂର୍ବ-ପଶ୍ଚିମ ବାଲିପାଟଣାଠାରୁ କଣ୍ଟାବାଡ଼ ପର୍ଯ୍ୟନ୍ତ ବଢ଼ିଗଲାଣି । ଜଳର ଅଭାବ ଯେଉଁ ସମ୍ଭାବନା ଥିଲା ତାହା ନଳକୂପ କେତେକାଂଶରେ ଦୂର କରିଛି । ନଳକୂପ ଲାଗି ଭବନେଶ୍ୱର ଆଜି ବଢ଼ିବଢ଼ି ଚାଲିଛି । ନୋହିଲେ ପାଣି ସମସ୍ୟା ରହିଥାନ୍ତି, ବଢ଼ିବାରେ ଅନ୍ତରାୟ ସୃଷ୍ଟି କରିଥାନ୍ତା । ଏଇ ହେଉଛି ଆଜିର ଭୁବନେଶ୍ୱର ।

ସେବା ନିବୃତ ବରିଷ୍ଠ କ୍ଷିପ୍ରଲିପିକ

ଜଳସେଚନ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଓଡିଶା ଭୁବନେଶ୍ୱର

 Magazine Downloaded from www.aahwaan.com

ଶିକ୍ଷା ସଂସ୍କାର ପ୍ରସ୍ତାବ

ସତ୍‌ଶିକ୍ଷା ମଣିଷକୁ ଜ୍ଞାନୋଦିପ୍ତ କରେ, ତାକୁ ଅନ୍ଧାରରୁ ଆଲୋକକୁ ନିଏ । ତା ଦୈନନ୍ଦିନ ଜୀବନ ପରିଚାଳନାରେ ସହାୟକ ହୁଏ । ଭାରତ ଋଷିମୂନୀଙ୍କ ଦେଶ । କାହିଁ କେତେ ଯୁଗରୁ କୋଟି କୋଟି ବର୍ଷତଳୁ ଭାରତ ବର୍ଷରେ ବେଦର ପ୍ରଚଳନ ହୋଇଛି । ବେଦରେ ବହ୍ନି ରହିଛି ଜ୍ଞାନ ବିଜ୍ଞାନର କଥା । ଭଗବାନଙ୍କ ମୁଖନିସୃତ ବାଣୀକୁ ମୂନୀଋଷିମାନେ ଛନ୍ଦରେ ତାଳରେ ଲୟରେ ସଜାଇ ମଣିଷ ସମାଜକୁ ଜ୍ଞାନର ଆଲୋକରେ ଉଦ୍‌ଭାସିକ କରି ଆସୁଛନ୍ତି । ଦିନରାତି ଚବିଶିଘଣ୍ଟାର ସମସ୍ତ କାର୍ଯ୍ୟ ପାଇଁ ଏଥିରେ ସମସ୍ତ ଆବଶ୍ୟକୀୟ ଜ୍ଞାନର ବ୍ୟବସ୍ଥା ଅଛି । ପୂଜାପାଠ, ଈଶ୍ୱର ଚେତନା, ସଦ୍ ଜ୍ଞାନ, ନ୍ୟାୟ-ମୀମାଂସା, ରୋଗର ବିବିଧ ଔଷଧ ଓ ଚିକିତ୍ସାର ବିବିଧ ପ୍ରଣାଳୀ ତଥା ସବୁକିଛି ଏଇ ବେଦରେ ସନ୍ନିବେଷିତ । ଆଗକାଳରେ ମୂନୀଋଷିଙ୍କ ଆଶ୍ରମରେ ପଢୁଥିବା ବିଦ୍ୟାର୍ଥୀମାନେ ଜୀବନର ସର୍ବବିଧ ଆବଶ୍ୟକୀୟ ଜ୍ଞାନ ଲାଭ କରୁଥିଲେ । ଋଷି ଆଶ୍ରମରୁ ଘରକୁ ଫେରି ସେମାନେ ତାଙ୍କ ଜୀବନକୁ ସୁଚାରୁରୂପେ ପରିଚାଳିତ କରି ପାରୁଥିଲେ । ଆଜିକାଲି ପରି ଚାକିରୀ ପଛରେ ଗୋଡ଼ାଉନଥିଲେ । ଆଜିର ଶିକ୍ଷା ବ୍ୟବସ୍ଥା ଚାକିରୀ ସର୍ବସ୍ୱ ହୋଇଯାଇଛି । ମାକ୍‌ଲେ ସାହେବ ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ କଳୁଷିତ କରି ଦେଇଛନ୍ତି । ସେ ଆସି ଦେଖିଲେ ଭାରତରେ କେଉଁଠି ଭିକାରୀ ନାହାନ୍ତି । ଦେଶ ଧନଧାନ୍ୟରେ

ଶ୍ରୀ ଶିଶିର କୁମାର ଚୌଧୁରୀ

 Magazine Downloaded from www.aahwaan.com

ଭରପୁର ଅଛି । ଗୋଟିଏ ଗୋଟିଏ ସହରର ସଂପତ୍ତି ସମଗ୍ର ୟୁରୋପର ସହରମାନଙ୍କର ସଂପତ୍ତିଠାରୁ ଅଧିକ ହେବ । ତାର କାରଣ ହେଉଛି ଭାରତରେ ପ୍ରାୟ ୮୦/ ୯୦% ଲୋକ ଶିକ୍ଷିତ ଥିଲେ । ଦେଶରେ ନାଳନ୍ଦା, ତକ୍ଷଶିଳା ଭଳି ବହୁତ ଉଚ୍ଚକୋଟୀର ଶିକ୍ଷାୟତନଅ ଥିଲା । ସେଠାରେ ବିବିଧ ଶିଷା ଦିଆଯାଉଥିଲା । ସେ ଲଣ୍ଡନ ଫେରିଲେ ଏବଂ ମାକ୍‌ଲେ ସାହେବ କହିଲେ, ଭାରତର ପ୍ରଚଳିତ ଶିଷା ପ୍ରଣାଳୀକୁ ନଷ୍ଟ ନ କଲେ, ଭାରତକୁ ଶାସନ କରିବା ସମ୍ଭବ ନୁହେଁ । ବ୍ରିଟିଶ୍ ପାର୍ଲ୍ୟାମେଣ୍ଟରେ ଏଥିପାଇଁ ଆବଶ୍ୟକୀୟ ଆଇନ୍ ପାସ କରାଇଲେ । ଫଳତଃ ଏଠି ଭାରତର ଶିକ୍ଷା ପ୍ରଣାଳୀକୁ ଧ୍ୱଂସ କରାଗଲା, ଇଂରେଜ ପଦ୍ଧତି ଚାଲିଲା ଏବଂ ଫଳସ୍ୱରୂପ ଆଜି ଭାରତ ଲୋକେ ଅଶାନ୍ତିରେ କାଳ କାଟୁଛନ୍ତି । ବେକାରୀ ବଢ଼ିଛି, ବେରୋଜଗାରୀ ବଢ଼ିଛି । ଅଶିକ୍ଷାରେ ଲୋକେ କାଳାତିପାତ କରୁଛନ୍ତି । ସବୁ ଜିନିଷକୁ ଇଂରାଜୀରେ କହିବାକୁ ଜ୍ଞାନର ପରିଚୟ ବୋଲି ଧରାଯାଉଛି । ଇଂଲଣ୍ଡ ଭଳି ଗୋଟିଏ ଅତି ଛୋଟ ଦେଶର କ'ଣ ବା ସଂସ୍କୃତି ଜ୍ଞାନ ଥିଲା ଯେ ସେ ଭାରତ ପରି ଦେଶର ଉଚ୍ଚକୋଟିର ବୈଦିକ ସଭ୍ୟତା ଓ ସଂସ୍କୃତିର ବିକଳ୍ପ ହୋଇପାରିବ । ସେମାନେ ଶାସନ କରୁଥିଲେ, ତାଙ୍କ ଦେଶର ଏକ ନିମ୍ନସ୍ତରର ଶିକ୍ଷା ପ୍ରଣାଳୀ ଏଠି ଜୋର ଜବରଦସ୍ତ ପ୍ରଚଳନ କରାଇଲେ । ଫଳତଃ ଆଜି ଏଠି ସବୁ ବିଶୃଙ୍ଖଳା । କୁହାଯାଏ, "ଇଣ୍ଡିଆ ଇଜ୍ ପୁଅର୍, ବିକଜ୍ ଇଟ୍ ଇଜ୍ ପୁଅର୍", ଏହି ଦ୍ୱିତୀୟ ପୁଅର୍ ର ଅର୍ଥ। ଜ୍ଞାନରେ ପୁଅର୍ ବା ଗରୀବ । ଭିସିଅସ୍ ସର୍କଲ୍ ଅଫ୍ ପଭେର୍ଟିରେ ଛନ୍ଦି ହୋଇଯାଇଛନ୍ତି ଭାରତର ନବେଭାଗ ଅଧିବାସୀ ।

ସବୁ ସାମାଜିକ ବିଶୃଙ୍ଖଳା ଆଜି ଭାରତରେ ପରିଲକ୍ଷିତ ହେଉଛି । ଛୋଟ ବୟସରୁ ପିଲାଏ ବଡ଼ ବଡ଼ ବ୍ୟାଗ ଧରି ଇଂରାଜୀ ଶିଖୁଛନ୍ତି । ବାପାମା' ମାନେ ପିଲାଙ୍କୁ ଇଂରାଜୀ ପଢ଼ାଇବାରେ ବ୍ୟସ୍ତ । ଫଳତଃ ସବୁ ପ୍ରକାର ସାମାଜିକ ଅସଙ୍ଗତି ଦେଖାଦେଉଛି ।

ଏବେ ହାଇସ୍କୁଲ ପରୀକ୍ଷା ଚାଲିଛି । ଓଡ଼ିଶାରେ ଛ' ଲକ୍ଷ ପିଲା ପରୀକ୍ଷା ଦେଉଛନ୍ତି ।

ଆଗାମୀ ଶିକ୍ଷାବର୍ଷରେ ପାଖାପାଖି ପାଞ୍ଚଲକ୍ଷ ପିଲା ପୁରା ପ୍ୟାଣ୍ଟସାର୍ଟ୍ ପିନ୍ଧି କଲେଜରେ ନାମ ଲେଖାଇବେ ଏବଂ ସେଥିରୁ ବର୍ଷକୁ ବର୍ଷ ପାଠପଢ଼ା ସାରି ପାଖାପାଖି ଅତିବେଶୀରେ ୧୪ - ୨୦ ପ୍ରତିଶତ ପିଲା ସରକାରୀ ବା ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇବେ । ଆଉ ପ୍ରାୟ ୮୦ % ପିଲା ପୁରାପ୍ୟାଣ୍ଟ ପିନ୍ଧିଥିବାରୁ ଚାଷ ପ୍ରତି ବିମୁଖ ହୋଇ ବେକାରୀ ଖାତାରେ ନାମ ଲେଖାଇବେ । ଏହା ପ୍ରତିବର୍ଷର ପରିସଂଖ୍ୟାନ । ସେମାନେ ବାପାମା'ଙ୍କ ଉପରେ ଅଯଥା ବୋଝ ହେବେ । ବହୁତ କମ ପିଲା ଆତ୍ମନିଯୁକ୍ତି ଯୋଜନାରେ ନିଯୁକ୍ତ ହୋଇ ପରିବାର ପୋଷଣ କରିବେ । ଆଉ ସବୁ ଟିଭି ଦେଖି କ୍ରିକେଟ୍ ଖେଳି ବା ଆଜିର ନୂଆ ପୀଢ଼ିର ମୋବାଇଲ୍ / ଇଣ୍ଟରନେଟରେ ନିଜକୁ ବ୍ୟସ୍ତ ରଖି ଅଯଥା ସ୍ୱପ୍ନାବିଳାସୀ ହୋଇ ସମୟ କାଟିବେ । କେତେକ ମଧ୍ୟ ପ୍ରଚଳିତ ଶାସନ ବ୍ୟବସ୍ଥା ବିରୋଧରେ ଯିବେ । ନକ୍ସଲ / ମାଓବାଦୀ ଚିନ୍ତାଧାରା ମଧ୍ୟକୁ ଯାଇ ସ୍ୱାଧୀନ ଭାରତରେ ବିଶୃଙ୍ଖଳା ସୃଷ୍ଟି କରିବେ । ଏଣୁ ଆଜି ସବୁ ଅସଙ୍ଗତି ।

ଆଜିର ଆବଶ୍ୟକତା :-

ଶିକ୍ଷାର ରୂପରେଖ ବଦଳିବା ଦରକାର । ଏହା ଚାକିରୀ ସର୍ବସ୍ୱ ନ ହୋଇ ଜୀବନଯାପନ ପ୍ରଣାଳୀର ସର୍ବବିଧ ଦିଗକୁ ସ୍ପର୍ଶ କରିବା ଦରକାର । ନିଡ୍ ବେସେଡ୍ ହେବା ଦରକାର । ସକାଳୁ ଶଯ୍ୟାତ୍ୟାଗ ଠାରୁ ପୁଣି ରାତି ଶଯ୍ୟାକୁ ଯାଇ ସୁନିଦ୍ରା ହେବା ପର୍ଯ୍ୟନ୍ତ ସମସ୍ତ କର୍ମର ବିହିତ ପଦ୍ଧତି ଆଜିର ପିଲାଏ ପ୍ରଥମ ଶ୍ରେଣୀଠାରୁ ପର୍ଯ୍ୟାୟକ୍ରମେ ପ୍ରାପ୍ତ ହେବା ଉଚିତ । ଫଳତଃ ପିଲାଏ ସମସ୍ତ ନିପୁଣତା ହାସଲ୍ କରିବେ ।

କୁହାଯାଏ ଯାହା ନ ହୋଇଛି ବାଲୁତ କାଳେ, ତାହାକି ହୋଇବ ପାଚିଲା ବାଳେ, ମଣିଷ ପିଲାର ମନ ସିଲଟ ପରି । ଏଥିରେ ତାକୁ ଯାହା ପଢ଼ା ହେବ ବା ଶିକ୍ଷା ଦିଆଯିବ, ତାର ରୂପରେଖ ଲାଖିରହିବ ଏବଂ ସବୁଦିନ ତାକୁ ସହାୟକ ହେବ । ମୁଁ ପିଲାଦିନେ

ମୁଣ୍ଡକୁଣ୍ଡା ଶିଖି ପାରିଲିନି । ଆଜି ଯେଉଁଆଡ଼େ ଗଲେ ଛୋଟ ଆଇନା ଓ ପାନିଆ ନେଇଯାଏ । ହାଇସ୍କୁଲ୍ ହଷ୍ଟେଲରେ ମାସେ ଦୁଇମାସ ମେସ୍ ମ୍ୟାନେଜର୍ ଥିଲି । ଭାତ, ଡାଲି, ତରକାରୀ, ଭଜା, ଖଟାରେ କେତେ ଖର୍ଚ୍ଚ ହୁଏ ଜାଣିଛି । ଏଣୁ ହୋଟେଲ୍ ମାନଙ୍କରେ ଅଧିକ ପଇସା ଦେଉଥିବା ଜାଣିପାରେ ଓ ସେମାନଙ୍କୁ ଭଲ ଖାଦ୍ୟ କରିବାକୁ ତାଗିଦ୍ କରେ ।

ସେଦିନ କପି ବିଷୟରେ ପୂର୍ବତନ ଡିପିଆର୍ ଡଃ ସତ୍ୟକାମ୍ ମିଶ୍ରଙ୍କ ଲେଖା ସମାଜରୁ ପଢୁଥିଲି । ସାରଙ୍କ ଲେଖାରେ କପିର ବିବିଧ ଉପାୟ ବିଷୟରେ ଲେଖାଥିଲା । ମୋର ପ୍ରଶ୍ନ ଉଠୁଛି ପିଲା କପି କରୁଛି କାହିଁକି ? କାରଣ ସେ ପାଠକୁ ମନେ ରଖୁନି ବୋଲି ତା'ର ପରୀକ୍ଷା ହଲ୍‌ରେ ସାହାଯ୍ୟ ଦରକାର ପଡୁଛି । ଏଇଠି ପାଠ୍ୟକ୍ରମର କଥା ଆସୁଛି । ଆମର ପାଠ୍ୟକ୍ରମରେ ପିଲାର ପରିବେଶ ଭିତରର କଥା ବା ଆବଶ୍ୟକୀୟ ବିଷୟରେ ଶିକ୍ଷାଦାନ କଲେ, ସେ ସବୁ ବୁଝିପାରନ୍ତା ଓ ତାର ସବୁ ମନେ ରହନ୍ତା । କୋର୍ସ୍ ମିକ୍ସ ଭିତରେ ଯଦି ମହାପୁରୁଷଙ୍କ ଜନ୍ମ ଓ ତିରୋଧାନ ତାରିଖ ରହୁଛି, ପ୍ରଶ୍ନରେ ପିଲାର ବାପା, ମା, ଜେଜେବାପା, ଜେଜେମାଆଙ୍କ ଠାରୁ ସାତପୁରୁଷ ନ ହେଲେ ବି ୩/୪ ପୀଢ଼ିର ନାମ ଲେଖିବାକୁ ପଡ଼ନ୍ତା ତେବେ ପିଲାର ଚିନ୍ତା ଚେତନା ତା'ର ପରିବାରକୁ ଛୁଇଁ ପାରନ୍ତା ଏବଂ ଏଠି କପି କରିବାକୁ ଆବଶ୍ୟକ ହୁଅନ୍ତା ନାହିଁ । ସେମିତି ମଧ୍ୟ ଅଜାଙ୍କ ଝିଅର ଭାଇ ତା'ର କଣ ହେବ ଓ ତାଙ୍କ ନାମ କଣ ଯଦି ପ୍ରଶ୍ନ ପଡ଼ନ୍ତା ଏହି ପିଲାର ନିଜସ୍ୱ ହୋଇଯାଆନ୍ତା ଏବଂ ଏଠି କପି ଚଳନ୍ତା ନାହିଁ । ଏହା କିଛିଟା ଉଦାହରଣ ହୋଇପାରେ । ଏମିତି ଚିନ୍ତାକଲେ ଆମେ ପିଲାଟିକୁ ବହୁତ ବ୍ୟକ୍ତିଗତ ପ୍ରଶ୍ନର ପରିସର ନେଇପାରନ୍ତେ ଏବଂ ପିଲାଟିର ପାଠପଢ଼ାରେ ମଧ୍ୟ ଆଗ୍ରହ ବଢ଼ନ୍ତା ଏବଂ ସେ କପି କରିବା ଛାଡ଼ି ନିଜ ଚେଷ୍ଟାରେ ଉତ୍ତର ଲେଖନ୍ତା ଏବଂ କ୍ରିଏଟିଭ୍ ହୋଇପାରନ୍ତା ।

ମନ ସିଲଟର ଅଲିଭା ଦାଗ :-

ଆଜିର ପ୍ରଚଳିତ ଶିକ୍ଷା ପଦ୍ଧତିରେ ବହୁତ କ୍ଲିଷ୍ଟ ବିଷୟ ରହୁଛି । ଯେମିତି ଅଧିକ ମାତ୍ରାରେ ତେଲମସଲାରେ ପ୍ରସ୍ତୁତ ଖାଦ୍ୟ ଖାଇ ଆଜି ବହୁଳ ଭାବରେ ଡାଇବେଟିସ୍, ବ୍ଲଡ୍ ପ୍ରେସର୍, ସାରା ସମାଜକୁ ବ୍ୟାପୀ ଯାଇଛି । ସେମିତି ପାଠ୍ୟକ୍ରମରେ ଛୋଟ ପିଲାଙ୍କୁ ବଡ଼ ପିଲାଙ୍କ ଶ୍ରେଣୀର ପାଠ ପଢ଼ାଯାଇ ସବୁ କ୍ଲିଷ୍ଟ କରାଯାଇଛି । ଏଣୁ ଆମର ଶିକ୍ଷାବିତ୍ ମାନେ ଯଥେଷ୍ଟ ପରିଶ୍ରମ କରି ସମାଜର ବିବିଧ ବିଷୟ ଅନୁଧ୍ୟାନ କରିବା ଉଚିତ ଏବଂ ପିଲାର ବୟସକୁ ନେଇ ତା'ର ଶ୍ରେଣୀରେ କ'ଣ ପଢ଼ାହେବା ଉଚିତ ଏବଂ କେଉଁ ବିଷୟ ତା'ର ପରିବେଶ ମଧ୍ୟରୁ ସେ ପିଲାର ମନକୁ ଛୁଇଁ ପାରିବ ଓ ତା' ମନରେ ଆଗ୍ରହ ସୃଷ୍ଟି କରିପାରିବ; ସେ ସବୁକୁ ଗଭୀର ଭାବରେ ତନଖି କରି କୋର୍ସ୍ ମିକ୍ସ ଠିକ୍ କରିବା ଉଚିତ । ଫଳତଃ ଏହା ପିଲାର ସିଲଟ୍ ପରି ମନଏ ଅଲିଭା ଦାଗ ସୃଷ୍ଟି କରିବ ଏବଂ ତା'ର ଉପକାରୀ ହେବ, ଏଠି କପିର ପ୍ରଶ୍ନ କେଉଁଠୁ ଆସିବ ? କିନ୍ତୁ ଏ ସବୁ କାର୍ଯ୍ୟ ସମ୍ପାଦନ ବେଳେ ଦେଖିବା ଉଚିତ ଯେ ଆମକୁ ସମସ୍ତଙ୍କ ପାଇଁ ପାଠ୍ୟକ୍ରମର ଉପାଦେୟତା ବିଷୟକୁ ନଜର ଦେବାକୁ ହେବ । ପରୀକ୍ଷାରେ ଫାଷ୍ଟକ୍ଲାସ ବା ବେଷ୍ଟ ଟେନ୍‌ରେ ଥିବା ପିଲାଙ୍କ ପାଇଁ କେବଳ ପାଠ ନୁହେଁ । ଏହା ମଧ୍ୟ ସବୁଠୁ କମ୍ ଅଙ୍କ ରଖିଥିବା ପିଲାଟି ପାଇଁ । ଘରକୁ ଫେରି ସେ ଚାକିରୀ ନ କଲେ ମଧ୍ୟ ବେକାର ବୋଲି ନ ଭାବୁ । ସ୍କୁଲରେ ଘଟିଥିବା ପାଠପଢ଼ାରେ ମଧ୍ୟ କିଛି ସଫଳତାର ବିଷୟ ଯେମିତି ତା'ର ବାକି ଜୀବନକୁ ସହାୟତା ହେବ, ସେଥିପ୍ରତି ପାଠ୍ୟକ୍ରମ ପ୍ରସ୍ତୁତ କରୁଥିବା ଶିକ୍ଷାବିତ୍ ମାନେ ବିହିତ ଦୃଷ୍ଟି ଦେବା ଉଚିତ ।

ଆଦର୍ଶ ପାଠ୍ୟକ୍ରମ :-

ପ୍ରଚଳିତ ଶିକ୍ଷାର ପାଠ୍ୟକ୍ରମରେ ବିଭିନ୍ନ ତ୍ରୁଟି ବିଚ୍ୟୁତିକୁ ତନଖିକରି ଏକ ଆଦର୍ଶ ପାଠ୍ୟକ୍ରମ ପ୍ରସ୍ତୁତ ହେବାର ଆବଶ୍ୟକତା ଆଜି ଉପଲବ୍ଧ ହେଉଛି । ସମାଜ ବ୍ୟବସ୍ଥାକୁ ଲକ୍ଷ୍ୟକଲେ, ଆଜିର ଶିକ୍ଷା ପଦ୍ଧତି ଯେ ବହୁତ ପୁରୁଣାକାଳିଆ ବା ଆଉଟ୍ ଡେଟେଡ୍ ହୋଇଛି

ତାହା ପ୍ରମାଣିତ ହେବ । ଆଜିର ଜୀବନଯାପନର ଆବଶ୍ୟକତାକୁ ପୂରଣ କରିବାକୁ ହେଲେ ନୂଆ ପ୍ରଣାଳୀ ବା ସେହି ବୈଦିକ ସଂସ୍କାରର ଅୟମାରମ୍ଭ କରାଯିବା ଆବଶ୍ୟକ ।

ଏବେ ପ୍ରଶ୍ନ ଉଠୁଛି ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ବା ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଆଂଅର ପିଲାଙ୍କ ପାଠ୍ୟକ୍ରମ କିପରି ହେବା ଉଚିତ ? ଏଥିରେ ଖାଲି ଥିଓରୀ ରହିବ ନା ଅଧା ଥିଓରି ଓ ଅଧା ପ୍ରାକ୍ଟିକାଲ୍ ରହିବ ।

ପୋଥି ବାଇଗଣ ଓ ବାଡ଼ି ବାଇଗଣ :-

ପୋଥି ବାଇଗଣ ହେଲା ଥିଓରି ଓ ବାଡ଼ି ବାଇଗଣ ହେଲା ପ୍ରାକ୍ଟିକାଲ୍ । ବାଇଗଣ ବିଷୟରେ ପାଠପଢ଼ାକୁ ଥିଓରି ଧରିଲେ, ଆମେ ବାଇଗଣର ଚାଷ, ବାଇଗଣର ପ୍ରକାର ଭେଦ ଏବଂ ଏହାକୁ ଖାଇବାର ପ୍ରଣାଳୀକୁ ପ୍ରାକ୍ଟିକାଲ୍ ବୋଲି କହିବା ।

ବୁଧବାର ଓ ତ୍ରୟୋଦଶୀରେ ବାଇଗଣର କୁଷ୍ଠରୋଗ ବା ଚର୍ମରୋଗର ଜୀବାଣୁ ଥିବାରୁ ଏହାକୁ ଖାଇବାକୁ ବାରଣ କଲେ ପିଲାକୁ ଚର୍ମରୋଗ ହେବନି ବୋଲି ଆମେ ଛୋଟବେଳୁ ପିଲାଙ୍କୁ ପଢ଼ାଇଲେ, ସେମାନେ ସତର୍କ ହେବେ, ଏବଂ କାଛୁକୁଣ୍ଡିଆ ଭଳି ଚର୍ମରୋଗରୁ ମୁକ୍ତି ପାଇବେ ।ଶେଷରେ ମଧ୍ୟ ଦେଶୀ, କଣ୍ଟା ନା ନାରିକେଡି ବାଇଗିଅଣରୁ ଉପାଦେୟତା ଏବଂ ଅଧିକ ଅମଳକ୍ଷମ ବିଟି ବାଇଗଣର ଅପକାରିତା ସଂପର୍କରେ ପିଲାଙ୍କୁ ପଢ଼ାଇଲେ ଏହି ବାଇଗଣ ପାଠ ପୂର୍ଣ୍ଣାଙ୍ଗ ହୋଇ ପାରିବ ଏବଂ ପିଲାଙ୍କୁ ଏହାର ଛୋଟବେଳୁ ଉପାଦେୟତା ମିଳିବ ଏବଂ ସେମାନେ ଏ ବାବଦରେ ଘରେ ବାହାରେ ସବୁଠି କୌତୁହଳୀ ହେବେ ।

ଏହି ଉପାୟରେ ଜୀବନର ବିବିଧ ଆବଶ୍ୟକୀୟ ବିଷୟ ଛୁଆଟି ଦିନରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ମଧ୍ୟରେ ଧିରେ ଧିରେ ପଢ଼ାଇଲେ ପିଲାଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାର ପାହାଚ ପରେ ପାହାଚ ଅତିକ୍ରମ କରିବ ଏବଂ ଜ୍ଞାନୀ ଓ ସଂସ୍କାରିତ ହେବ ।

 Magazine Downloaded from www.aahwaan.com

ଏଠାରେ ପିଲାଙ୍କ ପାଠ୍ୟକ୍ରମରେ କୋର୍ସ୍ ମିକ୍ସର ବିବିଧ ବିଷୟ ଆଲୋଚନା କରାଯାଇପାରେ ।

(୧) ବୃକ୍ଷଲତା :-

ବୃକ୍ଷଲତା ଆମ ସମାଜର ବିଶିଷ୍ଟ ଅଙ୍ଗ । ପ୍ରଥମ ଶ୍ରେଣୀରେ ଗୋଟିଏ, ଦ୍ୱିତୀୟ ଶ୍ରେଣୀରେ ଦୁଇଟି, ଏହି କ୍ରମରେ ଦଶମ ଶ୍ରେଣୀରେ ଦଶଟି, ଦ୍ୱାଦଶ ଶ୍ରେଣୀରେ ବାରଟେ। କରି ବୃକ୍ଷଲତା ଓ ତାହାର ଉପାଦେୟତା ସମ୍ବନ୍ଧରେ ପଢ଼ାହେଲେ, ୧୦ମ ବେଳକୁ ୫୫ଟି ଏବଂ ଦ୍ୱାଦଶ ଶେଷ ବେଳକୁ ୭୮ଟି ଗଛଲତା ବିଷୟରେ ଜ୍ଞାନ ଲାଭ କରି ପିଲାଟିଏ ଛୁଆବେଳୁ ବିଚକ୍ଷଣତା ଲାଭ କରିବ ଏବଂ ଏ ସମସ୍ତ ଗଛଲତା ଓ ଫଳଫୁଲକୁ ବ୍ୟବହାର କରି ବିବିଧ ସମସ୍ୟା ଦୂର କରିପାରିବ । ସେ ଛୋଟବେଳୁ ଏ ସବୁ ଗଛଲତାର ଔଷଧୀୟ ବ୍ୟବହାର ଓ ଖାଦ୍ୟ ପାନୀୟରେ ବ୍ୟବହାର କରି ପ୍ରାକ୍ଟିକାଲ୍ ଓ କ୍ରିଏଟିଭ୍ ହୋଇପାରିବ ।

ତୁଳସୀ, ବେଲ, ବର, ଓସ୍ତ, ବଉଳ, ଧାନ, ଗହମ, ଯବ, ବାଜରା, ଲେମ୍ବୁ, କଦଳୀ, କମଳା, ଡାଳିମ୍ବ, ପୋଦିନା, ପୁରୁଣି, ଗୁଳୁଚି, କୋଇଲିଖିଆ, ଅର୍ଜୁନ ଇତ୍ୟାଦି ଗଛର ଉପାଦେୟତା ଛୋଟ ପିଲାଙ୍କୁ ମିନି ଡାକ୍ତରରେ ରୂପାନ୍ତରିତ କରିବ ।

(୨) ଖାଦ୍ୟ : -

ଖାଦ୍ୟର ଆବଶ୍ୟକତା ମଣିଷକୁ ଯୁଗେ ଯୁଗେ ଘର ପରିବାର ଗଠନ କରି ବାସ କରିବାକୁ ପ୍ରେରଣା ଦେଇଛି । ପିଲାଦିନରୁ ବିବିଧ ଖାଦ୍ୟ ସମ୍ବନ୍ଧରେ ଜ୍ଞାନ ଲାଭର ଆବଶ୍ୟକତା ରହିଛି । ନିରାମିଷ ଓ ଆମିଷ ଖାଦ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ପାଠ୍ୟକ୍ରମରେ ରହିବା ଉଚିତ । ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ଧିରେ ଧିରେ ଏ ବିଷୟରେ ବିସ୍ତୃତ ଜ୍ଞାନ ଆୟୁର୍ବେଦିକ ସଙ୍ଗତ ସଠିକ୍ ମତରେ ପଢ଼ାହେଲେ, ପିଲାଟି ଛୁଆଦିନରୁ କଣ ଖାଇଲେ ଭଲ, କେବେ କଣ ଖାଇଲେ ଖରାପ ତାହା ଜାଣିପାରିବ ।

ଯେମିତି ଅନ୍ନ ସେମିତି ମନ । ତେଣୁ ଛୁଆଦିନରୁ ପିଲାଟି ଯଦି ସୁଷମ ଖାଦ୍ୟ ବିଷୟରେ ଅଳ୍ପ ଅଳ୍ପ କରି ଜାଣେ ତେବେ ସେ ପିଲାଦିନରୁ ହିତକାରୀ ଖାଦ୍ୟ ଖାଇବ ଏବଂ ସମାଜର ହିତ ହେବ ।

(୩) ପାନୀୟ : -

ଭାରତ ବର୍ଷରେ ବିବିଧ ପାନୀୟର ପ୍ରଚଳନ ଥିଲା, କିନ୍ତୁ ଏବେ ଲୋକେ ପାନୀୟ କହିଲେ କେବଳ ଚା, କଫି, ମୃଦୁ ଥଣ୍ଡାପାନୀୟକୁ ବୁଝୁଛନ୍ତି ଏବଂ ଏ ସବୁକୁ ବ୍ୟବହାର କରି ରୋଗରେ ପଡୁଛନ୍ତି । ଚା କଫି ଖାଇଲେ କୋଷ୍ଠକାଠିନ୍ୟ ହେଉଛି ଏବଂ ଜର୍ସି ଗାଇ କ୍ଷୀରରୁ ପ୍ରସ୍ତୁତ ଅମୁଲ ଜାତୀୟ କ୍ଷୀରଗୁଣ୍ଡରୁ ପ୍ରସ୍ତୁତ ଚା ବିବିଧ ରୋଗ ଯଥା - ରକ୍ତଚାପ, ହୃଦରୋଗ ଓ ଡାଇବେଟିସର କାରଣ ହେଉଛି । ଏ ଶ୍ରେଣୀରେ ଲେମ୍ବୁ ସରବତ, ପୋଦିନା ସରବତ, ବେଲ ଗୁଡ଼-ଗୋଲମରିଚ ସରବତ, ତୁଳସୀ ଗୁଡ଼ ଗୋଲମରିଚ ବା ଅଦାର ସରବତ ମନକୁ ଆସେ । ଏ ସବୁ ସରବତର ବହୁତ ଉପାଦେୟତା ଅଛି । ଏ ସମ୍ବନ୍ଧରେ ପିଲାଟି ବର୍ଷକୁ ଗୋଟିଏ କରି ପଢ଼ିଲେ, ସେ ଘରେ ତାକୁ କରି ଚା କଫିର ପ୍ରାଦୁର୍ଭାବରୁ ରକ୍ଷା ପାଇବ ଓ ସମାଜରେ ପ୍ରଚଳିତ ନିଶା ପାନୀୟର ଅବସାନ ଘଟି ଏକ ସୁସଂଜତ ପରିବେଶ ସୃଷ୍ଟି ହେବ । କଥାରେ ଅଛି, “ଗୁଡ଼ ମନି ଡ୍ରାଇଭ୍, ବ୍ୟାଡ୍ ମନି ଆଉଟ୍ ଅଫ୍ ସର୍କୁଲେସନ” ।

ଭଲ ପାନୀୟ ବା ସରବତ ପିଇଲେ ଲୋକେ କାହିଁକି ପଚା କୋଲ୍ଡ ଡ୍ରିଙ୍କ୍ ବା ବିଷାକ୍ତ ନିଶା ଖାଇବେ । ସମାଜ ବଦଳିବାର ଏହା ଏକ ପାହାଚ ହେବ ଓ ପରୀକ୍ଷାରେ ଏ ବିଷୟରେ ପ୍ରଶ୍ନ ପଡ଼ିଲେ ପିଲାଏ କପି କରିବେନି ବରଂ ଗାଁ ଗଣ୍ଡାର ସମସ୍ତଙ୍କୁ ଏ ବିଷୟରେ ଉପଦେଶ ଦେବେ ।

(୪) ବାସଗୃହ :-

ଆଜିର ସଭ୍ୟ ମଣିଷ ଗ୍ରାମ ବା ସହରରେ ବସତି ସ୍ଥାପନ କରି ରହୁଛି । ଏଣୁ ବାସଗୃହ

ସଂପର୍କରେ ସବିଶେଷ ବିବରଣୀ ପାଠ୍ୟକ୍ରମରେ ସ୍ଥାନିତ ହେଲେ, ଛୋଟରୁ ବଡ଼ଯାଏ ପିଲାଏ ତାକୁ ଜାଣି ଭବିଷ୍ୟତରେ ଉପକୃତ ହୁଅନ୍ତେ । ଖରା, ବର୍ଷା ଓ ଶୀତର ପ୍ରଭାବରୁ ରକ୍ଷା ପାଇ ଏକ ଅନୁକୂଳ ପରିବେଶରେ ରହିବାପାଇଁ କଣ ଆବଶ୍ୟକ, ତାହା ମଧ୍ୟ ପଢ଼ା ହେବା ଉଚିତ । ମାଟି ଘରର ଉପକାରିତା ସାଙ୍ଗରେ ଇଟା ଓ ପଥର ଘରର ଉପକାରିତା ମଧ୍ୟ ପିଲାଏ ଜାଣିବା ଦରକାର । ବିବିଧ ଗୃହର ନିର୍ମାଣ ଶୈଳୀ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଲାଭକଲେ, ପିଲାଏ ଭବିଷ୍ୟତରେ ଉପକୃତ ହେବେ । ଏଥି ସହିତ ବାସ୍ତୁବିଦ୍ୟାର ବିଭିନ୍ନ ନିୟମ ମଧ୍ୟ ଛାତ୍ର ଜୀବନରୁ ପିଲାଙ୍କୁ ସମ୍ୟକ ଭାବରେ ଜଣାଇବା ଦରକାର । ତା'ହେଲେ ରୋଷେଇ ଘର ଦକ୍ଷିଣ-ପୂର୍ବ କୋଣରେ, ଗାଧୁଆଘର ଉତ୍ତର-ପୂର୍ବ କୋଣରେ, ଠାକୁର ଘର ଉତ୍ତର ପୂର୍ବ କୋଣରେ ହୁଏ ବୋଲି ଛୋଟ ଦିନରୁ ପିଲାଏ ଜାଣିପାରିବେ । ଏଥି ସହିତ ଘରର ବିବିଧ ସାମଗ୍ରୀ ଯଥା କବାଟ ଝରକା, ଖଟ, ବେଞ୍ଚ୍, ଚୌକି, ରୋଷେଇ ଉପକରଣ ବିଷୟରେ ସମ୍ୟକ ଜ୍ଞାନ ପାଠ୍ୟକ୍ରମରେ ରହିଲେ ପିଲାଏ ଉପକୃତ ହେବେ, ଠକାମୀରେ ପଡ଼ିବେନି ।

(୫) ଚିକିତ୍ସା ପ୍ରଣାଳୀ :-

ଦେହଧାରୀ ମାନଙ୍କ ପାଇଁ ବିବିଧ ରୋଗ ତ ଅନିବାର୍ଯ୍ୟ । ଏଣୁ ଏହାର ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ସମ୍ୟକ ଜ୍ଞାନ ପିଲାଟି ଦିନରୁ ପଢ଼ାହେଲେ, ସେମାନେ ତାହାର ଉପଯୋଗ କରି ଆରମ୍ଭରୁ ଉପକୃତ ହେବେ ଏବଂ ଏଇ ଛୋଟ ମୋଟ ରୋଗ ଯଥା ଜ୍ୱର, ଝାଡ଼ା, ମୁଣ୍ଡବ୍ୟଥା ଆଦିର ସରଳ ଚିକିତ୍ସା ଗଛବୃକ୍ଷର ପତ୍ର, ଫୁଲ, ଫଳ, ଚେରମୂଳୀରୁ ବା ଖାଦ୍ୟପାନୀୟରୁ ସଂଗ୍ରହକରି ସେଥିରେ ରୋଗ ଉପଶମ କରିବାକୁ ଅଭ୍ୟସ୍ତ ହେବେ ।

କେତେଜଣ ପିଲା ଆଜି ଜାଣନ୍ତି ଯେ, ଘିଅ ଭଜା ହଳଦୀ ଖଣ୍ଡ ବା ଗୁଣ୍ଡରେ ଥଣ୍ଡା ସର୍ଦ୍ଦି ଓ ଜ୍ୱର ଲାଘବ ହୁଏ ? ନିମ ତେଲରେ ବିବିଧ ଚର୍ମ ରୋଗ ଉପଶମ ହୁଏ । ଶୁଣ୍ଠି-ତୁଳସୀ

ପତ୍ର, ଗୁଡ଼ ବାଟି ଖାଇଲେ ଭୋକ ନ ହେଉଥିଲେ ମଧ୍ୟ ଭୋକ ହୁଏ ବୋଲି ପିଲାଏ ଜାଣିବାକୁ ବହୁତ ଡେରି ହୁଏ । ଏଇ ଛୋଟବେଳୁ ସେମାନେ ଗୋଡ଼ହାତ ଖଣ୍ଡିଆ ଖାବରା ହେଲେ ବିଶଲ୍ୟକରଣୀ ପତ୍ର, ନିମ ପତ୍ର, ଗେଣ୍ଡୁଫୁଲର ପତ୍ର ମାରିଲେ ଆରୋଗ୍ୟ ଲାଭର ପରୀକ୍ଷା କରି ପାରନ୍ତେ । ବଡ଼ଶ୍ରେଣୀର ପିଲାଏ ଧିରେ ଧିରେ ଅଧିକ କଷ୍ଟ ଲାଘବ ରୋଗ ବିଷୟରେ ପଢ଼ିଲେ ଉପକୃତ ହେବେ । ଟାଣ ଖରାରେ ବୁଲାବୁଲି କରି ଥକ୍କା ଲାଗିଲେ ପୋଦିନା ପତ୍ର ବା ତା'ର ସରବତ ପିଇଲେ ତୁରନ୍ତ ଉପଶମ ହୁଏ । ଗଇଛ ପତ୍ର ଓ ଗୋଲମରିଚକୁ ବାଟି ଛୋଟ ବଟିକା କରି ବ୍ୟବହାର କଲେ ଯେ କୌଣସି ଜ୍ୱର ଯଥା ମ୍ୟାଲେରିଆ, ଟାଇଫଏଡ୍ ବି ଭଲ ହୁଏ । ଏ ସବୁ ପରୀକ୍ଷିତ । ଅଧିକନ୍ତୁ ପୁରୁଣି ଶାଗ ଖାଇଲେ ଅଚଳ କିଡ଼ନୀ ସଚଳ ହୁଏ । ଗାଁ ବିଲବାଡ଼ିରେ ହେଉଥିବା କଣ୍ଟା ବହୁଳ କୋଇଲିଖିଆ ପତ୍ରରେ ଶାଗ ବା ପିଠା କରି ଖାଇଲେ ଓ ରସ ପିଇଲେ ରକ୍ତ ସଞ୍ଚାଳନରେ ଥିବା ସମସ୍ତ ବାଧା ଦୂର ହୁଏ ଏବଂ ରକ୍ତର ହିମୋଗ୍ଲୋବିନ୍ ମାତ୍ରା ମଧ୍ୟ ବଢ଼େ । ଅର୍ଜୁନ ଛାଲିକୁ କ୍ଷୀର ଗୁଡ଼ରେ ଗରମ କରି ପିଇଲେ ହୃଦ ରୋଗରୁ ଆରାମ ମିଳେ । ଏସବୁ ବିଷୟ ଆମ ପିଲାଏ କେବେ ଶିଖିବେ ?

ହରଦ୍ୱାରର ଦେବସ୍ଥାନ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦର ସାର୍ଟିଫିକେଟ୍ କୋର୍ସ୍ ଅଛି । ଏଠି ଆମର ପ୍ଲସ୍ ଟୁ ସ୍ତରରେ ତାହାକୁ ସଂପୂର୍ଣ୍ଣ ବା କିଛି କିଛି ପଢ଼ାହେଲେ, ଓଡ଼ିଶାରେ ଚିକିତ୍ସାର ନବଦିଗନ୍ତ ସୃଷ୍ଟି ହୁଅନ୍ତା ।

(୬) ଆଇନ ବିଦ୍ୟା :-

ମଣିଷ ଏକ ସାମାଜିକ ପ୍ରାଣୀ, ଜୀବନଧାରଣକୁ ସୁସଂହତ ଓ ମାର୍ଜିତ କରିବାପାଇଁ ଦେଶରେ ଆଇନ ବ୍ୟବସ୍ଥା ପ୍ରଚଳିତ ଅଛି । ଆଇନ ନ ମାନିଲେ ବିଶୃଙ୍ଖଳା ସୃଷ୍ଟି ହୁଏ । ଏଣୁ ଦେଶର ନାଗରିକଙ୍କ ପାଇଁ ମଧ୍ୟ ଦଣ୍ଡର ବ୍ୟବସ୍ଥା ରହିଛି । କିନ୍ତୁ ଅସୁବିଧା ଏହି ଯେ, ବିବିଧ

 Magazine Downloaded from www.aahwaan.com

ଆଇନ ଆଜି ପାଠ୍ୟକ୍ରମରେ ନାହିଁ । ଏହା ଓକିଲ ମାନଙ୍କୁ ପଢ଼ାହୁଏ ଏବଂ ପୋଲିସମାନେ କୋର୍ଟ୍ କଚେରୀର ନିର୍ଦ୍ଦେଶରେ ଆଇନ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତି । ଏହା ସ୍ୱାଧୀନ ଭାରତରେ ଏକ ଏକତରଫା କାର୍ଯ୍ୟକ୍ରମ ହୋଇଛି ଫଳତଃ ସବୁପ୍ରକାର ବିଶୃଙ୍ଖଳା ଘଟୁଛି । ଛୋଟ ଦିନରୁ ପିଲାଏ ପର୍ଯ୍ୟାୟ କ୍ରମେ ବିବିଧ ଆଇନ ସମ୍ବନ୍ଧରେ ସମ୍ୟକ ଜ୍ଞାନ ଲାଭ କଲେ, ଆଇନକୁ ବହୁତ ଲୋକ ମାନିପାରନ୍ତେ ଏବଂ କୋର୍ଟ୍ କଚେରୀକୁ ବହୁତ କମ ଲୋକ ଯାଆନ୍ତେ ଏବଂ ଦେଶରେ ଏକ ସୁଦୃଢ଼ ଆଇନ ବ୍ୟବସ୍ଥା ପ୍ରଚଳନ ହୁଅନ୍ତା । ଏଣୁ ସାଧାରଣ ଆଇନ ଯଥା ୧୪୪ ଧାରା, ୧୦୭ ଧାରା, ୩୦ ଆକ୍ଟ, ୩୦୨ ଦଫା ଇତ୍ୟାଦି ବିଷୟରେ ସମ୍ୟକ ଜ୍ଞାନ ପିଲାଙ୍କୁ ଦିଆଗଲେ ସମାଜର ଉନ୍ନତି ହେବ ।

(୭) ଆଶାପ୍ରଦ କାହାଣୀ:-

ଭାରତ ମୂନୀଋଷିଙ୍କ ଦେଶ । ଏ ଦେଶର ଇତିହାସ ପୁରାଣ ମହାନ । ସାରା ପୃଥିବୀକୁ ଦିବ୍ୟଜ୍ଞାନରେ ଉଦ୍ଭାସିତ କରିବାପାଇଁ ଅମାପ ଶକ୍ତି ହିଁ ଏ ଦେଶରେ ଆଜି ବି ଉପଲବ୍ଧ । ଏଣୁ ଏହାର ପୌରାଣିକ ବା ଐତିହାସିକ ଉନ୍ନତ କାହାଣୀ ସବୁ ବାଛି ବାଛି ପର୍ଯ୍ୟାୟକ୍ରମେ ପ୍ରଥମରୁ ଦ୍ୱାଦଶ ଯାଏ ପାଠ୍ୟକ୍ରମରେ ସନ୍ନିବେଶିତ କରାଇଲେ, ସେହି ପୁରାତନ ଯୁଗର ସଫଳତାର କଥାକୁ ପିଲାଟିଏ ମନ୍ଥନ କରି କରି ଆଶାବାଦୀ ହେବ ଏବଂ ଏ ଦେଶରେ ଏ ସମାହରେ ନୂତନ ପ୍ରଗତିର ଧାରା ସୃଷ୍ଟି କରିବ । ଅପରନ୍ତୁ ପିଲାଟି ନିଜକୁ ଆଜି ଭଳି ଅସହାୟ ମଣିବନି । ଏକ ନୂଆ ଯୁଗର ସୃଷ୍ଟିରେ ଏ ସବୁ ପ୍ରେରଣାଦାୟୀ କାହାଣୀ ସହାୟକ ହେବ ।

(୮) ଖାଉଟି ସୁରକ୍ଷା : -

ଛୋଟ ହେଉ ବା ବଡ଼ ସବୁ ମଣିଷ ଜଣେ ଜଣେ ଖାଉଟି । ଖାଉଟି ସୁରକ୍ଷାର ବିବିଧ

ବିଷୟ ଶ୍ରେଣୀ ଭେଦରେ ବାଛି ବାଛି ପାଠ୍ୟକ୍ରମରେ ରଖିଲେ, ପିଲାଟିଏ ଛୁଆବେଳୁ ଏ ବାବଦରେ ସଜାଗ ହେବ ଏବଂ ଶୋଷଣରୁ ମୁକ୍ତ ହେବ ।

(୯) ସୂର୍ଯ୍ୟ ନମସ୍କାର :-

ସୂର୍ଯ୍ୟ ନମସ୍କାର ଏକ ଫଳପ୍ରଦ ବ୍ୟାୟାମ । ବହୁତ କମ ସମୟ ମଧ୍ୟରେ ପ୍ରାତଃ କାଳରେ ଏବଂ ସାୟଂ କାଳରେ ଏହାକୁ କରାଯାଇପାରେ । ଏଥିରେ ୧୨ଟି ଆସନର ଲାଭ ମିଳେ । ବହୁତ କମ ସମୟ ମଧ୍ୟ ଲାଗେ । ପିଲାବେଳରୁ ଛାତ୍ରମାନଙ୍କୁ ଏ ବାବଦରେ ଶିକ୍ଷାଦେଲେ ସେ ନିଜ ଘରେ ବା ସ୍କୁଲରେ ଏହାକୁ ନିଜେ କରିବା ସଙ୍ଗେ ସଙ୍ଗେ ଏହାର ଲାଭ ଉଠାଇବ ଏବଂ ବହୁଳ ଭାବରେ ସୁସ୍ଥ ରହିପାରିବ ।

(୧୦) ଯୋଗ ପ୍ରାଣାୟାମ : -

ଯୋଗ ପ୍ରାଣାୟାମ ସମ୍ବନ୍ଧରେ ଶ୍ରେଣୀ ଭେଦରେ ଧିରେ ଧିରେ ଛାତ୍ରମାନଙ୍କୁ ଶିକ୍ଷା ଓ ତାଲିମ ଦିଆଗଲେ ସେମାନେ ଏହାର ଲାଭ ଉଠାଇ ଏହ ସୁସ୍ଥ ସମାଜର ଭାଗିଦାର ହେବେ । ଏଥି ସହୁତ ମୁଦ୍ରା ଚିକିତ୍ସା, ସିଦ୍ଧି ବିଜ୍ଞାନ ବା ଆକ୍ୟୁପ୍ରେସର ଆଦି ବିଷୟରେ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ କଲେ, ସମସ୍ତେ ଏହାରି ଉପଯୋଗିତା ଲାଭ କରି ପାରିବେ ।

(୧୧) ନୈତିକ ଶିକ୍ଷା :-

ସତ୍ୟଭିତ୍ତିକ, ସଦାଚାର ଭିତ୍ତିକ ଭାରତର ବିବିଧ କାବ୍ୟ ପୌରାଣିକ କାହାଣୀ ପଢ଼ାହେଲେ ପିଲାଏ ଛୋଟ ଦିନରୁ ନୀତିବାନ ହେବେ ଓ ସମାଜର ଉନ୍ନତି ହେବ ।

(୧୨) କଷ୍ଟିଂ ଅଙ୍କ : -

ଛୋଟରୁ ବଡ଼ ଯାଏ ସବୁ ପିଲାଙ୍କୁ ଅଙ୍କ ମାଧ୍ୟମରେ ବିବିଧ ବ୍ୟବହୃତ ଜିନିଷର କଷ୍ଟିଂ ବିଷୟକ ପ୍ରଶ୍ନ ଶ୍ରେଣୀ ଭେଦରେ ପଢ଼ାହେଲେ ବା ପ୍ରଶ୍ନୋତ୍ତର କରାଗେଲେ ସେମାନେ ନିପୁଣତା ହାସଲ କରିବେ ଏବଂ ଏମାନଙ୍କୁ ସବୁଦିନ ଶୋଷୁଥିବା ବେପାରୀମାନଙ୍କ ଦାଉରୁ

ରକ୍ଷା ପାଇବାର ଭିତ୍ତିଭୂମି ନିଜ ଭିତରେ ନିର୍ମାଣ କରିପାରିବେ । ଏମିତି ଚିନ୍ତା କଲେ ଆହୁରି ଅନେକ ବିଷୟ ଏହି ପରିସର ମଧ୍ୟକୁ ଆସିପାରିବ ଏବଂ ଏ ସବୁକୁ ଯେତେ ଶୀଘ୍ର ଶିକ୍ଷାପ୍ରଣାଳୀ ମଧ୍ୟକୁ ଅଣାଯାଇ ପାରିବ, ସମାଜର ମଙ୍ଗଳ ହେବ । ଏକ ଆଦରଣୀୟ ଫଳପ୍ରଦ ଏବଂ ସୁସ୍ଥ ଶାନ୍ତ ସମାଜ ଗଠନରେ ଶିକ୍ଷା ହିଁ ସହାୟକ ହେବ । ଆମ ପିଲାଏ ଜ୍ଞାନଦୀପ୍ତ ହେବେ ଏବଂ ଦାରିଦ୍ର୍ୟ ଦୂର କରି ଭାରତକୁ ଉନ୍ନତିର ଚରମ ଶିଖରରେ ପହଞ୍ଚାଇବେ ।

(୧୩) ସାର୍ବଜନୀନ ସଂସ୍କୃତ ଶିକ୍ଷା :-

କୁହାଯାଏ ସଂସ୍କୃତ ହି ସବୁ ଭାଷାର ଜନନୀ । ଦେବଭାଷା ସଂସ୍କୃତ ଭିତରେ ରହିଛି ବିବିଧ ସଂସ୍କୃତିର ପାଣ୍ଡୁଲିପି । ଆଜିର ଇଣ୍ଟରନେଟ୍ ଯୁଗରେ ସଂସ୍କୃତ ହି କେବଳ ଭାଷାର ଉପଯୁକ୍ତ ମାଧ୍ୟମ ହୋଇପାରିବ । ଏ ସବୁ ଦୃଷ୍ଟିରୁ ସଂସ୍କୃତ ଭାଷାକୁ ଆରମ୍ଭରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ଅଳ୍ପ ଅଳ୍ପ କରି ପଢ଼ାଇଲେ ଧିରେ ଧିରେ ଭାରତୀୟ ଜ୍ଞନ ବିଜ୍ଞାନର ପରିସର ମଧ୍ୟରେ ପିଲାଏ ପ୍ରବେଶ କରିବା ସୁବିଧାଜନକ ହେବ ଏବଂ ଆମେ ଏକ ସମୃଦ୍ଧ ସଂସ୍କୃତିର ବାର୍ତ୍ତାବହ ହୋଇପାରିବା । ସଂସ୍କୃତ ଶ୍ଲୋକ ମାଧ୍ୟମରେ ନିଜର କଥାକୁ ଜଣେ ଯୁକ୍ତିଯୁକ୍ତ ଭାବରେ ବ୍ୟକ୍ତ କରି ପାରିବ । ଛୋଟ ଶ୍ରେଣୀରୁ ଗୋଟିଏ ଦୁଇଟି କରି ପିଲାଙ୍କୁ ବର୍ଷକୁ ଗୋଟିଏ ଅଧିକା କରି ଦରକାରୀ ସଂସ୍କୃତ ଶ୍ଲୋକ ଶିକ୍ଷା ଦେଲେ ପିଲାଏ ଯଥାର୍ଥ ଶିକ୍ଷିତ ବୋଲାଇ ପାରିବେ ।

(୧୪) ଅପମିଶ୍ରଣ : -

ଆଜି ଯୁଗରେ ଅପମିଶ୍ରଣ ଏକ ସାଧାରଣ କଥା ହୋଇଗଲାଣି । ଖାଦ୍ୟ ପଦାର୍ଥଠାରୁ ଆରମ୍ଭ କରି ରୋଷେଇ ସାମଗ୍ରୀ, ପାନୀୟ ସବୁରେ ଲାଭଖୋର ବ୍ୟବସାୟୀମାନେ ଭେଜାଲ କରି ଚାଲିଛନ୍ତି । ଏହାକୁ ଜାଣିବାପାଇଁ ସାଧାରଣ ବିଦ୍ୟା ଶିକ୍ଷାଦେଲେ, ପିଲାଏ ସଚେତନ

 Magazine Downloaded from www.aahwaan.com

ହେବେ ଏବଂ ଏହାକୁ ବିରୋଧ କରିପାରିବେ ।

(୧୫) ରାସାୟନିକ ସଂରକ୍ଷଣ ବନାମ ପ୍ରାକୃତିକ ସଂରକ୍ଷଣ : -

ଆଜିକାଲି ଖାଦ୍ୟ ପଦାର୍ଥ ରୋଷେଇ ସାମଗ୍ରୀ ଏବଂ ପାନୀୟ ଇତ୍ୟାଦିକୁ ସଂରକ୍ଷଣ କରି ରଖିବାପାଇଁ ବିଭିନ୍ନ ରାସାୟନିକ ଓ ପ୍ରାକୃତିକ ସଂରକ୍ଷକ ପ୍ରୟୋଗ କରାଯାଉଛି । ଏଥିରେ ଜୀବାଣୂ ନାଶକ ଗୁଣ ରହିଛି । ପ୍ରଶ୍ନ ଉଠେ ଏ ସବୁ ଆମ ସ୍ୱାସ୍ଥ୍ୟପାଇଁ ହିତକାରୀ କି ଅହିତକାରୀ ? ଶିକ୍ଷାକ୍ଷେତ୍ରରେ ପିଲାଦିନରୁ ଏ ସମ୍ବନ୍ଧରେ ପଢ଼ାହେଲେ ସମାଜର ମଙ୍ଗଳ ସାଧିତ ହେବ, ଏକ ସୁସ୍ଥ ସମାଜ ଗଢ଼ା ହେବ । ଚାଉଳରେ ପୋକ ନ ହେବାପାଇଁ ରାସାୟନିକ ସଂରକ୍ଷଣ ନ ଦେଇ ଅଳ୍ପ ସୋରିଷ ତେଲ ପ୍ରୟୋଗ କରିଲେ ପୋକ ଧରନ୍ତିନି । ସେମିତି ଘରେ ବା ବିଛଣା ପତ୍ରରେ ପିମ୍ପୁଡ଼ି ହେଲେ ସାମାନ୍ୟ ସୋରିଷ ତେଲ ପ୍ରୟୋଗ କଲେ ସେ ବାସ୍ନାରେ ପିମ୍ପୁଡ଼ିମାନେ ତତ୍‌କ୍ଷଣାତ୍ ଉଭାନ ହୋଇଯିବେ ।

(୧୬) ଛୋଟ ଅର୍ଥନୈତିକ ବଗିଚା : -

ଛୋଟ ଦିନରୁ ସ୍କୁଲରେ ଘରେ ରୋଷେଇ ପାଇଁ ଆବଶ୍ୟକୀୟ ପନିପାରିବା ଗଛ ଚିହ୍ନଟ କରି ପିଲାଙ୍କୁ ଶିଷା ଦେଲେ ସେମାନେ ବାଡ଼ିବଗିଚାରେ ଏପରିକି ଛାତ ଉପରେ କୁଣ୍ଡରେ ବିବିଧ ଗଛ ଲଗାଇବେ । ଏ ଶ୍ରେଣୀରେ କୁନ୍ଦୁରୀ, କଲରା, ଜହ୍ନି, ଭେଣ୍ଡି, ଅମୃତଭଣ୍ଡା, କଦଳୀ ଓ ଭିନ୍ନ ଭିନ୍ନ ଶାଗ ବିଷୟରେ ଆଲୋଚନା କରାଯାଇ ପାରେ । ଛୋଟ ଦିନରୁ ଗୋଟିଏ ଦୁଇଟିକରି ପିଲାଟି ବୃକ୍ଷରୋପଣ କଲେ ହୁଏତ ୫/୧୦ ବର୍ଷରେ ଘରେ ଗୋଟିଏ ଛୋଟ ବଗିଚା ତିଆରି ହେବ । ସେଠି ଅନ୍ୟାନ୍ୟ ଫୁଲଫଳ ବି ଲଗାଇବାକୁ ଆଗ୍ରହ ହେବ । ଏହା ଜରୁରୀ ସମୟରେ ଘରର ଆବଶ୍ୟକତା ମେଣ୍ଟାଇବ । ଘରର ଅର୍ଥନୈତିକ ଦିଗରେ ପିଇଲାଏ ଏମିତି ଭାଗିଦାର ହୋଇପାରିବେ ।

ଶେଷ କଥା:

ଏମିତି ଶିକ୍ଷା ପ୍ରଣାଳୀରେ ଏହି ପ୍ରକାର ଛୋଟ ଛୋଟ ପରିବର୍ତ୍ତନ ଅଣାହେଲେ ଖୁବ୍ କମ ସମୟ ମଧ୍ୟରେ ଶିକ୍ଷାର ପାଠ୍ୟକ୍ରମ ବା କୋର୍ସ୍ ମିକ୍ସ ସମୃଦ୍ଧ ହୋଇପାରିବ ଏବଂ ଏହାକୁ ପାଠପଢ଼ି ଅତି କମ ନମ୍ବର ରଖୁଥିବା ପିଲାଟି ମଧ୍ୟ ନିଜକୁ ସ୍ୱାବଲମ୍ବୀ ମନେ କରିବ ଏବଂ ଧିରେ ଧିରେ ତା ଅସହାୟତା ଦୂର ହେବ ଏବଂ ସେ ଚାକିରୀ ସର୍ବସ୍ୱ ନ ହୋଇ ନିଜଉପରେ ନିର୍ଭରଶୀଳ ହେବ ଏବଂ ଦେଶର ସମଷ୍ଟିଗତ ଉତ୍ପାଦନରେ ଭାଗିଦାର ହୋଇ ଦେଶରୁ ଦାରିଦ୍ର୍ୟ ଦୂର କରିବାରେ ସହାୟକ ହେବ । ଭିସିଅସ୍ ସର୍କଲ୍ ଅଫ୍ ପୋଭେର୍ଟିକୁ ଭାଙ୍ଗି ଛିନଛତ୍ର କରି ଆଜିର ଛାତ୍ର ଏକ ନୂଆ ଶୁଭ ସକାଳକୁ ଏଇ ଦେଶକୁ ସ୍ୱାଗତ କରି ନେଇ ଆସିବ । ଏମିତି ଆମର ଅନେକ ଆଶା, ଯେହେତୁ ଏ କ୍ଷେତ୍ରରେ ସମ୍ଭାବନା ବି ବହୁତ ।

ଶେଷରେ ଭଗବାନଙ୍କ ପାଖରେ ମିନତୀ, ଶିକ୍ଷା ବ୍ୟବସ୍ଥାର ସଂସ୍କାର ପାଇଁ ସେ ଆମକୁ ସହାୟ ହୁଅନ୍ତୁ ଓ ଦେଶରେ ଏକ ନବଜାଗରଣ ହେଉ ।

ଗ୍ରା:ମାନପୁର, ପୋ: ଗୋବର୍ଦ୍ଧନପୁର, ଯାଜପୁର,

ଭ୍ରାମ୍ୟଭାଷ : ୮୭୬୩୭୫୫୫୮୧

 Magazine Downloaded from www.aahwaan.com

ରଜ : ରଜୋଗୁଣର ନିୟନ୍ତ୍ରକ ଓ ଅନ୍ତଃ ଅଭିପ୍ରେରକ

ରଜୋଗୁଣ ରାଗାତ୍ମକ, ଏହା ତୃଷ୍ଣା ଓ ଆସକ୍ତିରୁ ଜନ୍ମିଥାଏ । ମନୁଷ୍ୟ ପାଖରେ ରଜୋଗୁଣ ବୃଦ୍ଧି ଲାଭକଲେ ଲୋଭ ପ୍ରବୃତ୍ତି, ବିଷୟ ଲିପ୍ସା ଓ ଅଶାନ୍ତି ଜନ୍ମେ ଓ ଶେଷରେ ଦୁଃଖରେ ପରିଣତ ହୁଏ । ରଜୋ ଗୁଣରୁ ଲୋଭ ଜନ୍ମେ । ଆମେ ସ୍ୱାର୍ଥ ପାଇଁ ଉଭୟ ଲକ୍ଷ୍ମୀ ଓ ମଉଜ ଦରକାର କରନ୍ତି କିନ୍ତୁ ବିବେକକୁ ନିଷ୍କ୍ରିୟ କରିଦେବା ଦ୍ୱାରା ମାନବିକତାର କ୍ଷୟ ହୁଏ ଓ ସବୁଠୁ ଅଧିକ କ୍ଷତି ନିଜର ହିଁ ହୋଇଥାଏ, ସେ କଥାକୁ ଏ ମଣିଷ ଭୁଲିଯାଇଥାଏ । ଆଉ ରାତିପାହି ଶୁକ୍ରବାର ହେଲେ ଶହ ଶହ ଛେଳି କୁକୁଡ଼ା କାଟି ପକାଏ । ନାରୀ ନୂତନ ସୃଷ୍ଟିର ସ୍ରଷ୍ଟା, ତାଙ୍କୁ ଜୀବନ କୌଶଳର ଶିକ୍ଷା ଦେବା ପରିବର୍ତ୍ତେ ଆମେ ଅସମ୍ମାନ କରୁଛେ କିନ୍ତୁ ସ୍ୱାର୍ଥ ପାଇଁ ରଜସ୍ୱଳା ପୃଥିବୀକୁ ପୂଜା କରୁଛେ ।

ପ୍ରଫୁଲ୍ଲ କୁମାର ଗୋଚ୍ଛାୟତ

ରଜ, ଓଡ଼ିଆ ପରମ୍ପରାର ଏକ ଅନ୍ୟତମ ପର୍ବ ଯାହା ଆବହମାନ କାଳରୁ ଓଡ଼ିଶାର ପୁରପଲ୍ଲୀରେ ଖୁବ୍ ଯାକଜମକରେ ପାଳିତ ହୋଇ ଆସୁଛି । ରଜ ଶବ୍ଦର ଉତ୍ପତ୍ତି, ରାଜନ ଧାତୁରୁ ଆସିଅଛି, ଯାହାର ଅର୍ଥ ହେଉଛି ରଙ୍ଗ ଲଗାଇବା । ରଜ ପର୍ବ ସହିତ ଏହାର ପ୍ରତ୍ୟକ୍ଷ ସମ୍ବନ୍ଧ ନଥିଲେ ମଧ୍ୟ ପରୋକ୍ଷରେ ରହିଛି । ମନରେ ରଙ୍ଗ ଲାଗିବା ଓ ମନ ଆନନ୍ଦିତ ହେବା ସାହିତ୍ୟିକ ମାନଙ୍କର ପରିକଳ୍ପନାରେ ସମାନ ଅର୍ଥ

 Magazine Downloaded from www.aahwaan.com

ରଖେ । ସୌରମାନ ଜ୍ୟେଷ୍ଠ, ଅର୍ଥାତ ବୃଷ ମାସର ମାସାନ୍ତ ବା ଶେଷ ଦିନ ଓ ଆଷାଢ଼ ବା ମିଥୁନ ମାସର ସଂକ୍ରାନ୍ତି ବା ପ୍ରଥମ ଦିନ ଓ ତହିଁ ପରଦିନକୁ ରଜପର୍ବ କୁହାଯାଏ । ଏହି ତିନିଦିନ ପୃଥିବୀ ରଜସ୍ୱଳା ହେବାର ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି । ଏହି ତିନିଦିନ ହଳ, ଖନନ, ବୀଜବପନ ଓ କୃଷିକାର୍ଯ୍ୟ ନିଷିଦ୍ଧ ହୋଇଥାଏ । ସ୍ତ୍ରୀ ଲୋକମାନେ ଏହି ତିନିଦିନ ରୋଷେଇ କରନ୍ତି ନାହିଁ । ଭୂମି ଉପରେ ଖାଲି ପାଦରେ ଚାଲନ୍ତି ନାହିଁ । ଶାସ୍ତ୍ରରେ ଅଛି;

“ବୃଷ୍ୟାନ୍ତେ ମିଥୁନସ୍ୟାଦେୟୀ ତତଦ୍ୱିତୀୟେ ଦିନ ତ୍ରୟନ

ରଜସ୍ୱଳା ସ୍ୟାତ ପୃଥିବୀ କୃଷିକର୍ମ ବିଗର୍ହିତଙ୍ଗ ।”

ଲୁଡ଼ୋ, କବାଡ଼ି, ତାସପାଲି, ପୁଚି ଇତ୍ୟାଦି ଖେଳରେ ସମସ୍ତେ ଏହି ତିନିଦିନ ମଜ୍ଜି ରହିଥାନ୍ତି । ପିଠାପଣା, ଆମ୍ବ ଓ ପଣସ ବାସ୍ନାରେ ଗାଁ ଦାଣ୍ଡ ମହକି ଉଠେ । ସମୟର ସୁଅରେ ଆମେ ଆଜି ଭୁଲିଯାଇଛୁ ଆମର ପ୍ରକୃତ ପରିଚୟ । ଆମେ ନିଜ ହାତରେ ନିଜେ ଆମ ବିବେକର ବେକ ମୋଡ଼ି ଚାଲିଛୁ ଆମ୍ଭେ, ଅର୍ଥାତ୍ ଏହି ପର୍ବ ଆଜିକା ଦିନରେ କ୍ରମଶଃ ହିଂସ୍ରତାକୁ ପ୍ରଶ୍ରୟ ଦେଇ ଚାଲିଛି । ଶାସ୍ତ୍ରପୁରାଣ, ପ୍ରଥା-ପରମ୍ପରାକୁ ଭୁଲିଯାଇ ଆମେ ଭୁଲ କରୁନାହୁଁ ତ ? ବାସ୍ତବିକ ପାଠକ ବନ୍ଧୁ, ଏହି ପର୍ବ କେବଳ ଆମର ସଉକ ଓ କ୍ଷଣିକ ଆନନ୍ଦ ମଧ୍ୟରେ ସୀମିତ ନ ରହି ମୁଖ୍ୟତଃ ତିନିଟି ଦିଗ ପ୍ରତି ଗୁରୁତ୍ୱ ରଖି ପାଳିତ ହେବାର ଆବଶ୍ୟକ କରେ ଯଥା; ଜୀବନଚର୍ଯ୍ୟାରୁ କୁସଂସ୍କାରର ଦୂରୀଭୂତକରଣ, ପରିବେଶ ଅନୁଚିନ୍ତା, ରଜୋ ଗୁଣର ନିୟନ୍ତ୍ରଣ ।

ପ୍ରଶ୍ନ ଉଠେ ରଜ ପର୍ବ ସହ ଏହାର ସାମଞ୍ଜସ୍ୟ କଣ ? ଯଦି ଆମେ ଉକ୍ତ ପର୍ବର ମହତ୍ୱକୁ ଖୁବ୍ ଗଭୀର ଭାବରେ ଅନୁଧ୍ୟାନ କରିବା ଏବଂ ସମ୍ପର୍କିତ କରିବା ତେବେ ନିଶ୍ଚିତ ଆମେ ଦୃଢ଼ ଚିତ୍ତରେ କହିବା ଯେ ଉକ୍ତ ପର୍ବର ପ୍ରଗତି ଓ ସଂସ୍କାର ସହ ସାମଞ୍ଜସ୍ୟ ରହିଛି

ତଥା ମୌଳିକତା ରୂପରେ ପ୍ରଚ୍ଛଦ ପଟ୍ଟରେ ଜୀବନଚର୍ଯ୍ୟାରୁ କୁସଂସ୍କାରର ଦୂରୀଭୂତକରଣ, ପରିବେଶ ଅନୁଚିନ୍ତା, ରଜୋଗୁଣର ନିୟନ୍ତ୍ରଣ ଆଦି ସାରାଂଶ ରହିଛି । ଶାସ୍ତ୍ର କହେ ଦେହକୁ ସତ୍ତ୍ୱ, ରଜ, ତମ ଗୁଣ ଙ୍କାନରେ ଓ ପ୍ରମାଦରେ ନିଯୁକ୍ତ କରାଏ । ଏହି ତିନୋଟି ଗୁଣ ଜୀବ ପ୍ରକୃତିରୁ ଜାତ । ରଜୋଗୁଣ ରାଗାତ୍ମକ, ଏହା ତୃଷ୍ଣା ଓ ଆସକ୍ତିରୁ ଜନ୍ମିଥାଏ । ମନୁଷ୍ୟ ପାଖରେ ରଜୋଗୁଣ ବୃଦ୍ଧି ଲାଭକଲେ ଲୋଭ ପ୍ରବୃତ୍ତି, ବିଷୟ ଲିପ୍ସା ଓ ଅଶାନ୍ତି ଜନ୍ମେ ଓ ଶେଷରେ ଦୁଃଖରେ ପରିଣତ ହୁଏ । ରଜୋ ଗୁଣରୁ ଲୋଭ ଜନ୍ମେ । ଅତିବଡ଼ୀ ଜଗନ୍ନାଥ ଦାସ ଭାଗବତରେ ଲେଖିଛନ୍ତି;

“କାମ ବ୍ୟାପାର ତୃଷ୍ଣା ମଦ ସର୍ବସକଳ ମତିଭେଦ
ଯଶ ପ୍ରତିଷ୍ଠା ସୁଖ ଇଚ୍ଛା ଲୋଭେ ଦେବତା ମନ୍ତ୍ରଦୀକ୍ଷା ।
ଉଦ୍ୟମ ବୀର୍ଯ୍ୟ ପରିହାସ ରୁନେ ଉତ୍ସାହ ସ୍ଥୁବ୍ଧିଆସ ।”

ମାନବ ସମାଜ ଯଥେଷ୍ଟ ଜାଗ୍ରତ ରହିଲେ ଲୋଭ, ଅତ୍ୟଧିକ ମାୟା, ବିଳାସ ପଛରେ ମୃଗତୃଷ୍ଣା ଦୌଡ଼ ନ ଦଉଡ଼ି ବାସ୍ତବ ସୁଖ ଓ ଶାନ୍ତି ପ୍ରାପ୍ତ ହେବ । ଗୋଟିଏ ଉଦାହରଣ ନେଇ ବୁଝିବାକୁ ଗଲେ ଆମେ ନିଶ୍ଚେ ବୁଝିଯିବା ଯେ ଆମେ କାହିଁକି ଏପରି ଭାବୁ । ଲୋକଟିଏ ମନ ଦୁଃଖରେ କହେ, ଯେ ଏଥର ଗୁରୁବାରରେ ରଜଟା ପଡ଼ିଗଲା, ଆମିଷ ଖାଇ ହେବନାହିଁ । ଦେଖନ୍ତୁ, ଗୋଟିଏ ପଟେ ସେ ଲୋକ ଗୁରୁବାର ଅର୍ଥାତ ଲକ୍ଷ୍ମୀଙ୍କୁ ଚିନ୍ତୁଛି ଅର୍ଥାତ ଜୀବହତ୍ୟା କଥା ଚିନ୍ତା କରୁନାହିଁ । ସ୍ୱାର୍ଥ ପାଇଁ ଉଭୟ ଲକ୍ଷ୍ମୀ ଓ ମଉଜ ଦରକାର କିନ୍ତୁ ବିବେକକୁ ନିଷ୍କ୍ରିୟ କରିଦେବା ଦ୍ୱାରା ମାନବିକତା କ୍ଷୟ ହୁଏ ଏବଂ ସବୁଠୁ ଅଧିକ କ୍ଷତି ନିଜର ହିଁ ହୋଇଥାଏ, ସେ କଥାକୁ ମନୁଷ୍ୟ ଭୁଲି ଯାଇଥାଏ ଆଉ ରାତି ପାହି ଶୁକ୍ରବାର ହେଲେ ଶହ ଶହ ଛେଳି କୁକୁଡ଼ା କାଟି ପକାଏ । ବାସ୍ତବରେ ରଜ ମଉଜ କଣ ଏହି ଅନିୟନ୍ତ୍ରିତ ରଜୋ-ଗୁଣର

 Magazine Downloaded from www.aahwaan.com

ନଉକାରେ ସମୟ ନଦୀକୁ ପାରି ହେଉଥିବ ? ଆମକୁ ଚିନ୍ତନ ଓ ମାନସିକତାରେ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେବାରେ ସମୟ ଖର୍ଚ୍ଚ କରିବାର ସମୟ ଆସିଛି ।

ଓଡ଼ିଶା ଏକ ରକ୍ଷଣଶୀଳ ସମାଜର ସଂସ୍କୃତିକୁ ବହନ କରି ଆସିଛି କିନ୍ତୁ ସଂସ୍କାର ମଧ୍ୟରେ ଅପସଂସ୍କୃତି ଓ ଅନ୍ଧବିଶ୍ୱାସକୁ ପ୍ରଶ୍ରୟ ଦେଇ ଆଜି ଭୁଲ ମଧ୍ୟ କରିଚାଲିଛି । ଅର୍ଥାତ ରଜ ପର୍ବରେ ରଜସ୍ୱଳା ବସୁମତୀକୁ ସ୍ନାନ କରାଇ ଧୂପ, ଦୀପ, ଚନ୍ଦନ, ଚୁଆ ଓ ହଳଦୀ ଦେଇ ପୂଜା କରୁଛୁ । ଶ୍ରଦ୍ଧା ଓ ଖୁସିରେ କୃଷକର ଆନନ୍ଦ କହିଲେ ନ ସରେ କାରଣ ରଜସ୍ୱଳା ବସୁଧା ଆଜି ଉତ୍ପାଦନକ୍ଷମ । ବିଚରା ଝିଅଟିଏ ରଜସ୍ୱଳା ହେଲେ, ତା ପାଇଁ ଅନେକ ବାରଣ ବ୍ୟବସ୍ଥା ମଧ୍ୟ ଆମ ସମାଜରେ ଅଛି । ବାସ୍ତବରେ ଏହି ସ୍ଥିତିରେ ଝିଅଟି ପରିଷ୍କାର, ପରିଚ୍ଛନ୍ନତାର ଶିକ୍ଷା ପ୍ରାପ୍ତ ହେବା ଉଚିତ । କେଉଁ ଏକ ପତ୍ରିକାରେ ପଢ଼ିଥିଲି ଯେ ଗୋଟିଏ ପ୍ରତିଷ୍ଠାନରେ ରଜସ୍ୱଳା ମହିଳା ମାନଙ୍କୁ ଚିହ୍ନଟ କରିବାପାଇଁ ମୁଖ୍ୟ ଫାଟକରେ ଯନ୍ତ୍ରଟିଏର ବ୍ୟବସ୍ଥା କରି ଦିଆଯାଇଛି । ଏହା ମହିଳା ସମାଜପ୍ରତି ଅସମ୍ମାନର କଥାଟିଏ । ନାରୀ ନୂତନ ସୃଷ୍ଟିର ସ୍ରଷ୍ଟା, ତାଙ୍କୁ ଜୀବନ କୌଶଳର ଶିକ୍ଷା ଦେବା ପରିବର୍ତ୍ତେ ଆମେ ଅସମ୍ମାନ କରୁଛେ, କିନ୍ତୁ ସ୍ୱାର୍ଥପାଇଁ ରଜସ୍ୱଳା ପୃଥିବୀକୁ ପୂଜା କରୁଛେ ।

ଓଡ଼ିଶାରେ ଏହା ଏକ ଅନ୍ୟତମ ପର୍ବ ଯେଉଁଥିରେ କର୍ମରୁ ବିରତିପ୍ରାପ୍ତ ମାନବ ସମାଜ ଏକତ୍ରିତ ହୋଇ ଅନୁଚିନ୍ତା କରିବାର ସୁଯୋଗ ପାଇଥାଏ । ରଜରେ ଧରିତ୍ରୀମାତାର ସୁଖ ନିଦ୍ରାରେ ବ୍ୟାଘାତ ନ ଆଣି ଅର୍ଥାତ ଶବ୍ଦପ୍ରଦୁଷଣ ନ କରି ଘୃତଦାହ, ଓ ପୂଜା ହୋମରେ ମନ ଯୋଗ କରିବାରେ ବିଶ୍ୱର ମଙ୍ଗଳ ସାଧିତ ହୋଇଥାଏ । ଜୀବହତ୍ୟା କରି ନୃଶଂସତାର ସାମାଜିକ ପରିବେଶ ସୃଷ୍ଟି ନ କରି ଶାନ୍ତିପ୍ରିୟ କାର୍ଯ୍ୟକରି ତଥା ପରିବେଶ ସମ୍ବନ୍ଧୀୟ ନିଷ୍ପତ୍ତି ନେବାଦ୍ୱାରା ଉଭୟ ସାମାଜିକ, ଭୌତିକ ପରିବେଶର ବିକାଶ ସଙ୍ଗେ ସଙ୍ଗେ ସାରା ସମାଜକୁ

ଅଦୃଶ୍ୟ କ୍ଷତିରୁ ବଞ୍ଚାଇବାକୁ ଚେଷ୍ଟା କରାଯାଇପାରେ । ବାସ୍ତବିକ ଆମେ, ରଜପର୍ବର ମହତ ଓ ମହତ୍ତ୍ୱଭାବରେ ଏହି ତିନି କଥାରେ ନିଜକୁ ନିୟୋଜିତ କରିବା ଦ୍ୱାରା ସମସ୍ତଙ୍କ ମନରେ ରଜ ଏକ ପ୍ରେରଣା ଓ ଅନ୍ତଃ ଅଭିପ୍ରେରଣ ସୃଷ୍ଟିକାରୀ ମାଧ୍ୟମ ରୂପେ ଅଭିହିତ ହେବ ଏବଂ ସାରା ବିଶ୍ୱପାଇଁ ପ୍ରଗତି ଓ ସୁସ୍ଥତାର ଏକ ଉତ୍‌ପ୍ରେରକ ରୂପେ କାର୍ଯ୍ୟ କରିବା ଯାହାକି ଆମକୁ ଏକ ଦୃଢ଼ ଭବିଷ୍ୟତ ଆଡ଼କୁ ଆଗେଇ ନେବ । ଏ ସମସ୍ତ କାର୍ଯ୍ୟକରି ଆମେ ଭାତୃତ୍ୱବୋଧର ଝୁଲଣାରେ ଝୁଲିଲେ, ଦିନକ ପାଇଁ ନୁହେଁ, ବରଂ ସାରା ଜୀବନ ରଜ ପରି ଲାଗିବ ।

ଶିକ୍ଷକ ପ୍ରଶିକ୍ଷକ, ଶିକ୍ଷକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ମୟୁରଭଞ୍ଜ, ବାରିପଦା

ଭ୍ରାମ୍ୟଭାଷ : ୯୧୭୮୧୧୦୧୮

 Magazine Downloaded from www.aahwaan.com

ମନ ମନ୍ଦିରରେ ଆନନ୍ଦ ଆରତୀ

ସଂସାରେ ପ୍ରଜା କହିଲେ କେବଳ ମନୁଷ୍ୟମାନଙ୍କୁ ବୁଝାଏ ନାହିଁ । ଯାହା ଦୃଶ୍ୟ କିମ୍ବା ଅଦୃଶ୍ୟ, ଚଳ କିମ୍ବା ଅଚଳ, ଜୀବନ୍ତ କିମ୍ବା ଜଡ - ସବୁ ହେଉଛନ୍ତି ପ୍ରଜା । ତାରି ଭିତରେ ଆମ ଭଳି ପ୍ରଜାମାନେ ବି ଗଣତି ହୁଅନ୍ତି । ପ୍ରଭୁ ପରମେଶ ଶ୍ରୀଜଗନ୍ନାଥ ହେଉଛନ୍ତି ଏହି ସମସ୍ତ ପ୍ରଜାମାନଙ୍କ ପିତାମାତା । ସେଥିପାଇଁ ସେ ସମସ୍ତଙ୍କର ପ୍ରାଣ ଠାରୁ ପ୍ରିୟ ବନ୍ଧୁ । ସତରେ କଣ ସେ ପ୍ରାଣଠାରୁ ପ୍ରିୟ ? ହଁ, ଅନୁଭବ ସିଦ୍ଧ ହେଲେ ତାହା ଜଣାପଡେ । ସମସ୍ତଙ୍କ ମଧ୍ୟରେ ଆତ୍ମା ଭାବେ ସେ ବିଦ୍ୟମାନ ଅଛନ୍ତି । ବିଦ୍ୟାର ଅଧିପତି ଭାବେ ଆମ୍ଭମାନଙ୍କୁ ଆତ୍ମକଲ୍ୟାଣର ମାର୍ଗ ଦେଖାଉଛନ୍ତି । ଏହି ସମଗ୍ର ସଂସାରରେ ଆମକୁ ଯାହା ଜନ ଓ ଧନ ବୋଲି ପ୍ରତୀତ ହେଉଛି, ତାହା ଧନମଣିଙ୍କ ଅବଦାନ । ତେଣୁ ଶ୍ରଦ୍ଧାଳୁ ଯେତେବେଳେ ଅବଗତ ହୁଏ, ସବୁତ ପ୍ରଭୁ ଜଗନ୍ନାଥ, ସେତେବେଳେ ହିଁ ସେ ଜଗନ୍ନାଥଙ୍କୁ ପ୍ରାଣଠାରୁ ଅଧିକ ପ୍ରେମ କରେ ।

ଶ୍ରୀ ଅଖଣ୍ଡ

ପୁଣି ସେ ଅନୁପମ ରୂପ ଦେଖି ଭକ୍ତ ମୋହିତ ହୁଏ । ମୃଦୁମନ୍ଦ ହସ ମନରେ ଆନନ୍ଦର ଜୁଆର ସୃଷ୍ଟି କରେ । ମଧୁର ଶ୍ରୀମୁଖ ଦେଖି ଭକ୍ତକୁ କୋଟିନିଧି ପାଇଲା ପରି ଅନୁଭବ ଆସେ । ଶୁଭାଙ୍ଗ ଶ୍ୟାମଳ ହୋଇବି ସର୍ବାଙ୍ଗ ଏତେ ସୁନ୍ଦର ଯେ ଥରକରେ ଆଖିପୂରେ ନାହିଁ । ପ୍ରତି ମୂହୂର୍ତ୍ତରେ ଦେଖିବାକୁ ଇଚ୍ଛାହୁଏ ମୋ ପ୍ରଭୁଙ୍କୁ । ମୋ ଆଖିରେ ସବୁବେଳେ ନାଚିଉଠେ ନର ନାରାୟଣଙ୍କ ପଦ୍ମଲୋଚନ ଚକାନୟନ । ନିତ୍ୟ ନିରଂଜନଙ୍କ ରୂପ ଯେତେଥର ଦେଖିଲେ ବି ନୂଆ ଲାଗୁଥାଏ । ନୂଆ ଉନ୍ମାଦନା ସୃଷ୍ଟି ହୁଏ । ପ୍ରଭୁ କଣ ପୁରୁଣା ହୁଅନ୍ତି ? ନିତ୍ୟ ନୂଆ ନୂଆ

ରୂପରେ ଭକ୍ତକୁ ଦର୍ଶନ ଦେବାରେ ତ ତାଙ୍କର ଆନନ୍ଦ ।

ପ୍ରଭୁଙ୍କ ସହ ଭକ୍ତର ମାନସ ମିଳନ ହୁଏ । ମନ ଓ ହୃଦୟରେ ମିଳନ ହୁଏ । ସେତିକିବେଳେ ଆନନ୍ଦ ରୂପକ ଆରତୀ କରି ପ୍ରଭୁଙ୍କୁ ସମର୍ପଣ କରେ । ପ୍ରଭୁଙ୍କ ଦର୍ଶନ ଫଳରେ ସୃଷ୍ଟି ହେଉଥିବା ଆନନ୍ଦ ଲହରୀ ମାଧ୍ୟମରେ ହୁଏ ଏହି ଆରତୀ । ମୁକୁନ୍ଦ ମୁରାରୀ ମନର ସବୁ ବିକାର ଓ ଯନ୍ତ୍ରଣା ଦୂର କରନ୍ତି । ପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦ ଅନୁଭବ କରିବା ହିଁ ଭକ୍ତ ପାଇଁ ଯଜ୍ଞ । ଯଜ୍ଞେଶ୍ୱର, କରୁଣାବତାର, ଜଗତର ଜନକ ଓ ଜଗତ ଠାକୁର ହେଉଛନ୍ତି ଏହି ଯଜ୍ଞର ମୂଳାଧାରା, କାରଣ ଓ କାରକ ମଧ୍ୟ । ସେଠି ଆଉ କଣ ଦରକାର ହେବ ଯେ ! ଭଗବାନଙ୍କ ସାକାର ରୂପକୁ ଦେଖିବା ପାଇଁ ପୂଜାପୀଠ ସ୍ଥଳୀ ଯିବା ହୁଏତ ସବୁବେଳେ ସମ୍ଭବ ହୋଇନପାରେ । କିନ୍ତୁ ସଦାସର୍ବଦା ପ୍ରଭୁଙ୍କ ପାଇଁ ମନମନ୍ଦିରରେ ଆନନ୍ଦ ଯଜ୍ଞ କରିବା ଅତି ସହଜ । ଅନେକ କରୁଛନ୍ତି । ଯେଉଁମାନେ କରୁନାହାନ୍ତି, ସେମାନେ ଆରମ୍ଭ କରନ୍ତୁ ।

ଯେମିତି ଫୁଲରୁ ଭ୍ରମର ପରାଗ ସଂଗ୍ରହ କରି ଆନନ୍ଦ ପାଏ, ସେହିପରି ପ୍ରଭୁ ପାଦପଦ୍ମର ପରାଗ ସ୍ପର୍ଶ କରି ଆନନ୍ଦ ଓ ବିଭୋର ହୁଏ ଶ୍ରଦ୍ଧାଳୁ । ପ୍ରିୟ ପରମାତ୍ମା ହେଉଛନ୍ତି ପରମ ପୁରୁଷ ଅର୍ଥାତ୍ ଯେ କେବଳ ଶ୍ରେଷ୍ଠ ନୁହଁନ୍ତି, ଆମ ଆଖିରେ ଦେଖାଯାଉଥିବା ସବୁ ଶ୍ରେଷ୍ଠମାନଙ୍କର ମଧ୍ୟ ଯେ ସୃଷ୍ଟିର କାରଣ । ତାଙ୍କୁ ଆମେ କଣ ଦେଇ ଅବା ସନ୍ତୁଷ୍ଟ କରିବା ? ସେ କଣ ବା ଚାହାନ୍ତି ? ଆମର ଆନନ୍ଦ ପାଇଁ ଆମେ ତାଙ୍କୁ ଆରଧାନା କରିବା, ପୂଜାର୍ଚ୍ଚନା କରିବା । ଆନନ୍ଦ ଯଜ୍ଞ ପାଇଁ ପ୍ରଭୁ ଆରଧନା ହିଁ ଆବାହନୀ ମନ୍ତ୍ର ରୂପେ କାର୍ଯ୍ୟ କରିବ । ସେଥିରେ ହିଁ ପ୍ରଭୁ ମୋହିତ ହୁଅନ୍ତି । ଆମେ ଏହାକୁ ଅନୁଭବ କରି ପ୍ରୟୋଗ କରି ଦେଖିବା ଓ ଜୀବନରେ ଦିବ୍ୟ ପରିବର୍ତ୍ତନ ଜାଣିପାରିବା ।

ଦୀକ୍ଷା ମିଶନ, ପିପିଲି, ପୁରୀ, ମୋ – ୭୦୦୮୮୧୬୮୯୧

 Magazine Downloaded from www.aahwaan.com

ସଡକ ଦୁର୍ଘଟଣା

ସଡକ ଦୁର୍ଘଟଣାର କାରଣ ଓ ନିରାକରଣ

ଏବେ ସଡ଼କ ଦୁର୍ଘଟଣା ସବୁଠାରୁ ଚିନ୍ତାର କାରଣ ହୋଇଛି । ସଡ଼କ ଦୁର୍ଘଟଣା ଏକ ଅତି ସାଧାରଣ କଥାରେ ପରିଣତ ହୋଇ ଯାଇଛି । ପରିସ୍ଥିତି ଏପରି ହେଲାଣି ଯେ ସଡ଼କ ଦୁର୍ଘଟଣା କଥା ଶୁଣି ଶୁଣି ଆମେ ଏପରି ଅଭ୍ୟସ୍ଥ ହୋଇଗଲୁଣି ଯେ ତା'ର ଭୟାବହତାକୁ ଆଉ ଉତ୍ତମ ରୂପେ ବୁଝିବାକୁ ସକ୍ଷମ ହେଉନାହୁଁ । କିନ୍ତୁ ଯେତେବେଳେ କୌଣସି ନିଜ ଲୋକ ସଡ଼କ ଦୁର୍ଘଟଣାରେ ଆହତ ହେବାର ଖବର ପାଉ ସେତେବେଳେ ଆମେ ଅତ୍ୟଧିକ ବିଚଳିତ ହୋଇଯାଉ । ନିଜ ଲୋକଙ୍କର ଦୁର୍ଘଟଣାର ଖବର ମିଳିଲେ ପ୍ରତିଦିନ ଶୁଣୁଥିବା ବା ଖବର କାଗଜରୁ ସଡ଼କ ଦୁର୍ଘଟଣାର ଖବର ପାଇଁ ଯେମିତି ବୀତସ୍ପୃହ ହୋଇ ଚୁପ ରହିଯାଉଥିଲୁ ସେପରି ହୁଏ ନାହିଁ ଆଉ ଆମେ ଅତି ଦୁଃଖରେ ଭାଙ୍ଗିପଡୁ । କହିବାର ଉଦ୍ଦେଶ୍ୟ ହେଲା ଯେ ଆମକୁ ପ୍ରତି ସଡ଼କ ଦୁର୍ଘଟଣାକୁ ଅତି ଗମ୍ଭୀର ସମସ୍ୟା ରୂପେ ଭାବି, ତା'ର କାରଣ ଅନୁସନ୍ଧାନ କରି ଯଦି ହୁଏ ତେବେ ତା'ର ପ୍ରତିକାର କରିବା ଉଚିତ ।

ଶ୍ରୀ ରମା କାନ୍ତ ମିଶ୍ର

ସଡ଼କ ଦୁର୍ଘଟଣା କେବେବି କାହାରି ସହିତ ହୋଇପାରେ । ସଡ଼କରେ ଯାତାୟାତ କରିବା ସମୟରେ ଆମକୁ ଉପଯୁକ୍ତ ସାବଧାନତାର ସହିତ ଗତି କରିବାକୁ ହେବ, ନଚେତ୍ କିଛିବି ଅଘଟଣ ହୋଇପାରେ ।

ମନେ ରଖିବାକୁ ହେବ ଯେ ପ୍ରତି ଦୁର୍ଘଟଣାର କିଛି କାରଣ ରହିଥାଏ, ବିନା କାରଣରେ ଦୁର୍ଘଟଣା କେବେବି ହୁଏ ନାହିଁ । ତେଣୁ କରି ଆଗରୁ ସୁରକ୍ଷା ପ୍ରତି ଯତ୍ନବାନ ହେଲେ ସବୁ ଦୁର୍ଘଟଣାକୁ ଅତିକ୍ରମ କରାଯାଇ ପାରିବ । ଦୁର୍ଘଟଣା ଘଟିଗଲା ପରେ କାହାରିକୁ ଦୋଷ ଦେଇ ବା ନିଜ ଭାଗ୍ୟକୁ ଦୋଷଦେଲେ କିଛି ବି ହୋଇ ପାରିବନାହିଁ । ବେଳ ଥାଉଥାଉ ନିଜକୁ ମାନସିକ, ଶାରୀରିକ ଏବଂ ଯାନ୍ତ୍ରିକ ଉପାୟରେ ସୁରକ୍ଷିତ ରଖିବାକୁ ହେବ ।

ଅଧୁନା ସମସ୍ତେ ସଡ଼କ ବ୍ୟବହାର କରିବା ପାଇଁ ଏକ ପ୍ରକାର ଭାବରେ ବାଧ୍ୟ କହିଲେ ଚଳେ, କାରଣ ଘରେ ଥାଇ କରି ତ କିଛିବି ହେବନାହିଁ । ପ୍ରତ୍ୟେକ କାର୍ଯ୍ୟ ପାଇଁ ଆମକୁ ଘରୁ ବାହାରି ସଡ଼କ ଉପରକୁ ଯିବାକୁ ହିଁ ହେବ । ଘରଠାରୁ ଯଥେଷ୍ଟ ଦୂରରେ ନିଜର ବ୍ୟବସାୟ କରିବା ପାଇଁ, ଦୈନିକ ନିଜ ଅଫିସକୁ ଯିବା ପାଇଁ, ରୋଜଗାର କରିବା ପାଇଁ, ପିଲାମାନେ ଘରଠାରୁ ଯଥେଷ୍ଟ ଦୂରକୁ ସ୍କୁଲ ଯିବା ପାଇଁ, ପ୍ରତିଦିନ ପ୍ରତ୍ୟେକ ବ୍ୟକ୍ତି ସଡ଼କ ମାର୍ଗକୁ ବ୍ୟବହାର କରନ୍ତି । ସମସ୍ତେ ସବୁ ସମୟରେ ଠିକ୍ ସମୟରେ ପହଂଚିବା ପାଇଁ ଏକ ପ୍ରକାର ପ୍ରତିଯୋଗିତା କରନ୍ତି ସଡ଼କ ଉପରେ । ଶୀଘ୍ର ପହଂଚିବାର ଏହି ମାନସିକ, ଶାରୀରିକ ଏବଂ ଯାନ୍ତ୍ରିକ ପ୍ରକ୍ରିୟାରେ ତିଳେ ମାତ୍ର ଅସନ୍ତୁଳନ ହେଲେ ସଡ଼କ ଉପରେ ଦୁର୍ଘଟଣା ଘଟିଥାଏ ଏବଂ ତାହା ଫଳରେ ଯଥେଷ୍ଟ ଧନ ଓ ଜୀବନ ହାନି ହୋଇଥାଏ ।

ଦୁର୍ଘଟଣାର ଭରଣା ହେଉ ବା ନ ହେଉ କିନ୍ତୁ 'ଦିନଯାଏ ଚିହ୍ନ ରହିଯାଏ' । କାରଣ ଦୁର୍ଘଟଣା ଗୁଡ଼ିକ ଏଭଳି କଷ୍ଟ ଓ କ୍ଷତ ଦେଇଯାଏ ଯାହା ସାରାଜୀବନରେ ମଧ୍ୟ ପୂରଣ ହୋଇପାରେ ନାହିଁ । ବର୍ତ୍ତମାନ ଆମ ରାଜ୍ୟ ଏବଂ ଦେଶରେ ସଡ଼କ ଦୁର୍ଘଟଣାର ସଂଖ୍ୟା ବଢ଼ି ଚାଲିଛ ଓ ସେହି ଅନୁପାତରେ ମୃତ୍ୟୁହାର ମଧ୍ୟ ବଢ଼ି ଚାଲିଛି । ବିଗତ ବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାୟ ୨ ଲକ୍ଷ ଲୋକଙ୍କର ମୃତ୍ୟୁ ହୋଇଥିଲା । ଅସମୟରେ ଏହି ସବୁ ମୃତ୍ୟୁଜନିତ କାରଣରୁ ଆମର ସାମାଜିକ ଏବଂ ଆର୍ଥିକ ଅବସ୍ଥାରେ ମଧ୍ୟ ଅନେକ କ୍ଷୟକ୍ଷତି

 Magazine Downloaded from www.aahwaan.com

ହୋଇ ଚାଲିଛି ।

ସଡ଼କ ଦୁର୍ଘଟଣା ବଢ଼ିବା ଚିନ୍ତାଜନକ । ଦେଶରେ ସଡ଼କ ଦୁର୍ଘଟଣା ବଢ଼ିଛି, ୨୦୧୪ ତୁଳନାରେ ୨୦୧୫ରେ ସଡ଼କ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଇବା ଚିନ୍ତାଜନକ । 'ଭାରତରେ ସଡ଼କ ଦୁର୍ଘଟଣା ରିପୋର୍ଟ'ରେ ପ୍ରକାଶିତ ତଥ୍ୟ ଅତ୍ୟନ୍ତ ଚିନ୍ତାଜନକ ବୋଲି କୁହାଯାଇପାରେ । ତଥ୍ୟ ଆନୁଯାୟୀ ୨୦୧୫ରେ ଦେଶରେ ମୋଟ ୫ ଲକ୍ଷ ୧ ହଜାର ୪୨୩ଟି ସଡ଼କ ଦୁର୍ଘଟଣା ଘଟିଛି । ସେଥିରୁ ୧ ଲକ୍ଷ ୪୬ ହଜାର ୧୩୩ ଜଣ ପ୍ରାଣ ହରାଇଛନ୍ତି । ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇବା କ୍ଷେତ୍ରରେ ଓଡ଼ିଶା ଚତୁର୍ଦଶ ସ୍ଥାନରେ ଥିବାବେଳେ ଆହତ କ୍ଷେତ୍ରରେ ଦ୍ୱାଦଶ ସ୍ଥାନରେ ରହିଛି । ୨୦୧୫ରେ ଓଡ଼ିଶାରେ ମୋଟ ୧୦,୫୪୨ଟି ସଡ଼କ ଦୁର୍ଘଟଣା ହୋଇଛି ସେଥିମଧ୍ୟରୁ ୪୩୦୩ ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ ୪୧୪୨ ଜଣ ଆହତ ହୋଇଛନ୍ତି ଏବଂ ୨୩୭୭ ଜଣ ସାମାନ୍ୟ ଆହତ ହୋଇଛନ୍ତି । କିନ୍ତୁ ଦୁର୍ଘଟଣାରୁ ୧୬୮ ଜଣ ସୌଭାଗ୍ୟ ବଶତଃ ବର୍ତ୍ତିଯାଇଛନ୍ତି । ୨୦୧୪ ତୁଳନାରେ ଓଡ଼ିଶାରେ ୨୦୧୫ରେ ସଡ଼କ ଦୁର୍ଘଟଣା ଅଧିକ ହୋଇଛି । ୨୦୧୪ରେ ୯୬୪୮ଟି ଦୁର୍ଘଟଣା ହୋଇଥିବାବେଳେ ୨୦୧୫ରେ ୧୦,୫୪୨ଟି ଦୁର୍ଘଟଣା ଘଟିଛି ।

ବର୍ତ୍ତମାନ ବିଶ୍ୱରେ ସବୁଠାରୁ ଅଧିକ ଦୁର୍ଘଟଣା ଘଟୁଛି ସଡ଼କ ଉପରେ । ଆଗେ ଆମେ ସବୁ ଦୁର୍ଘଟଣା କହିଲେ କଳ କାରଖାନାରେ ସଂଘଟିତ ହେଉଥିବା ଶ୍ରମିକ ଦୁର୍ଘଟଣା ଉପରେ ବେଶୀ ଜୋର ଦେଉଥିଲୁ କିନ୍ତୁ ଏବେ ସମୟ ବଦଳି ଯାଇଛି । ଏବେ ବେଶୀ ଦୁର୍ଘଟଣା ଘଟୁଛି ସଡ଼କ ଉପରେ ଏବଂ ଏହା ଫଳରେ କେତେ ସହସ୍ର ନିଷ୍ପାପ ଜୀବନ ନଷ୍ଟ ହେଉଛି ତାହା ବିଚାର କଲେ ଏହା ଏବେ ସବୁଠାରୁ ବଡ଼ ସମସ୍ୟା ରୂପେ ବିଦ୍ୟମାନ ହୋଇଛି । ସଡ଼କରେ ହେଉଥିବା ଦୁର୍ଘଟଣା ସାଧାରଣତଃ ନିମ୍ନ ଲିଖିତ କାରଣ ମାନଙ୍କ ଯୋଗୁଁ ହୋଇଥାଏ :-

* ଅଧିକ ବେଗରେ ଗାଡ଼ି ଚଳାଇବା ।

 Magazine Downloaded from www.aahwaan.com

* ହେଲମେଟ ପରି ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ନ କରିବା ।

* ନିଶାଦ୍ରବ୍ୟ ସେବନ କରି ଯେପରି ମଦ୍ୟ ପାନ କରି ଗାଡ଼ି ଚଳାଇବା ।

* ଅଧୁନା ଗାଡ଼ି ମଧ୍ୟରେ ଦିଆଯାଇଥିବା ସିଟ ବେଲ୍ଟ ପରି ସହାୟକ ଜିନିଷର ବ୍ୟବହାର ନ କରିବା ।

* ଏବଂ ଅତି କମ ବୟସର ଯୁବକ ଯେଉଁ ମାନଙ୍କର ଦାୟିତ୍ୱ ଜ୍ଞାନ ହୋଇନାହିଁ ସେମାନଙ୍କୁ ବାଇକ ପରି ଗାଡ଼ି କିଣି ଦେବା ଇତ୍ୟାଦି ।

ଉପରୋକ୍ତ କାରଣ ଗୁଡ଼ିକୁ କଡ଼ାକଡ଼ି ଭାବରେ ପାଳନ କରି ଆମେ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟାକୁ କମାଇ ଦେଇ ପାରିବା । ଆଉ ଏକ କଥା ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ ବିକଶିତ ରାଷ୍ଟ୍ର ମାନଙ୍କର ସଡ଼କ ଦୁର୍ଘଟଣାର ସଂଖ୍ୟା ବିକଶିତ ରାଷ୍ଟ୍ରମାନଙ୍କର ସଂଖ୍ୟା ଠାରୁ ଯଥେଷ୍ଟ କମ । ଦାରିଦ୍ର୍ୟ ଓ ସଚେତନତାର ଅଭାବ ଯୋଗୁ ବିକାଶଶୀଳ ଦେଶ ଗୁଡ଼ିକର ସଡ଼କ ଦୁର୍ଘଟଣା ଅଧିକ ହୋଇଥାଏ ବୋଲି ଏକ ଅନୁମାନ କରାଯାଇଛି । କାରଣ ଯାହା ହେଉନା କାହିଁକି ଏବେ ସମୟ ଆସିଛି ଆମ ସମସ୍ତଙ୍କୁ ଏହି ସମସ୍ୟାର ନିରାକରଣ ପାଇଁ ଚିନ୍ତା କରିବାକୁ ହେବ । ନିମ୍ନଲିଖିତ କେତୋଟି କଥା ଉପରେ ବିଚାର କରାଯାଇପାରେ :

୧. ସଡ଼କ ଦୁର୍ଘଟଣା ନିରାକରଣର ସବୁଠାରୁ ପ୍ରଥମ ପଦକ୍ଷେପ ହେଲା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଉପରେ ପୂର୍ଣ୍ଣ ରୂପେ ଧ୍ୟାନ ଦେବା, ସ୍କୁଲ ପିଲାମାନଙ୍କ ଠାରୁ ଆରମ୍ଭକରି ଘରେ ଘରେ ଏହି ସଚେତନତା କାର୍ଯ୍ୟକୁ କରିବାକୁ ହେବ । ଏହା ସହିତ ଦୁର୍ଘଟଣା ସମୟରେ ଉପଯୁକ୍ତ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରିବାକୁ ହେବ ।

୨. ସଡ଼କରେ ଗତି ନିୟନ୍ତ୍ରଣ କରିବାର ବ୍ୟବସ୍ଥା କରିବାକୁ ହେବ, ଅତ୍ୟଧିକ ବେଗକୁ ନିୟନ୍ତ୍ରଣ କରି ପାରିଲେ ଅଧିକାଂଶ ଦୁର୍ଘଟଣା ଘଟନ୍ତା ନାହିଁ ।

୩. ସଡ଼କରେ ଯେଉଁମାନେ ନିୟମ ମାନୁନାହାନ୍ତି ସେମାନଙ୍କୁ ଉପଯୁକ୍ତ ଦଣ୍ଡ ବିଧାନ କରି

 Magazine Downloaded from www.aahwaan.com

ଏବଂ ଡ୍ରାଇଭିଙ୍ଗ ଲାଇସେନ୍ସକୁ ରଦ୍ଦ କରି ।

୪. ସଡ଼କରେ ଗାଡ଼ି ଗୁଡ଼ିକ ୪୦ ରୁ ୫୦ କି.ମି.ପ୍ରତିଘଣ୍ଟା ବେଗରେ ହିଁ ଯିବା କଥା । ତା' ଠାରୁ ବେଗରେ ନ ଯାଇ ପାରିବା ପାଇଁ ବ୍ୟବସ୍ଥା କରିବା ।

୫. ଅଧୁନା ଅନେକ ଯାନ୍ତ୍ରିକ ଉନ୍ନତି ହୋଇଥିବାରୁ ଟ୍ରାଫିକ୍‌କୁ ଅଟୋମେଟିକ୍‌ ଶୃଙ୍ଖଳିତ କରିବା ।

୬. ସଡ଼କ ସୁରକ୍ଷା ଉପକରଣ ଯେପରି ହେଲ୍‌ମେଟ୍‌ ଓ ସିଟ୍‌ବେଲ୍ଟ ଆଦିର ବ୍ୟବହାର ଉପରେ ଜୋର ଦେବା, ଏଥିପାଇଁ ଦରକାର ପଡ଼ିଲେ କଠୋର ଦଣ୍ଡର ବ୍ୟବସ୍ଥା କରିବା ।

୭. ଘରର ମୁରବୀମାନେ ନାବାଳକ ଓ ନାବାଳିକା ମାନଙ୍କୁ କସ୍ମିନ୍‌ କାଳେ ସଡ଼କ ଉପରେ ଗାଡ଼ି ଚଳାଇବାକୁ ଅନୁମତି ନ ଦେବା ।

୮. ପ୍ରତି ରାସ୍ତାର ସମୟାନୁସାରେ ମରାମତି କରିବା ସରକାରଙ୍କର ଦାୟିତ୍ୱ, ଖରାପ ସଡ଼କ ସବୁକୁ ସଜାଡ଼ିବା ଦ୍ୱାରା ଅନେକ ଦୁର୍ଘଟଣା ଆପେ ଆପେ ଦୂର ହୋଇଥାଏ ।

୯. ସଡ଼କରେ ବାହନ ଚଳାଉଥିବା ବେଳେ ଯଦି କେହି ନିଶା ସେବନ କରିଥାଏ ତାଙ୍କ ପ୍ରତି କଠୋର ଦଣ୍ଡ ବିଧାନ କରିବାର ବ୍ୟବସ୍ଥା ।

୧୦. ସଡ଼କରେ ଥିବା ଜେବ୍ରା କ୍ରସିଂ ସବୁର ଉପଯୁକ୍ତ ବ୍ୟବହାର ହେବା ଉଚିତ ।

୧୧. ଦୁଇ ଚକିଆ ଯାନର ରଙ୍ଗ କଳା ନ ହୋଇ ଲାଲ୍‌ ବା ଅନ୍ୟ ରଙ୍ଗ ଯେଉଁ ଗୁଡିକ ରାତିରେ ମଧ୍ୟ ସହଜରେ ଦେଖିହୁଏ ସେଥି ପ୍ରତି ଧ୍ୟାନ ଦେବା ।

୧୨. ସଡ଼କରେ ଗତି ନିୟନ୍ତ୍ରଣ କରିବାପାଇଁ ଉପଯୁକ୍ତ ସ୍ଥାନରେ ହମ୍ପସ୍‌ ମାନ ବ୍ୟବହାର କରିବା ।

୧୩. ଭାରିଯାନ ମାନଙ୍କର ରଙ୍ଗ ଆଗରେ ଓ ପଛରେ ହଳଦିଆ ହେବା ଦରକାର ।

୧୪. ଗାଡ଼ି ଗୁଡ଼ିକର ବ୍ରେକ୍‌ ଠିକ ଭାବରେ କାମ କରୁଥିବା ଦରକାର ।

 Magazine Downloaded from www.aahwaan.com

୧୫. ଜାତୀୟ ରାଜପଥ ମାନଙ୍କରେ ୫ କି.ମି. ଭିତରେ ହୋଟେଲ ଆଦି ଥିବା ଦରକାର ।

୧୬. ସରକାର କମିସନରେଟ୍ ପୋଲିସ ବ୍ୟବସ୍ଥା କରିବା ଦରକାର ଯେଉଁମାନେ ଦୁର୍ଘଟଣା ପରବର୍ତ୍ତୀ କାର୍ଯ୍ୟରେ ସହାୟତା କରିବା ସହିତ ଉପଯୁକ୍ତ ଦଣ୍ଡ ବିଧାନ କରିବା ସହିତ ସଡ଼କ ନିୟମକୁ କଡ଼ାକଡ଼ି ଭାବରେ ପାଳନ କରାଇ ପାରିବେ ।

'ସଡ଼କ ସୁରକ୍ଷା ଜୀବନ ରକ୍ଷା' ସ୍ଲୋଗାନ୍ଟି ବିଭିନ୍ନ ଟ୍ରାଫିକ ପୋଷ୍ଟ, ବସ୍, ଏବଂ ଅନ୍ୟାନ୍ୟ ସ୍ଥାନରେ ଦେଖିବାକୁ ମିଳୁଛି । ଏଥି ସହିତ ଧୀରେ ଗାଡ଼ି ଚଳାନ୍ତୁ, ଓଭରଟେକ୍ କରନ୍ତୁ ନାହିଁ, 'ଦ୍ରୁତ ଗତି ମହା ବିପତ୍ତି' ଭଳି ସଡ଼କ ସୁରକ୍ଷା ନିୟମ ଗୁଡ଼ିକ ଚାଳକମାନଙ୍କୁ ସତର୍କ କରୁଛି । ତା ସତ୍ତ୍ୱେ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଅନେକ ଧନ ଓ ଜୀବନ ହାନି ହେଉଛି । ଗୋଟିଏ ପଟେ ରାସ୍ତାର ଦୂରାବସ୍ଥା ଓ ଅନ୍ୟ ପଟେ ଚାଳକମାନଙ୍କର ବେପରୁଆ ଗାଡ଼ି ଚାଳନା ଅଧିକାଂଶ ଦୁର୍ଘଟଣାର କାରଣ ହେଉଛି ଏବଂ ମୃତ୍ୟୁକୁ ଡାକି ଆଣୁଛି । ପରିବହନ ଅଧିକାରୀଙ୍କ ଠାରୁ କିଛି ଅର୍ଥ ବିନିମୟରେ ନିର୍ବିଘ୍ନରେ ଅନଭିଜ୍ଞ ଲୋକେ ଲାଇସେନ୍ସ ପାଇଯାଉଛନ୍ତି, ଗାଡ଼ି ଗୁଡ଼ିକର ଫିଟନେସ୍ ମଧ୍ୟ ଅନାୟାସରେ ହାତଗୁଂଜାଦେଇ ମିଳିଯାଇ ପାରୁଛି । ସବୁ ସ୍ତରରେ ସମସ୍ତେ ଯଦି କେବଳ ମାତ୍ର ଲୁଣ୍ଠନ କରିବାର ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିବେ ତେବେ ସଡ଼କ ସୁରକ୍ଷାର ସମାଧାନ କିପରି ହୋଇ ପାରିବ ?

ସଡ଼କ ବ୍ୟବହାରକାରୀମାନଙ୍କ ନିମନ୍ତେ କେତେକ ସତର୍କତା ମୂଳକ ସୂଚନା :

* ଦୁଇ ଚକିଆ ଯାନ ଚଳାଇବା ସମୟରେ ଉଭୟ ଚାଳକ ଓ ସହଯାତ୍ରୀ 'ଆଇ. ଏସ. ଆଇ' ମାର୍କ (ISI mark) ଥିବା ହେଲମେଟ ବ୍ୟବହାର କରନ୍ତୁ ।

* ନିଷ୍ଚିତ ବେଗ ଠାରୁ ଅଧିକ ବେଗରେ ଗାଡ଼ି ଚଳାଇବା ଏକ ଦଣ୍ଡନୀୟ ଅପରାଧ ।

* ଗାଡ଼ି ଚଳାଇବା ସମୟରେ ସହଯାତ୍ରୀଙ୍କ ସହ କଥାବାର୍ତ୍ତା କରନ୍ତୁ ନାହିଁ ।

* ରାତି ସମୟରେ ପାର୍କିଙ୍ଗ ଲାଇଟ, ପଛ ଲାଇଟ, ଏବଂ ଡିପର ଲାଇଟର ସଠିକ ବ୍ୟବହାର କରନ୍ତୁ ।

* ଅଟୋରିକ୍ସାର ଡାହାଣ ପଟେ କୌଣସି ଯାତ୍ରୀ ଚଢ଼ନ୍ତୁ ବା ଓହ୍ଲାନ୍ତୁ ନାହିଁ ।

* ରାସ୍ତାରେ ଯାଉଥିବା ସମୟରେ ଟ୍ରାଫିକର ନାଲି ବତୀ ଜଳୁଥିଲେ, ନିଶ୍ଚିତ ଭାବରେ ଅଟକି ଯାଆନ୍ତୁ ।

* ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନର ବ୍ୟବହାର ସମ୍ପୂର୍ଣ୍ଣ ଭାବରେ ନିଷିଦ୍ଧ କାରଣ ଏହା ଦ୍ୱାରା ଅନେକ ଦୁର୍ଘଟଣା ଘଟିଥାଏ । ଏହାକୁ କଡ଼ାକଡ଼ି ଭାବରେ ମାନନ୍ତୁ ।

* ଗାଡ଼ିରେ କୌଣସି ଦହନୀୟ / ଜ୍ୱଳନଶୀଳ ପଦାର୍ଥ ନିଅନ୍ତୁ ନାହିଁ, କାରଣ ଏହା ଦ୍ୱାରା ଅଗ୍ନିକାଣ୍ଡ ଘଟିପାରେ ।

* ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକ ମାନେ ବିଦ୍ୟାର୍ଥୀମାନଙ୍କ ନିରାପଦ ଯାତାୟତ ପ୍ରତି ଧ୍ୟାନ ଦିଅନ୍ତୁ ।

* ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଇବା ଏକ ଦଣ୍ଡନୀୟ ଅପରାଧ ।

* ନିଶା ସେବନ କରି ଗାଡ଼ି ଚଳାଇଲେ ପ୍ରଥମ ଅପରାଧ ପାଇଁ ୬ ମାସ ଜେଲ କିମ୍ବା ୨୦୦୦ ଟଂକା ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇ ପାରନ୍ତି । ପରବର୍ତ୍ତୀ ଅପରାଧ ପାଇଁ ୨ ବର୍ଷ ଜେଲ ଦଣ୍ଡ କିମ୍ବା ୩୦୦୦ ଟଂକା ଜୋରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇ ପାରନ୍ତି ।

ଭି.ଆଇ.ଏମ. - ୨୬୮, ଶୈଳଶ୍ରୀ ବିହାର

ଭୁବନେଶ୍ୱର - ୭୫୧୦୨୧

ମୋବାଇଲ - ୯୯୩୭୨୬୮୦୧୨

 Magazine Downloaded from www.aahwaan.com

ନାରୀ

ମିତା ବ୍ରହ୍ମା

'ନାରୀ' କେତେ ସୁନ୍ଦର ଶବ୍ଦଟିଏ । ଶୁଣିବାକୁ କେତେ ଭଲ ଲାଗେ କାନକୁ । ଈଶ୍ୱରଙ୍କ ସବୁଠୁ ସୁନ୍ଦର ସୃଷ୍ଟି କୁଆଡ଼େ ନାରୀ, ସେଇଥିପାଇଁ ଏହି ଶବ୍ଦଟି ଶୁଣିଲା ମାତ୍ରେ ମନରେ ଆଙ୍କି ହୋଇଯାଏ ସୁନ୍ଦର କୋମଳ ସ୍ନେହଭରା ପ୍ରତିଚ୍ଛବିଟିଏ । କେତେ ଯେ ରୂପ ତା'ର... ମା, ଭଉଣୀ, ସ୍ତ୍ରୀ, ଝିଅ, ବୋହୂ, ସଖୀ । କିନ୍ତୁ ସବୁ ରୂପରେ ସମସ୍ତଙ୍କୁ ସେ ଭଲ ପାଏ, ଖୁସିଦେଇ ଚାଲେ କାହା ପାଖରୁ କିଛି ଆଶା ନ ରଖି ଜୀବନ ବଞ୍ଚିଯାଏ ।

ହିନ୍ଦୁ ଶାସ୍ତ୍ର ଅନୁସାରେ ଯେଉଁଠି 'ନାରୀ'ର ସମ୍ମାନ କରାଯାଏ ନାହିଁ, ସେଠି ଈଶ୍ୱର ମଧ୍ୟ ବାସ କରନ୍ତି ନାହିଁ । ସେଥିପାଇଁ ଦେବୀଙ୍କୁ ମାଆ ବୋଲି ସମ୍ବୋଧନ କରାଯାଏ ଏବଂ ପୂଜା କରାଯାଏ । ସମଗ୍ର ସଂସାରଟା ସତେ ଯେମିତି 'ନାରୀ' ବିନା ଅସମ୍ଭବ । ମୃତ୍ୟୁର କୋଳରେ ଶୋଇ ଜୀବନକୁ ଜନ୍ମ ଦେବାର ଶକ୍ତି କେବଳ 'ନାରୀ'ର ହିଁ ରହିଛି । ତେଣୁ ନାରୀଙ୍କୁ ଉଚିତ ସମ୍ମାନ ଦେବା ଓ ତା'ର ଗାରିମାକୁ ବଜାୟ ରଖିବା ଆମର କର୍ତ୍ତବ୍ୟ ହେବା ଉଚିତ ।

ଏ ସବୁ ପଢ଼ିବାକୁ ଭାରି ଭଲ ଲାଗିଥିବ ନିଶ୍ଚୟ, କିନ୍ତୁ ଥରେ ଭାବି ଦେଖିଲେ ଏ ସବୁ କେବଳ ଖବର କାଗଜ, ପତ୍ରିକା, ବହିର ଲେଖାରେ ହିଁ ସୀମିତ ହୋଇ ଯାଇଛି । ନାରୀ ତାର ଅସ୍ତିତ୍ୱକୁ ପ୍ରମାଣ କରିବାପାଇଁ

ଯେତେ ଲଢ଼େଇ କଲେବି ସତେ ଯେମିତି ଏ ପୁରୁଷ କୈନ୍ଦ୍ରିକ ସମାଜ ତାକୁ କ୍ଷତବିକ୍ଷତ କରିବାରେ ବ୍ୟସ୍ତ । ଆଜି ବି ସେ ପରାଧୀନା, କେବେ ମର୍ଯ୍ୟାଦା ରକ୍ଷା କରିବା ପାଇଁ ତ କେବେ କର୍ତ୍ତବ୍ୟର ବୋଝ ତଳେ ଚାପି ହୋଇ । ନିଜ ଇଚ୍ଛାରେ ବଞ୍ଚିବାର ଅଧିକାର ସେ ହରେଇ ବସିଛି । ନିଜ ମନକୁ ମାରି ସବୁ ସହିବାଉ ପଡୁଛି କଣ ପାଇଁ ? ସ୍ୱାଧୀନ ଭାରତରେ ବି ଏକା ଘରୁ ବାହାରିବାକୁ ଅସୁରକ୍ଷିତ କେବଳ କିଛି ରକ୍ତପିପାସୁ ରାକ୍ଷସ ମାନଙ୍କ ପାଇଁ ଯିଏ ଭୁଲି ଯାଉଛି ତାର ଜନ୍ମ ମଧ୍ୟ ସେହି 'ନାରୀ' କୋଳରୁ ହିଁ ହୋଇଛି ।

ଆଜି ବି କେତେଜଣ ନାରୀ ଯୌତୁକ ନିଆଁରେ ବଳି ପଡୁଛନ୍ତି ସେ କଥା ଭଗବାନ ହିଁ ଜାଣନ୍ତି । କେତେ କୁନି କଣ୍ଢେଇ ଏ ଦୁନିଆକୁ ଆସିବା ଆଗରୁ ହିଁ ଆଖି ବୁଜୁଛନ୍ତି । କେତେଜଣ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଛନ୍ତି । ସରକାରଙ୍କର ସବୁ ଆଇନ କାନୁନ କୁଆଡ଼େ ବାଟବଣା ହୋଇ ପଡୁଛି ସେମାନଙ୍କ ପାଖରେ ।

କେତେଦିନ ଆଉ ଏମିତି ଚାଲିବ ? ସମସ୍ତେ ଏ ପ୍ରଶ୍ନରେ ହିଁ ସୀମିତ । ଉତ୍ତର କାହାପାଖରେ ନାହିଁ ।

ବେଳ ହୁଁ ସାବଧାନ ହେବା ଉଚିତ । ପରିବର୍ତ୍ତନର ବିଗୁଲ ବଜାଇବାର ସମୟ ଆସି ଯାଇଛି । ସମାଜକୁ ଧ୍ୱଂସ ଆଡ଼କୁ ବଢ଼ିବାରୁ ରୋକିବାର ଅଛି । ପ୍ରକୃତିର ଏ ସୁନ୍ଦର ସୃଷ୍ଟି ନାରୀକୁ ରକ୍ଷା କରିବାର ସମୟ ଆସିଛି । ଆଉ ଆରମ୍ଭ ଆଉ କେଉଁଠୁ ନୁହେଁ, ନିଜ ଘରୁ ହିଁ ଆରମ୍ଭ କରନ୍ତୁ । କାରଣ ସବୁ ନାରୀ ଚାହାନ୍ତି କେବଳ ସମ୍ମାନ, ଭଲ ପାଇବା ଆଉ ଆଗକୁ ବଢ଼ିବାର ପ୍ରେରଣା... ଆଉ ତା ବଦଳରେ ଅଜାଡ଼ି ଦିଅନ୍ତି ନିଜ ଜୀବନର ସବୁକିଛି ।

ବାରିପଦା, ମୟୁରଭଞ୍ଜ, ଓଡ଼ିଶା

ତୁ ହି ତୁ

[ସଂଗୀତଭିତ୍ତିକ ଚିତ୍ରକଳ୍প]

ସତ୍ୟଜିତ ଏଣ୍ଟେଟେରିମେଣ୍ଟ ଏବଂ ଅଶ୍ୱିନୀ ପ୍ରଧାନଙ୍କ ଦ୍ୱାରା ନିର୍ମିତ ଏକ ଭିନ୍ନ ସ୍ୱାଦର ମ୍ୟୁଜିକାଲ ସର୍ଟ ଫିଲ୍ମ 'ତୁ ହି ତୁ'ର ଟ୍ରେଲର ଇତି ମଧ୍ୟରେ ଜ଼ୀ ମ୍ୟୁଜିକ ଓଡ଼ିଆ ୟୁ ଟ୍ୟୁବ ଚ୍ୟାନେଲରେ ରିଲିଜ ହେଇ ଅନଲାଇନ୍ ଓଡ଼ିଆ ଗୋଷ୍ଠୀମାନଙ୍କରେ ଚହଳ ସୃଷ୍ଟି କରିସାରିଛି । ଏହି ମ୍ୟୁଜିକାଲ ସର୍ଟ ଫିଲ୍ମର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଅଶ୍ୱିନୀ ପ୍ରଧାନ । ଏଥିରେ ଗୀତ ଲେଖିଛନ୍ତି - ଅମର କ୍ରୀଷ୍ଣା, ସଂଗୀତ ଦେଇଛନ୍ତି -ଗଣେଶ ପ୍ରସାଦ, ଗୀତ ଗାଇଛନ୍ତି - ସବିଶେଷ ମିଶ୍ର, କାହାଣୀ - ଅନିଲ କୁମାର

ଅନିଲ ବୋଇତି

ବୋଇତି, ସ୍ୱର - ଆର ଜେ ସୋମ, ମୁଖ୍ୟ ଭୂମିକାରେ ଅଛନ୍ତି ବିଶ୍ୱଜିତ ମିଶ୍ର, ମାନବୀ ଏବଂ ଅଶ୍ୱିନୀ ପ୍ରଧାନ । ଶବ୍ଦ ଅଳଙ୍କରଣ ଏବଂ ଭିଏଫଏକ୍ସରେ ଅଛନ୍ତି ଅଭିଜିତ ମହାପାତ୍ର, ସୁଭ୍ରଜୀତ ଦାଶ, ଦେବେନ୍ଦ୍ର ମାଝୀ । ସିନେମୋଟୋଗ୍ରାଫିରେ ଅଛନ୍ତି ସତ୍ୟଜିତ, ଅନିଲ ପାତ୍ର । ସହ ନିର୍ଦ୍ଦେଶନା ଦେଇଛନ୍ତି ସଂଜୀବ କୁମାର ବୋଇତି । ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟଜିତ । ଖୁବଶୀଘ୍ର 'ତୁ ହି ତୁ' ମ୍ୟୁଜିକାଲ ସର୍ଟ ଫିଲ୍ମର ସମ୍ପୂର୍ଣ ଭିଡ଼ିଓ ଜ଼ୀ ମ୍ୟୁଜିକ ଓଡ଼ିଆ ୟୁ ଟ୍ୟୁବ ଚ୍ୟାନେଲରେ ମୁକ୍ତିଲାଭ କରିବ ।

ଏହି ମ୍ୟୁଜିକାଲ୍ ଭିଡ଼ିଓର ଅନଲାଇନ୍ ପ୍ରସାର ଏବଂ ସହାୟକ ଅଛନ୍ତି ଆହ୍ୱାନ ଓଡ଼ିଆ ପରିବାର । ଆଗାମୀ ଦିନରେ ଅନେକ ଭିଡ଼ିଓ ଖାଣ୍ଟି ଓଡ଼ିଆରେ ନିର୍ମାଣ କରିବାର ଲକ୍ଷ୍ୟ ନେଇ ଆମେ ଓଡ଼ିଆ ମ୍ୟୁଜିକାଲ୍ ଏବଂ କ୍ଷୁଦ୍ର ଚଳଚ୍ଚିତ୍ରକୁ ପ୍ରଯୋଜନା କରିବାକୁ ଯୋଜନା କରିଛୁ ।

 Magazine Downloaded from www.aahwaan.com

ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ନଭେମ୍ବର ୨୦୧୮

ଲେଖା ପଠାଇବାର ଶେଷ ତାରିଖ : ୩ା ନଭେମ୍ବର ୨୦୧୮

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : November 2018

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

 Magazine Downloaded from www.aahwaan.com

ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୂନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୂନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ ।

ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।

ଆମ ଇମେଲ୍ ଠିକଣା :

aahwaan@gmail.com

 Magazine Downloaded from www.aahwaan.com

ବିଶେଷ ଅନୁରୋଧ

ଆହ୍ୱାନ ଇ-ପତ୍ରିକା ଏକ ବ୍ୟବସାୟିକ ବା ଅର୍ଥ ଲାଭକାରୀ ପତ୍ରିକା ନୁହେଁ । ତେଣୁ ଏହାର ପ୍ରକାଶନ ହେତୁ ହେଉଥିବା ସମସ୍ତ ଖର୍ଚ୍ଚ ବ୍ୟକ୍ତିଗତ ଭାବରେ କରାଯାଏ । ଯେହେତୁ ଏକ ପତ୍ରିକା ପ୍ରକାଶନରେ ଅନେକ ସମୟ ଏବଂ ଖର୍ଚ୍ଚ ସାମିଲ ହୋଇଥାଏ, ତେଣୁ ଏହି ପତ୍ରିକା ପ୍ରକାଶନରେ ଅନେକ ସମୟରେ ଅହେତୁକ ବିଳମ୍ବ ହୁଏ ।

ତେଣୁ ପାଠକ ଏବଂ ଲେଖକ ମାନଙ୍କୁ ଅନୁରୋଧ ସେମାନେ ଲେଖା ଦେବାପରେ ଦୟାକରି ପତ୍ରିକାର ପ୍ରକାଶନ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଆପଣ ଲେଖା ପଠାଇଥିବା ଇମେଲ୍ ଦ୍ୱାରା ମୁଁ ବ୍ୟକ୍ତିଗତ ଭାବରେ ଆପଣଙ୍କୁ ଜଣାଇବି ।

ଦୟାକରି ଲେଖା କେବଳ ଇମେଲ୍ ଦ୍ୱାରା ହିଁ ପ୍ରେରଣ କରନ୍ତୁ । ହ୍ୱାଟ୍ସଆପ୍ ଯଦିଓ ଏକ ସରଳ ବ୍ୟବସ୍ଥା କିନ୍ତୁ ପ୍ରତ୍ୟହ ମୋତେ ଅନ୍ୟୂନ ପାଞ୍ଚିଶହ ମେସେଜ୍ ମିଳୁଥିବା ହେତୁ ଆପଣଙ୍କ ଲେଖାକୁ ସମ୍ଭାଳିକରି ରଖିବା କିମ୍ବା ସେହି ଲେଖାକୁ ପୁଣିଥରେ ଇମେଲ୍ ଦ୍ୱାରା ପଠାଇବା କିମ୍ବା କମ୍ପ୍ୟୁଟରକୁ ବାହାର କରିବା ସମ୍ଭବ ହେଉନାହିଁ ।

ଯଦି ସମ୍ଭବ ହେଉଛି ଦୟାକରି ନିଜସ୍ୱ ଲେଖାକୁ ଓଡ଼ିଆରେ ଟାଇପ୍ କରି ପଠାଇଲେ ଆମେ ଆପଣଙ୍କ ଲେଖାକୁ ପତ୍ରିକାରେ ସ୍ଥାନ ଦେବାକୁ କୁଣ୍ଠାବୋଧ କରିବୁ ନାହିଁ । ଅଧିକାଂଶ ବନ୍ଧୁ ହାତ ଲେଖା କିମ୍ବା ଟାଇପ୍ ହୋଇଥିବା ଲେଖାକୁ ପିଡ଼ିଏଫ୍ ଦ୍ୱାରା ପଠାଉଛନ୍ତି ଯାହା ଫଳରେ ଆମକୁ ପୁଣିଥରେ ସେହି ସବୁ ଲେଖାକୁ ଟାଇପ୍ କରିବାକୁ ପଡୁଛି, ଯାହା ସମୟସାପେକ୍ଷ ଏବଂ ସେଇଥିପାଇଁ ପ୍ରକାଶନରେ ବିଳମ୍ବ ମଧ୍ୟ ହେଉଛି ।